# ଧରିତ୍ରୀ
DHARITRI

ଧରିତ୍ରୀ 51 Years

ଭୁବନେଶ୍ୱର, ସୋମବାର, ମାର୍ଚ୍ଚ ୧୦/୨୦୨୫ (୧୪ ପୃଷ୍ଠା) | Bhubaneswar, Monday, March 10/2025 Page 14 | ₹ 7.00 | SAMBALPUR

୫୧ଶ ଭାଗ ୧୦୬ ସଂଖ୍ୟା | www.orissakhabar.com/www.dharitri.com | Printed at Sambalpur, Bhubaneswar, Rayagada & Angul | VOLUME 51 ISSUE 106 | ମୂଲ୍ୟ ₹୭/-




### ଶୀତକାଳୀନ କ୍ରୀଡ଼ାରେ ଭାଗନେଲେ ରଞ୍ଜିତା

ଓଡ଼ିଶାର ରଞ୍ଜିତା ବେହେରା ଗୁଲମାର୍ଗରେ ରବିବାରଠାରୁ ଆରମ୍ଭ ହୋଇଥିବା ଖେଲୋ ଇଣ୍ଡିଆ ଶୀତକାଳୀନ କ୍ରୀଡ଼ାରେ ଅଂଶଗ୍ରହଣ କରିଛନ୍ତି।

୧୨ ୦୨

### ଡେବ୍ୟୁ କରିବେ ଅନିଲଙ୍କ ଝିଆରୀ

ଅଭିନେତା ଅନିଲ କପୁରଙ୍କ ଝିଆରୀ ଶନାୟା କପୁର ଖୁବ୍‌ଶୀଘ୍ର ବଲିଉଡ୍‌ରେ ଡେବ୍ୟୁ କରିବାକୁ ଯାଉଛନ୍ତି। ଏନେଇ ଶନାୟା ଇନ୍‌ଷ୍ଟାଗ୍ରାମରେ ସୂଚନା ଦେଇଛନ୍ତି।





ଅର୍ଦ୍ଧଶତକୀୟ ଇନିଂସ ଅବସରରେ ଶଟ୍ ଖେଳୁଛନ୍ତି ଭାରତୀୟ ଅଧିନାୟକ ରୋହିତ ଶର୍ମା ।

# ଭାରତ ଚାମ୍ପିୟନ

## ଆଇସିସି ଚାମ୍ପିୟନ୍ସ ଟ୍ରଫି

**ଦୁବାଇ, ୯।୩**

୨୦୨୫ ଆଇସିସି ଚାମ୍ପିୟନ୍ସ ଟ୍ରଫିରେ ଚାମ୍ପିୟନ ହୋଇଛି ଟିମ୍ ଇଣ୍ଡିଆ। ସ୍ପିନରଙ୍କ ଚମତ୍କାର ପ୍ରଦର୍ଶନ ଓ ଅଧିନାୟକ ରୋହିତ ଶର୍ମାଙ୍କ ଦୃଢ଼ ବ୍ୟାଟିଂ ବଳରେ ଭାରତ ରବିବାର ଅନୁଷ୍ଠିତ ଫାଇନାଲରେ ନ୍ୟୁଜିଲାଣ୍ଡକୁ ୪ ଉଇକେଟରେ ପରାସ୍ତ କରିଛି। ନ୍ୟୁଜିଲାଣ୍ଡ ୫୦ ଓଭରରେ ୭ ଉଇକେଟ ହରାଇ ୨୫୧ ରନ କରିଥିଲା। ଜବାବରେ ଭାରତ ୪୯ ଓଭରରେ ୬ ଉଇକେଟ ହରାଇ ୨୫୪ ରନ ସଂଗ୍ରହ କରି ନେଇଥିଲା। ଏହା ପୂର୍ବରୁ ଭାରତ ୨୦୦୨ ଓ ୨୦୧୩ରେ ଚାମ୍ପିୟନ ହୋଇଥିଲା। ଏଥର ଚାମ୍ପିୟନ ହୋଇ ତୃତୀୟ ଥର ଟାଇଟଲ ହାସଲ କରିବା ସହ ଟୁର୍ନାମେଣ୍ଟର ସବୁଠାରୁ ସଫଳ ଦଳ ହେବାର ରେକର୍ଡ କରିଛି। ଅନ୍ୟପକ୍ଷରେ ୨୦୦୦ରେ ଚାମ୍ପିୟନ ନ୍ୟୁଜିଲାଣ୍ଡ ୨୦୦୯ ଭଳି ଏଥର ମଧ୍ୟ ରନରଅପ୍‌ରେ ସନ୍ତୁଷ୍ଟ ହୋଇଛି। ଭାରତ ୨୦୦୦ ଫାଇନାଲରେ ନ୍ୟୁଜିଲାଣ୍ଡଠାରୁ ପରାସ୍ତ ହୋଇଥିଲା। ଏଥର ସମାନ ପ୍ରତିଦ୍ୱନ୍ଦ୍ୱୀକୁ ହରାଇ ସେହି ପରାଜୟର ମଧୁର ପ୍ରତିଶୋଧ ନେଇଛି।

୨୫୨ ରନ ବିଜୟ ଲକ୍ଷ୍ୟରେ ପଡ଼ିଆକୁ ଓହ୍ଲାଇଥିବା ଭାରତ ଭଲ ଆରମ୍ଭ କରିଥିଲା। ଆକ୍ରମଣର ନେତୃତ୍ୱ ନେଇଥିଲେ ହିଟ୍‌ମ୍ୟାନ ଅଧିନାୟକ ରୋହିତ ଶର୍ମା। ତେଣୁ ଶୁବମନ ଗିଲ୍ ସାମାନ୍ୟ ଧିମା ଖେଳିଥିଲେ ହେଁ ବିଶେଷ ଫରକ ପଡ଼ି ନ ଥିଲା। ଓପନିଂ ଯୋଡ଼ିରେ ୧୦୫ ରନ ଯୋଗ ହେବାପରେ ଗିଲ୍‌ଙ୍କୁ ଆଉଟ କରି ନ୍ୟୁଜିଲାଣ୍ଡକୁ ପ୍ରତିକ୍ଷୀତ ବ୍ରେକ୍ ଥ୍ରୁ ଦେଇଥିଲେ ଅଧିନାୟକ ମିଚେଲ ସାଣ୍ଟନର। ଶର୍ଟ ଏକ୍ସଟ୍ରା କଭରରେ ସୁପରମ୍ୟାନଙ୍କ ଭଳି ଜମ୍ପକରି ଗିଲ୍‌ଙ୍କ କ୍ୟାଚ ନେଇଥିଲେ ଗ୍ଲେନ୍ ଫିଲିପ୍ସ। ଗିଲ୍ ୫୦ ବଲ୍‌ରୁ ୧ ଛକା ସହାୟତାରେ ୩୧ ରନ କରିଥିଲେ। ୨୦ତମ ଓଭରରେ ବୋଲିଂ କରିବାକୁ ଆସିଥିବା ମାଇକେଲ ବ୍ରାସ୍‌ୱେଲ ନିଜର ପ୍ରଥମ ବଲ୍‌ରେ ବିରାଟ କୋହଲି (୧)ଙ୍କୁ ଏଲବିଡବ୍ଲ୍ୟୁ କରି ଭାରତକୁ ବଡ଼ ଝଟ୍‌କା ଦେଇଥିଲେ। ଭାରତ ୨ ରନ ବ୍ୟବଧାନରେ ୨ଟି ଉଇକେଟ ହରାଇଥିଲା। ଏହାପରେ ସେଟ୍ ହୋଇ ସାରିଥିବା ରୋହିତଙ୍କୁ ଧୈର୍ଯ୍ୟର ସହ ଇନିଂସ ଆଗେଇନେବା ଆବଶ୍ୟକ ହେଉଥିଲା। ମାତ୍ର ରାଚିନ ରବୀନ୍ଦ୍ରଙ୍କୁ ଷ୍ଟେପ୍‌ଆଉଟ ହୋଇ ମାରିବା ଚକ୍କରରେ ରୋହିତ ଷ୍ଟମ୍ପିଂ ହୋଇଯିବାରୁ ଭାରତ ସଙ୍କଟ ଘେରକୁ ଆସି ଯାଇଥିଲା। ୮୩ଟି ବଲ୍‌ର ସମ୍ମୁଖୀନ ହୋଇଥିବା ରୋହିତ ୭ ଚୌକା ଓ ୩ ଛକା ସହାୟତାରେ ୭୬ ରନ କରିଥିଲେ। ଶ୍ରେୟସ ଆୟର ଓ ଅକ୍ଷର ପଟେଲ ୪ର୍ଥ ଉଇକେଟରେ ୬୧ ରନର ମୂଲ୍ୟବାନ ଭାଗୀଦାରି ଗଢ଼ିଥିଲେ। ତେବେ ଆୟର ଅର୍ଦ୍ଧଶତକଠାରୁ ୨ ରନ ଦୂରରେ ଥିବାବେଳେ ରାଚିନ ରବୀନ୍ଦ୍ରଙ୍କ ବଲ୍‌ରେ ଆଉଟ ହୋଇଥିଲେ। ସେ ୬୨ ବଲ୍‌ରୁ ୪୮ ରନ କରିଥିଲେ। ଅକ୍ଷର ପଟେଲ ମଧ୍ୟ ୨୯ ରନକରି ପ୍ୟାଭିଲିୟନ ଫେରିଥିଲେ। ଲୋକେଶ ରାହୁଲ ଓ ହାର୍ଦ୍ଦିକ ପାଣ୍ଡ୍ୟା ୬ଷ୍ଠ ଉଇକେଟରେ ୩୮ ରନ ଯୋଗକରି ଭାରତକୁ ବିଜୟ ଦ୍ୱାରରେ ପହଞ୍ଚାଇ ଦେଇଥିଲେ। ହାର୍ଦ୍ଦିକ ୧୮ ରନକରି ଆଉଟ ହୋଇ ଯାଇଥିବାବେଳେ ରାହୁଲ ୩୪ ଓ ରବୀନ୍ଦ୍ର ଜାଡେଜା ୯ ରନରେ ଅପରାଜିତ ରହି ଦଳକୁ ଜିତାଇଥିଲେ। ନ୍ୟୁଜିଲାଣ୍ଡ ପକ୍ଷରୁ ମିଚେଲ ସାଣ୍ଟନର ଓ ମାଇକେଲ ବ୍ରାସୱେଲ ୨ଟି ଲେଖାଏ ଏବଂ ରାଚୀନ ରବୀନ୍ଦ୍ର ଓ କାଏଲ ଜେମିସନ ଗୋଟିଏ ଲେଖାଏ ଉଇକେଟ ନେଇଥିଲେ।

ଟସ୍ ଜିତି ବ୍ୟାଟିଂ ନିଷ୍ପତ୍ତି ନେଇଥିଲେ ନ୍ୟୁଜିଲାଣ୍ଡ ଅଧିନାୟକ ମିଚେଲ ସାଣ୍ଟନର। ଦୁଇ ଓପନର ୱିଲ ୟଙ୍ଗ୍ ଓ ରାଚିନ ରବୀନ୍ଦ୍ର ଦ୍ରୁତ ହାରରେ ରନ ସଂଗ୍ରହ କରି ୭ମ ଓଭରରେ ୫୦ ରନ ପୂରଣ କରି ବଡ଼ ସ୍କୋର ପାଇଁ ପ୍ଲାଟ୍‌ଫର୍ମ ପ୍ରସ୍ତୁତ ଥିଲେ। ମାତ୍ର ଭାରତୀୟ ସ୍ପିନରମାନେ ☞ପୃଷ୍ଠା-୪

## ଆଜିଠୁ ବଜେଟ ଅଧିବେଶନର ଦ୍ୱିତୀୟ ପର୍ଯ୍ୟାୟ

**ନୂଆଦିଲ୍ଲୀ, ୯।୩**

ପାର୍ଲାମେଣ୍ଟର ବଜେଟ ଅଧିବେଶନ ଦ୍ୱିତୀୟ ପର୍ଯ୍ୟାୟ ସୋମବାରଠାରୁ ଆରମ୍ଭ ହେଉଛି। ବିରୋଧୀ ଦଳ ଭୋଟର ତାଲିକାରେ ଜାଲିଆତି, ଡୁପ୍ଲିକେଟ୍ ଭୋଟର ଫଟୋ ପରିଚୟ ପତ୍ର (ଇପିଆଇସି) ନମ୍ବର, ମଣିପୁରରେ ସାନି ହିଂସା ଏବଂ ଟ୍ରମ୍ପ୍ ପ୍ରଶାସନର ପାରସ୍ପରିକ ଟିକସର ମୁକାବିଲା ଦିଗରେ ଭାରତର ବିଫଳତା ଆଦି ପ୍ରସଙ୍ଗ ଉଠାଇ ସରକାରଙ୍କୁ ଘେରିବା ଯୋଜନା ରଖିଛି। ତେଣୁ ଆରମ୍ଭ ଦିନରୁ ସଂସଦର ଉଭୟ ଗୃହରେ ପ୍ରବଳ ହଙ୍ଗାମା ହୋଇପାରେ ବୋଲି କୁହାଯାଉଛି। ଅନ୍ୟପକ୍ଷରେ ଅନୁଦାନ ଦାବିକୁ ମଞ୍ଜୁର କରାଇବା, ବଜେଟ ପ୍ରକ୍ରିୟାକୁ ସମ୍ପୂର୍ଣ୍ଣ କରାଇବା, ମଣିପୁର ବଜେଟ ପାଇଁ ଅନୁମୋଦନ ଏବଂ ୱାକ୍‌ଫ ସଂଶୋଧନ ବିଲ୍ ଗୃହୀତ କରାଇବା ଉପରେ ସରକାର ଗୁରୁତ୍ୱ ଦେବେ। ମଣିପୁରରେ ରାଷ୍ଟ୍ରପତି ଶାସନ ଲାଗୁ ହୋଇଥିବାବେଳେ ଏହାକୁ ସଂସଦର ଅନୁମୋଦନ ପାଇଁ ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ୍ ଶାହା ☞ପୃଷ୍ଠା-୪

## ୫ ଦିନରେ ୪୦ ଡିଗ୍ରୀ ଛୁଇଁବ ତାପମାତ୍ରା

**ଭୁବନେଶ୍ୱର, ୯।୩ (ଅନୁରାଧା ମହାରଣା)**

ସୁନ୍ଦରଗଡ଼, ଝାରସୁଗୁଡ଼ା, ସମ୍ବଲପୁର, ସୁବର୍ଣ୍ଣପୁର, ବୌଦ୍ଧ ଓ ବଲାଙ୍ଗୀର ଜିଲାରେ ରବିବାର ତାପମାତ୍ରା ୩୭ ଡିଗ୍ରୀ ସେଲ୍‌ସିୟସ ଉପରେ ଥିବା ରେକର୍ଡ କରାଯାଇଛି। ତେବେ ରାଜ୍ୟର କିଛି ଆଭ୍ୟନ୍ତରୀଣ ଜିଲାରେ ଆସନ୍ତା ୪ରୁ ୫ ଦିନ ମଧ୍ୟରେ ଦିନର ସର୍ବୋଚ୍ଚ ତାପମାତ୍ରା ୩ରୁ ୫ ଡିଗ୍ରୀ ବୃଦ୍ଧି ସହ କିଛି ଜିଲାରେ ୪୦ ଡିଗ୍ରୀ ସେଲ୍‌ସିୟସ ଅତିକ୍ରମ କରିବା ସମ୍ଭାବନା ରହିଛି। ରାତି ତାପମାତ୍ରା ମଧ୍ୟ ୨ରୁ ୪ ଡିଗ୍ରୀ ପର୍ଯ୍ୟନ୍ତ ବୃଦ୍ଧି ପାଇବ। ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ଏପରି ଆକଳନ କରାଯାଇଥିବାବେଳେ ସ୍ୱତନ୍ତ୍ର ରିଲିଫ୍ କମିଶନଙ୍କ ପକ୍ଷରୁ ସତର୍କ ସୂଚନା ଜାରି କରାଯାଇଛି। ଗ୍ରୀଷ୍ମକାଳୀନ ସମସ୍ୟାର ମୁକାବିଲା ପାଇଁ ପ୍ରସ୍ତୁତ ରହିବାକୁ ସମସ୍ତ ଜିଲାପାଳଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଶିଶୁ, ବୟସ୍କ ଓ ରୋଗୀଙ୍କ ସୁରକ୍ଷା ପ୍ରତି ଧ୍ୟାନ ରଖିବାକୁ ଲୋକଙ୍କୁ ପରାମର୍ଶ ଦିଆଯାଇଛି।

**ଆଜିର ସମ୍ପାଦକୀୟ**

**ମଣିପୁର ନିଆଁ ଲିଭୁନାହିଁ**

# ୮ ମାସରେ ୨୬ ଛାତ୍ରୀଛାତ୍ର ମୃତ

## ଅବ୍ୟବସ୍ଥା ଘେରରେ ଆଦିବାସୀ ଆବାସିକ ବିଦ୍ୟାଳୟ

**ଓଡ଼ିଶାର ଆଦିବାସୀ ବହୁଳ ଅଞ୍ଚଳରେ ଅଭାବୀ ପିଲା ଯେପରି ପାଠପଢ଼ାରୁ ବଞ୍ଚିତ ନ ହେବେ ସେଥିଲାଗି ରାଜ୍ୟ ସରକାର ଅନେକ ଆବାସିକ ବିଦ୍ୟାଳୟ ଖୋଲିଛନ୍ତି। ଉକ୍ତ ସ୍କୁଲଗୁଡ଼ିକରେ ମାଗଣାରେ ଖାଦ୍ୟ, ପୋଷାକ, ହଷ୍ଟେଲ ବ୍ୟବସ୍ଥା ଓ ଡାକ୍ତରୀ ଚିକିତ୍ସା ପ୍ରଦାନର ନିୟମ ରହିଛି। କିନ୍ତୁ ସ୍କୁଲରେ ପାଠପଢ଼ାରେ ଅବହେଳା ସାଙ୍ଗକୁ ଛାତ୍ରାବାସରେ ପରିଚାଳନାଗତ ଅବ୍ୟବସ୍ଥା ସୀମା ଅତିକ୍ରମ କରିଛି। ପୁଷ୍ଟିକର ଖାଦ୍ୟର ଅଭାବ ସହ ଅସ୍ୱସ୍ତିକର ପରିବେଶ ଯୋଗୁ ପିଲା ବାରମ୍ବାର ଜ୍ୱର ଓ ରୋଗଗ୍ରସ୍ତ ହେଉଛନ୍ତି। ଏପରି କି ସେମାନଙ୍କୁ ଉପଯୁକ୍ତ ଚିକିତ୍ସା ମଧ୍ୟ କରାଯାଉନାହିଁ। ଏହିସବୁ କାରଣରୁ ୮ ମାସ ଭିତରେ ଆଦିବାସୀ ଆବାସିକ ସ୍କୁଲଗୁଡ଼ିକରେ ୨୬ ଛାତ୍ରୀଛାତ୍ରଙ୍କ ମୃତ୍ୟୁ ଘଟିଲାଣି। ରାଜ୍ୟ ସରକାର ଶୁକ୍ରବାର ବିଧାନସଭାକୁ ଏହି ଉଦ୍‌ବେଗଜନକ ବିଷୟ ଅବଗତ କରାଇଛନ୍ତି। ତଫସିଲଭୁକ୍ତ ଜାତି (ଏସ୍‌ସି) ଏବଂ ତଫସିଲଭୁକ୍ତ ଜନଜାତି (ଏସ୍‌ଟି) ଉନ୍ନୟନ ବିଭାଗ ଦ୍ୱାରା ପରିଚାଳିତ ଆବାସିକ ବିଦ୍ୟାଳୟଗୁଡ଼ିକରେ ୨୦୨୪ ଜୁଲାଇରୁ ମାର୍ଚ୍ଚ ୭ ମଧ୍ୟରେ ଏତେ ସଂଖ୍ୟକ ପିଲାଙ୍କ ମୃତ୍ୟୁ ଘଟିବା ପ୍ରାଥମିକ ଶିକ୍ଷା ବ୍ୟବସ୍ଥାରେ ରହିଥିବା ତ୍ରୁଟିବିଚ୍ୟୁତି ଓ ଦୁର୍ବଳତା ପ୍ରତି ଅଙ୍ଗୁଳି ନିର୍ଦ୍ଦେଶ କରୁଛି। ସ୍କୁଲଗୁଡ଼ିକରେ ସଂସ୍କାର ଅଣାଯାଇ ଛୋଟ ଛୋଟ ପିଲାଙ୍କ ଅପମୃତ୍ୟୁ ପାଇଁ ଉତ୍ତରଦାୟିତ୍ୱ ସ୍ଥିର କରାଯାଉ ବୋଲି ଅଧିକାର କର୍ମୀ ଓ ବିରୋଧୀ ଦାବି କରିଛନ୍ତି।**

**ଭୁବନେଶ୍ୱର, (ଏଜେନ୍ସି)୯।୩**

ରାଜ୍ୟରେ ଏସ୍‌ସି, ଏସ୍‌ଟି ବିଭାଗ ଦ୍ୱାରା ପରିଚାଳିତ ମୋଟ ୧୭୪୬ ଆଦିବାସୀ ଆବାସିକ ବିଦ୍ୟାଳୟ ରହିଛି। ଉକ୍ତ ସ୍କୁଲଗୁଡ଼ିକରେ ପ୍ରାୟ ୫.୭ ଲକ୍ଷ ଛାତ୍ରୀଛାତ୍ର ପଢୁଥିବାବେଳେ ସେମାନଙ୍କ ରହିବା ପାଇଁ ୬,୭୦୦ ହଷ୍ଟେଲ ନିର୍ମାଣ କରାଯାଇଛି। ତେବେ ଅନେକ ଆବାସିକ ସ୍କୁଲରେ ଦୁର୍ବଳ ଭିତ୍ତିଭୂମି, ସ୍ୱଚ୍ଛତାର ଅଭାବ ରହିଥିବାବେଳେ ସେମାନଙ୍କୁ ପାଠ ପଢ଼ାଇବା ଏବଂ ଦେଖାଶୁଣା ପାଇଁ ପର୍ଯ୍ୟାପ୍ତ ଷ୍ଟାଫ୍ ନାହାନ୍ତି। ଯେଉଁମାନେ ବି ନିଯୁକ୍ତି ପାଇ କାର୍ଯ୍ୟରତ ଅଛନ୍ତି, ସେମାନଙ୍କ ଅବହେଳା ପିଲାଙ୍କ ଦୁର୍ଦ୍ଦଶାକୁ ବଢ଼ାଇଦେଇଛି। ଉପଯୁକ୍ତ ସ୍ୱାସ୍ଥ୍ୟସେବା ଓ ଅନ୍ୟ ଡାକ୍ତରୀ ସୁବିଧା ସ୍ଥିତିକୁ ସଙ୍ଗିନ କରିଦେଇଛି। ଏଥିଯୋଗୁ ପିଲା ବାରମ୍ବାର ମୃତ୍ୟୁମୁଖରେ ପଡୁଥିବା ଅଭିଯୋଗ ହେଉଛି। ଏଭଳି ମୃତ୍ୟୁର କାରଣ ଖୋଜିବା ପାଇଁ ରାଜ୍ୟ ସରକାର ନିର୍ଦ୍ଦେଶ ଦେଇଛନ୍ତି।

୨୦୨୪ ଜୁଲାଇ ୩ରେ ରାୟଗଡ଼ା ଜିଲା ଦୁର୍ଗାପଦୁ ଆଶ୍ରମ ସ୍କୁଲର ପଞ୍ଚମ ଶ୍ରେଣୀ ଛାତ୍ରୀ ମନୀଷା ମଣ୍ଡାଙ୍ଗି(୧୦)ଙ୍କୁ ଜ୍ୱର ହୋଇଥିଲା। ହଷ୍ଟେଲର ଆସିଷ୍ଟାଣ୍ଟ ସୁପରିଣ୍ଟେଣ୍ଡେଣ୍ଟ ଘନ ଶବର ତାଙ୍କୁ ପାରାସିଟାମୋଲ ଖାଇବାକୁ ଦେଇ ନିଜ ଦାୟିତ୍ୱ ସାରିଦେଇଥିଲେ। ମନୀଷା ଡାକ୍ତରଙ୍କ ବିନା ପରାମର୍ଶରେ ୬ ଦିନ ଧରି କେବଳ ପାରାସିଟାମୋଲ ଖାଇବାରୁ ତାଙ୍କ ସ୍ୱାସ୍ଥ୍ୟ ଆହୁରି ବିଗିଡ଼ିଯାଇଥିଲା। ୭ ତାରିଖରେ ଆଶାକର୍ମୀ ରକ୍ତ ପରୀକ୍ଷା କରାଇବାରୁ ମନୀଷାଙ୍କୁ ମ୍ୟାଲେରିଆ ହୋଇଥିବା ଜଣାପଡ଼ିଲା। ☞ପୃଷ୍ଠା-୪

# କ୍ରିତି ଶ୍ରେଷ୍ଠ ଅଭିନେତ୍ରୀ, ବିକ୍ରାନ୍ତ ନଂ.୧ ଅଭିନେତା



କ୍ରିତି ସାନନ୍



ବିକ୍ରାନ୍ତ ମେସି

## ଆଇଆଇଏଫ୍‌ଏ ଡିଜିଟାଲ ଆୱାର୍ଡ୍ସ ୨୦୨୫

**ଜୟପୁର, ୯।୩**

'ଇଣ୍ଟରନ୍ୟାଶନାଲ ଇଣ୍ଡିଆନ ଫିଲ୍ମ ଏକାଡେମୀ ଆୱାର୍ଡ୍ସ (ଆଇଆଇଏଫ୍‌ଏ) ୨୦୨୫' ଶନିବାରଠାରୁ ରାଜସ୍ଥାନର ଜୟପୁରଠାରେ ଆରମ୍ଭ ହୋଇଛି। 'ଆଇଆଇଏଫ୍‌ଏ'ର ଏହି ୨୫ତମ ସଂସ୍କରଣର ପ୍ରଥମ ଦିନରେ 'ଆଇଆଇଏଫ୍‌ଏ ଡିଜିଟାଲ ଆୱାର୍ଡ୍ସ ୨୦୨୫'ର ଘୋଷଣା କରାଯାଇଥିଲା। ଏହି ଅବସରରେ ବିଭିନ୍ନ ଓଟିଟି ପ୍ଲାଟ୍‌ଫର୍ମରେ ରିଲିଜ୍ ହୋଇଥିବା ଶ୍ରେଷ୍ଠ ଚଳଚ୍ଚିତ୍ର, ସିରିଜ୍‌ଗୁଡ଼ିକ ସହ ଏଥିରେ ଉତ୍କୃଷ୍ଟ ଅଭିନୟ କରିଥିବା ତାରକାମାନଙ୍କୁ ସମ୍ମାନିତ କରାଯାଇଛି। ଏହି ଆୱାର୍ଡ ସେରିମୋନିରେ ଓଟିଟି ନେଟ୍‌ଫ୍ଲିକ୍ସରେ ରିଲିଜ୍ ହୋଇଥିବା କନିକା ଢିଲୋନଙ୍କ ନିର୍ମିତ 'ଦୋ ପତ୍ତି' ଫିଲ୍ମ ପାଇଁ ଅଭିନେତ୍ରୀ କ୍ରିତି ସାନନ୍‌ଙ୍କୁ ଶ୍ରେଷ୍ଠ ଅଭିନେତ୍ରୀ (ଫିଲ୍ମ) ଭାବେ ପୁରସ୍କାର ମିଳିଛି। 'ଦୋ ପତ୍ତି' ଫିଲ୍ମରେ କ୍ରିତି ଦ୍ୱୈତ ଭୂମିକାରେ ନଜରକୁ ଆସିଥିବା ସହ ନିଜ ଦମଦାର ଅଭିନୟ ଦ୍ୱାରା ଦର୍ଶକଙ୍କର ପ୍ରଶଂସା ସାଉଣ୍ଟିଥିଲେ। ସେହିପରି ନେଟ୍‌ଫ୍ଲିକ୍ସରେ ରିଲିଜ୍ ହୋଇଥିବା ଦିନେଶ ଭିଜାନ ଓ ଜ୍ୟୋତି ଦେଶପାଣ୍ଡେଙ୍କ ନିର୍ମିତ କ୍ରାଇମ ଥ୍ରୀଲର ମୁଭି 'ସେକ୍ଟର ୩୬' ପାଇଁ ଅଭିନେତା ବିକ୍ରାନ୍ତ ମେସିଙ୍କୁ ଶ୍ରେଷ୍ଠ ଅଭିନେତା (ଫିଲ୍ମ) ପୁରସ୍କାର ମିଳିଛି। 'ବର୍ଲିନ' ଫିଲ୍ମ ପାଇଁ ଅଭିନେତ୍ରୀ ଅନୁପ୍ରିୟା ଗୋଏଙ୍କା ଶ୍ରେଷ୍ଠ ସହ ଅଭିନେତ୍ରୀ (ଫିଲ୍ମ) ଏବଂ 'ସେକ୍ଟର ୩୬' ଫିଲ୍ମ ପାଇଁ ଅଭିନେତା ଦୀପକ ଡୋବ୍ରିଆଲଙ୍କୁ ଶ୍ରେଷ୍ଠ ସହ ଅଭିନେତା (ଫିଲ୍ମ) ଭାବେ ପୁରସ୍କାର ☞ପୃଷ୍ଠା-୪




## ସଂକ୍ଷେପରେ

### କୁର୍ସ୍କରେ ୟୁକ୍ରେନ୍ ସେନା ଉପରେ ଆକ୍ରମଣ

**ଗ୍ୟାସ୍ ପାଇପ୍ ଲାଇନ୍‌ରେ ଆସିଥିଲେ ରୁଷିଆ ସୈନ୍ୟ**

କିଭ୍ ,୯।୩

ରୁଷିଆ ସ୍ୱତନ୍ତ୍ର ବାହିନୀର ସୈନ୍ୟମାନେ ଗ୍ୟାସ୍ ପାଇପ୍‌ଲାଇନ ଭିତରେ ଆସି କୁର୍ସ୍କରେ ଥିବା ୟୁକ୍ରେନ୍ ସେନା ୟୁନିଟ୍ ଉପରେ ପଛ ଭାଗରୁ ଆକ୍ରମଣ କରିଛନ୍ତି। କିଭ୍ ଦଖଲ କରିଥିବା ସୀମାନ୍ତ ପ୍ରଦେଶକୁ ପୁନର୍ବାର ନିଜ ନିୟନ୍ତ୍ରଣକୁ ନେବା ଲାଗି ମସ୍କୋ ଏଭଳି ଆକ୍ରମଣ ଚଳାଇଛି। ଗତ ଅଗଷ୍ଟରେ ୟୁକ୍ରେନ୍ ସୈନ୍ୟ ସୀମା ଅତିକ୍ରମ କରି କୁର୍ସ୍କରେ ଆକ୍ରମଣ କରିଥିଲେ। ଦ୍ୱିତୀୟ ବିଶ୍ୱଯୁଦ୍ଧ ପରେ ରୁଷିଆ ଅଞ୍ଚଳରେ ଏହା ଥିଲା ସବୁଠୁ ବଡ଼ ଆକ୍ରମଣ। ଅଳ୍ପ କିଛିଦିନ ମଧ୍ୟରେ ୟୁକ୍ରେନ୍ ସେନା ଗୁରୁତ୍ୱପୂର୍ଣ୍ଣ ସୁଦ୍‌ଝା ସୀମାନ୍ତ ସହର ସମେତ କୁର୍ସ୍କ ଅଞ୍ଚଳରୁ ୧,୦୦୦ ବର୍ଗ କିଲୋମିଟର ଦଖଲ କରିଥିଲା। ଏଥିସହିତ ଶତାଧିକ ରୁଷୀୟ ଯୁଦ୍ଧବନ୍ଦୀଙ୍କୁ ନେଇଯାଇଥିଲା। ଭବିଷ୍ୟତରେ ଶାନ୍ତି ଆଲୋଚନାରେ ମୂଳଚାଲ ସୁବିଧା ହାସଲ ଏବଂ ପୂର୍ବ ୟୁକ୍ରେନ୍‌ରୁ ରୁଷିଆକୁ ସେନା ପ୍ରତ୍ୟାହାର ପାଇଁ ଚାପ ପକାଇବା ଲକ୍ଷ୍ୟରେ ଏହି ଆକ୍ରମଣ କରାଯାଇଥିଲା ବୋଲି କିଭ୍ କହିଥିଲା। ୟୁରୋପକୁ ଗ୍ୟାସ୍ ଯୋଗାଇବା ପାଇଁ ରୁଷିଆ ବ୍ୟବହାର କରୁଥିବା ପାଇପ୍‌ଲାଇନ ଭିତରେ ଏହାର ସୈନ୍ୟମାନେ ପ୍ରାୟ ୧୫ କିଲୋମିଟର ଚାଲି କୁର୍ସ୍କରେ ପହଞ୍ଚି ଆକ୍ରମଣ କରିଛନ୍ତି। ସେମାନ ଆକ୍ରମଣ ପୂର୍ବରୁ ପାଇପ୍ ମଧ୍ୟରେ ଅନେକ ଦିନ ବିତାଇଥିବା ବ୍ଲଗର ୟୁରି ପୋଡୋଲ୍ୟାକା କହିଛନ୍ତି।

### ନ୍ୟୁୟର୍କରେ ବନାଗ୍ନି: ଜରୁରୀ ସ୍ଥିତି ଜାରି

ନ୍ୟୁୟର୍କ,୯।୩

ଆମେରିକାର ନ୍ୟୁୟର୍କ ଅନ୍ତର୍ଗତ ଲଙ୍ଗ୍ ଆଇଲାଣ୍ଡରେ ବନାଗ୍ନି ଯୋଗୁ ଧୂଆଁର ଘନ ଆସ୍ତରଣ ଉକ୍ତ ଅଞ୍ଚଳକୁ ଆଚ୍ଛାଦିତ କରି ରଖିଛି। ଫଳରେ ନ୍ୟୁୟର୍କ ଗଭର୍ନର କାଥି ହୋଚୁଲ୍ ସେଠାରେ ଜରୁରୀ ସ୍ଥିତି ଘୋଷଣା କରିଛନ୍ତି। ନିଆଁ ଭୟରେ ପ୍ରମୁଖ ରାଜପଥଗୁଡ଼ିକୁ ବନ୍ଦ କରିଦିଆଯିବା ସହ ସେନା ଘାଟିଗୁଡ଼ିକୁ ଖାଲି କରାଯାଇଛି। ଜଙ୍ଗଲ ନିଆଁ ଦ୍ରୁତ ବେଗରେ ମାଡ଼ୁଥିବାରୁ ଏକ ରାସାୟନିକ ଫ୍ୟାକ୍ଟ୍ରି ଏବଂ ଆମାଜନ୍ ୱେରହାଉସ୍ ପାଇଁ ବିପଦ ସୃଷ୍ଟି କରିଛି। ନ୍ୟୁୟର୍କ ସହରର ପୂର୍ବ ଭାଗରେ ଥିବା ପାଇନ୍ ବାରେନ୍ସ ଅଞ୍ଚଳରେ ବନାଗ୍ନି ବ୍ୟାପିବାରେ ଲାଗିଛି।

# ସିରିଆ ପୁଣି ଅଶାନ୍ତ

# ସଂଘର୍ଷରେ ୧,୦୦୦ ମୃତ

ବେରୁଟ୍/କାଇରୋ ,୯।୩



ସିରିଆ ସଂଘର୍ଷରେ ମୃତ ୪ ସୈନ୍ୟଙ୍କ ପାଇଁ ଇଡଲିବ୍‌ର ଅଲ୍-ଜନୌଦିୟା ଗ୍ରାମରେ ଅନୁଷ୍ଠିତ ଅନ୍ତ୍ୟେଷ୍ଟି ଶୋଭାଯାତ୍ରାରେ ଶୋକାକୁଳ ସମ୍ପର୍କୀୟମାନେ।



**ଶାନ୍ତି ଆହ୍ୱାନ ଦେଲେ ଅହମଦ ଶାରା**

ସିରିଆରେ ଦୁଇଦିନ ଧରି ସୁରକ୍ଷା ବଳ ଏବଂ ବହିଷ୍କୃତ ରାଷ୍ଟ୍ରପତି ବଶର ଅସାଦଙ୍କ ଅନୁଗତମାନଙ୍କ ମଧ୍ୟରେ ସଂଘର୍ଷ ଏବଂ ପ୍ରତିଶୋଧ ହତ୍ୟାରେ ୧,୦୦୦ରୁ ଊର୍ଦ୍ଧ୍ୱ ଲୋକଙ୍କ ମୃତ୍ୟୁ ଘଟିଲାଣି। ସିରିଆରେ ୧୪ ବର୍ଷ ପୂର୍ବରୁ ଆରମ୍ଭ ହୋଇଥିବା ଗୃହଯୁଦ୍ଧରେ ଏହା ସବୁଠୁ ମରଣାନ୍ତକ ହିଂସାକାଣ୍ଡ ବୋଲି କୁହାଯାଉଛି। ବ୍ରିଟେନ୍‌ସ୍ଥିତ ସିରିଆନ୍ ଅବ୍‌ଜରଭେଟୋରି ଫର୍ ହ୍ୟୁମାନ ରାଇଟ୍ସ ସୂଚନା ଅନୁଯାୟୀ, ଗୁରୁବାରଠାରୁ ଆରମ୍ଭ ହୋଇଥିବା ସଂଘର୍ଷରେ ୭୪୫ ଜଣ ସାଧାରଣ ନାଗରିକଙ୍କ ମୃତ୍ୟୁ ଘଟିଥିବାବେଳେ ସରକାରୀ ସୁରକ୍ଷା ବଳର ୧୨୫ ଜଣ ଏବଂ ଅସାଦଙ୍କ ସ୍ୱୀକୃତିପ୍ରାପ୍ତ ସଶସ୍ତ୍ର ଉଗ୍ରପନ୍ଥୀ ସଂଗଠନର ୧୪୮ ଜଣ ପ୍ରାଣ ହରାଇଛନ୍ତି। ନିରୀହ ଲୋକମାନଙ୍କୁ ଅତି ନିକଟରୁ ଗୁଳିକରି ହତ୍ୟା କରାଯାଇଛି। ଲାଟାକିଆ ସହରର ଅଧିକାଂଶ ଭାଗରେ ବିଦ୍ୟୁତ ଓ ଜଳଯୋଗାଣ ବନ୍ଦ କରିଦିଆଯାଇଛି। ଦେଶରେ ଶାନ୍ତି ସ୍ଥାପନ ପାଇଁ ସିରିଆର ଅନ୍ତରୀଣ ରାଷ୍ଟ୍ରପତି ଅହମଦ ଶାରା ରବିବାର ଆହ୍ୱାନ ଦେଇଛନ୍ତି। ଆମକୁ ଜାତୀୟ ଏକତା ଏବଂ ଆଭ୍ୟନ୍ତରୀଣ ଶାନ୍ତି ଫେରାଇଆଣିବାକୁ ହେବ ବୋଲି ସେ କହିଛନ୍ତି।

୩ ମାସ ପୂର୍ବରୁ ଉଗ୍ରପନ୍ଥୀମାନେ ଅସାଦଙ୍କୁ କ୍ଷମତାଚ୍ୟୁତ କରି ଶାସନ କ୍ଷମତା ନିଜ ହାତକୁ ନେଇଥିଲେ। ସଂଘର୍ଷ ଏବଂ ପ୍ରତିଶୋଧ ହିଂସାଜନିତ ଉତ୍ତେଜନା ବୃଦ୍ଧି ନୂଆ ସରକାରଙ୍କ ପାଇଁ ଚ୍ୟାଲେଞ୍ଜ ସୃଷ୍ଟି କରିଛି। ଅସାଦଙ୍କ ଅନୁଗତ ବାହିନୀର ଆକ୍ରମଣର ଜବାବ ଦିଆଯାଉଥିବା ସରକାର କହିଛନ୍ତି। ହିଂସାକାଣ୍ଡ ପାଇଁ ବ୍ୟକ୍ତିଗତ କାର୍ଯ୍ୟକୁ ଦାୟୀ କରାଯାଇଛି। ଗୁରୁବାରଠାରୁ ସଂଘର୍ଷ ଆରମ୍ଭ ହୋଇଥିବାବେଳେ ଶୁକ୍ରବାର ସରକାଙ୍କ ଅନୁଗତ ସୁନ୍ନି ମୁସଲମାନ ବନ୍ଧୁକଧାରୀମାନେ ଅସାଦଙ୍କ ସଂଖ୍ୟାଲଘୁ ଅଲାୱିତେ ଗୋଷ୍ଠୀର ସଦସ୍ୟମାନଙ୍କ ବିରୋଧରେ ପ୍ରତିଶୋଧ ହତ୍ୟା ଆରମ୍ଭ କରିଥିଲେ। ଏହି ଘଟଣା ଅସାଦ ସରକାରଙ୍କୁ କ୍ଷମତାଚ୍ୟୁତ କରିଥିବା ହୟାତ ତହରିର୍ ଅଲ୍-ଶାମ୍ ପାଇଁ ବଡ଼ ଝଟ୍‌କା ହୋଇଛି। ଅଲୱିତେ ଅସାଦ ସରକାରଙ୍କ ପାଇଁ ବହୁ ଦଶନ୍ଧି ଧରି ସମର୍ଥନର ଆଧାର ରହିଆସିଛି। ଏବେ ସେମାନଙ୍କୁ ଘର ସାମ୍ନାରେ ଏବଂ ରାସ୍ତାରେ ଗୁଳିକରି ହତ୍ୟା କରାଯାଉଛି। ବିଭିନ୍ନ ସ୍ଥାନରେ ଅନେକ ଅଲୱିତେଙ୍କର ଘର ଲୁଟ୍ ହେବା ସହ ନିଆଁ ଲଗାଇଦିଆଯାଇଥିବା ଉପକୂଳ ଅଞ୍ଚଳର ୨ ବାସିନ୍ଦା ଗୋପନ ସ୍ଥାନରୁ ଗଣମାଧ୍ୟମକୁ କହିଛନ୍ତି। ବନିୟାସ୍ ସହର ହିଂସା ଦ୍ୱାରା ସର୍ବାଧିକ କ୍ଷତିଗ୍ରସ୍ତ ହୋଇଛି। ସେଠାର ରାସ୍ତାଘାଟରେ ମୃତଦେହ ପଡ଼ିରହିଥିବାବେଳେ ଘର ଭିତରେ ଓ ଛାତରେ ମଧ୍ୟ ମୃତଦେହ ପଡ଼ିରହିଥିବା ଦେଖାଯାଇଛି। ସେଗୁଡ଼ିକୁ ଉଠାଇବା ପାଇଁ କେହି ନାହାନ୍ତି। ବନ୍ଧୁକଧାରୀମାନେ ମୃତଦେହ ଉଠାଇବାକୁ ଦେଉନାହାନ୍ତି। ଶୁକ୍ରବାର ହିଂସାକାଣ୍ଡ ଆରମ୍ଭ ହେବା ପରେ ବନିୟାସ ସହରର ୫୭ ବର୍ଷୀୟ ଅଲି ଶେହା ନିଜ ପରିବାର ଓ ପଡୋଶୀଙ୍କ ସହ ଘରଛାଡ଼ି ପଳାଇଥିଲେ। ତାଙ୍କ ଘର ପାଖରେ ରହୁଥିବା ଅଲୱିତେ ସମ୍ପ୍ରଦାୟର ୨୦ ଜଣଙ୍କୁ ମାରିଦିଆଯାଇଥିବା ସେ କହିଛନ୍ତି। ଅସାଦ ଦସରକାର କରିଥିବା ଅପରାଧ ପାଇଁ ପ୍ରତିଶୋଧ ଭାବେ ଏବେ ଅଲୱିତେ ସଂଖ୍ୟାଲଘୁଙ୍କୁ ହତ୍ୟା କରାଯାଉଛି। ଆକ୍ରମଣକାରୀଙ୍କ ମଧ୍ୟରେ ବିଦେଶୀ ଏବଂ ଉଗ୍ରପନ୍ଥୀ ରହିଛନ୍ତି।

### କୋଭିଡ୍ ଲୁଚାଇଥିଲା ଚାଇନା: ୨୪ ବିଲିୟନ ଡଲାର ଜରିମାନା କଲେ ଆମେରିକା ବିଚାରପତି

ୱାଶିଂଟନ ,୯।୩

କୋଭିଡ୍-୧୯ ମହାମାରୀକୁ ଲୁଚାଇବା ଏବଂ ବ୍ୟକ୍ତିଗତ ସୁରକ୍ଷା ଉପକରଣ (ପିପିଇ)କୁ ଗଚ୍ଛିତ କରି ରଖିବାର ମନମୁଖି କାର୍ଯ୍ୟ ପାଇଁ ଚାଇନା ସରକାର ଦାୟୀ ବୋଲି ଆମେରିକା ମିସୌରୀ ରାଜ୍ୟର ଜଣେ ବିଚାରପତି କହିଛନ୍ତି। ୨୦୧୯ରେ ଚାଇନାରୁ ଉତ୍ପନ୍ନ ଏହି ଭୂତାଣୁ ଯୋଗୁ ବିଶ୍ୱବ୍ୟାପୀ ମହାମାରୀରେ ୭୦ ଲକ୍ଷରୁ ଊର୍ଦ୍ଧ୍ୱ ଲୋକଙ୍କ ମୃତ୍ୟୁ ଘଟିଥିଲା। ଏଥିପାଇଁ ମିସୌରୀରେ ହୋଇଥିବା କ୍ଷୟକ୍ଷତି ନିମନ୍ତେ ଚାଇନା ୨୪ ବିଲିୟନ ଡଲାର ପୈଠ କରିବାକୁ ଏହାର ଡିଷ୍ଟ୍ରିକ୍ଟ କୋର୍ଟର ବିଚାରପତି ଷ୍ଟିଫେନ୍ ଏନ୍ ଲିମ୍ବାଉଘ୍ ନିର୍ଦ୍ଦେଶ ଦେଇଛନ୍ତି। ୨୦୨୦ରେ ମିସୌରୀ ରାଜ୍ୟ ପକ୍ଷରୁ ଚାଇନା ସରକାର ଏବଂ କୋଭିଡ୍ ଭୂତାଣୁର ଉତ୍ପତ୍ତି ସ୍ଥଳ ଉହାନ୍ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଭାଇରୋଲୋଜି ବିରୋଧରେ ମୋକଦ୍ଦମା ଦାଏର କରିଥିଲେ। ବିଚାରପତିଙ୍କ ରାୟକୁ ଚାଇନା ଅଗ୍ରାହ୍ୟ କରିଥିବାବେଳେ ଏହା ବିରୋଧରେ ପଦକ୍ଷେପ ନେବା ପାଇଁ କହିଛି। ଚାଇନା କୋଭିଡ୍ ସଂକ୍ରମଣ ଖବରକୁ ଲୁଚାଇ ରଖିବା ସହ ପିପିଇ କିଟ୍ ବିଶ୍ୱକୁ ଯୋଗାଣ ନ କରି ଗଚ୍ଛିତ ରଖିବା ଦିଗରେ କାର୍ଯ୍ୟ କରୁଥିଲା ବୋଲି ବିଚାରପତି କହିଛନ୍ତି।

## ଆତତାୟୀଙ୍କ ଟାର୍ଗେଟ୍‌ରେ ଥିଲେ ଟ୍ରମ୍ପ୍

**ହ୍ୱାଇଟ୍ ହାଉସ୍ ନିକଟରେ ଗୁଳିକଲା ସିକ୍ରେଟ୍ ସର୍ଭିସ୍**

ୱାଶିଂଟନ୍,୯।୩



ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କୁ ହତ୍ୟା କରିବା ପାଇଁ ଯୋଜନା କରୁଥିବା ଜଣେ ବ୍ୟକ୍ତିଙ୍କୁ ରବିବାର ସକାଳେ ହ୍ୱାଇଟ୍ ହାଉସ୍ ନିକଟରେ ସିକ୍ରେଟ୍ ସର୍ଭିସ ଏଜେଣ୍ଟମାନେ ଗୁଳି କରିଛନ୍ତି। ଇଣ୍ଡିଆନାରୁ ଆସିଥିବା ଏହି 'ଆତ୍ମଘାତୀ' ବନ୍ଧୁକଧାରୀ ହ୍ୱାଇଟ୍ ହାଉସ୍ ଭିତରକୁ ଯାଇ ରାଷ୍ଟ୍ରପତିଙ୍କୁ ହତ୍ୟା କରିଥାଆନ୍ତେ। ମେଟ୍ରୋପଲିଟାନ୍ ପୋଲିସ ଏନେଇ ସୂଚନା ପାଇବା ପରେ ସିକ୍ରେଟ୍ ସର୍ଭିସ୍‌କୁ ଅବଗତ କରାଇଥିଲା। ଏଜେଣ୍ଟମାନେ ପେନ୍‌ସିଲ୍‌ଭାନିଆ ଆଭେନ୍ୟୁରେ ତାଙ୍କୁ ଠାବ କରିବା ପରେ ମୁହାଁମୁହିଁ ହୋଇଥିଲେ। ଏଜେଣ୍ଟଙ୍କ ଗୁଳିମାଡ଼ରେ ସେ ଆହତ ହୋଇଛନ୍ତି। ଆହତ ଆତତାୟୀଙ୍କୁ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ତେବେ ତାଙ୍କ ସ୍ୱାସ୍ଥ୍ୟବସ୍ଥା ସମ୍ପର୍କରେ କିଛି ସୂଚନା ମିଳିନାହିଁ। ଏହି ଘଟଣା ଘଟିବାବେଳେ ଟ୍ରମ୍ପ୍ ଫ୍ଲୋରିଡା ବାସଭବନରେ ଥିଲେ। ପ୍ରକାଶ ଯେ, ଏହା ପୂର୍ବରୁ ମଧ୍ୟ ଟ୍ରମ୍ପଙ୍କ ଉପରେ ଏକାଧିକ ଥର ହତ୍ୟା ଉଦ୍ୟମ ହୋଇଛି। ଗତ ଫେବୃଆରୀ ୨୭ରେ ଟ୍ରମ୍ପଙ୍କୁ ମିଶାଇଲରେ ଉଡ଼ାଇବା ନେଇ ଫ୍ଲୋରିଡାର ଜଷ୍ଟିନ ବ୍ଲାକ୍‌ସ୍ଟନ୍ ୯୧୧ ଥର କଲ୍ କରିଥିଲେ। ଏପରି କି ନ୍ୟୁୟର୍କକୁ ଧ୍ୱସ୍ତବିଧ୍ୱସ୍ତ କରିଦେବେ ବୋଲି କହିଥିଲେ। ପୋଲିସ ତାଙ୍କୁ ଗିରଫ କରିଛି। ୨୦୨୪ ଜୁଲାଇ ୧୩ରେ ପେନ୍‌ସିଲଭାନିଆରେ ନିର୍ବାଚନ ପ୍ରଚାରବେଳେ ରିପବ୍ଲିକାନ୍ ଟ୍ରମ୍ପଙ୍କ ଉପରକୁ ଗୁଳି ଚଳାଯାଇଥିଲା। ଗୁଳି ତାଙ୍କ କାନ ସହ ଘଷିହୋଇ ଯାଇଥିଲା। ଆକ୍ରମଣକାରୀ ଥୋମାସ୍ କ୍ରୁକ୍ସଙ୍କୁ ସିକ୍ରେଟ୍ ସର୍ଭିସ ଏଜେଣ୍ଟମାନେ କାବୁ କରିଥିଲେ।

## ମଣିପୁର: ସେନା କାର୍ଯ୍ୟାନୁଷ୍ଠାନକୁ ବିରୋଧ

**ବନ୍ଦ ଯୋଗୁ ସ୍ୱାଭାବିକ ଜୀବନଯାତ୍ରା ବ୍ୟାହତ**

ଇମ୍ଫାଲ୍/ଚୁରାଚାନ୍ଦପୁର ,୯।୩ (ପି.ଟି.)



ମଣିପୁର ବନ୍ଦବେଳେ ସୁରକ୍ଷାକର୍ମୀ ରାସ୍ତାରେ ଜଗି ରହିଛନ୍ତି।

କୁକି-ଜୋ ସମ୍ପ୍ରଦାୟ ଉପରେ ସୁରକ୍ଷା ବଳର କାର୍ଯ୍ୟାନୁଷ୍ଠାନକୁ ବିରୋଧ କରି ରବିବାର ମଣିପୁରର କୁକିବହୁଳ ଅଞ୍ଚଳରେ ଅନିର୍ଦ୍ଦିଷ୍ଟ କାଳ ବନ୍ଦ ପାଳନ ଯୋଗୁ ସ୍ୱାଭାବିକ ଜୀବନଯାତ୍ରା ବ୍ୟାହତ ହୋଇଛି। କାଙ୍ଗପୋକ୍‌ପି ଜିଲାରେ ଶନିବାର କୁକି ବିକ୍ଷୋଭକାରୀ ଏବଂ ସୁରକ୍ଷା ବଳ ମଧ୍ୟରେ ସଂଘର୍ଷ ଘଟି ପୋଲିସ ଗୁଳିରେ ଜଣେ ପ୍ରାଣ ହରାଇଥିବାବେଳେ ୪୦ ଜଣ ଆହତ ହୋଇଥିଲେ। ଉକ୍ତ ଜିଲାରେ ଉତ୍ତେଜନା ଲାଗି ରହିଥିବାବେଳେ କୁକିବହୁଳ ଚୁରାଚାନ୍ଦପୁର ଏବଂ ଟେଙ୍ଗ୍‌ନୌପାଲ ଜିଲାରେ ମଧ୍ୟ ବିକ୍ଷୋଭକାରୀ ଟାୟାର ଜାଳି ରାସ୍ତା ଅବରୋଧ କରିଥିଲେ। ତେବେ ରବିବାର କୌଣସି ହିଂସା ଘଟିନାହିଁ। ଉକ୍ତ ଜିଲାଗୁଡ଼ିକରେ ଦୋକାନବଜାର ବନ୍ଦ ରହିଥିବାବେଳେ ରାସ୍ତାରେ କ୍ୱଚିତ୍ ଗାଡ଼ି ଚଳାଚଳ କରୁଛି। ଲୋକମାନଙ୍କୁ ଘରୁ ନ ବାହାରିବା ପାଇଁ ଆନ୍ଦୋଳନକାରୀମାନେ କହୁଥିବା ଦେଖାଯାଇଛି। ଜିଲାର ବିଭିନ୍ନ ସ୍ଥାନରେ ଏବଂ ୨ ନମ୍ବର ଜାତୀୟ ରାଜପଥରେ ଅତିରିକ୍ତ ସୁରକ୍ଷା ବଳ ନିୟୋଜିତ କରାଯିବା ସହ ଆଇନ ଶୃଙ୍ଖଳା ବଜାୟ ରଖିବା ପାଇଁ ପାଟ୍ରୋଲିଂକୁ ବଢ଼ାଇ ଦିଆଯାଇଛି।

ଶନିବାରଠାରୁ ମଣିପୁରରେ ଅବାଧ ଗମନାଗମନକୁ ଅନୁମତି ଦେବା ନିମନ୍ତେ ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ୍ ଶାହାଙ୍କ ନିର୍ଦ୍ଦେଶକୁ କୁକି ସମ୍ପ୍ରଦାୟ ବିରୋଧ କରିଛି। କାଙ୍ଗ୍‌ପୋକ୍‌ପିରେ ଶାହାଙ୍କ ନିର୍ଦ୍ଦେଶକୁ ବିରୋଧକରି ବିକ୍ଷୋଭକାରୀମାନେ ରାସ୍ତାକୁ ଓହ୍ଲାଇବାରୁ ସେମାନଙ୍କୁ ଘଉଡ଼ାଇବାକୁ ଯାଇ ପୋଲିସ ଲୁହବୁହା ବାଷ୍ପ ପ୍ରୟୋଗ କରିଥିଲା। ଫଳରେ ସୁରକ୍ଷା କର୍ମୀ ଓ ବିକ୍ଷୋଭକାରୀଙ୍କ ମଧ୍ୟରେ ସଂଘର୍ଷ ଘଟି ଜଣେ ପ୍ରାଣ ହରାଇବା ସହ ୪୦ ଜଣ ଆହତ ହୋଇଥିଲେ। ବିକ୍ଷୋଭକାରୀ କେତେକ ଗାଡ଼ି ଭଙ୍ଗାରୁଜା କରିବା ସହ ପୋଡ଼ିଦେଇଥିଲେ।

## କାଲିଫର୍ନିଆ ହିନ୍ଦୁ ମନ୍ଦିରରେ ଉପଦ୍ରବ

ନ୍ୟୁୟର୍କ/ନୂଆଦିଲ୍ଲୀ ,୯।୩




ସ୍ୱାମୀନାଥନ୍ ମନ୍ଦିରରେ ଉପଦ୍ରବୀମାନେ 'ମୋଦି ହିନ୍ଦୁସ୍ଥାନ ମୁର୍ଦ୍ଦାବାଦ୍' ଲେଖିଛନ୍ତି।

ଆମେରିକାର କାଲିଫର୍ନିଆ ରାଜ୍ୟରେ ଥିବା ଏକ ଖ୍ୟାତନାମା ହିନ୍ଦୁ ମନ୍ଦିର କାନ୍ଥରେ କେତେଜଣ ଦୁର୍ବୃତ୍ତ ଭାରତ ବିରୋଧୀ ଲେଖା ଲେଖିଥିବାବେଳେ ଅନ୍ୟ ଏକ ଘଟଣାରେ ଆମେରିକାରେ ଥିବା ଭାରତୀୟମାନଙ୍କ ପବିତ୍ର ସ୍ଥାନକୁ ଟାର୍ଗେଟ କରାଯାଇଛି। ସେମାନେ ସାନ୍ ବେର୍ନାର୍ଡିନୋ କାଉଣ୍ଟିର ଚିନୋ ହିଲ୍ସରେ ଥିବା ଶ୍ରୀସ୍ୱାମୀନାଥନ୍ ମନ୍ଦିରକୁ ଅପବିତ୍ର କରିଥିବା ବୋଚାସନୱାସି ଅକ୍ଷର ପୁରୁଷୋତ୍ତମ ସ୍ୱାମୀନାରାୟଣ ସଂସ୍ଥା (ବିଏପିଏସ୍) ପକ୍ଷରୁ କୁହାଯାଇଛି।

**ନିନ୍ଦା କଲା ଭାରତ**

ଉକ୍ତ ଅଞ୍ଚଳରେ ଥିବା ଅନ୍ୟ ଏକ ମନ୍ଦିରକୁ ମଧ୍ୟ ସେମାନେ ଅପବିତ୍ର କରିଛନ୍ତି। ଘୃଣାକୁ ଅଧିକ ଗଭୀରକୁ ଯିବାକୁ ଦିଆଯିବ ନାହିଁ ବୋଲି ବିଏପିଏସ୍ ସାଧାରଣ ବ୍ୟାପାର ପକ୍ଷରୁ ଏକ୍ସ'ରେ ପୋଷ୍ଟ କରାଯାଇଛି।

ହିନ୍ଦୁ ମନ୍ଦିର ଉପରେ ଆକ୍ରମଣକୁ ଭାରତ ରବିବାର ଦୃଢ଼ ନିନ୍ଦା କରିବା ସହ ଦୁର୍ବୃତ୍ତମାନଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ପାଇଁ ଦାବି କରିଛି। ଏହି ଘଟଣାକୁ ଦୃଷ୍ଟିରେ ରଖି ଉପାସନା ସ୍ଥଳୀଗୁଡ଼ିକରେ ପର୍ଯ୍ୟାପ୍ତ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରିବାକୁ ନୂଆଦିଲ୍ଲୀ ଆହ୍ୱାନ ଦେଇଛି। ହିନ୍ଦୁ ମନ୍ଦିରରେ ଉପଦ୍ରବ ଭଳି କୁତ୍ସିତ କାର୍ଯ୍ୟକୁ ଆମେ ସବୁଠୁ କଠୋର ଶବ୍ଦରେ ନିନ୍ଦା କରୁଛୁ ବୋଲି ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟ ମୁଖପାତ୍ର ରଣଧୀର ଜୟସ୍ୱାଲ କହିଛନ୍ତି। ଏଭଳି ଘୃଣିତ ଏବଂ ଅସହିଷ୍ଣୁ କାର୍ଯ୍ୟ ଆଦୌ ଗ୍ରହଣୀୟ ନୁହେଁ ବୋଲି କଂଗ୍ରେସ କହିଛି।

## କୁଲ୍‌ଭୂଷଣଙ୍କ ଅପହର୍ତ୍ତା ଆଇଏସ୍‌ଆଇ ଏଜେଣ୍ଟଙ୍କୁ ଗୁଳିକରି ହତ୍ୟା



ମୁଫ୍ତି ଶାହ ମୀର

କରାଚୀ, ୯।୩

ଭାରତୀୟ ନୌସେନାର ପୂର୍ବତନ ଅଧିକାରୀ କୁଲ୍‌ଭୂଷଣ ଯାଦବଙ୍କୁ ଇରାନରୁ ଅପହରଣ କରିବାରେ ପାକିସ୍ତାନର ଗୋଇନ୍ଦା ଏଜେନ୍ସି ଇଣ୍ଟର ସର୍ଭିସେସ୍ ଇଣ୍ଟେଲିଜେନ୍ସ (ଆଇଏସ୍‌ଆଇ)କୁ ସାହାଯ୍ୟ କରିଥିବା ମୁଫ୍ତି ଶାହ ମୀରଙ୍କୁ ରବିବାର ପାକିସ୍ତାନ ବଲୁଚିସ୍ତାନରେ କେତେଜଣ ଅଚିହ୍ନା ଆକ୍ରମଣକାରୀ ଗୁଳିକରି ହତ୍ୟା କରିଛନ୍ତି। ସେ ତୁର୍ବତ ସହରର ଏକ ମସ୍‌ଜିଦରେ ନମାଜ ପଢ଼ି ଘରକୁ ଫେରୁଥିବାବେଳେ ତାଙ୍କୁ ଟାର୍ଗେଟ କରି ବାଇକରେ ଆସି କେତେଜଣ ଆତତାୟୀ ଗୁଳି ଚଳାଇଥିଲେ। ତାଙ୍କୁ ସ୍ଥାନୀୟ ହସ୍ପିଟାଲ ନିଆଯାଇଥିଲା। ସେଠାରେ ମୁଫ୍ତିଙ୍କର ମୃତ୍ୟୁ ହୋଇଥିଲା। ବିଭିନ୍ନ ରିପୋର୍ଟ ଅନୁଯାୟୀ, ମୁଫ୍ତି ଇସଲାମ କଠୋରପନ୍ଥୀ ସଙ୍ଗଠନ 'ଜମିୟତ ଉଲେମା-ଏ-ଇସଲାମ'ର ସଦସ୍ୟ ଥିଲେ। ଏହାପୂର୍ବରୁ ମଧ୍ୟ ତାଙ୍କୁ ୨ ଥର ମରଣାତ୍ମକ ଆକ୍ରମଣ ହୋଇଥିଲା।

## ଫୁରସତ୍




### ଡେବ୍ୟୁ କରିବେ ଅନିଲ କପୁରଙ୍କ ଝିଆରୀ

ମୁମ୍ବାଇ

ବଲିଉଡ୍‌ରେ ଖୁବ୍‌ଶୀଘ୍ର ଆଉ ଜଣେ ଷ୍ଟାର୍‌କିଡ୍ ଡେବ୍ୟୁ କରିବାକୁ ଯାଉଛନ୍ତି। ସେ ହେଉଛନ୍ତି ଅଭିନେତା ସଞ୍ଜୟ କପୁରଙ୍କ ଝିଅ ଶନାୟା କପୁର। ଶନାୟା ତାଙ୍କର ଡେବ୍ୟୁ ଫିଲ୍ମ 'ଆଖୋଁ କିଁ ଗୁସ୍ତାକିଆଁ'ର ଶୁଟିଂ ଆରମ୍ଭ କରିଛନ୍ତି। ଏନେଇ ସେ ତାଙ୍କ ଇନ୍‌ଷ୍ଟାଗ୍ରାମରେ ଫିଲ୍ମ ଶୁଟିଂ ଶେଟ୍‌ର ଏକ ଫଟୋ ଶେୟାର କରି ସୂଚନା ଦେଇଛନ୍ତି। ଏହି ଚଳଚ୍ଚିତ୍ରରେ ଶନାୟାଙ୍କ ବିପକ୍ଷରେ ଅଭିନେତା ବିକ୍ରାନ୍ତ ମେସି ମୁଖ୍ୟ ଭୂମିକାରେ ନଜରକୁ ଆସିବେ। ସନ୍ତୋଷ ସିଂଙ୍କ ନିର୍ଦ୍ଦେଶନାରେ ପ୍ରସ୍ତୁତ ହେଉଥିବା 'ଆଖୋଁ କିଁ ଗୁସ୍ତାଖିଆଁ' ଫିଲ୍ମର କାହାଣୀ ଲେଖିଛନ୍ତି ମାନ୍‌ସୀ ବାଗଲା ଏବଂ ନିରଞ୍ଜନ ଆୟର। ତେବେ ଏହି ଫିଲ୍ମର ନିର୍ମାତାଙ୍କ ପକ୍ଷରୁ ଏବେ ସୁଦ୍ଧା ଏହାର ରିଲିଜ୍ ତାରିଖ ସମ୍ପର୍କରେ କରାଯାଇନାହିଁ। ଶନାୟା ବଲିଉଡ୍ ଇଣ୍ଡଷ୍ଟ୍ରିର ଏକ ଖ୍ୟାତନାମା ପରିବାରରୁ ଆସନ୍ତି। ତାଙ୍କ ବାପା ସଞ୍ଜୟ କପୁର ବଲିଉଡ୍‌ରେ ଅଭିନେତା ଭାବେ ଅନେକ ଚଳଚ୍ଚିତ୍ରରେ କାମ କରିଥିଲେ। ତେବେ ସଞ୍ଜୟଙ୍କୁ ଅଭିନୟରେ ବିଶେଷ ସଫଳତା ମିଳି ନ ଥିଲା। ସେହିପରି ଶନାୟାଙ୍କ ବଡ଼ବାପା ବୋନି କପୁର ବଲିଉଡ୍‌ର ଜଣେ ଖ୍ୟାତନାମା ଫିଲ୍ମ ନିର୍ମାତା ହୋଇଥିବାବେଳେ ତାଙ୍କର ଆଉଜଣେ ବଡ଼ବାପା ଅନିଲ କପୁର ଅଭିନେତା ଭାବେ ଇଣ୍ଡଷ୍ଟ୍ରିକୁ ଅନେକ ସଫଳ ଫିଲ୍ମ ଦେଇଛନ୍ତି। ଶନାୟାଙ୍କ ସମ୍ପର୍କୀୟ ଭଉଣୀ ସୋନମ କପୁର ମଧ୍ୟ ଅନେକ ବଲିଉଡ୍ ଫିଲ୍ମରେ ପ୍ରମୁଖ ଅଭିନେତ୍ରୀ ଭାବେ କାର୍ଯ୍ୟ କରିଛନ୍ତି। ନିକଟ ଅତୀତରେ ଅନେକ ଷ୍ଟାର୍‌କିଡ୍ ବଲିଉଡ୍ ଇଣ୍ଡଷ୍ଟ୍ରିରେ ଡେବ୍ୟୁ କରିଛନ୍ତି। ଗତ ୭ ତାରିଖରେ ରିଲିଜ୍ ହୋଇଥିବା 'ନାଦାନିଆଁ' ଫିଲ୍ମ ମାଧ୍ୟମରେ ଅଭିନେତା ସୈଫ୍ ଅଲୀ ଖାନ୍‌ଙ୍କ ପୁଅ ଇବ୍ରାହିମ ଅଲୀ ଖାନ୍ ଏବଂ ଫିଲ୍ମ ନିର୍ମାତା ବୋନି କପୁରଙ୍କ ଝିଅ ଖୁସି କପୁର ଏକସଙ୍ଗେ ଡେବ୍ୟୁ କରିଥିଲେ।

### ୧୮ ବର୍ଷୀୟଙ୍କ ମୁହଁରେ ସବୁଠୁ ବେଶି କେଶ

ଭୋପାଳ



ଲଳିତ ପାଟିଦାର

ମଧ୍ୟପ୍ରଦେଶର ରତ୍‌ନାମ ନିବାସୀ ଲଳିତ ପାଟିଦାର (୧୮)ଙ୍କ ନାମ ଗିନିଜ୍ ୱାର୍ଲ୍ଡ ରେକର୍ଡ୍ସ (ଜିଡବ୍ଲ୍ୟୁଆର୍)ରେ ସ୍ଥାନିତ ହୋଇଛି। ମୁହଁରେ ସବୁଠାରୁ ଅଧିକ କେଶ ଥିବା ବ୍ୟକ୍ତି ଭାବେ ଲଳିତ ଜିଡବ୍ଲ୍ୟୁଆର୍‌ର ଅଧିକାରୀ ହୋଇପାରିଛନ୍ତି। ସେ ଲମ୍ବା ସମୟ ଧରି ହାଇପର୍‌ଟ୍ରିଚୋସିସ୍ ନାମକ ଏକ ବିରଳ ରୋଗରେ ପୀଡ଼ିତ ଅଛନ୍ତି। ଏହି ରୋଗକୁ ୱେର୍‌ଓଲ୍ଫ ସିଣ୍ଡ୍ରୋମ ମଧ୍ୟ କୁହାଯାଏ, ଯାହାଫଳରେ ମଣିଷଙ୍କ ଚେହେରାରେ ଅନ୍ୟ ଲୋକଙ୍କ ତୁଳନାରେ ଅସାମାନ୍ୟ ଭାବେ କେଶ ଉଠିଯାଇଥାଏ।

ୱେରଓଲ୍ଫ ସିଣ୍ଡ୍ରୋମ ରୋଗ ଏତେ ବିରଳ ଯେ, ସମଗ୍ର ବିଶ୍ୱରେ ଏହି ରୋଗର କେବଳ ୫୦ଟି ମାମଲା ପଞ୍ଜୀକୃତ ହୋଇଛି। ଜିଡବ୍ଲ୍ୟୁଆର୍ ଅନୁଯାୟୀ, ଲଳିତଙ୍କ ମୁହଁର ପ୍ରତି ବର୍ଗ ସେଣ୍ଟିମିଟର ସ୍ଥାନରେ ୨୦୧.୭୨ କେଶ ରହିଛି। ତାଙ୍କ ଚେହେରାର ୯୫% ଅଂଶ ସମ୍ପୂର୍ଣ୍ଣ ଭାବେ କେଶ ଦ୍ୱାରା ଆଚ୍ଛାଦିତ ହୋଇରହିଛି। ଲଳିତଙ୍କ ଉଚ୍ଚତା ଏବଂ ଆକାର ଜଣେ ସାମାନ୍ୟ ଯୁବକଙ୍କ ପରି ହୋଇଥିବାବେଳେ ମୁହଁରେ ଅତ୍ୟଧିକ କେଶ ଯୋଗୁ ତାଙ୍କ ଚେହେରା ଅନ୍ୟମାନଙ୍କଠାରୁ ଭିନ୍ନ ଦେଖାଯାଇଥାଏ। ଲଳିତଙ୍କ ମୁହଁରେ ଥିବା କେଶ ଏତେ ଘନ ଯେ ତାଙ୍କ ଆଖି ବ୍ୟତୀତ ଆଉ କିଛି ଦେଖାଯାଏନାହିଁ। ତାଙ୍କର ଗାଲ, ନାକ, କପାଳ, ପାଟି, ଓଠ ଆଦି କେଶ ଦ୍ୱାରା ଆଚ୍ଛାଦିତ ହୋଇରହିଥାଏ। ଜିଡବ୍ଲ୍ୟୁଆର୍‌କୁ ଲଳିତ କହିଛନ୍ତି, ଯେତେବେଳେ ତାଙ୍କୁ ତାଙ୍କ ସହପାଠୀମାନେ ପ୍ରଥମେ ଦେଖିଥିଲେ, ସେତେବେଳେ ସେମାନେ ଡରିଯାଇଥିଲେ। ତେବେ ପରେ ଯେତେବେଳେ ସେମାନେ ତାଙ୍କ ବିଷୟରେ ଜାଣିବାକୁ ଚେଷ୍ଟା କରିଥିଲେ ଏବଂ ତାଙ୍କ ସହ କଥାବର୍ତ୍ତା ଆରମ୍ଭ କରିଥିଲେ, ସେତେବେଳେ ତାଙ୍କ ପ୍ରତି ସହପାଠୀମାନଙ୍କର ଧାରଣା ବଦଳିଥିଲା। ଅନ୍ୟମାନଙ୍କ ପରି ସେ ମଧ୍ୟ ଜଣେ ସାଧାରଣ ଯୁବକ ବୋଲି ତାଙ୍କ ସହପାଠୀମାନେ ବୁଝିପାରିଥିଲେ। ଲଳିତ କହିଛନ୍ତି, ଅନ୍ୟ ଲୋକଙ୍କଠାରୁ ସେ ଆଦୌ ଅଲଗା ନୁହନ୍ତି। ତାଙ୍କ ସ୍ୱଭାବ ମଧ୍ୟ ସାଧାରଣ ଲୋକଙ୍କ ପରି। କେବଳ ଚେହେରା ଦୃଷ୍ଟିରୁ ସେ ଅନ୍ୟମାନଙ୍କଠାରୁ ଭିନ୍ନ ଦେଖାଯାଇଥାନ୍ତି।

### ଛେଳି ଚୋରି ଅଭିଯୋଗରେ ଯୁବକଙ୍କୁ ପିଟି ମାରିଦେଲେ

ରାଞ୍ଚି, ୯।୩

ଝାଡ଼ଖଣ୍ଡର ଲାତେହାର ଜିଲା ଗୋୱା ଗ୍ରାମରେ ଛେଳି ଚୋରି ଅଭିଯୋଗରେ ଗ୍ରାମବାସୀ ଜଣେ ଯୁବକଙ୍କୁ ପିଟି ହତ୍ୟା କରିଛନ୍ତି। ଯୁବକଙ୍କ ନାମ ସଲିମ୍ ଖାନ୍ ହୋଇଥିବା ପୋଲିସ କହିଛି। ସେ ମଧ୍ୟପ୍ରଦେଶରୁ ଲାତେହାର ଇଟାଭାଟିରେ କାମ କରିବାକୁ ଆସିଥିଲେ। ଘଟଣାକୁ ନେଇ ପୋଲିସ ମାମଲା ରୁଜୁ କରିବା ସହ ୪ ଜଣଙ୍କୁ ଗିରଫକରି ସେମାନଙ୍କୁ ପଚରାଉଚରା ଜାରି ରଖିଛି। ପୋଲିସର ସୂଚନା ଅନୁଯାୟୀ, ଶନିବାର ବିଳମ୍ବିତ ରାତିରେ ସଲିମ୍ କେତେଜଣ ସ୍ଥାନୀୟ ଯୁବକଙ୍କ ସହିତ ମିଶି ମଦ ପିଇବା ସହ ଗୋୱା ଗ୍ରାମର ଏକ ଘରେ ବନ୍ଧା ହୋଇଥିବା ଛେଳିକୁ ଧରି ପଳାଇବା ଆରମ୍ଭ କରିଥିଲୋ। ଏହାକୁ ସ୍ଥାନୀୟ ଲୋକେ ଦେଖିଦେବା ସହ ଜୋର୍‌ରେ ଚିଲାଇବା ଆରମ୍ଭ କରିଥିଲେ। ଫଳରେ ଗ୍ରାମବାସୀ ଏକାଠିହୋଇ ଠେଙ୍ଗା ଓ ବାଡ଼ିରେ ସଲିମ୍‌ଙ୍କୁ ନିର୍ମମ ଭାବେ ପିଟିଥିଲେ, ଫଳରେ ତାଙ୍କର ମୃତ୍ୟୁ ଘଟିଥିଲା।

# ସଂଘର୍ଷ ସର୍ବଦା ସଫଳତା ଆଣିଥାଏ: ମୁଖ୍ୟମନ୍ତ୍ରୀ

■ ଆନନ୍ଦପୁର ମହାବିଦ୍ୟାଳୟର ୬୧ତମ ବାର୍ଷିକ ଉତ୍ସବ
■ ୧୬ ପ୍ରକଳ୍ପ ଉଦ୍‌ଘାଟନ, ୩୧ର ଭିତ୍ତିପ୍ରସ୍ତର ସ୍ଥାପନ

କେନ୍ଦୁଝର/ଆନନ୍ଦପୁର,୯।୩ (ନରେଶ ଚନ୍ଦ୍ର ପଟ୍ଟନାୟକ/ ସୁଶାନ୍ତ କୁମାର ସାହୁ)

ଛାତ୍ରଜୀବନ ସର୍ବଦା ସଂଘର୍ଷମୟ। ଏହି ସଂଘର୍ଷ ହିଁ ଛାତ୍ରୀଛାତ୍ରଙ୍କୁ ସଫଳ କରାଏ। ନିଜ ପରିଶ୍ରମ ଏବଂ ଶିକ୍ଷୟିତ୍ରୀ, ଶିକ୍ଷକଙ୍କ ଆଶୀର୍ବାଦ ହିଁ ଲକ୍ଷ୍ୟସ୍ଥଳରେ ପହଞ୍ଚାଇବ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ରବିବାର କେନ୍ଦୁଝର ଜିଲା ଆନନ୍ଦପୁର ମହାବିଦ୍ୟାଳୟର ୬୧ତମ ବାର୍ଷିକ ଉତ୍ସବରେ ମୁଖ୍ୟ ଅତିଥିଭାବେ ଯୋଗଦେଇ ଛାତ୍ରୀଛାତ୍ରଙ୍କୁ ଉଦ୍‌ବୋଧନ ଦେଇ କହିଥିଲେ।

ମୁଖ୍ୟମନ୍ତ୍ରୀ ଆହୁରି କହିଥିଲେ, ଆନନ୍ଦପୁର ମହାବିଦ୍ୟାଳୟର ଶୈକ୍ଷିକ ପରିବେଶ ଅନନ୍ୟ। ଏପରି ଏକ ମହାନ୍ ଅନୁଷ୍ଠାନରେ ଅଧ୍ୟୟନ ସୁଯୋଗ ପାଇଥିବାରୁ ମୁଁ ନିଜକୁ ଧନ୍ୟ ମନେକରେ। ପଢୁଥିବା ସମୟର ଅନେକ ଘଟଣା ମନେପକାଇବା ସହିତ ବରିଷ୍ଠ ବନ୍ଧୁଙ୍କ ସାହାଯ୍ୟ ସମ୍ପର୍କରେ କହିଥିଲେ। ଏଥିସହ ଉଚ୍ଚଶିକ୍ଷାରେ ରାଜ୍ୟ ସରକାର ଏକ ଯୁଗାନ୍ତକାରୀ ପରିବର୍ତ୍ତନ ଆଣିଛନ୍ତି। ଉଭୟ ଶିକ୍ଷା ଏବଂ ପରୀକ୍ଷାରେ ସଂସ୍କାର ଆସିଛି। ବିଦ୍ୟାର୍ଥୀମାନେ କିପରି ମେରିଟ୍ ଅନୁଯାୟୀ ଚାକିରି ଏବଂ ଉଚ୍ଚଶିକ୍ଷା ପାଇବେ ସେଥିପାଇଁ ଆମେ କାର୍ଯ୍ୟ କରୁଛୁ। ଛାତ୍ରୀଛାତ୍ର ସଂଘର୍ଷ ଜାରି ରଖନ୍ତୁ। ସଂଘର୍ଷ ହିଁ ସଫଳତା ଆଣିଥାଏ। ଆଗାମୀ ପାଞ୍ଚବର୍ଷରେ ଅତିକମ୍‌ରେ ୨ ଲକ୍ଷ ସରକାରୀ ଚାକିରିର ଦ୍ୱାର ଆପଣଙ୍କ ପାଇଁ ଅପେକ୍ଷା କରିଛି, ଯାହା ସ୍ୱଚ୍ଛ ଏବଂ ଦୁର୍ନୀତିମୁକ୍ତ ପ୍ରକ୍ରିୟାରେ ହେବ। ଶିକ୍ଷା ପାଇଁ ୪୧ ହଜାର ୨୭୩ କୋଟି ଟଙ୍କା ପ୍ରାବଧାନ କରାଯାଇଛି, ଯାହା ମୋଟ୍ ବଜେଟର ୧୪.୨ପ୍ରତିଶତ ଏବଂ ଜିଏସ୍‌ଡିପିର ୩.୯%। ସାରାଦେଶରେ ପ୍ରାୟ ସବୁଠାରୁ ଅଧିକ। କେବଳ ଉଚ୍ଚଶିକ୍ଷା ପାଇଁ ୩ ହଜାର ୬୫୫ କୋଟି ଟଙ୍କାର ପ୍ରାବଧାନ କରାଯାଇଛି ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ।

ଏହି ଅବସରରେ ମୁଖ୍ୟମନ୍ତ୍ରୀ ଆନନ୍ଦପୁର ଉପଖଣ୍ଡ ନିମନ୍ତେ ପ୍ରାୟ ୪୨ କୋଟି ଟଙ୍କାର ୧୬ଟି ପ୍ରକଳ୍ପର ଶୁଭ ଉଦ୍‌ଘାଟନ କରିଥିଲେ। ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ପାଇଁ ପ୍ରାୟ ୧୧୮ କୋଟି ଟଙ୍କା ବ୍ୟୟର ୩୧ ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି। ଏଥିସହ ଆନନ୍ଦପୁର ମହାବିଦ୍ୟାଳୟ ଭିତ୍ତିଭୂମିର ବିକାଶ, ମଲ୍ଟିପର୍ପୋଜ୍ ହଲ୍ ନିର୍ମାଣ, ସେମିନାର ହଲ୍ ନିର୍ମାଣ, ଖେଳପଡ଼ିଆର ଉନ୍ନତୀକରଣ ନିମନ୍ତେ ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ୩ କୋଟି, ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିରୁ ୨ କୋଟି, କେନ୍ଦୁଝର ଡିଏମ୍‌ଏଫ୍ ପାଣ୍ଠିରୁ ୨ କୋଟି ଟଙ୍କା ଘୋଷଣା କରିଥିଲେ। ଆନନ୍ଦପୁର ମହାବିଦ୍ୟାଳୟକୁ ସ୍ୱୟଂଶାସିତ ମହାବିଦ୍ୟାଳୟର ମାନ୍ୟତା ପାଇଁ ସମସ୍ତ କାର୍ଯ୍ୟ ସମ୍ପାଦନ ଲାଗି ନିର୍ଦ୍ଦେଶ ଦେଇଥିଲେ। ସେହିପରି ମୁଖ୍ୟମନ୍ତ୍ରୀ ଆନନ୍ଦପୁର ଉପଖଣ୍ଡ ମୁଖ୍ୟ ଚିକିତ୍ସାଳୟର ଉନ୍ନତୀକରଣ ନିମନ୍ତେ ୨ କୋଟି, ଆନନ୍ଦପୁରଠାରେ ଥିବା ଷ୍ଟାଡିୟମର ପୂର୍ଣ୍ଣାଙ୍ଗ କଳେବର ପାଇଁ ୨୦ କୋଟି ଟଙ୍କାର ଆର୍ଥିକ ସହାୟତା ଘୋଷଣା କରିଛନ୍ତି। ସମ୍ମାନିତ ଅତିଥିଭାବେ ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଅନ୍ୟମାନଙ୍କ ମଧ୍ୟରେ କେନ୍ଦୁଝର ଏମ୍‌ପି ଅନନ୍ତ ନାୟକ, ଘସିପୁରା ବିଧାୟକ ବଦ୍ରି ନାରାୟଣ ପାତ୍ର, ଆନନ୍ଦପୁର ବିଧାୟକ ଅଭିମନ୍ୟୁ ସେଠୀ ପ୍ରମୁଖ ଯୋଗଦାନ କରିଥିଲେ। ଅଧ୍ୟକ୍ଷ ଡ. ନାରାୟଣ ମିଶ୍ର ସ୍ୱାଗତ ଭାଷଣ ଦେଇଥିଲେ।


ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ପ୍ରାଣୀ ବିଜ୍ଞାନରେ ବିଶ୍ୱବିଦ୍ୟାଳୟ ଟପ୍ପର ହୋଇଥିବା ଛାତ୍ରୀଙ୍କୁ ସମ୍ମାନିତ କରୁଛନ୍ତି। ନିକଟରେ ଉଚ୍ଚଶିକ୍ଷାମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଓ କେନ୍ଦୁଝର ଏମ୍‌ପି ଅନନ୍ତ ନାୟକ ଉପସ୍ଥିତ ଅଛନ୍ତି।

# ୧୯ରେ ନିଖିଳ ଓଡ଼ିଶା ଜୀବିକା ମିଶନ ଇସି ସଂଘର ଦିବାରାତ୍ର ଗଣଧାରଣା

ଭୁବନେଶ୍ୱର,୯।୩ (ସୁଚିସ୍ମିତା ସାହୁ)

**ରାଜ୍ୟସ୍ତରୀୟ କନ୍‌ଭେନଶନ**

କେନ୍ଦ୍ର ସରକାରଙ୍କ ଏନ୍‌ଆର୍‌ଏଲ୍‌ଏମ୍ ସ୍କିମ ଅନ୍ତର୍ଗତ ଓଡ଼ିଶା ଜୀବିକା ମିଶନ ଏବଂ ଓଡ଼ିଶା ମିଶନ ଶକ୍ତି ଅଧୀନରେ କାର୍ଯ୍ୟରତ ପ୍ରମୁଖ ସ୍କିମ୍ ୱାର୍କର କାର୍ଯ୍ୟନିର୍ବାହୀ(ଇସି) ସଦସ୍ୟଙ୍କୁ ପୁନର୍ଗଠନ ନାମରେ ମହିଳା ବିରୋଧୀ ପ୍ରତିହିଂସା ପରାୟଣ ପଦକ୍ଷେପକୁ ଗ୍ରାମାଞ୍ଚଳରୁ ରାଜଧାନୀ ପର୍ଯ୍ୟନ୍ତ ପ୍ରତିବାଦ କରାଯିବ। ଏନେଇ ନିଖିଳ ଓଡ଼ିଶା ଜୀବିକା ମିଶନ ଇସି ସଂଘ ପକ୍ଷରୁ ଆସନ୍ତା ୧୧ ଓ ୧୨ ତାରିଖରେ ରାଜ୍ୟବ୍ୟାପୀ ବ୍ଲକସ୍ତରୀୟ ବିକ୍ଷୋଭ ଓ ପ୍ରତିବାଦ କରାଯିବା ସହିତ ପ୍ରତି ଗ୍ରାମ ପଞ୍ଚାୟତରେ ମହିଳା ଅଧିକାର ଆନ୍ଦୋଳନ ସଂକଳ୍ପର ପ୍ରଦୀପ ପ୍ରଜ୍ୱଳନ କରାଯିବ। ଏଥିସହ ମାର୍ଚ୍ଚ ୧୯ରେ ବିଧାନସଭା ସମ୍ମୁଖରେ ଦାବିପୂରଣ ପର୍ଯ୍ୟନ୍ତ ଦିବାରାତ୍ର ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ଗଣଧାରଣା ଚାଲୁ ରହିବ ବୋଲି ସଂଘ ସଭାପତି ଜୟନ୍ତ ଦାସ କହିଛନ୍ତି।

ନିଖିଳ ଓଡ଼ିଶା ଜୀବିକା ମିଶନ ଇସି ସଂଘ ପକ୍ଷରୁ ରବିବାର ରାଜ୍ୟସ୍ତରୀୟ କନ୍‌ଭେନସନ ଭୁବନେଶ୍ୱର କସ୍ତୁରବା ନାରୀ ମହଲଠାରେ ସଂଘର ସଭାପତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା। ଏଥିରେ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ଗଠନ, ମହିଳା ସ୍ୱୟଂ ସହାୟକ ଗୋଷ୍ଠୀର ସଞ୍ଚୟ ଜମା ବୃଦ୍ଧି ପାଇଁ ପ୍ରବର୍ତ୍ତାଇବା, ଜୀବିକା ଅର୍ଜନ ପାଇଁ ବିଭିନ୍ନ ଋଣ ସହାୟତାର ବ୍ୟାଙ୍କ ସଂଯୋଗ କରାଇବା ଭଳି ବିଭିନ୍ନ ଦାବି ଉପରେ ଆଲୋଚନା ହୋଇଥିଲା। ତେବେ ଏହି ପୁନର୍ଗଠନରେ ୬ଲକ୍ଷରୁ ଅଧିକ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀର ସଭାପତି ସମ୍ପାଦକଙ୍କୁ ମିଶାଇ ୧୨ଲକ୍ଷରୁ ଅଧିକ ମହିଳାଙ୍କୁ ବହିଷ୍କାର ନିର୍ଦ୍ଦେଶ ଦିଆଯାଇଛି। ଏପରିକି ସେମାନେ ସଭାପତି ବା ସମ୍ପାଦକ ପଦବୀ ପାଇଁ ପ୍ରାର୍ଥୀ ମଧ୍ୟ ହୋଇପାରିବେ ନାହିଁ। ଏହା ମିଶନ ଶକ୍ତି ମହାଦ୍ରୁମକୁ ଧ୍ୱଂସ କରି ଓ ମହିଳାଙ୍କୁ ସଶକ୍ତ କରାଇବା ପରିବର୍ତ୍ତେ ଆବଦ୍ଧ କରାଇବ ବୋଲି କୁହାଯାଇଛି। ସମ୍ମିଳନୀରେ ଏଆଇଟିୟୁସି ରାଜ୍ୟ ସାଧାରଣ ସମ୍ପାଦକ ବିଜୟ ଜେନା, ଏଆଇଏସ୍‌ଏଫ ରାଜ୍ୟ ସଭାପତି ସଂଘମିତ୍ରା ଜେନା, ସଂଘର ପୁଷ୍ପାଞ୍ଜଳୀ ଜେନା, ମୀରା ମହାନ୍ତି, ଶୈଳବାଳା ରଥ ପ୍ରମୁଖ ଉପସ୍ଥିତ ରହି ଆଲୋଚନା କରିଥିଲେ।






# ଅନ୍ତର୍ଜାତୀୟ ବିଜ୍ଞାନ ପ୍ରଦର୍ଶନୀରେ ଭାଗନେବେ ବେଗୁନିଆର ସୁଶ୍ରୀ ତେଜସ୍ୱୀ

ବେଗୁନିଆ,୯।୩(ସନ୍ଧ୍ୟାରାଣୀ ମିଶ୍ର)

ଅନ୍ତର୍ଜାତୀୟ ବିଜ୍ଞାନ ପ୍ରଦର୍ଶନୀରେ ଭାଗ ନେବା ପାଇଁ ଖୋର୍ଦ୍ଧା ଜିଲା ବେଗୁନିଆର ସୁଶ୍ରୀ ତେଜସ୍ୱୀ ମନୋନୀତ ହୋଇଛନ୍ତି। ସେ ଜାପାନର ସାକୁରା ବିଜ୍ଞାନ ଉଚ୍ଚ ବିଦ୍ୟାଳୟରେ ହେବାକୁ ଥିବା ବିଜ୍ଞାନ ପ୍ରଦର୍ଶନୀରେ ଭାଗ ନେବେ। ତାଙ୍କ ପ୍ରକଳ୍ପ ଇକୋ ସ୍ୟାନ(ଲେଡିଜ ଲାଇଫ ଗାର୍ଡ)ରାଜ୍ୟସ୍ତରରେ ମନୋନୀତ ହେବା ପରେ ଗତ ବର୍ଷ ସେପ୍ଟେମ୍ବର ୧୭ରୁ ୧୯ତାରିଖ ପର୍ଯ୍ୟନ୍ତ ନୂଆଦିଲ୍ଲୀର ପ୍ରଗତି ମୈଦାନରେ ଅନୁଷ୍ଠିତ ଜାତୀୟ ବିଜ୍ଞାନ ପ୍ରଦର୍ଶନୀରେ ପ୍ରଶଂସିତ ହୋଇଥିଲା। ତେଜସ୍ୱୀ ଅନ୍ତର୍ଜାତୀୟ ବିଜ୍ଞାନ ପ୍ରଦର୍ଶନୀରେ ଭାଗ ନେବା ପାଇଁ ମନୋନୀତ ହୋଇଥିବାରୁ ବିଭିନ୍ନ ବ୍ୟକ୍ତିବିଶେଷ ତାଙ୍କୁ ଶୁଭେଚ୍ଛା ଜଣାଇବା ସହିତ ତାଙ୍କର ଉଜ୍ଜଳମୟ ଭବିଷ୍ୟତ କାମନା କରିଛନ୍ତି। ତେଜସ୍ୱୀ ବେଗୁନିଆ ଗ୍ରାମର ଅବସରପ୍ରାପ୍ତ ବ୍ୟାଙ୍କ ପରିଚାଳକ ଦୀନବନ୍ଧୁ ଦାଶଙ୍କ ନାତୁଣୀ ଏବଂ ଲିନା ଦାଶଙ୍କ ଝିଅ। ତେଜସ୍ୱୀ ବର୍ତ୍ତମାନ ଭୁବନେଶ୍ୱରସ୍ଥିତ ମଦର୍ସ ପବ୍ଲିକ ସ୍କୁଲରେ ନବମ ଶ୍ରେଣୀରେ ପଢୁଥିବାବେଳେ ଅନ୍ତର୍ଜାତୀୟ ବିଜ୍ଞାନ ପ୍ରଦର୍ଶନୀରେ ଭାଗ ନେବାକୁ ମନୋନୀତ ହୋଇ ଅନ୍ୟ ଛାତ୍ରୀଛାତ୍ରଙ୍କ ପାଇଁ ଉଦାହରଣ ସାଜିଛନ୍ତି।



# ଭୁଲ୍ ଇଞ୍ଜେକେଶନ ଯୋଗୁ ମହିଳାଙ୍କ ମୃତ୍ୟୁ ଅଭିଯୋଗ

ବାହାନଗା, ୯।୩ (ଅରୂପ କୁମାର ଦାସ)

ବାଲେଶ୍ୱର ଜିଲା ବାହାନଗା ବ୍ଲକ ଖନ୍ତାପଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଜଣେ ମହିଳା ଶ୍ୱାସରୋଗୀଙ୍କୁ ଭୁଲ ଇଞ୍ଜେକଶନ ଦିଆଯିବାରୁ ତାଙ୍କର ମୃତ୍ୟୁ ହୋଇଥିବା ତାଙ୍କ ସ୍ୱାମୀ ଅଭିଯୋଗ କରିଛନ୍ତି। ଖନ୍ତାପଡା ପଞ୍ଚାୟତ ନାଛିନିନ୍ଦା ଗ୍ରାମର ସୁନୀଲ ମଲିକଙ୍କ ସ୍ତ୍ରୀ ସଙ୍ଗୀତା (୨୭)ଙ୍କର ଶନିବାର ଅପରାହ୍ନରେ ଶ୍ୱାସ ରୋଗ ବାହାରିଥିଲା। ସେ ତାଙ୍କ ସ୍ୱାମୀଙ୍କ ସହ ମୋଟରସାଇକେଲ ଯୋଗେ ଖନ୍ତାପଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆସିଥିଲେ। ସେଠାରେ ମେଡିକାଲ ତରଫରୁ ସୁନୀଲଙ୍କୁ ବାହାରୁ ଔଷଧ ଆଣିବା ପାଇଁ କୁହାଯାଇଥିଲା। ସୁନୀଲ ଔଷଧ ଆଣିବାକୁ ଯିବା ସମୟରେ ନର୍ସମାନେ ସଙ୍ଗୀତାଙ୍କୁ ଇଞ୍ଜେକ୍ସନ ଦେଇଥିଲେ। ଇଞ୍ଜେକ୍ସନ ଦେବାର କିଛି ସମୟ ପରେ ସଙ୍ଗୀତା ତଳେ ପଡିଯାଇଥିଲେ। ସୁନୀଲ ଔଷଧ ଧରି ପହଞ୍ଚିବା ବେଳକୁ ମେଡିକାଲ ତରଫରୁ ସଙ୍ଗୀତାଙ୍କୁ ଆମ୍ବୁଲାନ୍ସ ଯୋଗେ ବାଲେଶ୍ୱର ପଠାଇ ଦେଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏହି ଘଟଣା ପରେ ଡାକ୍ତରଖାନା ପରିସରରେ ଉତ୍ତେଜନା ଦେଖା ଦେଇଥିଲା।

# ସଡ଼କ ଦୁର୍ଘଟଣାରେ ଦମ୍ପତି ମୃତ

ତାଳଚେର, ୯।୩ (ମନୋଜ ନନ୍ଦ)

ତାଳଚେର ସହର ଦେଇ ଯାଇଥିବା ୧୪୯ ନମ୍ବର ଜାତୀୟ ରାଜପଥର କଣ୍ଡାଳ ପେଟ୍ରୋଲ ପମ୍ପ ନିକଟରେ ରବିବାର ସଡ଼କ ଦୁର୍ଘଟଣାରେ ଦମ୍ପତିଙ୍କ ମୃତ୍ୟୁ ଘଟିଛି। ସେମାନେ ହେଲେ ସମଲ ଶିଶୁମନ୍ଦିରର ଶିକ୍ଷକ ମଦନ ମୋହନ ସାହୁ (୫୫) ଓ ଶିକ୍ଷୟିତ୍ରୀ ଚତୁରୀ ସାହୁ। ସମ୍ପର୍କୀୟଙ୍କ ବାହାଘର ପାଇଁ ତାଳଚେରରୁ ମାର୍କେଟିଂ ସାରି ଫେରୁଥିଲା ବେଳେ ଏହି ଦୁର୍ଘଟଣା ଘଟିଥିଲା। ମଦନ ଓ ତାଙ୍କ ସ୍ତ୍ରୀ ଚତୁରୀ ତାଳଚେର ହାଟତୋଟାରୁ ମାର୍କେଟିଂ ସାରି ଏକ ବାଇକ୍‌ରେ ସମଲ ଅଞ୍ଚଳକୁ ଫେରୁଥିଲେ। କଣ୍ଡାଳ ପେଟ୍ରୋଲ ପମ୍ପରେ ବାଇକ୍‌ରେ ତେଲ ପକାଇବାକୁ ପେଟ୍ରୋଲ ପମ୍ପକୁ ଯାଉଥିବା ବେଳେ ଏକ ହାଇୱା ଟ୍ରକ ତାଙ୍କୁ ଧକ୍କା ଦେଇ ଫେରାର ହୋଇଯାଇଥିଲା। ଘଟଣାସ୍ଥଳରେ ଉତ୍ତେଜନା ପ୍ରକାଶ ପାଇବାରୁ ଖବର ପାଇ ତାଳଚେର ପୋଲିସ ପହଞ୍ଚି ଲୋକମାନଙ୍କୁ ବୁଝାସୁଝା କରି ପରିସ୍ଥିତିକୁ ନିୟନ୍ତ୍ରଣ କରିବା ସହିତ ମୃତ ଦମ୍ପତିଙ୍କୁ ତାଳଚେର ଉପଖଣ୍ଡ ଡାକ୍ତରଖାନାରେ ଭର୍ତ୍ତି କରିଥିଲା। ଡାକ୍ତର ସେମାନଙ୍କୁ ମୃତ ଘୋଷଣା କରିଥିଲେ।







# ଆଜି କ'ଣ କେଉଁଠି

## ଭୁବନେଶ୍ୱର

- ଓଡ଼ିଶା ଅଭିଭାବକ ମହାସଂଘର ଅନଶନ, ସ୍ଥାନ: ଗାନ୍ଧୀ ମାର୍ଗ, ସମୟ: ପୂର୍ବାହ୍ନ ୧୦ଟା ୩୦।
- ଅନୁସୂଚିତ ଜାତି ଜନଜାତି ବିଭାଗ ହଷ୍ଟେଲ ରୋଷେୟା ତଥା ସେବାୟନ ସଂଘ ଆହ୍ୱାନରେ ବିକ୍ଷୋଭ, ସ୍ଥାନ: ଲୋୟର ପିଏମ୍‌ଜି, ସମୟ: ପୂର୍ବାହ୍ନ ୧୧ଟା।
- ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଏବଂ ସଂସ୍କୃତି ବିଭାଗ, ଭାରତ ସରକାର ତଥା ଅସୀମ ବସୁ ଫାଉଣ୍ଡେଶନ ପକ୍ଷରୁ ଅସୀମ ନାଟ୍ୟ ଉତ୍ସବର ନାଟକ 'ବିଦ୍ରୋହ ନିଜ ବିରୁଦ୍ଧରେ, ସ୍ଥାନ: ଭଞ୍ଜକଳା ମଣ୍ଡପ, ସମୟ: ସନ୍ଧ୍ୟା ୭ଟା ୧୫।

## ବାଲେଶ୍ୱର

- ମିଳିତ ଜନ ଅଭିଯୋଗ ଶୁଣାଣି ଶିବିର, ସ୍ଥାନ: ବ୍ଲକ ପରିସର, ବସ୍ତା, ସମୟ: ପୂର୍ବାହ୍ନ ୧୦ଟା।
- କଂଗ୍ରେସ ପକ୍ଷରୁ ଶୋଭାଯାତ୍ରା, ସ୍ଥାନ: ଗାନ୍ଧି ସ୍ମୃତି ଭବନ, ବାଲେଶ୍ୱର, ସମୟ: ପୂର୍ବାହ୍ନ ୧୧ଟା।
- ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ, ସ୍ଥାନ: ଜିଲାପାଳଙ୍କ କାର୍ଯ୍ୟାଳୟ, ବାଲେଶ୍ୱର, ସମୟ: ପୂର୍ବାହ୍ନ ୧୧ଟା ୩୦।

## ଭଦ୍ରକ

- ହନୁମାନ ମନ୍ଦିରର ଷୋଡ଼ଶ ବାର୍ଷିକ ଉତ୍ସବ ଓ ଯଜ୍ଞ, ସ୍ଥାନ: ଆର୍ତ୍ତୁଂ ମହାବୀର ମନ୍ଦିର ପରିସର, ବାସୁଦେବପୁର, ସମୟ: ସକାଳ ୮ଟା।
- ମହାବିନାୟକଙ୍କ ଚବିଶ ପ୍ରହର ନାମଯଜ୍ଞ, ସ୍ଥାନ: ଖରିଦା ବିନାୟକପୁର ହାଟପଡ଼ିଆ, ବାସୁଦେବପୁର, ସମୟ: ସକାଳ ୯ଟା।
- ମିଳିତ ଜନଶୁଣାଣି ଶିବିର, ସ୍ଥାନ: ବ୍ଲକ ସମ୍ମିଳନୀ କକ୍ଷ, ଚାନ୍ଦବାଲି, ସମୟ: ପୂର୍ବାହ୍ନ ୧୦ଟା।
- ଆଖୁଆପଦା ସରକାରୀ ବିଦ୍ୟାଳୟର ବାର୍ଷିକ ଉତ୍ସବ, ସ୍ଥାନ: ଭଣ୍ଡାରିପୋଖରୀ, ସମୟ: ପୂର୍ବାହ୍ନ ୧୧ଟା।
- ଖବରଦାତା ସମ୍ମିଳନୀ, ସ୍ଥାନ: ବ୍ଲୁ ଭାଇନ ହୋଟେଲ, ବାଇପାସ୍, ଭଦ୍ରକ, ସମୟ: ପୂର୍ବାହ୍ନ ୧୧ଟା।
- ଶିକ୍ଷାବିତ୍ ଉତ୍କଳରତ୍ନ ସ୍ୱର୍ଗତ ଶତ୍ରୁଘ୍ନ ନାଥଙ୍କ ଶ୍ରାଦ୍ଧବାର୍ଷିକୀ, ସ୍ଥାନ: ଜିଲା ସଂସ୍କୃତି ଭବନ, ଭଦ୍ରକ, ସମୟ: ଅପରାହ୍ନ ୪ଟା ୩୦।
- ସର୍ବଭାରତୀୟ ପାରେଶ୍ୱର ମେମୋରିଆଲ ଭଲିବଲ୍ ଟୁର୍ନାମେଣ୍ଟ ଉଦ୍‌ଘାଟନ, ସ୍ଥାନ: ମଣ୍ଡଳପୋଖରୀ ଖେଳପଡ଼ିଆ, ବାସୁଦେବପୁର, ସମୟ: ଅପରାହ୍ନ ୫ଟା।
- ସଡ଼କ ସୁରକ୍ଷା ସଚେତନତା ସଭା, ସ୍ଥାନ: ନୀଳମଣି ଟାଉନହଲ୍, ବାସୁଦେବପୁର, ସମୟ: ସନ୍ଧ୍ୟା ୬ଟା।

## କେନ୍ଦୁଝର

- ରାଧାକୃଷ୍ଣଙ୍କ ବିଗ୍ରହ ପ୍ରତିଷ୍ଠା, ସ୍ଥାନ: ତାଙ୍ଗରପଡ଼ା ପଞ୍ଚାୟତ ବାଦୁଡି ଘେରା, ପାଟଣା, ସମୟ: ପୂର୍ବାହ୍ନ ୧୧ଟା।

## ମୟୂରଭଞ୍ଜ

- ମିଳିତ ଜନଅଭିଯୋଗ ଶୁଣାଣି ଶିବିର, ସ୍ଥାନ: ଉପଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷ, ରାଇରଙ୍ଗପୁର, ସମୟ: ପୂର୍ବାହ୍ନ ୧୦ଟା।
- କଂଗ୍ରେସ ପକ୍ଷରୁ ଜିଲାପାଳଙ୍କ କାର୍ଯ୍ୟାଳୟ ଘେରାଉ, ସ୍ଥାନ: ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖ, ବାରିପଦା, ସମୟ: ପୂର୍ବାହ୍ନ ୧୦ଟା।
- ଜାଗର ମେଳା ଓ ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ଥାନ: ମାଣତ୍ରୀସ୍ଥିତ ବାବା କଖାରୁଆ ବୈଦ୍ୟନାଥ ମନ୍ଦିର, ବଡ଼ସାହି, ସମୟ: ପୂର୍ବାହ୍ନ ୧୦ଟା।

## ନୟାଗଡ଼

- ସମୂହ ବ୍ରତୋପନୟକ, ସ୍ଥାନ: କଣ୍ଟିଲୋ ପଞ୍ଚମୁଖୀ ହନୁମାନ ମନ୍ଦିର, ସମୟ: ପୂର୍ବାହ୍ନ ୭ଟା।
- ରାମ ମନ୍ଦିର ପ୍ରତିଷ୍ଠା ଉତ୍ସବର ଅନ୍ତିମ ଦିବସ, ସ୍ଥାନ: ଖଣ୍ଡପଡ଼ା ରାମ ମନ୍ଦିର ପରିସର, ସମୟ: ପୂର୍ବାହ୍ନ ୧୦ଟା।
- ବିଶ୍ୱଶାନ୍ତି ଯଜ୍ଞ ଅବସରରରେ ମଣ୍ଡଳକରଣ, ଜଳଯାତ୍ରା, ପୂଜା ଓ ଆହୁତି, ସ୍ଥାନ: ନୟାଗଡ଼ ବ୍ଲକର ଭାଟସାହି ସିଦ୍ଧେଶ୍ୱର ଜୀଉଙ୍କ ପୀଠ, ସମୟ:ପୂର୍ବାହ୍ନ ୧୦ଟା।

## ରାୟଗଡ଼ା

- ଜିଲାପାଳଙ୍କ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମ, ସ୍ଥାନ: ଗୁଣପୁର ଉପ ଜିଲାପାଳଙ୍କ ସଦ୍‌ଭାବନା ଗୃହ, ସମୟ: ପୂର୍ବାହ୍ନ ୧୦ଟା।
- ଗ୍ରାମ ପଞ୍ଚାୟତ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମ, ସ୍ଥାନ: କାର୍ତିକଗୁଡା ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟ,କୋଲନରା,ସମୟ: ପୂର୍ବାହ୍ନ ୧୦ ଟା।
- ଜିଲା କଂଗ୍ରେସ ପକ୍ଷରୁ ଜିଲାପାଳଙ୍କ କାର୍ଯ୍ୟାଳୟ ଘେରାଉ କାର୍ଯ୍ୟକ୍ରମ, ସ୍ଥାନ– ଜିଲାପାଳଙ୍କ କାର୍ଯ୍ୟାଳୟ, ରାୟଗଡ଼ା, ସମୟ ; ପୂର୍ବାହ୍ନ ୧୧ଟା।
- ମା' ଠାକୁରାଣୀଙ୍କ ଘଟ ପର୍ବ ନିମନ୍ତେ ସ୍ଥାନୀୟ ପ୍ରଶାସନର ମିଳିତ ବୈଠକ, ସ୍ଥାନ ; ଜଗନ୍ନାଥ ମନ୍ଦିର ପରିସର, ଗୁଡାରି, ସମୟ: ସନ୍ଧ୍ୟା ୬ ଟା।

## ନବରଙ୍ଗପୁର

- ଯୁଗ୍ମ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମ, ସ୍ଥାନ: ରାଇଘର ବ୍ଲକ ଅଫିସ୍, ସମୟ: ପୂର୍ବାହ୍ନ ୧୦ଟା ୩୦।

## କୋରାପୁଟ

- ମିଳିତ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମ, ସ୍ଥାନ: କୋଟପାଡ଼ ବ୍ଲକ୍ କାର୍ଯ୍ୟାଳୟ ପରିସର, ସମୟ: ପୂର୍ବାହ୍ନ ୧୦ଟା।
- ପଞ୍ଚାୟତସ୍ତରୀୟ ମିଳିତ ଜନଶୁଣାଣି, ସ୍ଥାନ: ପଞ୍ଚାୟତ କାର୍ଯ୍ୟାଳୟ, ମାଥାଲପୁଟ, ସମୟ: ପୂର୍ବାହ୍ନ ୧୦ଟା।
- ପଞ୍ଚାୟତସ୍ତରୀୟ ଜନଶୁଣାଣି, ସ୍ଥାନ: ରେଙ୍ଗା ପଞ୍ଚାୟତ କାର୍ଯ୍ୟାଳୟ, ସେମିଳିଗୁଡା ବ୍ଲକ୍, ସମୟ: ପୂର୍ବାହ୍ନ ୧୦ଟା।
- ସିବିଏସ୍‌ଇ ମାଟ୍ରିକ ଗଣିତ ପରୀକ୍ଷା, ସ୍ଥାନ: ପିଏମ୍‌ଶ୍ରୀ ଜବାହର ନବୋଦୟ ବିଦ୍ୟାଳୟ, କୋରାପୁଟ, ସମୟ: ପୂର୍ବାହ୍ନ ୧୦ଟା ୩୦।

## ସମ୍ବଲପୁର

- ଜିଲା ପ୍ରଶାସନର ମିଳିତ ଜନ ଶୁଣାଣୀ କାର୍ଯ୍ୟକ୍ରମ, ସ୍ଥାନ : ଜମନକିରା ବ୍ଲକ ପରିସର, ସମୟ : ପୂର୍ବାହ୍ନ ୧୦ଟା।
- ସୀମା ପ୍ରି– ପ୍ରାଇମେରୀ ବିଦ୍ୟାଳୟର ବାର୍ଷିକ ଉତ୍ସବ, ସ୍ଥାନ : କମଳିବଜାର ସ୍ଥିତ ଗାୟତ୍ରୀ ଶକ୍ତିପୀଠ, ସମୟ : ପୂର୍ବାହ୍ନ ୧୦ଟା।
- ଜିଲା ପ୍ରଶାସନ ଆୟୋଜନରେ ସୁଭଦ୍ରା ଶକ୍ତି ମେଳାରେ ସମ୍ବଲପୁରୀ ଲୋକ ନୃତ୍ୟ କାର୍ଯ୍ୟକ୍ରମ, ସ୍ଥାନ: ଅଇଁଠାପାଲି ପିଏଚ୍‌ଡି ପଡିଆ, ସମୟ : ସନ୍ଧ୍ୟା ୬ଟା।

## ବଲାଙ୍ଗୀର

- ଜିଲାସ୍ତରୀୟ ଜନଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମ, ସ୍ଥାନ: ବେଲପଡା ବ୍ଲକ କାର୍ଯ୍ୟାଳୟ, ବେଲପଡା, ସମୟ: ପୂର୍ବାହ୍ନ ୧୦ଟା ୩୦ ମିନିଟ।

## ରାଉରକେଲା

- ହରପାର୍ବତୀ ଶୈବପୀଠର ବାର୍ଷିକୋତ୍ସବ, ସ୍ଥାନ: ବାସନ୍ତୀ କଲୋନି, ସମୟ: ସକାଳ ୭ଟା।
- ଯାଜ୍ଞସେନୀ ପକ୍ଷରୁ ମାଗଣା ସ୍ୱାସ୍ଥ୍ୟ ଶିବିର, ସ୍ଥାନ: ଆପୋଲୋ ହସ୍ପିଟାଲ, ସମୟ: ସକାଳ ୯ଟା ୩୦।
- ବିର୍ସାମୁଣ୍ଡା ହାଇସ୍କୁଲର ପୁରାତନ ଛାତ୍ର ସମ୍ବର୍ଦ୍ଧନା ସଭା, ସ୍ଥାନ: ଜଗଦା, ସମୟ: ପୂର୍ବାହ୍ନ ୧୧ଟା।
- ରାଉରକେଲା କଂଗ୍ରେସ ପକ୍ଷରୁ ଏଡିଏମ୍ କାର୍ଯ୍ୟାଳୟ ଘେରାଉ, ସ୍ଥାନ: ଉଦିତନଗର, ସମୟ: ପୂର୍ବାହ୍ନ ୧୧ଟା।
- ପାନୀୟ ଜଳ ସମସ୍ୟା ନେଇ ଶୀତଳପଡା ବସ୍ତିବାସିନ୍ଦାଙ୍କ ବିକ୍ଷୋଭ, ସ୍ଥାନ: ରଘୁନାଥପାଲି, ସମୟ: ପୂର୍ବାହ୍ନ ୧୧ଟା।
- ରାଉରକେଲା ପୋଲିସ ପକ୍ଷରୁ ଖବରଦାତା ସମ୍ମିଳନୀ, ସ୍ଥାନ: ପୋଲିସ ଡିପିଓ, ସମୟ: ମଧ୍ୟାହ୍ନ ୧୨ଟା।
- ବିନାୟକ ମନ୍ଦିର ପ୍ରାଣପ୍ରତିଷ୍ଠା ଉତ୍ସବ ସମାପନ, ସ୍ଥାନ: ବାସନ୍ତୀ କଲୋନି କନ୍ୟକା ମଣ୍ଡପ, ସମୟ: ସନ୍ଧ୍ୟା ୭ଟା ୩୦।

## ସୁନ୍ଦରଗଡ଼

- ବଡ଼ଗାଁ ବ୍ଲକ ଅନ୍ତର୍ଗତ ସାଲେପାଲି ଗ୍ରାମରେ ଅଷ୍ଟ ପ୍ରହର ନାମଯଜ୍ଞ, ସ୍ଥାନ:କୀର୍ତ୍ତନ ମଣ୍ଡପ,ସମୟ:ସକାଳ ୭ ଟା।
- ସାଲବିରା ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ,ସ୍ଥାନ:ସ୍କୁଲ ପରିସର, ସମୟ:ପୂର୍ବାହ୍ନ ୧୧ଟା।
- ଜିଲା ପ୍ରଶାସନ ପକ୍ଷରୁ ଯୁଗ୍ମ ଜନଶୁଣାଣୀ ଶିବିର,ସ୍ଥାନ:ଟାଙ୍ଗରପାଲି ବ୍ଲକ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷ,ସମୟ:ପୂର୍ବାହ୍ନ ୧୦ଟା୩୦।

## ବରଗଡ଼

- ସଂଯୁକ୍ତ କୃଷକ ସଂଗଠନର ରେଲରୋକୋ, ସ୍ଥାନ: ବରଗଡ଼ ରୋଡ ରେଲଷ୍ଟେଶନ, ସମୟ: ସକାଳ ୯ଟା।
- ରାମାୟଣ ପାରାୟଣ, ସ୍ଥାନ: ଜଗନ୍ନାଥ ମନ୍ଦିର ପ୍ରାଙ୍ଗଣ, ଗାଇସିଲେଟ, ସମୟ: ସକାଳ ୯ଟା।
- ମିଳିତ ଜନ ଅଭିଯୋଗ ଶୁଣାଣି ଶିବିର, ସ୍ଥାନ: ପଞ୍ଚାୟତ ସମିତି ସଭାକକ୍ଷ, ଅମ୍ବାଭୋନା, ସମୟ:ପୂର୍ବାହ୍ନ ୧୦ଟା।

## କଳାହାଣ୍ଡି

- ଜିଲାପାଳଙ୍କ ଅଫିସ ସମ୍ମୁଖରେ କଂଗ୍ରେସର ବିକ୍ଷୋଭ, ସ୍ଥାନ:ଭବାନୀପାଟଣା ସ୍ଥିତ ଜିଲାପାଳଙ୍କ ଅଫିସ, ସମୟ:ପୂର୍ବାହ୍ନ ୧୧ଟା।
- ଜିଲାପାଳଙ୍କ ଅଭିଯୋଗ ଶୁଣାଣି ଶିବିର, ସ୍ଥାନ:କୋକସରା ବ୍ଲକ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷ, ସମୟ:ପୂର୍ବାହ୍ନ ୧୦ଟା।

## ବୌଦ୍ଧ

- ଜିଲାପାଳଙ୍କ ଯୁଗ୍ମ ଜନଶୁଣାଣି ଶିବିର, ସ୍ଥାନ: ପଞ୍ଚାୟତ ସମିତି କାର୍ଯ୍ୟାଳୟ, ହରଭଙ୍ଗା ବ୍ଲକ, ସମୟ: ପୂର୍ବାହ୍ନ ୧୦ଟା।

## ଦେବଗଡ଼

- ଜିଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି, ସ୍ଥାନ: ବାରକୋଟ ବ୍ଲକ, କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା।
- ଜିଲା କଂଗ୍ରେସ କମିଟି ପକ୍ଷରୁ ଶୋଭାଯାତ୍ରା ଓ ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ, ସ୍ଥାନ: ଗୋପଲଜୀ ମନ୍ଦିରରୁ ଜିଲାପାଳଙ୍କ କାର୍ଯ୍ୟାଳୟ, ଦେବଗଡ଼, ସମୟ: ପୂର୍ବାହ୍ନ ୧୦ଟା ୩୦।
- ପ୍ଲାଷ୍ଟିକ ମୁକ୍ତ ଅଭିଯାନ ସମ୍ପର୍କରେ ସଚେତନତା କାର୍ଯ୍ୟକ୍ରମ, ସ୍ଥାନ: ଜାମୁନାଳି ପ୍ରାଥମିକ ସ୍କୁଲ, ବ୍ଲକ ତିଲେଇବଣି, ସମୟ: ପୂର୍ବାହ୍ନ ୧୧ଟା।
- ବିଜ୍ଞାନ ଓ ଗଣିତ କାର୍ଯ୍ୟକ୍ରମ, ସ୍ଥାନ: ଗକେନେଶ୍ୱର ପ୍ରାଥମିକ ସ୍କୁଲ, ସମୟ: ପୂର୍ବାହ୍ନ ୧୧ଟା।
- ମା' କନକ ଦୁର୍ଗାଙ୍କ ସନ୍ଧ୍ୟା ଆଳତି, ସ୍ଥାନ: ମଠସାହି, ମା' କନକ ଦୁର୍ଗା ମନ୍ଦିର, ଦେବଗଡ଼, ସମୟ: ସନ୍ଧ୍ୟା ୭ଟା।

## ସୁବର୍ଣ୍ଣପୁର

- ଜିଲାପାଳ ଓ ଏସ୍‌ପିଙ୍କ ମିଳିତ ଅଭିଯୋଗ ଶୁଣାଣି ଶିବିର, ସ୍ଥାନ: ଉଲୁଣ୍ଡା ବ୍ଲକ ସଭାଗୃହ, ସମୟ: ପୂର୍ବାହ୍ନ ୧୦ଟା।
- ତରଭାରେ ଦୋଳ ପୂର୍ଣ୍ଣିମା ଓ ଅଷ୍ଟପ୍ରହର ନାମ ପାଇଁ ପ୍ରସ୍ତୁତି ବୈଠକ, ସ୍ଥାନ: ତରଭା ହାଟପଦା, ସମୟ: ସନ୍ଧ୍ୟା ୫ଟା।

## ନୂଆପଡ଼ା

- ପୂଜ୍ୟ ସନ୍ଥ ଶ୍ରୀଆଶାରାମ ଜୀ ବାପୁଙ୍କ ସତ୍‌ଶିକ୍ଷା ଅମୂଲ୍ୟ ଭାଉଣୀଙ୍କ ଦ୍ୱାରା ବାଳ ସଂସ୍କାର, ଗୀତା ଭାଗବତ ଓ ସତସଙ୍ଗ କାର୍ଯ୍ୟକ୍ରମ, ସ୍ଥାନ:ଆଶାରାମ ଜୀ ବାପୁ ଆଶ୍ରମ ଜାମଳି ନୂଆପଡ଼ା, ସମୟ: ପୂର୍ବାହ୍ନ ୧୦ଟା।
- ଯୋଗ ବେଦାନ୍ତ ସେବା ସମିତି ପକ୍ଷରୁ ବସ୍ତ୍ର ପ୍ରଦାନ, ସ୍ଥାନ:ନୂଆପଡ଼ା ସଦର ବ୍ଲକ ଜାମଳି ଗାଁ, ସମୟ:ପୂର୍ବାହ୍ନ ୧୧ ଟା।
- ଜିଲା କଂଗ୍ରେସ କମିଟି ନୂଆପଡ଼ା ପକ୍ଷରୁ ଜିଲାପାଳ କାର୍ଯ୍ୟାଳୟ ଘେରାଉ, ସ୍ଥାନ: ନୂଆପଡା ଜିଲାପାଳ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା।
- ଯଜ୍ଞ ବେଦୀ ରତ୍ନମୁଦ ପ୍ରତିଷ୍ଠା ଉପଲକ୍ଷେ ଷୋହଳ ପ୍ରହରୀ ଅଖଣ୍ଡ ନାମଯଜ୍ଞ ନାମ ଧାରଣ, ସ୍ଥାନ:କୋମନା ବ୍ଲକ ତରବୋଡ଼ ପଞ୍ଚାୟତ ଗୋହିରାପଦର ଗାଁ, ସମୟ: ସକାଳ ୭ଟା ୩୬।
- ଜିଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର, ସ୍ଥାନ:ପଞ୍ଚାୟତ ସମିତି କାର୍ଯ୍ୟାଳୟ ବୋଡେନ, ସମୟ: ପୂର୍ବାହ୍ନ ୧୦ଟା।

## ଝାରସୁଗୁଡ଼ା

- ୨୪ପ୍ରହର ନାମ ସଂକୀର୍ତ୍ତନ, ସ୍ଥାନ: ରାଉତବନ୍ଧ କୀର୍ତ୍ତନ ମଣ୍ଡପ, ରାଉତବନ୍ଧ, ସମୟ: ସକାଳ ୭ଟା।
- ୨୪ ପ୍ରହର ନାମଯଜ୍ଞ, ସ୍ଥାନ: ସରବାହାଲ ନାମ ମଣ୍ଡପ, ସମୟ: ସକାଳ ୮ଟା।
- ଏକାଦଶୀ ଉପଲକ୍ଷେ ଭାଗବତ ପାଠ କାର୍ଯ୍ୟକ୍ରମ, ସ୍ଥାନ: ପୂଝରୀପାଲି ଜଗନ୍ନାଥ ମନ୍ଦିର, ସମୟ: ସକାଳ ୮ଟା।
- ୨୪ ପ୍ରହର ଅଖଣ୍ଡ ନାମଯଜ୍ଞ, ସ୍ଥାନ: ବେଲପାହାଡ଼ ନାମ ମଣ୍ଡପ, ସମୟ: ସକାଳ ୯ଟା।
- ଅଭିଯୋଗ ଶୁଣାଣି ଅଭିଯୋଗ ଶିବିର, ସ୍ଥାନ: ବ୍ରଜରାଜନଗର ମ୍ୟୁନିସିପାଲିଟି, ସମୟ: ପୂର୍ବାହ୍ନ ୧୦ଟା।
- ମାସିକ ବାଲ୍ମୀକି ରାମାୟଣ ପାଠ, ସ୍ଥାନ: କୁମର କଲ୍ୟାଣ ମଣ୍ଡପ, ସମୟ: ପୂର୍ବାହ୍ନ ୧୧ଟା।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ଆଜି ବିନା ନିମନ୍ତ୍ରଣରେ କେଉଁଠିକୁ ଯିବା କିମ୍ବା କିଛି ପଚାରିବା ପୂର୍ବରୁ କହିବା ଓଲଟା ଫଳ ପ୍ରଦାନ କରିବ। ଶତ୍ରୁତା କାରଣରୁ ମନ ଅସ୍ଥିର ରହିପାରେ। ହାତକୁ ନେଇଥିବା କାମଗୁଡିକ ସମ୍ପନ୍ନ ହେବା କଷ୍ଟକର ହୋଇପଡିବ। କିନ୍ତୁ ଗୃହ ସମସ୍ୟା, ଆନୁଷ୍ଠାନିକ କାମ, ଯାନ୍ତ୍ରିକ ଶିଳ୍ପ ଓ ପରିବହନ କ୍ଷେତ୍ରରେ ଆଶା ଅନୁରୂପ ଫଳ ପାଇବେ।

**ବୃଷ** କର୍ମକ୍ଷେତ୍ରରେ ରହିଥିବା ଗୁରୁତ୍ୱପୂର୍ଣ୍ଣ ସମସ୍ୟାର ସମାଧାନ ହୋଇଯିବ। ଆନୁଷ୍ଠାନିକ କିମ୍ବା ଶୁଭ କାର୍ଯ୍ୟରେ ବନ୍ଧୁମାନେ ଠିକ୍ ଖବର ଦେବାରେ ହେଳା କରିପାରନ୍ତି। ରାଜନୀତିରେ ଦୃଢ଼ ପୃଷ୍ଠପୋଷକତା ଓ ଅକୁଣ୍ଠ ସମର୍ଥନ ଯୋଗୁ ଆଗେଇ ଯିବେ। ଜମିବାଡି କ୍ରୟ ସକାଶେ ମୋଟାଅଙ୍କର ଅର୍ଥ ଆବଶ୍ୟକ ହୋଇପାରେ।

**ମିଥୁନ** ପାରିବାରିକ ସମସ୍ୟା ସହ ଖର୍ଚ୍ଚ ବୃଦ୍ଧି ଯୋଗୁ ମନରେ ସରସତା ରହିବ ନାହିଁ। ପ୍ରଶାସନିକ କ୍ଷେତ୍ରରେ ନିଷ୍ପତ୍ତି ଓଲଟ ପାଲଟ ହୋଇଯିବାର ଆଶଙ୍କା ରହିଛି। ଆଇନ ସହାୟତା ଲାଭପୂର୍ବକ ମାଲିମକଦ୍ଦମାରେ ସ୍ଥିତି ଅନୁକୂଳ ହୋଇପାରେ। ଗବେଷଣା, ଅନୁସନ୍ଧାନ, ପ୍ରଶାସନ, କୃଷି, ବାଣିଜ୍ୟ ଓ ରାଜନୀତିରେ ଚେଷ୍ଟା ସଫଳ ହେବ।

**କର୍କଟ** ଯେତେ ଭଲ କାମ କଲେ ମଧ ମିଥ୍ୟା ଗୁଜବ ମାନସିକ ସ୍ଥିତିକୁ ଦୋହଲାଇ ଦେବ। ପିଲାଙ୍କ କଳହକୁ କେନ୍ଦ୍ରକରି ଓ ପ୍ରକୃତ ଘଟଣା ନ ବୁଝି ପଡୋଶୀ କ୍ରୋଧ ପ୍ରକାଶ କରିପାରନ୍ତି। ଘରର ବରାଦ ଅନୁଯାୟୀ ଗୃହୋପକରଣ କ୍ରୟ କରିବାକୁ ପଡିପାରେ। ବନ୍ଧୁ ସାହାଯ୍ୟର ପ୍ରତିଶ୍ରୁତି ଦେଇ ପରିଶେଷରେ ନାସ୍ତିବାଣୀ ଶୁଣାଇବାରୁ ସମ୍ପର୍କହାନି ଘଟିବ।

**ସିଂହ** ଆଜି ମନୋବଳ ଟାଣ ରହିବ ଏବଂ ଜିଦ୍‌ରେ ଅଟଳ ରହି କାମ ହାସଲ କରିବେ। ସରଳ ବିଶ୍ୱାସର ବଶବର୍ତ୍ତୀ ହୋଇ କୌଣସି ଭୁଲ କରିପାରନ୍ତି। ବ୍ୟବସାୟକୁ ଆଗକୁ ବଢାଇବା ପାଇଁ ନୂତନ ପଦକ୍ଷେପ ଗ୍ରହଣ କରିପାରନ୍ତି। ମାଙ୍ଗଳିକ ଉତ୍ସବ ନିମନ୍ତେ ପ୍ରସ୍ତୁତି ଆରମ୍ଭ କରିବେ। ମହିଳାମାନେ ସମସ୍ୟାବହୁଳ ଭାବରେ ଦିନଟିକୁ ଅତିବାହିତ କରିବେ।

**କନ୍ୟା** ଜମିଜମାକୁ କେନ୍ଦ୍ରକରି ଭ୍ରାତୃ ସମ୍ପର୍କରେ ସାମାନ୍ୟ ବ୍ୟତିକ୍ରମ ସୃଷ୍ଟି ହେବ। ପିଲାଙ୍କ କୃତୀ ଓ କୃତିତ୍ୱ ସକାଶେ ମାନସିକ ସ୍ତରରେ ଗର୍ବ ଅନୁଭବ କରିପାରନ୍ତି। ଆଜି ଏକ ଆକସ୍ମିକ ପରିବେଶ ମଧ୍ୟରେ ଦୀର୍ଘଦିନରୁ ଭାଙ୍ଗି ପଡିଥିବା ସମ୍ପର୍କ ପୁଣି ଯୋଡି ହୋଇଯିବ। ରାଜନୀତି କ୍ଷେତ୍ରରେ ଗଠନମୂଳକ କାର୍ଯ୍ୟରେ ଗତି ମନ୍ଥର ହୋଇପାରେ।

**ତୁଳା** ଆଲୋଚନା ସମୟରେ ଅପ୍ରିୟ ସତ୍ୟ କହିବାରୁ ମିତ୍ରମାନେ ଈର୍ଷାପରାୟଣ ହେବେ। କର୍ମକ୍ଷେତ୍ରରେ ମିଥ୍ୟା ଗୁଜବ ମନକୁ ଆତଙ୍କିତ କରିପାରେ। ଅର୍ଥ ସମ୍ପର୍କକୁ କେନ୍ଦ୍ର କରି ତର୍କର ସମ୍ମୁଖୀନ ହେବେ। ପିଲାଙ୍କ ସ୍ୱାସ୍ଥ୍ୟହାନି, ବନ୍ଧୁଙ୍କ ଅଭିଯୋଗ ଓ ପାରିବାରିକ ଅସହଯୋଗରୁ ଚିନ୍ତିତ ହେବେ। ଆତ୍ମୀୟଙ୍କ ସହ ସୁସମ୍ପର୍କ ବ୍ୟାହତ ହେବ।

**ବିଛା** ଦୈହିକ ସୁସ୍ଥତା ଥିଲେ ମଧ କେତେକ ଅପୂରଣୀୟ କାମନା ମନକୁ ବିବ୍ରତ କରାଇବ। ଲେଖାପଢାରୁ, କଳା, ସାହିତ୍ୟରେ ଓ ଅଭିନୟ ଜଗତରୁ ପ୍ରଶଂସା ପାଇବେ। କର୍ମକ୍ଷେତ୍ରର ବିବାଦୀୟ ଘଟଣାରେ ଯେଉଁ ଆଶଙ୍କା କରୁଛନ୍ତି ସେଥିରେ କିଛି ହେବ ନାହିଁ। ଗୃହସୀମା କିମ୍ବା ଘରଭଡାକୁ କେନ୍ଦ୍ର କରି ବିତର୍କର ସମ୍ମୁଖୀନ ହେବେ।

**ଧନୁ** ପରିବାରରେ ମିଥ୍ୟା ଅଭିଯୋଗ ସକାଶେ ଅନ୍ୟ ଉପରେ ବିରକ୍ତି ପ୍ରକାଶ କରିପାରନ୍ତି। କର୍ମକ୍ଷେତ୍ରରେ ମଧ ବିଭିନ୍ନ ସମସ୍ୟା ଲାଗି ରହିଥିବାରୁ ମନ ଅଶାନ୍ତ ରହିବ। ଯାତ୍ରା ସମୟରେ ସତର୍କ ନ ହେଲେ ଠକାମିରେ ପଡିପାରନ୍ତି। ସାମାଜିକ ସ୍ତରରେ କେତେକ ନୂତନ କାମର ପରିକଳ୍ପନା କରି ପ୍ରଶଂସିତ ହେବେ।

**ମକର** ଲାଗି ରହିଥିବା ବିବାଦୀୟ ଘଟଣାରେ ବିଜୟୀ ହେବେ। କର୍ମକ୍ଷେତ୍ରରେ ମନକୁ ପାଇଲା ଭଳି କଥା କହି ପରିସ୍ଥିତିକୁ ହାଲୁକା କରିପାରନ୍ତି। ପରିବାରରେ ସନ୍ତାନ ହେତୁକ ମାନସିକ ଆଘାତ ପାଇବେ କିମ୍ବା ସହକର୍ମୀଙ୍କ ସହ ହୃତସମ୍ପର୍କ ପୁନଃ ପ୍ରତିଷ୍ଠିତ ହେବ। ଘରେ ଜଣେ ବନ୍ଧୁଙ୍କ ଉପସ୍ଥିତିକୁ କେନ୍ଦ୍ର କରି ଝଗଡା ଲାଗିପାରେ।

**କୁମ୍ଭ** ଆତ୍ମୀୟମାନଙ୍କ ସମ୍ବନ୍ଧରେ ହଠାତ୍ କୌଣସି ଘଟଣା ମନକୁ ବିବ୍ରତ କରିପାରେ। ଜମିଜମା ସମସ୍ୟା କ୍ରମଶଃ ଜଟିଳ ହେବ, ମାତ୍ର ତାହା ଅସ୍ଥାୟୀ ଭଳି ମନେକରିପାରନ୍ତି। ବାଣିଜ୍ୟ, ବ୍ୟବସାୟରୁ ଲାଭବାନ ହେବେ କିନ୍ତୁ ପ୍ରତିଦ୍ୱନ୍ଦ୍ୱିତା କମିବ ନାହିଁ। ଆର୍ଥିକ ସ୍ଥିତି ପୂର୍ବବତ୍ ରହିବ କିନ୍ତୁ କାମ ଅଟକିବ ନାହିଁ।

**ମୀନ** କୌଣସି ଗୁରୁତ୍ୱପୂର୍ଣ୍ଣ କାମରେ ମାନସିକ ଦ୍ୱନ୍ଦ୍ୱ ବଢିବା କାରଣରୁ ନିଷ୍ପତ୍ତି ନେବାରେ ବିଳମ୍ବିତ କରାଇବ। ବନ୍ଧୁଙ୍କ ସାହାଯ୍ୟରୁ ପାରିବାରିକ କ୍ଷେତ୍ରରେ ସମସ୍ୟା ସମାଧାନ ହେବ। ଅସୁବିଧା ନ ଥିଲେ ମଧ ଅଫିସିଆଲି କେତେକ ସମସ୍ୟା କାରଣରୁ ମନରେ ସ୍ଥିରତା ରହି ନ ପାରେ। ଅସହିଷ୍ଣୁ ମନୋଭାବରୁ ହଠାତ୍ ବିରୋଧୀ ପକ୍ଷ ସକ୍ରିୟ ହୋଇ ଉଠିବେ।

ଆଜି ମାର୍ଚ୍ଚ ୧୦ ତାରିଖ, ରାଜ୍ୟ ଗୋଷ୍ଠୀ ଦିବସ(ମାର୍ଚ୍ଚ ୨ୟ ସୋମବାର)। ଫାଲ୍‌ଗୁନ ଶୁକ୍ଳପକ୍ଷର ସ୍ମାର୍ତ୍ତ ଓ ବୈଷ୍ଣବ ସମ୍ମତ ଆମଳକୀ ଏବଂ ପାପନାଶିନୀ ଏକାଦଶୀ ସୋମବାର, ରାଶିନକ୍ଷତ୍ର–ପୁଷ୍ୟା/କର୍କଟ, ଦ୍ୱାଦଶୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ଅଦ୍ୟ ବ୍ରତୋପନୟନ, ଗୃହାରମ୍ଭ, ଗୃହପ୍ରବେଶ, ଦେବତା ପ୍ରତିଷ୍ଠା, ନିଷେକ ପାଇଁ ଶୁଭଦିନ । ସକାଳ ଘ.୦୬।୦୨ ମି. ଗତେ, ଘ.୦୭।୩୧ ମି. ମଧ୍ୟେ, ଘ.୧୦।୪୬ ମି. ଗତେ, ଘ.୦୧।୦୭ ମି. ମଧ୍ୟେ ଶୁଦ୍ଧ ଶୁଭବେଳା। ଦିବା ଘ.୦୭।୩୧ମି. ଗତେ, ଘ.୦୮।୫୯ ମି. ମଧ୍ୟେ ରାହୁକାଳ।

## ୮ ମାସରେ ୨୬ ....

ଦିନକ ପରେ ହଷ୍ଟେଲ ରୋଷେୟା ତଥା ଆଟେଣ୍ଡାଣ୍ଟ ପୁନଗୁ ପୁଆଳ ତାଙ୍କୁ ଜିଲା ମୁଖ୍ୟାଳୟ ହସ୍ପିଟାଲକୁ ନେବାବେଳକୁ ବାଟରେ ମନୀଷାଙ୍କ ବାପା ସେମାନଙ୍କୁ ଭେଟି ଝିଅକୁ ଘରକୁ ନେଇଯିବାକୁ କହିଥିଲେ। ଶବର ଓ ପୁଆଳ ଏଥିରେ ରାଜି ହୋଇ ମନୀଷାଙ୍କୁ ତାଙ୍କ ଘରେ ଛାଡ଼ିଦେଇଥିଲେ। ଏହାର କିଛି ସମୟ ପରେ ସେମାନେ ଖବର ପାଇଲେ, ମନୀଷା ଆଉ ନାହାନ୍ତି। ମନୀଷା ହଷ୍ଟେଲ କର୍ତ୍ତୃପକ୍ଷଙ୍କ ଅବହେଳା ଯୋଗୁ ପ୍ରାଣ ହରାଇଥିବା ପ୍ରଥମ ଛାତ୍ରୀ ନୁହନ୍ତି। ଦେଶର ତୃତୀୟ ସର୍ବାଧିକ ଆଦିବାସୀ ବହୁଳ ରାଜ୍ୟ ଓଡ଼ିଶାର ଅପହଞ୍ଚ ଇଲାକାରେ ଏଭଳି ଅନେକ ଦୃଷ୍ଟାନ୍ତ ରହିଛି। ଛାତ୍ରାବାସଗୁଡ଼ିକରେ ପିଲାଙ୍କ ଅକାଳ ମୃତ୍ୟୁ, ଆତ୍ମହତ୍ୟା, ଛାତ୍ରୀମାନେ ଗର୍ଭବତୀ ହେବା ଭଳି ଖବର ନିୟମିତ ବ୍ୟବଧାନରେ ଶିରୋନାମା ମଣ୍ଡନ କରୁଛି। ଗତ ଜାନୁଆରୀରେ କଂଗ୍ରେସ ବିଧାୟକ ଦଳ ନେତା ରାମଚନ୍ଦ୍ର କାଡ଼ାମ ପ୍ରଥମେ ଏହି ବିଷୟରେ ଗୃହର ଦୃଷ୍ଟି ଆକର୍ଷଣ କରିଥିଲେ। ଅବହେଳା ଯୋଗୁ ମନୀଷାଙ୍କ ମୃତ୍ୟୁ ଘଟିଥିବା ନେଇ ତଦନ୍ତ ରିପୋର୍ଟରେ ଉଲ୍ଲେଖ କରାଯାଇଥିବା ସେ ବିଧାନସଭାକୁ ଜଣାଇଥିଲେ। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଜିଲା କେନ୍ଦୁଝରସ୍ଥିତ ଘଷିପୁରାର ନୂଆମାଳିଆ ଆଶ୍ରମ ସ୍କୁଲ ହଷ୍ଟେଲରେ ଗତ ଅଗଷ୍ଟ ୧୨ରେ ୧୩ ବର୍ଷୀୟା ଛାତ୍ରୀ ମଇନା ହୋ ବାନ୍ତି କରିଥିଲେ। ୨ ଦିନ ଧରି ବାନ୍ତି କରିବା ପରେ ସେ ଦୁର୍ବଳ ହୋଇଯିବାରୁ ପ୍ରଧାନ ଶିକ୍ଷକ ଓ ହଷ୍ଟେଲ କର୍ତ୍ତୃପକ୍ଷ ତାଙ୍କୁ କଟକ ବଡ଼ ଡାକ୍ତରଖାନାକୁ ନେଇଥିଲେ। ସେଠାରେ ପ୍ରାଥମିକ ଚିକିତ୍ସା କରାଇ ପୁଣି ହଷ୍ଟେଲକୁ ଆଣିଥିଲେ। ଅଗଷ୍ଟ ୧୨ରେ ଛାତ୍ରୀ ମଇନା ଆଖି ବୁଜିଦେଇଥିଲେ। ସେହି ଅଗଷ୍ଟ ମାସ ୨ ତାରିଖରେ କୋରାପୁଟ ଜିଲା ନାରାୟଣପାଟଣା ସରକାରୀ ଉଚ୍ଚ ବିଦ୍ୟାଳୟର ଅଷ୍ଟମ ଶ୍ରେଣୀ ଛାତ୍ରୀ ସଙ୍ଗୀତା ଟାଡ଼ିଙ୍ଗି ଜ୍ୱରରେ ପଡ଼ିଥିଲେ। ବିନା ଚିକିତ୍ସାରେ ହଷ୍ଟେଲରେ ୨ ଦିନ ଧରି ପଡ଼ିରହିଥିଲେ। ୪ ତାରିଖରେ ସ୍ଥିତି ଖରାପ ହେଉଥିବା ଦେଖି ତାଙ୍କୁ ସ୍ଥାନୀୟ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ସଙ୍ଗୀତାଙ୍କ ସ୍ୱାସ୍ଥ୍ୟରେ ଉନ୍ନତି ନ ଆସିବାରୁ ପରେ ଅଧିକ ଚିକିତ୍ସା ପାଇଁ ବ୍ରହ୍ମପୁର ଏମ୍‌କେସିଜି ହସ୍ପିଟାଲକୁ ନିଆଯାଇଥିଲା। କିନ୍ତୁ ସେତେବେଳକୁ ବହୁ ବିଳମ୍ବ ହୋଇଯାଇଥିଲା। ବଡ଼ ଡାକ୍ତରଖାନାରେ ଡାକ୍ତରମାନେ ତାଙ୍କୁ ମୃତ ଘୋଷଣା କରିଥିଲେ। ଗତ ଡିସେମ୍ବରରେ ମୟୂରଭଞ୍ଜ ଜିଲା କୁଳିଆଣା ବ୍ଲକ୍ ଅସନଯୋଡ଼ା ଆଶ୍ରମ ଛାତ୍ରୀ ଇନ୍ଦ୍ରବତୀ ମୁର୍ମୁଙ୍କ ଦେହରେ ଚିକେନ୍ ପକ୍ସ ଦେଖାଦେଇଥିଲା। ଆବାସିକ ସ୍କୁଲ କର୍ତ୍ତୃପକ୍ଷ ତାଙ୍କୁ ଚିକିତ୍ସା ନ କରାଇ ଘରକୁ ଯିବାକୁ ଦେଇଥିଲେ। ଛାତ୍ରୀ ଜଣକ ଏହାର ୪ ଦିନ ପରେ ଘରେ ଆଖି ବୁଜିଦେଇଥିଲେ। ଆବାସିକ ସ୍କୁଲଗୁଡ଼ିକରେ ଅବହେଳା ଏତିକିରେ ସୀମିତ ହୋଇ ରହିନାହିଁ। ଜାନୁଆରୀ ୨୮ ମଧ୍ୟରାତ୍ରିରେ ସୁନ୍ଦରଗଡ଼ ଜିଲା ବଣାଇ ଅଞ୍ଚଳର ସିହିଡ଼ା ପ୍ରାଥମିକ ବିଦ୍ୟାଳୟର ୧୫ ଛାତ୍ରୀଛାତ୍ର (୫ରୁ ୧୧ ବର୍ଷର) ହଷ୍ଟେଲ ଛାଡ଼ି ଚାଲିଯାଉଥିବାବେଳେ ୫ କି.ମି. ଦୂର ବାରକୋଟଠାରେ ପଡ଼ୋଶୀ ଦେବଗଡ଼ ଜିଲା ପୋଲିସ ସେମାନଙ୍କୁ ଠାବ କରିଥିଲା। ପରବର୍ତ୍ତୀ ୧୨ ଘଣ୍ଟା ପର୍ଯ୍ୟନ୍ତ ସ୍କୁଲ କର୍ତ୍ତୃପକ୍ଷ ଏହାର ଟେର ପାଇ ନ ଥିଲେ। ଏହି ସ୍କୁଲ ମଧ ଏସ୍‌ସି, ଏସ୍‌ଟି ବିଭାଗ ଅଧୀନରେ ପରିଚାଳିତ। ସେହିପରି ଫେବୃଆରୀ ୨୪ ରାତିରେ ମୟୂରଭଞ୍ଜ ଜିଲା ବାସିପିଠା ସରକାରୀ ହାଇସ୍କୁଲର ଶତାଧିକ ଛାତ୍ରୀଛାତ୍ର ସ୍କୁଲ କର୍ତ୍ତୃପକ୍ଷଙ୍କ ଦାୟିତ୍ୱହୀନତା ଓ ଅବହେଳା ଯୋଗୁ ଭୋଗୁଥିବା ଯନ୍ତ୍ରଣା ସମ୍ପର୍କରେ ଜିଲାପାଳଙ୍କୁ ଭେଟିବା ପାଇଁ ରାତିରେ ୨୦ କି.ମି. ଚାଲି ଚାଲି ବାରିପଦାକୁ ଯାଇଥିଲେ। ୨୦୨୪ ଅଗଷ୍ଟରେ କନ୍ଧମାଳ ଜିଲା ଜି. ଉଦୟଗିରି ଅଞ୍ଚଳର ଜଣେ ସପ୍ତମ ଶ୍ରେଣୀ ନାବାଳିକା ଛାତ୍ରୀ ଗର୍ଭବତୀ ହୋଇଥିବା ଜଣାପଡ଼ିଥିଲା। ଦୀନେଶ ପ୍ରଧାନ ନାମକ ଜଣେ ଯୁବକ ତାଙ୍କୁ ବାରମ୍ବାର ବଳାତ୍କାର କରିବା ସହ କାହାକୁ କିଛି ନ ଜଣାଇବା ପାଇଁ ଧମକ ଦେଇଥିଲେ। ଆଦିବାସୀ ଛାତ୍ରୀ ଆନିମିଆ ଓ ଏପିଲେପ୍ସିରେ ପୀଡ଼ିତ ହେବା ପରେ ତାଙ୍କୁ ପ୍ରଥମେ କନ୍ଧମାଳ ଜିଲା କଳିଙ୍ଗା ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ଅବସ୍ଥା ଆହୁରି ଖରାପ ହେବାରୁ ତାଙ୍କୁ ପରେ ଫୁଲବାଣୀ ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଥିଲା। ଏହି ମାମଲାରେ ପୀଡ଼ିତାଙ୍କ ବାପାଙ୍କ ଅଭିଯୋଗକ୍ରମେ ହାଇକୋର୍ଟ ବିଚାରପତି ଡ. ଏସ୍‌.କେ. ପାଣିଗ୍ରାହୀ ମାର୍ଚ୍ଚ ୩ରେ ୧୩ ବର୍ଷୀୟାଙ୍କ ୨୪ ସପ୍ତାହର ଗର୍ଭଭଙ୍ଗ ପାଇଁ ଅନୁମତି ଦେଇଛନ୍ତି। ଏଥିସହ ସ୍କୁଲଗୁଡ଼ିକର ପରିଚାଳନା ସକାଶେ ଷ୍ଟାଣ୍ଡାର୍ଡ ଅପରେଟିଂ ପ୍ରସିଡ୍ୟୁର (ଏସ୍‌ଓପି) ପ୍ରସ୍ତୁତ କରିବାକୁ ରାଜ୍ୟ ସରକାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

**ଓଡ଼ିଶାର ଏସ୍‌ସି,ଏସ୍‌ଟି ଉନ୍ନୟନ ବିଭାଗ ଅଧୀନରେ ପରିଚାଳିତ ୧,୭୪୬ ଆବାସିକ ସ୍କୁଲରେ ୬,୭୦୦ ହଷ୍ଟେଲ ରହିଛି। ୫.୭ ଲକ୍ଷ ପିଲାଙ୍କ ପାଇଁ ୬,୦୦୦ ପ୍ରଧାନ ଶିକ୍ଷକ ଓ ଅନ୍ୟ କର୍ମଚାରୀ ନିଯୁକ୍ତ ହୋଇଛନ୍ତି। ସ୍କୁଲ ମରାମତି ଓ ରକ୍ଷଣାବେକ୍ଷଣ ପାଇଁ ପ୍ରତି ସ୍କୁଲକୁ ବାର୍ଷିକ ୧ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ସରକାରୀ ଅନୁଦାନ ଦିଆଯାଉଛି। ଏହାସତ୍ତ୍ୱେ ୮ ମାସରେ ୨୬ ଛାତ୍ରୀଛାତ୍ରଙ୍କ ମୃତ୍ୟୁ ଘଟିଥିବା ଏସ୍‌ସି, ଏସ୍‌ଟି ଉନ୍ନୟନ ଏବଂ ସ୍କୁଲ ଓ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ଗତ ଶୁକ୍ରବାର ବିଧାନସଭାରେ ସ୍ୱୀକାର କରିଛନ୍ତି।**



## ପ୍ରଥମ ପୃଷ୍ଠାରୁ...

## ଆଜିଠୁ ବଜେଟ ...

**ଡୁପ୍ଲିକେଟ୍ ଇପିଆଇସି ପ୍ରସଙ୍ଗକୁ ନେଇ ହଟ୍ଟଗୋଳ ହୋଇପାରେ**

ଏକ ବୈଧାନିକ ପ୍ରସ୍ତାବ ଆଣିବା ଆଶା କରାଯାଉଛି। ସୋମବାର ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ୍ ମଣିପୁର ପାଇଁ ବଜେଟ ଉପସ୍ଥାପନ କରିବେ। ମଣିପୁର ମୁଖ୍ୟମନ୍ତ୍ରୀ ଏନ୍. ବୀରେନ୍ ସିଂଙ୍କ ଇସ୍ତଫା ପରେ ଫେବୃଆରୀ ୧୩ରୁ ସେଠାରେ ରାଷ୍ଟ୍ରପତି ଶାସନ ଲାଗୁ ହୋଇଛି। ପଶ୍ଚିମବଙ୍ଗରେ ଅନ୍ୟ ରାଜ୍ୟର ଭୋଟରମାନଙ୍କୁ ମତଦାନ ଅନୁମତି ଦେବା ଲାଗି ସମାନ ନମ୍ବରରେ ଭୋଟ ପରିଚୟପତ୍ର ଜାରି କରାଯାଇଥିବା ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ଅଭିଯୋଗ ଆଣିଥିବାବେଳେ ନିର୍ବାଚନ କମିଶନ ଏହାକୁ ଖଣ୍ଡନ କରିଥିଲେ। ଭୋଟର ପରିଚୟ ପତ୍ରରେ ସମାନ ନମ୍ବର ଥିଲେ ମଧ ନିର୍ବାଚନ ମଣ୍ଡଳୀ ଏବଂ ବୁଥ୍ ଠିକଣା ଅଲଗା ଥିବାରୁ ଜଣେ ବ୍ୟକ୍ତି ଏକାଧିକ ସ୍ଥାନରେ ଭୋଟ ଦେବା ସମ୍ଭବ ନୁହେଁ ବୋଲି କମିଶନ କହିଥିଲେ। ତୃଣମୂଳ କଂଗ୍ରେସ ସହ କଂଗ୍ରେସ, ଡିଏମ୍‌କେ, ଶିବସେନା–ୟୁବିଟି ଏହି ପ୍ରସଙ୍ଗ ପାର୍ଲାମେଣ୍ଟର ଉଭୟ ସଦନରେ ଉଠାଇବାକୁ ନିଷ୍ପତ୍ତି ନେଇଛନ୍ତି।

## କ୍ରିତି ଶ୍ରେଷ୍ଠ ଅଭିନେତ୍ରୀ, ...

ମିଳିଛି। 'ଅମର ସିଂ ଚମକିଲା' ଫିଲ୍ମ ପାଇଁ ଇମତିଆଜ୍ ଅଲିଙ୍କୁ ଶ୍ରେଷ୍ଠ ନିର୍ଦ୍ଦେଶକ (ଫିଲ୍ମ) ଏବଂ 'ଦୋ ପତ୍ତି' ଫିଲ୍ମ ପାଇଁ ଫିଲ୍ମ ନିର୍ମାତା କନିକା ଢିଲୋନଙ୍କୁ ବେଷ୍ଟ ଷ୍ଟୋରି ଅରିଜିଓନାଲ (ଫିଲ୍ମ) ବର୍ଗରେ ସଫଳତା ମିଳିଛି। ଇମ୍‌ତିଆଜ୍ ଅଲିଙ୍କ ନିର୍ଦ୍ଦେଶିତ ବାୟୋଗ୍ରାଫିକାଲ ଡ୍ରାମା ଫିଲ୍ମ 'ଅମର ସିଂ ଚମକିଲା'କୁ ଶ୍ରେଷ୍ଠ ଫିଲ୍ମ ଭାବେ ପୁରସ୍କୃତ କରାଯାଇଥିଲା। ପଞ୍ଜାବୀ ସଙ୍ଗୀତଜ୍ଞ ଅମର ସିଂ ଚମକିଲାଙ୍କ କାହାଣୀକୁ ନେଇ ଏହି ଫିଲ୍ମ ପର୍ଯ୍ୟବେସିତ ରହିଛି। ଅନ୍ୟପକ୍ଷରେ, ଏହି ଆୱାର୍ଡ ସମାରୋହରେ 'ପଞ୍ଚାୟତ ସିଜନ୍ ୩'କୁ ଶ୍ରେଷ୍ଠ ସିରିଜ୍ ଟ୍ରଫି ମିଳିଛି। 'ବନ୍ଦିଶ ବନ୍ଦିତସ୍ ସିଜନ ୨' ପାଇଁ ଅଭିନେତ୍ରୀ ଶ୍ରେୟା ଚୌଧୁରୀଙ୍କୁ ଶ୍ରେଷ୍ଠ ଅଭିନେତ୍ରୀ (ସିରିଜ୍) ଏବଂ 'ପଞ୍ଚାୟତ ସିଜନ୍ ୩' ପାଇଁ ଅଭିନେତା ଜିତେନ୍ଦ୍ର କୁମାରଙ୍କୁ ଶ୍ରେଷ୍ଠ ଅଭିନେତା (ସିରିଜ୍) ଭାବେ ପୁରସ୍କୃତ କରାଯାଇଛି। ସେହିପରି 'ପଞ୍ଚାୟତ ସିଜନ ୩' ପାଇଁ ଦୀପକ କୁମାର ମିଶ୍ରାଙ୍କୁ ଶ୍ରେଷ୍ଠ ନିର୍ଦ୍ଦେଶକ (ସିରିଜ୍) ଭାବେ ପୁରସ୍କୃତ କରାଯାଇଛି।

ପ୍ରଥମଥର ପାଇଁ ଆୟୋଜିତ ହୋଇଥିବା ଆଇଆଇଏଫ୍‌ଏ ଡିଜିଟାଲ ଆୱାର୍ଡ୍ସ ସମାରୋହକୁ ଅଭିନେତା ଅପାରଶକ୍ତି ଖୁରାନା, ବିଜୟ ବର୍ମା ଓ ଅଭିଷେକ ବାନାର୍ଜୀ ହୋଷ୍ଟ କରିଥିଲେ। ସେହିପରି ଏହି ଆୱାର୍ଡ ନାଇଟ ଶୋ'ରେ ଅଭିନେତ୍ରୀ ନୋରା ଫତେହି, ମ୍ୟୁଜିକ କମ୍ପୋଜର ସଚିନ୍ ସାଙ୍ଘଭି ଓ ଜିଗର ସରେୟା, ଗାୟିକା ଶ୍ରେୟା ଘୋଷାଲ ଏବଂ ସିଙ୍ଗର ତଥା ରାପର ମିକା ସିଂ ପ୍ରମୁଖ ନିଜ ଫର୍ପମାନ୍ସ ଦ୍ୱାରା ଉପସ୍ଥିତ ଅତିଥିଙ୍କ ହୃଦୟ ଜିତିବାରେ ସଫଳ ହୋଇଥିଲେ। ତେବେ ୨୦୨୪ରେ ସିନେମା ହଲ୍‌ରେ ରିଲିଜ୍ ହୋଇଥିବା ଫିଲ୍ମଗୁଡ଼ିକୁ ନେଇ ରବିବାର ରାତିରେ 'ଆଇଆଇଏଫ୍‌ଏ ୨୦୨୫' ଆୱାର୍ଡର ଘୋଷଣା କରାଯିବ।

## ଭାରତ ଚାମ୍ପିୟନ...

ନ୍ୟୁଜିଲାଣ୍ଡ ରଣନୀତିକୁ ଗୋଳମାଳିଆ କରି ଦେଇଥିଲେ। ଓପନିଂ ଯୋଡ଼ିରେ ୫୭ ରନ ସଂଗ୍ରହ ପରେ ୮ମ ଓଭରର ୫ମ ବଲ୍‌ରେ ୱିଲ୍ ୟଙ୍ଗ୍‌କୁ ଆଉଟ କରି ଭାରତକୁ ପ୍ରଥମ ସଫଳତା ଦେଇଥିଲେ ବରୁଣ ଚକ୍ରବର୍ତ୍ତୀ। ଏହାପରେ କୁଲଦୀପ ଯାଦବ ନିଜ ଦକ୍ଷତା ଦେଖାଇଥିଲେ। ସେ ନିଜର ଲଗାତର ଦୁଇ ଓଭରରେ ଫର୍ମରେ ଥିବା ରାଚିନ ରବୀନ୍ଦ୍ର ଓ ପୂର୍ବ ମ୍ୟାଚରେ ଶତକ ହାସଲକାରୀ କେନ୍ ୱିଲିୟମସନଙ୍କୁ ଆଉଟ କରି ନ୍ୟୁଜିଲାଣ୍ଡକୁ ବ୍ୟାକ୍‌ଫୁଟ୍‌କୁ ଠେଲି ଦେଇଥିଲେ। ୟଙ୍ଗ ୧୫, ରବୀନ୍ଦ୍ର ୩୭ ଓ ୱିଲିୟମସନ ମାତ୍ର ୧୧ ରନକରି ପ୍ୟାଭିଲିୟନ ଫେରିଥିଲେ। ଫଳରେ ପରବର୍ତ୍ତୀ ବ୍ୟାଟରମାନେ ଜଗିରଖି ଖେଳିବା ସହ ଧିମା ହାରରେ ରନ ସଂଗ୍ରହ କରିଥିଲେ। ଫଳରେ ପ୍ରଥମ ୧୦ ଓଭରରେ ୬.୯ ହାରରେ ୬୯ ରନ କରିଥିବା ନ୍ୟୁଜିଲାଣ୍ଡ ୧୧ରୁ ୪୦ ଓଭର ମଧ୍ୟରେ ୩.୪୩ ହାରରେ ମାତ୍ର ୧୦୩ ରନ କରିବାକୁ ସକ୍ଷମ ହୋଇଥିଲା। ଡାରିଲ ମିଚେଲ ଦଳର ବ୍ୟାଟିଂ ମେରୁଦଣ୍ଡ ସାଜି ୧୦୧ ବଲ୍‌ରୁ ୬୩ ରନକରି ନ୍ୟୁଜିଲାଣ୍ଡକୁ ଏକ ସମ୍ମାନଜନକ ସ୍କୋରରେ ପହଞ୍ଚାଇବାରେ ବଡ଼ ଯୋଗଦାନ ଦେଇଥିଲେ। ଟମ୍ ଲଥାମ ମାତ୍ର ୧୪ ରନ କରିଥିବାବେଳେ ଗ୍ଲେନ୍ ଫିଲିପ୍ସ ୩୪ ଓ ମାଇକେଲ ବ୍ରାସୱେଲ ୫୩ ରନକରି ଅପରାଜିତ ରହିବାରୁ ନ୍ୟୁଜିଲାଣ୍ଡ ୨୫୦ ରନ ଅତିକ୍ରମ କରିବାକୁ ସକ୍ଷମ ହୋଇଥିଲା। ଚଳିତ ଟୁର୍ନାମେଣ୍ଟରେ ବ୍ରାସ୍‌ୱେଲଙ୍କର ଏହାଥିଲା ସର୍ବାଧିକ ସ୍କୋର। ସେ ପୂର୍ବ ୪ ଇନିଂସରେ ଯଥାକ୍ରମେ ୦, ୧୧, ୨ ଓ ୧୬ କରିଥିଲେ। ଏଠାରେ ସେ ୪୦ଟି ବଲ୍‌ର ସମ୍ମୁଖୀନ ହୋଇ ନିଜ ଇନିଂସ ମଧ୍ୟରେ ୩ ଚୌକା ଓ ୨ ଛକା ମାରିଥିଲେ। ଫଳରେ ୪୧ରୁ ୫୦ ଅର୍ଥାତ୍ ଶେଷ ୧୦ ଓଭରରେ ନ୍ୟୁଜିଲାଣ୍ଡ ୭.୯ ରନ ହାରରେ ୭୯ ରନ ସଂଗ୍ରହ କରି ପାରିଥିଲା। ଟିମ୍ ଇଣ୍ଡିଆ ଅଧିନାୟକ ରୋହିତ ଶର୍ମା ଏହି ମ୍ୟାଚରେ ମୋଟ ୩୮ ଓଭର ସ୍ପିନରଙ୍କୁ ବୋଲିଂରେ ଲଗାଇଥିଲେ। ନ୍ୟୁଜିଲାଣ୍ଡ ସ୍କୋର ୨୫୧ରେ ସୀମିତ ରହିବାରେ ଏହା ଅନ୍ୟତମ କାରଣ ହୋଇଥିଲା। ଭାରତୀୟ ବୋଲରଙ୍କ ମଧ୍ୟରେ ବରୁଣ ଚକ୍ରବର୍ତ୍ତୀ, କୁଲଦୀପ ଯାଦବ ୨ଟି ଲେଖାଏ ଏବଂ ମହମ୍ମଦ ଶାମି ଓ ରବୀନ୍ଦ୍ର ଜାଡେଜା ଗୋଟିଏ ଲେଖାଏ ଉଇକେଟ ନେଇଥିଲେ। ଉଇକେଟ ପାଇ ନ ଥିଲେ ହେଁ ଅକ୍ଷର ପଟେଲ ଅତି ଚମତ୍କାର ବୋଲିଂ କରିଥିଲେ। ସେ ନିଜ ୮ ଓଭର ସ୍ପେଲ୍‌ରେ ୩.୬୦ ହାରରେ ମାତ୍ର ୨୯ ରନ ବ୍ୟୟ କରିଥିଲେ। ପ୍ରକାଶ ଯୋଗ୍ୟ ଯେ, ଆଇସିସି ଦିନିକିଆ ଅନ୍ତର୍ଜାତୀୟ ଟୁର୍ନାମେଣ୍ଟ (ବିଶ୍ୱକପ ଏବଂ ଚାମ୍ପିୟନ୍ସ ଟ୍ରଫି)ରେ ନ୍ୟୁଜିଲାଣ୍ଡ କେବଳ ଦ୍ୱିତୀୟ ଥରପାଇଁ ଏଠାରେ ଓପନିଂ ଯୋଡ଼ିରେ ୫୦+ ସ୍କୋର କରିବାକୁ ସକ୍ଷମ ହୋଇଥିଲା। ପୂର୍ବରୁ ଅକ୍‌ଲାଣ୍ଡଠାରେ ୨୦୧୫ ଦିନିକିଆ ବିଶ୍ୱକପ ସେମିଫାଇନାଲରେ ଦକ୍ଷିଣ ଆଫ୍ରିକା ବିପକ୍ଷରେ ବ୍ରେଣ୍ଡନ ମ୍ୟାକ୍‌କୁଲମ ଓ ମାର୍ଟିନ ଗୁପଟିଲ ପ୍ରଥମଥରପାଇଁ ଓପନିଂ ଯୋଡ଼ିରେ ୭୧ ରନ ସଂଗ୍ରହ କରିଥିଲେ।



# ୨ ଦିନ ହେଲା ଜଳୁଛି ଜଙ୍ଗଲ

ବଣାଇଁ,୯।୩(ପ୍ରଦୀପ ତ୍ରିପାଠୀ)

ସୁନ୍ଦରଗଡ଼ ଜିଲା ବଣାଇଁ ବନଖଣ୍ଡ ଏବଂ ରାଉରକେଲା ବନଖଣ୍ଡର ବିଭିନ୍ନ ଜଙ୍ଗଲରେ ୨ ଦିନ ହେଲା ନିଆଁ ଲାଗିଛି। ବନବିଭାଗ କର୍ମଚାରୀ ନିଆଁ ଲିଭାଇବା କାର୍ଯ୍ୟରେ ନିୟୋଜିତ ହୋଇଥିଲେ ମଧ୍ୟ ବିଫଳ ହୋଇଛନ୍ତି। ରବିବାର ନିଆଁର ପ୍ରକୋପ ବଢ଼ିଯାଇଛି। ବଣାଇଁ ବନଖଣ୍ଡର ୪ଟି ସ୍ଥାନ, ତାମଡାର ୩ଟି, ଜରଡା, ବରସୁଆଁ, କୁଲିପୋଷ ଆଦି ବନାଞ୍ଚଳର ଗୋଟିଏ ଲେଖାଏଁ ସ୍ଥାନରେ ନିଆଁ ଲାଗି ବ୍ୟାପିବାରେ ଲାଗିଲାଣି। ସେହିଭଳି ରାଉରକେଲା ବନଖଣ୍ଡର ବାଙ୍କୀ ବନାଞ୍ଚଳରେ ୩ଟି ସ୍ଥାନରେ ନିଆଁ ଲାଗି ଥିବା ସୂଚନା ରହିଛି । ଜମି ଏବଂ ମହୁଲ ଗୋଟାଇବା ପାଇଁ ଲୋକେ ନିଆଁ ଲଗାଇ ଦେଉଥିବା ନେଇ ବିଭାଗ ପକ୍ଷରୁ ସୂଚନା ମିଳିଛି। ନିଆଁ ଜଙ୍ଗଲରେ ମାଡି ଯାଉଛି, ବନ ବିଭାଗ କର୍ମଚାରୀ ନିଆଁକୁ ଆୟତ୍ତ କରିବା ପାଇଁ ଲାଗିପଡ଼ିଛନ୍ତି ବୋଲି ବଣାଇଁ ବନଖଣ୍ଡର ଅଧିକାରୀ ଲଳିତ ପାତ୍ର ସୂଚନା ଦେଇଛନ୍ତି। ଏ ସଂକ୍ରାନ୍ତରେ ବଣାଇଁ ଏସିଏଫ ଜଗନ୍ନାଥ ବିଶୋଇଙ୍କୁ ଯୋଗାଯୋଗ କରିଥିଲେ ହେଁ ସେ ଫୋନ ଉଠାଉ ନ ଥିଲେ। ଗତବର୍ଷ ଅନୁରୂପଭାବେ ବଣାଇଁ ବନଖଣ୍ଡର ବିଭିନ୍ନ ଜଙ୍ଗଲରେ ନିଆଁ ଲାଗିଥିଲା।

# ଭୁବନେଶ୍ୱର ରେଳ ଷ୍ଟେଶନରୁ ୧୦ ବାଂଲାଦେଶୀ ନାଗରିକ ଧରାପଡ଼ିଲେ

ଭୁବନେଶ୍ୱର,୯।୩ (ସୂର୍ଯ୍ୟକାନ୍ତ ବେହେରା)

## ବେଆଇନ ଭାବେ ଆସାମ ସୀମା ଦେଇ ଓଡ଼ିଶା ପଶିଥିଲେ

ବିନା ବୈଧ କାଗଜପତ୍ରରେ ବେଆଇନ ଭାବେ ବାଂଲାଦେଶୀମାନେ ଓଡିଶାକୁ ପ୍ରବେଶ କରଥିବା ପ୍ରମାଣ ମିଳିଛି। ଭୁବନେଶ୍ୱର ରେଳ ଷ୍ଟେଶନରେ ବୁଲୁଥିବା ବେଳେ କ୍ରାଇମବ୍ରାଞ୍ଚର ସ୍ପେଶାଲ ଟାସ୍କ ଫୋର୍ସ(ଏସ୍‌ଟିଏଫ) ୧୦ ବାଂଲାଦେଶୀ ନାଗରିକଙ୍କୁ ଶନିବାର ଗିରଫ କରିଛି। ସେମାନଙ୍କ ମଧ୍ୟରୁ ଜଣେ ନାବାଳ ଥିବାବେଳେ ୩ ଜଣ ମହିଳା ଓ ୬ ଜଣ ପୁରୁଷ ଥିବା ଏସ୍‌ଟିଏଫ ପକ୍ଷରୁ ସୂଚନା ଦିଆଯାଇଛି। ସେମାନେ ହେଲେ ଏମଡି ହସିମ(୪୬), ସଜିବ ଖାନ୍(୨୪), ଆଲ୍ଲାମ ସୈକା(୪୧), ଏମଡ଼ି ଅଜିମ(୪୦), ଦିଲାରା ସେକ୍ ଓରଫ ଅତଲଫ(୪୫), ଏମ୍‌ଡି ସୋହା ତାଲୁକାଦର(୩୬), କରିମା ବେଗମ(୨୫), ମୋନିରା ବେଗମ(୩୦) ଓ ସାହାଣା ବେଗମ(୪୫)। ତେବେ ଏମାନଙ୍କ ପାଖରେ କୌଣସି ପାସପୋର୍ଟ, ଭିସା କିମ୍ବା ଭ୍ରମଣ ଡକ୍ୟୁମେଣ୍ଟ ନ ଥିବାରୁ ଏସ୍‌ଟିଏଫ ଫରେନର୍ସ ଆକ୍ଟରେ ଏକ ମାମଲା ରୁଜୁ କରି ସମସ୍ତଙ୍କୁ ରବିବାର କୋର୍ଟ ଚାଲାଣ କରିଥିଲା। ସେହିପରି ନାବାଳକଙ୍କୁ ଜୁଭେନାଇଲ ଜଷ୍ଟିସ ବୋର୍ଡରେ ହାଜର କରାଯାଇଥିଲା। ସେମାନଙ୍କଠାରୁ ୭ଟି ମୋବାଇଲ, ବାଲାଂଦେଶୀ ଓ ଭାରତୀୟ ମୁଦ୍ରା ଜବତ ହୋଇଛି। ଧରାପଡିଥିବା ୧୦ ଜଣ ବାଲାଂଦେଶୀ ନାଗରିକମାନେ ଏଜେଣ୍ଟଙ୍କ ଜରିଆରେ ଧୁବୁରୀ ବର୍ଡର(ଆସାମ) ଦେଇ ଭାରତକୁ ପ୍ରବେଶ କରିଥିଲେ। ପରେ କାମ କରିବାକୁ ଓଡିଶା ଆସିଥିବା ତଦନ୍ତ ବେଳେ ଜଣାପଡିଛି। କେବଳ ଏହି ୧୦ଜଣ ନା ଅଧିକ ବାଂଲାଦେଶୀ ଓଡ଼ିଶାରେ ପଶିଛନ୍ତି ତାହାର ଅଧିକ ତଦନ୍ତ ଜାରି ରଖିଛି ଏସ୍‌ଟିଏଫ୍।

# କୂଅରୁ ଯୁବକଙ୍କ ମୃତଦେହ ଜବତ

## ୩ ଦିନ ହେଲା ନିଖୋଜ ଥିଲେ

ପୋଲସରା,୯।୩(ସୁବ୍ରତ ବେହେରା)

ଗଞ୍ଜାମ ଜିଲା ପୋଲସରା ଥାନା ପୋଲିସ କଣଛାଇ ଗାଁର ସ୍କୁଲ ପଛ ପଟେ ଥିବା ଏକ କୁଅରୁ ଜଣେ ଯୁବକଙ୍କ ମୃତଦେହ ଜବତ କରିଛି। ମୃତ ଯୁବକ ଜଣକ ସେହି ଗାଁର ଗୋଲା ଜେନାଙ୍କ ପୁଅ ପପୁ ବୋଲି ଜଣା ପଡ଼ିଛି। ପପୁ ଗତ ତିନିଦିନ ଧରି ନିଖୋଜ ଥିଲେ। ପରିବାର ଲୋକେ ବହୁ ଖୋଜା ଖୋଜି କରିଥିଲେ ମଧ୍ୟ ପପୁଙ୍କୁ ପାଇ ନ ଥିଲେ। ରବିବାର କୁଅ ଭିତରେ ପପୁଙ୍କୁ ଭାସମାନ ଅବସ୍ଥାରେ ସ୍ଥାନୀୟ ଲୋକେ ଦେଖି ପରିବାର ଲୋକଙ୍କୁ ଖବର ଦେଇଥିଲେ। ପରେ ମୃତଦେହ ଉଦ୍ଧାର ପାଇଁ ପୋଲସରା ଅଗ୍ନିଶମ ବାହିନୀ ଓ ପୋଲସରା ପୋଲିସକୁ ଜଣାଇଥିଲେ। ଘଟଣା ସ୍ଥଳରେ ଅଗ୍ନିଶମ ବାହିନୀ କର୍ମଚାରୀ ଓ ପୋଲିସ ପହଞ୍ଚି କୁଅ ଭିତରୁ ପପୁଙ୍କ ମୃତଦେହ ଉଦ୍ଧାର କରିଥିଲେ। ତାଙ୍କ ମୁଣ୍ଡରେ ଆଘାତ ଲାଗିଥିବା ଦେଖି ପରିବାର ଲୋକେ ହତ୍ୟା ସନ୍ଦେହ କରୁଛନ୍ତି। ପୋଲିସ ମୃତ ଦେହ ଜବତ କରି ବ୍ୟବଚ୍ଛେଦ ଲାଗି ବ୍ରହ୍ମପୁର ପଠାଇଛି। ନଂ.୩/୨୫ରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଥିବା ଥାନା ଅଧିକାରୀ କୌଶିକ ମାଝି କହିଛନ୍ତି।

# ୧୨ ନାରୀ ପ୍ରତିଭାଙ୍କୁ 'ଅଭିରୁଚି ନାରୀ ପ୍ରତିଭା ସମ୍ମାନ'

ଭୁବନେଶ୍ୱର,୯।୩ (ସୌମ୍ୟରଞ୍ଜନ ରାଉତ)

ସତ୍ୟନଗର ଲେଡିଜ୍ ଫୋରମ୍ ପକ୍ଷରୁ ବୁଦ୍ଧମନ୍ଦିର ପରିସରରେ ଆନ୍ତର୍ଜାତୀୟ ମହିଳା ଦିବସ ଉପଲକ୍ଷେ 'ଅଭିରୁଚି ନାରୀ ପ୍ରତିଭା ସମ୍ମାନ' ରବିବାର ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ସ୍ତମ୍ଭକାର ଓ ସମାଜସେବୀ ଅରୁନ୍ଧତୀ ଦେବୀ, ସମ୍ମାନିତ ଅତିଥି ଭାବେ ଅଭିନେତ୍ରୀ ଅନୁ ଚୌଧୁରୀ, ଓଡ଼ିଶା ଲୋକସେବା ଆୟୋଗର ସଦସ୍ୟା ସରିତା ସୁପକାର, ଓଡ଼ିଶା ସରକାରଙ୍କ ଅର୍ଥ ସେବା ଅଧିକାରୀ ସରିତା ବାରିକ ଓ ଫୋରମ୍‌ର ମୁଖ୍ୟ ପରାମର୍ଶଦାତା ନିଶିକାନ୍ତ ମିଶ୍ର ପ୍ରମୁଖ ଯୋଗଦେଇଥିଲେ। ଦୃଢ ସଂକଳ୍ପ, କଠିନ ଅଧ୍ୟବସାୟ କ୍ଷେତ୍ରରେ ସଫଳତାର ଶିଖର ଛୁଇଁଥିବା ୧୨ଜଣ ନାରୀ ପ୍ରତିଭାଙ୍କୁ 'ଅଭିରୁଚି ନାରୀ ପ୍ରତିଭା ସମ୍ମାନ'ରେ ସମ୍ମାନିତ କରାଯାଇଥିଲା। କାର୍ଯ୍ୟକ୍ରମକୁ ଫୋରମ୍ ସମ୍ପାଦିକା ଅନୁରାଧା ଦାଶ ପରିଚାଳନା କରିଥିବାବେଳେ ଫୋରମ୍ ସଭାନେତ୍ରୀ ଦୀପ୍ତିପ୍ରଭା ରଥ ଧନ୍ୟବାଦ ଦେଇଥିଲେ।




# ଚାଚେରି ବେଶରେ ଦର୍ଶନଦେଲେ ମହାପ୍ରଭୁ

ପୁରୀ,୯।୩(ଅଜିତ୍ କୁମାର ମହାନ୍ତି)

## ଶ୍ରୀମନ୍ଦିରରେ ଦୋଳଯାତ୍ରା ନୀତି ଆରମ୍ଭ



ଚାଚେରି ବେଶରେ ତିନିଠାକୁର।

ମହାପ୍ରଭୁଙ୍କ ଦ୍ୱାଦଶ ଯାତ୍ରା ମଧ୍ୟରୁ ଦୋଳଯାତ୍ରା ଅନ୍ୟତମ ତଥା ପ୍ରମୁଖ ଯାତ୍ରା। ଶ୍ରୀକ୍ଷେତ୍ରରେ ସାତଦିନ ଧରି ଏହି ଦୋଳଯାତ୍ରା ପାଳନ ହୁଏ। ପୂର୍ଣ୍ଣିମାର ପାଞ୍ଚଦିନ ପୂର୍ବରୁ ଏହି ଯାତ୍ରା ଆରମ୍ଭହୋଇ ପୂର୍ଣ୍ଣିମା ପରଦିନ ଶେଷ ହୋଇଥାଏ। ଫାଲ୍‌ଗୁନ ଶୁକ୍ଳ ଦଶମୀଠାରୁ ଚତୁର୍ଦ୍ଦଶୀ ମଧ୍ୟରେ ତିଥିକ୍ଷୟ ଥିଲେ ଫାଲ୍‌ଗୁନ ଶୁକ୍ଳ ନବମୀଠାରୁ ଯାତ୍ରା ପାଳନ କରାଯାଏ। ସର୍ବତ୍ର ରାଧାକୃଷ୍ଣଙ୍କ ଦୋଳଯାତ୍ରାର ପ୍ରସିଦ୍ଧି ଥିଲେ ମଧ୍ୟ ଶ୍ରୀକ୍ଷେତ୍ରରେ ଶ୍ରୀଦେବୀ ଓ ଭୂଦେବୀଙ୍କ ସହ ଦୋଳଗୋବିନ୍ଦଙ୍କ ଦୋଳଯାତ୍ରା ପରେ ଏକତ୍ରାବସ୍ଥାନ ଶ୍ରୀକ୍ଷେତ୍ର ଏବଂ ଶ୍ରୀମନ୍ଦିରର ମାହାତ୍ମ୍ୟ ପୃଥକ୍ ଭାବେ ସୂଚାଇଦିଏ। ଫଗୁଦଶମୀ ଅବସରରେ ରବିବାର ଶ୍ରୀମନ୍ଦିରରେ ରତ୍ନସିଂହାସନାରୂଢ଼ ଶ୍ରୀବିଗ୍ରହମାନଙ୍କର ମନୋରମ ଚାଚେରି ବେଶ ମଧ୍ୟାହ୍ନଧୂପ ପରେ ସ୍ୱତନ୍ତ୍ର ଭାବେ ଅନୁଷ୍ଠିତ ହୋଇଥିଲା। ଫାଲ୍‌ଗୁନ ଶୁକ୍ଳପକ୍ଷ ଦଶମୀଠାରୁ ଚତୁର୍ଦ୍ଦଶୀ ପର୍ଯ୍ୟନ୍ତ ପ୍ରତିଦିନ ମଧ୍ୟାହ୍ନ ଧୂପ ପରେ ଠାକୁରମାନଙ୍କ ଏହି ଚାଚେରି ବେଶ ଅନୁଷ୍ଠିତ ହୋଇଥାଏ।

ଫଗୁଦଶମୀ ଅବସରରେ ରବିବାର ମହାପ୍ରଭୁଙ୍କ ମଧ୍ୟାହ୍ନ ଧୂପ ସରିବା ପରେ ତିନିବାଡ଼ରେ ମଇଲମ କରାଯାଇ ଠାକୁରମାନଙ୍କୁ ବୋଇରାଣୀ ମାଧବଳୀ ନୂତନ ପାଟବସ୍ତ୍ର ଲାଗି କରାଯାଇଥିଲା। ସାଧାରଣତଃ ଚାଚେରୀ ବେଶରେ ଠାକୁରମାନେ ଲାଲ ବର୍ଣ୍ଣ ବସ୍ତ୍ର ପରିଧାନ କରିଥାନ୍ତି। ପାଳିଆ ମେକାପ ଭଣ୍ଡାର ଘରୁ ଚନ୍ଦନ ଆଣିବା ପରେ ତିନିବାଡ଼ରେ ସର୍ବାଙ୍ଗ ନୀତି ବଢିଥିଲା। ପରେ ରତ୍ନସିଂହାସନରେ ତିନିବାଡ଼ରେ ଚାଚେରୀ ବେଶ ଅନୁଷ୍ଠିତ ହୋଇଥିଲା। ଶ୍ରୀଜଗନ୍ନାଥ ଓ ଶ୍ରୀବଳଭଦ୍ର ନଳି ଭୁଜ ପରିଧାନ କରିବା ସହ ତବିଜ ମାଳ, ପଦ୍ମମାଳି, ହରଡ଼ ମାଳି, କୁଣ୍ଡଳ, ଚନ୍ଦ୍ରିକା, ଅଷ୍ଟାପଟି, ଛମୂର୍ତ୍ତି ଅଳଙ୍କାର ଇତ୍ୟାଦି ସ୍ୱର୍ଣ୍ଣ ଅଳଙ୍କାରରେ ସଜ୍ଜିତ ହୋଇଥିଲେ। ସେହିପରି ଦେବୀ ସୁଭଦ୍ରା ଚନ୍ଦ୍ର, ସୂର୍ଯ୍ୟ ଓ ତଡ଼ଗୀ ଲାଗି ସହ ପୁଷ୍ପ ଅଳଙ୍କାରରେ ସଜେଇ ହୋଇଥିଲେ। ଏହିବେଶ ପୂର୍ବରୁ ମାହାଜନ ସେବକଙ୍କ ଦ୍ୱାରା ଭୂଦେବୀ, ଶ୍ରୀଦେବୀ ଦକ୍ଷିଣୀଘରକୁ ବିଜେ କରାଯାଇ ବେଶ କରାଯାଇଥିଲା। ପରେ ଚାଚେରୀ ଭୋଗ ଛାମୁକୁ ଆସିଥିଲା। ଭୂଦେବୀ, ଶ୍ରୀଦେବୀ ଏବଂ ଦୋଳଗୋବିନ୍ଦ ସିଂହାସନକୁ ବିଜେ ହୋଇଥିଲେ। ପଞ୍ଚପଚାରରେ ଚାଚେରୀ ଭୋଗ କରାଯାଇଥିଲା। ପାଣି ପଡ଼ିଲା ପରେ ପୂଜାପଣ୍ଡା ସାମନ୍ତେ, ପତି ମହାପାତ୍ର ଓ ମୁଦିରସ୍ତଙ୍କ ଦ୍ୱାରା ଫଗୁ ଲାଗି ସହ ବନ୍ଦାପନା ହୋଇଥିଲା। ମୁଦିରସ୍ତ ସିଂହାସନ ତଳେ ଝିମିରି ଫଗୁ ଅଞ୍ଜଳି, ଶ୍ରୀଅଙ୍ଗରେ ଫଗୁ ଲାଗି ଏବଂ ଆଳଟ ଚାମର କରିଥିଲେ। ଆଜ୍ଞାମାଳ ପାଇବାପରେ ଶ୍ରୀଦୋଳଗୋବିନ୍ଦ, ଭୂଦେବୀ ଓ ଶ୍ରୀଦେବୀ ବିମାନରେ ବିଜେ ହୋଇ ଜଗନ୍ନାଥବଲ୍ଲଭ ମଠକୁ ବିଜେ କରିଥିଲେ। ଶ୍ରୀମନ୍ଦିରରେ ସନ୍ଧ୍ୟା ଆଳତି ବଢି ସନ୍ଧ୍ୟାଧୂପ ନିମନ୍ତେ ପାଣି ପଡ଼ିଥିଲା। ଅପରପକ୍ଷରେ ଚଳନ୍ତି ପ୍ରତିମା ଠାକୁର ଠାକୁରାଣୀଙ୍କ ନିକଟରେ ଜଗନ୍ନାଥବଲ୍ଲଭରେ ଜଉ ଡାବଖେଳ, ଫଗୁ ବନ୍ଦାପନା, ଶୀତଳ ଭୋଗ ସରିବା ପରେ ବିଜେ ପ୍ରତିମାମାନେ ଶ୍ରୀମନ୍ଦିରକୁ ବାହୁଡ଼ା ବିଜେ କରିଥିଲେ। ପରେ ପାଣି ଲାଗିହୋଇ ଭୂଦେବୀ, ଶ୍ରୀଦେବୀ ରତ୍ନସିଂହାସନକୁ ଏବଂ ଦୋଳଗୋବିନ୍ଦ ଦକ୍ଷିଣୀଘରକୁ ବିଜେ ହୋଇଥିଲେ। ଫଗୁଦଶମୀଠାରୁ ଚତୁର୍ଦ୍ଦଶୀ ପର୍ଯ୍ୟନ୍ତ ପ୍ରତ୍ୟେକ ଦିନ ଚଳନ୍ତି ପ୍ରତିମା ଜଗନ୍ନାଥ ବଲ୍ଲଭକୁ ଆସି ନୀତି ସମ୍ପାଦନ କରିବେ। ସେହିପରି ଶ୍ରୀମନ୍ଦିରରେ ଶ୍ରୀବିଗ୍ରହମାନଙ୍କ ଚାଚେରୀ ବେଶ ଅନୁଷ୍ଠିତ ହେବ। ଚତୁର୍ଦ୍ଦଶୀ ଓ ଦୋଳପୂର୍ଣ୍ଣିମା ଦିନ ଠାକୁର ଦୋଳବେଦି ପରିସରକୁ ଯାଇ ନୀତି ସମ୍ପାଦନ କରିବେ।

# ପୂର୍ବତନ ମନ୍ତ୍ରୀ ଅନନ୍ତ ଦାସଙ୍କ ପରଲୋକ





ଭୋଗରାଇ,୯।୩(ପ୍ରଦୀପ ଦାସ)

ଓଡ଼ିଶାର ପୂର୍ବତନ ମନ୍ତ୍ରୀ ତଥା ଭୋଗରାଇର ପୂର୍ବତନ ବିଧାୟକ ଅନନ୍ତ ଦାସ(୮୫)ଙ୍କ ରବିବାର ଭୋର ସମୟରେ ପରଲୋକ ହୋଇଯାଇଛି। ସେ କିଛି ଦିନ ହେଲା ବାର୍ଦ୍ଧକ୍ୟଜନିତ ରୋଗରେ ପୀଡ଼ିତ ହୋଇ ଶଯ୍ୟାଶାୟୀ ଥିଲେ। ଭୁବନେଶ୍ୱରସ୍ଥିତ ତାଙ୍କ ବାସଭବନରେ ପରଲୋକ ହେବା ପରେ ତାଙ୍କ ମରଶରୀରକୁ ପ୍ରଥମେ ବାସଭବନରୁ ବିଧାନସଭା ପରିସରକୁ ନିଆଯାଇ ଶ୍ରଦ୍ଧାଞ୍ଜଳି ଦିଆଯାଇଥିଲା। ସେଠାରେ ବାଚସ୍ପତି ସୁରମା ପାଢୀ ତଥା ବହୁ ମନ୍ତ୍ରୀ, ବିଧାୟକ ଶେଷଦର୍ଶନ କରିଥିଲେ। ପରେ ସେଠାରୁ ବିଜେଡିର ଶଙ୍ଖଭବନକୁ ନିଆଯାଇ ରଖାଯିବା ପରେ ବହୁ ବରିଷ୍ଠ ମନ୍ତ୍ରୀ, ବିଧାୟକଙ୍କ ସମେତ ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ପୁଷ୍ପମାଲ୍ୟ ଦେଇ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ। ଭୋଗରାଇ ବିଧାୟକ ଗୌତମବୁଦ୍ଧ ଦାସଙ୍କ ସମେତ ବହୁ ବିଧାୟକ, ପୂର୍ବତନ ଏମ୍‌ପି, ମନ୍ତ୍ରୀ, ପ୍ରଶାସକ ଶେଷଦର୍ଶନ କରିବା ସହିତ ଶ୍ରଦ୍ଧାଞ୍ଜଳି ଦେଇଥିଲେ।

ଭୁବନେଶ୍ୱରରୁ ଏକ ଗାଡ଼ିରେ ମରଶରୀରକୁ ବାଲେଶ୍ୱର ଅଣାଯାଇ ଉପକଣ୍ଠରେ ଥିବା ତାଙ୍କ ବାସଭବନରେ ରଖାଯିବା ପରେ ବହୁ ମାନ୍ୟଗଣ୍ୟ ବ୍ୟକ୍ତି, ପୂର୍ବତନ ବିଧାୟକ, ଏମ୍‌ପି, ପ୍ରଶାସକ, ବିଭିନ୍ନ ଗଣସଙ୍ଗଠନର ନେତୃବୃନ୍ଦ, ସାମାଜିକ ଅନୁଷ୍ଠାନ, ଶିକ୍ଷକସଂଘ ତାଙ୍କୁ ଶେଷଦର୍ଶନ କରିବା ସହିତ ପୁଷ୍ପମାଲ୍ୟ ଦେଇ ଶ୍ରଦ୍ଧାଞ୍ଜଳି ଦେଇଥିଲେ। ଅନନ୍ତଙ୍କ ପରଲୋକ ଖବର ପାଇବା ପରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ଉପ ମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ ଓ ବାଚସ୍ପତି ସୁରମା ପାଢ଼ୀ ପ୍ରମୁଖ ଶୋକ ପ୍ରକାଶ କରିଛନ୍ତି।

୧୯୪୦ ଅଗଷ୍ଟ ୨୮ତାରିଖରେ ଭୋଗରାଇ ବ୍ଲକର କୁରୁଠିଆ ଗ୍ରାମରେ ଜନ୍ମଗ୍ରହଣ କରିଥିବା ଅନନ୍ତ ଓକିଲାତି ଡିଗ୍ରୀ ହାସଲ କରିବା ପରେ ଓଡ଼ିଶାର ବିଭିନ୍ନ ସ୍ଥାନରେ ପ୍ରଶାସନିକ ଅଧିକାରୀ ଭାବେ କାର୍ଯ୍ୟ ତୁଲାଇ ଚାକିରିରୁ ଅବସର ନେଇଥିଲେ। ଭୋଗରାଇର ଜନଜୀବନ ସମସ୍ୟା ନେଇ ପ୍ରଥମେ ଭୋଗରାଇ ବିକାଶ ପରିଷଦ ନାମରେ ଏକ ଅଣ ରାଜନୈତିକ ସଙ୍ଗଠନ ଗଢ଼ି ସାମାଜିକ ଆନ୍ଦୋଳନ ପାଇଁ ଅଣ୍ଟା ଭିଡିଥିଲେ। ଏଥିସହିତ ଉତ୍କଳ ସମ୍ମିଳନୀର ଜିଲା ସମ୍ପାଦକ, ବାଲେଶ୍ୱର ଚାଷୀ ଆନ୍ଦୋଳନର ସଭାପତି ଭାବେ ତାଙ୍କ ରାଜନୈତିକ ଜୀବନକୁ ଉଜ୍ଜୀବିତ କରିଥିଲେ। ୨୦୦୪ ରେ ଭୋଗରାଇ ବିଧାନସଭା ନିର୍ବାଚନରେ ବିଜୁ ଜନତା ଦଳରୁ ଟିକେଟ ପାଇ ବିଜୟୀ ହୋଇଥିଲେ। ୨୦୦୪ ରୁ ୨୦୧୯ ପର୍ଯ୍ୟନ୍ତ ଭୋଗରାଇ ନିର୍ବାଚନମଣ୍ଡଳୀରୁ ୪ଥର ଲଗାତର ନିର୍ବାଚିତ ହୋଇ ଭୋଗରାଇ ଇତିହାସରେ ରେକର୍ଡ ସୃଷ୍ଟି କରିଥିଲେ। ୨୦୧୪ରେ ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ସମୟରେ ସରକାରୀ ଦଳର ମୁଖ୍ୟ ସଚେତକ, ବିଜେଡିର ଜିଲା ସଭାପତି, ୨୦୧୭ରେ ମନ୍ତ୍ରିମଣ୍ଡଳରେ ଉଚ୍ଚଶିକ୍ଷା, ରାଷ୍ଟ୍ର ଶିଳ୍ପମନ୍ତ୍ରୀ ସହ ୨୦୧୯ ରେ ଜିଲା ଯୋଜନା ବୋର୍ଡର ଅଧ୍ୟକ୍ଷ ଭାବେ କାର୍ଯ୍ୟ ତୁଲାଇ ଆସୁଥିଲେ। ତାଙ୍କ ସମୟରେ ଭୋଗରାଇ ନିର୍ବାଚନମଣ୍ଡଳୀରେ ଭୁଷଣ୍ଡେଶ୍ୱର ମହାଦେବଙ୍କ ନୂତନ ମନ୍ଦିର ନିର୍ମାଣ ହୋଇଛି। ସ୍ୱର୍ଗତ ଅନନ୍ତ ଦାସଙ୍କ ପାର୍ଥିବ ଶରୀର ରବିବାର ବାଲେଶ୍ୱର ଉପକଣ୍ଠରେ ରାତିରେ ରହିବା ପରେ ସୋମବାର ଭୋଗରାଇକୁ ଅଣାଯିବ। ସକାଳ ୫ଟାରେ ଭୋଗରାଇ ଦେହୁଣ୍ଡାସ୍ଥିତ ଅନ୍ୟ ଏକ ବାସଭବନରେ ତାଙ୍କୁ ରଖାଯାଇଛି। ଭୋଗରାଇ ଜନସାଧାରଣଙ୍କ ଶେଷଦର୍ଶନ ନିମନ୍ତେ ଅଣାଯାଇ ପରିକ୍ରମା କଲା ପରେ ଜନ୍ମ ମାଟି କୁରୁଠିଆ ଗ୍ରାମରେ ରାଷ୍ଟ୍ରୀୟ ମର୍ଯ୍ୟାଦାର ସହ ଶେଷକୃତ୍ୟ ସମ୍ପନ୍ନ ହେବ ବୋଲି ପରିବାର ସୂତ୍ରରୁ ଜଣାପଡିଛି।

# କମ୍ପାନୀ ସେକ୍ରେଟାରୀ: ସୁଯୋଗ ଓ ସମ୍ଭାବନାରେ ଭରପୂର ଏକ କ୍ୟାରିୟର

*କମ୍ପାନୀ ସେକ୍ରେଟାରୀ ପାଠ୍ୟକ୍ରମ ଏକ ସମୃଦ୍ଧ କ୍ୟାରିୟର୍ ବିକଶିତ କରିବାର ଅନ୍ୟତମ ଫଳପ୍ରଦ ମାର୍ଗରେ ପରିଣତ ହୋଇଛି । ଏହା ସମ୍ମାନ ଏବଂ କାର୍ଯ୍ୟ ସନ୍ତୁଷ୍ଟି ଉଭୟ ପ୍ରଦାନ କରିଥାଏ ।*



ଯୋଗ୍ୟତାପ୍ରାପ୍ତ କମ୍ପାନୀ ସେକ୍ରେଟାରୀମାନେ କର୍ମନିଯୁକ୍ତି ଗ୍ରହଣ କରିବା କିମ୍ବା ସାର୍ଟିଫିକେଟ୍ ଅଫ୍ ପ୍ରାକ୍ଟିସ୍ ହାସଲ କରି ସ୍ୱାଧୀନ ପ୍ରାକ୍ଟିସିଂ କମ୍ପାନୀ ସେକ୍ରେଟାରୀ ଭାବେ କାର୍ଯ୍ୟ କରିବାର ବିକଳ୍ପ ଚୟନ କରିପାରିବେ । କମ୍ପାନୀ ଅଧିନିୟମ, ୨୦୧୩ କମ୍ପାନୀ ସେକ୍ରେଟାରୀମାନଙ୍କୁ ସଂଗଠନରେ ପ୍ରମୁଖ ପରିଚାଳନା କର୍ମଚାରୀ ବା ପ୍ରମୁଖ ମ୍ୟାନେଜରିଆଲ୍ ପର୍ସୋନେଲ୍ (କେଏମ୍‌ପି)ର ଏକ ବିଶେଷ ମାନ୍ୟତା ପ୍ରଦାନ କରିଛି, ଯାହାଦ୍ୱାରା ସେମାନଙ୍କ ପାହ୍ୟା ପରିଚାଳନା ନିର୍ଦ୍ଦେଶକ (ଏମ୍‌ଡି), ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ (ସିଇଓ), ପରିଚାଳକ, ପୂର୍ଣ୍ଣକାଳୀନ ନିର୍ଦ୍ଦେଶକ(ଗଣ) ଏବଂ ମୁଖ୍ୟ ବିତ୍ତ ଅଧିକାରୀ (ସିଏଫ୍‌ଓ)ଙ୍କ ସମକକ୍ଷ ହୋଇଥାଏ । କମ୍ପାନୀ ଅଧିନିୟମ, ୨୦୧୩ ପ୍ରାକ୍ଟିସିଂ କମ୍ପାନୀ ସେକ୍ରେଟାରୀଙ୍କ ଦ୍ୱାରା ସେକ୍ରେଟାରିଆଲ୍ ଅଡିଟ୍‌କୁ ମଧ୍ୟ ବାଧ୍ୟତାମୂଳକ କରିଛି, ଯାହାଫଳରେ ସେମାନଙ୍କର ଭୂମିକା ଅଧିକ ପ୍ରଶସ୍ତ ଏବଂ ସମାବେଶୀ ହୋଇଯାଇଛି ।

ସେମାନଙ୍କର ସର୍ବପ୍ରଧାନ କାର୍ଯ୍ୟ ପରିସର ବ୍ୟତୀତ, ଆପଦ ପରିଚାଳନା ଓ ପ୍ରଶମନ, ଇଏସ୍‌ଜି, ମୂଲ୍ୟାୟନ, ଦେବାଳିଆପଣ, ସାମାଜିକ ସମୀକ୍ଷା, ସମ୍ମିଶ୍ରଣ ଓ ଅଧିଗ୍ରହଣ, ବିକଳ୍ପ ବିବାଦ ସମାଧାନ, ପ୍ରତିନିଧିତ୍ୱ ସେବା ଆଦି କ୍ଷେତ୍ରରେ କମ୍ପାନୀ ସେକ୍ରେଟାରୀଙ୍କ ପାଇଁ ବ୍ୟାପକ ସୁଯୋଗ ଉପଲବ୍ଧ ରହିଛି । ତେଣୁ, ସବୁ ଆଶାୟୀଙ୍କ ପାଇଁ ଏହା ଏକ ଆଦର୍ଶ କ୍ୟାରିୟର୍ ପସନ୍ଦ ଅଟେ।

ଦି ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ କମ୍ପାନୀ ସେକ୍ରେଟାରିଜ୍ ଅଫ୍ ଇଣ୍ଡିଆ (ଆଇସିଏସ୍‌ଆଇ) ଭାରତରେ କମ୍ପାନୀ ସେକ୍ରେଟାରୀ ସଦସ୍ୟତା ଦେଉଥିବା ଏକମାତ୍ର ଅଗ୍ରଣୀ ରାଷ୍ଟ୍ରୀୟ ବୃତ୍ତିଗତ ନିକାୟ ଅଟେ । କମ୍ପାନୀ ସେକ୍ରେଟାରୀ ଅଧିନିୟମ, ୧୯୮୦ ଅଧୀନରେ ଗଠିତ ଆଇସିଏସ୍‌ଆଇ ଭାରତ ସରକାରଙ୍କ କର୍ପୋରେଟ୍ ବ୍ୟାପାର ମନ୍ତ୍ରଣାଳୟର ଛତ୍ରଛାୟା ଅଧୀନରେ କାର୍ଯ୍ୟ କରିଥାଏ ଏବଂ ଭାରତରେ କମ୍ପାନୀ ସେକ୍ରେଟାରୀ ବୃତ୍ତିକୁ ନିୟନ୍ତ୍ରଣ ଓ ବିକଶିତ କରିବାରେ ମୁଖ୍ୟ ଭୂମିକା ତୁଲାଇଥାଏ ।

ଆଇସିଏସ୍‌ଆଇର ମୁଖ୍ୟାଳୟ ନୂଆଦିଲ୍ଲୀ ଏବଂ ନଏଡାରେ ଅବସ୍ଥିତ ହୋଇଥିବା ବେଳେ ନୂଆଦିଲ୍ଲୀ, କୋଲକାତା, ଚେନ୍ନାଇ ଓ ମୁମ୍ବାଇଠାରେ ଏହାର ୪ଟି ଆଞ୍ଚଳିକ କାର୍ଯ୍ୟାଳୟ, ସାରା ଭାରତରେ ୭୩ଟି ଚାପ୍ଟର କାର୍ଯ୍ୟାଳୟ, ନଭି ମୁମ୍ବାଇ, ହାଇଦ୍ରାବାଦ ଓ କୋଲକାତାଠାରେ ୩ଟି କର୍ପୋରେଟ୍ ଗଭର୍ଣ୍ଣାନ୍ସ, ଗବେଷଣା ଓ ପ୍ରଶିକ୍ଷଣ କେନ୍ଦ୍ର ତଥା ଅଷ୍ଟ୍ରେଲିଆ, କାନାଡା, ସିଙ୍ଗାପୁର, ୟୁଏଇ, ୟୁକେ ଓ ୟୁଏସ୍‌ଏରେ ୬ଟି ଦରିଆପାରି କେନ୍ଦ୍ର ରହିଛି ।

## ଯୋଗ୍ୟତା ଏବଂ ପଞ୍ଜୀକରଣ

ଯେକୌଣସି ପାଠ୍ୟଶୃଙ୍ଖଳା (ଚାରୁକଳା ବ୍ୟତୀତ)ର ବିଦ୍ୟାର୍ଥୀ କମ୍ପାନୀ ସେକ୍ରେଟାରୀ ଏକ୍‌ଜିକ୍ୟୁଟିଭ୍ ପ୍ରବେଶିକା ପରୀକ୍ଷା (ସିଏସ୍‌ଇଇଟି) ଦେଇ କମ୍ପାନୀ ସେକ୍ରେଟାରୀ ପାଠ୍ୟକ୍ରମରେ ପଞ୍ଜୀକରଣ ଓ ଅଧ୍ୟୟନ କରିପାରିବେ । ଏହି ପରୀକ୍ଷା ଦୂରାନ୍ତ ତତ୍ତ୍ୱାବଧାରଣ ପଦ୍ଧତି ଅଧୀନରେ ବର୍ଷରେ ୪ ଥର ସଞ୍ଚାଳିତ ହୋଇଥାଏ । ସିଏସ୍‌ଇଇଟିରେ ଉତ୍ତୀର୍ଣ୍ଣ ହେବା ପରେ ବିଦ୍ୟାର୍ଥୀମାନେ ଅନ୍‌ଲାଇନରେ କମ୍ପାନୀ ସେକ୍ରେଟାରୀ ଏକ୍‌ଜିକ୍ୟୁଟିଭ୍ ପ୍ରୋଗ୍ରାମରେ ପଞ୍ଜୀକରଣ କରିପାରିବେ। ହେଲେ, ସ୍ନାତକ, ସ୍ନାତକୋତ୍ତର ତଥା ଆଇସିଏଆଇ/ଆଇସିଏମ୍‌ଏଆଇର ଚୂଡ଼ାନ୍ତ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଥିବା ପ୍ରାର୍ଥୀମାନଙ୍କୁ ସିଏସ୍‌ଇଇଟି ଦେବାକୁ ପଡ଼ି ନ ଥାଏ । ସିଏସ୍ ଏକ୍‌ଜିକ୍ୟୁଟିଭ୍ ପ୍ରୋଗ୍ରାମ୍‌ରେ ଉତ୍ତୀର୍ଣ୍ଣ ହେବା ପରେ ବିଦ୍ୟାର୍ଥୀମାନେ ସିଏସ୍ ପ୍ରଫେସନାଲ ପ୍ରୋଗ୍ରାମରେ ନାମ ଲେଖାଇପାରିବେ ।

## ପ୍ରଶିକ୍ଷଣ ଏବଂ ଆର୍ଥିକ ସହାୟତା

ଆଇସିଏସ୍‌ଆଇ ଏହାର ଆଞ୍ଚଳିକ ଏବଂ ଚାପ୍ଟର କାର୍ଯ୍ୟାଳୟଗୁଡ଼ିକରେ ନିଜର ବିଦ୍ୟାର୍ଥୀମାନଙ୍କ ପାଇଁ ପାଠ୍ୟକ୍ରମ ସାମଗ୍ରୀ ଯୋଗାଇବା ସହିତ ସ୍ୱତନ୍ତ୍ର କ୍ଲାସ୍‌ର ଆୟୋଜନ କରିଥାଏ । ଏହା ନିଃଶୁଳ୍କ ଅନ୍‌ଲାଇନ କ୍ଲାସ୍, ବିଶିଷ୍ଟ ଅଧ୍ୟାପକଙ୍କ ଦ୍ୱାରା ଅଧ୍ୟାପନା ଏବଂ ବାସ୍ତବ ସମୟ ସନ୍ଦେହ ଦୂରୀକରଣ କାର୍ଯ୍ୟକ୍ରମ ମଧ୍ୟ ଆୟୋଜନ କରିଥାଏ । ଆଇସିଏସ୍‌ଆଇରେ ବିଦ୍ୟାର୍ଥୀମାନଙ୍କୁ ବିବିଧ ପ୍ରଶିକ୍ଷଣ କାର୍ଯ୍ୟକ୍ରମର ସମ୍ମୁଖୀନ ହେବା ସହିତ କର୍ପୋରେଟ୍ ଏବଂ ପ୍ରାକ୍ଟିସିଂ କମ୍ପାନୀ ସେକ୍ରେଟାରୀଙ୍କ ନିକଟରେ ବ୍ୟାବହାରିକ ପ୍ରଶିକ୍ଷଣ ନେବାକୁ ହୋଇଥାଏ । ଏହାଦ୍ୱାରା ସେମାନଙ୍କର ମୁଖ୍ୟ ଦକ୍ଷତା, ବ୍ୟାବହାରିକ ଦକ୍ଷତା ଏବଂ ନେତୃତ୍ୱ କ୍ଷମତା ବିକଶିତ ହୋଇଥାଏ । ଆଇସିଏସ୍‌ଆଇରେ ଛାତ୍ରବୃତ୍ତି/ଦେୟ ଛାଡ଼/ରିହାତି ଆକାରରେ ବିଭିନ୍ନ ଆର୍ଥିକ ସହାୟତା ଯୋଜନା ମଧ୍ୟ ଉପଲବ୍ଧ ହୋଇଥାଏ ।

**କମ୍ପାନୀ ଅଧିନିୟମ, ୨୦୧୩ କମ୍ପାନୀ ସେକ୍ରେଟାରୀଙ୍କ ଦ୍ୱାରା ସେକ୍ରେଟାରିଆଲ୍ ଅଡିଟ୍‌କୁ ବାଧ୍ୟତାମୂଳକ କରିଥିବାରୁ କମ୍ପାନୀ ସେକ୍ରେଟାରୀଙ୍କ ଚାହିଦା ବେଶ୍ ବୃଦ୍ଧି ପାଇଛି ।**

**ସବିଶେଷ ସୂଚନା www.icsi.edu ରେ ଉପଲବ୍ଧ ।**

# ମଣିପୁର ନିଆଁ ଲିଭୁନାହିଁ

ମୁଖ୍ୟମନ୍ତ୍ରୀ ପଦରୁ ଏନ୍. ବୀରେନ୍ ସିଂ ଇସ୍ତଫା ଦେବାର ୪ ଦିନ ପରେ ୧୩ ଫେବୃଆରୀ ୨୦୨୫ରେ ମଣିପୁରରେ ରାଷ୍ଟ୍ରପତି ଶାସନ ଜାରି କରାଯାଇଥିଲା। ଆଶା କରାଯାଉଥିଲା କେନ୍ଦ୍ର ସରକାର ନିରାପତ୍ତା ଦାୟିତ୍ୱ ନେବା ପରେ ଜାତିଗତ ହିଂସାରେ ୩ ମେ ୨୦୨୩ରୁ ଘୋର ପ୍ରଭାବିତ ହୋଇଆସିଥିବା ଏହି ଉତ୍ତର ପୂର୍ବାଞ୍ଚଳ ରାଜ୍ୟ ତଥା ଅନ୍ତର୍ଜାତୀୟ ସୀମାନ୍ତ ଅଞ୍ଚଳରେ ଶାନ୍ତି ଫେରିଆସିବ। କିନ୍ତୁ ରାଷ୍ଟ୍ରପତି ଶାସନକୁ ମାସେ ପୂରି ନାହିଁ କାଙ୍ଗପୋକ୍ପି ଜିଲାରେ ୮ ମାର୍ଚ୍ଚରେ କୁକି ବିକ୍ଷୋଭକାରୀ ଓ ସୁରକ୍ଷା କର୍ମୀଙ୍କ ମଧ୍ୟରେ ସଂଘର୍ଷ ଘଟି ଜଣଙ୍କ ମୃତ୍ୟୁ ଘଟିଥିବା ବେଳେ ୪୦ ଜଣ ଆହତ ହୋଇଛନ୍ତି। କୁକି ଯୁବକଙ୍କ ମୃତ୍ୟୁ ଘଟିଥିବାରୁ ସମ୍ପୃକ୍ତ ଅଞ୍ଚଳରେ ଉତ୍ତେଜନା ଲାଗି ରହିଛି।

ସଦ୍ୟ ହିଂସା ଘଟିବା ପଛରେ କେନ୍ଦ୍ର ସରକାରଙ୍କ ଏକ ନିଷ୍ପତ୍ତି ଦାୟୀ ବୋଲି କୁହାଯାଉଛି। ୧ ମାର୍ଚ୍ଚରେ ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା ସୁରକ୍ଷା ସମୀକ୍ଷା ବୈଠକରେ ମଣିପୁରରେ ମାର୍ଚ୍ଚ ୮ରୁ ଅବାଧ ଗମନାଗମନ ହେବା ନେଇ ଅନୁମତି ଦିଆଗଲା ବୋଲି କହିଥିଲେ। କିନ୍ତୁ କୁକି ଅଧ୍ୟୁଷିତ ଅଞ୍ଚଳରେ ସରକାରୀ ବସ୍ ଚଳାଚଳ କରିବାରୁ ତାହାକୁ ପ୍ରତିବାଦକାରୀମାନେ ବିରୋଧ କରିଥିଲେ। ଫଳରେ କୁକି ସମ୍ପ୍ରଦାୟ ଓ ସୁରକ୍ଷା କର୍ମୀଙ୍କ ମଧ୍ୟରେ ସଂଘର୍ଷ ଘଟି ସ୍ଥିତି ଅସ୍ୱାଭାବିକ ହୋଇପଡ଼ିଛି। ଯେଉଁ କୈଥେଲମାନ୍ବି ଜାତୀୟ ରାଜପଥଠାରେ ଏବେ ହିଂସା ଘଟିଛି, ସେଠାରେ ୩ ମେ ୨୦୨୩ରୁ କୁକି ଓ ମେତେଇ ମଧ୍ୟରେ ଜାତିଆଣ ବିଦ୍ୱେଷ ଦେଖାଦେବା ଦିନୁ ରାସ୍ତା ଅବରୋଧ ରହିଛି। ଉଲ୍ଲେଖ କରାଯାଇପାରେ ଯେ, ପାହାଡ଼ିଆ ଅଞ୍ଚଳରେ ରହୁଥିବା କୁକି ଓ ଉପତ୍ୟକା ଇଲାକାରେ ବାସ କରୁଥିବା ମେତେଇ ସମ୍ପ୍ରଦାୟ ମଧ୍ୟରେ ଘଟି ଆସିଥିବା ସଂଘର୍ଷରେ ଅଦ୍ୟାବଧି ୨୫୦ ଜଣଙ୍କ ମୃତ୍ୟୁ ଘଟିଥିବା ବେଳେ ୬୦ ହଜାରରୁ ଅଧିକ ଲୋକ ବାସଚ୍ୟୁତ ହୋଇଛନ୍ତି। ଏହି ସମୟ ମଧ୍ୟରେ ଅନେକ ନାରୀ ନିର୍ଯାତନା ଏପରିକି ମହିଳାଙ୍କୁ ଉଲଗ୍ନ କରାଯାଇ ରାସ୍ତାରେ ଚଲେଇ ଚଲେଇ ନେବା ଘଟଣା ସଭ୍ୟ ସମାଜର ବିବେକକୁ ଦୋହଲାଇ ଦେଇସାରିଛି।

> **ପୂର୍ବରୁ ରାଜନୈତିକ ସୁବିଧାକୁ ଆଖି ଆଗରେ ରଖି ଲଗାଯାଇଥିବା ନିଆଁକୁ ଏବେ ମଧ୍ୟ ଲିଭା ଯାଇପାରୁ ନାହିଁ। ସେଥିପାଇଁ ଅତିଶୀଘ୍ର କେନ୍ଦ୍ର ସରକାର ରଣନୀତି ବଦଳାଇ ଓ କ୍ଷୁଦ୍ର ରାଜନୀତିଠାରୁ ଊର୍ଦ୍ଧ୍ୱକୁ ଯାଇ ମଣିପୁର ଭଳି ସୀମାନ୍ତ ରାଜ୍ୟରେ ତୁରନ୍ତ ଶାନ୍ତି ଫେରାଇ ଆଣିବାର ସବୁ ଚେଷ୍ଟା କରିବା ଦରକାର। ଅଶାନ୍ତି ଯେତେ ଦିନ ଲାଗି ରହିବ, ତାହା କେବଳ କେନ୍ଦ୍ରର ଅପାରଗତାକୁ ପଦାରେ ପକାଉଥିବା।**

ମଣିପୁରର ସଦ୍ୟ ହିଂସାକୁ ଦେଖିଲେ ଗଣ୍ଡଗୋଳ ଉପୁଜୁଥିବା ଅଞ୍ଚଳରେ ସୁରକ୍ଷାକର୍ମୀଙ୍କ ମୁତୟନ ହେଉ ବା ସେମାନଙ୍କ ଉପସ୍ଥିତିରେ ସ୍ୱାଭାବିକ ଅବସ୍ଥା ଫେରାଇ ଆଣିବା ଲାଗି ଜୋରଜବରଦସ୍ତ ହେଉଥିବା ପ୍ରୟାସ ଫଳପ୍ରଦ ହେବ ବୋଲି ବିଶ୍ୱାସ ହେଉନାହିଁ। କାରଣ ଯେତେବେଳେ ଗୋଟେ ଭୂଖଣ୍ଡ ବିଶୃଙ୍ଖଳିତ ହୋଇଯାଏ, ସେହି ଅଞ୍ଚଳରେ କିଭଳି ଆହୁରି ଶାନ୍ତି ଭଙ୍ଗ ହେବ, ସେଥିଲାଗି ଭିତରେ ଓ ବାହାରେ ଥିବା ବିଚ୍ଛିନ୍ନତାବାଦୀ ଗୋଷ୍ଠୀଗୁଡ଼ିକ ସକ୍ରିୟ ହୋଇଯାଇଥାଆନ୍ତି। କିଛି ବର୍ଷ ହେବ ପଡ଼ୋଶୀ ରାଷ୍ଟ୍ରଙ୍କ ସହ ଭାରତର ସମ୍ପର୍କ ଭଲ ନ ଥିବାରୁ ବାହ୍ୟଶକ୍ତି ଛିଦ୍ର ପାଇବା ମାତ୍ରେ ସେମାନଙ୍କ ଲକ୍ଷ୍ୟ ପୂରଣରେ ଲାଗି ପଡୁଛନ୍ତି। ଏହି ବିଷୟକୁ କେନ୍ଦ୍ର ସରକାର ଗୁରୁତ୍ୱର ସହ ବିଚାର କରିବା ଉଚିତ। ମଣିପୁର ଜଳୁଥିବା ବେଳେ ଏନ୍. ବୀରେନ୍ ସିଂଙ୍କ ନେତୃତ୍ୱାଧୀନ ଭାଜପା ସରକାର ସମାଧାନ ଆଣିବା ପାଇଁ କୌଣସି ଚେଷ୍ଟା କରିଥିବା ଭଳି ମନେହେଲା ନାହିଁ। ଏକ ଶକ୍ତିଶାଳୀ ନେତୃତ୍ୱର ଅଭାବ ଯୋଗୁ ଦୁଇ ସମ୍ପ୍ରଦାୟ ମଧ୍ୟରେ ବିବାଦ ଅଧିକ ଘନୀଭୂତ ହୋଇଥିଲା। ଏହା ମଧ୍ୟ ଅଭିଯୋଗ ହୋଇଥିଲା ଯେ, ବୀରେନ୍ ମେତେଇ ସମ୍ପ୍ରଦାୟରୁ ଆସିଥିବାରୁ କୁକିଙ୍କ କଥାକୁ ଶୁଣୁ ନ ଥିଲେ। ମୁଖ୍ୟମନ୍ତ୍ରୀ ଭାବେ ସବୁ ନାଗରିକଙ୍କୁ ଗୋଟିଏ ନିକିତିରେ ତଉଲିଥିଲେ ହୁଏତ ସ୍ଥିତି ଭିନ୍ନ ରୂପ ନେଇଥାଆନ୍ତା। ଦ୍ୱିତୀୟରେ କେନ୍ଦ୍ର ସରକାର ମଣିପୁର ସମସ୍ୟାକୁ ଅଣଦେଖା କରିବାରୁ ସୁଧାର ଆସିପାରିଲା ନାହିଁ। ସଂଘର୍ଷ ଦୀର୍ଘ ଦିନ ଚାଲିବା ପରେ କେନ୍ଦ୍ର ସରକାର ଅନନ୍ୟୋପାୟ ହୋଇ ଶେଷରେ ରାଷ୍ଟ୍ରପତି ଶାସନ ଜାରି କଲେ। ଏବେ ସ୍ଥିତି ନିୟନ୍ତ୍ରଣକୁ ଆସିପାରୁ ନ ଥିବାରୁ ସ୍ୱଷ୍ଟ ରଣନୀତି ଆପଣାଯିବାର ଆବଶ୍ୟକତା ରହିଛି। କେଉଁଥିପାଇଁ ଅଶାନ୍ତି ବ୍ୟାପୁଛି ତାହାର ମୂଳ କାରଣ ଖୋଜି ବାହାର କରିବା ଦରକାର। ବିଶ୍ୱାସ କରାଯାଇପାରେ ଯେ, କେନ୍ଦ୍ର ସରକାର ଏହିସବୁ ବିଷୟରେ ଭଲ ଭାବେ ଅବଗତ ଅଛନ୍ତି। ପୂର୍ବରୁ ରାଜନୈତିକ ସୁବିଧାକୁ ଆଖି ଆଗରେ ରଖି ଲଗାଯାଇଥିବା ନିଆଁକୁ ଏବେ ମଧ୍ୟ ଲିଭା ଯାଇପାରୁ ନାହିଁ। ସେଥିପାଇଁ ଅତିଶୀଘ୍ର କେନ୍ଦ୍ର ସରକାର ରଣନୀତି ବଦଳାଇ ଓ କ୍ଷୁଦ୍ର ରାଜନୀତିଠାରୁ ଊର୍ଦ୍ଧ୍ୱକୁ ଯାଇ ମଣିପୁର ଭଳି ସୀମାନ୍ତ ରାଜ୍ୟରେ ତୁରନ୍ତ ଶାନ୍ତି ଫେରାଇ ଆଣିବାର ସବୁ ଚେଷ୍ଟା କରିବା ଦରକାର। ଅଶାନ୍ତି ଯେତେ ଦିନ ଲାଗି ରହିବ, ତାହା କେବଳ କେନ୍ଦ୍ରର ଅପାରଗତାକୁ ପଦାରେ ପକାଉଥିବ।

## su | do | ku — ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | 4 | 9 | 2 | | | | |
| | | | | | | | | 3 |
| | 5 | | | | | | | |
| | | 2 | | 6 | | | 3 | 8 |
| | | | 5 | | | 2 | | 9 |
| 1 | | | 8 | 9 | | | 7 | |
| | 4 | | | | | 6 | | |
| | | 8 | 1 | 5 | 3 | | | |
| | | 7 | 2 | | | | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 1 | 9 | 8 | 4 | 3 | 6 | 2 | 5 | 7 |
| 2 | 4 | 6 | 5 | 9 | 7 | 1 | 8 | 3 |
| 7 | 5 | 3 | 2 | 1 | 8 | 9 | 4 | 6 |
| 8 | 3 | 9 | 1 | 7 | 5 | 4 | 6 | 2 |
| 5 | 6 | 1 | 3 | 4 | 2 | 8 | 7 | 9 |
| 4 | 2 | 7 | 6 | 8 | 9 | 5 | 3 | 1 |
| 9 | 1 | 4 | 7 | 5 | 3 | 6 | 2 | 8 |
| 3 | 8 | 2 | 9 | 6 | 4 | 7 | 1 | 5 |
| 6 | 7 | 5 | 8 | 2 | 1 | 3 | 9 | 4 |

ଗତକାଲିର ଉତ୍ତର

# ଜନଜାତି ପର୍ଯ୍ୟଟନ: ବିକଳ୍ପ ଅର୍ଥନୀତି



ସୁଜାତା ମହାପାତ୍ର

୨୦୧୧ର ଏକ ପରିସଂଖ୍ୟାନକୁ ବିଶ୍ଳେଷଣ କଲେ ଜଣାଯାଏ ଯେ, ଓଡ଼ିଶାର ମୋଟ ଜନସଂଖ୍ୟାର ପ୍ରାୟ ଶତକଡ଼ା ୨୨.୮୪ ଭାଗ ହେଉଛନ୍ତି ଆଦିବାସୀ ଜନଜାତି ବର୍ଗର। ଏଠାରେ ପ୍ରଶ୍ନଉଠେ ଆମ ରାଜ୍ୟରେ କ'ଣ ଏହି ଜନଜାତୀୟ ମାନବ ସମ୍ବଳର ସୁବିନିଯୋଗ କରିପାରିଛୁ? ଦେଶ ସ୍ୱାଧୀନ ହୋଇଥିଲା 'ଗ୍ରାମ ସ୍ୱରାଜ' ଓ 'କୁଟୀରଶିଳ୍ପ'ର ଆହ୍ୱାନରେ। ହେଲେ ସ୍ୱାଧୀନତାର ଠିକ୍ ପରେ ପରେ ସ୍ଲୋଗାନ ସବୁ ବଦଳିଗଲା ଦ୍ରୁତ ଶିଳ୍ପାୟନ ଓ ଖଣିଜ ସମ୍ପଦର ସୁବିନିଯୋଗରେ। ଧୀରେ ଧୀରେ ସୁବିଧାସୁଯୋଗମାନେ ଠୁଳହୋଇଗଲେ ସହରରେ। ଗାଆଁ ଉଠିଆସିଲା ସହରତଳି ବସ୍ତିଅଞ୍ଚଳକୁ। ଶୂନ୍‌ଶାନ ଗାଆଁ ମାଟିରେ ଏବେ ବେକାରି, ଦାରିଦ୍ର୍ୟ, ଆର୍ଥିକ ଅନଟନ, ଅଶିକ୍ଷା, ରୋଗ ଓ ଦାଦନର କରାଳ ଗ୍ରାସରେ ଆଉଟୁ ପାଉଟୁ ହେଉଛି। ଆଦିବାସୀଙ୍କ ପାଇଁ ତ ଏହା ଆହୁରି ମରଣାନ୍ତକ। ପ୍ରାୟ ୧୩ଗୋଟି ଲୁପ୍ତପ୍ରାୟ ଜନଜାତିଙ୍କ ବିଲୁପ୍ତର ଇତିହାସ ଖୋଜିଲେ ଜାଣିପାରିବା ଯେ, ଏହା ମୁଖ୍ୟତଃ ବିସ୍ଥାପନ (ରୋଜଗାରର ଅନ୍ୱେଷଣରେ ବା ବ୍ୟବସ୍ଥାକୃତ) ଜନିତ ଓ ନିଜ ପ୍ରାକୃତିକ ପରିବେଶରୁ ଦୂରେଇ ଯିବା କାରଣରୁ ହିଁ ଘଟିଛି। ତେବେ କେବଳ ସମସ୍ୟାମାନଙ୍କ ଅବଧାରଣା କରିବା ଆମର ଲକ୍ଷ୍ୟ ନୁହେଁ ବରଂ ସମାଧାନ ଖୋଜିବା ଆମର ଧ୍ୟେୟ।

ପର୍ଯ୍ୟଟନ ଏଭଳି ଏକ ଶିଳ୍ପ, ଯାହା ମାଧ୍ୟମରେ ଗୋଟିଏ ଅଞ୍ଚଳ ତା'ର ମୂଳ ଭୂଖଣ୍ଡ ସହ ଆହୁରି ମଜଭୁତ ଭାବରେ ଯୋଡ଼ି ହେବା ସହ ଉକ୍ତ ଅଞ୍ଚଳର ଅର୍ଥନୈତିକ, ରାଜନୈତିକ, ସାଂସ୍କୃତିକ, ସାହିତ୍ୟିକ, ଶୈକ୍ଷିକ ବିକାଶ ହେବା ସାଥେ ସାଥେ ଭିତ୍ତିଭୂମିର ମଧ୍ୟ ତ୍ୱରିତ୍ ବିକାଶ ହୋଇଥାଏ। ଅର୍ଥାତ୍ ଅଞ୍ଚଳଟିର ସାମଗ୍ରିକ ବିକାଶ ଘଟିଥାଏ। ପର୍ଯ୍ୟଟନ, ତା' ପୁଣି ଜନଜାତି ପର୍ଯ୍ୟଟନ! ଯେବେ ଶାଳ, ଶାଗୁଆନ, ସର୍ଗି, ଅର୍ଜୁନ ଗଛଗୁଡ଼ିକ ଗହଣରେ, ପାହାଡ଼ର ପଥୁରିଆ ଦେହରେ, ସୁଉଚ୍ଚ ପାହାଡ଼ି ଝରଣାର ଉଦାମତ୍ତା ସାଥିରେ, ଜଙ୍ଗଲୀ ନଈର କୁଳୁକୁଳୁ, ବଣୁଆ ପବନର ଶିରିଶିରି, କୁହୁଡ଼ି, ବାଦଲ, ବର୍ଷା ଭିଜାମାଟିର ବାସ୍ନା, ଚିହ୍ନା ଅଚିହ୍ନା ପକ୍ଷୀଙ୍କ କାକଳି ମିଶିଯାଏ, ସବୁ ଏକାଠି ହୋଇ ତିଆରି କରନ୍ତି ଏକ ଅଦ୍ଭୁତ ନିଶା। ସେ ନିଶାରେ ପର୍ଯ୍ୟଟକ ଆତ୍ମହରା ହେବା ଥୟ, ନିଜକୁ ହଜାଇ ଦେବା ଥୟ, ଜୀବନର ପ୍ରକୃତସୁଖ ଓ ଆନନ୍ଦକୁ ଭୋଗିନେବା ବି ଥୟ। ପ୍ରାକୃତିକ ଜଙ୍ଗଲ ଭଳି ପ୍ରାକୃତିକ ମଧ୍ୟ ସେ ମାଟିର ମଣିଷ। ନାଚ, ଗୀତ, ମାଦଳ, ସଲପରେ ଜିଇଯାଏ ଜୀବନଟେ। କୋଳାହଳପୂର୍ଣ୍ଣ ଯାନ୍ତ୍ରିକ ଜୀବନରେ ପ୍ରତି ମୁହୂର୍ତ୍ତରେ ଅନିର୍ଦ୍ଦିଷ୍ଟ ଲକ୍ଷ୍ୟ ନେଇ ଧାଉଁଥିବା ସହରି ମଣିଷ ପାଇଁ ଏ ଜଙ୍ଗଲୀ ଜୀବନ ଜୀବନ୍ୟାସ ଭଳି। ସେମାନଙ୍କ ଗହଣରେ ସେଇଠି କିଛିଦିନ ରହି, ସେମାନଙ୍କର ପାରମ୍ପରିକ ଖାଦ୍ୟ ଖାଇ, ପୋଷାକ ପିନ୍ଧି, ସେ ନିଜ ଜୀବନକୁ ତଥା ଜନଜାତୀୟ ଜୀବନଶୈଳୀକୁ ଆବିଷ୍କାର କରିପାରିବ ଏକ ନୂଆଁଢଙ୍ଗରେ, ନିଜ ବାଗରେ, ବିମୋହିତ ମାଟି ବାସ୍ନାରେ।



ରାଜଧାନୀ ଭୁବନେଶ୍ୱରରେ ପ୍ରତିବର୍ଷ ଆୟୋଜିତ ହେଉଥିବା ଆଦିବାସୀ ମେଳା, ଏ ମେଳାର ଚାହିଦା ତଥା ଆଦର ଏହାର ଏକ ଜ୍ୱଳନ୍ତ ଉଦାହରଣ ଯେ, ଆଦିବାସୀ ଅଞ୍ଚଳର ବିଭିନ୍ନ ଜଙ୍ଗଲଜାତ ଦ୍ରବ୍ୟ ଓ ଉତ୍ପାଦର ଚାହିଦା କେତେ ବେଶି। କିନ୍ତୁ ବର୍ଷକୁ ଥରେ ମାତ୍ର କିଛିଦିନ ପାଇଁ ଆୟୋଜିତ ହେଉଥିବା ଏ ମେଳା କ'ଣ ସମଗ୍ର ରାଜ୍ୟର ଉପଭୋକ୍ତାଙ୍କର ଚାହିଦାକୁ ମେଣ୍ଟାଇ ପାରିବାରେ ସକ୍ଷମ? ଓଡ଼ିଶାର କୋଣ ଅନୁକୋଣର ଅନ୍ଧାରି ମୂଳକରେ ରହୁଥିବା ସମସ୍ତ ଆଦିବାସୀ କ'ଣ ଏଥିରେ ସାମିଲ ହୋଇ ବ୍ୟବସାୟିକ ଲାଭ ଉଠାଇ ପାରନ୍ତି? ନିଶ୍ଚିତରୂପେ 'ନା'। ଏହା କେବଳ ଏକ ଶୁଭ ସୂଚନା ଯେ, ଏହି ମେଳା ମାଧ୍ୟମରେ ଆମେ ଆଦିବାସୀଙ୍କ ଉତ୍ପାଦ ପାଇଁ ଏକ ବଜାର ତିଆରି ପାରିଛୁ। ଯଦି ସେହି ଜଙ୍ଗଲଜାତ ଦ୍ରବ୍ୟ, ସେହି ଜଙ୍ଗଲର ଆଦିବାସୀଙ୍କଠାରୁ, ସେହି ଜଙ୍ଗଲରେ ହିଁ ଉପଭୋକ୍ତା(ପର୍ଯ୍ୟଟକ)ମାନେ ସିଧାସଳଖ ସେଇଠି କିଣିପାରନ୍ତେ, ତେବେ ଉଭୟପକ୍ଷ କେତେ ଲାଭାନ୍ୱିତ ହୁଅନ୍ତେ ସତେ! ଚିନ୍ତା କରିବାର ବିଷୟ। ଏତଦ୍‌ବ୍ୟତୀତ ଆଦିବାସୀଙ୍କ ପାଇଁ ନିଜ ଗାଆଁରେ ଏକ ବଜାର ମଧ୍ୟ ସୃଷ୍ଟି ହୋଇପାରନ୍ତା; ଯାହା ତାଙ୍କୁ ରାଜ୍ୟ, ଦେଶ ଓ ବିଶ୍ୱ ଅର୍ଥନୀତି ସହ ଯୋଡ଼ିପାରିବାରେ ସକ୍ଷମ ହୁଅନ୍ତା। ଜଙ୍ଗଲଜାତ ଦ୍ରବ୍ୟର ଚାହିଦାକୁ ଉପଲବ୍ଧି କରି ଆଦିବାସୀ ଜଙ୍ଗଲର ରକ୍ଷଣାବେକ୍ଷଣ ତଥା ନୂତନ ଜଙ୍ଗଲ ସୃଷ୍ଟି ପାଇଁ ମଧ୍ୟ ଆଗଭର ହୋଇ ଆସନ୍ତେ।

ସ୍ଥାନୀୟ ଉତ୍ପାଦକୁ ପ୍ରକ୍ରିୟାକରଣ ମାଧ୍ୟମରେ କ୍ଷୁଦ୍ର ଓ ମଧ୍ୟମଶିଳ୍ପମାନ ସେହି ଗାଆଁରେ ପ୍ରତିଷ୍ଠା କରି ବେକାର ଜନଜାତୀୟ ଯୁବକମାନେ କର୍ମ ସଂସ୍ଥାନ ଯୋଗାଡ଼ କରିପାରିବେ। ଦାଦନଭଳି ପ୍ରମୁଖ ସମସ୍ୟାର ଏହା ଏକମାତ୍ର ସମାଧାନ। ପର୍ଯ୍ୟଟନକୁ ବ୍ୟବସାୟ ଭାବରେ ଆପଣେଇ ଆଦିବାସୀ ଗାଆଁର ଯୁବକମାନେ ନିଜଘରୁ ଖୁବ୍ କମ୍ ପୁଞ୍ଜି ବିନିଯୋଗରେ ଏହି ବ୍ୟବସାୟ ଆରମ୍ଭ କରିପାରିବେ। ବର୍ତ୍ତମାନର ଡିଜିଟାଲ ଯୁଗରେ ଆଦିବାସୀ ଯୁବକଟିଏ ମଧ୍ୟ ସାମାଜିକ ଗଣମାଧ୍ୟମର ବହୁଳ ବ୍ୟବହାର କରି ଏହାର ପ୍ରଚାରପ୍ରସାର କରିପାରିବ ଓ ଗ୍ରାହକମାନଙ୍କୁ ନିଜ ଗାଆଁ ପରିବେଶ ପ୍ରତି ଆକର୍ଷିତ କରାଇପାରିବ। କମ୍ ଖର୍ଚ୍ଚରେ ଜଙ୍ଗଲୀ, ଘରୁଆ, ନିର୍ଭେଜାଲ ଗାଆଁ ପରିବେଶରେ ନିଜର ବ୍ୟସ୍ତବହୁଳ ଦିନଚର୍ଯ୍ୟାର ଫୁର୍ସତ ନେଇ କିଛିଦିନ କାଟିବା ପାଇଁ ଲୋକଙ୍କର ଆଗ୍ରହ ପ୍ରବଳ ରହିଛି। ପର୍ଯ୍ୟଟନ ଶିଳ୍ପ ଯେ ଖଣିଖାଦାନଠାରୁ ଅଧିକ ଲାଭପ୍ରଦ, ସୁରକ୍ଷିତ ଓ ସ୍ୱାସ୍ଥ୍ୟକର ଏହା ଆମେ ସମସ୍ତେ ଜାଣୁ। ସୁଇଜରଲାଣ୍ଡ, ମାଲଦେଭିସ୍ ଭଳି ଦେଶ, ଭାରତର କଶ୍ମୀର, ଉତ୍ତରାଖଣ୍ଡ, ହିମାଚଳ ପ୍ରଦେଶ, ମେଘାଳୟ ଓ କେରଳ ଭଳି ରାଜ୍ୟ ତଥା ଲାକ୍ଷାଦ୍ୱୀପ ଓ ଆଣ୍ଡାମାନ ନିକୋବର ଦ୍ୱୀପପୁଞ୍ଜ ଏହାର ଉଦାହରଣ।

ବିକାଶ କହିଲେ, କେବଳ ଦ୍ରୁତ ଶିଳ୍ପାୟନ ବା ବଡ଼ବଡ଼ ନଦୀବନ୍ଧ ଯୋଜନାକୁ ବୁଝାଏ ନାହିଁ ବରଂ ଆମ ରାଜ୍ୟର ସବୁଜବନାନୀ, ପୂର୍ବଘାଟ ଓ ପଶ୍ଚିମଘାଟ ପର୍ବତ ଶୃଙ୍ଖଳ, ଚିରସ୍ରୋତା ନଦୀ, ଝରଣା, ଉର୍ବର ଚାଷଜମି, ବିସ୍ତୀର୍ଣ୍ଣ ଜଙ୍ଗଲ, ପଶୁ, ପକ୍ଷୀ ଓ ଏହି ପ୍ରକୃତିକୁ ପାଥେୟ କରି ବଞ୍ଚୁଥିବା ମଣିଷମାନଙ୍କ ସର୍ବାଙ୍ଗୀନ ବିକାଶକୁ ବୁଝାଯାଏ। ଅନେକ ସମୟରେ ଆମେ ଭୁଲିଯାଉ ଯେ, ବିକାଶ ଚାହୁଁଥିବା ମାନବଜାତିଙ୍କ ମଧ୍ୟରେ ଆଦିବାସୀ ଏକ ମହତ୍ତ୍ୱପୂର୍ଣ୍ଣ ଅଙ୍ଗ, ଯାହାଙ୍କ ଜୀବନ ତଥା ଜୀବନ ଧାରଣ ପାଇଁ ପ୍ରକୃତି ଓ ପରିବେଶ କେବଳ ଆବଶ୍ୟକତା ମାତ୍ର ନୁହେଁ, ଅଧିକନ୍ତୁ ପାହାଡ଼ ଓ ଜଙ୍ଗଲ ବିନା ଆଦିବାସୀର ଜୀବନ କଳ୍ପନା କରିବା ହିଁ ଅସମ୍ଭବ।

ଯେଉଁ ଆଦିବାସୀ ଜଙ୍ଗଲ ରକ୍ଷା କରେ, ଯିଏ ଗଛ ଓ ପାହାଡ଼କୁ ଦେବତା ବୋଲି ମାନେ, ଯେ ଡଙ୍ଗର ଓ ଝରଣାକୁ ନିଜ ପ୍ରାଣପିଣ୍ଡ ବୋଲି ଗ୍ରହଣ କରେ, ସେହି ଆଦିବାସୀଙ୍କ ଜଳ, ଜମି, ଜଙ୍ଗଲ ଓ ପାହାଡ଼କୁ କୌଣସି ପ୍ରକାର କ୍ଷତି ନ ପହଞ୍ଚାଇ ମଧ୍ୟ ଆମେ ବିକାଶର ରଥକୁ ଆଗକୁ ନେଇପାରିବା। ଆଦିବାସୀ ଅଞ୍ଚଳରେ ପର୍ଯ୍ୟଟନ ଦ୍ୱାରା ଏହି ଅଞ୍ଚଳର ସାମଗ୍ରିକ ବିକାଶ ସାଙ୍ଗକୁ ଜାତୀୟ ଅର୍ଥନୀତିରେ ସରକାରଙ୍କର ପ୍ରଣୀତ 'ସବୁଜ କର'ରେ ମଧ୍ୟ ଆଦିବାସୀଙ୍କର ଭାଗୀଦାରିକୁ ଆମେ ସୁନିଶ୍ଚିତ କରିପାରିବା। ଜନଜାତି ଅଞ୍ଚଳରେ ପର୍ଯ୍ୟଟନ ଶିଳ୍ପକୁ ଅଗ୍ରାଧିକାର ଭିତ୍ତିରେ ଯୋଜନାରେ ସାମିଲ କରିବା ଏ ସମୟର ଅର୍ଥନୀତି ପାଇଁ ଏକ ବଡ଼ ଆହ୍ୱାନ। କେବଳ ଧ୍ୟାନ ରଖିବାକୁ ହେବ ଯେ, ବିକାଶର ନକ୍ସା ଆଳୁଆଳୁ ଆଦିବାସୀର ସ୍ୱାର୍ଥ ଓ ଅଧିକାରକୁ ପୁଣି ବଳି ଦିଆ ନ ଯାଉ। ସ୍ଥାନୀୟ ଜନଜାତିଙ୍କ ବ୍ୟତୀତ ଅନ୍ୟ କୌଣସି ବ୍ୟବସାୟିକ ଗୋଷ୍ଠୀ ବାହାର ଧନିକ ଶ୍ରେଣୀଙ୍କ ଦ୍ୱାରା ଏହି ଅଞ୍ଚଳରେ ହୋଟେଲ ଆଦି ଶିଳ୍ପସଂସ୍ଥା ଗଢ଼ି ପୁଣି ସେହି ମୂଳ ଅଧିବାସୀଙ୍କୁ ବିସ୍ଥାପନ ପାଇଁ ବାଧ କରା ନ ଯାଉ। ପ୍ଲାଷ୍ଟିକ ଓ ଅନ୍ୟ କଠିନ ବର୍ଜ୍ୟବସ୍ତୁକୁ ଏହି ପ୍ରାକୃତିକ ଅଞ୍ଚଳରେ ସମ୍ପୂର୍ଣ୍ଣ ଭାବରେ ନିଷିଦ୍ଧ କରି କେବଳ ପରିବେଶ ଅନୁକୂଳ ସ୍ଥାନୀୟ ବସ୍ତୁକୁ ବ୍ୟବହାର ପାଇଁ ଅନୁମତି ଦିଆଯାଉ।

ଈଶ୍ୱରଙ୍କ ସୃଷ୍ଟିରେ ଜଙ୍ଗଲ, ପାହାଡ଼, ଝରଣା, ନଦୀ ଓ ଡଙ୍ଗର ଆଜି ବି ନିଜ ସୌନ୍ଦର୍ଯ୍ୟରେ ଅପରୂପ। ଯାନ୍ତ୍ରିକ ଜୀବନ ଶୈଳୀରେ କବଳିତ ସହରୀ ମଣିଷ ପାଇଁ ଏହା ଏକମାତ୍ର ମାଧ୍ୟମ ଆତ୍ମିକ ଶାନ୍ତି ଓ ପରମତୃପ୍ତି ଭୋଗିବାର। ଆଜିର ହାଇଟେକ ଜୀବନକୁ ପିଠି କରି କିଛି କ୍ଷଣ ନିରୋଳାରେ ଖୁବ୍ ନିକଟରୁ ପ୍ରକୃତିକୁ ଭୋଗିବାକୁ ଯୁବପିଢ଼ି ପାଇଁ ଜନଜାତି ପର୍ଯ୍ୟଟନ ଅପାର ସୁଯୋଗ ଓ ପରିତୃପ୍ତିର ଗନ୍ତାଘର। ଏହି ଶିଳ୍ପ ବିକଳ୍ପ ଅର୍ଥନୀତି ଭାବରେ ଯଥେଷ୍ଟ ସମ୍ଭାବନାର ଅପେକ୍ଷା ରଖେ।

ଶିବାନୀ ଏନ୍‌କ୍ଲେଭ
ବମିଖାଲ କେନାଲରୋଡ୍,
ଭୁବନେଶ୍ୱର, ମୋ:୯୪୩୭୩୬୦୯୬୪

# ସମବାୟରେ ପରଦେଶୀ ନିଯୁକ୍ତି



ପ୍ରତାପ ଚନ୍ଦ୍ର ସାମଲ

ଦକ୍ଷିଣ ଆଫ୍ରିକା ନିକଟ ଭାରତ ମହାସାଗରରେ ମରିସସ୍ ଦେଶ କେତେକ ଛୋଟ ଛୋଟ ଦ୍ୱୀପକୁ ନେଇ ଗଠିତ। ୭ ସେପ୍ଟେମ୍ବର ୨୦୨୪ ମସିହା ସୁଦ୍ଧା ମରିସସ୍‌ର ଜନସଂଖ୍ୟା ୧୬,୭୦,୬୩୦ ଥିଲା। ଉକ୍ତ ଦ୍ୱୀପପୁଞ୍ଜ ଫରାସୀମାନଙ୍କ ଦ୍ୱାରା ୧୭୧୫ ମସିହାରୁ ୧୮୧୦ ମସିହା ପର୍ଯ୍ୟନ୍ତ ଶାସିତ ହେଉଥିଲା। ୧୮୧୦ ମସିହାରୁ ବ୍ରିଟିଶମାନଙ୍କ ଦ୍ୱାରା ଫରାସୀମାନଙ୍କୁ ବିଦାକରି ଶାସନ ଆରମ୍ଭ କରାଯାଇଥିଲା। ଇଂରେଜମାନେ ଜମିର ମାଲିକ ହୋଇ ଆଫ୍ରିକାର କଳା ଲୋକମାନଙ୍କୁ କ୍ରୀତଦାସ ଭାବେ ଖଟାଉଥିଲେ। ମରିସସ୍‌ର ମୁଖ୍ୟ ଫସଲ ଥିଲା ଆଖୁଚାଷ। ଆଫ୍ରିକୀୟ କଳା ଲୋକମାନଙ୍କୁ ଇଂରେଜମାନେ ଆଖୁଚାଷର ଶ୍ରମିକଭାବରେ ଖଟାଉଥିଲେ। ଏହାର ଫଳ ସ୍ୱରୂପ ଶ୍ରମିକମାନେ କଠିନ ପରିଶ୍ରମକରି ମଧ୍ୟ ନିର୍ଯାତିତ ହେଉଥିଲେ। ୧୮୩୪ ମସିହାରେ ବ୍ରିଟିଶ ସରକାର ଦାସ ପ୍ରଥାର ବିଲୋପ କରିବାରୁ ଦାସମାନେ ଆଖୁଚାଷ ଶ୍ରମିକଭାବରେ କାମ କରିବାକୁ ଅନିଚ୍ଛା ପ୍ରକାଶ କଲେ। ଫଳରେ ଆଖୁଚାଷ ବାଧାପ୍ରାପ୍ତ ହେଲା।

ବ୍ରିଟିଶ ସରକାର ବାଧହୋଇ ଭାରତବର୍ଷର ବିଭିନ୍ନ ଗରିବ ରାଜ୍ୟ ବିଶେଷକରି ବିହାର, ଉତ୍ତର ପ୍ରଦେଶ ଓ ତାମିଲନାଡୁରୁ ଶ୍ରମିକମାନଙ୍କୁ ଚୁକ୍ତିଭିତ୍ତିରେ ମରିସସ୍ ଆଣି ଆଖୁଚାଷରେ ଶ୍ରମିକଭାବେ ଖଟାଇଲେ। ୧୮୩୪ ରୁ ୧୮୯୨ ମସିହା ପର୍ଯ୍ୟନ୍ତ ୪ ଲକ୍ଷ ୬୦ ହଜାର ଭାରତୀୟ ମରିସସ୍‌କୁ ଶ୍ରମିକଭାବେ ଆଖୁଚାଷ କାର୍ଯ୍ୟ କରିବାକୁ ଯାଇଥିଲେ। ଏହି ଶ୍ରମିକମାନେ ସେଠାରେ ରହି ଆଖୁଚାଷୀଙ୍କ ଅଧୀନରେ କଠିନ ପରିଶ୍ରମ କରୁଥିଲେ। ଫଳରେ ଆଖୁଚାଷୀମାନେ ଚାଷରେ ଖର୍ଚ୍ଚ ଅପେକ୍ଷା ଅଧିକ ଲାଭ ପାଉଥିଲେ। ଭାରତରୁ ଯାଇଥିବା ଶ୍ରମିକମାନେ ଆଫ୍ରିକୀୟ ଦାସମାନଙ୍କ ପରି ଜମିମାଲିକମାନଙ୍କ ଶୋଷଣରୁ ତ୍ରାହି ପାଇଲେ ନାହିଁ। ଜମି ମାଲିକମାନେ ଭାରତୀୟ ଶ୍ରମିକମାନଙ୍କୁ କେତେକ ନିତାନ୍ତ ଆବଶ୍ୟକ ଖାଦ୍ୟପଦାର୍ଥ ଯୋଗାଇ ଆଖୁକ୍ଷେତ୍ର ବାହାରକୁ ଛାଡୁ ନ ଥିଲେ ଓ ଶ୍ରମିକମାନେ ଆଖୁକ୍ଷେତ ନିକଟରେ ଆଖୁପତ୍ରରେ ନିର୍ମିତ କୁଡ଼ିଆରେ ବାସ କରୁଥିଲେ। ଆଖୁଚାଷରେ ଶ୍ରମ ବ୍ୟତୀତ ଅନ୍ୟ କିଛି କାର୍ଯ୍ୟ(ଯାହା ଓଭରଟାଇମ୍ ବୋଲି କୁହାଯାଏ) ଶ୍ରମିକମାନେ କରିବା ପାଇଁ ଚାହିଁବାରୁ ଅନ୍ୟାନ୍ୟ କାମ କରି ଆଉ କିଛି ଅଧିକ ଅର୍ଥ ରୋଜଗାର କଲେ। ୧୮୬୦ ମସିହା ପର୍ଯ୍ୟନ୍ତ ଜମି ମାଲିକମାନେ ପରଦେଶୀ ଭାରତୀୟ ଶ୍ରମିକମାନଙ୍କୁ ସ୍ଥାୟୀ ବାସିନ୍ଦା ହୋଇଯିବା ଆଶଙ୍କାରେ ଜମିର ସ୍ୱାଧିକାରୀ କରୁ ନ ଥିଲେ। କିନ୍ତୁ ୧୮୬୦ ମସିହାରେ ଜମି ମାଲିକମାନେ ଭାରତୀୟମାନଙ୍କୁ ଗରିବ କରିବା ଉଦ୍ଦେଶ୍ୟରେ ମାଲିକମାନଙ୍କଠାରୁ ପାଉଥିବା ମଜୁରି ବାବଦ ଅର୍ଥ ନେଇ ତା' ବଦଳରେ ମରିସସ୍‌ର କିଛି ପାହାଡ଼ିଆ ଅନୁର୍ବର କ୍ଷୁଦ୍ର କ୍ଷେତ୍ରମାନ ବିକ୍ରି କରିବା ଆରମ୍ଭ କଲେ। ଉଦ୍ଦେଶ୍ୟ ଥିଲା ଭାରତୀୟ ଶ୍ରମିକମାନଙ୍କର ମଜୁରି ବାବଦ ଅର୍ଥ



ଅନୁର୍ବର ଜମି କିଣାରେ ଖର୍ଚ୍ଚ ହୋଇଯାଇ ସେମାନେ ଆର୍ଥିକ ଅନଟନ ମଧ୍ୟରେ ଜୀବିକା ନିର୍ବାହ କରିବେ। ଫଳରେ ସେମାନେ ଯେଉଁ ଗରିବକୁ ସେହି ଗରିବ ହୋଇ ଆଖୁ କ୍ଷେତରେ ଶ୍ରମିକ ଭାବରେ ସବୁଦିନ ପାଇଁ ମରିସସ୍‌ରେ ଜୀବନ ବିତାଇଲେ। ମାତ୍ର ଭାରତୀୟ ଶ୍ରମିକମାନେ ମିଳିଥିବା ଅନୁର୍ବର ଓ ପାହାଡ଼ିଆ ଜମିରେ କିଛି ଫସଲ କରିବାକୁ ଚାହିଁ ଜମିମାଲିକ ମାନଙ୍କଠାରୁ ଶତକଡ଼ା ୨୦୦ ଟଙ୍କା ସୁଧରେ କରଜ ଆକାରରେ ଅର୍ଥ ଆଣି କିଣିଥିବା ଜମିରେ ଆଖୁଚାଷ ଆରମ୍ଭ କଲେ। ମାତ୍ର ଜମି ଅନୁର୍ବର ଥିବାରୁ ହାତ ଉଧାରି ଋଣ ଉପରେ ଚଢ଼ାଦରରେ ସୁଧ ସହ ଜମିରେ ଫସଲ ତଥା ଆଖୁଚାଷ ଲାଭଜନକ ନ ହେବାରୁ ସେମାନେ ବାଧହୋଇ ଜମିଗୁଡ଼ିକୁ ପଡ଼ିଆ ପକାଇଲେ।

ଭାଗ୍ୟର ବିଡ଼ମ୍ବନା ହେତୁ ୧୮୯୨ ମସିହାରେ ପ୍ରଚଣ୍ଡ ଝଡ଼ବାତ୍ୟାରେ ଜମି ମାଲିକମାନଙ୍କ ଆଖୁ ସମ୍ପୂର୍ଣ୍ଣ ଧ୍ୱସ୍ତବିଧ୍ୱସ୍ତ ହୋଇଯିବାରୁ ଜମି ମାଲିକମାନେ ବ୍ରିଟିଶ୍ ସରକାରଙ୍କ ଆର୍ଥିକ ସାହାଯ୍ୟ ଲୋଡ଼ିଲେ। ଫଳରେ ୧୯୦୯ ମସିହାରେ ବ୍ରିଟିଶ ସରକାର ଅଧିକ ଆଖୁ ଉତ୍ପାଦନ ପାଇଁ ଏକ ରାଜକୀୟ କମିଶନ ବସାଇଲେ। ଉକ୍ତ କମିଶନଙ୍କ ସୁପାରିସ ଭିତ୍ତିରେ ଭାରତୀୟ କ୍ଷୁଦ୍ର ଆଖୁ ଚାଷୀମାନେ ସୁଲଭ ସୁଧରେ ଋଣ ପାଇବା ପାଇଁ ୧୯୧୨ ମସିହାରେ ବ୍ରିଟିଶ ସରକାର ଭାରତରୁ ଉଇଲ୍ ବରଫୋର ନାମକ ଜଣେ ଉଚ୍ଚ ପଦସ୍ଥ ବେସାମରିକ କର୍ମଚାରୀଙ୍କୁ ମରିସସ୍ ପଠାଇଲେ। ମରିସସ୍‌ର ପରଦେଶୀ ଭାରତୀୟମାନେ ସ୍ୱଚ୍ଛଳ ହୋଇଯିବା ଆଶଙ୍କାରେ ଜମି ମାଲିକମାନଙ୍କ ବିରୋଧ ସତ୍ତ୍ୱେ ଉକ୍ତ ଅଧିକାରୀ ଜଣକ ୧୯୧୩ମସିହାରେ 'ରାଇଫେସନ୍‌ନୀତି' ଅନୁସରଣକରି ଗାଁ ସମବାୟ ଋଣ ସମିତିମାନ ଗଠନ କରିବାକୁ ପଦକ୍ଷେପ ନେଲେ।

୧୯୧୩ ମସିହାରେ ମରିସସ୍‌ରେ ପ୍ରଥମ ସମବାୟ ଚିନିକଳ ଆରମ୍ଭ ହୋଇଥିଲା। ୧୯୧୩-୧୯୩୨ ମସିହା ପର୍ଯ୍ୟନ୍ତ ବିଭିନ୍ନ ଗୋଷ୍ଠୀଙ୍କୁ ନେଇ ୨୮ଟି ପ୍ରାଥମିକ ଋଣ ସମବାୟ ସମିତି ଯାହାର ସଭ୍ୟ ସଂଖ୍ୟା ୨୨୦୦କୁ ନେଇ ସମିତିଗୁଡ଼ିକ ନିବନ୍ଧିତ ହୋଇ କାର୍ଯ୍ୟ କରିବା ଆରମ୍ଭ କଲେ। କିନ୍ତୁ ପରଦେଶୀ ଭାରତୀୟ କ୍ଷୁଦ୍ରଚାଷୀମାନେ ସମିତିର ସଭ୍ୟ ହୋଇ ସୁଲଭ ସୁଧରେ ଋଣ ପାଇ ଆଖୁ ଉତ୍ପାଦନ କଲେ ସିନା, କିନ୍ତୁ ଇଂରେଜ ଆଖୁକଳ ମାଲିକମାନେ ସେମାନଙ୍କଠାରୁ ମନଇଚ୍ଛା କମ୍ ଦରରେ ଆଖୁ କିଣିବାରୁ ଭାରତୀୟମାନେ ଆଖୁଚାଷରେ ଲାଭବାନ୍ ହୋଇପାରିଲେ ନାହିଁ। ଫଳରେ ଋଣୀ ଆଖୁଚାଷୀମାନେ ଶତକଡ଼ା ୫୩ ଭାଗ ଖିଲାପୀ ହୋଇ ସମବାୟ ସମିତିରୁ ନେଇଥିବା ଋଣ ପରିଶୋଧ କରିପାରିଲେ ନାହିଁ। ତେଣୁ ୧୯୩୯ ମସିହାରେ ମରିସସ୍ ସରକାର ଆଖୁ ଦର ନିୟନ୍ତ୍ରଣ ଆଇନ ଗୃହୀତକରାଇ ସ୍ଥିରୀକୃତ ଲାଭଜନକ ଦରରେ ଚାଷୀମାନଙ୍କଠାରୁ ଆଖୁ କିଣିବା ପାଇଁ ଚିନିକଳ ମାଲିକମାନଙ୍କୁ ବାଧ୍ୟକରାଇଲେ। ନୂତନ ଦରରେ ଆଖୁଚାଷୀମାନଙ୍କଠାରୁ ଚିନିକଳ ମାଲିକମାନେ ଆଖୁ କିଣିନେଲେ।

ବରିଷ୍ଠ ସମବାୟବିତ୍
ମୋ:୯୦୯୦୩୨୫୮୦୨

## ଏଇ ଭାରତରେ

ଝିଅମାନେ ଏବେ ସବୁ କ୍ଷେତ୍ରରେ ପୁଅଙ୍କ ଭଳି ସବୁକିଛି କରିପାରୁଛନ୍ତି। ଏକଥା ବାରମ୍ବାର ପ୍ରମାଣିତ ହେଲେ ବି ଅନେକ ବ୍ୟକ୍ତି ପୁତ୍ର ସନ୍ତାନଟିଏ ପାଇବାର ମୋହରୁ ନିଜକୁ ଦୂରେଇ ପାରୁନାହାନ୍ତି। ଏମିତିକି ସେମାନଙ୍କର ଏହି ଇଚ୍ଛା ପୂରଣ ନ ହେଲେ ଆତ୍ମହତ୍ୟା ଭଳି ଚରମ ପଦକ୍ଷେପ ନେବାକୁ ବି ପଛାଉନାହାନ୍ତି। ବିଶ୍ୱାସ ହେଉ ନ ଥିଲେ ବି ଏଭଳି ଏକ ଘଟଣା ଘଟିଛି ମଧ୍ୟପ୍ରଦେଶ ରାଜଗଡ଼ ଜିଲା ଅଧୀନ ଖରନା ଗାଁରେ। ଏହି ଗାଁର ହରିପ୍ରସାଦ ମେବାଡେ ନାମକ ଜଣେ ବ୍ୟକ୍ତିଙ୍କର ପୁତ୍ରସନ୍ତାନ ନ ଥିଲା। ପୁଅଟିଏ ନ ହେଲେ ତାଙ୍କ ଜୀବନର କିଛି ଅର୍ଥ ନାହିଁ ବୋଲି ସେ ଭାବୁଥିଲେ। ଦୁର୍ଭାଗ୍ୟର ବିଷୟ ହେଉଛି ତାଙ୍କର ୪ଟି କନ୍ୟାସନ୍ତାନ ଜନ୍ମ ହୋଇଥିଲେ। ଏଥିପାଇଁ ସେ ଦୁଃଖରେ ଭାଙ୍ଗି ପଡିଥିଲେ। ତାଙ୍କର ଆଦୌ ପୁତ୍ରସନ୍ତାନ ହେବ ନାହିଁ ବୋଲି ଅନୁଭବ କରି ସେ ବିଷାଦଗ୍ରସ୍ତ ହୋଇପଡିଥିଲେ। ଏହି ଦୁଃଖରେ ସେ ପ୍ରବଳ ମଦ୍ୟପାନ କରୁଥିଲେ। ଘରକୁ ଫେରି ଝିଅମାନଙ୍କୁ ଦେଖିଲେ ସେ ବିରକ୍ତ ହୋଇ ଯାଉଥିଲେ। ତାଙ୍କର ଏହି ଦୁଃଖର କୌଣସି ସମାଧାନ ନାହିଁ ବୋଲି ସେ ତାଙ୍କ ପରିଜନଙ୍କ ଆଗରେ ମଧ୍ୟ ଅନେକ ଥର କହିଛନ୍ତି। ଶେଷରେ ଏହି ଦୁଃଖରୁ ମୁକ୍ତି ପାଇଁ ସେ ନିଜେ ଆତ୍ମହତ୍ୟା ବାଟକୁ ବାଛି ନେଇଥିଲେ। ଘରଠାରୁ କିଛି ଦୂର ଏକ ଗଛରେ ଫାଶ ଲଗାଇ ସେ ଆତ୍ମହତ୍ୟା କରି ଏହି କାରଣ ସମ୍ପର୍କରେ ମଧ୍ୟ ସୂଚନା ଦେଇଛନ୍ତି।

## ୫୦ ବର୍ଷ ତଳର ଧରିତ୍ରୀ

୧୦ ମାର୍ଚ୍ଚ ୧୯୭୬

- ରାଜ୍ୟ ସଭା ନିର୍ବାଚନ ପାଇଁ ଓଡ଼ିଶା ଲୋକଦଳ ପକ୍ଷରୁ ନୀଳମଣି ରାଉତରାୟଙ୍କୁ ପ୍ରାର୍ଥୀ କରାଯିବ ବୋଲି ନିଷ୍ପତ୍ତି ନିଆଯିବା ପରେ ଓଡ଼ିଶା ଲୋକଦଳ ଉପସଭାପତି ଏ.ଆର୍. ଖାଁ ଦଳରୁ ଇସ୍ତଫା ଦେଇଛନ୍ତି।
- ରାଷ୍ଟ୍ରପତି ତାମିଲନାଡୁରେ ଜାରି କରିଥିବା ରାଷ୍ଟ୍ରପତି ଶାସନକୁ ରାଜ୍ୟ ସଭା ଅନୁମୋଦନ କରିଛି।

## ଚିରନ୍ତନୀ

କହ ଗୋ କହ ଏ ଦୁରଦିନେ
ପାଗଳ ହୋଇ କାହାର ବିନେ
କି ଅଭିସାରେ ନ ମାନି ବନ ପ୍ରାନ୍ତର
ଚଳ ଗୋ ଆଜି ଲଭି କି ମଧୁ ମନ୍ତର?
-(ବର୍ଷା ନାୟିକା)
-କାଳିନ୍ଦୀ ଚରଣ ପାଣିଗ୍ରାହୀ

# ପାଠକ ଶ୍ରେଷ୍ଠ ବିଚାରକ

## କାର୍ଯ୍ୟାନୁଷ୍ଠାନ କେବେ

ମହାଶୟ,

ବିଜେଡି ସରକାରଙ୍କ ଅମଳରେ ଘଟିଯାଇଥିବା କେତେକ ଘଟଣା ଉପରେ କାର୍ଯ୍ୟାନୁଷ୍ଠାନ ପାଇଁ ତତ୍କାଳୀନ ବିରୋଧୀ ଆସନରେ ବସିଥିବା ଭାଜପା ସବୁବେଳେ କହି ଆସୁଥିଲା ଯେ, ଆମେ ସରକାରକୁ ଆସିଲେ ସବୁ ପ୍ରକାର ଦୁର୍ନୀତିର ପର୍ଦ୍ଦାଫାଶ କରିବୁ। ମାତ୍ର ଜଣାପଡିଛି, ଏବର ଭାଜପା ସରକାର ନୀରବ ରହିଥିବାର କାରଣ କିଛି ଜଣାପଡୁନି। ସବୁ ଘଟଣାର ଯେପରି ପୂର୍ଣ୍ଣଚ୍ଛେଦ ପଡିବାର ଆଶା ଦେଖାଯାଉଛି। ଶ୍ରୀମନ୍ଦିର ଉପରେ ଡ୍ରୋନ୍ ଉଡ଼ିବା ଘଟଣାରେ ଦୋଷୀଙ୍କ ଉପରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ହେବା ପାଇଁ ସରକାର କହିଥିଲେ। କିନ୍ତୁ ଭାଜପା ସରକାରକୁ ଆସିବାର ୮ ମାସ ବିତିଯାଇଥିଲେ ବି କାର୍ଯ୍ୟାନୁଷ୍ଠାନ ଶୂନ। ପରୀର ପରିବାର ଲୋକେ ଦୋଷୀ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବା ପାଇଁ ଅନୁରୋଧ କରିଥିଲେ। କିନ୍ତୁ ଏ ଯାବତ୍ ପରୀ ହତ୍ୟାର ପର୍ଦ୍ଦାଫାଶ କରାଗଲା ନାହିଁ। ଭାଜପା ସରକାର ଉପରୋକ୍ତ ବିଷୟ ବା ଘଟଣାଗୁଡ଼ିକର ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ନେବା ଦରକାର।

-କେଳୁଚରଣ ପାଣି, ପାୱାରହାଉସ୍ କଲୋନୀ, ଭୁବନେଶ୍ୱର

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦ କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ଧରିତ୍ରୀ ମେଗା କୁଇଜ୍ ପ୍ରତିଯୋଗିତାର ପୁରସ୍କାର ବିତରଣ ଉତ୍ସବ

# ଆତ୍ମବିଶ୍ୱାସ ଜାଗ୍ରତ କରିଥାଏ ପ୍ରତିଯୋଗିତା

ଯାଜପୁର,୯।୩ (ହର୍ଷବର୍ଦ୍ଧନ ବେହେରା)

ପ୍ରତିଯୋଗିତା ଛାତ୍ରୀଛାତ୍ରଙ୍କ ମଧ୍ୟରେ ଆତ୍ମବିଶ୍ୱାସ ଜାଗ୍ରତ କରିଥାଏ। ଧରିତ୍ରୀ ୫୦ ବର୍ଷରୁ ଉର୍ଦ୍ଧ୍ୱ ସମୟ ଧରି ଛାତ୍ରୀଛାତ୍ରଙ୍କ ପାଇଁ ଏଭଳି ସୁଯୋଗ ସୃଷ୍ଟି କରିଆସୁଛି। ଏହାସହ ଏକ ନିରପେକ୍ଷ ଓ ସାଧାରଣ ଜନତାଙ୍କ ସ୍ୱର ଭାବେ ବିବେଚିତ ହୋଇପାରିଛି ବୋଲି ଯାଜପୁର ଟାଉନସ୍ଥିତ ଗୌତମ ବୁଦ୍ଧ ସଂସ୍କୃତି ଭବନରେ ରବିବାର ଅନୁଷ୍ଠିତ ଧରିତ୍ରୀ ମେଗା କୁଇଜ୍ ପ୍ରତିଯୋଗିତାର ପୁରସ୍କାର ବିତରଣ କାର୍ଯ୍ୟକ୍ରମରେ ବକ୍ତାମାନେ ମତ ପ୍ରକାଶ କରିଛନ୍ତି।

ପ୍ରତିଷ୍ଠିତ ଶିକ୍ଷାନୁଷ୍ଠାନ ଭିବ୍‌ଗିୟୋର କ୍ଲାସେସ୍‌ର ସହଯୋଗିତାରେ ଧରିତ୍ରୀ ପକ୍ଷରୁ ବରୀ, ଦଶରଥପୁର, ବିଞ୍ଝାରପୁର ଓ ଯାଜପୁର ବ୍ଲକ ସମେତ ଯାଜପୁର ପୌରପାଳିକାର ଛାତ୍ରୀଛାତ୍ରଙ୍କୁ ନେଇ କୁଇଜ୍ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଧରିତ୍ରୀର ଯାଜପୁର ସଦର ପ୍ରତିନିଧି ସମରବିଜୟ ଶରଣଙ୍କ ସଭାପତିତ୍ୱରେ ଅନୁଷ୍ଠିତ ପୁରସ୍କାର ବିତରଣ କାର୍ଯ୍ୟକ୍ରମରେ ବରୁଣେଶ୍ୱର ମହାବିଦ୍ୟାଳୟର ପୂର୍ବତନ ଅଧ୍ୟକ୍ଷ ବଟକୃଷ୍ଣ ମହାପାତ୍ର ମୁଖ୍ୟଅତିଥି ଭାବେ ଯୋଗଦେଇ କହିଛନ୍ତି, ଗାଁଗହଳିର ଛାତ୍ରୀଛାତ୍ରମାନଙ୍କ ପ୍ରତିଭାର ବିକାଶ ପାଇଁ କୁଇଜ୍ ପ୍ରତିଯୋଗିତା କରାଯାଇ ଯେପରି ପ୍ରୋତ୍ସାହନ ଯୋଗାଇ ଦିଆଯାଉଛି, ତାହା ବାସ୍ତବରେ ପ୍ରଶଂସନୀୟ। ସ୍ତମ୍ଭକାର ତଥା ଅଖିଳଚକ୍ରର ସାଧାରଣ ସମ୍ପାଦକ ହରେକୃଷ୍ଣ ପଣ୍ଡା ମୁଖ୍ୟବକ୍ତା ଭାବେ ଯୋଗଦେଇ କହିଛନ୍ତି, ଧରିତ୍ରୀ ଦୀର୍ଘ ୫୦ ବର୍ଷରୁ ଉର୍ଦ୍ଧ୍ୱ ସମୟ ଧରି ଯୁବପିଢ଼ି ତଥା ଛାତ୍ରୀଛାତ୍ରଙ୍କ ଜ୍ଞାନବୃଦ୍ଧି ସହ ସେମାନଙ୍କୁ ମାର୍ଗଦର୍ଶନ କରିବାରେ ଉଲ୍ଲେଖନୀୟ ଭୂମିକା ଗ୍ରହଣ କରିଆସିଛି। ଗରିବ ଓ ଅସହାୟଙ୍କ ଅବଦମିତ ସ୍ୱରକୁ ଧରିତ୍ରୀ ସବୁବେଳେ ଉଠାଇ ଆସିଛି। ନିରପେକ୍ଷତା ବହନ କରି ଓଡ଼ିଆ ଜାତିର ଅସ୍ମିତାକୁ ସୁରକ୍ଷିତ କରିଆସିଛି। ଯାଜପୁର ଜିଲାର ବହୁ ସାରସ୍ୱତ ସାଧକଙ୍କ କୃତି ସାଙ୍ଗକୁ କୃଷି, ଖଣି ଖାଦାନ, ସାହିତ୍ୟ, ସଂସ୍କୃତି ଓ ବିଭିନ୍ନ ସମୟର ରାଜନୈତିକ ଘଟଣାକ୍ରମକୁ ଧରିତ୍ରୀରେ ପ୍ରକାଶ ପାଇଆସୁଛି, ଯାହାକି ପ୍ରଶଂସନୀୟ ବୋଲି ମୁଖ୍ୟବକ୍ତା ପଣ୍ଡା କହିଛନ୍ତି। ଧରିତ୍ରୀର ଉପ ବାର୍ତ୍ତା ସମ୍ପାଦକ ମିହିର କାନ୍ତ ଦାସ ସମ୍ମାନିତ ଅତିଥିଭାବେ ଯୋଗଦେଇ କହିଛନ୍ତି, ରାଜ୍ୟର ୩୦ ଜିଲାରେ ଧରିତ୍ରୀ ପକ୍ଷରୁ ଏଭଳି ପ୍ରତିଯୋଗିତା ଆୟୋଜନ କରାଯିବାର ଲକ୍ଷ୍ୟ ହେଉଛି ଏକ ନୂଆ ଓଡ଼ିଶା ଗଠନରେ ଛାତ୍ରୀଛାତ୍ରଙ୍କ ସକ୍ରିୟ ଯୋଗଦାନକୁ ଉତ୍ସାହିତ କରିବା। ଏକ ସମୃଦ୍ଧ ଓଡ଼ିଶା ଗଠନ ପାଇଁ ଆମକୁ ମେଧାଶକ୍ତି ବୃଦ୍ଧି ସାଙ୍ଗକୁ ନିଜ ମାତୃଭାଷା ଓଡ଼ିଆକୁ ନେଇ ଗର୍ବ କରିବାକୁ ପଡ଼ିବ। ବର୍ତ୍ତମାନ ସମୟରେ ବିନା ଭୟରେ ପ୍ରଶ୍ନ ପଚାରିବାର ମାନସିକତା ଯୁବପିଢ଼ିଙ୍କ ମଧ୍ୟରେ ଜାଗ୍ରତ ହେବା ଜରୁରୀ। ନହେଲେ ଅନେକ କଥା ଜାଣିବାରୁ ବଞ୍ଚିତ ହେବାକୁ ପଡ଼ିବ। ଦେଖିବାକୁ ଗଲେ ଗଣତନ୍ତ୍ରରେ ପ୍ରଶ୍ନ ପଚାରିବା ଅଙ୍ଗାଙ୍ଗୀ ଭାବେ ଜଡ଼ିତ। ନଚେତ ଶାସକ ସ୍ୱେଚ୍ଛାଚାରୀ ହୋଇଥାଏ। ଗଣମାଧ୍ୟମ ପ୍ରଶ୍ନ ପଚାରିବାକୁ ଅତି ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ବୋଲି ମନେ କରିଆସିଛି। ଏ କ୍ଷେତ୍ରରେ ଧରିତ୍ରୀ ବେଶ୍ ସଚେତନତାର ସହ ଦାୟିତ୍ୱ ନିର୍ବାହ କରୁଛି।

ଧରିତ୍ରୀର ଯାଜପୁର ଜିଲା ପ୍ରତିନିଧି ହର୍ଷବର୍ଦ୍ଧନ ବେହେରା କହିଛନ୍ତି, ଅଧିକାଂଶ ଛାତ୍ରୀଛାତ୍ର ମୋବାଇଲ ଫୋନରେ ମଜ୍ଜି ରହି ନିଜର ଭବିଷ୍ୟତକୁ ଅନ୍ଧକାର ଭିତରକୁ ଠେଲି ଦେଉଛନ୍ତି। ଏହି ସମୟକୁ ପାଠପଢ଼ାରେ କିମ୍ବା ଗୁଗୁଲ ମାଧ୍ୟମରେ ବହୁ ଅଜଣା ତଥ୍ୟକୁ ଜାଣିବାରେ ସମୟ ଦେଲେ ସେମାନଙ୍କ ଜ୍ଞାନବୃଦ୍ଧିରେ ସହାୟକ ହୋଇପାରନ୍ତା। ଅନ୍ୟତମ ଅତିଥି ଭାବେ ଯୋଗ ଦେଇଥିବା ଭିବ୍‌ଗିୟୋର ମୁଖ୍ୟ ଉପଦେଷ୍ଟା ଅପରାଜେୟ ପଣ୍ଡା ଏହି ଅନୁଷ୍ଠାନ ଦ୍ୱାରା କିପରି ଗରିବ ମେଧାବୀଙ୍କ ସ୍ୱପ୍ନକୁ ସାକାର କରାଯାଇଛି ତାହା ବର୍ଣ୍ଣନା କରିଛନ୍ତି।

ଏହି ଅବସରରେ ପୂର୍ବରୁ ଅନୁଷ୍ଠିତ କୁଇଜ୍ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀ ବିଞ୍ଝାରପୁର ବରୁଣେଶ୍ୱର ଉଚ୍ଚ ବିଦ୍ୟାଳୟର ଛାତ୍ରୀ ଆଦ୍ୟାଶା ଆର୍ଯ୍ୟତନୟା ମିଶ୍ର ପ୍ରଥମ, ବରୀ ବ୍ଲକ ବାଲିଆସ୍ଥିତ ସାମନ୍ତସିଂହାର ସରକାରୀ ଉଚ୍ଚ ବିଦ୍ୟାଳୟର ଛାତ୍ର ରଣବୀର ଘଡ଼ାଇ ଦ୍ୱିତୀୟ ଏବଂ ବିଞ୍ଝାରପୁର ଉତଙ୍ଗରା ହାଇସ୍କୁଲର ଛାତ୍ରୀ ନୀହାରିକା ପଣ୍ଡା ତୃତୀୟ ସ୍ଥାନ ଅଧିକାର କରିଥିବାବେଳେ ସେମାନଙ୍କୁ ନଗଦ ଅର୍ଥ ରାଶି ଓ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା। ଏହାବ୍ୟତୀତ ଜିଲାରୁ ୫୦ ଜଣ ଶିକ୍ଷକଙ୍କୁ ଶିକ୍ଷାଦାନରେ ସେମାନଙ୍କ ଉଲ୍ଲେଖନୀୟ ଅବଦାନ ପାଇଁ ସମ୍ବର୍ଦ୍ଧିତ କରାଯିବା ସହ ୧୦୦ ଜଣ ଛାତ୍ରୀଛାତ୍ରଙ୍କୁ ପ୍ରମାଣପତ୍ର ଓ ଟ୍ରଫି ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମ ପରିଚାଳନାରେ ଧରିତ୍ରୀ ସହସମ୍ପାଦକ ମନୋଜ କୁମାର ଦଳାଇ, ଭିବ୍‌ଗିୟୋର କ୍ଲାସେସ୍‌ର ଅଧ୍ୟାପିକା ସମର୍ପିତା ଷଡ଼ଙ୍ଗୀ, ପ୍ରିୟଙ୍କା ସାହାଣୀ ପ୍ରମୁଖ ସହଯୋଗ କରିଥିଲେ।



ଧରିତ୍ରୀ ମେଗା କୁଇଜ୍ ପ୍ରତିଯୋଗିତାରେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଥିବା ଯଥାକ୍ରମେ ଆଦ୍ୟାଶା ଆର୍ଯ୍ୟତନୟା ମିଶ୍ର, ରଣବୀର ଘଡ଼ାଇ ଓ ନୀହାରିକା ପଣ୍ଡାଙ୍କୁ ରବିବାର ଯାଜପୁର ଟାଉନସ୍ଥିତ ଗୌତମ ବୁଦ୍ଧ ସଂସ୍କୃତି ଭବନରେ ଅନୁଷ୍ଠିତ ପୁରସ୍କାର ବିତରଣ କାର୍ଯ୍ୟକ୍ରମରେ ପୁରସ୍କୃତ କରାଯାଉଛି।



ଅତିଥିମାନଙ୍କ ଗହଣରେ ସମ୍ବର୍ଦ୍ଧିତ ଶିକ୍ଷକଗଣ।


ପୁରସ୍କାର ବିତରଣ କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି, ଶିକ୍ଷୟିତ୍ରୀ, ଶିକ୍ଷକ, ଛାତ୍ରଛାତ୍ରୀ, ଅଭିଭାବକମାନେ।



ପୁରସ୍କୃତ ହୋଇଥିବା କୁଇଜ୍ ପ୍ରତିଯୋଗିତାର ପ୍ରତିଯୋଗୀମାନେ।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଛଳେ ବଳେ କଉଶଳେ**
**ଶତ୍ରୁକୁ ସାଧିବ ହେଳେ।**

ଶତ୍ରୁ ବଳଶାଳୀ ହୋଇଥିଲେ, ତାକୁ ପରାସ୍ତ କରିବା ନେଇ ଯୋଜନା ପ୍ରସ୍ତୁତ କରିବା ବୁଦ୍ଧିମାନର କାର୍ଯ୍ୟ ହୋଇଥାଏ। ସମୟ ସୁଯୋଗ ଦେଖି ବା କଳ କୌଶଳ ଖଞ୍ଜି ଶତ୍ରୁକୁ ସାଧିବା ପାଇଁ ଏଠାରେ ପରାମର୍ଶ ଦିଆଯାଇଛି।

**ଛୁଇଁ ଖଡା ଭାତକୁ ଅଡୁଆ।**
**ବୁଢାବୁଢ଼ୀ ବାଟକୁ ଅଡୁଆ।।**

ସାଧାରଣତଃ ଛୁଇଁ ଓ ଖଡ଼ା ତେଢାମେଢା ଖାଦ୍ୟ ହୋଇଥିବା ହେତୁ ଭାତ ସଙ୍ଗେ ଖାଇବାକୁ ଅଡୁଆ ତଡୁଆ ଲାଗିଥାଏ। ଠିକ୍ ସେମିତି ବୟସ୍କ ବ୍ୟକ୍ତି ତରୁଣ ପଥଚାରୀଙ୍କ ସଙ୍ଗେ ବାଟରେ ସାମିଲ ହୋଇ ଚାଲିବା ପାଇଁ ସେମାନଙ୍କୁ ଅଡୁଆ ଲାଗିଥାଏ ବୋଲି ଏଠାରେ ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ – ଫ୍ରେଣ୍ଡସ୍ ପବ୍ଲିଶର୍ସ



ରବିବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

## ପୁଅର ଅଙ୍ଗଦାନ କରି ଶେଷ ଇଚ୍ଛା ପୂରଣ କଲେ ପରିବାର

ପାରଳାଖେମୁଣ୍ଡି, ୯।୩(ଗିରିଧାରୀ ପରିଛା)

ଯୁବ ବୟସରେ ଅକାଳ ମୃତ୍ୟୁ ପରେ ନିଜ ଅଙ୍ଗଦାନ କରି ଅମର ହୋଇ ରହିଛନ୍ତି ସନ୍ତୋଷ। ମୃତ୍ୟୁ ପୂର୍ବରୁ ସେ ନିଜ ଶରୀରର ମୂଲ୍ୟବାନ ଅଙ୍ଗ ଦାନ କରିଦେବାକୁ ମାଆଙ୍କୁ କହିଥିଲେ। ରବିବାର ପୁଅକୁ ହରାଇବାର ଦୁଃଖରେ ଭାଙ୍ଗି ପଡୁଥିଲେ ମଧ୍ୟ ମା' ପୁଅର କଥା ରଖିଛନ୍ତି। ଗଜପତି ଜିଲା ପାରଳାଖେମୁଣ୍ଡି କଟକି ଗୌଡ ସାହିର ସନ୍ତୋଷ ମହାରଣା ଓରଫ ନୃସିଂହ ପ୍ରସାଦ ମହାରଣାଙ୍କ ମାଆ ସୁବାସିନୀ ମହାରଣାଙ୍କ କ୍ଷେତ୍ରରେ ଏପରି ଦେଖିବାକୁ ମିଳିଛି।

ଖବରରୁ ଜଣାପଡିଛି ଦୁଇ ଦିନ ତଳେ ହଠାତ ସନ୍ତୋଷ ମୁହଁ ବୁଲେଇ ତଳେ ପଡି ଯାଇଥିଲେ। ଫଳରେ ତାଙ୍କ ମସ୍ତିଷ୍କରେ ଆଘାତ ଲାଗି ସେ ଗୁରୁତର ହୋଇ ପଡ଼ିଥିଲେ। ତାଙ୍କୁ ପ୍ରଥମେ ପାରଳାଖେମୁଣ୍ଡି ପରେ ଶ୍ରୀକାକୁଲମ ଜେମସ୍ ହସ୍ପିଟାଲରେ ପରିବାର ଲୋକେ ଭର୍ତ୍ତି କରିଥିଲେ। ସେ ବଞ୍ଚିବାର କୌଣସି ସମ୍ଭାବନା ନ ଥିବା ଡ଼ାକ୍ତର କହିବା ପରେ ସନ୍ତୋଷ ମା'ଙ୍କୁ ପୂର୍ବରୁ ନିଜ ଶରୀରର ଗୁରୁତ୍ୱପୂର୍ଣ୍ଣ ଅଙ୍ଗ ଦାନ ପାଇଁ ଜଣାଇଥିବା ଇଚ୍ଛା ସମ୍ପର୍କରେ ହସ୍ପିଟାଲ କର୍ତ୍ତୃପକ୍ଷଙ୍କୁ ଜଣାଇଥିଲେ। ସେହି ଅନୁସାରେ ସନ୍ତୋଷଙ୍କ ୨ଟି ଆଖି ଓ ୨ଟି କିଡନି ହସ୍ପିଟାଲ କର୍ତ୍ତୃପକ୍ଷ ନେଇଥିଲେ। ସନ୍ତୋଷଙ୍କ ଏହି ଅବଦାନ ତାଙ୍କୁ ସବୁବେଳେ ଅମର କରି ରଖିବ ବୋଲି ସାଧାରଣରେ ଆଲୋଚନା ହେଉଛି। ସୂଚନାଯୋଗ୍ୟ, ସନ୍ତୋଷଙ୍କ ସ୍ତ୍ରୀ ଓ ଛୋଟ ଛୋଟ ଝିଅପୁଅ ଅଛନ୍ତି। ପୂର୍ବରୁ ସନ୍ତୋଷଙ୍କ ବାପାଙ୍କ ଚିକିତ୍ସା ପାଇଁ ନିଜ ବାସ ଗୃହ ବିକ୍ରି ସରିଛି। ଏବେ ପରିବାର ଭଡାରେ ରହୁଛନ୍ତି।

## ଗହୀରମଥାରେ ୫,୪୯,୮୬୨ ଅଲିଭ୍‌ରିଡ୍‌ଲେଙ୍କ ଅଣ୍ଡାଦାନ

ରାଜନଗର, ୯।୩
(ଭାସ୍କର ରାଉତରାୟ)



ବିରଳ ଅଲିଭ୍‌ରିଡ୍‌ଲେ କଇଁଛଙ୍କ ଅନ୍ତୁଡିଶାଳ କେନ୍ଦ୍ରାପଡ଼ା ଉପକୂଳର ଗହୀରମଥାଠାରେ କଇଁଛଙ୍କ ଅଣ୍ଡାଦାନ ପ୍ରକ୍ରିୟା ଜାରି ରହିଛି। ଫେବୃଆରୀରେ ଋଷିକୂଲ୍ୟାରେ ରେକର୍ଡ ସଂଖ୍ୟକ ଅଲିଭ୍‌ରିଡ୍‌ଲେ ଗଣ ଅଣ୍ଡାଦାନରେ ସାମିଲ ହେବା ପରେ ଚଳିତବର୍ଷ ଗହୀରମଥାରେ ଗଣ ଅଣ୍ଡାଦାନ ହେବ କି ନାହିଁ ଆଶଙ୍କା ପ୍ରକାଶ ପାଇଥିଲା। ମାତ୍ର ସବୁ ଆଶଙ୍କାର ଅବସାନ ଘଟାଇ ୫ ଦିନ ହେଲା ନାସୀ-୨ ଓ ୩୧ବର୍ଷ ପରେ ଏକକୁଳା ନାସୀରେ ୪ ଦିନ ହେଲା ଅଲିଭ୍‌ରିଡ୍‌ଲେଙ୍କ ଗଣ ଅଣ୍ଡାଦାନ ଚାଲିଛି। ୫ ଦିନ ମଧ୍ୟରେ ଗହୀରମଥାର ନାସୀ-୨ରେ ୨ ଲକ୍ଷ ୫୩ ହଜାର ୪୨୬ ଅଲିଭରିଡଲେ ଅଣ୍ଡାଦାନ ପ୍ରକ୍ରିୟାରେ ସାମିଲ ହୋଇ ସାରିଥିବାବେଳେ ଏକକୁଳା ନାସୀରେ ୨ ଲକ୍ଷ ୯୬ ହଜାର ୪୩୬ କଇଁଛ ଅଣ୍ଡାଦାନ କରିଛନ୍ତି।

ବନ ବିଭାଗ ସୂତ୍ରରୁ ମିଳିଥିବା ସୂଚନା ମୁତାବକ, ନାସୀ ୨ରେ ୫ ତାରିଖରେ ୭୮,୭୪୩ ଅଲିଭ୍‌ରିଡ୍‌ଲେ କଇଁଛ ଅଣ୍ଡାଦାନ ପ୍ରକ୍ରିୟାରେ ସାମିଲ ହୋଇଥିବା ବେଳେ ୬ ତାରିଖରେ ୧,୧୪,୦୦୨, ୭ ତାରିଖରେ ୭୧,୯୧୨, ୮ ତାରିଖରେ ୩୧,୭୭୯ କଇଁଛ ଗଣ ଅଣ୍ଡାଦାନ କରିଛନ୍ତି। ଏକକୁଳା ନାସୀରେ ୬ ତାରିଖରେ ୩୦୦୦ , ୭ ତାରିଖରେ ୧,୬୬,୩୪୮, ୮ ତାରିଖରେ ୮୪,୦୭୮ କଇଁଛ ଅଣ୍ଡାଦାନ କରି ସାରିଲେଣି। ୮ ତାରିଖ ସୁଦ୍ଧା ୫,୪୯,୮୬୨ କଇଁଛ ଗଣ ଅଣ୍ଡାଦାନ କରିସାରିଥିବା ବେଳେ ରବିବାର ମଧ୍ୟ ଗଣ ଅଣ୍ଡାଦାନ ପ୍ରକ୍ରିୟା ଜାରି ରହିଛି। ମା' କଇଁଛମାନେ ବେଳାଭୂମିର ନରମ ବାଲିରେ ପଛପଟ ଗୋଡରେ ୧ ଫୁଟରୁ ଦେଢ଼ ଫୁଟ ଗଭୀରର ଗାତ ଖୋଳିଥାନ୍ତି। ଗାତ ଖୋଳିବା ପରେ ମା' କଇଁଛ ପ୍ରାୟ ୧୦୦ଟି ଉପରେ ଅଣ୍ଡା ଦେଇଥାନ୍ତି। ପ୍ରତ୍ୟେକ ଅଣ୍ଡାର ଆକାର ଗୋଟିଏ ପିଙ୍ଗ୍ ବଲ ପରି। ଅଣ୍ଡାର ଖୋଳପା ନମନୀୟ ହୋଇଥିବାରୁ ଅଣ୍ଡା ଗଳିବା ସମୟରେ ତାହା ଫାଟି ନ ଥାଏ। ଅଣ୍ଡା ଦେଇ ସାରିବା ପରେ ମା' କଇଁଛ ତା'ର ଗାତକୁ ବାଲି ଘୋଡ଼ାଇ ଲୁଚାଇ ପକାଏ ଓ ସମୁଦ୍ର ମଧ୍ୟକୁ ଫେରିଯାଏ। ସୂର୍ଯ୍ୟଙ୍କ ଉତାପରେ ଉଷ୍ମ ହୋଇ ଅଣ୍ଡାଗୁଡ଼ିକରୁ ୪୫ରୁ ୬୦ ଦିନ ମଧ୍ୟରେ କଇଁଛ ଶାବକ ବାହାରିଥାନ୍ତି। କଇଁଛଙ୍କ ଅଣ୍ଡାଦାନ ପ୍ରକ୍ରିୟାରେ ସାମିଲ ହେବାଦିନଠାରୁ ଗହୀରମଥାର ନାସୀ ଦ୍ୱୀପଠାରୁ ଅଳ୍ପ ଦୂରରେ ଥିବା ଭାରତ ସରକାରଙ୍କ ପ୍ରତିରକ୍ଷା ବିଭାଗର କ୍ଷେପଣାସ୍ତ୍ର ଘାଟିର ଉଜ୍ଜ୍ୱଳ ଆଲୋକ ବ୍ୟବସ୍ଥାକୁ ବନ୍ଦ କରାଯାଇଛି।

## କର୍ଣ୍ଣାଟକରେ ଓଡ଼ିଆ ଯୁବକଙ୍କୁ ହତ୍ୟା ଘଟଣା

# ଜି.ଉଦୟଗିରି ଗୁଡ୍ରିପଡ଼ିରେ ବିଭାଷଙ୍କୁ ଦିଆଗଲା ସମାଧି

ଦାରିଙ୍ଗବାଡ଼ି/ଜି.ଉଦୟଗିରି,୯।୩
(ଅରୁଣ ସାହୁ/ଚିନ୍ମୟ କୁମାର ସେଠୀ)

କନ୍ଧମାଳ ଜିଲା ଦାରିଙ୍ଗବାଡ଼ି ବ୍ଲକ୍ ଶ୍ରାନିକେତା ପଞ୍ଚାୟତ ତେରେବାଡ଼ି ଗ୍ରାମର ଖ୍ରୀଷ୍ଟ ସମ୍ପ୍ରଦାୟର ମଡରେଟର ବିଜୟ ନାୟକଙ୍କ ଏକମାତ୍ର ପୁଅ ବିଭାଷ ନାୟକ(୩୦)ଙ୍କୁ କର୍ଣ୍ଣାଟକ ହାମ୍ପିଠାରେ ହତ୍ୟା କରାଯାଇଥିଲା। ରବିବାର ମୃତଦେହ ଗାଁରେ ପହଞ୍ଚିବା ପରେ ଜି.ଉଦୟଗିରି ଗୁଡ୍ରିପଡ଼ିଠାରେ ଖ୍ରୀଷ୍ଟୀୟ ରୀତିନୀତିରେ ଶେଷକୃତ୍ୟ ସମ୍ପନ୍ନ ହୋଇଛି। ଶେଷକୃତ୍ୟ ବେଳେ ବିଭିନ୍ନ ରାଜ୍ୟ ଓ ଓଡ଼ିଶାର ବିଭିନ୍ନ ସ୍ଥାନରୁ ଖ୍ରୀଷ୍ଟଧର୍ମର ପ୍ରଚାରକ, ଫାଦର, ସିଷ୍ଟର ଆଖା ପାଖ ଅଞ୍ଚଳରେ ଥିବା ଚର୍ଚ୍ଚଗୁଡ଼ିକର ପାଳକମାନେ ଉପସ୍ଥିତ ଥିଲେ।

ସୂଚନାଯୋଗ୍ୟ, ବିଭାଷ ଚେନ୍ନାଇସ୍ଥିତ ମାଡ୍ରାସ୍ ଖ୍ରୀଷ୍ଟିଆନ କଲେଜରେ ବିବିଏ ଏବଂ ମୁମ୍ବାଇରେ ଏମ୍‌ବିଏ ପଢ଼ା ସାରିବା ପରେ ଦିଲ୍ଲୀସ୍ଥିତ ଏସ୍‌ଟି ଷ୍ଟିଫେନ୍ ହସ୍ପିଟାଲରେ ଚାକିରି କରୁଥିଲେ। ସେ କର୍ଣ୍ଣାଟକ ହାମ୍ପି ପର୍ଯ୍ୟଟନସ୍ଥଳ ବୁଲିବାକୁ ଯାଇଥିଲେ। ଗୁରୁବାର ରାତି ପ୍ରାୟ ୧୧ଟାରେ ଇସ୍ରାଏଲୀ ମହିଳା, ୩ ପୁରୁଷ ପର୍ଯ୍ୟଟକଙ୍କ ସହ ହୋମଷ୍ଟେ ଅପରେଟର ବୁଲୁଥିବା ବେଳେ ୩ ଦୁର୍ବୃତ୍ତ ଆସି ସେମାନଙ୍କ ସହ ଯୁକ୍ତିତର୍କ କରି ଗାଳିଗୁଲଜ କରିଥିଲେ। ପରେ ଦୁର୍ବୃତ୍ତମାନେ ଦୁଇ ମହିଳାଙ୍କୁ ଗଣବଳାତ୍କାର କରିବା ସହ ସେମାନଙ୍କ ସାଙ୍ଗରେ ଥିବା ବିଭାଷଙ୍କ ସମେତ ୩ ପୁରୁଷ ପର୍ଯ୍ୟଟକଙ୍କୁ ମାଡ଼ ମାରି ନିକଟସ୍ଥ କେନାଲରେ ଫିଙ୍ଗି ଦେଇଥିଲେ। ୨ ଜଣ ପୁରୁଷ ପର୍ଯ୍ୟଟକ ଆହତ ହୋଇଥିବା ବେଳେ ଶନିବାର ବିଭାଷଙ୍କ ମୃତଦେହ ମିଳିଥିଲା। ବିଭାଷଙ୍କ ମୃତଦେହ କର୍ଣ୍ଣାଟକରୁ ଅଣାଯାଇ ଜି.ଉଦୟଗିରିଠାରେ ସମାଧି ଦିଆଯାଇଛି। ଏହି ଘଟଣାର ଉଚ୍ଚସ୍ତରୀୟ ତଦନ୍ତ କରି ହତ୍ୟାକାରୀଙ୍କୁ ଉଚିତ ଦଣ୍ଡ ଦେବା ପାଇଁ ବିଭାଷଙ୍କ ପରିବାର ଲୋକଙ୍କ ସମେତ ଅଞ୍ଚଳବାସୀ ଦାବି କରିଛନ୍ତି। ସୂଚନାଯୋଗ୍ୟ, ବିଭାଷଙ୍କ ବାପା ଖ୍ରୀଷ୍ଟୀୟ ଧର୍ମର ମଡରେଟର ଭାବେ ଉତ୍ତରପ୍ରଦେଶର ଆଗ୍ରାଠାରେ ରହୁଛନ୍ତି। ମା'ଜଣେ ଅବସରପ୍ରାପ୍ତ ଶିକ୍ଷୟିତ୍ରୀ।


ବିଭାଷଙ୍କ ମରଶରୀରକୁ ସମାଧି ଦେବା ପାଇଁ ନିଆଯାଇଛି।

## ସଂକ୍ଷେପରେ

### ଟ୍ରେନରେ କଟି ଜଣେ ମୃତ

ଲୋଇସିଂହା,୯।୩(ସୁଶାନ୍ତ ବାରିକ)

ବଲାଙ୍ଗୀର ଜିଲା ଲୋଇସିଂହା ରେଳ ଷ୍ଟେଶନ ନିକଟ ସାରେସମୁଣ୍ଡା ପୋଲ ନିକଟରେ ରବିବାର ଟ୍ରେନରେ କଟି ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ଲୋଇସିଂହା ଥାନା ହୀରାପୁର ପଞ୍ଚାୟତ ପନେସରା ଗ୍ରାମର ସତ୍ୟନାରାୟଣ ବିଶ୍ୱାଳ। ସତ୍ୟନାରାୟଣ ସକାଳେ ପରିବାର ଲୋକଙ୍କୁ କାମ କରିବାକୁ ଯାଉଥିବା କହି ଘରୁ ଲୋଇସିଂହା ଆସିଥିଲେ। ହେଲେ କୌଣସି କାରଣରୁ ଟ୍ରେନରେ କଟି ମୃତ୍ୟୁବରଣ କରିଥିବା ଜଣାପଡିଥିଲା। ରେଳବାଇ ପୋଲିସ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଥିଲା।

### ଲକ୍ଷ୍ମୀ ମନ୍ଦିରର ଦାନହୁଣ୍ଡି ଲୁଟ କଲେ ଦୁର୍ବୃତ୍ତ

ଭବାନୀପାଟଣା,୯ ।୩(ଉତ୍ତମ କୁମାର ଦାଶ)

କଳାହାଣ୍ଡି ଜିଲା ଭବାନୀପାଟଣା ସହରର ଗାନ୍ଧୀଛକ ଠାରେ ଥିବା ଲକ୍ଷ୍ମୀ ମନ୍ଦିରର ଦାନ ହୁଣ୍ଡିକୁ ଶନିବାର ରାତିରେ କେହି ଦୁର୍ବୃତ୍ତ ଲୁଟ କରିନେଇଥିବା ଜଣାପଡିଛି। ଏ ନେଇଁ ମନ୍ଦିର ପରିଚାଳନା କମିଟିର ସମ୍ପାଦକ ନରେଶ କୁମାର ଅଗ୍ରୱାଲ ସ୍ଥାନୀୟ ଟାଉନ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଦାନ ହୁଣ୍ଡିରେ ପ୍ରାୟ ୨୦ହଜାର ଟଙ୍କା ଥିଲା ବୋଲି ଜଣାପଡିଛି। ଏନେଇ ପୋଲିସ ଏକ ମାମଲା ନଂ. ୮୭/୨୫ ରୁଜୁ କରିବା ସହ ଘଟଣା ସ୍ଥଳରେ ସନ୍ଧାନୀ କୁକୁର ସହ ଯାଇ ତଦନ୍ତ ଆରମ୍ଭ କରିଛି।

### ଉତ୍କଳ ଯାଦବ ମହାସଭା: କପିଳେନ୍ଦ୍ର ସାଧାରଣ ସମ୍ପାଦକ

ଖଡ଼ିଆଳ,୯।୩(ସୁଜିତ କୁମାର ପ୍ରଧାନ)



ନୂଆପଡ଼ା ଜିଲାର ଜଣାଶୁଣା ଯୁବ ସଙ୍ଗଠକ କପିଳେନ୍ଦ୍ର ଭୋଇ ଉତ୍କଳ ଯାଦବ ମହାସଭାର ରାଜ୍ୟ ଯୁବ ଶାଖାର ସାଧାରଣ ସମ୍ପାଦକ ଭାବେ ନିଯୁକ୍ତ ହୋଇଛନ୍ତି । ଉତ୍କଳ ଯାଦବ ମହାସଭାର ରାଜ୍ୟ ସଭାପତି ଆଶୀର୍ବାଦ ବେହେରା ଏ ନେଇ ଚିଠି ଲେଖି କପିଳେନ୍ଦ୍ରଙ୍କୁ ଜଣାଇଛନ୍ତି । ସଂଗଠନ ପ୍ରକ୍ରିୟାରେ ସର୍ବୋତ୍ତମ ସେବା ପ୍ରଦାନ ଏବଂ ରାଜ୍ୟରେ ଯାଦବ ସମ୍ପ୍ରଦାୟର ଉନ୍ନତି ପାଇଁ ଆନ୍ତରିକତାର ସହିତ କାର୍ଯ୍ୟ କରିବା ସହ ତାଙ୍କୁ ମିଳିଥିବା ଦାୟିତ୍ୱକୁ ସେ ସୁଚାରୁରୂପେ ତୁଲାଇବେ ବୋଲି ଭୋଇ ମତରଖିବା ସହ ରାଜ୍ୟ ସଭାପତିଙ୍କ ସମେତ ଜିଲା ଯାଦବ ସମାଜର ସମସ୍ତ ନେତୃମଣ୍ଡଳୀଙ୍କୁ କୃତଜ୍ଞତା ଜଣାଇଛନ୍ତି।



ମହିଳା ଦିବସରେ ଅତିଥି ଗଣଙ୍କ ସହ ବିକାଶର ଛାତ୍ରୀ ଓ କର୍ମଚାରୀ।

# ବିକଶିତ ଭାରତରେ ଅଗ୍ରଣୀ ଭୂମିକା ଗ୍ରହଣ କର

### ବିକାଶରେ ଅନ୍ତର୍ଜାତୀୟ ମହିଳା ଦିବସ

ଭବାନୀପାଟଣା, ୯।୩(ଉତ୍ତମ କୁମାର ଦାଶ)

ଭବାନୀପାଟଣା ଲକ୍ଷ୍ମୀ ବିକାଶ ଗ୍ରୁପ୍ ଅଫ୍ ଇନ୍‌ଷ୍ଟିଚ୍ୟୁଶନ ଉଇଜ୍‌ଡମ୍ ପାର୍କ ପରିସର ସଭାଗୃହରେ ଶନିବାର ବିଶ୍ୱ ମହିଳା ଦିବସ ପାଳିତ ହୋଇଯାଇଛି। ମୁଖ୍ୟ ଅତିଥିଭାବେ ମା' ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟ ଭାରପ୍ରାପ୍ତ କୁଳପତି ଡ. ନିବେଦିତା ନାଥ ମୁଖ୍ୟ ଅତିଥିଭାବେ ଯୋଗଦେଇଥିଲେ। ସମ୍ମାନିତ ଅତିଥିଭାବେ ନନ୍‌ଗଭର୍ନମେଣ୍ଟାଲ ଅର୍ଗାନାଇଜେଶନ ଇଣ୍ଟରନ୍ୟାଶନାଲ କନ୍‌ସଲଟାଣ୍ଟର ସୁଶ୍ରୀ ରଶ୍ମିତା ମହାନ୍ତି, ଲକ୍ଷ୍ମୀ ବିକାଶ ଗ୍ରୁପ୍ ଅଫ୍ ଇନ୍‌ଷ୍ଟିଚ୍ୟୁଶନ ଶିକ୍ଷା ପ୍ରଭାରୀ ଡି. ବିଜୟା, ପରିଚାଳନା ମଣ୍ଡଳୀ ସଦସ୍ୟା ଡି. ପଦ୍ମିନୀ, ବିଶିଷ୍ଟ କଣ୍ଠଶିଳ୍ପୀ ସଙ୍ଗୀତା ରାଉତ, ସଫଳ ଚାଷୀ କାମିନୀ ପଟେଲ, ପର୍ବତାରୋହୀ ଲିପ୍‌ସାମୟୀ ଦୁବେ, ଫେଶନ ଡିଜାଇନର ଦଶାରି ଲକ୍ଷ୍ମୀରାଣୀ, ଲକ୍ଷ୍ମୀ ବିକାଶ ଗ୍ରୁପ୍ ଅଫ୍ ଇନ୍‌ଷ୍ଟିଚ୍ୟୁଶନ ନିର୍ଦ୍ଦେଶକ ଡି. ଶ୍ୟାମ, ଡି. ରାମକୁମାର, ବିକାଶ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଅଧକ୍ଷ ଯୁବରାଜ ନାୟକ, ଉପାଧ୍ୟକ୍ଷ ନାରାୟଣ ମହାନ୍ତି, ଜେନେରାଲ ମ୍ୟାନେଜର ଗୁପ୍ତେଶ୍ୱର ଖୁଣ୍ଟିଆ, ବରିଷ୍ଠ ଖବରଦାତା ଦେବେନ୍ଦ୍ର ବିଶି ଯୋଗଦେଇଥିଲେ। କାର୍ଯ୍ୟକ୍ରମ ଆରମ୍ଭରେ ଲକ୍ଷ୍ମୀ ବିକାଶ ଆବାସିକ ବିଦ୍ୟାଳୟ ଅଧକ୍ଷା ସୁଶ୍ରୀ ଆରତି ମିଶ୍ର ସ୍ୱାଗତ ଭାଷଣ ଦେଇଥିଲେ। ମୁଖ୍ୟ ଅତିଥି ଡ. ନାଥ ତାଙ୍କ ବକ୍ତବ୍ୟରେ ନାରୀ ପ୍ରଥମେ ନିଜକୁ ଚିହ୍ନନ୍ତୁ। ନିଜ ପରିବାରଠୁ ନିଜର ଅଧିକାର ସାବ୍ୟସ୍ତ ପରେ ପ୍ରଥମେ ନିଜ ଗାଁ, ଜିଲା, ରାଜ୍ୟ ଓ ଦେଶର ପରିବର୍ତ୍ତନ କରି ବିକଶିତ ଭାରତର ଅଗ୍ରଣୀ ଭୂମିକା ଗ୍ରହଣ କରିବାକୁ ପରାମର୍ଶ ଦେଇଥିଲେ। ସମ୍ମାନିତ ଅତିଥି ସୁଶ୍ରୀ ରଶ୍ମିତା ମହାନ୍ତି ତାଙ୍କ ବକ୍ତବ୍ୟରେ ନାରୀ ସାମାଜିକ, ଅର୍ଥନୈତିକ, ରାଜନୈତିକ ଓ ଶିକ୍ଷାକ୍ଷେତ୍ରରେ ସମାନ ଅଧିକାର, ସମଗ୍ର ଦେଶରେ ନାରୀମାନଙ୍କ ସମସ୍ୟା ଉପରେ ଆଲୋକପାତ କରିଥିଲେ। ଏହି କାର୍ଯ୍ୟକ୍ରମରେ ସଫଳତାର ଶିଖରରେ ପହଞ୍ଚିଥିବା ବିଶିଷ୍ଟ କଣ୍ଠଶିଳ୍ପୀ ସଙ୍ଗୀତା ରାଉତ, ସଫଳ ଚାଷୀ କାମିନୀ ପଟେଲ, ପର୍ବତାରୋହୀ ଲିପ୍‌ସାମୟୀ ଦୁବେ, ଫେଶନ ଡିଜାଇନର ଦଶାରି ଲକ୍ଷ୍ମୀରାଣୀଙ୍କୁ ବିକାଶ ସ୍ମୃତିଫଳକ ଓ ଉପଢୌକନରେ ସମ୍ମାନିତ କରାଯାଇଥିଲା। ମୁଖ୍ୟ ଅତିଥି ଡ. ନିବେଦିତା ନାଥ, ସମ୍ମାନିତ ଅତିଥି ସୁଶ୍ରୀ ରଶ୍ମିତା ମହାନ୍ତିଙ୍କୁ ଅନୁଷ୍ଠାନ ପକ୍ଷରୁ ସ୍ମୃତିଫଳକ ସହ ସମ୍ବର୍ଦ୍ଧିତ କରାଯାଇଥିଲା। ଶିକ୍ଷୟିତ୍ରୀ ତେଜିନ୍ଦର କୋର୍ ମଞ୍ଚ ପରିଚାଳନା କରିଥିବା ବେଳେ ଜ୍ୟୋତିପ୍ରିୟା ପାଣିଗ୍ରାହୀ ଧନ୍ୟବାଦ ଅର୍ପଣ କରିଥିଲେ।

# ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟରେ ଆନ୍ତର୍ଜାତିକ ମହିଳା ଦିବସ




ଜଣେ କୃତୀ ଛାତ୍ରୀଙ୍କୁ ପୁରସ୍କୃତ କରାଯାଉଛି।

ଭବାନୀପାଟଣା,୯।୩(ଉତ୍ତମ କୁମାର ଦାଶ)

ଭବାନୀପାଟଣା ସ୍ଥିତ ମା' ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟର ଆଇକ୍ୟୁଏସି ସେଲ ପକ୍ଷରୁ ଅନ୍ତର୍ଜାତିକ ମହିଳା ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ଭାରପ୍ରାପ୍ତ କୁଳପତି ଡ. ନିବେଦିତା ନାଥଙ୍କ ଅଧକ୍ଷତାରେ ବିକଶିତ ଭାରତରେ ମହିଳାମାନଙ୍କ ଭୂମିକା ବିଷୟରେ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ସ୍ତ୍ରୀମାନଙ୍କ ପ୍ରତି ହେଉଥିବା ଅନ୍ୟାୟ ଓ ଅତ୍ୟାଚାର ସମ୍ବନ୍ଧରେ ସ୍ୱର ଉତ୍ତୋଳନ କରିବାକୁ ଭାରପ୍ରାପ୍ତ କୁଳପତି ନିଜର ମତ ଉପସ୍ଥାପନ କରିଥିଲେ। ଉପ କୁଳସଚିବ ମେଜର ଡ. ଜୟଦେବ ସାହୁ ନାରୀ ଶିକ୍ଷାର ଗୁରୁତ୍ୱ ଉପରେ ନିଜର ଅଭିମତ ପ୍ରକାଶ କରିଥିଲେ। ରାଜନୀତି ବିଜ୍ଞାନ ବିଭାଗର ସହକାରୀ ପ୍ରଫେସର ସରିତା ବାଗ ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିଲେ। ବକ୍ତା ଭାବେ ପ୍ରଫେସର ଅନ୍ନପୂର୍ଣ୍ଣା ପାଣ୍ଡେ (ଯୁକ୍ତରାଷ୍ଟ୍ର ଆମେରିକା), ପ୍ରଫେସର ଶେଫାଳୀ ଝା (ଜବାହରଲାଲ ନେହେରୁ ବିଶ୍ୱବିଦ୍ୟାଳୟ), ବିଶାଖା ଭଞ୍ଜ (ଜାତୀୟ ମହିଳା ଚୁକ୍ତି), ଇଂଲିଶ ବିଭାଗର ସହକାରୀ ପ୍ରଫେସର ଡ. ଝରଣାରାଣୀ ଧଙ୍ଗଡାମାଝୀ ନିଜର ବକ୍ତବ୍ୟ ପ୍ରଦାନ କରିଥିଲେ। ଛାତ୍ରୀଛାତ୍ରମାନଙ୍କ ଦ୍ୱାରା କନ୍ୟାସନ୍ତାନ, ନାରୀ ଶିକ୍ଷା, ଯୌତୁକ ପ୍ରଥା ଓ ସମାଜରେ ନାରୀମାନଙ୍କ ସ୍ଥିତି ବିଷୟରେ ଗୋଟିଏ ନାଟକ ଅଭିନୀତ ହୋଇଥିଲା। କୃତୀ ଛାତ୍ରୀ ଆର୍ଯ୍ୟା ନାଏକ, ଅଦିତୀ ଆଚାରୀ, ନମିତା ସାହୁ ଓ ବିନୋଦିନୀ ଧରୁଆଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। କୃତି ଅଣଶିକ୍ଷକ କର୍ମଚାରୀ ସୌମ୍ୟାରାଣୀ ଦାସ, ପୁଷ୍ପାଞ୍ଜଳି ସିଂହ, ଯୋଗମାୟା ପ୍ରିୟଦର୍ଶିନୀ ମହାପାତ୍ର, ଭାଗ୍ୟବତୀ ନାଏକ ଓ ରାଣୀ ନାଏକ ତଥା କୃତି ଶିକ୍ଷକ କର୍ମଚାରୀ ଡକ୍ଟର ମଧୁଲିକା ସାହୁ, ଡକ୍ଟର ପଲ୍ଲୀଶ୍ରୀ ପଟ୍ଟନାୟକ, ଡକ୍ଟର ସୁମନା ରାୟ, ଲିପସା ମହାରଣା, ଶ୍ରାବଣୀ ପ୍ରିୟଦର୍ଶିନୀ ଦାସଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ମହିଳା ଛାତ୍ରାବାସର ତତ୍ତ୍ୱାବଧାରିକା ଓ ସହ ତତ୍ତ୍ୱାବଧାରିକା ଡକ୍ଟର ଝରଣାରାଣୀ ଧଙ୍ଗଡାମାଝୀ, ଡକ୍ଟର ସୁମନା ରାୟ, ରୋଜମେରୀ ଏକା, ଡ ଗୀତାଞ୍ଜଳି ରାଉତ ଓ ଡକ୍ଟର ସାଗରିକା ଦଳାଇ ସମ୍ବର୍ଦ୍ଧିତ ହୋଇଥିଲେ। ଆଲୋଚନାଚକ୍ରକୁ ଓଡ଼ିଆ ବିଭାଗର ମୁଖ୍ୟ ଡକ୍ଟର ପଲ୍ଲୀଶ୍ରୀ ପଟ୍ଟନାୟକ ପରିଚାଳନା କରିଥିବାବେଳେ ସହକାରୀ ପ୍ରଫେସର ରୋଜମେରୀ ଏକା ଧନ୍ୟବାଦ ଅର୍ପଣ କରିଥିଲେ।

# ୧୦ ମହିଳା ସ୍ୱାସ୍ଥ୍ୟକର୍ମୀ ସମ୍ବର୍ଦ୍ଧିତ



ସମ୍ବର୍ଦ୍ଧିତ ସ୍ୱାସ୍ଥ୍ୟକର୍ମୀ ଓ ଅନ୍ୟମାନେ।

ଖଡ଼ିଆଳ,୯।୩(ସୁଜିତ କୁମାର ପ୍ରଧାନ)

ଖଡିଆଳସ୍ଥିତ ଅଗ୍ରସେନ ଭବନ ଧର୍ମଶାଳା ପରିସର ମଧ୍ୟରେ ଖଡିଆଳ ମହିଳା ମଣ୍ଡଳ ଓ ନବଜ୍ୟୋତି ଶାଖା ମିଳିତ ଆନୁକୂଲ୍ୟରେ ମହିଳା ଦିବସ ଅବସରରେ ୧୦ ଜଣ ମହିଳା ସ୍ୱାସ୍ଥ୍ୟ କର୍ମୀଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ଖଡିଆଳ ମାରୱାଡ଼ି ଯୁବାମଞ୍ଚର ଅନେକ ଶାଖା ରହିଥିବା ବେଳେ ମହିଳା ମଣ୍ଡଳ ଓ ନବଜ୍ୟୋତି ଶାଖା ମିଳିତ ରୂପେ କୋମନା, ଖଡିଆଳ, ବୋଡ଼େନ ଏବଂ ସିନାପାଲି ଅଞ୍ଚଳରେ କାର୍ଯ୍ୟ କରି ଅବସର ନେଇଥିବା ସ୍ୱାସ୍ଥ୍ୟ କର୍ମୀ ଏବଂ କାର୍ଯ୍ୟ ସମ୍ପାଦନ କରିଥିବା କର୍ମୀଙ୍କୁ ନେଇ ତାଙ୍କ ଅବଦାନ ପାଇଁ ସମ୍ବର୍ଦ୍ଧିତ କରିଛନ୍ତି। ବିଶେଷକରି କୋଭିଡ୍ ମହାମାରୀ ସମୟରେ ତାଙ୍କ ଅବଦାନ ଅତୁଳନୀୟ ବୋଲି ମତବ୍ୟକ୍ତ କରିଛନ୍ତି। ମହିଳା ମଣ୍ଡଳ ପକ୍ଷରୁ ସରିତା ସୋନି, ସ୍ନେହଲତା ଜୈନ, କମଳା ଜୈନ, ପୁନମ ଅଗ୍ରୱାଲ, ନବଜ୍ୟୋତି ପକ୍ଷରୁ ସଙ୍ଗୀତା ବଂଶଲ, ନିଲମ ଜୈନ, ନମିତା ଜୈନ, ଅଞ୍ଜନା ଅଗ୍ରୱାଲ ପ୍ରମୁଖ ସାମିଲ ହୋଇଥିଲେ। ଜ୍ୟୋତି ସେନାପତି ସମ୍ବର୍ଦ୍ଧିତ ହୋଇ ସମାଜର ମୁଖ୍ୟ ସ୍ରୋତରେ ସାମିଲ ପାଇଁ ଆହ୍ୱାନ କରିଥିଲେ।

### ବିଦ୍ୟୁତ୍ ତାର ଚୋରି କରିବା ବେଳେ ଧରାପଡ଼ିଲେ ୪ ଚୋର

ସଇଁତଲା,୯।୩ (ରାଖାଲ ପ୍ରସାଦ ଶତପଥୀ)

ସଇଁତଲା ବ୍ଲକ ଅନ୍ତର୍ଗତ ବୁଢ଼ାବାହାଲ ପଞ୍ଚାୟତର ବନ୍ଧପଡ଼ା ଅଞ୍ଚଳରେ ବିଦ୍ୟୁତ ତାର ଚୋରି କରିବା ବେଳେ ୪ଜଣ ଯୁବକ ଧରା ପଡ଼ିଛନ୍ତି । ସେମାନଙ୍କ ନିକଟରୁ ଚୋରି ତାର ସହ ଏକ ଚାରିଚକିଆ ଗାଡ଼ି ଓ ଗୋଟିଏ ମୋଟର ସାଇକେଲ ପୋଲିସ ଜବତ କରିଛି । ପୋଲିସ ସୂଚନା ଅନୁଯାୟୀ, ବନ୍ଧପଡ଼ା ଗ୍ରାମରୁ ବହୁ ସମୟରେ ବିଦ୍ୟୁତ୍ ତାର ଚୋରି ହେଉଥିଲା । ଶୁକ୍ରବାର ଦିନ ଢ଼ଙ୍ଗରମୁଣ୍ଡା ଗ୍ରାମର ଅମିତ କୁମାର ପଟେଲ (୨୫),ସିଲେଟପଡ଼ା ଗ୍ରାମର ବିଜୟ ସୁନା (୨୭), ସୁଦର୍ଶନ ସୁନା (୩୧) ଓ ଲମ୍ବୋଦର ପାତ୍ର (୪୧) ଏକ ମାରୁତି ଭ୍ୟାନ( ନଂ.ଓଆର-୦୩-ଏଫ-୮୮୯୯) ଓ ନଂ.ଓଆର-୦୩-ସି-୯୮୧୦ ମୋଟର ସାଇକେଲରେ ଆସି ତାର କାଟୁଥିଲେ । ଗ୍ରାମବାସୀ ଏହା ଦେଖି କ'ଣ କରୁଛ ବୋଲି ପଚାରିବାରୁ ସେମାନେ ଆମେ ବିଦ୍ୟୁତ୍ ବିଭାଗରୁ ଆସିଛୁ ବୋଲି କହିଥିଲେ । ତେବେ ସେମାନଙ୍କ କଥାରେ ସନ୍ଦେହ ହେବାରୁ ଗ୍ରାମର କେତେଜଣ ବ୍ୟକ୍ତି ବିଦ୍ୟୁତ୍ ବିଭାଗ ଜେଇ ନିରୋଜ ମେହେରଙ୍କୁ ଫୋନ ଯୋଗେ ପଚାରିବାରୁ ଆମର କୌଣସି କର୍ମଚାରୀ ଯାଇନାହାନ୍ତି ବୋଲି କହିଥିଲେ । ପରେ ଗ୍ରାମବାସୀ ସଇଁତଲା ପୋଲିସକୁ ଖବର ଦେଇଥିଲେ। ପୋଲିସ ପହଞ୍ଚି ସେମାନଙ୍କୁ ଧରିବା ସହ ସେମାନଙ୍କଠାରୁ ୪ଟି ମୋବାଇଲ, ଚାରି ବଣ୍ଡଲ ଆଲୁମିନିୟମ ବିଦ୍ୟୁତ୍ ତାର, କେବୁଲ ସହ ଗୋଟିଏ କାର୍ ଓ ବାଇକ୍ ଜବତ କରିଥିଲା । ଶନିବାର ସେମାନଙ୍କୁ କୋର୍ଟ ଚାଲାଣ କରାଯାଇଥିଲା । ସମସ୍ତଙ୍କ ଜାମିନ ନାମଞ୍ଜୁର ହେବାରୁ ଟିଟିଲାଗଡ଼ ଜେଲ ହାଜତକୁ ପଠାଇ ଦିଆଯାଇଥିବା ଥାନା ଅଧିକାରୀ ଶୁଶାନ୍ତ କୁମାର ବଢ଼େଇଙ୍କ ସୂତ୍ରରୁ ପ୍ରକାଶ ।

### ବ୍ଲକସ୍ତରୀୟ ନିପୁଣ ଓଡ଼ିଶା ମେଳା



ଓଡିଶା ନିପୁଣ ମେଳାରେ ମଞ୍ଚାସୀନ ଅତିଥିଗଣ।

ବେଲପଡ଼ା,୯।୩(ମନୋଜ କୁମାର ମିଶ୍ର)

ବଲାଙ୍ଗୀର ଜିଲା ବେଲପଡ଼ା ବାଳିକା ହାଇସ୍କୁଲ ଖେଳପଡିଆଠାରେ ଶୁକ୍ରବାର ଏକ ଦିବସୀୟ ବ୍ଲକସ୍ତରୀୟ ନିପୁଣ ଓଡ଼ିଶା ମେଳା ଗୋଷ୍ଠୀ ଶିକ୍ଷାଧିକାରୀ ଅଭିନବ ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ସିଆରସିସି ଲୋହିତ କୁମାର ଗଡତିଆ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ବରିଷ୍ଠ ଶିକ୍ଷକ ଗୋବର୍ଦ୍ଧନ ମେହେର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । କାର୍ଯ୍ୟକ୍ରମରେ ବେଲପଡ଼ା ବ୍ଲକ ଅଧ୍ୟକ୍ଷା ଟୀନା କୁମ୍ଭାର ମୁଖ୍ୟଅତିଥି, ଏମ୍‌ପିଙ୍କ ପ୍ରତିନିଧି କୁନୁ ମୁଣ୍ଡା ମୁଖ୍ୟବକ୍ତା ଭାବେ ଯୋଗ ଦେଇଥିଲେ । ସମ୍ମାନିତ ଅତିଥି ଭାବରେ ଜିଲା ପରିଷଦ ସଭ୍ୟ ଅନିମା ଦାସ, ଜୟ ଧରୁଆ, ବାଳିକା ହାଇସ୍କୁଲର ପ୍ରଧାନ ଶିକ୍ଷକ ବିଶ୍ୱମ୍ଭର ବୁଡ଼େକ, ଅତିରିକ୍ତ ଶିକ୍ଷାଧିକାରୀ ଚତୁର୍ଭୁଜ ମିର୍ଦ୍ଧା, ଜଗବନ୍ଧୁ ମାଝି ମଞ୍ଚାସୀନ ରହି ନିପୁଣ ଓଡ଼ିଶା ମେଳାର ଉଦ୍ଦେଶ୍ୟ ଓ ଲକ୍ଷ୍ୟ ଉପରେ ଆଲୋକପାତ କରିଥିଲେ । ବ୍ଲକରେ ଥିବା କ୍ଲଷ୍ଟରର ବିଭିନ୍ନ ବିଦ୍ୟାଳୟର ଛାତ୍ରୀଛାତ୍ରମାନେ ମେଳା ପାଇଁ ଉର୍ଦ୍ଦିଷ୍ଟ ବିଭିନ୍ନ ଷ୍ଟଲରେ ଭାଷା ଓ ସଂଖ୍ୟାଜ୍ଞାନର ଶିକ୍ଷଣ ସାମଗ୍ରୀମାନ ପ୍ରଦର୍ଶନ କରିଥିଲେ । ଅତିଥି ଓ ଜନସାଧାରଣ ଷ୍ଟଲଗୁଡ଼ିକ ବୁଲି ଦେଖିବା ସହ ପିଲା ଙ୍କୁ ପଚାରି ବୁଝିଥିଲେ । ପରେ ଛାତ୍ରୀମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ । ଶିକ୍ଷକ ସୂର୍ଯ୍ୟଭାନୁ ହୋତା, ଯଶୋବନ୍ତ କୁମ୍ଭାର, ବଳଦେବ ପାଢୀଙ୍କ ସମେତ ବିଭିନ୍ନ ସ୍କୁଲର ଶିକ୍ଷୟିତ୍ରୀ ଶିକ୍ଷକ, ସିଆରସିସି ସହଯୋଗ କରିଥିଲେ।

# ନୂଆ ଆପରାଧିକ ଆଇନ ସଚେତନତା କାର୍ଯ୍ୟକ୍ରମ

ଲାଞ୍ଜିଗଡ଼, ୯।୩(ରମେଶ ଚନ୍ଦ୍ର ନାୟକ)



କାର୍ଯ୍ୟକ୍ରମରେ ଉପସ୍ଥିତ ପୋଲିସ ଅଧିକାରୀ ଓ ଅନ୍ୟ ଅତିଥି।

କଳାହାଣ୍ଡି ଜିଲା ଲାଞ୍ଜିଗଡ଼ ବ୍ଲକ ବିଜେପୁର ଥାନା ଅଧିକାରୀ ବିଶମ୍ଭର କହଁରଙ୍କ ସଭାପତିତ୍ୱରେ ବେନଗାଁ ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ନୂତନ ଆପରାଧିକ ଆଇନ ଉପରେ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ଏସଆଇ ଶ୍ୟାମ କୁଲସିକା ସ୍ୱାଗତ ଭାଷଣ ଦେଇଥିଲେ । ବେନଗାଁ ପଞ୍ଚାୟତ ସରପଞ୍ଚ ପୁରାଣା ମାଝୀ, ଦିଲ୍ଲୀପ ହରିଜନ, ରମାକାନ୍ତ ସାହୁ, କର୍ଣ୍ଣ ସାହୁ, କଦଗୋ ମାଝୀ, ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ, ସମାଜସେବୀ, ଶିକ୍ଷାବିତଙ୍କ ସମେତ ଅଞ୍ଚଳର ଶତାଧିକ ଜନସାଧାରଣ ଯୋଗଦେଇଥିଲେ । ଭାରତୀୟ ସଂସଦ ତିନୋଟି ଐତିହାସିକ ଆଇନ ଯଥା ଭାରତୀୟ ଦଣ୍ଡବିଧି ସଂହିତା, ୧୮୬୦, କ୍ରିମିନାଲ ପ୍ରୋସିଜର କୋଡ ୧୯୭୩ ଏବଂ ଭାରତୀୟ ପ୍ରମାଣ ଆଇନ ୧୮୭୨କୁ ଯଥାକ୍ରମେ ଭାରତୀୟ ନ୍ୟାୟ ସଂହିତା ୨୦୨୩, ଭାରତୀୟ ନାଗରିକ ସୁରକ୍ଷା ସଂହିତା ୨୦୨୩ ଏବଂ ଭାରତୀୟ ସାକ୍ଷ୍ୟ ସଂହିତା ୨୦୨୩ ସହିତ ବଦଳାଇ ଆପରାଧିକ ନ୍ୟାୟ ବ୍ୟବସ୍ଥାରେ ଏକ ପରିବର୍ତ୍ତନମୂଳକ ପଦକ୍ଷେପ ଆରମ୍ଭ କରିଛି। ଦିନକୁ ଦିନ ଘଟୁଥିବା ଡକାୟତି, ରାହାଜାନି, ବଳାତ୍କାର, ବେଆଇନଭାବେ ଗାଡି ଚାଳନା, ଟ୍ରାଫିକ ନିୟମ ଉଲ୍ଲଙ୍ଘନ ଇତ୍ୟାଦି ସମ୍ପର୍କରେ କାର୍ଯ୍ୟକ୍ରମରେ ସଚେତନତା ସୃଷ୍ଟି କରାଯାଇଥିଲା। ଜନସାଧାରଣ ସହଯୋଗ କଲେ ପୋଲିସ ନିଶ୍ଚିତ ଭାବେ ସମାଜରେ ଶାନ୍ତି ଶୃଙ୍ଖଳା ରକ୍ଷା କରିପାରିବ ବୋଲି ଥାନା ଅଧିକାରୀ କହଁର କହିଥିଲେ ।

### ସମସ୍ତ କାର୍ଯ୍ୟରେ ନାରୀ ହିଁ ସର୍ବେସର୍ବା

ନୂଆପଡା,୯।୩(ମକାରୁ ବେମାଲ)

ନୂଆପଡ଼ା ଭାଜପା ଜିଲା କାର୍ଯ୍ୟାଳୟଠାରେ ଶନିବାର ଅନ୍ତର୍ଜାତୀୟ ମହିଳା ଦିବସ ପାଳିତ ହୋଇଯାଇଛି। ଜିଲା ମହିଳା ମୋର୍ଚ୍ଚା ସଭାନେତ୍ରୀ ରାଜେଶ୍ୱରୀ ସାହୁଙ୍କ ଅଧ୍ୟକ୍ଷତାରେ ପୂର୍ବତନ କଳାହାଣ୍ଡି ଏମ୍‌ପି ବସନ୍ତ ପଣ୍ଡା ମୁଖ୍ୟଅତିଥି, ଜିଲା ସଭାପତି କମଲେଶ ଦୀକ୍ଷିତ, ଯୁବ ମୋର୍ଚ୍ଚା ଜିଲା ସଭାପତି ଅଭିନନ୍ଦନ ପଣ୍ଡା, ରିତାରାଣୀ ବର୍ଗଡ଼, ବ୍ରହ୍ମ କୁମାରୀ ସୁମତି, ପୁଷ୍ପା,ଖରିଆର ରୋଡ୍ ଏନ୍‌ଏସି ଅଧ୍ୟକ୍ଷା ସୋନିଆ ଜୈନ, ପୂର୍ବତନ ଜିଲା ପରିଷଦ ଅଧ୍ୟକ୍ଷା ପୁଷ୍ପାଞ୍ଜଳି ପାଣ୍ଡେ, ଜେମା ପାଣ୍ଡେ, ସବିତା ଜୈନ, ସାବିତ୍ରୀ ସାହୁ, ଭୂନେଶ୍ୱରୀ ଦଣ୍ଡସେନା ସମ୍ମାନିତ ଅତିଥି ଭାବରେ ମଞ୍ଚାସୀନ ଥିଲେ। ଗୃହ କାର୍ଯ୍ୟ ନୁହେଁ ସମସ୍ତ କାର୍ଯ୍ୟରେ ନାରୀ ହିଁ ସର୍ବେସର୍ବା ବୋଲି ଅତିଥିମାନେ କହିଥିଲେ।

# କବିତା ପାଠୋତ୍ସବରେ ୩୦ କବୟିତ୍ରୀଙ୍କ ଅଂଶଗ୍ରହଣ

ନୂଆପଡା,୯।୩ (ମକାରୁ ବେମାଲ)

ଅନ୍ତର୍ଜାତୀୟ ମହିଳା ଦିବସ ପାଳନ ଉପଲକ୍ଷେ ଜିଲା ସଂସ୍କୃତି ପରିଷଦ ନୂଆପଡ଼ା ଆନୁକୂଲ୍ୟରେ ଜିଲାପାଳଙ୍କ ସଦ୍‌ଭାବନା ସଭାଗୃହଠାରେ କବୟିତ୍ରୀମାନଙ୍କୁ ନେଇ ଏକ ସ୍ୱରଚିତ କବିତା ପାଠୋତ୍ସବ ଅନୁଷ୍ଠିତ ହୋଇଯାଇଛି। ନୂଆପଡ଼ା ଜିଲାପାଳ ମଧୁସୂଦନ ଦାସଙ୍କ ଅଧ୍ୟକ୍ଷତାରେ କବିତା ପାଠୋତ୍ସବରେ ଅତିରିକ୍ତ ଜିଲାପାଳ ସୁବାସ ଚନ୍ଦ୍ର ରଏତ, ଜିଲା ମୁଖ୍ୟ ଉନ୍ନୟନ ଅଧିକାରୀ ଲମ୍ବୋଦର ଧରୁଆ, ଉପଜିଲାପାଳ ଯୋଗେନ୍ଦ୍ର ମାଝି, ଏଲଡିଏମ୍ ସୀତାରାମ ମେହେର ପ୍ରମୁଖ ଅତିଥି ଭାବରେ ଯୋଗ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ଜିଲାର ବିଭିନ୍ନ ଅଞ୍ଚଳରୁ ୩୦ ଜଣ ନାରୀକବି (କବୟିତ୍ରୀ) ଅଂଶ ଗ୍ରହଣ କରିଥିଲେ। ଖଡ଼ିଆଳ ଗବେଷଣା ପ୍ରତିଷ୍ଠାନ ସଭାପତି ତଥା କଣ୍ଟାବାଞ୍ଜି ମହାବିଦ୍ୟାଳୟ ରାଜନୀତି ବିଜ୍ଞାନ ଅଧ୍ୟାପିକା ସଞ୍ଜୀବନୀ ସୁଧା ରଥ କବିତା ପାଠୋତ୍ସବ ସଂଯୋଜନା କରିଥିଲେ। ନାରୀ କବିମାନଙ୍କ କବିତା ପାଠ ସମାରୋହ ଅତ୍ୟନ୍ତ ପ୍ରାଣସ୍ପର୍ଶୀ ତଥା ମନମୁଗ୍ଧକର ହୋଇଥିଲା। ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ବିଦ୍ୟାପତି ପଣ୍ଡା ପ୍ରାରମ୍ଭରେ ସମସ୍ତଙ୍କୁ ସ୍ୱାଗତ କରିଥିବା ବେଳେ ଜିଲା ସଂସ୍କୃତି ଅଧିକାରୀ ରମେଶ ମାହାର ଧନ୍ୟବାଦ ଅର୍ପଣ କରିଥିଲେ।




କବିତା ପାଠୋତ୍ସବରେ ଅତିଥିଙ୍କ ଗହଣରେ ଉପସ୍ଥିତ ମହିଳା।

# ଜାତୀୟ ମାଷ୍ଟର ଗେମ୍ସ: କଳାହାଣ୍ଡି ଖେଳାଳିଙ୍କ କମାଲ

### ଜିତିଲେ ୬ ସ୍ୱର୍ଣ୍ଣ, ୩ ରୌପ୍ୟ ପଦକ

ଭବାନୀପାଟଣା,୯।୩(ଉତ୍ତମ କୁମାର ଦାଶ)

ମାଷ୍ଟର ଗେମ୍ସ ଫେଡେରେଶନ ଇଣ୍ଡିଆ ପକ୍ଷରୁ ରାଉରକେଲାସ୍ଥିତ ବିର୍ସା ମୁଣ୍ଡା ଷ୍ଟାଡିୟମଠାରେ ଗତ ୬ରୁ ୯ ତାରିଖ ଯାଏ ୭ମ ଜାତୀୟ ମାଷ୍ଟର ଗେମ୍ସ ୨୦୨୪-୨୫ ଅନୁଷ୍ଠିତ ହୋଇଥିଲା। ଏଥିରେ କଳାହାଣ୍ଡି ଜିଲା ଭବାନୀପାଟଣା ସହରର ୩ଜଣ ବରିଷ୍ଠ ଖେଳାଳି ଅଂଶଗ୍ରହଣ କରି କମାଲ ଦେଖାଇଛନ୍ତି। ସେମାନେ ୬ଟି ସ୍ୱର୍ଣ୍ଣ ଓ ୩ଟି ରୌପ୍ୟ ପଦକ ବିଜେତା ହୋଇଛନ୍ତି। ମାଷ୍ଟର ଖେଳାଳି ଦୁର୍ଗାଚରଣ ମିଶ୍ର ଶଟପୁଟ, ଡିସ୍‌କସ ଥ୍ରୋ ଓ ହେମର ଥ୍ରୋରେ ସ୍ୱର୍ଣ୍ଣ ପଦକ ବିଜେତା ହୋଇଛନ୍ତି। ସେହିପରି ଟି.ରାମକୃଷ୍ଣ ୫ କିମି ୱାକ, ୮୦୦ ମିଟର ଦୌଡ ଓ ୪୦୦ ମିଟର ଦୌଡରେ ସ୍ୱର୍ଣ୍ଣ ପଦକ ବିଜେତା ହୋଇଛନ୍ତି। ସହରର ମାଷ୍ଟର ଖେଳାଳି ଭବାନୀ ଶଙ୍କର ପଣ୍ଡା ୫ କିମି ୱାକ, ଲମ୍ବଡିଆଁ ଓ ଉଚ୍ଚ ଡିଆଁରେ ରୌପ୍ୟ ପଦକ ବିଜେତା ହୋଇଛନ୍ତି। ଜାତୀୟ ମାଷ୍ଟର ଗେମ୍ସରେ ପଦକ ବିଜେତା କଳାହାଣ୍ଡିର ଏହି ତିନି ଜଣ ମାଷ୍ଟର ଖେଳାଳିଙ୍କୁ ଲୋକ ସଭା ଏମ୍‌ପି ମାଳବିକା ଦେବୀ, ରାଜ୍ୟ ସଭା ସଦସ୍ୟ ସୁଜିତ କୁମାର, ଜୁନାଗଡ଼ ବିଧାୟକ କ୍ୟାପଟେନ ଦିବ୍ୟ ଶଙ୍କର ମିଶ୍ର, ଧର୍ମଗଡ ବିଧାୟକ ସୁଧୀର ରଞ୍ଜନ ପଟ୍ଟଯୋଷୀ, ବରିଷ୍ଠ ନାଗରିକ ସଂଘ କଳାହାଣ୍ଡିର ସଭାପତି ଗଜେନ୍ଦ୍ର ପ୍ରସାଦ ପାଢ଼ୀ, କାର୍ଯ୍ୟକାରୀ ସଭାପତି ମଳୟ କୁମାର ମୁଣ୍ଡ ଓ ସୁରେଶ ଚନ୍ଦ୍ର ପଟ୍ଟନାୟକ, ବ୍ରାହ୍ମଣ ସମାଜ କଳାହାଣ୍ଡିର ସଭାପତି ଜଗନ୍ନାଥ ମୁଣ୍ଡ, ସାଧାରଣ ସମ୍ପାଦକ ସତ୍ୟ ନାରାୟଣ ମହାପାତ୍ର, ଓଡ଼ିଶା ଆଥେଲେଟିକ ଆସୋସିଏଶନ ସଭାପତି ତଥା କଳାହାଣ୍ଡି ଜିଲା କ୍ରୀଡ଼ା ସଂସ୍ଥାର ସାଧାରଣ ସମ୍ପାଦକ ଜଗ ମୋହନ ପଟ୍ଟନାୟକ, ଅବସରପ୍ରାପ୍ତ ସରକାରୀ କର୍ମଚାରୀ ସଂଘ ସଭାପତି ଶରତ ଚନ୍ଦ୍ର ନାୟକ, ସମ୍ପାଦକ ରାଜେନ୍ଦ୍ର ସାହୁ ସମେତ ବହୁ କ୍ରୀଡ଼ାପ୍ରେମୀ ଅଭିନନ୍ଦନ ଜଣାଇଛନ୍ତି।




ପଦକ ସହ ୩ ବରିଷ୍ଠ ଖେଳାଳି।

## ସଂକ୍ଷେପରେ

### ମହିଳା ସ୍ୱାସ୍ଥ୍ୟ ସଚେତନତା ନେଇ ପ୍ରତିଯୋଗିତା

ବରପାଲି, ୯।୩ (ଚିତ୍ତରଞ୍ଜନ ସାହୁ)

ସ୍ଥାନୀୟ ଲିଟିଲ ଏଞ୍ଜେଲସ ସ୍କୁଲ ପରିସରରେ ବିଦ୍ୟାଳୟ ସହ ସରସ୍ୱତୀ ସଙ୍ଘର ମିଳିତ ସହଯୋଗରେ ଅନ୍ତର୍ଜାତୀୟ ମହିଳା ଦିବସ ପାଳନ ଓ ରକ୍ତଦାନ ଶିବିରରରେ ମୁଖ୍ୟ ଅତିଥି ରୂପେ ସ୍ତ୍ରୀରୋଗ ଓ ପ୍ରସୂତୀ ବିଶେଷଜ୍ଞ ଡ଼ା.କଲ୍ଲୋଳ ବେଜ ଓ ସମ୍ମାନୀତ ଅତିଥି ରୂପେ ଅତାବିରା ଆର୍ ଏଚ ଟିସିର ଚିକିତ୍ସକ ଡ଼ା. ଆରତି ପ୍ରଧାନ ଯୋଗ ଦେଇ ଉଦ୍‌ଘାଟନ କରିଥିଲେ। ରକ୍ତଦାତାମାନଙ୍କୁ ପ୍ରମାଣ ପତ୍ର ସହ ରକ୍ତଦାତ୍ରୀଗଣଙ୍କୁ ସ୍ୱତନ୍ତ୍ର ଉପହାର ପ୍ରଦାନ କରାଯାଇଥିଲା। ଏହି ଅବସରରେ ମହିଳା ସ୍ୱାସ୍ଥ୍ୟ ସଚେତନତା ବିଷୟକୁ ନେଇ ଶିକ୍ଷୟିତ୍ରୀମାନଙ୍କ ମଧ୍ୟରେ ଏକ ପୋଷ୍ଟର ମେକିଙ୍ଗ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା ଏବଂ କୃତୀ ପ୍ରତିଯୋଗିନୀଙ୍କୁ ପୁରସ୍କୃତ କରାଯାଇଥିଲା। ଆୟୋଜିତ ରକ୍ତଦାନ ଶିବିରରେ ପ୍ରାୟ ୬୩ ଜଣ ରକ୍ତଦାତାଙ୍କଠାରୁ ରକ୍ତ ସଂଗ୍ରହ କରାଯାଇଥିଲା।

### ଆମ ସଂସ୍କୃତି ଆମ ଖେଳଣା, ବାର୍ଷିକୋତ୍ସବ

ପାଇକମାଳ, ୯।୩ (ବଡ ଶତପଥୀ)

ବରଗଡ ଜିଲା ପାଇକମାଳ ବ୍ଲକ ଟେମରୀ ପ୍ରାଥମିକ ବିଦ୍ୟାଳୟରେ ପ୍ରଧାନ ଶିକ୍ଷକ ଲଳିତ ମୋହନ ଭୋଇଙ୍କ ସଭାପତିତ୍ୱରେ ଆମ ସଂସ୍କୃତି ଆମ ଖେଳଣା ଓ ବାର୍ଷିକୋତ୍ସବ ଅନୁଷ୍ଠିତ ହୋଇଯାଇଛି । ମୁଖ୍ୟଅତିଥି ଭାବେ ଟେମରୀ ସରପଞ୍ଚ ଦିଲୀପ କୁମାର ବେହେରା, ମୁଖ୍ୟବକ୍ତା ବ୍ୟଙ୍ଗ କବି ଦେବେନ୍ଦ୍ର ସାହୁ ଓ ସମ୍ମାନିତ ଅତିଥି ଭାବେ ପାଇକମାଳ ଏବିଇଓ ଧଳେନ୍ଦ୍ର କୁମାର ବାରିକ, ସିଆରସିସି ମହେଶର ହରିପାଲ, ସ୍କୁଲ ଚେୟାରମ୍ୟାନ ବସନ୍ତ ସାହୁ ଉପସ୍ଥିତ ଥିଲେ । ବିଭିନ୍ନ ବିଭାଗରେ କୃତି ଛାତ୍ରୀଛାତ୍ରମାନଙ୍କୁ ସାର୍ଟିଫିକେଟ ପ୍ରଦାନ କରିବା ସହିତ ଗାଁର ଅବସରପ୍ରାପ୍ତ ଶିକ୍ଷକମାନଙ୍କୁ ଏବଂ ଅନେକ ଅନ୍ୟ ପ୍ରତିଭାମାନଙ୍କୁ ମାନପତ୍ର ପ୍ରଦାନ କରାଯାଇଥିଲା । ଝାରବନ୍ଧ ହାଇସ୍କୁଲ ପ୍ରଧାନ ଶିକ୍ଷକ ହୃଦାନନ୍ଦ ଭୋଇ, ମିଠାପାଲି ସିଆର୍‌ସିସି କେଦାରନାଥ ରାଉତ, ନରସିଂହ ସାହୁ, ଶିକ୍ଷକ କୈଳାସ ବରିହା, ଯୁଧିଷ୍ଠିର ଯୋଶୀ, କ୍ଷୀରୋଦ ଚନ୍ଦ୍ର ଦେବତା, ଉପେନ୍ଦ୍ର ପ୍ରଧାନ, ରତ୍ନୁପର୍ଣ୍ଣା ସିଂ ବରିହା, ଅକ୍ଷୟ ଡୁଡୁକା, ହୃଦାନନ୍ଦ ରଣା ସହଯୋଗ କରିଥିଲେ। ଶିକ୍ଷକ ଉପେନ୍ଦ୍ର ପ୍ରଧାନ ବିବରଣୀ ପଠନ କରିବା ସହ ଧନ୍ୟବାଦ ଦେଇଥିଲେ।

### ଅଗ୍ନି ବିପନ୍ନ ପରିବାରକୁ ସହାୟତା

ବଘିଆପଡା, ୯।୩ (ଶ୍ରୀକାନ୍ତ ସାହୁ)

ବୌଦ୍ଧ ବ୍ଲକ୍ ଅନ୍ତର୍ଗତ ଟିକରପଡ଼ା ଗ୍ରାମପଞ୍ଚାୟତର ଜାମୁଖୋଲ ଜାମୁଖୋଲ ଗ୍ରାମର ଅଜିତ କହଁର ଓ ଶମ୍ଭୁ କହଁରଙ୍କ ଘରେ ଗତ ଶନିବାର ନିଆଁ ଲାଗି ସମ୍ପୂର୍ଣ୍ଣ ଜଳିଯାଇଥିଲା। ରବିବାର ବୌଦ୍ଧ ବିଧାୟକ ତଥା ସରକାରୀ ମୁଖ୍ୟ ସଚେତକ ସରୋଜ କୁମାର ପ୍ରଧାନ ଉକ୍ତ ଗ୍ରାମରେ ପହଞ୍ଚି ଅଗ୍ନି ବିପନ୍ନ ପରିବାରକୁ ଭେଟି ସମବେଦନା ଜଣାଇଛନ୍ତି। ଉପଜିଲାପାଳ ପ୍ରବୀଣ କୁମାର ବାଣୁଆ, ତହସିଲଦାର ଅନୀତା କୁମାରୀ ସାହୁ ଓ ଅନ୍ୟ ବିଭାଗୀୟ କର୍ମଚାରୀ ଉକ୍ତ ପରିବାରକୁ ରିଲିଫ ପ୍ରଦାନ କରିଛନ୍ତି।

# ଆକାଶବାଣୀ ହିଁ ସାଧାରଣ ଜନତାଙ୍କ ଭାବାବେଗର ଅଭିବ୍ୟକ୍ତି

## ଆକାଶବାଣୀ ଶ୍ରୋତା ସଂଘର ବାର୍ଷିକ ଉତ୍ସବ



ଆକାଶବାଣୀ ଶ୍ରୋତାସଂଘର ବାର୍ଷିକ ସମ୍ମିଳନୀରେ ଜଣେ ବର୍ଷିଆନ ଶ୍ରୋତାଙ୍କୁ ସମ୍ମାନିତ କରାଯାଉଛି।

ବରଗଡ଼, ୯।୩ (ପ୍ରେମାନନ୍ଦ ଖମାରୀ)

ବହୁ ଜନ ହିତାୟ ବହୁ ଜନ ସୁଖାୟ" ଆକାଶବାଣୀ। ସମାଜରେ ଖବର ପ୍ରସାରଣ ହେଉ ଅବା ମନୋରଞ୍ଜନ କ୍ଷେତ୍ର, ସବୁଠି ଲୋକଙ୍କ ହୃଦୟକୁ ଛୁଇଁପାରେ କେବଳ ଆକାଶବାଣୀ। ଆକାଶବାଣୀର ବିକଳ୍ପ ଏବେ ବି ନାହିଁ। ଦୈବୀ ଦୁର୍ବିପାକ କିମ୍ବା ପ୍ରାକୃତିକ ବିପର୍ଯ୍ୟୟ ସମୟରେ ସମସ୍ତ ମାଧ୍ୟମ ଫେଲ ମାରୁ ଥିବାବେଳେ ଜନସାଧାରଣଙ୍କ ପାଖରେ କେବଳ ଆକାଶବାଣୀ ହିଁ ସହାୟ ହୋଇଥାଏ। ତେଣୁ ସମାଜରେ ଆଜି ବି ଆକାଶବାଣୀର ସ୍ୱତନ୍ତ୍ର ସ୍ଥାନ ଓ ଆଦର ରହିଛି। କେବଳ ସେତିକି ନୁହେଁ, କଳା ଓ କଳାକାରଙ୍କୁ ବଞ୍ଚାଇବା ସହ ସେମାନଙ୍କ କଳାକୁ ଉଦଜୀବିତ ରଖିବା ପାଇଁ ଆକାଶବାଣୀର ଉଦ୍ୟମ ଅତୁଳନୀୟ। ଫଳରେ ଆକାଶବାଣୀ ହିଁ ସାଧାରଣ ଜନତାଙ୍କ ଭାବାବେଗର ଅଭିବ୍ୟକ୍ତି କହିଲେ ଅତ୍ୟୁକ୍ତି ହେବ ନାହିଁ ବୋଲି ରବିବାର ବରଗଡ଼ ଅଗ୍ରଗାମୀ ଯୁବକ ସଂଘ ପରିସରରେ ଅନୁଷ୍ଠିତ ଆକାଶବାଣୀ ଶ୍ରୋତା ସଂଘର ୩୧ତମ ବାର୍ଷିକ ଉତ୍ସବରେ ବକ୍ତାମାନେ ମତପ୍ରକାଶ କରିଛନ୍ତି । କାର୍ଯ୍ୟକ୍ରମରେ ସଂଘର ସଭାପତି କୃଷ୍ଣଚନ୍ଦ୍ର ପ୍ରଧାନଙ୍କ ଅଧ୍ୟକ୍ଷତା କରିଥିଲେ। ଶିକ୍ଷକ ଗୋପବନ୍ଧୁ ପୁରୋହିତ ଓ ଅଶୋକ ସାହୁଙ୍କ ସଂଯୋଜନାରେ ଅନୁଷ୍ଠିତ ଉତ୍ସବରେ ପ୍ରସାର ଭାରତୀର ପୂର୍ବତନ ସହକାରୀ ନିର୍ଦ୍ଦେଶକ ଅଶୋକ ପାଣିଗ୍ରାହୀ ମୁଖ୍ୟ ଅତିଥି, ପୂର୍ବତନ କାର୍ଯ୍ୟକ୍ରମ ନିଷ୍ପାଦକ ରନଦୀପ ପ୍ରଧାନ ମୁଖ୍ୟବକ୍ତା, ଆକାଶବାଣୀ ସମ୍ବଲପୁରର କାର୍ଯ୍ୟକ୍ରମ ନିଷ୍ପାଦକ ସନ୍ତୋଷ ପିଙ୍ଗ, ପୂର୍ବତନ ପ୍ରଶାସନିକ ଅଧିକାରୀ ତଥା ସିନେ ଅଭିନେତ୍ରୀ ତପସ୍ୱିନୀ ଗୁରୁ, ଆକାଶବାଣୀ ସ୍ୱୀକୃତିପ୍ରାପ୍ତ ଗୀତିକାର ଧନପତି ମହାପାତ୍ର, ସଂଘର ସାଧାରଣ ସମ୍ପାଦକ ଯୁଧିଷ୍ଠିର ମହାପାତ୍ର, ଗଣଦୃଷ୍ଟିର ସମ୍ପାଦକ ଉମେଶ ବିଶାଳ ପ୍ରମୁଖ ଉପସ୍ଥିତ ରହି ଆକାଶବାଣୀର ଗୁରୁତ୍ୱ ଉପରେ ଉଲ୍ଲେଖ କରିଥିଲେ। ପ୍ରସାର ଭାରତୀର ପୂର୍ବତନ ସହକାରୀ ନିର୍ଦ୍ଦେଶକ ପାଣିଗ୍ରାହୀ କହିଥିଲେ, ଧିରେ ଧିରେ ଆକାଶବାଣୀ କେନ୍ଦ୍ରର କର୍ମଚାରୀ ସଂଖ୍ୟା କମି କମି ଯାଉଥିବା ବେଳେ କାର୍ଯ୍ୟକ୍ରମ ଗୁଡ଼ିକୁ ଠିକ ଭାବରେ ଜନ ସାଧାରଣଙ୍କ ଚାହିଦା ମୁତାବକ ପରିବେଷଣ କରାଯାଇ ପାରୁ ନାହିଁ। ଶ୍ରୋତା ବନ୍ଧୁମାନେ ଆକାଶବାଣୀ କେନ୍ଦ୍ର ଗୁଡ଼ିକର ଆବଶ୍ୟକ ପଦବୀ ପୂରଣ ପାଇଁ ଅନୁରୋଧ କରି ପ୍ରଧାନମନ୍ତ୍ରୀ ଓ ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ଖଣ୍ଡେ ଖଣ୍ଡେ ପତ୍ର ଲେଖି ଜଣାନ୍ତୁ ବୋଲି ସେ ଆହ୍ୱାନ ଦେଇଥିଲେ। ସମସ୍ତଙ୍କ ମିଳିତ ଉଦ୍ୟମରେ ଆକାଶବାଣୀ ପୂର୍ବ ଗୌରବ ଫେରି ପାଇବା ସହିତ ଆହୁରି ଆକର୍ଷଣୀୟ କାର୍ଯ୍ୟକ୍ରମ ପରିବେଷଣ କରିବାରେ ସମର୍ଥ ହେବ ବୋଲି ପାଣିଗ୍ରାହୀ ପ୍ରକାଶ କରିଥିଲେ। ସେହିପରି ସମ୍ବଲପୁର କେନ୍ଦ୍ରର ପୂର୍ବତନ କାର୍ଯ୍ୟକ୍ରମ ନିଷ୍ପାଦକ ରନଦୀପ ପ୍ରଧାନ ଆକାଶବାଣୀର କାର୍ଯ୍ୟକ୍ରମ ଗୁଡ଼ିକ ଅଗଣିତ ଶ୍ରୋତାଙ୍କ ଭାବାବେଗକୁ ଅନୁଧ୍ୟାନ କରି ପରିବେଷିତ ହୋଇଥାଏ। ଆକାଶବାଣୀ ସମ୍ବଲପୁର କେନ୍ଦ୍ରର କାର୍ଯ୍ୟକ୍ରମ ନିଷ୍ପାଦକ ପିଙ୍ଗ ଆଗାମୀ ଦିନରେ ଶ୍ରୋତା ବନ୍ଧୁମାନଙ୍କ ପାଇଁ ଆହୁରି ଆକର୍ଷଣୀୟ କାର୍ଯ୍ୟକ୍ରମମାନ ପ୍ରସ୍ତୁତ କରାଯିବ ବୋଲି ସୂଚନା ପ୍ରଦାନ କରିଥିଲେ। ଏହି ଅବସରରେ ପ୍ରତିବର୍ଷ ଭଳି ଚଳିତ ବର୍ଷ ମଧ୍ୟ ସ୍ୱର୍ଗତ ବିଷ୍ଣୁ ସାହୁ ଶ୍ରେଷ୍ଠ ଶ୍ରୋତା ସମ୍ମାନ ପ୍ରଦାନ କରାଯାଇଥିଲା। ସମ୍ବଲପୁର ଜିଲା ମହୁଲ୍‌ଦ ଗ୍ରାମର ନିୟମିତ ଶ୍ରୋତା ଅଚ୍ୟୁତାନନ୍ଦ ବିଶ୍ୱାଳଙ୍କୁ ଏହି ସମ୍ମାନ ପ୍ରଦାନ କରାଯାଇଥିଲା। ସେହିପରି, ନାଟ୍ୟାଚାର୍ଯ୍ୟ ହରେକୃଷ୍ଣ ପୂଜାରୀ ସ୍ମୃତି ସମ୍ମାନରେ ବରଗଡ଼ ଜିଲା ଅମ୍ବାପାଲି ଗ୍ରାମର ସତ୍ୟ ନାରାୟଣ ପୋଢ଼, ସାମାଜିକ କର୍ମୀ ସ୍ୱର୍ଗତ ବିପିନ ବିହାରୀ ପ୍ରଧାନଙ୍କ ସ୍ମୃତିରେ ସାମାଜିକ କର୍ମୀ ସମ୍ମାନରେ ବଲାଙ୍ଗୀର ଜିଲା କଣ୍ଟାବାଞ୍ଜି ବ୍ଲକର ନୂଆଁପଡ଼ା ଗ୍ରାମର ବିରଞ୍ଚି ନାରାୟଣ ଦାଶ ଏବଂ ସ୍ୱର୍ଗତ ଗୀତିକାର କ୍ଷିତିପତି ସାହୁ ଗୀତିକାର ସମ୍ମାନରେ ବରଗଡ଼ ଧନପତି ମହାପାତ୍ରଙ୍କୁ ମାନପତ୍ର, ଉପଢୌକନ ଓ ସ୍ମାରକ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ଠିକ ସେହିପରି ପୂର୍ବାଞ୍ଚଳରୁ ଆକାଶବାଣୀ କଟକ କେନ୍ଦ୍ରର ଉଦ୍‌ଘୋଷକ ନଳିନୀକାନ୍ତ ବିଶାଳ, ନିୟମିତ ଶ୍ରୋତା ଗରିବ ଖାନ ଓ ନାରାୟଣ ପ୍ରଧାନଙ୍କୁ ସ୍ୱତନ୍ତ୍ର ଶ୍ରୋତା ସମ୍ମାନରେ ସମ୍ମାନିତ କରାଯାଇଥିଲା। ଏହି ଅବସରରେ ବିଶିଷ୍ଟ କଣ୍ଠଶିଳ୍ପୀ ଶରତ ଚନ୍ଦ୍ର ପାଢ଼ୀ ସ୍ୱାଗତ ସଙ୍ଗୀତ ପରିବେଷଣ କରିଥିଲେ। ସଂଘର ଉପସଭାପତି ସୁଦାମ ସାହୁ ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିବା ବେଳେ ସଂଗୀତା ଦୀପ, ଉମେଶ ପ୍ରଧାନ, ସୁଜାତା ପଣ୍ଡା, ଲକ୍ଷ୍ମଣ ସୁନା ପ୍ରମୁଖ କବିତା ପାଠ କରିଥିଲେ। ସଂଘର ବରିଷ୍ଠ ସଦସ୍ୟ ଜଗନ୍ନାଥ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ ।

# ବରଗଡ଼ର ୨ ଦିବ୍ୟାଙ୍ଗଙ୍କୁ ସ୍ୱର୍ଣ୍ଣ ପଦକ



କୃତୀ ପ୍ରତିଯୋଗୀଙ୍କୁ ସମ୍ବର୍ଦ୍ଧିତ କରାଯାଉଛି ।

## ଜାତୀୟ ସନ୍ତରଣ ପ୍ରତିଯୋଗୀତା

ବରଗଡ଼, ୯।୩ (ପ୍ରେମାନନ୍ଦ ଖମାରୀ)

ସପ୍ତମ ଜାତୀୟ ମାଷ୍ଟର ସନ୍ତରଣ ପ୍ରତିଯୋଗିତାରେ ବରଗଡ଼ର ୨ଦିବ୍ୟାଙ୍ଗ ସ୍ୱର୍ଣ୍ଣ ପଦକ ଲାଭ କରିଛନ୍ତି। ସେମାନେ ହେଲେ, ବରଗଡ଼ ବ୍ଲକ ଅଡଗାଁ ପଞ୍ଚାୟତ ସହରାପାଲି ଆମ୍ବେଦକର ନଗର ନିବାସୀ ତରଣୀ ସୁନା ଓ ବରଗଡ଼ ବାନ୍ଧୁଟିକ୍ରାର ସୁମନ୍ତ ପଧାନ। ତରଣୀ ୧୦୦ ମିଟର ବ୍ୟାକ ଷ୍ଟୋକରେ ସ୍ୱର୍ଣ୍ଣ, ୫୦ମିଟର ବ୍ୟାକ ଷ୍ଟୋକରେ ସ୍ୱର୍ଣ୍ଣ ଓ ଫ୍ରିଷ୍ଟାଇଲ ପ୍ରତିଯୋଗିତାରେ କାଂସ୍ୟ ପଦକ ହାସଲ କରିଛନ୍ତି। ଅନ୍ୟତମ ଦିବ୍ୟାଙ୍ଗ ସୁମନ୍ତ ପଧାନ ୫୦ମିଟର ବ୍ୟାକଷ୍ଟୋକ ଓ ଫ୍ରିଷ୍ଟାଇଲ ପ୍ରତିଯୋଗିତାରେ ସ୍ୱର୍ଣ୍ଣ ପଦକ ହାସଲ କରି ଏକ ରେକର୍ଡ ସୃଷ୍ଟି କରି ଅନ୍ୟମାନଙ୍କ ପାଇଁ ଉଦାହରଣ ସୃଷ୍ଟି କରିଛନ୍ତି। ରାଉରକେଲା ବିର୍ସାମୁଣ୍ଡା ଷ୍ଟାଡିୟମ ସନ୍ତରଣାଗାରରେ ଅନୁଷ୍ଠିତ ଏହି ଜାତୀୟ ସନ୍ତରଣ ପ୍ରତିଯୋଗିତାରେ ଦେଶର ବହୁରାଜ୍ୟରୁ ବହୁସଂଖ୍ୟକ ସୁଇପରମାନେ ଅଂଶଗ୍ରହଣ କରିଥିଲେ। ସେହିପରି ଆଉ ଜଣେ ଦିବ୍ୟାଙ୍ଗ ସାନ ମେହେର ସୁନ୍ଦରଗଡ଼ ସ୍ପୋର୍ଟସ ହଷ୍ଟେଲ ଗ୍ରାଉଣ୍ଡରେ ଜାତୀୟ ତୀରନ୍ଦାଜ ପ୍ରତିଯୋଗୀତାରେ ମଧ୍ୟ ଅଂଶଗ୍ରହଣ କରି ବରଗଡ ପାଇଁ ଗୌରବ ଆଣିଛନ୍ତି। ଏହି କୃତୀ ପ୍ରତିଯୋଗୀମାନଙ୍କୁ ରବିବାର ବରଗଡ଼ ବାପୁଜୀ ସ୍ୱତନ୍ତ୍ର ବିଦ୍ୟାଳୟରେ ସମ୍ବର୍ଦ୍ଧିତ କରାଯାଇଥିଲା। ବରଗଡ଼ ବଧିର ବିଦ୍ୟାଳୟର ପ୍ରଧାନ ଶିକ୍ଷକ କିଶୋର ଚନ୍ଦ୍ର ସାହୁ ଏବଂ ଏଡିଭର୍ସ ହେଲପିଂ ଫାଉଣ୍ଡେଶନର ସଭାପତି ଯୁବ ସାମାଜିକକର୍ମୀ ଦିବାକର ମାଝୀ, ବରଗଡ଼ ତଳିପଡ଼ାର କନକ ପ୍ରଧାନଙ୍କ ସମେତ ବିଦ୍ୟାଳୟର କର୍ମଚାରୀ କାମଦେବ ବେହେରା, ବିକାଶ ଷଡ଼ଙ୍ଗୀ, ବିଜୟା ପଧାନ ପ୍ରମୁଖ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମରେ ଯୋଗଦାନ କରିଥିଲେ। ବିଦ୍ୟାଳୟ ଓ ଫାଉଣ୍ଡେଶନ ପକ୍ଷରୁ ୩ ପ୍ରତିଭାଙ୍କୁ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା।

# ଖୁଜେନ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ

ପଦ୍ମପୁର, ୯।୩ (ପ୍ରଦୀପ୍ତ ଦାଶ)

ପଦ୍ମପୁର ଉପଖଣ୍ଡ ଅନ୍ତର୍ଗତ ଖୁଜେନ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସ ପାଳିତ ହୋଇଯାଇଛି। ପ୍ରଧାନ ଶିକ୍ଷକ ମାଧବ ବରିହାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଅନନ୍ତ ସାହୁ, ଗିରିଶ ଚନ୍ଦ୍ର ସ୍ୱାଇଁ, କଳ୍ପ ସ୍ୱାଇଁ ପ୍ରମୁଖ ମଞ୍ଚାସୀନ ଥିଲେ। ପ୍ରଧାନ ଶିକ୍ଷକ ବାର୍ଷିକ ବିବରଣୀ ପଠନ କରିଥିଲେ । ଏହି ଅବସରରେ ଗପ ଶୁଣିବା ଓ ଗପ କହିବା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା ବିଭିନ୍ନ ପ୍ରତିଯୋଗିତାରେ କୃତି ଅର୍ଜନ କରିଥିବା ବିଦ୍ୟାର୍ଥୀଙ୍କୁ ପୁରସ୍କୃତ କରାଯାଇଥିଲା। ସହକାରୀ ଶିକ୍ଷୟିତ୍ରୀ ସାବିତ୍ରୀ ଧରୁଆ ସମସ୍ତ ଅତିଥି, ଅଭିଭାବକ ଓ ଉପସ୍ଥିତ ଛାତ୍ରୀ ଛାତ୍ରଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ। ପରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

# ଭାରତୀୟ ସେନା କର୍ମଚାରୀଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା

ସରଣ୍ଡା, ୯।୩ (ଯୁଧିଷ୍ଠିର ମହାପାତ୍ର)



ଅବସରପ୍ରାପ୍ତ ସୈନିକଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଉଛି।

ଅତାବିରା ବ୍ଲକ କୁଲୁଣ୍ଡା ଗ୍ରାମର ଜଣେ ଅବସରପ୍ରାପ୍ତ ସୈନିକ ଗାଁକୁ ପହଞ୍ଚିଲା ପରେ ରବିବାର ଗ୍ରାମବାସୀ ଏବଂ ଅତାବିରା ଅବସରପ୍ରାପ୍ତ ସୈନିକ ସଂଘ ପକ୍ଷରୁ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଛି। କୁଲୁଣ୍ଡା ଗ୍ରାମର ସୁଶାନ୍ତ ଭୋଇ ଭାରତୀୟ ସେନାବାହିନୀରୁ ଗତ ୧ତାରିଖରୁ ଅବସର ଗ୍ରହଣ କରିଛନ୍ତି। ସେ ୧୯୯୯ରେ ଭାରତୀୟ ସେନାରେ ଯୋଗଦାନ କରିଥିଲେ। ସେ ଉତ୍ତରାଖଣ୍ଡର ରାଣୀକ୍ଷେତ, ପଞ୍ଜାବର ପଠାନକୋଟ, ପଶ୍ଚିମବଙ୍ଗର ଦାର୍ଜିଲିଙ୍ଗ, ଉତ୍ତରପ୍ରଦେଶର ଲକ୍ଷ୍ନୌରେ ଦେଶ ସେବା କରିବାର ସୁଯୋଗ ପାଇଥିଲେ। ସେ ଦୀର୍ଘ ୨୬ ବର୍ଷ ସେନାରେ ସେବା ଯୋଗାଇଥିଲେ। ସେ ମାର୍ଚ୍ଚ ୧ତାରିଖରୁ ତାଲିମ ନେଇଥିବା ରାନିକ୍ଷେତରୁ ବାହାରି ୩ ତାରିଖ ନିଜ ପୈତୃକ ଗ୍ରାମକୁ ଫେରିଥିଲେ। ରବିବାର ଗ୍ରାମରେ ପହଞ୍ଚିବା ପରେ ଅବସର ପ୍ରାପ୍ତ ସେନା କର୍ମଚାରୀ ଗ୍ରାମବାସୀ, ସହପାଠୀ, ପଡ଼ୋଶୀ ଓ ଶୁଭେଚ୍ଛୁମାନେ ଭବ୍ୟ ସ୍ୱାଗତ କରିଥିଲେ।

### ନବକଳେବର ମହୋତ୍ସବ ଉଦ୍‌ଯାପିତ

ବରଗଡ଼, ୯।୩ (ପ୍ରେମାନନ୍ଦ ଖମାରୀ)

ଭେଡ଼େନ ବ୍ଲକ ଗ୍ରୀଣ୍ଡୋଲା ଗ୍ରାମରେ ଶ୍ରୀ ଶ୍ରୀ ଚତୁର୍ଦ୍ଧାମୂର୍ତ୍ତିଙ୍କ ନବକଳବେର ଏବଂ ନୂତନ ରଥ ମହୋତ୍ସବ ମହାସମାରୋହରେ ଅନୁଷ୍ଠିତ ହୋଇଯାଇଛି। ୫ଦିନ ଧରି ଚାଲିଥିବା ସମାରୋହରେ ପ୍ରତ୍ୟେକ ଦିନ ପ୍ରବଚନ, ପାରାୟଣ, କୀର୍ତ୍ତନ, ରାଜ ଦରବାର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଉଦ୍‌ଯାପନୀ ଦିବସରେ ପର୍ବତାରୋହୀ ଲିପିକା ସେଠ, ଡା. ଅଜିତ କୁମାର ଭୋଇ, ଗୌନ୍ତିଆ ପ୍ରେମାନନ୍ଦ ମେହେର, ରାଜ ଅତିଥିଭାବେ ଯୋଗଦାନ କରିଥିଲେ। ସାମାଜିକ ଅନୁଷ୍ଠାନ ନିଷ୍ଠା ପରିବାର, ସମ୍ପର୍କ ପରିବାର, ସେବା ଫାଉଣ୍ଡେଶନକୁ ଅତିଥିବୃନ୍ଦ ସମ୍ବର୍ଦ୍ଧିତ କରିଥିଲେ। ସୁଶୀଲ ବୁଢ଼ିଆ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ସୁଶୀଲ ମେହେର ରାଜ ଦରବାରରେ କଂସ ଅଭିନୟ କରିଥିଲେ। କୁମ୍ଭାରୀର ବ୍ରଜେଶ୍ୱରୀ ନୃତ୍ୟ କଳା ପରିଷଦ, ବରଗଡ଼ର ବଳରାମ ଡ୍ୟାନ୍ସ ଏକାଡ଼େମୀ, ବର୍ଷା ଡ୍ୟାନ୍ସ ଗ୍ରୁପର କଳାକାରମାନେ ନୃତ୍ୟ ପରିବେଷଣ କରିଥିଲେ। ଶୁକଦେବ ତ୍ରିପାଠୀ, ଶାନ୍ତି ଶତପଥୀଙ୍କ ସମେତ ଅନ୍ୟ ପଣ୍ଡିତମାନେ ପୂଜାକାର୍ଯ୍ୟ ତୁଲାଇଥିଲେ। ଗ୍ରାମବାସୀ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ଉତ୍କଳ ବ୍ୟାନର ଜାଳିଲେ କୋଶଳ ସଂଗ୍ରାମୀ

## ଜୟନାରାୟଣଙ୍କ ବୟାନ ପରେ ତେଜିଲା ଆନ୍ଦୋଳନ

ବରଗଡ଼, ୯।୩ (ପ୍ରେମାନନ୍ଦ ଖମାରୀ)

କୋଶଳ ପ୍ରସଙ୍ଗରେ ସମ୍ବଲପୁର ବିଧାୟକ ଜୟନାରାୟଣ ମିଶ୍ର ଶନିବାର ବୟାନ ଦେବା ପରେ କୋଶଳ ଆନ୍ଦୋଳନ ପୁଣି ତେଜି ଉଠିଛି। ରବିବାର ସନ୍ଧ୍ୟାରେ କୋଶଳ କ୍ରିୟାନୁଷ୍ଠାନ କମିଟିର ସଂଗ୍ରାମୀମାନେ ବରଗଡ଼ ଗାନ୍ଧିଛକରେ ଉତ୍କଳ ବ୍ୟାନର ଜାଳିବା ସହିତ ସ୍ୱତନ୍ତ୍ର କୋଶଳ ପ୍ରଦେଶ ଗଠନ ଦାବି କରିଥିଲେ। ସେହିପରି ସମ୍ବଲପୁର ବିଧାୟକ ମିଶ୍ରଙ୍କ ବୟାନକୁ ସେମାନେ ସମର୍ଥନ କରିଥିଲେ। ଏହା ସହିତ ଜୟନାରାୟଣଙ୍କ ଭଳି କୋଶଳ ପ୍ରଦେଶ ଗଠନ ପାଇଁ ପଶ୍ଚିମ ଓ ସମସ୍ତ ବିଧାୟକ ସ୍ୱର ଉଠାଇବା ପାଇଁ ସେମାନେ ଆହ୍ୱାନ କରିଥିଲେ। କୋଶଳ ସଂଗ୍ରାମୀ ରମଣୀ ଦନ୍ତା, ଆକାଶ ରମେଶ ପଣ୍ଡା, ସୁଶାନ୍ତ ମିଶ୍ର, କୈଳାସ ସାହୁ, ଆକାଶ ସ୍ୱାଇଁ, ଆଶିଷ ସ୍ୱାଇଁ, ରିଲୁ ସାହୁ, କୃତାର୍ଥ ସାହୁ ପ୍ରମୁଖ ଏଥିରେ ସକ୍ରିୟ ଅଂଶଗ୍ରହଣ କରିଥିଲେ। ପ୍ରକାଶଥାଉକି, ଶନିବାର ସମ୍ବଲପୁରରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ଓଡ଼ିଶାରେ ମିଶିବା ଐତିହାସିକ ଭୁଲ ଥିଲା ବୋଲି ଜୟନାରାୟଣ କହିଥିଲେ।



ବରଗଡ଼ ଗାନ୍ଧିଛକରେ କୋଶଳ ସଂଗ୍ରାମୀମାନେ ଉତ୍କଳ ବ୍ୟାନର ଜାଳୁଛନ୍ତି।

# ଅଙ୍ଗନଦୀରେ ଆନିକଟ କରି ଜଳସେଚନ ଦାବି

## ୧୦ରେ ମୁଖ୍ୟମନ୍ତ୍ରୀଙ୍କୁ ଭେଟିବେ ପ୍ରତିନିଧି ମଣ୍ଡଳୀ

ପଦ୍ମପୁର ୯।୩ (ପ୍ରଦୀପ୍ତ ଦାଶ)

ସରକାର ବିଭିନ୍ନ ସ୍ଥାନରେ ନଦୀବନ୍ଧ ଯୋଜନା ନିର୍ମାଣ କରିବା ପ୍ରସଙ୍ଗ ଗଣମାଧ୍ୟମରେ ପ୍ରକାଶିତ ହେବା ପରେ ପୂଝାରୀପାଲି ଅଙ୍ଗ ନଦୀବନ୍ଧ ଯୋଜନାର ବୁଡି ଅଞ୍ଚଳରେ ପରିବେଶ ସରଗରମ ହୋଇଯାଇଛି। ଏପରି ପରିସ୍ଥିତିକୁ ନଜର ରଖି ସାମୁହିକ ସ୍ୱାର୍ଥ ପାଇଁ ଭାଜପା ଲୋକ ସପକ୍ଷରେ ରହିଛି। ଚର୍ଦାପାଲି ଗ୍ରାମ ପଞ୍ଚାୟତ ଗଡ୍ଡିଢ଼ିହିଠାରେ ଲଖମରା ଭାଜପା ମଣ୍ଡଳ ସଭାପତି ଟୁନା ଡ଼ନସନାଙ୍କ ପୌରହିତ୍ୟରେ ଏକ ବୈଠକ ହୋଇଥିଲା। ବୁଡି ଅଞ୍ଚଳ ପ୍ରତ୍ୟେକ ଗ୍ରାମ ପଞ୍ଚାୟତର ପ୍ରମୁଖ ବ୍ୟକ୍ତି ଯୋଗଦାନ କରିଥିଲେ। ବୈଠକରେ ନବ ମନୋନୀତ ମଣ୍ଡଳ ସଭାପତି ଟୁନା ଡ଼ନସନା, ବୋଡାସମ୍ବର ଜମିଦାର ତଥା ଜିଲା ପରିଷଦ ସଦସ୍ୟ ସୁରେନ୍ଦ୍ର ପ୍ରତାପ ସିଂ ବରିହା, ଜିଲା ଉପ-ସଭାପତି ସରୋଜ ସାମଲଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଅଙ୍ଗ ନଦୀରେ ଆନିକଟ, ବ୍ୟାରେଜ ନିର୍ମାଣ କରି ଶୂନ ବିସ୍ଥାପନରେ କୃଷକମାନଙ୍କୁ ଜଳସେଚନ କରାଯିବାକୁ ଆଲୋଚନା ହୋଇଥିଲା। ଏହି ପ୍ରସ୍ତାବକୁ ମୁଖ୍ୟମନ୍ତ୍ରୀଙ୍କଠାରେ ଉପସ୍ଥାପନ କରିବାକୁ ଆଗାମୀ ୧୦ରେ ଏକ ଦଶ ଜଣିଆ କମିଟି ଭୁବନେଶ୍ୱର ଗସ୍ତ କରିବେ। ଅଞ୍ଚଳର ସ୍ୱାର୍ଥ ପାଇଁ ଭାଜପା ଲଢେଇ କରୁଛି। ତେଣୁ ସମସ୍ତ ଜନ ସାଧାରଣ ସହଯୋଗ କରିବାକୁ ମଣ୍ଡଳ ସଭାପତି ଟୁନା ଡନସନା ନିବେଦନ କରିଛନ୍ତି।



ଆଲୋଚନାରତ ଭାଜପା ପ୍ରତିନିଧି ମଣ୍ଡଳୀ।

# ସମାନତା ଏକ ଅଧିକାର ନୁହେଁ, ଆବଶ୍ୟକତା

ବରଗଡ଼, ୯।୩ (ପ୍ରେମାନନ୍ଦ ଖମାରୀ)

ବରଗଡ଼ ମହିଳା ସମିତି ପକ୍ଷରୁ ଅନ୍ତର୍ଜାତୀୟ ମହିଳା ଦିବସ ସମାରୋହ ପାଳିତ ହୋଇଯାଇଛି। ସମିତିର ସଭାନେତ୍ରୀ ହରଜିନ୍ଦର୍ କୌରଙ୍କ ସଭାପତିତ୍ୱ ଏବଂ ମନ୍ଦାକିନୀ ପତିଙ୍କ ସଞ୍ଚାଳନରେ ମହିଳା ସମିତି ଭବନଠାରେ ଅନୁଷ୍ଠିତ ଏହି ସମାରୋହରେ ଡେପୁଟି କଲେକ୍ଟର ଇପସିତା ମିଶ୍ର ମୁଖ୍ୟଅତିଥି ଏବଂ ସିଡବ୍ଲୁସି ସଦସ୍ୟା ରାଧା ଅଗ୍ରୱାଲ ମୁଖ୍ୟବକ୍ତା ଭାବରେ ଯୋଗଦାନ କରିଥିଲେ। ଲିଙ୍ଗଗତ ସମାନତା ଆମର ଏପରି ଏକ ଲକ୍ଷ୍ୟ ଯେଉଁଠି ଆମେ ଆଗକୁ ବଢୁଛୁ ସତ ତଥାପି ଅନେକ ସମସ୍ୟା ଓ ପ୍ରତିବନ୍ଧକ ରହିଛି। ଏହି ଅଭିଯାନ ଆରମ୍ଭ ହୋଇଯାଇଛି ଏବଂ ଏହା ବାସ୍ତବ ହେବା ପାଇଁ ସମସ୍ତଙ୍କ ଅବଦାନ ଦରକାର। ସମାନତା କେବଳ ଏକ ଅଧିକାର ନୁହେଁ, ଏହା ଏକ ଆବଶ୍ୟକତା ଏବଂ ନାରୀର ସୁରକ୍ଷାର ଦାୟୀତ୍ୱ ସ୍ୱୟଂ ନାରୀର ବୋଲି ମୁଖ୍ୟଅତିଥି ମିଶ୍ର ମତପୋଷଣ କରିଥିଲେ। ଏହି ଅବସରରେ ସାମାଜିକ କର୍ମୀ ଗୀତା ମିଶ୍ରଙ୍କୁ ସମିତି ପକ୍ଷରୁ ପ୍ରଶଂସା ପତ୍ର, ଉପାୟନ ଓ ସ୍ମାରକୀ ଦେଇ ସେବା ସମ୍ମାନରେ ସମ୍ମାନିତ କରାଯାଇଥିଲା। ବରିଷ୍ଠ ସଦସ୍ୟା ମମତା ମିଶ୍ର ମାନପତ୍ର ପାଠ କରିଥିଲେ ।

ସୁନୀତା କର, ସସ୍ମିତା ପଟ୍ଟନାୟକ, ଭାରତୀ ମିଶ୍ର, ସଂଗୀତା ପଣ୍ଡା, ଅନିମା ମିଶ୍ର, ଉପଦେଷ୍ଟା ପ୍ରିତମ ସିଂ ଓ ପ୍ରସନ୍ନ ମିଶ୍ର ପ୍ରମୁଖ ଦିବସର ମହତ୍ତ୍ୱ ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ପ୍ରାରମ୍ଭରେ ସମିତିର ସଭ୍ୟମାନେ ସ୍ୱାଗତ ସଙ୍ଗୀତ ପରିବେଷଣ କରିଥିଲେ। ସମ୍ପାଦିକା ଇନ୍ଦ୍ରାଣୀ ଶତପଥୀ ବାର୍ଷିକ ବିବରଣୀ ପାଠ ଏବଂ ଶେଷରେ ରାଧାରାଣୀ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ। ସେହିପରି ଅମ୍ବାଭୋନା ବ୍ଲକ ଅନ୍ତର୍ଗତ ଜନତା ହାଇସ୍କୁଲ, ଭୁକ୍ତାରେ ଅନ୍ତର୍ଜାତୀୟ ମହିଳା ଦିବସ ପାଳିତ ହୋଇଯାଇଛି। ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଦୁର୍ଗା ପ୍ରସାଦ ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏକ ବୈଠକରେ ବିଜ୍ଞାନ ଶିକ୍ଷକ ସଞ୍ଜୟ ଖମାରୀ ଅନ୍ତର୍ଜାତୀୟ ମହିଳା ଦିବସ ପାଳନର ଉଦ୍ଦେଶ୍ୟ ଜ୍ଞାପନ କରିବା ସହିତ ନାରୀ ସଶକ୍ତିକରଣ ଉପରେ ଆଲୋକପାତ କରିଥିଲେ। ଏହି ବୈଠକରେ ଲିଙ୍ଗଗତ ଭେଦଭାବ ଦୂର କରି ମହିଳା ମାନଙ୍କୁ ପ୍ରତ୍ୟେକ କ୍ଷେତ୍ରରେ ସମର୍ଥ କରାଇବା ଆଭିମୁଖ୍ୟ ନେଇ ସ୍ଥିରୀକୃତ ହୋଇଥିବା ଚଳିତ ବର୍ଷ ଅନ୍ତର୍ଜାତୀୟ ମହିଳା ଦିବସର ଥିମ୍‌ର ବରାନ୍ୱିତ କାର୍ଯ୍ୟ ସମ୍ପର୍କରେ ଆଲୋଚନା କରାଯାଇଥିଲା। ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ହାସଲ କରିଥିବା ମହିଳାଙ୍କ ବିଷୟରେ ଛାତ୍ରୀଛାତ୍ରମାନଙ୍କୁ ଧାରଣା ପ୍ରଦାନ କରାଯାଇଥିଲା। ଶିକ୍ଷକ ଶ୍ରୀପତି ସାହୁ ସଭା କାର୍ଯ୍ୟ ପରିଚାଳନା କରିଥିବାବେଳେ ଶିକ୍ଷକ ପ୍ରଶାନ୍ତ ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ।



ଭୁକ୍ତା ଜନତା ହାଇସ୍କୁଲରେ ଅନୁଷ୍ଠିତ ଅନ୍ତର୍ଜାତୀୟ ମହିଳା ଦିବସ ପାଳନ କାର୍ଯ୍ୟକ୍ରମରେ ଛାତ୍ରୀଛାତ୍ରବୃନ୍ଦ।

## ମହିଳାଙ୍କୁ ଇ-ଅଟୋ ରିକ୍ସା ବିତରଣ

ରାଉରକେଲା,୯।୩(ଦିନେଶ ମିଶ୍ର)

ରାଉରକେଲା ବ୍ରାହ୍ମଣୀ କ୍ଲବ ପରିସରରେ ରୋଟାରୀ କ୍ଲବ ରାଉରକେଲା କୁଇନ୍ ପକ୍ଷରୁ ମହିଳାମାନଙ୍କୁ ୪ଟି ଇ-ଅଟୋ ରିକ୍ସା ଶନିବାର ବିତରଣ କରାଯାଇଛି। କାର୍ଯ୍ୟକ୍ରମରେ ଭାଜପା ଜିଲା ସଭାପତି ପୂର୍ଣ୍ଣିମା କେରକେଟ୍ଟା ମୁଖ୍ୟ ଅତିଥି, ରୋଟାରୀ କ୍ଲବ ଡିଜିଏନ୍ ଆଲାମ ସିଂ ରୋପରା, କୁଇନ୍ସ ସଭାପତି ରୋଟାରିଆନ ବରଖା ଗୁପ୍ତା ପ୍ରମୁଖ ସମ୍ମାନିତ ଅତିଥି ଭାବେ ଉପସ୍ଥିତ ଥିଲେ। ଅନ୍ତର୍ଜାତୀୟ ସ୍ତରରେ ମହିଳାମାନଙ୍କୁ କିଭଳି ଆଗାମୀ ଦିନରେ ବିଭିନ୍ନ ପ୍ରକାର ସହାୟତା କରାଯାଇପାରିବ ସେ ନେଇ କ୍ଲବ ସଭାପତି ଗୁପ୍ତା ମତପ୍ରକାଶ କରିଥିଲେ। ସମ୍ପାଦକ କନକଜିତ ଅଗ୍ରୱାଲ, କୋଷାଧ୍ୟକ୍ଷ ରୁଚିତା ଅଗ୍ରୱାଲ, ଚାର୍ଟର ସଭାପତି ହରପାଲ ରୁପ୍ରା, ଆଭା ମହାନ୍ତି, ରଶ୍ମୀ ଅଗ୍ରୱାଲ, ଅଜୟ ଅଗ୍ରୱାଲ ପ୍ରମୁଖ ସହଯୋଗ କରିଥିଲେ। ରୁଚିତା ଅଗ୍ରୱାଲ ଧନ୍ୟବାଦ ଅର୍ପଣ କରିଥିଲେ।

# ଅସନ୍ତୁଳିତ ଖାଦ୍ୟ, ପାନୀୟରେ ରୋଗ

ରାଉରକେଲା,୯।୩(ବିପ୍ଳବ ରଞ୍ଜନ ଦାଶ)

**ରାଉରକେଲା ମହାନଗର ନିଗମ**
- ବିନା ଲାଇସେନ୍ସରେ ହଜାରେ ହଜାର ଗୁମୁଟି
- ଖାଦ୍ୟର ମାନ ଯାଞ୍ଚ ହେଉନି
- ବିଭାଗୀୟ ପ୍ରଶାସନ ସାଜିଛି ନିଦାବିଷ୍ଣୁ

ରାଉରକେଲା ସହରରେ ସୁଷମ ଖାଦ୍ୟ ନାଁରେ ସ୍ୱାସ୍ଥ୍ୟ ହାନିକାରକ ଖାଦ୍ୟଦ୍ରବ୍ୟ ବିକ୍ରି ହେଉଛି। ବିନା ଫୁଡ୍ ଲାଇସେନ୍ସରେ କିଛି ଛୋଟ ଦୋକାନ, ଠେଲା ଖୋଲି ଖାଦ୍ୟ ବିକ୍ରି କରାଯାଉଛି। ରାଉରକେଲା ମହାନଗର ନିଗମ(ଆର୍ଏମ୍ସି) ଅଧୀନ ଖାଦ୍ୟ ସୁରକ୍ଷା ବିଭାଗର ଟାସ୍କଫୋର୍ସ ଟିମ୍ ଖାଦ୍ୟର ମାନ ଯାଞ୍ଚ ପାଇଁ ଚଢାଉ କରୁଥିବା କୁହାଯାଉଥିବା ବେଳେ ଏହା ଉପରେ ସମ୍ପୂର୍ଣ୍ଣ ଅଙ୍କୁଶ ଲାଗିପାରୁନାହିଁ।

ରାଉରକେଲା ସହରରେ ଖାଦ୍ୟ ପ୍ରସ୍ତୁତି ଓ ବିକ୍ରି ପାଇଁ ଆର୍ଏମ୍ସି ଖାଦ୍ୟ ସୁରକ୍ଷା ବିଭାଗ ପକ୍ଷରୁ ପାଖାପାଖି ୩୦ ହଜାରରୁ ଊର୍ଦ୍ଧ୍ୱ ବଡ ବଡ ଖାଦ୍ୟ ପ୍ରସ୍ତୁତକାରୀ ଉଦ୍ୟୋଗରୁ ଆରମ୍ଭ କରି ହୋଟେଲ, ରେଷ୍ଟୁରାଣ୍ଟ ଏବଂ ଛୋଟ ଗୁମୁଟି, ଠେଲାଗୁଡିକୁ ଲାଇସେନ୍ସ ପ୍ରଦାନ କରାଯାଇଛି। ଆର୍ଏମ୍ସି ଖାଦ୍ୟ ସୁରକ୍ଷା ବିଭାଗ ବିଭିନ୍ନ ସମୟରେ ଖାଦ୍ୟର ମାନ ଯାଞ୍ଚ କରୁଛି। ଏହାସତ୍ତ୍ୱେ ସହରରେ ସୁଷମ ଖାଦ୍ୟ ବଦଳରେ ସ୍ୱାସ୍ଥ୍ୟ ହାନିକାରକ ଖାଦ୍ୟପଦାର୍ଥ ବିକ୍ରି କରାଯାଉଛି। ପ୍ରାୟ ସମୟରେ ଲୋକମାନେ ହୋଟେଲ, ରେଷ୍ଟୁରାଣ୍ଟ, ଠେଲା ଏବଂ ଗୁମୁଟିମାନଙ୍କରେ ଚା' ଜଳଖିଆ ଠାରୁ ଆରମ୍ଭ କରି ମିଲ୍ ଖାଇଥାନ୍ତି। ସେମାନେ ଉଚିତ ମୂଲ୍ୟ ପ୍ରଦାନ କରୁଥିଲେ ମଧ୍ୟ ଉତ୍ତମ ଖାଦ୍ୟ ପାଉନାହାନ୍ତି। ଏହାର ସିଧାସଳଖ ସିଧାସଳଖ ସ୍ୱାସ୍ଥ୍ୟ ଉପରେ ପଡୁଛି। ରାଉରକେଲା ସରକାରୀ ଡାକ୍ତରଖାନା (ଆର୍‌ଜିଏଚ୍)ର ଏକ ରିପୋର୍ଟ ମୁତାବକ ସହରରେ ସ୍ୱାସ୍ଥ୍ୟ ହାନିକାରକ ଖାଦ୍ୟ ଏବଂ ପାନୀୟ ଜଳ ପ୍ରଭାବରେ ୬୦ଭାଗ ଲୋକ ରୋଗଗ୍ରସ୍ତ ହେଉଛନ୍ତି। ଖାଦ୍ୟର ମାନ ଯାଞ୍ଚରେ ଅବହେଳା ଯୋଗୁ ଏଭଳି ହେଉଥିବା କୁହାଯାଇଛି। ବହୁ ସମୟରେ ବିଭାଗର ଯାଞ୍ଚରୁ ସହରର ବହୁ ଠେଲା ଏବଂ ଗୁମୁଟି ବାଦ୍ ପଡିଯାଉଛି। ଯାହାକି ସହରରେ ରୋଗ ଓ ରୋଗୀ ସଂଖ୍ୟା ବୃଦ୍ଧିରେ ପ୍ରମୁଖ କାରଣ ସାଜିଥିବା କୁହାଯାଉଛି।

୨୦୨୩ ହକି ବିଶ୍ୱକପ୍ ପୂର୍ବରୁ ଅନ୍ତର୍ଜାତୀୟ ବିର୍ସା ମୁଣ୍ଡା ହକିଷ୍ଟାଡିୟମକୁ ଯିବା ପାଇଁ ରାସ୍ତାର ଉଭୟ ପାର୍ଶ୍ୱରେ ପଥଚାରୀଙ୍କ ପାଇଁ ଚଲାପଥ କରାଗଲା। ମାତ୍ର ଏହାର କିଛି ମାସ ନ ପୂରୁଣୁ ରାସ୍ତାର ଉଭୟ ପାର୍ଶ୍ୱ ଚଲାପଥରେ ଛତୁ ଫୁଟିଲା ଭଳି ଅବୈଧ ଭାବେ ଠେଲା ଓ ଗୁମୁଟି ଖୋଲାଗଲା। ସେ ସମୟରେ ପାନପୋଷ ଛକଠାରୁ ସିଭିଲ ଟାଉନଶିପ୍ ପର୍ଯ୍ୟନ୍ତ ମୁଖ୍ୟରାସ୍ତାର ଦକ୍ଷିଣ ପାର୍ଶ୍ୱକୁ ଗ୍ରୀନ୍ ଜୋନ ତଥା ସମ୍ପୂର୍ଣ୍ଣ ସବୁଜ ବନାନୀ କ୍ଷେତ୍ର ଘୋଷଣା କରାଗଲା। ମାତ୍ର ପରବର୍ତ୍ତୀ ସମୟରେ ଏହି ଗ୍ରୀନ୍ ଜୋନ୍‌କୁ ମଧ୍ୟ ଜବରଦଖଲ କରି ଠେଲା ଓ ଗୁମୁଟି ଦୋକାନମାନ ଖୋଲାଗଲା। ତେବେ ଉକ୍ତ ଠେଲା ଓ ଗୁମୁଟିଗୁଡିକରେ ବିକ୍ରି ହେଉଥିବା ଖାଦ୍ୟ ବ୍ୟଞ୍ଜନର ଗୁଣବତ୍ତା ଯାଞ୍ଚ ହେଉ ନ ଥିବା ଅଭିଯୋଗ ହେଉଛି। ଏଣୁ ବିଭାଗ ପକ୍ଷରୁ ଠେଲା ଓ ଗୁମୁଟିରେ ପ୍ରସ୍ତୁତ ଖାଦ୍ୟଦ୍ରବ୍ୟ ଯାଞ୍ଚ କରିବାକୁ ସହରର ବୁଦ୍ଧିଜୀବୀ ମହଲରେ ଦାବି ହେଉଛି।

ଏ ନେଇ ରାଉରକେଲା ମହାନଗର ନିଗମ ଆୟୁକ୍ତ ଆଶୁତୋଷ କୁଲକର୍ଣ୍ଣୀଙ୍କୁ ପଚାରିବାରୁ ସେ କହିଲେ, ନିଶ୍ଚିତ ଭାବେ ଏହା ଏକ ସମ୍ବେଦନଶୀଳ ବିଷୟ। ଏ ସମ୍ପର୍କରେ ସମ୍ପୃକ୍ତ ବିଭାଗ ଦ୍ୱାରା ତୁରନ୍ତ ବିହିତ ପଦକ୍ଷେପ ଗ୍ରହଣ କରାଯିବ ବୋଲି ସେ କହିଥିଲେ। ଏ ସମ୍ପର୍କରେ ଆର୍‌ଜିଏଚ୍ ନିର୍ଦ୍ଦେଶକ ମନୋଜ ଉପାଧ୍ୟାୟଙ୍କୁ ପଚାରିବାରୁ ସେ କହିଲେ, ମୁଖ୍ୟତଃ ଅସନ୍ତୁଳିତ ଖାଦ୍ୟ ଓ ପାନୀୟ ସହରରେ ରୋଗ ଓ ରୋଗୀ ସଂଖ୍ୟା ବୃଦ୍ଧିର କାରଣ ସାଜୁଛି। ଏଣୁ ସହରବାସୀ ଖାଦ୍ୟପେୟ ଏବଂ ପାନୀୟ ଜଳସେବନ ନେଇ ବିଶେଷ ଯତ୍ନଶୀଳ ହେବା ଆବଶ୍ୟକ ବୋଲି ସେ କହିଥିଲେ।

## ଶିବିରରେ ୪୦୦ରୁ ଊର୍ଦ୍ଧ୍ୱ ରୋଗୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା


ଶିବିରରେ ରୋଗୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଉଛି।

ରାଉରକେଲା,୯।୩(ବିପ୍ଳବ ରଞ୍ଜନ ଦାଶ)

ରାଉରକେଲାର ଯାଜ୍ଞସେନୀ ଅନୁଷ୍ଠାନ ପକ୍ଷରୁ ସେକ୍ଟର-୧୭ସ୍ଥିତ ପଡ଼ିଆରେ ରବିବାର ସକାଳ ୯ଟାରେ ମାଗଣା ସ୍ୱାସ୍ଥ୍ୟ ଶିବିର ଓ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ଡ. ଜ୍ୟୋତ୍ସ୍ନା ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଡାକ୍ତରୀ ଦଳଙ୍କ ଦ୍ୱାରା ଲୋକଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଥିଲା। ଶିବିରରେ ୪ଶହରୁ ଊର୍ଦ୍ଧ୍ୱ ଲୋକ ନିଜ ନିଜ ସ୍ୱାସ୍ଥ୍ୟ ପରୀକ୍ଷା କରାଇଥିଲେ। ପରେ ସୃଜନଶୀଳ ନାରୀ ; ସଚେତନତାର ପୃଥକ୍ ପରିଭାଷା ଶୀର୍ଷକରେ ମହିଳା ସମାଜର ସର୍ବାଙ୍ଗୀନ ବିକାଶ ନେଇ ଆଲୋଚନାଚକ୍ର ହୋଇଥିଲା। ଏଥିରେ ବିଜୟଲକ୍ଷ୍ମୀ ପଟ୍ଟନାୟକ, ଆର୍‌ଏସ୍‌ପିର ସିଜିଏମ୍ ପ୍ରମୋଦ କୁମାର ସାହୁ ଅତିଥି ଭାବେ ଯୋଗ ଦେଇଥିଲେ। ମୁଖ୍ୟବକ୍ତା ଭାବେ ରଶ୍ମିବାଳା ରାଉତରାୟ ଯୋଗଦେଇ କହିଥିଲେ, ଆଜିର ନାରୀ ଭବିଷ୍ୟତର ସ୍ରଷ୍ଟା। ମହିଳା ସମାଜ ଘରକୋଣରେ କେବଳ ଠାକୁର ପୂଜା, ପାରିବାରିକ କାମରେ ଛନ୍ଦି ନ ହୋଇ ଦେଶ ଓ ରାଜ୍ୟର ବିକାଶରେ ଭାଗିଦାରୀ ହେବା ଆବଶ୍ୟକ ବୋଲି ରାଉତରାୟ କହିଥିଲେ। ଏହି ଅବସରରେ ଆଇଜିଏଚ୍‌ର ପ୍ରାକ୍ତନ ମହିଳା ଚିକିତ୍ସକ ଇନ୍ଦ୍ରାଣୀ ସାହୁ ଏବଂ ମଧୁସୂଦନ ଶିକ୍ଷା ନିବାସର ପ୍ରଧାନ ଶିକ୍ଷୟିତ୍ରୀ ସୁଭାଗିନୀ ମୁଦାଲିଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସାଧାରଣ ସମ୍ପାଦିକା ନିନାରାଣୀ ଜେନା ଅନୁଷ୍ଠାନର ଆଭିମୁଖ୍ୟ ଉପରେ ଆଲୋକପାତ କରିଥିଲେ। ଲାୟନ୍ସ କ୍ଲବ ସହଯୋଗରେ ଆୟୋଜିତ କାର୍ଯ୍ୟକ୍ରମରେ ଅଶୋକ କୁମାର ଜେନା, ମୂଳା ରଥ, ଆରତୀ ମିତ୍ର, ସବିନା ମହନ୍ତ, ଜୟଶ୍ରୀ ମାନକ, ଅଳକା ମହାନ୍ତି, ଜୟଶ୍ରୀ ବିଶ୍ୱାଳ, ଭାଗ୍ୟଲକ୍ଷ୍ମୀ ଜେନା, ଓଷାରାଣୀ ଶତପଥୀ ଓ ତୃପ୍ତି ପଟ୍ଟନାୟକ ପ୍ରମୁଖ ସହଯୋଗ କରିଥିଲେ। ସ୍ନେହଲତା ନାୟକ ସ୍ୱାଗତ ସଙ୍ଗୀତ ଏବଂ ସ୍ନେହଲତା ପଟ୍ଟନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

## ବସନ୍ତ ସାହିତ୍ୟ ଆସର, ଆଲୋଚନାଚକ୍ର

ରାଉରକେଲା,୯।୩(ସଙ୍ଗୀତା ଜେନା)

ଓଡ଼ିଆ ଭାଷା ବିକାଶ ମଞ୍ଚ ଆନୁକୂଲ୍ୟରେ କଲଚରାଲ ଏକାଡେମୀ ପରିସରରେ ଶନିବାର ସନ୍ଧ୍ୟାରେ ସଭାପତି ପ୍ରଶାନ୍ତ କୁମାର ପତିଙ୍କ ଅଧ୍ୟକ୍ଷତାରେ ବସନ୍ତ ସାହିତ୍ୟ ଆସର, ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ସାଧାରଣ ସମ୍ପାଦକ ଆର୍ତ୍ତତ୍ରାଣ ମହାପାତ୍ରଙ୍କ ଆବାହକତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଡ. ଅଶ୍ୱିନୀ କୁମାର ରାୟ ବରେଣ୍ୟ ଆଲୋଚକ ଭାବେ ଯୋଗଦେଇ ରୀତିଯୁଗ, ଭକ୍ତିଯୁଗଠାରୁ ଆରମ୍ଭ କରି ଏକବିଂଶ ଶତାବ୍ଦୀ ପର୍ଯ୍ୟନ୍ତ ଓଡ଼ିଆ କବିତାରେ ବସନ୍ତ ବର୍ଣ୍ଣନା ଶୀର୍ଷକ ଆଲୋଚନା କରିଥିଲେ। ସଭାପତି ସଂସ୍କୃତ ସାହିତ୍ୟ ଓ ଓଡ଼ିଆ ସାହିତ୍ୟରେ ବସନ୍ତ ବର୍ଣ୍ଣନାର ଏକ ତୁଳନାତ୍ମକ ଚିତ୍ର ପ୍ରଦାନ କରିଥିଲେ। ସୁସ୍ମିତା ମହାପାତ୍ର ଓ ସୁଶାନ୍ତ କୁମାର ନାୟକଙ୍କ ଯୁଗ୍ମ ସଂଯୋଜନାରେ ଆୟୋଜିତ ବସନ୍ତ ଆବାହନ ଶୀର୍ଷକ କାବ୍ୟ ସନ୍ଧ୍ୟାରେ ବସନ୍ତ ଭୂପେନ ମହାପାତ୍ର, ଡ. ଅଶ୍ୱିନୀ କୁମାର ରାୟ, ବଳରାମ ରାଉଳ, ଚିନ୍ମୟୀ ପୁରୋହିତ, ପ୍ରଶାନ୍ତ କୁମାର ପତି, ପ୍ରତାପ କୁମାର ପଣ୍ଡା, ଅଶୋକ କୁମାର ପଟ୍ଟନାୟକ, ଶ୍ରୀଧର ସୁନା, ବସନ୍ତ ବିଶ୍ୱକର୍ମା, ତପସ୍ୱିନୀ ସାହୁ, ସବିତା ବହିଡ଼ା, ସଞ୍ଜୀବ କୁମାର ଭୋଇ, ଗୀତାରାଣୀ ବେହେରା, ଅର୍ଚ୍ଚନା ପାତ୍ର, ସସ୍ମିତା ପ୍ରଧାନ, ଦିବାକର ଦାସ, ସୁସ୍ମିତା ମହାପାତ୍ର, ସୁଶାନ୍ତ କୁମାର ନାୟକ, ଧୋବେଇ ବେହେରା, ଇଂ. ସାଗର ମହାନ୍ତି ପ୍ରମୁଖ କବିତା ପାଠ କରିଥିଲେ। ଡ. ଶକ୍ତି ପ୍ରସାଦ ସାମନ୍ତରାୟ, ଡ. ବସନ୍ତ କୁମାର ଦାସ, ଡ. ନଗେନ ଦାସ, ଅକ୍ଷୟ ସାମଲ, କାଶୀନାଥ ପାତ୍ର ପ୍ରମୁଖ ସହଯୋଗ କରିଥିଲେ।

# ମହିଳାମାନେ ପରିବାରର ମୂଳଦୁଆ


କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି ଏବଂ ଅନ୍ୟମାନେ।

**ଆରାଧା ଅନୁଷ୍ଠାନର ବାର୍ଷିକ ଉତ୍ସବ**

ରାଉରକେଲା,୯।୩(ସଙ୍ଗୀତା ଜେନା)

ରାଉରକେଲାଶର ସାମାଜିକ ଅନୁଷ୍ଠାନ 'ଆରାଧା'ର ଷଷ୍ଠ ବାର୍ଷିକୋତ୍ସବ ଓ ଅନ୍ତର୍ଜାତୀୟ ମହିଳା ଦିବସ ଶନିବାର ସନ୍ଧ୍ୟା ୮ଟାରେ ଜଗଦା ଲୋକନାଥ ମନ୍ଦିରରେ ଅନୁଷ୍ଠିତ ହୋଇଯାଇଛି। ସଭାନେତ୍ରୀ ହରପ୍ରିୟା ପଟ୍ଟନାୟକଙ୍କ ପୌରୋହିତ୍ୟରେ ଭାଜପା ପାନପୋଷ ସାଙ୍ଗଠନିକ ଜିଲା ସଭାନେତ୍ରୀ ପୂର୍ଣ୍ଣିମା କେର୍କେଟା ମୁଖ୍ୟଅତିଥି, ପୂର୍ବତନ ପିପି ତଥା ପରିବାର ଅଦାଲତ ମୁଖ୍ୟ ପରାମର୍ଶଦାତ୍ରୀ ଆଇନଜୀବୀ ଆରତୀ ଚୌଧୁରୀ ଅତିଥି ଭାବେ ଯୋଗ ଦେଇଥିଲେ। ବିବାହ ଏକ ଅନୁଷ୍ଠାନ। ଉଭୟ ବିବାହ ଓ ପରିବାରକୁ ପରିଚାଳନା କରିବାରେ ମହିଳାଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ ରହିଛି। ବିନା ମହିଳାରେ ପରିବାରର ସଂରଚନା ଏକ ପ୍ରକାର ଅସମ୍ଭବ ଅଟେ। ସୁତରାଂ ମହିଳା ହିଁ ପରିବାରର ମୂଳଦୁଆ ଅଟେ ବୋଲି ଅତିଥିମାନେ କହିଥିଲେ। ସମ୍ପାଦିକା ପ୍ରେମଲତା ମହାନ୍ତି ବାର୍ଷିକ ବିବରଣୀ ପାଠ କରିଥିଲେ। ସବିତା ମହାରଣା ଓ ରୋଜାଲିନ୍ ରାଉତ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ପ୍ରାରମ୍ଭରେ ଓଡ଼ିଶୀ ନୃତ୍ୟଶିଳ୍ପୀ ସସ୍ମିତା ପଟ୍ଟନାୟକ, ଜୟଶ୍ରୀ ପାଣ୍ଡେ, ସାବିତ୍ରୀ ବେହେରା, ସ୍ୱର୍ଣ୍ଣପ୍ରଭା ସାହୁ ପ୍ରମୁଖ ଭଜନ ନୃତ୍ୟ ପରିବେଷଣ କରିଥିଲେ। ମୀନତି ମହାନ୍ତି, ମାଙ୍ଗମା ଚୌଧୁରୀ, ମମତା ତ୍ରିପାଠୀ, ଶୁଭଶ୍ରୀ ଦାସ, କାଦମ୍ବିନୀ ମିଶ୍ର, ଅଲିଅଳ ମିଶ୍ର, ବବି ରାଉତ ପ୍ରମୁଖ ସହଯୋଗ କରିଥିଲେ।

## ନୂତନ ଆପରାଧିକ ଆଇନ ସମ୍ପର୍କିତ ସଚେତନତା ଶିବିର



ଶିବିରରେ ନୂଆ ଆଇନ ଉପରେ ସୂଚନା ପ୍ରଦାନ କରାଯାଉଛି।

ରାଉରକେଲା,୯।୩(ବିପ୍ଳବ ରଞ୍ଜନ ଦାଶ)

ରାଉରକେଲା ସେକ୍ଟର-୭ ଥାନା ପକ୍ଷରୁ ଶନିବାର ସନ୍ଧ୍ୟା ୬ଟାରେ ସ୍ଥାନୀୟ କମ୍ୟୁନିଟି ସେଣ୍ଟରଠାରେ ନୂତନ ଆପରାଧିକ ଆଇନ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ଏସ୍‌ଆଇ ଶିବ ପ୍ରସାଦ ଆଇଚଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଶିବିରରେ ରାଉରକେଲା ପୋଲିସ ଜିଲା ଜୋନ-୧ ଡିଏସ୍‌ପି ଯୋଗେଶ୍ୱର ପଣ୍ଡା ମୁଖ୍ୟ ଅତିଥି ଭାବେ ଯୋଗଦାନ କରିଥିଲେ। ମୁଖ୍ୟ ଅତିଥି ନୂତନ ଆପରାଧିକ ଆଇନ ଅର୍ଥାତ ଭାରତୀୟ ନ୍ୟାୟ ସଂହିତା, ଭାରତୀୟ ନ୍ୟାୟ ସୁରକ୍ଷା ସଂହିତା ଓ ଭାରତୀୟ ସୁରକ୍ଷା ଅଧିନିୟମ ୨୦୨୪-୨୫ରେ ପ୍ରଣୟନ ହୋଇଥିବା ମୁଖ୍ୟ ଧାରା ଉପରେ ସୂଚନା ପ୍ରଦାନ କରିଥିଲେ। ଏଥିସହ ନୂତନ ଆପରାଧିକ ଆଇନର ମହତ୍ତ୍ୱ ଉପରେ ମଧ୍ୟ ବିଶେଷ ଆଲୋକପାତ କରିଥିଲେ। ଏସ୍‌ଆଇ ମାନସ ନାୟକ ସମ୍ମାନୀତ ଅତିଥି ଭାବେ ଯୋଗଦେଇ ନୂତନ ଆପରାଧିକ ଆଇନରେ ରହିଥିବା ନିୟମାବଳୀ ଉପରେ ସଚେତନ କରାଇଥିଲେ। ସମାଜସେବୀ ସରୋଜ ନାୟକ, ସୁଶାନ୍ତ କୁମାର ମହାପାତ୍ର, ଗଣେଶ୍ୱର ରାୟଙ୍କ ସମେତ ସ୍ଥାନୀୟ ଥାନା ଅଞ୍ଚଳର ବିଭିନ୍ନ ବଜାର କମିଟି କର୍ମକର୍ତ୍ତା ସ୍ଥାନୀୟ ସଚେତନ ନାଗରିକ ଓ ଯୁବ ସମାଜ ସାମିଲ ହୋଇଥିଲେ।

## ପ୍ରି ୱିମେନ୍ସ ଡେ'ରେ ଗରିମା ସମ୍ବର୍ଦ୍ଧନା


କାର୍ଯ୍ୟକ୍ରମରେ ମହିଳାମାନଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

ରାଉରକେଲା,୯।୩(ସଙ୍ଗୀତା ଜେନା)

ରାଉରକେଲାରେ ପ୍ରି ୱିମେନ୍ସ ଡେ ପାଳିତ ହୋଇଯାଇଛି। ଏଥିରେ ଗାରିମା ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ମହିଳା ଉଦ୍ୟୋଗୀ ରଶ୍ମୀ ମିଶ୍ର, ମିଲେଟ୍ କୁଇନ୍ ପ୍ରେମା ଦାସ, ଇଏସ୍‌ଆଇସି ମେଡିକାଲ ଅଫିସର ଡ. ସୁଶୀଲା ଲୁଗୁନ୍, ଆର୍‌ଜିଏଚ୍ ଡିଏଚ୍‌ଏଚ୍ ଡ. ପୂଜା ପତି, ନବଜୀବନମଣ୍ଡଳ ଆବାହିକା ସୁନନ୍ଦା ବରାଳ, ପଶୁପ୍ରେମୀ ଅନୁଷ୍ଠାନ ଫୁଟୋ ଫୋର୍ସର ପ୍ରତିଷ୍ଠାତ୍ରୀ ସ୍ୱାଗତିକା ମହାନ୍ତି, ପରିବାର ଅଦାଲତର ପରାମର୍ଶଦାତ୍ରୀ ଆରତୀ ଚୌଧୁରୀ, ଶିକ୍ଷାବିତ୍ ଇନ୍ଦିରା ପଣ୍ଡା, ସସ୍ମିତା ପୃଷ୍ଟି, ବିୟୁଟି ପିଜାଣ୍ଟ ସ୍ୱପ୍ନା ଭାରତୀ, ସୋନୀ ପିଲାଇ, ସୌନ୍ଦର୍ଯ୍ୟ ଓ ପ୍ରସାଧାନ ବିଶେଷଜ୍ଞ ମମତା ପାଣିଗ୍ରାହୀ, ସୁମିତା ମହାନ୍ତି, ରୀତା ସାମଲ, ଡଲି ରାୟ, ସାମାଜିକ କର୍ମୀ ଶ୍ରଦ୍ଧା ଷଡଙ୍ଗୀ, ହରପ୍ରିୟା ପଟ୍ଟନାୟକଙ୍କ ସମେତ ବିଭିନ୍ନ କ୍ଷେତ୍ରରେ ପ୍ରମୁଖ ଭୂମିକା ଗ୍ରହଣ କରିଥିବା ମହିଳାମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଶାଖା ପରିଚାଳକ ସିଦ୍ଧାର୍ଥ ଜେନା ସ୍ୱାଗତ ଭାଷଣ ଦେଇଥିବା ବେଳେ ନିବେଦିତା ମହାନ୍ତି, ସମୀକ୍ଷା ପତି, ରତିକା ସାମନ୍ତରାୟ, ରଞ୍ଜନ ସେଠୀ, ସତ୍ୟବ୍ରତ ମହାପାତ୍ର ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ସେହିପରି ଈଶ୍ୱରୀୟ ପ୍ରଜାପିତା ବ୍ରହ୍ମକୁମାରୀଙ୍କ ସମେତ ଏକାଧିକ ସାମାଜିକ ଅନୁଷ୍ଠାନ ପକ୍ଷରୁ ପ୍ରି ୱିମେନ୍ସ ଡେ ପାଳନ କରାଯାଇଛି।

## ୧୬ରେ ମହିଳା ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ

ରାଉରକେଲା,୯।୩(ବିପ୍ଳବ ରଞ୍ଜନ ଦାଶ)



ଖବରଦାତା ସମ୍ମିଳନୀରେ ସୂଚନା ପ୍ରଦାନ କରାଯାଉଛି।

ଆସନ୍ତା ୧୬ ତାରିଖରେ ରାଉରକେଲାର ଆସ୍ଥା ଅନୁଷ୍ଠାନ ପକ୍ଷରୁ ସିଭିକ୍ ସେଣ୍ଟରଠାରେ ମହିଳା ପ୍ରତିଭାଧାରୀମାନଙ୍କୁ ସମ୍ବର୍ଦ୍ଧନା ପ୍ରଦାନ କାର୍ଯ୍ୟକ୍ରମ କରାଯିବାକୁ ସ୍ଥିର ହୋଇଛି। ଏଥିସହ ନୃତ୍ୟ, ସଙ୍ଗୀତ ଓ ଫ୍ୟାଶନ ଶୋ କରାଯିବ। ଏଥିରେ ଓଲିଉଡ୍ ସିନେ ତାରକା ଡ. ଅନୁରାଧା ପାଣିଗ୍ରାହୀ ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ରାଉରକେଲାରେ ତୃତୀୟ ଥର ପାଇଁ ଏପରି ବିଭିନ୍ନ ବର୍ଗର ପ୍ରତିଭାବାନ ମହିଳାମାନଙ୍କୁ ସମ୍ମାନିତ କରାଯିବ ବୋଲି ରବିବାର ଆର୍‌ଏସ୍‌ପି ଅବସରପ୍ରାପ୍ତ କର୍ମଚାରୀ ସଂଘରେ ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ଅନୁଷ୍ଠାନ ପକ୍ଷରୁ କୁହାଯାଇଛି। ଆସ୍ଥାର ଅଧ୍ୟକ୍ଷ ଆର୍ତ୍ତତ୍ରାଣ ମଲ୍ଲିକଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସମ୍ମିଳନୀରେ କୁନୁରାଣୀ ବିଶ୍ୱାଳ ଧନ୍ୟବାଦ ଅର୍ପଣ କରିଥିଲେ। ସଭାପତି ବିଷ୍ଣୁ ମୋହନ ମିଶ୍ର, ଉପ ସଭାପତି ରାଜ କୁମାର ପଣ୍ଡା, ସାଧାରଣ ସମ୍ପାଦକ ଆଲୋକ ଜେନା, ସାଂସ୍କୃତିକ ସମ୍ପାଦିକା ଶିବାନୀ ରଣା, ପର୍ଶୁରାମ ମଲ୍ଲିକ, ଅରବିନ୍ଦ ସାହୁ, ମଧୁମିତା ପଣ୍ଡା, ମନୀଷା ଜେନା, ପ୍ରଜ୍ଞା ଦାସ, ସରୋଜିନୀ ପତି, ପ୍ରାଞ୍ଜଳୀ ନାଗ, ମଧୁସ୍ମିତା ମଣ୍ଡଳ, ସୁଶାନ୍ତ ସାହୁ, କାର୍ତ୍ତିକ ଖଣ୍ଡୁଆଳ, ପ୍ରତୀକ୍ଷା ସାହୁ, ମୁରଲୀଧର ମଥାନ, ସୁରେଶ ରାଉତରାୟ ପ୍ରମୁଖ ଉପସ୍ଥିତ ଥିଲେ।

## ବାଲି ବୋଝେଇ ଟ୍ରାକ୍ଟର ଜବତ, ଚାଳକ ଗିରଫ

ରାଉରକେଲା,୯।୩(ସଙ୍ଗୀତା ଜେନା)

ରାଉରକେଲା ଝିରପାଣି ଥାନା ଅନ୍ତର୍ଗତ ଏକ ବ୍ରିଜ୍ ନିକଟରେ ରବିବାର ମଧ୍ୟାହ୍ନ ୧୨ଟାରେ ଏକ ବାଲି ବୋଝେଇ ଟ୍ରାକ୍ଟରକୁ ପୋଲିସ ଜବତ କରିଛି। ଏଥିରେ ଗାଡ଼ି ଚାଳକଙ୍କୁ ଗିରଫ କରାଯାଇଛି। ଏ ନେଇ ପୋଲିସ ଏକ ମାମଲା(ନଂ.୩୩/୨୫) ରୁଜୁ କରିଛି। ସୂଚନା ଅନୁସାରେ, ରାଉରକେଲାରେ ପ୍ରବାହିତ ନଦୀଗୁଡ଼ିକରେ ବେଆଇନ ବାଲିଖନନ ଓ ପରିବହନ ଜାରି ରହିଛି। ପ୍ରାୟ ୩ ଦିନ ମଧ୍ୟରେ ବିଶ୍ରା ସମେତ ବିଭିନ୍ନ ଥାନା ଅଞ୍ଚଳରେ ବାଲିବୋଝେଇ ଟ୍ରକ୍ ଓ ଟ୍ରାକ୍ଟରଗୁଡିକୁ ଜବତ କରାଯାଇଛି। ଏହି କ୍ରମରେ ରବିବାର ଉକ୍ତ ଟ୍ରାକ୍ଟର ବାଲି ବୋଝେଇ କରି ଯାଉଥିବାବେଳେ ଝିରପାଣି ଥାନା ପକ୍ଷରୁ ଯାଞ୍ଚ କରାଯାଇଥିଲା। ଟ୍ରାକ୍ଟର ଚାଳକ ଟିପି ଦେଖାଇ ନ ପାରିବାରୁ ଗାଡିକୁ ଜବତ କରାଯାଇଥିଲା।

## ନୂତନ ଶ୍ରମକୋଡ୍ ଲାଗୁ ହେଲେ ଆନ୍ଦୋଳନ

ରାଉରକେଲା,୯।୩(ଦିନେଶ ମିଶ୍ର)

ସିଆଇଟିୟୁ ସହବନ୍ଧିତ ସୁନ୍ଦରଗଡ ଇଣ୍ଡଷ୍ଟ୍ରିଆଲ ମଜୁଦୂର ୟୁନିୟନ, ଆଇଏଫ୍‌ଜିଏଲ ରିଫ୍ରାକ୍ଟୋରିଜ ୱାର୍କସ ୟୁନିୟନ, ଏସିଆଟିକ ଅକ୍ସିଜେନ ଏମ୍ପ୍ଲଇଜ୍ ୟୁନିୟନ ପକ୍ଷରୁ କେନ୍ଦ୍ର ସରକାରଙ୍କ ଶ୍ରମିକ ବିରୋଧୀ ଶ୍ରମକୋଡ୍ ବିରୋଧରେ ବେଦବ୍ୟାସସ୍ଥିତ ୟୁନିୟନ କାର୍ଯ୍ୟାଳୟରେ ରବିବାର ଶ୍ରମିକ କନଭେନଶନ ଅନୁଷ୍ଠିତ ହୋଇଯାଇଛି। ଉକ୍ତ କନଭେନଶନରେ ସିଆଇଟିୟୁ କେନ୍ଦ୍ରୀୟ ଉପାଧ୍ୟକ୍ଷ ବିଷ୍ଣୁ ମହାନ୍ତି ସଭାପତିତ୍ୱ କରିଥିଲେ। ସିଆଇଟିୟୁ ରାଜ୍ୟ ଉପ ସଭାପତି ତଥା ସିଟୁ ସାଧାରଣ ସମ୍ପାଦକ ଜାହାଙ୍ଗୀର ଅଲ୍ଲୀ, ସିଆଇଟିୟୁ ଜିଲା ସମ୍ପାଦକ ବିମାନ ମାଇତି, ରାଜ୍ୟ କମିଟି ସଦସ୍ୟା ତାଜମୁନ ନେହାର, ସିଟୁ ସମ୍ପାଦକ ଯଯାତୀ କେଶରୀ ସାହୁ, ଅଜିତ ଏକ୍କା, ସମ୍ବିତ ସ୍ୱାଇଁ, ରଞ୍ଜନ ବେହେରା, କ୍ଷୀରୋଦ ବେହେରା, ଆଇଏଫ୍‌ଜିଏଲ ରିଫ୍ରାକ୍ଟୋରିଜ ୱାର୍କସ ୟୁନିୟନ କାର୍ଯ୍ୟକାରୀ ସଭାପତି ଅଜିତ କୁମାର ଦାଶ ଓ ଏସିଆଟିକ ଅକ୍ସିଜେନ ଏମ୍ପ୍ଲଇଜ୍ ୟୁନିୟନ ନେତା ସୁଧାଂଶୁ ଜେନା ପ୍ରମୁଖ ଶ୍ରମିକ ବିରୋଧୀ ଶ୍ରମକୋଡ୍ ଉପରେ ବକ୍ତବ୍ୟ ରଖିଥିଲେ। ଉକ୍ତ ନୂତନ ଶ୍ରମ କୋଡ୍ ହେଲେ ଶ୍ରମିକମାନେ ସେମାନଙ୍କର ପୂର୍ବରୁ ଶ୍ରମ ଆଇନ ଯୋଗୁ ପାଉଥିବା ସମସ୍ତ ଅଧିକାର ହରାଇବେ ବୋଲି ସେମାନେ କହିଥିଲେ। ଏହି ଶ୍ରମକୋଡ୍‌କୁ କେନ୍ଦ୍ର ସରକାର ଲାଗୁ କରାଇବା ପାଇଁ ପ୍ରୟାସ କରିଛନ୍ତି। ତେଣୁ ଏହା ବିରୋଧରେ ବ୍ୟାପକ ଆନ୍ଦୋଳନ କରାଯିବ ବୋଲି ସିଆଇଟିୟୁ ନେତୃତ୍ୱମାନେ ଚେତାବନୀ ଦେଇଛନ୍ତି । ଏହି କନଭେନଶନରେ ବେଦବ୍ୟାସ, କଳୁଙ୍ଗା, କୁଆଁରମୁଣ୍ଡରେ ଥିବା ସମସ୍ତ କଳ କାରଖାନାର ବହୁ ଶ୍ରମିକ ଯୋଗ ଦେଇଥିଲେ। ଶ୍ରମିକ ନେତା ଡି. ଦିବାକର ରାଓ, ସରୋଜ ବାର୍ଲା, ଭବାନୀ ସାହୁ, ମସ୍କୁ ଏକ୍କା, ସୁମିତ୍ରା ଏକ୍କା, ସୁଶୀଳା ଲାକ୍ରା, ମାହାତୋ କୁଜୁର, ରମାକାନ୍ତ ଘାସି, ଜେମା ଟପ୍ପୋ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।



କନ୍‌ଭେନଶନରେ ମଞ୍ଚାସୀନ ବିଭିନ୍ନ ଶ୍ରମ ସଙ୍ଗଠନର ନେତୃବୃନ୍ଦ।

# ଗ୍ରାମୀଣ କାରିଗରଙ୍କୁ ସଶକ୍ତ କରିବ ବାଉଁଶ ଶିଳ୍ପ ତାଲିମ

ରାଉରକେଲା,୯।୩(ବିପ୍ଳବ ରଞ୍ଜନ ଦାଶ)

ନିର୍ମାଣ ସୋସାଇଟି ଏବଂ ଏନ୍‌ରିଡ୍ ଫାଉଣ୍ଡେଶନ ସହଯୋଗରେ ଏକ ବାଉଁଶ ହସ୍ତଶିଳ୍ପ ଦକ୍ଷତା ବିକାଶ ଓ ଜୀବିକା ସୃଷ୍ଟି ତାଲିମ କାର୍ଯ୍ୟକ୍ରମ ଆର୍‌ଏସ୍‌ପି ପକ୍ଷରୁ ଆରମ୍ଭ ହୋଇଛି। ଏଥିରେ ଆର୍‌ପି ଏଣ୍ଡ ଇ ବିଭାଗର ସିଜିଏମ ଶ୍ରୀନିବାସ ମଲ୍ଲ ମୁଖ୍ୟଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ସିଏସ୍‌ଆର ବିଭାଗର ଜିଏମ୍ ଇନ୍‌ଚାର୍ଜ ସୁଶ୍ରୀ ମୁନମୁନ୍ ମିତ୍ର, ନିର୍ମାଣ ସୋସାଇଟି ଓ ଏନରିଡ୍ ଫାଉଣ୍ଡେଶନର ପ୍ରତିନିଧି ସୁଶ୍ରୀ ସେସିଲି ଏବଂ ଶ୍ରୀ ପ୍ରଶାନ୍ତ, ସିଏସ୍‌ଆର ବିଭାଗର ଅନ୍ୟ ଅଧିକାରୀ ଏବଂ କର୍ମଚାରୀ ଉପସ୍ଥିତ ଥିଲେ। ଏହି କାର୍ଯ୍ୟକ୍ରମ ସେକ୍ଟର-୨୦ ସିଏସଆର ବିଭାଗ ଆଇପିଡି ଭବନରେ ଅନୁଷ୍ଠିତ ହୋଇଥିଲା। ସମାବେଶକୁ ସମ୍ବୋଧନ କରି ମୁଖ୍ୟଅତିଥି ଗ୍ରାମୀଣ କାରିଗରମାନଙ୍କୁ ସଶକ୍ତ କରିବାରେ ଦକ୍ଷତା ବିକାଶର ମହତ୍ତ୍ୱ ଉପରେ ଗୁରୁତ୍ୱାରୋପ କରିଥିଲେ। ସେ କହିଥିଲେ,ଏହି ପଦକ୍ଷେପ ସ୍ଥାୟୀ ଜୀବିକା ସୃଷ୍ଟି ଏବଂ ଆତ୍ମନିର୍ଭରଶୀଳତାର ଦୃଷ୍ଟିକୋଣ ସହିତ ସମନ୍ୱିତ ଅଟେ। ବ୍ୟକ୍ତି ବିଶେଷଙ୍କୁ ଆବଶ୍ୟକ ଦକ୍ଷତାରେ ସଜ୍ଜିତ କରି ସ୍ୱାବଲମ୍ବୀ ଏବଂ ସ୍ୱଦେଶୀ କାରିଗରୀକୁ ପ୍ରୋତ୍ସାହିତ କରାଯାଉଛି। ଏହି ତାଲିମ କାର୍ଯ୍ୟକ୍ରମ ବାଉଁଶ ଆଧାରିତ କାରିଗରଙ୍କ ପାଇଁ ଏକ ଦୃଢ ମୂଲ୍ୟ ଶୃଙ୍ଖଳା ସୃଷ୍ଟି କରିବା ତଥା ଅଗ୍ରଣୀ ଉଦ୍ୟୋଗଗୁଡିକ ସହିତ ସହଭାଗୀତା ମାଧ୍ୟମରେ ବଜାରକୁ ତ୍ୱରାନ୍ୱିତ କରିବା ପାଇଁ କଳ୍ପନା କରାଯାଇଛି। ଏହି ପଦକ୍ଷେପ କେବଳ ପାରମ୍ପରିକ କଳାକୃତିକୁ ସଂରକ୍ଷଣ କରେ ନାହିଁ ବରଂ ଆଧୁନିକ ଡିଜାଇନ ଧାରାଗୁଡିକୁ ମଧ୍ୟ ଏକୀକୃତ କରେ, ଯାହା ବଜାରର କାର୍ଯ୍ୟକ୍ଷମତା ଏବଂ ମାପକାଠିକୁ ସୁନିଶ୍ଚିତ କରେ। ପାର୍ଶ୍ୱାଞ୍ଚଳର ୩୦ଜଣ ଅବହେଳିତ ବର୍ଗର ଗ୍ରାମୀଣ ହିତାଧିକାରୀଙ୍କ ବିକାଶ ପାଇଁ ଡିଜାଇନ କରାଯାଇଥିବା ଏହି କାର୍ଯ୍ୟକ୍ରମ ୩୦ କାର୍ଯ୍ୟ ଦିବସର ତାଲିମ ପ୍ରଦାନ କରୁଛି। ଏହି ବ୍ୟାପକ ପାଠ୍ୟକ୍ରମରେ ଦକ୍ଷତା ଉନ୍ନତୀକରଣ, ଉତ୍ପାଦ ଡିଜାଇନ ଏବଂ ବିକାଶ, ବଜାର ସଂଯୋଗୀକରଣ ଏବଂ ବାଉଁଶ ଚାଷ ମାଧ୍ୟମରେ ସ୍ଥାୟୀ କଞ୍ଚାମାଲ ସୋର୍ସିଂ ଅନ୍ତର୍ଭୁକ୍ତ। ଏହାସହିତ ତାଲିମ ପରବର୍ତ୍ତୀ ୫ବର୍ଷର ସହାୟତା ବ୍ୟବସ୍ଥା ରହିଛି ଯାହା ପ୍ରଶିକ୍ଷାର୍ଥୀମାନଙ୍କ ପାଇଁ ଦୀର୍ଘକାଳୀନ ଲାଭ ସୁନିଶ୍ଚିତ କରିବ। ସ୍ଥାୟୀ ଆୟ ସୃଷ୍ଟି ପ୍ରତିଷ୍ଠା କରିବା ସହ ଆତ୍ମନିର୍ଭର ଭାରତର ଦୃଷ୍ଟିକୋଣ ପ୍ରତି ଯୋଗଦାନ ଦେବ ବୋଲି ସେ କହିଥିଲେ। ପ୍ରାରମ୍ଭରେ ସୁଶ୍ରୀ ମୁନ୍‌ମୁନ୍ ମିତ୍ରା ସମାବେଶକୁ ସ୍ୱାଗତ କରିଥିଲେ । ସିଏସ୍‌ଆର ବିଭାଗର ଏଜିଏମ ଟି. ବି. ଟପ୍ପୋ ଧନ୍ୟବାଦ ଅର୍ପଣ କରିଥିଲେ। ମ୍ୟାନେଜର ସୁଶ୍ରୀ ରିଚା ସୁଧୀରାମ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।


ତାଲିମ କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି ଏବଂ ପ୍ରଶିକ୍ଷାର୍ଥୀଗଣ।

## ସଂକ୍ଷେପରେ

### ବିଧାୟକଙ୍କ ଦ୍ୱାରା ଷ୍ଟ୍ରିଟ ଲାଇଟ୍ ଉଦ୍‌ଘାଟିତ

**ଝାରସୁଗୁଡ଼ା, ୯।୩(ଆଶିଷ ରଞ୍ଜନ ଦାଶ)**

ଝାରସୁଗୁଡ଼ା ଜିଲ୍ଲା ଲଇକେରା ବ୍ଲକ ଅନ୍ତର୍ଗତ ବାବୁଚିପିଡିହି ପଞ୍ଚାୟତସ୍ଥିତ କୁଅଁରମାଳ ଛକରେ ରବିବାର ଷ୍ଟ୍ରିଟ ଲାଇଟ୍ ଉଦ୍‌ଘାଟନ କରିଛନ୍ତି ଝାରସୁଗୁଡ଼ା ବିଧାୟକ ଟଙ୍କଧର ତ୍ରିପାଠୀ। ଲଇକେରା ବ୍ଲକ ପ୍ରତେକ ପଞ୍ଚାୟତରେ ଆଗାମୀ ଦୁଇ ତିନି ମାସରେ ସୋଲାର ପରିଚାଳିତ ଷ୍ଟ୍ରିଟ ଲାଇଟ୍ ଲଗାଯିବ ବୋଲି ବିଧାୟକ ତ୍ରିପାଠୀ କହିଛନ୍ତି। ଏହା ସହିତ ଲଇକେରା ବ୍ଲକର ପ୍ରତେକ ପଞ୍ଚାୟତରେ ଆଗାମୀ ୧୫ ଦିନ ମଧ୍ୟରେ ବୋରୱେଲ ଖୋଲାଯିବ ବୋଲି ବିଧାୟକ କହିଛନ୍ତି। ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଜିଲାପାଳ ଆବୋଲି ସୁନିଲ ନରୱଣେ, ଜିଲା ଉନ୍ନୟନ ଅଧିକାରୀ ପ୍ରବୀର ନାୟକ, ଲଇକେରା ବିଡିଓ ଜର୍ଜ ଡୁଙ୍ଗଡୁଙ୍ଗ, ସୁକାନ୍ତି ଜୟପୁରୀୟା, ରାମୁ ରଞ୍ଜନ ମିଶ୍ର, ପ୍ରଦୀପ ପ୍ରଧାନ, ମୌଜିଲାଲ ଦଣ୍ଡସେନା, ଟଙ୍କଧର ନାୟକ, ନିଶିକାନ୍ତ ପଟେଲ, ରାଜେଶ୍ ଦାସ, ବିନୋଦ ବୁଦୁଲା, ନବୀନ ବୁଦୁଲା, ଟିକେଶ୍ୱର ପୁରଶେଠ୍, ନିର୍ମଳ ପଟେଲ, ସନ୍ତୋଷୀନି ବୁଦୁଲା ପ୍ରମୁଖ ଉପସ୍ଥିତ ଥିଲେ।

# ଜଳସଙ୍କଟ ଦୂର ପାଇଁ ନଳକୂପ ଖନନ କରାଯିବ

**ସମ୍ବଲପୁର, ୯।୩(ପ୍ରମୋଦ ବହିଦାର)**


ମନ୍ତ୍ରୀ ରବି ନାରାୟଣ ନାଏକ।

■ପଞ୍ଚାୟତିରାଜ ଓ ପାନୀୟ ଜଳ ମନ୍ତ୍ରୀ ରବି ନାରାୟଣ ନାଏକଙ୍କ ସୂଚନା

■୧୯ ଲଘୁ ବନଜାତ ଦ୍ରବ୍ୟର ଏମ୍ଏସ୍‌ପି ଧାର୍ଯ୍ୟ

ଜଳ ସଙ୍କଟ ଦେଖାଦେଉଥିବା ଅଞ୍ଚଳରେ ନଳକୂପ ଖନନ କରାଯାଇ ତୁରନ୍ତ ଜଳ ସମସ୍ୟା ଦୂର କରାଯିବ। ସମ୍ବଲପୁର ସ୍ଥାନୀୟ ସର୍କିଟ୍ ହାଉସ୍‌ରେ ରବିବାର ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ଏହା କହିଛନ୍ତି ରାଜ୍ୟ ପଞ୍ଚାୟତିରାଜ ଓ ପାନୀୟ ଜଳ ମନ୍ତ୍ରୀ ରବି ନାରାୟଣ ନାଏକ। ସେ କହିଛନ୍ତି, ବର୍ତ୍ତମାନ ଉପୁଜୁଥିବା ଜଳ ସଙ୍କଟ ଦୂର ପାଇଁ ପାନୀୟ ଜଳ ବିଭାଗ ପକ୍ଷରୁ ଏକାଧିକ ପଦକ୍ଷେପ ଓ ଯୋଜନା ହାତକୁ ନିଆଯାଇଛି। ଏଥିପାଇଁ ପ୍ରତେକ ଜିଲାର ଜିଲାପାଳ ଓ ବିଭାଗୀୟ ଅଧିକାରୀମାନଙ୍କୁ ଦୁଇଟି ପତ୍ର ମାଧ୍ୟମରେ ନିର୍ଦ୍ଦେଶ ଦିଆଯାଇଛି। ବ୍ଲକଠାରୁ ସହର ପର୍ଯ୍ୟନ୍ତ ପ୍ରତ୍ୟେକ ୭୧ ଜନସଂଖ୍ୟା ବିଶିଷ୍ଟ ଯେକୌଣସି ଅଞ୍ଚଳ, ଏପରିକି ଉପାନ୍ତ ବା ଅପହଞ୍ଚ ଇଲାକାକୁ ଚିହ୍ନଟ କରି ପଞ୍ଚାୟତସ୍ତରରେ କାର୍ଯ୍ୟରତ ପିଇଓ, କନିଷ୍ଠ ଯନ୍ତ୍ରୀମାନେ ନଳକୂପ ଖନନ ପାଇଁ ଅଞ୍ଚଳର ଜନ ପ୍ରତିନିଧିମାନଙ୍କ ଜରିଆରେ ସରକାରଙ୍କୁ ପ୍ରସ୍ତାବ ଦେବାକୁ ନିର୍ଦ୍ଦେଶ ଦିଆଯାଇଛି। ରାଜ୍ୟର ବିଭିନ୍ନ ସ୍ଥାନରେ ଥିବା ଅଚଳ ନଳକୂପଗୁଡ଼ିକ ମଧ୍ୟରୁ ୮୦ ପ୍ରତିଶତ ମରାମତି କରାଯାଇଛି। ସେହିପରି ବସୁଧା ଯୋଜନାରେ ସୋଲାର ପ୍ରକଳ୍ପଗୁଡ଼ିକୁ ସଚଳ କରିବା ପାଇଁ ଆବଶ୍ୟକ ବକେୟା ରାଶି ମଧ ତୁରନ୍ତ ପଇଠ କରିବାକୁ ନିର୍ଦ୍ଦେଶ ଜାରି କରାଯାଇଛି ବୋଲି ସେ କହିଛନ୍ତି। ବିଭିନ୍ନ ଜିଲାର ତାପମାତ୍ରାକୁ ଦୃଷ୍ଟିରେ ରଖି ଗ୍ରାମାଞ୍ଚଳରୁ ଆରମ୍ଭ କରି ସହରାଞ୍ଚଳ ପର୍ଯ୍ୟନ୍ତ ଜଳଛତ୍ର ଖୋଲିବାକୁ ଗତ ଫେବୃଆରୀ ୭ ରୁ ସମ୍ପୃକ୍ତ ଜିଲାପାଳମାନଙ୍କୁ ଲିଖିତ ନିର୍ଦ୍ଦେଶ ଦିଆଯାଇଛି। ସେହିପରି ବିଭିନ୍ନ ସ୍ଥାନରେ ଥିବା ମେଗା ପାନୀୟ ଜଳ ପ୍ରକଳ୍ପ ଗୁଡ଼ିକର କାର୍ଯ୍ୟକାରିତାର ସମୀକ୍ଷା କରାଯାଇଛି। ୭୫ଟି ବିଭିନ୍ନ ଏଜେନ୍ସିକୁ ଏହି ଜଳ ପ୍ରକଳ୍ପ ଗୁଡ଼ିକର ପରିଚାଳନା ଦାୟିତ୍ୱ ଦିଆଯାଇଛି। ତେବେ ଯେଉଁ ପ୍ରକଳ୍ପ କାର୍ଯ୍ୟକ୍ଷମ ହୋଇ ନ ଥିବ ସେହି ପ୍ରକଳ୍ପ ଦାୟିତ୍ୱରେ ଥିବା ଏଜେନ୍ସିକୁ କେବଳ ବ୍ଲାକଲିଷ୍ଟ କରାଯିବ ନାହିଁ, ଉକ୍ତ ଏଜେନ୍ସି ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ମଧ୍ୟ ଗ୍ରହଣ କରାଯିବ ବୋଲି ମନ୍ତ୍ରୀ ନାଏକ କହିଛନ୍ତି।

ବନଜାତ ଦ୍ରବ୍ୟ ଉପରେ ନିର୍ଭରଶୀଳ ରାଜ୍ୟର ଆଦିବାସୀଙ୍କ ସଶକ୍ତିକରଣ ପାଇଁ ସରକାରଙ୍କ ପକ୍ଷରୁ ବିଭିନ୍ନ ପଦକ୍ଷେପ ଗ୍ରହଣ କରାଯାଇଛି। ତେଣୁ ୧୯ଟି ଲଘୁ ବନଜାତ ଦ୍ରବ୍ୟ ଉପରେ କେନ୍ଦ୍ର ସରକାରଙ୍କ ପକ୍ଷରୁ ସର୍ବନିମ୍ନ ସହାୟକ ମୂଲ୍ୟ(ଏମ୍ଏସ୍‌ପି) ଧାର୍ଯ୍ୟ ହୋଇଛି। ଲଘୁ ବନଜାତ ଦ୍ରବ୍ୟଗୁଡ଼ିକୁ ଅଞ୍ଚଳର ମହିଳା ସ୍ୱୟଂ ସହାୟକ ଗୋଷ୍ଠୀଙ୍କ ଜରିଆରେ ଆଦିବାସୀଙ୍କଠାରୁ ଏମ୍ଏସ୍‌ପିରେ କ୍ରୟ କରିବାକୁ ସ୍ଥିର ହୋଇଛି। ସେଥିମଧ୍ୟରେ ତେନ୍ତୁଳି ଦର କିଲୋ ପ୍ରତି ୩୬ ଟଙ୍କା, ଶାଳ ମଞ୍ଜି କିଲୋ ପ୍ରତି ୨୦ ଟଙ୍କା ରଖାଯାଇଛି। ତେବେ ମାର୍ଚ୍ଚ ୧୫ରୁ ଏପ୍ରିଲ ଶେଷ ପର୍ଯ୍ୟନ୍ତ କ୍ରୟ କରାଯିବ ବୋଲି ସେ ସୂଚନା ଦେଇଛନ୍ତି।

## ଷଣ୍ଢପଥର ହାଇସ୍କୁଲର ପିଏମ୍‌ଶ୍ରୀ କ୍ରୀଡ଼ା


ଉତ୍ସବରେ ମଞ୍ଚାସୀନ ଅତିଥିବୃନ୍ଦ।

**ଜମନକିରା, ୯।୩(ରବୀନ୍ଦ୍ର ପ୍ରସାଦ ଦାନୀ)**

ଜମନକିରା ବ୍ଲକ ବଡରମା ପଞ୍ଚାୟତ ଷଣ୍ଢପଥର ହାଇସ୍କୁଲ ପଡିଆରେ ଷଷ୍ଠରୁ ଦ୍ୱାଦଶ ଶ୍ରେଣୀ ପର୍ଯ୍ୟନ୍ତ ଛାତ୍ରୀଛାତ୍ରଙ୍କୁ ନେଇ ପିଏମ୍‌ଶ୍ରୀ କ୍ରୀଡା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଉଦ୍‌ଘାଟନୀ ଉତ୍ସବକୁ ଜିଲ୍ଲା ପରିଷଦ ଜୋନ-୧ ସଭ୍ୟା ସୁଜାତା ଖୁଣ୍ଟିଆ ଉଦ୍‌ଘାଟନ କରିଥିଲେ। ପ୍ରଧାନଶିକ୍ଷକ ରାଜେନ୍ଦ୍ର କୁମାର ଜଗତ ଏଥିରେ ସଭାପତିତ୍ୱ କରିଥିଲେ। ବଡରମା ସରପଞ୍ଚ ବିଜୟ କୁମାର ନାୟକ ମୁଖ୍ୟବକ୍ତା, ସମ୍ମାନୀତ ଅତିଥିଭାବେ କୁରେଇବାହାଲ କ୍ଲଷ୍ଟର ସିଆରସିସି, ଯୁକ୍ତ ୨ ବିଜ୍ଞାନ କଲେଜ ଅଧକ୍ଷା ଜ୍ୟୋତିମଞ୍ଜରୀ ଜ୍ୟୋତ୍ସ୍ନା ଦାଶ ଯୋଗଦେଇଥିଲେ। ଛାତ୍ରୀଛାତ୍ରମାନଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ବରିଷ୍ଠ ଅଧାପକ ସନ୍ତୋଷ କୁମାର ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ।

## ଓଏସ୍‌ଓୟୁରେ ଅନ୍ତର୍ଜାତୀୟ ମହିଳା ଦିବସ


କାର୍ଯ୍ୟକ୍ରମକୁ ଅତିଥିମାନେ ଶୁଭାରମ୍ଭ କରୁଛନ୍ତି।

**ସମ୍ବଲପୁର, ୯।୩(ବି.ଶଙ୍କର)**

ଓଡ଼ିଶା ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟ (ଓଏସଓୟୁ) ପକ୍ଷରୁ ମହିଳା ଶିକ୍ଷା ଏବଂ ସଶକ୍ତିକରଣ ପ୍ରତିବଦ୍ଧତା ସହିତ ଅନ୍ତର୍ଜାତୀୟ ମହିଳା ଦିବସ ପାଳନ କରିଛି। ଏହି କାର୍ଯ୍ୟକ୍ରମରେ କୁଳପତି ପ୍ରଫେସର ଶ୍ୟାମ ସୁନ୍ଦର ପଟ୍ଟନାୟକ, କୁଳସଚିବ ଚିତ୍ତରଞ୍ଜନ ସାହୁ, ଅର୍ଥ ନିୟନ୍ତ୍ରକ ନଳିନୀରଞ୍ଜନ ଷଡଙ୍ଗୀ ଯୋଗଦେଇଥିଲେ। ମହିଳା ଅଧାପକ ଏବଂ କର୍ମଚାରୀଙ୍କୁ ପ୍ରେମ ଏବଂ ସମ୍ମାନର ନିଦର୍ଶନ ସ୍ୱରୂପ ଗୋଲାପ ଫୁଲ ଦେଇ ସମ୍ମାନିତ କରାଯାଇଥିଲା। କୁଳପତି ପ୍ରଫେସର ପଟ୍ଟନାୟକ ମହିଳା ସଶକ୍ତିକରଣରେ ଶିକ୍ଷାର ଭୂମିକା ଉପରେ ଆଲୋକପାତ କରିଥିଲେ। ବିଶ୍ୱବିଦ୍ୟାଳୟର ପାଞ୍ଚଟି ପୋଷ୍ୟ ଗ୍ରାମରେ ରହୁଥିବା ମହିଳା ଏବଂ କନ୍ୟା ସନ୍ତାନମାନଙ୍କୁ ଉଚ୍ଚଶିକ୍ଷା ଓ କମ୍ପ୍ୟୁଟର ସାକ୍ଷରତା ସୁନିଶ୍ଚିତ କରି ଶିକ୍ଷିତ କରିବା ପାଇଁ ପଦକ୍ଷେପ ବିଷୟରେ କୁଳପତି ଆଲୋକପାତ କରିଥିଲେ।

## ଯାଦବ ସମାଜର ଦୋଳ ଉତ୍ସବ



ଛାତ୍ରୀଛାତ୍ରଙ୍କୁ ଯାଦବ ପ୍ରତିଭା ସମ୍ମାନ ପ୍ରଦାନ କରାଯାଉଛି।

**କୁଚିଣ୍ଡା, ୯।୩(ବିରଞ୍ଚି ଦର୍ଗା)**

କୁଚିଣ୍ଡା ଯାଦବ ଭବନରେ ରବିବାର ସମ୍ବଲପୁର ଜିଲା ଯାଦବ କଲ୍ୟାଣ କମିଟି ପକ୍ଷରୁ ଦୋଳ ଉତ୍ସବ ଓ ଯାଦବ ପ୍ରତିଭା ସମ୍ମାନ ସମାରୋହ ଅନୁଷ୍ଠିତ ହୋଇଯାଇଛି। ଜିଲା ସଭାପତି ବିରଞ୍ଚି ନାରାୟଣ ଦର୍ଗାଙ୍କ ଅଧକ୍ଷତାରେ ହୋଇଥିବା କାର୍ଯ୍ୟକ୍ରମରେ ଯାଦବ ସମାଜ ଉପଦେଷ୍ଟା ଖୁସିରାମ କଉଡି ମୁଖ୍ୟଅତିଥି, ଉପସଭାପତି ମଦନ ମୋହନ ଭଇଁଷା, ସନାତନ ଭଇଁଷା, ସମ୍ପାଦକ ସରୋଜ ପରୁଆ, ମହିଳା ନେତ୍ରୀ ଚିନୁପମା ଭଇଁଷା, ନର୍ମଦା ଦର୍ଗା, ବ୍ଲକ ସଭାପତି ପରମାନନ୍ଦ ଷଣ୍ଢ, କୁମରମଣି ପରୁଆ, ଏନଏସି ସଭାପତି ସୁରେନ୍ଦ୍ର ରାଉତ ସମ୍ମାନିତ ଅତିଥିଭାବେ ଯୋଗଦେଇଥିଲେ। ଅତିଥିମାନେ ତାଙ୍କ ବକ୍ତବ୍ୟରେ କହିଥିଲେ ଯେ, ଯାଦବ ସମାଜର ଏକ ସ୍ୱତନ୍ତ୍ର ସଂସ୍କୃତି ଓ ପରମ୍ପରା ରହିଛି। ଭଗବାନ ଶ୍ରୀକୃଷ୍ଣଙ୍କ ଦାୟାଦ ଭାବେ ଦୋଳ ପୂର୍ଣ୍ଣିମାକୁ ଯାଦବ ସମାଜ ପ୍ରତିବର୍ଷ ପାଳନ କରୁଥିବା ବେଳେ ସମାଜ ସଙ୍ଗଠନକୁ ସୁଦୃଢ କରି ନିଜର ହକ ହାସଲ ପାଇଁ ଲଢେଇ କରିବାକୁ ଆହ୍ୱାନ ଦେଇଥିଲେ। ଏହି ଅବସରରେ ୨୦୨୪ ମାଟ୍ରିକ ପରୀକ୍ଷାରେ ୭୦ପ୍ରତିଶତରୁ ଉର୍ଦ୍ଧ୍ୱ ନମ୍ବର ରଖି ପ୍ରଥମ ଶ୍ରେଣୀରେ ଉତ୍ତୀର୍ଣ୍ଣ ୯ଜଣ ଛାତ୍ରୀଛାତ୍ରଙ୍କୁ ଅତିଥିମାନେ ଯାଦବ ପ୍ରତିଭା ସମ୍ମାନ ପ୍ରଦାନ କରିଥିଲେ। ସାଧାରଣ ସମ୍ପାଦକ ଦେବାନନ୍ଦ ଖର୍ସେଲ ବାର୍ଷିକ ବିବରଣୀ ପଠନ କରି ସଭା ପରିଚାଳନା କରିଥିଲେ। ଯୁବ ସଂଗଠକ ଡୋଳାମଣି ଷଣ୍ଢ ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ଅଧାପକ ରଞ୍ଜନ କୁମାର ଭଇଁଷା, ଲିଙ୍କନ ଦର୍ଗା, ଶୁଶିଲ ଦର୍ଗା, ଅଶୋକ ପରୁଆ, ଚୂଡାମଣି ମାକର, ରମେଶ ବାଘ ସହଯୋଗ କରିଥିଲେ। ଏଥିରେ ବିଭିନ୍ନ ପଞ୍ଚାୟତର ବହୁସଂଖ୍ୟକ ଯାଦବ ମହିଳାପୁରୁଷ ସାମିଲ ହୋଇଥିଲେ। ପରେ ଭଗବାନ ଶ୍ରୀକୃଷ୍ଣଙ୍କ ଉପରେ ଆଧାରିତ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।

## କ୍ଲଷ୍ଟରସ୍ତରୀୟ ଅବସରକାଳୀନ ସମ୍ବର୍ଦ୍ଧନା

**ନାକଟିଦେଉଳ, ୯।୩(ବୈକୁଣ୍ଠନାଥ ସାହୁ)**

ସମ୍ବଲପୁର ଜିଲା ନାକଟିଦେଉଳ ବ୍ଲକ କିସିଣ୍ଡା ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ ରବିବାର ପ୍ରଧାନଶିକ୍ଷକ ବିରଞ୍ଚି ନାରାୟଣ ମିର୍ଦ୍ଧାଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ସମ୍ବଲପୁର ଜିଲା ପ୍ରାଥମିକ ଶିକ୍ଷକ ସଂଘ ସଭାପତି ପ୍ରମୋଦ କୁମାର ପ୍ରଧାନଙ୍କ ସଭାପତିତ୍ୱରେ ଆୟୋଜିତ ଏହି ସମ୍ବର୍ଦ୍ଧନା ସମାରୋହରେ ମୁଖ୍ୟ ଅତିଥିଭାବେ କିସିଣ୍ଡା ସରକାରୀ ଉଚ୍ଚ ବିଦ୍ୟାଳୟ ପ୍ରଧାନଶିକ୍ଷକ ଅରୁଣ କୁମାର ପ୍ରଧାନ, ସମ୍ମାନିତ ଅତିଥିଭାବେ ବ୍ଲକ ପ୍ରାଥମିକ ଶିକ୍ଷକ ସଂଘ ସମ୍ପାଦକ ସଞ୍ଜୟ କୁମାର ପ୍ରଧାନ, ଏକ୍ସକ୍ୟାଡର ଶିକ୍ଷକ ସଂଘ ସଭାପତି ଅଖିଳ କୁମାର ରଥ, କିସିଣ୍ଡା ସିଆରସିସି କେଦାର ବେହେରା, ଏନ୍‌ପିଏସ ଶିକ୍ଷକ ସଂଘର ବ୍ଲକ ସମ୍ପାଦକ ମହେଶ୍ୱର ପ୍ରଧାନ ଏବଂ ଅବସରପ୍ରାପ୍ତ ଶିକ୍ଷୟିତ୍ରୀ ହେମବତୀ ସାହୁ ଯୋଗଦେଇ ଅବସର ଗ୍ରହଣ କରିଥିବା ପ୍ରଧାନ ଶିକ୍ଷକ ମିର୍ଦ୍ଧାଙ୍କ ଛାତ୍ରବତ୍ସଳ ଗୁଣ, ସମୟାନୁବର୍ତ୍ତିତା, କର୍ତ୍ତବ୍ୟନିଷ୍ଠା ଉପରେ ଆଲୋକପାତ କରିବା ସହ ତାଙ୍କର ଅବସର ପରବର୍ତ୍ତୀ ଜୀବନର ମଙ୍ଗଳ କାମନା କରିଥିଲେ । ଏହି ଅବସରରେ ଅବସର ଗ୍ରହଣ କରିଥିବା ପ୍ରଧାନ ଶିକ୍ଷକ ମିର୍ଦ୍ଧା ସହକର୍ମୀମାନଙ୍କ ସହଯୋଗ ଏବଂ ଛାତ୍ରୀଛାତ୍ରମାନଙ୍କର ସମ୍ମାନକୁ ସେ କେବେ ହେଲେ ଭୁଲିପାରିବେ ନାହିଁ ବୋଲି ସମ୍ବର୍ଦ୍ଧନାର ଉତ୍ତରରେ କହିଥିଲେ । ମାଛୁ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପ୍ରଧାନଶିକ୍ଷକ ପ୍ରମୋଦ ପ୍ରଧାନ ଅତିଥି ପରିଚୟ ପ୍ରଦାନ କରିଥିବା ବେଳ କିସିଣ୍ଡା ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ସହକାରୀ ଶିକ୍ଷକ ନିର୍ମଳ କୁମାର ସାହୁ ମାନପତ୍ର ପାଠ କରିଥିଲେ। ସହକାରୀ ଶିକ୍ଷକ ଧିରେନ କୁମାର ମାଟିଆରୀ ଧନ୍ୟବାଦ ଅର୍ପଣ କରିଥିଲେ।

## ଶ୍ରୀରାମ ବାଟିକା ନାମଯଜ୍ଞରେ ପୂର୍ଣ୍ଣାହୁତି

**ସାମିଲ ହେଲେ ୨ଶହ ଜଣ ସନ୍ଥ**

**ସମ୍ବଲପୁର, ୯।୩(ବି.ଶଙ୍କର)**

ଭକ୍ତିମୟ ପରିବେଶରେ ୨୪ ପ୍ରହର ନାମଯଜ୍ଞ ଓ ସନ୍ଥ ସେବା କାର୍ଯ୍ୟକ୍ରମ ରବିବାର ସମ୍ବଲପୁର ଜିଲା କେନଘାଟିସ୍ଥିତ ଶ୍ରୀରାମ ବାଟିକା ପରିସରରେ ସମ୍ପୂର୍ଣ୍ଣ ହୋଇଛି। ଏଥିରେ ରାଜ୍ୟ ଓ ରାଜ୍ୟ ବାହାରୁ ୨ଶହ ଜଣ ସନ୍ଥ ସାମିଲ ହୋଇଥିଲେ । ସନ୍ଥମାନଙ୍କ ଆଶୀର୍ବାଦ ନେବାକୁ ଭକ୍ତମାନଙ୍କ ସମାଗମ ହୋଇଥିଲା । ନଗର କୀର୍ତ୍ତନ ଓ ଦଧିଭଞ୍ଜନ କାର୍ଯ୍ୟକ୍ରମରେ ଚବିଶି ପ୍ରହର ନାମଯଜ୍ଞର ମୁଖ୍ୟ ପୁରୋଧା ଶତ୍ରୁଘ୍ନଲାଲ ସାହା ଓ ତାଙ୍କ ଧର୍ମପତ୍ନୀ, ପୁତ୍ର ସିଦ୍ଧାର୍ଥ ସାହା, ପୁତ୍ରବଧୂ ଦେବୀଦାନୀ ସାହା, ନାତୁଣୀ ଶ୍ରୁତି ସାହାଙ୍କ ସହ ଭକ୍ତମାନେ ସାମିଲ ହୋଇଥିଲେ। ଗତ ୫ ତାରିଖରୁ ଆରମ୍ଭ ହୋଇଥିବା ଏହି ଚବିଶ ପ୍ରହର ନାମଯଜ୍ଞ ରବିବାର ପୂର୍ଣ୍ଣାହୁତି ହୋଇଛି। ସୁସଜ୍ଜିତ ବିମାନରେ ରାଧାମାଧବଙ୍କ ପ୍ରତି ମୂର୍ତ୍ତି ରଖାଯାଇ ନଗର ପରିକ୍ରମା କରାଯାଇଥିଲା। ନାଗାବାବା, ସାଧୁ ମହାତ୍ମା, ପ୍ରୟାଗରାଜରୁ ଆସିଥିବା ବାବା ଖଡ଼େଶ୍ୱରୀ, ଛତରପୁର ମଧ୍ୟପ୍ରଦେଶର ମହନ୍ତ ରାଜେଶ୍ୱରୀ ବାବା, ମଣ୍ଡଳଶ୍ରୀ ମହନ୍ତ ରାମନାନା ପୁରୀ ମହାରାଜ, ଶିବପୁରୀ ମଧ୍ୟପ୍ରଦେଶର ମହନ୍ତ ରାଜେନ୍ଦ୍ର ପୁରୀ ମହାରାଜ, ଶ୍ରୀମହନ୍ତ ପୁରୀ ରଘୁପୁରୀଜୀ ମହାରାଜ, ରାଧେଶ୍ୱର ପୁରୀ ନାଗାବାବାଜୀ ମହାରାଜ ପ୍ରମୁଖ ଏହି ନଗର ପରିକ୍ରମାରେ ସାମିଲ ହୋଇଥିଲେ।


ସମ୍ବଲପୁର ଜିଲା କେନଘାଟିସ୍ଥିତ ଶ୍ରୀରାମ ବାଟିକା ପରିସରରେ ଅନୁଷ୍ଠିତ ନଗର କୀର୍ତ୍ତନ ଓ ଦଧିଭଞ୍ଜନ କାର୍ଯ୍ୟକ୍ରମରେ ଶ୍ରଦ୍ଧାଳୁ।

## ରାମଲୀଳା ମହୋତ୍ସବ ପାଇଁ ପୋଥି ପୂଜନ


ପୋଥିପୂଜନ କାର୍ଯ୍ୟକ୍ରମରେ ସାମିଲ ରାମଲୀଳା କଳାକାର।

**କୁଚିଣ୍ଡା, ୯।୩(ବିରଞ୍ଚି ଦର୍ଗା)**

ସମ୍ବଲପୁର ଜିଲା କୁଚିଣ୍ଡା ବ୍ଲକ କୁସୁମୀ ରାମଲୀଳା ପଡିଆରେ ରାମଲୀଳା ମହୋତ୍ସବ ପାଇଁ ରବିବାର ପୋଥି ପୂଜନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କୁସୁମୀର ପୁରାତନ ନାଟ୍ୟ କଳାକୁ ଉଜ୍ଜିବିତ କରିବା ଉଦ୍ଦେଶ୍ୟରେ କଳା ଓ କଳାକାର ସଂଘ ପକ୍ଷରୁ ଆସନ୍ତା ଏପ୍ରିଲ ୯ରୁ ୧୫ ପର୍ଯ୍ୟନ୍ତ ରାମଲୀଳା ମହୋତ୍ସବ ୭ଦିନ ଧରି ଅନୁଷ୍ଠିତ ହେବ। ଏଥିରେ ଦଶରଥଙ୍କ ପୁତ୍ରେଷ୍ଟି ଯଜ୍ଞଠାରୁ ରାବଣବଧ ପର୍ଯ୍ୟନ୍ତ ରାମାୟଣର ସାତଟି କାଣ୍ଡର ବିଷୟବସ୍ତୁ ଗୀତିନାଟ୍ୟ ମାଧ୍ୟମରେ ପ୍ରଦର୍ଶିତ ହେବ। ପୋଥିପୂଜନ ପରେ ସୋମବାରଠାରୁ ମାସେ ପର୍ଯ୍ୟନ୍ତ ୧୪୭ଜଣ କଳାକାରଙ୍କୁ ନେଇ ରିହର୍ସାଲ(ଆଖଡା) ହେବ। ପଣ୍ଡିତ ସତ୍ୟ ନାରାୟଣ ହୋତା ପୋଥିପୂଜନ କାର୍ଯ୍ୟ ତୁଲାଇଥିଲେ। ହେବାକୁଥିବା ରାମଲୀଳା ମହୋତ୍ସବ ପାଇଁ ଦୀପକ ସାହୁ ସଭାପତି, ମିତ୍ରଭାନୁ ନାୟକ ସମ୍ପାଦକ, ଲିଲିମ ନାୟକ କୋଷାଧ୍ୟକ୍ଷ ମନୋନୀତ ହୋଇଛନ୍ତି। ଚନ୍ଦ୍ରଭାନୁ ନାଏକ ନାଟ୍ୟ ନିର୍ଦ୍ଦେଶକ ଓ ଶ୍ରୀକାନ୍ତ ପଟେଲ ସହନିର୍ଦ୍ଦେଶକଭାବେ ରହିଛନ୍ତି। ରାମ ଭୂମିକାରେ ଶୋଭକାନ୍ତ ନାୟକ, ଲକ୍ଷ୍ମଣ ଭୂମିକାରେ ସୁବାସ ପଟେଲ, ରାବଣ ଭୂମିକାରେ ବିଭୂତି କଲ୍ୟାଣ ପଟେଲ ଓ ସୀତା ଭୂମିକାରେ ସୁଶ୍ରୀ ଆଲିଶା ମନୋହରୀଙ୍କୁ ଚୟନ କରାଯାଇଛି।

## ବିରୋଧୀ ଦଳର ଭୂମିକା ଦେଶବାସୀଙ୍କୁ ଦେଖାଇବ ଏଏପି

**ସମ୍ବଲପୁର, ୯।୩(ପ୍ରମୋଦ ବହିଦାର)**

ଦିଲ୍ଲୀ ବିଧାନସଭାରେ ବିରୋଧୀ ଦଳର ପ୍ରକୃତ ଭୂମିକା କ'ଣ ତାହା ଦେଶବାସୀଙ୍କୁ ଦେଖାଇବ ଆମ୍ ଆଦମୀ ପାର୍ଟି(ଏଏପି)। ସମ୍ବଲପୁର ଅଗ୍ରସେନ ଭବନରେ ରବିବାର ଅପରାହ୍ନରେ ରାଜ୍ୟ ଆବାହକ ନିଶିକାନ୍ତ ମହାପାତ୍ରଙ୍କ ଅଧକ୍ଷତାରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ଏହା କୁହାଯାଇଛି। ସେ କହିଛନ୍ତି, ଏଏପି ବିଗତ ୧୦ ବର୍ଷଧରି ଦିଲ୍ଲୀରେ ଶାସନ କରି ରାଜନୈତିକ କ୍ଷେତ୍ରରେ ଅନେକ ସଂସ୍କାର ଆଣିଥିଲା। ବର୍ତ୍ତମାନ ଦିଲ୍ଲୀ ଜନସାଧାରଣଙ୍କ ଇଛାରେ ବିଧାନସଭାରେ ବିରୋଧୀ ଦଳର ଭୂମିକା ଗ୍ରହଣ କରିଛି। ଆଗାମୀ ଦିନରେ ବିଧାନସଭାରେ ବିରୋଧୀ ଦଳର ଭୂମିକା କ'ଣ ହୋଇପାରେ ତାହା ଦେଶବାସୀ ବିଶେଷ କରି ଦିଲ୍ଲୀବାସୀ ଦେଖିବେ। ଏଥିରେ ଯୋଗଦେଇ ଦଳର ସାଙ୍ଗଠନିକ ସମ୍ପାଦକ ଭାରତ ଚନ୍ଦ୍ର ଦାସ, କଲ୍ୟାଣ ଆନନ୍ଦ, ଜନ୍ମେଞ୍ଜୟ ସ୍ୱାଇଁ ଓ ଶ୍ରୀକାନ୍ତ ପାଣି ଦଳୀୟ ସଙ୍ଗଠନକୁ ମଜଭୁତ କରିବା ପାଇଁ କର୍ମୀ ଓ କର୍ମକର୍ତ୍ତାମାନଙ୍କୁ ପରାମର୍ଶ ଦେଇଥିଲେ। ରାଜ୍ୟର ୩୦ ଜିଲା ଓ ୫ଟି ମହାନଗରରୁ ବହୁ ସଂଖ୍ୟାରେ ଏଏପି ପ୍ରତିନିଧି ଏହି ସମ୍ମିଳନୀରେ ଯୋଗ ଦେଇଥିଲେ। ବିଭିନ୍ନ ଜିଲାର ପ୍ରତିନିଧିମାନେ ସେମାନଙ୍କ ଅଞ୍ଚଳରେ ଚାଲିଥିବା କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ଦେଇଥିଲେ। କାର୍ଯ୍ୟକ୍ରମକୁ ସାଙ୍ଗଠନିକ ସମ୍ପାଦକ ଭବାନୀ ସାହୁ ପରିଚାଳନା କରିଥିଲେ।

ଅପରାହ୍ନ ଅଧିବେଶନ ଓ ଖବରଦାତା ସମ୍ମିଳନୀ ପରେ ସନ୍ଧ୍ୟା ୫ଟାରେ ଆବାହକ ମହାପାତ୍ର ସମ୍ବଲପୁର ବୁଦ୍ଧିଜୀବୀମାନଙ୍କ ନେଇ ଏକ ବୈଠକରେ ବିକଳ୍ପ ରାଜନୀତିକୁ ନେଇ ଆଲୋଚନା କରିଥିଲେ। ରାଜ୍ୟସ୍ତରୀୟ ସମ୍ମିଳନୀରେ ଜିଲା ଆବାହକ ଲାଲ୍‌ମଣି ଲୁଗୁନ, ସମ୍ପାଦକ ପ୍ରଶାନ୍ତ ମହାରଣା, ବୀରେନ୍ଦ୍ର କୁମାର ପାଣିଗ୍ରାହୀ, ସୀତାକାନ୍ତ ରୋହିଦାସ ପ୍ରମୁଖ ଉପସ୍ଥିତ ଥିଲେ।

## ୬୬୨ ବର୍ଗ ପିଏଚ୍‌ଡି ଅଧାପିକାଅଧାପକ ସଂଘ ବୈଠକ

**ସମ୍ବଲପୁର, ୯।୩(ପ୍ରମୋଦ ବହିଦାର)**

ସମ୍ବଲପୁର ସମଲେଶ୍ୱରୀଙ୍କ ମନ୍ଦିର ପରିସରରେ ରବିବାର ୬୬୨ବର୍ଗ ପିଏଚ୍‌ଡି ଅଧାପିକା ଅଧାପକ ସଂଘର ରାଜ୍ୟସ୍ତରୀୟ ସାଧାରଣ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ୬୬୨ ବର୍ଗ ପିଏଚ୍‌ଡି ଅଧାପିକା ଓ ଅଧାପକଙ୍କ କ୍ଷେତ୍ରରେ ଚାକିରି ସର୍ତ୍ତାବଳୀ ସହିତ ଇନ୍‌କ୍ରିମେଣ୍ଟ, ପଦୋନ୍ନତି ଆଦିକୁ ତୁରନ୍ତ ଲାଗୁ କରିବା ପାଇଁ ସରକାରଙ୍କ ନିକଟରେ ପୁନର୍ବାର ଦାବି କରିବାକୁ ନିଷ୍ପତ୍ତି ନିଆଯାଇଛି। ସଂଘ ପକ୍ଷରୁ କୁହାଯାଇଛି ଯେ, ପିଏଚ୍‌ଡି ଅଧାପିକା, ଅଧାପକମାନେ ଚାକରି କ୍ଷେତ୍ରରେ ଦୀର୍ଘଦିନରୁ ଉକ୍ତ ସୁବିଧା ସୁଯୋଗ ଆଦିରୁ ବଞ୍ଚିତ ହୋଇ ଆସିଛନ୍ତି। ଏନେଇ ପୂର୍ବରୁ ବିଭିନ୍ନ ସମୟରେ ସରକାରଙ୍କ ନିକଟରେ ଦାବି ଉପସ୍ଥାପନ କରାଯାଇଥିଲେ ହେଁ କୌଣସି ସୁଫଳ ମିଳି ପାରିନାହିଁ। ତେଣୁ ବୈଠକରେ ଉକ୍ତ ପ୍ରସଙ୍ଗରେ ଅଲୋଚନା ହୋଇଥିଲା। ଏହି ଅବସରରେ ସର୍ବସମ୍ମତିକ୍ରମେ ଡ. ଧନଞ୍ଜୟ ସେଠଙ୍କୁ ସଂଘର ରାଜ୍ୟ ସଭାପତି ଚୟନ କରାଯାଇଥିଲା। ବୈଠକରେ ଡ. ସୁରେଶ ପାଣ୍ଡେ, ଡ. ସରୋଜ କୁମାର ଦେବତା, ଡ. ମନୋଜ ପ୍ରସାଦ ପାଣିଗ୍ରାହୀ, ଡ. ତୃପ୍ତି ମିଶ୍ର, ଡ. ପ୍ରୀତିଧାରା ପରିଜା, ଡ. ବିନୀତା ମହାପାତ୍ର, ଡ. ଅଜିତ କୁମାର ଭୋଇ, ଡ. ସୁଧାଂଶୁ ପଟ୍ଟନାୟକ, ଡ. ସରୋଜ କୁମାର ପଣ୍ଡା, ଡ. ସତ୍ୟନାରାୟଣ ଠାକୁର, ଡ. ସ୍ୱୟଂ ପ୍ରକାଶ ପଣ୍ଡା, ଡ. ଜୟନାରାୟଣ ମେଣ୍ଡେଲୀ ପ୍ରମୁଖ ପିଏଚ୍‌ଡି ଅଧାପିକା ଅଧାପକ ଉପସ୍ଥିତ ଥିଲେ। ଡ. ଗୋବିନ୍ଦ ମହାରଣା ଧନ୍ୟବାଦ ଅର୍ପଣ କରିଥିଲେ।

# ଉପଯୁକ୍ତ ତଦନ୍ତ ଦାବିକଲେ ଗ୍ରାମବାସୀ

**କୁଚିଣ୍ଡା, ୯।୩(ବିରଞ୍ଚି ଦର୍ଗା)**


ଥାନାକୁ ଦାବିପତ୍ର ଦେବାପାଇଁ ଆସିଥିବା କୁଇଲାରୀଯୋର ଗ୍ରାମର ମହିଳାପୁରୁଷ।

**ଗଜେନ୍ଦ୍ର କିଷାନ ହତ୍ୟା ଘଟଣା**

**ସ୍ତ୍ରୀଙ୍କ ସହ ଅନ୍ୟଙ୍କ ସମ୍ପୃକ୍ତି ଅଭିଯୋଗ ଆଣିଲେ**

ସମ୍ବଲପୁର ଜିଲା କୁଚିଣ୍ଡା ଥାନା କୁଇଲାରୀଯୋର ଗ୍ରାମର ଗଜେନ୍ଦ୍ର କିଷାନଙ୍କୁ ତାଙ୍କ ସ୍ତ୍ରୀ ହତ୍ୟା କରିଥିବା ପୋଲିସ ଆଗରେ ସ୍ୱୀକାର କରିଥିଲେ। ଏହାକୁ ଗ୍ରାମବାସୀ ସହଜରେ ଗ୍ରହଣ କରି ପାରୁନାହାନ୍ତି। କାରଣ ଜଣେ ସୁସ୍ଥ ସବଳ ଯୁବକଙ୍କୁ ଏକାକୀ ତାଙ୍କ ସ୍ତ୍ରୀ ହତ୍ୟା କରିବା ଅସମ୍ଭବ ବୋଲି ଦର୍ଶାଇ ହତ୍ୟାକାଣ୍ଡରେ ନିଶ୍ଚିତ ଅନ୍ୟ ଲୋକଙ୍କ ସମ୍ପୃକ୍ତି ଥିବା ଅଭିଯୋଗ କରିଛନ୍ତି। କୁଇଲାରୀଯୋର ଗ୍ରାମର ଉତ୍କଳ ଆଞ୍ଚଳିକ ମଞ୍ଚର ମହିଳାଙ୍କ ସମେତ ଗ୍ରାମବାସୀ ରବିବାର କୁଚିଣ୍ଡା ଥାନାକୁ ଆସି ଉପଯୁକ୍ତ ତଦନ୍ତ କରି ଏଥିରେ ସମ୍ପୃକ୍ତ ଅନ୍ୟମାନଙ୍କୁ ତୁରନ୍ତ ଗିରଫ କରିବାକୁ ଲିଖିତ ଦାବି ଜଣାଇଛନ୍ତି।

କୁଇଲାରୀଯୋର ଗ୍ରାମର ଉତ୍କଳ ଆଞ୍ଚଳିକ ମହିଳା ମଞ୍ଚ ସଭାନେତ୍ରୀ ମନ୍ଦାକିନୀ କିଷାନ, ସମ୍ପାଦିକା ପଙ୍କଜିନୀ କିଷାନ, ୱାର୍ଡସଭ୍ୟ ଅରକ୍ଷିତ କିଷାନ, ମନସା ବାର୍ଲା, ପୂର୍ଣ୍ୟବତୀ କିଷାନ, ଜୈମିନୀ ବାଘ, ନିଦ୍ରାବତୀ କିଷାନ, ସଙ୍ଗୀତା କାଣ୍ଡୁଲାନା, ସୁମିତ୍ରା ବାଘଙ୍କ ସମେତ ୫୦/୬୦ଗ୍ରାମବାସୀ ହତ୍ୟାରେ ସ୍ତ୍ରୀଙ୍କ ସହ ଅନ୍ୟ ଲୋକଙ୍କ ସମ୍ପୃକ୍ତି ଥିବା ଦାବିକରି କୁଚିଣ୍ଡା ଥାନାକୁ ଆସି ଲିଖିତ ଜଣାଇଛନ୍ତି। ଏସମ୍ପର୍କରେ କୁଚିଣ୍ଡା ଆଇଆଇସି ବାମଦେବ ଶଙ୍ଖୁଆଳଙ୍କୁ ପଚାରିବାରେ ପାରିପାର୍ଶ୍ୱିକ ସ୍ଥିତି, ସ୍ତ୍ରୀଙ୍କ ସ୍ୱିକାରୋକ୍ତି, ସାଇଣ୍ଟିଫିକ ଟିମର ତଦନ୍ତ ଏବଂ ପରିବାରର ବୟାନ ଆଧାରରେ ତଦନ୍ତ ହୋଇ ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି।ଯଦି ଅନ୍ୟ ଲୋକଙ୍କ ସଂପୃକ୍ତି ଅଛି ତେବେ ତାଙ୍କ ନାମ କହିଲେ ସେ ଦିଗପ୍ରତି ତଦନ୍ତ କରିବାକୁ କହିଛନ୍ତି।

ସୂଚନା ଅନୁସାରେ ଶିରିଡି ପଞ୍ଚାୟତ କୁଇଲାରୀଯୋର ଗ୍ରାମର ଗଜେନ୍ଦ୍ର କିଷାନ(୩୫) ନିଶାସେବନ କରି ସ୍ତ୍ରୀ ଯଶୋଦାଙ୍କୁ ମାରପିଟ କରୁଥିଲେ। ଗଜେନ୍ଦ୍ର ତାମିଲନାଡୁରେ ଶ୍ରମିକ କାମ କରୁଥିଲେ। ଗ୍ରାମରେ ଏକ ବିବାହ ଉତ୍ସବରେ ଯୋଗଦେବାକୁ ସେ ଗତ ୧ତାରିଖ ଗାଁକୁ ଆସିଥିଲେ। ୨ତାରିଖ ରାତିରେ ଗଜେନ୍ଦ୍ରଙ୍କୁ କୌଣସି ଧାରୁଆ ଅସ୍ତ୍ରରେ ଅତି ବିଭତ୍ସ ଭାବେ ହତ୍ୟା କରାଯାଇଥିଲା। ୩ତାରିଖ ସକାଳେ ଗଜେନ୍ଦ୍ରଙ୍କ ରକ୍ତ ଜୁଡୁବୁଡୁ ମୃତଦେହ ବିଛଣାରେ ପଡିଥିବା ତାଙ୍କ ବଡଭାଇ ଦେଖି କୁଚିଣ୍ଡା ଥାନାରେ ଲିଖିତ ଜଣାଇଥିଲେ। ପୋଲିସ ଗଜେନ୍ଦ୍ରଙ୍କ ସ୍ତ୍ରୀ ଯଶୋଦା (୩୧)ଙ୍କ ଉପରେ ସନ୍ଦେହକରି ଥାନାକୁ ଆଣି ପଚରାଉଚରା କରିଥିଲା। ମାତ୍ର ମଦ୍ୟପ ସ୍ୱାମୀଙ୍କ ନିର୍ଯାତନା ସହି ନ ପାରି ତାଙ୍କୁ କୁରାଢିରେ ହାଣି ହତ୍ୟା କରିଥିବା ପୋଲିସକୁ କହିଥିଲେ। ପୋଲିସ ହତ୍ୟା ମାମଲା (ନଂ.୬୩/୨୫)ରୁଜୁ କରି ଯଶୋଦାଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ଜାମିନ ନାମଞ୍ଜୁର ହୋଇ ସେ ଏବେ ଜେଲ ହାଜତରେ ଅଛନ୍ତି।

## ଅନ୍ତର୍ଜାତୀୟ ମହିଳା ଦିବସ ପାଳିତ

କଣ୍ଟାବାଞ୍ଜି,(ଗୁରୁଦୟାଲହଂସ): କଣ୍ଟାବାଞ୍ଜିତାଲୁକଆଇନସହାୟତାକମିଟିଦ୍ୱାରାସ୍ଥାନୀୟମହିଳାଡିଗ୍ରୀମହାବିଦ୍ୟାଳୟରେଅନ୍ତର୍ଜାତୀୟମହିଳାଦିବସପାଳିତହୋଇଯାଇଛି। କଣ୍ଟାବାଞ୍ଜି ସିଭିଲ କୋର୍ଟ ଅତିରିକ୍ତ ଜିଲା ଦୌରାଜଜ୍ ତଥା କମିଟିର ଚେୟାରମ୍ୟାନ ରାଜେଶ କୁମାର ନାୟାର ଅଧକ୍ଷତା କରିଥିଲେ। ସମ୍ମାନିତ ଅତିଥି ଭାବେ ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ ରାହୁଲ କୁମାର ଜେନା, ମହାବିଦ୍ୟାଳୟ ଅଧକ୍ଷ ରାଜେନ୍ଦ୍ର କୁମାର ପୁରୋହିତ, ଅଧାପକ ଜିତେନ୍ଦ୍ର ସୁନା ମଞ୍ଚାସୀନ ଥିଲେ। ଏହି ଦିବସ ପାଳନ ଅବସରରେ ମହିଳାମାନଙ୍କ ପାଇଁ ଥିବା ବିଭିନ୍ନ ଆଇନ ଏବଂ ଅଧିକାର ଉପରେ ସଚେତନ କରାଯାଇଥିଲା। ଶେଷରେ ଅଧାପକ ସୋମନାଥ ମେହେର ଧନ୍ୟବାଦ ଦେଇଥିଲେ।

## ଅନ୍ତର୍ଜାତୀୟ ମହିଳା ଦିବସ ପାଳିତ

ସଇଁତଲା, ୯।୩(ରାଖାଲ ପ୍ରସାଦ ଶତପଥୀ)

ସଇଁତଲା ବ୍ଲକ ଭଦ୍ରା ଗ୍ରାମ ପଞ୍ଚାୟତ ଅନ୍ତର୍ଗତ ବରାହମାଲ ଗ୍ରାମଠାରେ ତାଲୁକ ଆଇନ ସେବା କମିଟି ଆନୁକୂଲ୍ୟରେ ଅନ୍ତର୍ଜାତୀୟ ମହିଳା ଦିବସ ପାଳିତ ହୋଇଯାଇଛି । ଓକିଲ ସଂଘ ସଭାପତି ସୁବୋଧ କୁମାର ମିଶ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ସଇଁତଲା ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ବିଚାରପତି ଭାଗ୍ୟଶ୍ରୀ ପତି ମୁଖ୍ୟଅତିଥି, ଆଇନଜୀବୀ ଦେବରାଜ ପଣ୍ଡା, ବ୍ଲକ ଉପାଧ୍ୟକ୍ଷ ଗୁଣସାଗର ମାଝୀ, ସରପଞ୍ଚ ରାଜେନ୍ଦ୍ର ଜାନୀ ସମ୍ମାନିତ ଅତିଥି ଭାବରେ ଯୋଗ ଦେଇଥିଲେ । ସମ୍ବିଧାନ ଆଗରେ ମହିଳା ପୁରୁଷ ଗୋଟିଏ ମୁଦ୍ରାର ଦୁଇଟି ପାର୍ଶ୍ୱ । ମହିଳାଙ୍କ ବିନା ସମାଜର ଉନ୍ନତି ଅସମ୍ଭବ ବୋଲି ଅତିଥିମାନେ ମତ ରଖିଥିଲେ । ଯୁବରାଜ ରଣା ମଞ୍ଚ ପରିଚାଳନା କରିଥିବା ବେଳେ ଜ୍ୟୋତ୍ସ୍ନାରାଣୀ ବାଗ ଧନ୍ୟବାଦ ଅର୍ପଣ କରିଥିଲେ ।

# ୬୭୨୬ ମକଦ୍ଦମା ଫଇସଲା

### ବଲାଙ୍ଗୀରରେ ପ୍ରଥମ ରାଷ୍ଟ୍ରୀୟ ଲୋକ ଅଦାଲତ

ବଲାଙ୍ଗୀର, ୯।୩(ବୀରେନ୍ଦ୍ର କୁମାର ଝାଙ୍କର)

ବଲାଙ୍ଗୀର ଜିଲା ନ୍ୟାୟାଳୟ ଓ ତାଲୁକ ସ୍ତରର ଚଳିତବର୍ଷର ପ୍ରଥମ ରାଷ୍ଟ୍ରୀୟ ଲୋକ ଅଦାଲତ ଶନିବାର ଅନୁଷ୍ଠିତ ହୋଇଥିଲା। ଜିଲା କୋର୍ଟ ପରିସରରେ ଆୟୋଜିତ ଏହି ଲୋକ ଅଦାଲତରେ ଜିଲା ନ୍ୟାୟାଧୀଶ ଡ. ପବିତ୍ର ମୋହନ ସାମଲ, ବିମଳ କୁମାର ଚାନ୍ଦ, ଚେୟାରମ୍ୟାନ, ଅନ୍ୟ ଜଜ୍, ଜିଲା ବାର ଆସୋସିଏଶନର ଓକିଲମାନେ ଉପସ୍ଥିତ ଥିଲେ। ଲୋକ ଅଦାଲତରେ ଜିଲାର ବିଭିନ୍ନ ରାଜସ୍ୱ ଅଧିକାରୀ, ଜାତୀୟକରଣ ବ୍ୟାଙ୍କ, ଜନସ୍ୱାସ୍ଥ୍ୟ ବିଭାଗ, ବିଦ୍ୟୁତ ବିଭାଗ, ବିଏସଏନ୍ଏଲ ଏବଂ ଅନ୍ୟ ବିଭାଗର କର୍ମଚାରୀ ଉପସ୍ଥିତ ଥିଲେ। ପ୍ରାଧିକରଣ ଅଧ୍ୟକ୍ଷ ଡ. ସାମଲଙ୍କ ନିର୍ଦ୍ଦେଶରେ ବଲାଙ୍ଗୀର ଜିଲା ସ୍ୱାସ୍ଥ୍ୟ ବିଭାଗ ସହଯୋଗରେ ଡା. ନନ୍ଦ କିଶୋର ପାଢ଼ୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ସହରାଞ୍ଚଳ ସ୍ୱାସ୍ଥ୍ୟକେନ୍ଦ୍ର କର୍ମଚାରୀ, ଆଶା କର୍ମୀଙ୍କ



ରାଷ୍ଟ୍ରୀୟ ଲୋକ ଅଦାଲତରେ ଉପସ୍ଥିତ ଜିଲା ନ୍ୟାୟାଳୟର ଜିଲା ଜଜ୍ ଓ ଅନ୍ୟ ଜଜ୍‌ମାନେ।

ମାଧ୍ୟମରେ ଲୋକଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଥିଲା। ଜିଲା କାରାଗାର ଅନ୍ତେବାସୀଙ୍କର ଉତ୍ସାହ ବୃଦ୍ଧି କରିବା ପାଇଁ ସେମାନଙ୍କ ଦ୍ୱାରା ତିଆରି କରାଯାଇଥିବା ବିଭିନ୍ନ ହସ୍ତତନ୍ତ ବସ୍ତ୍ରଗୁଡ଼ିକର ବିକ୍ରି କରାଯାଇଥିଲା। ଏହାସହିତ ଅଂଶୁଘାତରୁ ରକ୍ଷା ପାଇବା ପାଇଁ ସଚେତନତା ଶିବିର ଖୋଲା ଯାଇଥିବା ସୂଚନା ଦିଆଯାଇଛି।

ଏହି ରାଷ୍ଟ୍ରୀୟ ଲୋକ ଅଦାଲତରେ ୨୯ଟି ଦେୱାନୀ ମକଦ୍ଦମା ଫଇସଲା ହୋଇଥିଲା। ୧୭ଟି ବ୍ୟାଙ୍କ ମକଦ୍ଦମାର ସମାଧାନ କରାଯାଇ ୭୮ ଲକ୍ଷ ୯୬ ହଜାର ୫୦୨ ଟଙ୍କା, ୨୨ଟି ମୋଟର ଦୁର୍ଘଟଣାଜନିତ ମାମଲାର ଫଇସଲା କରାଯାଇ ମୋଟ ୧ କୋଟି ୨୮ ଲକ୍ଷ ୩୯ ହଜାର ଟଙ୍କା କ୍ଷତିପୂରଣ ଦେବା ପାଇଁ ଆଦେଶ ଦିଆଯାଇଥିବା ସୂଚନା ଦିଆଯାଇଛି। ୪୯୫ଟି ଫୌଜଦାରୀ ମକଦ୍ଦମା ଫଇସଲା କରାଯାଇ ୨୪ ଲକ୍ଷ ୫୬ ହଜାର ୨୪୯ ଟଙ୍କା ଏବଂ ୫ ଟି ପାରିବାରିକ ମାମଲା ଫଇସଲା ହୋଇଥିବା ଜଣାପଡ଼ିଛି। ଏହାସହିତ ଏଠାରେ ୫୪୭୭ଟି ରାଜସ୍ୱ ମାମଲାର ବିଚାର କରାଯାଇଥିଲା। ୬୮୧ଟି ପ୍ରାକ୍ ମକଦ୍ଦମାର ଫଇସଲା ହୋଇଥିଲା। ମୋଟ ୬୭୨୬ଟି ମକଦ୍ଦମା ଫଇସଲା ହୋଇଥିଲା। ଲୋକ ଅଦାଲତକୁ ଜିଲା ଆଇନ ସେବା ପ୍ରାଧିକରଣ ସଚିବ ପବିତ୍ରାନନ୍ଦ ପ୍ରଧାନ ପରିଚାଳନା କରିଥିଲେ। ଆଇନଶୃଙ୍ଖଳା ରକ୍ଷା କରିବାରେ ଜିଲା ପୋଲିସ ପ୍ରଶାସନ ସହଯୋଗ କରିଥିଲା।

## ଖୁରିପାଣି ପ୍ରକଳ୍ପ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକୋତ୍ସବ



ବାର୍ଷିକ ଉତ୍ସବ ଅବସରରେ ଅତିଥି ଓ କୃତୀ ପ୍ରତିଯୋଗୀ।

ଖପ୍ରାଖୋଲ, ୯।୩(ଅଭୟ ତ୍ରିପାଠୀ)

ଖପ୍ରାଖୋଲ ବ୍ଲକ ରେଙ୍ଗାଲି ପଞ୍ଚାୟତ ଖୁରିପାଣି ପ୍ରକଳ୍ପ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ ପ୍ରଧାନଶିକ୍ଷକ ତୀର୍ଥ ଧରୁଆଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ରେଙ୍ଗାଲି ସରପଞ୍ଚ ଉମାକାନ୍ତ ମେହେର, ମୁଖ୍ୟବକ୍ତା ଭାବେ ସହକାରୀ ଗୋଷ୍ଠୀ ଶିକ୍ଷା ଅଧିକାରୀ ରୁଦ୍ରଦେବ ଷଡଙ୍ଗୀ, ସମ୍ମାନିତ ଅତିଥି ଭାବେ ପ୍ରଫୁଲ୍ଲ ବିଶି, ଗୋଲାପ ବିଶି, ବୃନ୍ଦାବନ ଧରୁଆ ଯୋଗଦେଇ ପ୍ରାଥମିକ ଶିକ୍ଷା ହିଁ ଶିକ୍ଷାର ମୂଳଦୁଆ ବୋଲି ମତବ୍ୟକ୍ତ କରିଥିଲେ। ଏହି ଅବସରରେ ବିଭିନ୍ନ ପ୍ରତିଯୋଗିତାର କୃତି ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଶେଷରେ ଛାତ୍ରୀଛାତ୍ରମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ବିଦ୍ୟାଳୟ ର ଶିକ୍ଷୟିତ୍ରୀଶିକ୍ଷକ, ଛାତ୍ରୀଛାତ୍ର, ବିଦ୍ୟାଳୟ ପରିଚାଳନା ସଭାପତି, ସଭ୍ୟାସଭ୍ୟ, ଅଭିଭାବକ ଉପସ୍ଥିତ ଥିଲେ। ଶିକ୍ଷକ ବିନୋଦ ଛୁରା ମଞ୍ଚ ପରିଚାଳନା କରିଥିବା ବେଳେ ଶିକ୍ଷକ ଶଶୀକାନ୍ତ ଦଳେଇ ଧନ୍ୟବାଦ ଅର୍ପଣ କରିଥିଲେ।

## ଚିକିତ୍ସାଳୟ, ଫାର୍ମ ବୁଲି ଜ୍ଞାନ ଆହରଣ କଲେ ପ୍ରଶିକ୍ଷାର୍ଥୀ ପ୍ରାଣୀମିତ୍ର

ଲୋଇସିଂହା, ୯।୩(ସୁଶାନ୍ତ ବାରିକ)

ବଲାଙ୍ଗୀରସ୍ଥିତ ପ୍ରାଣୀଧନ ନିରୀକ୍ଷଣ ପ୍ରଶିକ୍ଷଣ କେନ୍ଦ୍ରରେ ତାଲିମ ନେଉଥିବା ୨୫ଜଣ ପ୍ରାଣୀମିତ୍ର ଲୋଇସିଂହା ବ୍ଲକର ବିଭିନ୍ନ ଫାର୍ମ ଓ ପ୍ରାଣୀ ଚିକିତ୍ସାଳୟ ପରିଦର୍ଶନ କରି ଜ୍ଞାନ ଆହରଣ କରିଛନ୍ତି। ପ୍ରଶିକ୍ଷଣ କେନ୍ଦ୍ରର ଡ.ରାଜା ଉଦୟନାଥ ଭାନୁ ଓ ଡ.ଋଷଭ ମେହେରଙ୍କ ନେତୃତ୍ୱରେ ୨୫ ଜଣ ପ୍ରାଣୀମିତ୍ର କ୍ଷେତ୍ର ପରିଦର୍ଶନ କରିଥିଲେ। ପ୍ରଥମେ ଲୋଇସିଂହା ବ୍ଲକ ହୀରାପୁର ପ୍ରାଣୀଧନ ସହାୟକ କେନ୍ଦ୍ର ପରିଦର୍ଶନ କରିବା ସହିତ ଗୋପାଳପୁର ଗ୍ରାମରେ ଗାଈଗୋରୁ ଚିକିତ୍ସା କରିଥିଲେ । ସେଠାରୁ ଲୋଇସିଂହା ପ୍ରାଣୀ ଚିକିତ୍ସାଳୟକୁ ଯାଇଥିବା ବେଳେ ସେମାନଙ୍କୁ ଗୋଷ୍ଠୀ ପ୍ରାଣୀ ଚିକିତ୍ସକ ଡ.ସଂଗ୍ରାମ ସିଂ ନାୟକ ଓ ଡ. ଅର୍ପିତା ନାୟକ ଚିକିତ୍ସାଳୟ ବୁଲାଇ ଦେଖାଇଥିଲେ। ଏଠାରେ ଡ. ସେଠ କୃତ୍ରିମ ପ୍ରଜନନ ଓ ଡ.ନାୟକ ଶଲ୍ୟ ଚିକିତ୍ସା ବିଷୟରେ ଡା. ଦେବାଶିଷ ପଟେଲ, ଡ.ଶୁଭ୍ରାବତ ଦାସ ପ୍ରମୁଖ ପ୍ରାଣୀମିତ୍ରଙ୍କୁ ଜ୍ଞାନ ବଣ୍ଟନ କରିଥିଲେ। ପରେ ପିପିର୍ଡ଼ାସ୍ଥିତ ଏକ ଗାଈ ଫାର୍ମ ପରିଦର୍ଶନ କରି ଘାସଚାଷ ଓ ଆଶୁ ଚିକିତ୍ସା ଉପରେ ଜ୍ଞାନ ଆହରଣ କରିଥିଲେ। ଏହାଛଡ଼ା ପ୍ରାଣୀ ଚିକିତ୍ସକ ଡ.ମୋନାଲି ଦାସ, ଡ.ସୁଧାଂଶୁ ନାୟକ ପ୍ରାଣୀମିତ୍ରଙ୍କୁ ଟିକାକରଣ ଓ ଆଶୁ ଚିକିତ୍ସା ବିଷୟରେ ପରାମର୍ଶ ଦେଇଥିଲେ। ଏସବୁ କାର୍ଯ୍ୟକ୍ରମ ସେଠାକାର ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀ ଓ ପ୍ରଶିକ୍ଷାର୍ଥୀ ପ୍ରାଣୀମିତ୍ରଙ୍କ ପାଇଁ ଏକ ନୂତନ ଅନୁଭୂତି ରହିଥିଲା। ଏହି ଶିବିରରେ ୧ଶହ ଗାଈଗୋରୁଙ୍କୁ ଟିକା ଦିଆଯିବା ସହିତ ୬୨ ଗୋରୁକୁ ଭିଟାମିନ ପ୍ରଦାନ କରାଯାଇଥିଲା।




ଲୋଇସିଂହା ଗୋଷ୍ଠୀ ପ୍ରାଣୀ ଚିକିତ୍ସାଳୟରେ ପ୍ରଶିକ୍ଷାର୍ଥୀ ପ୍ରାଣୀମିତ୍ର।

## ଇସ୍ପାତ ଓ ଦୁର୍ଗ-ପୁରୀ ଏକ୍ସପ୍ରେସ୍ ରହଣି ନ ହେଲେ ଆନ୍ଦୋଳନ



ବୈଠକରେ ଗ୍ରାମ୍ୟ ଉନ୍ନୟନ କମିଟି ଓ ଯୁଥ ଏକ୍ସନ କମିଟିର ସଦସ୍ୟ।

ଦେଓଗାଁ, ୯।୩ (କୃଷ୍ଣ ପ୍ରସାଦ ପାଣିଗ୍ରାହୀ)

ବଲାଙ୍ଗୀର ଜିଲା ଦେଓଗାଁ ରୋଡସ୍ଥିତ ରେଳ ଷ୍ଟେଶନରେ ରେଳ ବିଭାଗ ପକ୍ଷରୁ ସମ୍ବଲପୁର- ରାୟଗଡା ତପସ୍ୱିନୀ ଦ୍ରୁତଗାମୀ ଟ୍ରେନ ରହଣିକୁ ଅନୁମତି ମିଳିଛି । ଏହା ଜଣାପଡ଼ିବା ପରେ ବିଭିନ୍ନ ମହଲରେ କ୍ଷୋଭ ପ୍ରକାଶ ପାଇଛି । ଏନେଇ ଦେଓଗାଁ ଦୁର୍ଗାମଣ୍ଡପ ଛକଠାରେ ବରିଷ୍ଠ ନାଗରିକ ଗୋପାଳ ଅଗ୍ରୱାଲଙ୍କ ସଭାପତିତ୍ୱରେ ତଥା ଯୁଥ ଏକ୍ସନ କମିଟିର ପ୍ରଭାତ କୁମାର ମହାନନ୍ଦଙ୍କ ସଂଯୋଜନାରେ ଏକ ଜରୁରୀ ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଦେଓଗାଁ ଗ୍ରାମ୍ୟ ଉନ୍ନୟନ କମିଟିର ସଭାପତି ବିଶ୍ୱଜିତ ପାତ୍ର, ସମ୍ପାଦକ କୃଷ୍ଣ ପ୍ରସାଦ ପାଣିଗ୍ରାହୀ, ଉପଦେଷ୍ଟା ଡା. ଶଶିଭୂଷଣ ସାହୁ, ବଣିକ ସଂଘର ବାବୁଲାଲ ଅଗ୍ରୱାଲ,ବସନ୍ତ ଅଗ୍ରୱାଲ, ମୋହନ ଅଗ୍ରୱାଲ,ରାଜ କୁମାର ବାରିକ , ଜିତୁ ପୋଢ଼, ରଶ୍ମିରଞ୍ଜନ ସାହୁ ,ସୁନ୍ଦର ସାହୁ ପ୍ରମୁଖ ଯୋଗଦେଇ ରେଳ ବିଭାଗ ପକ୍ଷରୁ ରହଣି ଅନୁମତି ମିଳିଥିବା ତପସ୍ୱିନୀ ଟ୍ରେନ ଅଞ୍ଚଳବାସୀଙ୍କ ପାଇଁ ଏକ ଲଲିପପ୍ ସଦୃଶ ବୋଲି ମତପ୍ରକାଶ କରିଥିଲେ । ଅଞ୍ଚଳର ଲୋକଙ୍କ ବୃହତ୍ ସ୍ୱାର୍ଥକୁ ନଜରରେ ରଖି ଇସ୍ପାତ ଓ ଦୁର୍ଗ-ପୁରୀ ଏକ୍ସପ୍ରେସ ରହଣି ପାଇଁ ଆଜକୁ ପ୍ରାୟ ୨୫ ବର୍ଷ ହେଲା ବିଭିନ୍ନ ସମୟରେ ଆନ୍ଦୋଳନ କରାଯାଇଆସୁଛି । ତେବେ ବାରମ୍ବାର ଦାବି ପରେ ବିଭାଗୀୟ ପତ୍ର ୧୮୩୦୧/୧୮୩୦୨ ଅନୁସାରେ ସମ୍ବଲପୁର-ରାୟଗଡା ଏକ୍ସପ୍ରେସ ଦେଓଗାଁ ରୋଡ ଷ୍ଟେଶନଠାରେ ରହଣି ହେବା ପାଇଁ ଗତ ୭ ତାରିଖ ଦିନ ଅନୁମତି ମିଳିଛି ।ଏହି ଟ୍ରେନ ପାଇଁ ଷ୍ଟେଶନରେ ଆବଶ୍ୟକ ଟିକେଟ ବିକ୍ରି ହୋଇପାରିବା ନେଇ ମଧ୍ୟ ଏବେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି । ଦେଓଗାଁ ରେଳ ଷ୍ଟେଶନ ଉପରେ ଦେଓଗାଁ ସମେତ ତୁଷୁରା ବିଜ୍ଞାପିତ ଅଞ୍ଚଳ ତଥା ଗୁଡଭେଲା, ସଇଁତଲା ଓ ସଦର ବ୍ଲକର କେତେକାଂଶ ଗାଁର ଲୋକ ନିର୍ଭରଶୀଳ । ଏଣୁ ଏହି ଷ୍ଟେଶନରେ ଇସ୍ପାତ ଅଥବା ଦୁର୍ଗ-ପୁରୀ ଦ୍ରୁତଗାମୀ ଟ୍ରେନ ରହିଲେ ଦେଓଗାଁ ବ୍ଲକ ସମେତ ଗୁଡଭେଲା ଓ ସଦର ବ୍ଲକର ଅଧିବାସୀ ବେଶ ଉପକୃତ ହୋଇପାରିବେବୋଲି ସ୍ଥାନୀୟ ଗ୍ରାମ୍ୟ ଉନ୍ନୟନ କମିଟି ଓ ଯୁଥ ଏକ୍ସନ କମିଟି ଦାବୀ କରିଛି । ଏଣୁ ଏ ଦିଗରେ ବିଭାଗ ତୁରନ୍ତ ପଦକ୍ଷେପ ଗ୍ରହଣ ନ କଲେ ଆଗକୁ ବଡଧରଣର ଆନ୍ଦୋଳନ କରାଯିବ ବୋଲି କମିଟି ତରଫରୁ ଚେତାବନୀ ଦିଆଯାଇଛି । ଶେଷରେ ଯୁଥ ଏକ୍ସନ କମିଟିର ସଭାପତି ସେବକ ବାରିକ ଧନ୍ୟବାଦ ଅର୍ପଣ କରିଥିଲେ।

## ମନିଗାଁ ଆଦିବାସୀ ପଞ୍ଚାୟତ ଉଚ୍ଚ ବିଦ୍ୟାଳୟର ରୌପ୍ୟ ଜୟନ୍ତୀ




ରୌପ୍ୟ ଜୟନ୍ତୀ ଅବସରରେ ଅନୁଷ୍ଠିତ ସନ୍ଧ୍ୟା କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି ବୃନ୍ଦ।

ଟିଟିଲାଗଡ଼, ୯।୩(ଶରତ ମିଶ୍ର)

ଟିଟିଲାଗଡ଼ର ମନିଗାଁ ଆଦିବାସୀ ପଞ୍ଚାୟତ ଉଚ୍ଚ ବିଦ୍ୟାଳୟର ୨୫ବର୍ଷ ପୂର୍ତ୍ତି ଉପଲକ୍ଷେ ତିନିଦିନିଆ ରୌପ୍ୟ ଜୟନ୍ତୀ ବିଦ୍ୟାଳୟର ପ୍ରଧାନଶିକ୍ଷକ ପ୍ରଭାକର ନାଗଙ୍କ ଆହ୍ୱାନକ୍ରମେ ପାଳିତ ହେଉଛି। ଉଦ୍‌ଘାଟନୀ ଉତ୍ସବର ପ୍ରଥମ ଅଧିବେଶନରେ ମୁଖ୍ୟଅତିଥି ଭାବେ ବଲାଙ୍ଗୀର ଜିଲା ଶିକ୍ଷା ଅଧିକାରୀ ପ୍ରଦୀପ କୁମାର ନାଗ ଓ ମୁଖ୍ୟବକ୍ତା ଭାବେ ଶିକ୍ଷାବିତ୍ ଦୋଳଗୋବିନ୍ଦ ବିଶି ଯୋଗ ଦେଇଥିଲେ । ସମ୍ମାନିତ ଅତିଥି ଭାବେ ଟିଟିଲାଗଡ଼ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଚନ୍ଦ୍ରମଣି ନାଗ, ବ୍ଲକ ଶିକ୍ଷା ଅଧିକାରୀ ଆର୍ତ୍ତତ୍ରାଣ ରଥ, ସ୍ଥାନୀୟ ସରପଞ୍ଚ ମାଦ୍ରୀ ଖର୍ଶେଲ, ଟିଟିଲାଗଡ଼ ସରକାରୀ ବାଳକ ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ପ୍ରବୀର କୁମାର ପଣ୍ଡା, ମନିଗାଁ ଆଦିବାସୀ ପଞ୍ଚାୟତ ଉଚ୍ଚ ବିଦ୍ୟାଳୟର ସଭାପତି ପଦ୍ମନ ପ୍ରଧାନୀ, ଆଲୁମିନି ସଭାପତି ତପନ ପ୍ରଧାନୀ, ପୂର୍ବତନ ସଭାପତି ସୀତାରାମ ସାହୁ, ଲକ୍ଷ୍ମଣ ସାହୁ, ଜମିଦାତା ପ୍ରଫୁଲ୍ଲ ପ୍ରଧାନୀ ଯୋଗ ଦେଇଥିଲେ। ଅତିଥିମାନେ ପ୍ରଦୀପ ପ୍ରଜ୍ୱଳନ କରି ରୌପ୍ୟ ଜୟନ୍ତୀ ସମାରୋହ ଉଦ୍‌ଘାଟନ କରିଥିଲେ। ପରେ ବିଦ୍ୟାଳୟର ସଭାପତି ପଦ୍ମନ ପ୍ରଧାନୀଙ୍କ ସଭାପତିତ୍ୱରେ ସଭା ହୋଇଥିଲା। ଅତିଥିମାନେ ଗୁଣାତ୍ମକ ଶିକ୍ଷା ଉପରେ ବକ୍ତବ୍ୟ ରଖିଥିଲେ। ଉଦ୍‌ଘାଟନ ଉତ୍ସବର ସନ୍ଧ୍ୟା କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ରାଜ୍ୟ ସଭା ସଦସ୍ୟ ନିରଞ୍ଜନ ବିଶି, ସମ୍ମାନିତ ଅତିଥି ଭାବେ ପୂର୍ବତନ ମନ୍ତ୍ରୀ ଯୋଗେନ୍ଦ୍ର ବେହେରା,ସୁରେନ୍ଦ୍ର ସିଂଭୋଇ, ବ୍ଲକ ଅଧକ୍ଷା ସଂଯୁକ୍ତା ନାଏକ, ଜିଲା ପରିଷଦ ସଭ୍ୟା ଗୀତା ବିଶି, ଟିଟିଲାଗଡ଼ ପୌରପରିଷଦ ଉପାଧକ୍ଷା ପୁଷ୍ପାମଞ୍ଜୁରୀ ଜାଲ, ଭାଟିପଡା ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକଶିବଶଙ୍କର ହୋତା ଓ ମୁଖ୍ୟବକ୍ତା ଭାବେ ସମ୍ବଲପୁର ବିଶ୍ୱ ବିଦ୍ୟାଳୟର ଆଦିବାସୀ ଭାଷା, ସଂସ୍କୃତି, ସାହିତ୍ୟ ଗବେଷକ ଡୋଳାମଣି ଭୋଇ ଯୋଗ ଦେଇଥିଲେ। ପ୍ରଫୁଲ୍ଲ ପ୍ରଧାନୀ ଧନ୍ୟବାଦ ଅର୍ପଣ କରିଥିଲେ।

## ସୁଭଦ୍ରା ସଚେତନତା ପଥପ୍ରାନ୍ତ ସଭା

ଖପ୍ରାଖୋଲ, ୯।୩(ଅଭୟ ତ୍ରିପାଠୀ)

ସ୍ଥାନୀୟ ବ୍ଲକ ପରିସରରେ ମହିଳା ଓ ଶିଶୁ ବିକାଶ ବିଭାଗ ତରଫରୁ ସୁଭଦ୍ରା ସଚେତନତା ପଥପ୍ରାନ୍ତ ସଭା ସିଡିପିଓ ଅମିତା ପଣ୍ଡାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ବିଡ଼ିଓ ବିବେକାନନ୍ଦ ଷଡ଼ଙ୍ଗୀ, ସମ୍ମାନିତ ଅତିଥି ଭାବେ ଉପମୁଖ୍ୟମନ୍ତ୍ରୀଙ୍କ ବ୍ଲକ ପ୍ରତିନିଧି ପଦ୍ମ କୁମାର ସିଂ ବରିହା, ଅତିରିକ୍ତ ତହସିଲଦାର ସତ୍ୟ ପ୍ରକାଶ ରାଉତରାୟ, ଯୋଗାଣ ଅଧିକାରୀ ବିକାଶ ବାର୍ଲା, ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ କନିଷ୍କ ବିଭାର, ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ପ୍ରତୀକ୍ଷା ସାହୁ ଯୋଗଦେଇ କାର୍ଯ୍ୟକ୍ରମ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ସୁଭଦ୍ରା ଯୋଜନା ଉପରେ ସଚେତନତା ବାର୍ତ୍ତା ଦିଆଯିବା ସହିତ ଆଗାମୀ ୩୧ ତାରିଖ ମଧ୍ୟରେ ଯୋଗ୍ୟ ମହିଳା ଆବେଦନ କରି ଲାଭ ଉଠାଇବାକୁ ଅତିଥିମାନେ କହିଥିଲେ । ସତ୍ୟନାରାୟଣ ପାଲା ଦଳ ମାଧ୍ୟମରେ ପାଲା ପରିବେଷଣ କରାଯାଇ ସଚେତନତା ବାର୍ତ୍ତା ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମ ଆରମ୍ଭରେ ଅଙ୍ଗନବାଡ଼ି କର୍ମୀ ଓ ସ୍ୱୟଂ ସହାୟକ ଗୋଷ୍ଠୀ ସଦସ୍ୟମାନେ ସଚେତନତା ଶୋଭାଯାତ୍ରାରେ ବାହାରି ଗାଁ ପରିକ୍ରମା କରିଥିଲେ। ଅଞ୍ଜଳି ମିଶ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ସୁନିଲ ନନ୍ଦ ଧନ୍ୟବାଦ ଅର୍ପଣ କରିଥିଲେ।

## ଆତ୍ମରକ୍ଷା ତାଲିମ ଶିବିର ଉଦ୍‌ଯାପିତ

### ୬୯ ଛାତ୍ରୀଙ୍କୁ ମାନପତ୍ର ପ୍ରଦାନ

ଲାଠୋର, ୯।୩(ଭୁବନେଶ୍ୱର ବାରିକ)




ଅତିଥିଙ୍କ ସହ ତାଲିମ ନେଇଥିବା ଛାତ୍ରୀମାନେ।

ଖପ୍ରାଖୋଲ ବ୍ଲକ ଲାଠୋର ପଞ୍ଚାୟତ ଡିଗ୍ରୀ କଲେଜ ଅଧକ୍ଷ ପ୍ରସନ୍ନ ଦାଶଙ୍କ ଅଧ୍ୟକ୍ଷତାରେ ଶନିବାର ବାଳିକା ଆତ୍ମରକ୍ଷା ତାଲିମ ଶିବିର ଉଦ୍‌ଯାପିତ ହୋଇଯାଇଛି । ଏହି ଅବସରରେ ଅନ୍ତର୍ଜାତୀୟ ମହିଳା ଦିବସ ପାଳିତ ହୋଇଯାଇଛି। ପ୍ରଥମେ ଛାତ୍ରୀମାନଙ୍କ ଦ୍ୱାରା ସ୍ୱାଗତ ସଙ୍ଗୀତ ଗାନ କରାଯାଇ ଅତିଥିମାନଙ୍କୁ ସ୍ୱାଗତ କରାଯାଇଥିଲା। ପରେ ଅଧକ୍ଷ ପ୍ରାରମ୍ଭିକ ଭାଷଣ ଦେଇଥିଲେ। କାର୍ଯ୍ୟକ୍ରମରେ ଅବସରପ୍ରାପ୍ତ ଶିକ୍ଷା ଅଧିକାରୀ ତଥା କଲେଜର ପୂର୍ବତନ ସଭାପତି ନୀଳମାଧବ ପଣ୍ଡା ମୁଖ୍ୟଅତିଥି ଭାବେ ଯୋଗଦେଇ ଉପସ୍ଥିତ ଛାତ୍ରୀଛାତ୍ରମାନଙ୍କୁ ଅନ୍ତର୍ଜାତୀୟ ମହିଳା ଦିବସର ଲକ୍ଷ୍ୟ ଏବଂ ଉଦ୍ଦେଶ୍ୟ ଉପରେ ବୁଝାଇ ଥିଲେ। ସେହିପରି ଖବରଦାତା ଭୁବନେଶ୍ୱର ବାରିକ ସମ୍ମାନିତ ଅତିଥି ଭାବେ ଯୋଗଦେଇ ସମାଜରେ ମହିଳାଙ୍କ ସ୍ଥିତି ହିଁ ପ୍ରଗତି ବୋଲି ମତବ୍ୟକ୍ତ କରିଥିଲେ। ଅନ୍ୟତମ ଅତିଥି ଭାବେ ରାଜନୀତି ବିଜ୍ଞାନ ଅଧାପିକା ମନ୍ଦାକିନୀ ପୋଢ଼,ବାଣିଜ୍ୟ ବିଭାଗ ଅଧାପକ ସୁଶିଲ କୁମାର ମହାକୁର,ଖେଳ ଶିକ୍ଷକ ଅତୁଲ୍ୟ ଭୋଇ,ମାଷ୍ଟର ଟ୍ରେନର ରଞ୍ଜିତା ନାଗ ଯୋଗଦେଇ ନିଜ ନିଜର ବକ୍ତବ୍ୟ ପ୍ରଦାନ କରିଥିଲେ। ୧୦ ଦିନ ଧରି ଆତ୍ମରକ୍ଷା ତାଲିମ ନେଉଥିବା ୬୯ ଛାତ୍ରୀଙ୍କୁ ଅତିଥିମାନଙ୍କ ଦ୍ୱାରା ମାନପତ୍ର ପ୍ରଦାନ କରାଯାଇଥିଲା। ବାଣିଜ୍ୟ ବିଭାଗ ଅଧାପିକା ତଥା ବାଳିକା ଆତ୍ମରକ୍ଷା ତାଲିମ କାର୍ଯ୍ୟକ୍ରମର ସଂଯୋଜିକା କବିତା ଅଗ୍ରୱାଲ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ମାଗଣା ଆୟୁର୍ବେଦିକ ସ୍ୱାସ୍ଥ୍ୟ ଶିବିର

ଲୋଇସିଂହା, ୯।୩(ସୁଶାନ୍ତ ବାରିକ)



ଶିବିର ଅବସରରେ ଯୋଗ ଦେଇଥିବା ଅତିଥିବୃନ୍ଦ।

ରବିବାର ବଲାଙ୍ଗୀର ଜିଲା ଆଗଲପୁର ବ୍ଲକ ଅନ୍ତର୍ଗତ ନଅଗାଁ(ଖ)ଠାରେ ପଲ୍ଲୀ ଆଲୋକ ପାଠାଗାର ଓ ସଞ୍ଜୀବନୀ ସେବା ସଙ୍ଗଠନର ମିଳିତ ଆନୁକୂଲ୍ୟରେ ଏକ ମାଗଣା ଆୟୁର୍ବେଦିକ ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି। ଲୋଇସିଂହା ହସ୍ପିଟାଲର ଆୟୁଷ ଡାକ୍ତର ସଞ୍ଜୀବ କୁମାର ବିଶାଳଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ ଏହି ଶିବିରରେ ପ୍ରାୟ ୫ ଶହରୁ ଉର୍ଦ୍ଧ୍ୱ ବ୍ୟକ୍ତି ସ୍ୱାସ୍ଥ୍ୟ ପରୀକ୍ଷା କରି ମାଗଣାରେ ଔଷଧ ନେଇଥିଲେ। ଉଦ୍‌ଘାଟନୀ ସମାରୋହରେ ମୁଖ୍ୟଅତିଥି ଭାବେ ସ୍ୱାସ୍ଥ୍ୟମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗ ଯୋଗଦେଇ ଗ୍ରାମାଞ୍ଚଳରେ ସାଧାରଣ ଲୋକଙ୍କୁ ଏହି ସେବା ଯୋଗାଇ ଦେବା କ୍ଷେତ୍ରରେ ଉଦ୍ୟୋକ୍ତାଙ୍କ ଉଦ୍ୟମକୁ ପ୍ରଶଂସା କରିଥିଲେ । ଗ୍ରାମାଞ୍ଚଳ ଲୋକଙ୍କୁ ହାତପାହାନ୍ତାରେ ସାସ୍ଥ୍ୟ ସେବା ଯୋଗାଇବା ପାଇଁ ସରକାର ପ୍ରତି ଗ୍ରାମ ପଞ୍ଚାୟତ ମୁଖ୍ୟାଳୟରେ ଆୟୁଷ୍ମାନ ଆରୋଗ୍ୟ ମନ୍ଦିର ଖୋଲଯିବ ବୋଲି ମନ୍ତ୍ରୀ ତାଙ୍କ ବକ୍ତବ୍ୟରେ କହିଥିଲେ। ସମ୍ମାନିତ ଅତିଥି ଭାବେ ବଲାଙ୍ଗୀର ଆୟୁର୍ବେଦିକ ହସ୍ପିଟାଲର ଅଧକ୍ଷ ଡ. ମନୋଜ ସାହୁ, ସଞ୍ଜୀବନୀ ସେବା ସଂଗଠନର ଉପଦେଷ୍ଟା ସୁନିଲ କୁମାର ବେହେରା, ଲୋଇସିଂହା ଡାକ୍ତରଖାନାର ଅଧୀକ୍ଷକ ଡ. ଶେଖରଲାଲ ପଧାନ, ଆୟୁଷ ଡାକ୍ତର ତଥା ଶିବିରର ମୁଖ୍ୟ ଉଦ୍ୟୋକ୍ତା ଡ. ସଞ୍ଜୀବ କୁମାର ବିଶ୍ୱାଳ ଯୋଗ ଦେଇଥିଲେ। ଅତିଥିମାନେ ସୁସ୍ଥ ଓ ନିରୋଗ ରହିବା ପାଇଁ ହେଲେ ପାଶ୍ଚାତ୍ୟ ଖାଦ୍ୟରୁ ଦୂରେଇ ରହିବା ସହିତ ନିୟମିତ ଯୋଗ ଓ ପ୍ରାଣାୟାମ ଆପଣାଇବାକୁ ପରାମର୍ଶ ଦେଇଥିଲେ। ପଲ୍ଲୀ ଆଲୋକ ପାଠାଗାରର ସମ୍ପାଦକ ପ୍ରଶାନ୍ତ ନାୟକ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଏହି ଅବସରରେ ଶିବିରରେ ଉପସ୍ଥିତ ରହି ସକ୍ରିୟ ସହଯୋଗ କରିଥିବା ଡ଼ାକ୍ତରମାନଙ୍କୁ ସ୍ୱାସ୍ଥ୍ୟମନ୍ତ୍ରୀ ମହାଲିଙ୍ଗ ସମ୍ବର୍ଦ୍ଧିତ କରିଥିଲେ। ହିରାଲାଲ ମିଶ୍ର, ପ୍ରହଲ୍ଲାଦ ପଧାନ, ଗୋବିନ୍ଦ ବିଶି ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

**Government of Odisha "e" procurement Notice**
**Bid Identification No. TENDER ONLINE**
No.O-1582 **SNPR - 18 OF 2024-25**
Letter No. 1327 Dated : 05.03.2025

1. Name of the work : Building Works as per DTCN available in the website www.tendersodisha.gov.in
2. Total No. of Work : 03 (Three) Nos.
3. Approximate Estimated Cost : 67.26 lakh to 68.36 lakhs
4. Period of Completion : 9 (Nine) Calendar months
5. Period and time of availability of bid document in the portal for bidding : 12.03.2025 at 11.00 A.M. to 25.03.2025 up to 5.00 P.M.
6. Date and time of opening of Tender : 26.03.2025 at 11.00 A.M. (Technical Bid) & (Financial Bid will be intimated later on)
7. Name and address of the officer inviting bid : S.E.R.W. Division, Sonepur

(1) Other details can be seen from detailed notice
(2) Inviting tenders, available in website www.tendersodishagov.in
(3) Corrigendum if any shall only be published in the website : www.tenderodisha.gov.in

Sd./- Executive Engineer
Rural Works Division, Sonepur
OIPR-25054/11/0023/2425

**GOVERNMENT OF ODISHA**
**OFFICE OF THE ADDITIONAL CHIEF ENGINEER-CUM-ELECTRICAL INSPECTOR, BERHAMPUR**
AT-GAJAPATI NAGAR 1ST LANE, BERHAMPUR, DIST-GANJAM, PIN-760010, Email Id : eiganjam-od@gov.in, Ph/Fax- 0680-2291209
**TENDER CALL NOTICE**
Notice No.02/2024-25 Dated : 05.03.2025

No.O-1584 : Sealed tenders are invited from interested reputed Travel Agencies / Tour Operators/ Private Individuals for providing one (01) TUV 300/ Ertiga/Bolero/Sumo Gold (BS6) AC vehicle having seating capacity not more than 7 (seven) including driver on monthly hiring basis for Office of the **Additional Chief Engineer-cum-Electrical Inspector, Berhampur,** for a period of two year. The tenderer should have valid & active GST registration and it should also be registered on GeM Platform. The tenders will be received in sealed cover up to 27.03.2025, 5.00 P.M. in the office of the undersigned by Registered Post or hand delivered with due acknowledgement within the above period and the authority will not be responsible for postal delay. The tenders shall be opened on 27.03.2025 at 5.30 P.M. in the presence of tenderers or their authorized representatives, if any. The tender document can be obtained from the office of the undersigned, on payment of Rs.100/- (Rupees one hundred) only during office hour on working days from 12.03.2025 to 27.03.2025 (till 4.00 P.M.) or can be downloaded from our website https://eicelectricityodisha.nic.in/. If the tender document is downloaded from our website, a Demand Draft of Rs.100/- (Rupees one hundred) only drawn in favour of ASSISTANT TO ACE-CUM-E.I, BERHAMPUR drawn on any Nationalized Bank, payable at Berhampur, needs to be attached with the tender document, for further details visit http://eicelectricityodisha.nic.in or contact the office of the undersigned. The undersigned reserves the right to reject the tenders without assigning any reason thereof.

Sd./- ACE-cum-EI,
Berhampur
OIPR-04077/11/0002/2425

**GOVERNMENT OF ODISHA, DEPARTMENT OF WATER RESOURCES**
**OFFICE OF THE ADDITIONAL CHIEF ENGINEER, MECHANICAL CIRCLE, HIRAKUD**
Email address : semech-eicwr.od@nic.in
E-Procurement Notice - Bid Identification No. ACEMC/MDHKD : 02/2024-25 dt.04.03.2025
No.A-1164

1. Name of the Work : Mechanical Gate Works of MI Division, Sambalpur, Sonepur & Balangir
2. No. of Work : 03 (Three) Nos.
3. Category of executors : SSI Units registered under DIC/ NSIC/MSME for Irrigation Shutters/ Hydro Mechanical Gates
4. Bid Identification No. : ACEMC/MDHKD : 02/2024-25 dt.04.03.2025
5. Estimated Cost : 13.90 Lakh to 16.21 Lakh (Excluding GST)
6. Period of Completion : Two Calendar Month each.
7. Date & time of availability of bid documents in the Portal : From dt.13.03.2025 (10.00 A.M.) to dt.22.03.2025 (5.30 P.M.)
8. Last date/time for receipt of bid : Dt.22.03.2025 (up to 5.30 P.M.) in the portal
9. Date and Place of opening of Bid : Dt.24.03.2025, 11.00 A.M. onwards in O/o the Undersigned
10. Name of the Officer inviting Bids : Additional Chief Engineer, Mechanical Circle, Hirakud

Further details can be seen only from e-procurement portal https://tendersodisha.gov.in

Sd./- Additional Chief Engineer
Mechanical Circle, Hirakud
OIPR-32344/11/0002/2425

**GOVERNMENT OF ODISHA**
**OFFICE OF THE ZILLA PARISHAD, KALAHANDI**
E-mail : zillaparishadkalahanditech@gmail.com
**E-Procurement Notice**
**Bid Identification No. ZP/KLD-02/2024-25**
No.CAD-2760
No. 1052 Dated : 07.03.2025

| | | | |
|---|---|---|---|
| 1 | No. of the work | : | 10 nos. of Road work |
| 2 | Estimated cost | : | Rs.80.27 lakh to Rs.120.50 lakh |
| 3 | Period of Completion | : | 9 (Nine) calendar months |
| 4. | Date and time of availability of bid document in the portal | : | 11.00 hrs of 12.03.2025 to 17.00 hrs of 24.03.2025 |
| 5 | Last date/Time for receipt of bid in the portal | : | 17.00 hour of 24.03.2025 |
| 6 | Name and address of the Officer Inviting Bid | : | CDO-cum-EO, Zilla Parishad, Kalahandi |
| 7 | Date & Venue of Opening of the Single Cover Bid and Technical Bid (Cover 1) of Double cover Bid | : | On 25.03.2025 at 11.00 A.M. in the Office of the Zilla Parishad, Kalahandi |

Further details can be seen from the e-procurement portal https://tendersodisha.gov.in

Sd./- CDO-cum-EO
Zilla Parishad, Kalahandi
OIPR-19287/11/0003/2425

## ସଂକ୍ଷେପରେ

### ବିଦ୍ୟାଳୟରେ ଶୈକ୍ଷିକ ବିକାଶକୁ ଗୁରୁତ୍ୱ

ବରଗଡ଼,୯।୩(ପ୍ରେମାନନ୍ଦ ଖମାରୀ)

ବରଗଡ଼ ଟାଉନ ହାଇସ୍କୁଲରେ ଶନିବାର ବ୍ଲକସ୍ତରୀୟ ପ୍ରଧାନ ଶିକ୍ଷକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଜିଲା ଶିକ୍ଷା ଅଧିକାରୀ ବିଶ୍ୱନାଥ ସାହୁ ମୁଖ୍ୟଅତିଥିଭାବେ ଯୋଗଦେଇ ଉକ୍ତ ସମ୍ମିଳନୀକୁ ଉଦଘାଟନ କରିଥିଲେ। ବିଦ୍ୟାଳୟରେ ଶୈକ୍ଷିକ ବିକାଶକୁ ଗୁରୁତ୍ୱ ଦେବା ସହିତ ଜିଲା ଓ ବ୍ଲକସ୍ତରରେ ହେଉଥିବା ସମସ୍ତ ବିଭାଗୀୟ ଯୋଜନା ପ୍ରତିଫଳିତ ହେବା ଉଚିତ ବୋଲି ସେ କହିଥିଲେ। ବ୍ଲକ ଶିକ୍ଷାଧିକାରୀ ଡ. ସୁରେନ୍ଦ୍ର ସାହୁ କାର୍ଯ୍ୟକ୍ରମରେ ଅଧ୍ୟକ୍ଷତା କରିଥିଲେ। ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀ ଜ୍ୟୋତିକାନ୍ତ ସାହୁ ସମ୍ମାନିତ ଅତିଥିଭାବେ ଯୋଗଦେଇ ଆସନ୍ତା ଏପ୍ରିଲରେ ଅନୁଷ୍ଠିତ ହେବାକୁ ଥିବା ପ୍ରବେଶ ଉତ୍ସବ, ଖଡ଼ିଛୁଆଁ ପର୍ବ ପାଳନ ସମ୍ପର୍କରେ ଅବଗତ କରାଇଥିଲେ। ଗ୍ରାମାଞ୍ଚଳ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ଶାନ୍ତି ଗୁପ୍ତା, ଜର୍ଜ ହାଇସ୍କୁଲ ପ୍ରଧାନ ଶିକ୍ଷୟିତ୍ରୀ ଶାଶ୍ୱତୀ ଦାଶ, ଗାଇସାମା ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଶିବଶଙ୍କର ଦାଶ, ଅଡ଼ାଗାଁ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ମୃତ୍ୟୁଞ୍ଜୟ ଦାଶ ପ୍ରମୁଖ ଯୋଗଦେଇ ଗ୍ରୀଷ୍ମ ଅବକାଶରେ ଛାତ୍ରଛାତ୍ରୀଙ୍କ ପାଠପଢ଼ା ଯୋଜନା ପ୍ରସ୍ତୁତ ଉପରେ ପ୍ରଶିକ୍ଷଣ ପ୍ରଦାନ କରିଥିଲେ। ପ୍ରଧାନ ଶିକ୍ଷୟିତ୍ରୀ ଜଗନ୍ନାଥୀ ମିଶ୍ର ସ୍ୱାଗତ ସଙ୍ଗୀତ ଗାନ କରିଥିବାବେଳେ ପ୍ରଧାନ ଶିକ୍ଷୟିତ୍ରୀ ଡ. ସଙ୍ଗୀତାରାଣୀ ରଥ ଧନ୍ୟବାଦ ଅର୍ପଣ କରିଥିଲେ।

### ଧର୍ମପରାୟଣା ମହିଳାଙ୍କ ପରଲୋକ

ସୋନପୁର,୯।୩(ମୃତ୍ୟୁଞ୍ଜୟ ଶତପଥୀ)

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ଅମରପାଲି ଗ୍ରାମର ଶତାୟୁ ବୃଦ୍ଧା ତୁଳା ସାହୁଙ୍କ ଶନିବାର ରାତିରେ ପରଲୋକ ହୋଇଯାଇଛି। ସେ ବାର୍ଦ୍ଧକ୍ୟଜନିତ ରୋଗରେ ପୀଡିତ ଥିଲେ। ଜଣେ ଧର୍ମ ପରାୟଣା ଓ ପରୋପକାରୀ ବ୍ୟକ୍ତି ଭାବେ ସେ ପରିଚିତ ଥିଲେ। ସେ ଗ୍ରାମର ମନ୍ଦିରକୁ ଜମି ଦାନ କରିବା ସହିତ ଅସହାୟ ବ୍ୟକ୍ତିଙ୍କୁ ଘର ତିଆରି କରିବା ପାଇଁ ଜମିଦାନ କରିଥିଲେ। ମୃତ୍ୟୁ ଖବର ପାଇ ଅଞ୍ଚଳର ବହୁ ବ୍ୟକ୍ତି ବିଶେଷ ତାଙ୍କର ଶେଷ ଦର୍ଶନ କରିଥିଲେ। ସ୍ଥାନୀୟ ବରକଟା ପୋଖରୀ ନିକଟରେ ତାଙ୍କର ଅନ୍ତିମ ସଂସ୍କାର ହୋଇଥିଲା। ନାତି ତଥା ଧରିତ୍ରୀ ଅମରପାଲି ଖବରଦାତା ପୀତାମ୍ବର ସାହୁ ମୁଖାଗ୍ନି ଦେଇଥିଲେ।



ତୁଳା ସାହୁ।

# ସୁବର୍ଣ୍ଣପୁରରେ ରାଷ୍ଟ୍ରୀୟ ନାଟ ମେଳା

- ସମ୍ମାନିତ ହେଲେ ମଞ୍ଚ ଅଭିନେତ୍ରୀ, କବି
- ନାଟକ ଉପଯୋଗୀ ମଞ୍ଚ ଅଭାବକୁ ନେଇ କ୍ଷୋଭ



ଡ଼ ଦ୍ୱାରିକାନାଥ ନାୟକଙ୍କୁ ରାଷ୍ଟ୍ରୀୟ ନାଟ ସମ୍ମାନ ପ୍ରଦାନ କରାଯାଉଛି।

ସୋନପୁର,୯।୩(ମୃତ୍ୟୁଞ୍ଜୟ ଶତପଥୀ)

ନାଟକ, ସାହିତ୍ୟ ଏବଂ ସମାଜସେବା ପ୍ରତି ସମର୍ପିତ ସୁବର୍ଣ୍ଣପୁରର ନୋଡ଼ାଲ ଆସୋସିଏସନ ଫର ଏମେଚ୍ୟୋର ଥିଏଟର(ନାଟ) ଦ୍ୱାରା ରବିବାର ଆୟୋଜିତ ହୋଇଯାଇଛି ରାଷ୍ଟ୍ରୀୟ ନାଟ ମେଳା। ସ୍ଥାନୀୟ ସଂସ୍କୃତି ଭବନରେ ନାଟର କାର୍ଯ୍ୟକାରୀ ସଭାପତି ପ୍ରଦ୍ୟୁମ୍ନ କୁମାର ସାହୁଙ୍କ ଅଧ୍ୟକ୍ଷତାରେ ଉଦଘାଟନୀ ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ସୁବର୍ଣ୍ଣପୁର ଅତିରିକ୍ତ ଜିଲାପାଳ ଅଞ୍ଜଳିନା ପ୍ରଧାନ ମୁଖ୍ୟ ଅତିଥିଭାବେ ଯୋଗ ଦେଇଥିଲେ। ବିଶିଷ୍ଟ ସିନେ କଳା ନିର୍ଦ୍ଦେଶକ ପ୍ରେମଚାନ୍ଦ ମଣ୍ଟୁ ମହାପାତ୍ର, ସମାଜସେବୀ ଶ୍ରୀବତ୍ସ ମଲ୍ଲିକ, କବି ଆଶ୍ରିତ୍ରାଣ ବାବୁ, ବଲାଙ୍ଗୀର ଏମ୍‌ପି ପ୍ରତିନିଧି ଶରତ ଶତପଥୀ ଓ ସାମାଜିକ କର୍ମୀ ଗୌରୀଶ୍ୟାମ ପଣ୍ଡାଙ୍କ ସହ ସାଧାରଣ ସମ୍ପାଦକ ବନମାଳୀ ପଣ୍ଡା ଏବଂ ସାହିତ୍ୟ ସମ୍ପାଦକ କବି ନରେନ୍ଦ୍ର ଭୋଇ ମଞ୍ଚାସୀନ ଥିଲେ। ସଂସ୍କୃତି ସମ୍ପାଦକ ଅବିନାଶ ହୋତା ମଞ୍ଚ ପରିଚାଳନା କରିଥିଲେ। ସୁବର୍ଣ୍ଣପୁରରେ ନାଟକ ଉପଯୋଗୀ ମଞ୍ଚଟିଏ ନ ଥିବାରୁ ସଭାରେ କ୍ଷୋଭ ପ୍ରକାଶ ପାଇଥିଲା।

ଦ୍ୱିତୀୟ ପର୍ଯ୍ୟାୟରେ ନାଟ୍ୟକାର ତଥା କବି ଡ. ପୁରୁଷୋତ୍ତମ ମିଶ୍ରଙ୍କ ଅଧ୍ୟକ୍ଷତାରେ କବିତା ସପ୍ତସ୍ୱର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଯେଉଁଥିରେ ସାତ ଜଣ କବି ସ୍ୱରଚିତ କବିତା ପାଠ କରିଥିଲେ। ସାହିତ୍ୟ ସମ୍ପାଦକ ନରେନ୍ଦ୍ର କୁମାର ଭୋଇ ସ୍ୱାଗତ ବକ୍ତବ୍ୟ ରଖିଥିବା ବେଳେ ପ୍ରଜ୍ଞା ପରିମିତା ଦାଶ ଧନ୍ୟବାଦ ଅର୍ପଣ କରିଥିଲେ।

ତୃତୀୟ ପର୍ଯ୍ୟାୟରେ ଆମ ଅଞ୍ଚଳର ରଙ୍ଗମଞ୍ଚ ଓ ଅଭିନେତ୍ରୀ ସମସ୍ୟା ଶୀର୍ଷକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ଡ. ଦ୍ୱାରିକାନାଥ ନାୟକ ଏଥିରେ ଅଧ୍ୟକ୍ଷତା କରିଥିଲେ। ନାଟ୍ୟକାର ପ୍ରଦ୍ୟୁମ୍ନ କୁମାର ସାହୁ ପ୍ରସଙ୍ଗ ଉପସ୍ଥାପନ କରିଥିଲେ। ନାଟ୍ୟକାର ଅଶୋକ ବହିଦାର, ନାଟ୍ୟକାର ପୁରୁଷୋତ୍ତମ ମିଶ୍ର ଓ ନାଟ୍ୟ ନିର୍ଦ୍ଦେଶକ ଗଦାଧର ବାରିକ ଆଲୋଚନାରେ ଭାଗ ନେଇଥିଲେ। ଅଭିନେତ୍ରୀ ସମସ୍ୟା ଧୀରେ ଧୀରେ କମି ଆସୁଥିବା ବେଳେ ମଞ୍ଚ ଅଭାବକୁ ଦୂର କରିବା ପାଇଁ ଉଭୟ ସରକାରୀ ଏବଂ ବେସରକାରୀସ୍ତରରେ ପ୍ରୟାସର ଆବଶ୍ୟକତା ରହିଛି ବୋଲି ମତପ୍ରକାଶ ପାଇଥିଲା। ସମୀର କୁମାର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

ପରବର୍ତ୍ତୀ ପର୍ଯ୍ୟାୟରେ ଡ଼. ଦ୍ୱାରିକାନାଥ ନାୟକଙ୍କୁ ରାଷ୍ଟ୍ରୀୟ ନାଟ ସମ୍ମାନରେ ସମ୍ମାନିତ କରାଯାଇଥିଲା ଏବଂ ନାଟର କାର୍ଯ୍ୟକାରୀ ସଭାପତି ପ୍ରଦ୍ୟୁମ୍ନ କୁମାର ସାହୁ ତାଙ୍କୁ ଆଗାମୀ ଏକ ବର୍ଷ ପାଇଁ ନାଟର ରାଷ୍ଟ୍ରୀୟ ଅଧ୍ୟକ୍ଷ ଭାବେ ଅଭିଷିକ୍ତ କରିଥିଲେ। ରଙ୍ଗମଞ୍ଚ ପ୍ରତି ଦଶ ବର୍ଷରୁ ଉର୍ଦ୍ଧ୍ୱ ସମୟ ଧରି ସମର୍ପିତ ଥିବା ରାଉରକେଲାର ନୀତା ଗୋସ୍ୱାମୀ, ପ୍ରିୟଦର୍ଶିନୀ ସ୍ୱାଇଁ, ପ୍ରମିଳା ଜେନା, ସୁନ୍ଦରଗଡ଼ର ଲକ୍ଷ୍ମୀପ୍ରଭା ପତି, ଲତିକା ପଟ୍ଟନାୟକ, ସମ୍ବଲପୁରର ପୁଷ୍ପାଞ୍ଜଳି ବେହେରା, ମୀନା ବୋଷ ମିଶ୍ର, ମମତା ପଣ୍ଡା, ତୃପ୍ତି ପଣ୍ଡା, ଟିଟିଲାଗଡ଼ର ଶୋଭାରାଣୀ ସିହ୍ନା, ଭବାନୀପାଟନାର ବନିତା ଦୁର୍ଗା, ଚାରୁଲତା ଛତ୍ରିଆ, ବରଗଡ଼ର କନକ ଦଣ୍ଡସେନା, ମମତା ଦୀପ, ସୁଶୀଳା ନାୟର, ଅଞ୍ଜଳି ମହନ୍ତମ, ବଲାଙ୍ଗୀରର ଶ୍ରୀରାଧା, ଶୁଭ୍ରାଂଶୀ ପାଣିଗ୍ରାହୀ ଏବଂ ସୁବର୍ଣ୍ଣପୁରର ଶ୍ରଦ୍ଧାଞ୍ଜଳି ମିଶ୍ରଙ୍କୁ ନାଟ ସରସ୍ୱତୀ ସମ୍ମାନରେ ସମ୍ମାନିତ କରାଯାଇଥିଲା। କବିତା ସପ୍ତସ୍ୱରରେ ଭାଗ ନେଇଥିବା କବି ଲକ୍ଷ୍ମଣ ମିଶ୍ର, ଚନ୍ଦନ ନାଗ, ବଳବନ୍ତ ସାହୁ, ଜଗନ୍ନାଥ ସାହୁ, ଆଶିଷ କୁମାର ମିଶ୍ର, ସୁଜିତ କୁମାର ଶତପଥି ଏବଂ ମୃଗେଶ ବୈଷ୍ଣବ ପାଣିଗ୍ରାହୀଙ୍କୁ ନାଟ ଉଦୟ କବି ପ୍ରତିଭା ସମ୍ମାନରେ ସମ୍ମାନିତ କରାଯାଇଥିଲା। ଏହା ସହିତ ମଞ୍ଚ ଅଭିନେତ୍ରୀ ସନ୍ଧ୍ୟା ମଲ୍ଲିକ ଏବଂ ପ୍ରିତୀ ପ୍ରତ୍ୟାଶା ପାଣିଗ୍ରାହୀଙ୍କୁ ସ୍ୱତନ୍ତ୍ର ଭାବେ ସମ୍ବର୍ଦ୍ଧିତ କରାଯାଇଥିଲା। ନାଟ୍ୟ ନିର୍ଦ୍ଦେଶକ ପ୍ରସନ୍ନ ଦାଶ, ଉପସଭାପତି ଶୈଳେନ୍ଦ୍ର ବସ୍ତିଆ ମଞ୍ଚାସୀନ ଥିଲେ। ସାଧାରଣ ସମ୍ପାଦକ ବନମାଳୀ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ।

# ଜଙ୍ଗଲ ଜଳୁଛି, ଉତ୍ତାପ ବଢୁଛି



ମୁଣ୍ଡେଶ୍ୱର ସଂରକ୍ଷିତ ଜଙ୍ଗଲରେ ନିଆଁ ଲାଗିଛି।

ହରଭଙ୍ଗା,୯।୩(ନରେନ୍ଦ୍ର କୁମାର ସାହୁ)

ଖରା ଆରମ୍ଭରୁ ବୌଦ୍ଧ ଜିଲା ହରଭଙ୍ଗା ବ୍ଲକ ମାଧପୁର ରେଞ୍ଜ୍‌ର ମୁଣ୍ଡେଶ୍ୱର ରିଜର୍ଭ ଜଙ୍ଗଲରେ ନିଆଁ ଲାଗି ବ୍ୟାପକ ମୂଲ୍ୟବାନ ଗଛ ପୋଡି ପାଉଁଶ ହେଉଥିବା ଦେଖିବାକୁ ମିଳିଛି। ତଳଗାଁ ଗ୍ରାମପଞ୍ଚାୟତର ବଡଖଜୁରୀ ଓ ସାନଖଜୁରୀ ଗ୍ରାମକୁ ଲାଗିଥିବା ମୁଣ୍ଡେଶ୍ୱର ସଂରକ୍ଷିତ ଜଙ୍ଗଲରେ ୪/୫ ଦିନ ହେବ ନିଆଁ ଲାଗି ନଷ୍ଟ ହେଉଛି । ଏ ନେଇ ଗ୍ରାମବାସୀ ବନ ବିଭାଗକୁ ଖବର ଦେଇଛନ୍ତି। ସେପଟେ ରାଜ୍ୟ ସରକାର ଜଙ୍ଗଲକୁ ନିଆଁ ଦାଉରୁ ରକ୍ଷା କରିବାକୁ ପ୍ରତିବର୍ଷ ଲକ୍ଷ ଲକ୍ଷ ଟଙ୍କା ଖର୍ଚ୍ଚ କରୁଥିବା ବେଳେ ଏହାର ସୁଫଳ ମିଳିପାରୁନାହିଁ। ଜଙ୍ଗଲ ନିଆଁ ଯୋଗୁ ବନ୍ୟଜନ୍ତୁ ଗାଁମୁହାଁ ହେବାରୁ ଶିକାର ହେଉଛନ୍ତି। ତୁରନ୍ତ ନିଆଁ ଲିଭା ନ ଗଲେ ବ୍ୟାପକ ଜଙ୍ଗଲ ସମ୍ପଦ ନଷ୍ଟ ହେବା ସହ ଉତ୍ତା ବୃଦ୍ଧି ହେବ ବୋଲି ମତପ୍ରକାଶ ପାଇଛି।

# ଫାଓ କଟକ ଚାମ୍ପିୟନ




ଅତିଥିମାନେ ଚାମ୍ପିୟନ ଦଳକୁ ପୁରସ୍କୃତ କରୁଛନ୍ତି।

ବୌଦ୍ଧ,୯।୩(ଅଜିତ କୁମାର ବାରିକ)

- ସର୍ବଭାରତୀୟ ଡିଏସ୍ କପ୍ ଫୁଟ୍‌ବଲ ଟୁର୍ନାମେଣ୍ଟ

ବୌଦ୍ଧ ଜିଲା ଫୁଟ୍‌ବଲ ଆସୋସିଏଶନ ପକ୍ଷରୁ ଜିଲା ଷ୍ଟାଡିୟମରେ ଚାଲିଥିବା ସର୍ବଭାରତୀୟ ଡିଏସ୍ କପ୍ ଫୁଟ୍‌ବଲ ଟୁର୍ନାମେଣ୍ଟ ରବିବାର ଉଦ୍‌ଯାପିତ ହୋଇଯାଇଛି। ଫାଇନାଲ ଖେଳ ଏମ୍‌ଇଜି ସେଣ୍ଟର ବାଙ୍ଗାଲୋର ଓ ଫାଓ କଟକ ମଧ୍ୟରେ ହୋଇଥିଲା। ଶେଷରେ ଟାଇବ୍ରେକର ଜରିଆରେ ୫-୪ ଗୋଲରେ ବାଙ୍ଗାଲୋର ଦଳକୁ ହରାଇ ଫାଓ କଟକ ଟୁର୍ନାମେଣ୍ଟ ଚାମ୍ପିୟନ ହୋଇଥିଲା। ଫାଇନାଲ ଖେଳରେ ଗ୍ରାମ୍ୟ ଉନ୍ନୟନ, ପାନୀୟଜଳ ଓ ପଞ୍ଚାୟତିରାଜ ମନ୍ତ୍ରୀ ରବି ନାରାୟଣ ନାଏକ ମୁଖ୍ୟ ଅତିଥି, ସରକାରୀ ଦଳ ମୁଖ୍ୟ ସଚେତକ ତଥା ବୌଦ୍ଧ ବିଧାୟକ ସରୋଜ କୁମାର ପ୍ରଧାନ, ଜିଲାପାଳ ସୁବ୍ରତ କୁମାର ପଣ୍ଡା, ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ପ୍ରଭାସ ଚନ୍ଦ୍ର ଦଣ୍ଡସନା, ଉପ ଜିଲାପାଳ ପ୍ରବୀଣ କୁମାର ବାଣୁଆ, ଜିଲା ଭାଜପା ସଭାପତି ପ୍ରେମାନନ୍ଦ ମିଶ୍ର, ନୟାଗଡ ଜିଲା କ୍ରିକେଟ ଆସୋସିଏାନ ସମ୍ପାଦକ ସଂଗ୍ରାମ ଗୁମାନସିଂ, କଟକ ଜୟଦୁର୍ଗା କ୍ଲବ ସମ୍ପାଦକ ଅମିତ ବେହେରା, ଡିଏସ୍ କପ୍ ଆବାହକ ଓମ୍‌ପ୍ରକାଶ ମିଶ୍ର ପ୍ରମୁଖ ସମ୍ମାନୀତ ଅତିଥି ଭାବେ ଯୋଗ ଦେଇଥିଲେ। ମୁଖ୍ୟ ରେଫରି ତରୁଣ କୁମାର ବିଶ୍ୱାସ ମ୍ୟାଚ୍ ପରିଚାଳନା କରିଥିବାବେଳେ ଲାଇନରେ ଶଶିକାନ୍ତ ଦାସିଆ ଓ ଶିବଶଙ୍କର ପଣ୍ଡା ସହାୟତା କରିଥିଲେ। ଚତୁର୍ଥ ରେଫରି ଦିଲ୍ଲୀପ ରାଉତ ଓ ମ୍ୟାଚ୍ କମିଶନର ଭାବେ ଦୁର୍ଗାମାଧବ ନାଏକ ଦାୟିତ୍ୱ ତୁଲାଇଥିଲେ। ଚାମ୍ପିୟନ ଦଳ ଫାଓ କଟକକୁ ଟ୍ରଫି ସହ ୬୦ହଜାର ଟଙ୍କା ଓ ରନର୍ସ ଦଳ ବାଙ୍ଗାଲୋରକୁ ଟ୍ରଫି ସହ ୪୦ ହଜାର ଟଙ୍କା ପ୍ରଦାନ କରାଯାଇଥିଲା।

# ସୁବର୍ଣ୍ଣପୁର ଶ୍ରେଷ୍ଠ ଜୁନିୟର ରେଡ୍‌କ୍ରସ ଜିଲା

ସୋନପୁର,୯।୩(ମୃତ୍ୟୁଞ୍ଜୟ ଶତପଥୀ)

ସୁବର୍ଣ୍ଣପୁର ଜିଲାର ଶତ ପ୍ରତିଶତ ସ୍କୁଲରେ ଜୁନିୟର ରେଡକ୍ରସ ୟୁନିଟ ଦ୍ୱାରା ପ୍ରାଥମିକ ଚିକିତ୍ସା ସେବା, ପ୍ରାକୃତିକ ବିପର୍ଯ୍ୟୟ, ସଡ଼କ ସୁରକ୍ଷା, ସ୍ୱେଚ୍ଛାକୃତ ରକ୍ତଦାନ, ଶିଶୁ ସୁରକ୍ଷା, ଟବାକୋ ବ୍ୟବହାର ରୋକିବା, ଏଚ୍‌ଆଇଭି ଏଡ୍‌ସ ସଚେତନତା, ବ୍ୟକ୍ତିବିକାଶ, ଲାଇଫ ସ୍କିଲ୍ସ ଓ ଆନନ୍ଦମୟ ଜୀବନର କୌଶଳ ଭଳି ବିଭିନ୍ନ ମାନବୀୟ ସେବା ପ୍ରଦାନରେ ଉତ୍କୃଷ୍ଟତା ପ୍ରତିପାଦନ କରିଛି। ଏଥିଯୋଗୁ ଭାରତୀୟ ରେଡକ୍ରସ ଓଡ଼ିଶା ଶାଖା ତରଫରୁ ସୁବର୍ଣ୍ଣପୁର ଜିଲାକୁ ଶ୍ରେଷ୍ଠ ଜୁନିୟର ରେଡକ୍ରସ ଜିଲା ଭାବେ ପୁରସ୍କୃତ କରିଛନ୍ତି। ଭୁବନେଶ୍ୱରସ୍ଥିତ ରାଜଭବନର ଅଭିଷେକ ହଲରେ ଏକ ବର୍ଣ୍ଣାଢ଼୍ୟ ଉତ୍ସବରେ ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀ ତଥା ଜିଲା ଜୁନିୟର ରେଡକ୍ରସ ସମ୍ପାଦକ ମଞ୍ଜୁଲତା ଭୋଇ ଏବଂ ଜିଲା ଜୁନିୟର ରେଡକ୍ରସ ଅଧିକାରୀ ରବିଚନ୍ଦ୍ର ପଶାୟତ ରାଜ୍ୟପାଳ ଡ.ହରି ବାବୁ କମ୍ଭମପାଟିଙ୍କଠାରୁ ମାନପତ୍ର ଓ ଉତ୍ତରୀୟ ଗ୍ରହଣ କରି ପୁରସ୍କୃତ ହୋଇଛନ୍ତି। ଆଗାମୀ ଦିନରେ ଜିଲାରେ ସମସ୍ତ ସ୍କୁଲ ତରଫରୁ ଜୁନିୟର ରେଡକ୍ରସ କାର୍ଯ୍ୟକ୍ରମକୁ ସୁପରିଚାଳନା କରାଯାଇ ଗୋଷ୍ଠୀଭିତ୍ତିକ ମୂଲ୍ୟବୋଧର ବିକାଶ କରାଯିବାକୁ ଯୋଜନା କରାଯାଇଛି। ଜିଲାରେ କାର୍ଯ୍ୟରତ ସମସ୍ତ ପ୍ରଧାନଶିକ୍ଷକ, ସାଧନ କର୍ମୀ, ପରାମର୍ଶଦାତା ଓ ବୁଦ୍ଧିଜୀବୀଙ୍କୁ ଏହି ପୁରସ୍କାର ଉତ୍ସାହିତ କରିଛି ବୋଲି ସୁବର୍ଣ୍ଣପୁର ଜିଲା ଶିକ୍ଷା ଅଧିକାରୀ ମୀନାରାଣୀ ମଙ୍ଗଳ ମତବ୍ୟକ୍ତ କରିଛନ୍ତି। ଜିଲାର ଭାଇସ ଚେୟାରମ୍ୟାନ ଗତିକୃଷ୍ଣ ମିଶ୍ର, ଡୁଙ୍ଗୁରିପାଲି ବିଇଓ ଗଣେଶ କିଷାନ, ବିନିକା ବିଇଓ ଲକ୍ଷ୍ମଣ ମିଶ୍ର, ତରଭା ବିଇଓ ନାରାୟଣ ମିଶ୍ର, ଡିଏସଏସ ପର୍ଶୁରାମ ମେହେର ଓ ଡିପିଇଓ ସତ୍ୟ ନାରାୟଣ ତ୍ରିପାଠୀ ଜୁନିୟର ରେଡକ୍ରସ କାର୍ଯ୍ୟକ୍ରମକୁ ଲୋକାଭିମୁଖୀ କରିବାକୁ ରାଜ୍ୟପାଳ ପୁରସ୍କାର ପ୍ରେରଣା ଦେବ ବୋଲି ମତବ୍ୟକ୍ତ କରିଛନ୍ତି।



ଓଡ଼ିଶା ରାଜ୍ୟପାଳ ଡ.ହରି ବାବୁ କମ୍ଭମପାଟି ପୁରସ୍କାର ପ୍ରଦାନ କରୁଛନ୍ତି।

- ପୁରସ୍କୃତ କଲେ ରାଜ୍ୟପାଳ

# ତରଭାରେ ବସନ୍ତ ଉତ୍ସବ

ତରଭା, ୯।୩ (ମାନଭଞ୍ଜନ ମିଶ୍ର)

ଉତ୍କଳ ସାହିତ୍ୟ ସମାଜ ସୁବର୍ଣ୍ଣପୁର ଜିଲା ଶାଖା ତରଭା ଆନୁକୂଲ୍ୟରେ ସଂସ୍ଥା ସଭାପତି ଡ. ରମେଶ ପତ୍ରିଙ୍କ ଅଧ୍ୟକ୍ଷତାରେ ବସନ୍ତ ଉତ୍ସବ ପାଳନ ହୋଇଯାଇଛି। ତରଭା ପାଠାଗାରରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ କବି ସଞ୍ଜୀବ କୁମାର କୁଅଁର, ସମ୍ମାନିତ ଅତିଥି ପ୍ରାକ୍ତନ ନଗରପାଳ ଶୈଳେନ୍ଦ୍ର ସାହୁ, ମୁଖ୍ୟବକ୍ତାଭାବେ ତରଭା ନବୋଦୟ ବିଦ୍ୟାଳୟ ଓଡ଼ିଆ ଶିକ୍ଷକ ସୁଶୀଲ କୁମାର ମିଶ୍ର ମଞ୍ଚାସୀନ ଥିଲେ। ସୁବର୍ଣ୍ଣପୁର ଜିଲା ଶାଖା ସମ୍ପାଦକ ବିଦ୍ୟା ବାଚସ୍ପତି ଅକ୍ଷୟ କୁମାର ବାଘ ବସନ୍ତ ଉତ୍ସବର ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ଏହି ଅବସରରେ କବୟିତ୍ରୀ ଯମୁନା ମହାପାତ୍ରଙ୍କର ଆମର୍ ବୁଲିଥି ଗୀତା, କବି ବନବାସ ମେହେରଙ୍କ କୋସଲ ଲକ୍ଷ୍ମୀ ପୁସ୍ତକ ଉନ୍ମୋଚିତ ହୋଇଥିଲା। ଯୁବ କବି ରୋଶନ ସାହୁ, ପ୍ରାଣପ୍ରଜ୍ଞା କବି ଲୋକନାଥ ଦଳବେହେରା, କବି ଧର୍ମେନ୍ଦ୍ର ପଧାନ, କବି ରାଧେଶ୍ୟାମ ହରପାଲ, କବି ଚିରଞ୍ଜିବି ନାଏକ, କବି ହିରଣ୍ମୟ ପଟ୍ଟନାୟକ, କବୟିତ୍ରୀ ତପସ୍ୱିନୀ ପଶାୟତଙ୍କ ସମେତ ତଥା ବହୁ କବୟିତ୍ରୀ କବି ସ୍ୱରଚିତ କବିତା ପାଠ କରିଥିଲେ। ଶେଷରେ କବି ଜୟକିଶୋର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

# ଭିନ୍ନକ୍ଷମଙ୍କ ଅଧିକାର, ସୁରକ୍ଷାକୁ ନିଶ୍ଚିତ କର



ବୈଠକରେ ଅତିଥି ଓ ସ୍ୱେଚ୍ଛାସେବୀ ଅନୁଷ୍ଠାନର କର୍ମକର୍ତ୍ତା।

ସୋନପୁର,୯।୩(ମୃତ୍ୟୁଞ୍ଜୟ ଶତପଥୀ)

- ପରିବାର ଓଡ଼ିଶାର ସଚେତନତା କାର୍ଯ୍ୟକ୍ରମ

ପରିବାର ଓଡ଼ିଶାର ତ୍ରୟମାସିକ ବୈଠକ ରେଆର କାର୍ଯ୍ୟାଳୟରେ ରବିବାର ଅନୁଷ୍ଠିତ ହୋଇଯାଇଛି। ସୁବର୍ଣ୍ଣପୁର ଜିଲା ଭିନ୍ନକ୍ଷମ ଓ ଅଭିଭାବକ ସଂଘ, ସେଚ୍ଛାସେବୀ ଅନୁଷ୍ଠାନ ପରିବାର ଓଡ଼ିଶା, ଭିନ୍ନକ୍ଷମଙ୍କ ପାଇଁ କାର୍ଯ୍ୟରତ ସେଚ୍ଛାସେବୀ ଅନୁଷ୍ଠାନ ରେଆର ଆନୁକୂଲ୍ୟରେ ବୌଦ୍ଧିକ ଓ ବିକାଶବାତ ଭିନ୍ନକ୍ଷମଙ୍କ ପାଇଁ କାମ କରୁଥିବା ଅନୁଷ୍ଠାନ, ସଙ୍ଗଠନ ଏବଂ ଅଭିଭାବକଙ୍କୁ ନେଇ ଏହି ସଚେତନତା ବୈଠକ ଆୟୋଜିତ ହୋଇଥିଲା। ସୁବର୍ଣ୍ଣପୁର ଅତିରିକ୍ତ ଜିଲାପାଳ ଅଞ୍ଜଳିନା ପଧାନ ଯୋଗଦେଇ ଭିନ୍ନକ୍ଷମଙ୍କ ସାମଗ୍ରିକ ବିକାଶ ଦିଗରେ କାମ କରିବା ତଥା ସେମାନଙ୍କ ଅଧିକାରର ସୁରକ୍ଷାକୁ ସୁନିଶ୍ଚିତ କରିବା ଉପରେ ଗୁରୁତ୍ୱାରୋପ କରିଥିଲେ। ଭିନ୍ନକ୍ଷମଙ୍କ ପାଇଁ ଆଇନ ଓ ଯୋଜନାକୁ ଠିକ୍‌ଭାବେ ଜାଣିବା ପାଇଁ ପଧାନ କହିଥିଲେ। ଭିନ୍ନକ୍ଷମଙ୍କ ସୁରକ୍ଷା ପାଇଁ ଆବଶ୍ୟକ ଯତ୍ନ ଓ ସେବା ପାଇଁ ସମସ୍ତେ ଆଗଭର ହେବା ପାଇଁ ସେ ପରାମର୍ଶ ଦେଇଥିଲେ। ପରିବାର ଓଡ଼ିଶାର ସମ୍ପାଦକ କାର୍ତ୍ତିକ ଚନ୍ଦ୍ର ପାଣ୍ଡବ ଭିନ୍ନକ୍ଷମଙ୍କ ଉପଯୁକ୍ତ ଥଇଥାନ ପାଇଁ ଅଭିଭାବକଙ୍କ ଭୂମିକା ଓ ସରକାରଙ୍କ ଦାୟିତ୍ୱ ଗୁରୁତ୍ୱପୂର୍ଣ୍ଣ ବୋଲି କହିଥିଲେ।

ସୁବର୍ଣ୍ଣପୁର ଜିଲା ଭିନ୍ନକ୍ଷମ ଓ ଅଭିଭାବକ ସଂଘ ସଭାପତି ସୌଦାଗର ପାତ୍ର ଯୋଗଦେଇ ଏହି କାର୍ଯ୍ୟକ୍ରମ ଭିନ୍ନକ୍ଷମଙ୍କ ବିକାଶ ଓ ଥଇଥାନକୁ ସୁନିଶ୍ଚିତ କରିବ ବୋଲି କହିଥିଲେ। ପରିବାର ଓଡ଼ିଶାର ସଭାପତି ଗୌରୀଶ୍ୟାମ ପଣ୍ଡା ତାଙ୍କ ବକ୍ତବ୍ୟରେ ସମସ୍ତ ଅଭିଭାବକ ବୌଦ୍ଧିକ ଓ ବିକାଶବାତ ଭିନ୍ନକ୍ଷମମାନଙ୍କ ଗୋଷ୍ଠୀଭିତ୍ତିକ ଥଇଥାନ ପାଇଁ କାର୍ଯ୍ୟ କରିବା ପାଇଁ ଗୁରୁତ୍ୱାରୋପ କରିଥିଲେ। ବାରିପଦା ସାଧନା ଅନୁଷ୍ଠାନ ନିର୍ଦ୍ଦେଶକ ରଞ୍ଜିତ ମହାପାତ୍ର ଭିନ୍ନକ୍ଷମଙ୍କ ଅଧିକାର ଅଧିନିୟମ ୨୦୧୬ ତଥା ସେମାନଙ୍କ ପାଇଁ ଉଦ୍ଦିଷ୍ଟ ଥିବା ଯୋଜନା ଓ ପ୍ରାପ୍ୟ ସମ୍ପର୍କରେ ଆଲୋଚନା କରିଥିଲେ। କୋରାପୁଟ ଏକତାର ଭୌତିକ ଚିକିତ୍ସକ ନିରାକାର ଦେବ ଦାସ ରାଷ୍ଟ୍ରୀୟ ନ୍ୟାସ ଆଇନ ଓ ତତ୍‌ସମ୍ପର୍କିତ କାର୍ଯ୍ୟକ୍ରମ ସମ୍ପର୍କରେ ଉପସ୍ଥାପନ କରିଥିଲେ। ରେଆର ସାଧାରଣ ସମ୍ପାଦକ ତଥା ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଅନଙ୍ଗ ନେଗି ରାଷ୍ଟ୍ରୀୟ ନ୍ୟାସ ଅଧୀନ ଲୋକାଲ ଲେଭେଲ କମିଟିର ଗଠନ, କାର୍ଯ୍ୟାନ୍ୱୟନ ତଥା ବୈଠକ ପ୍ରକ୍ରିୟା ସମ୍ପର୍କରେ ଆଲୋଚନା କରିଥିଲେ। ବୈଷୟିକ ପର୍ଯ୍ୟାୟରେ ପଞ୍ଚାନନ ପାତ୍ର, ଆଶୀର୍ବାଦ ସାମଲ, କାର୍ତ୍ତିକ ପାଣ୍ଡବ ଓ ମନୋଜ ଆଚାର୍ଯ୍ୟ ସଭାପତିତ୍ୱ କରିଥିଲେ। ପରିବାର ଓଡ଼ିଶାର ସକ୍ରିୟ କାର୍ଯ୍ୟକ୍ରମ ପାଇଁ ନୂତନ ଅଭିଭାବକ ସଂଘ ଗଠନ କରିବା, ମିଶନ କ୍ଷମତା ଅଧୀନରେ ଭିନ୍ନକ୍ଷମ ସ୍ୱୟଂ ସହାୟକ ଗୋଷ୍ଠିକୁ ଆର୍ଥିକ ସହଯୋଗ ଦେବା, ଜିଲା ଭିନ୍ନକ୍ଷମ କମିଟି, ଲୋକାଲ ଲେଭେଲ କମିଟିର ନିୟମିତ ବୈଠକ ସମ୍ପର୍କରେ ଆଲୋଚନା ହୋଇଥଲା।

**Government of Odisha "e" procurement Notice**
**Bid Identification No. TENDER ONLINE**
No.O-1582 **SNPR - 18 OF 2024-25**
Letter No. 1327 Dated : 05.03.2025

1. Name of the work : Building Works as per DTCN available in the website www.tendersodisha.gov.in
2. Total No. of Work : 03 (Three) Nos.
3. Approximate Estimated Cost : 67.26 lakh to 68.36 lakhs
4. Period of Completion : 9 (Nine) Calendar months
5. Period and time of availability of bid document in the portal for bidding : 12.03.2025 at 11.00 A.M. to 25.03.2025 up to 5.00 P.M.
6. Date and time of opening of Tender : 26.03.2025 at 11.00 A.M. (Technical Bid) & (Financial Bid will be intimated later on)
7. Name and address of the officer inviting bid : S.E.R.W. Division, Sonepur

(1) Other details can be seen from detailed notice
(2) Inviting tenders, available in website www.tendersodishagov.in
(3) Corrigendum if any shall only be published in the website : www.tenderodisha.gov.in

Sd./- Executive Engineer
Rural Works Division, Sonepur
OIPR-25054/11/0023/2425

**GOVERNMENT OF ODISHA**
**OFFICE OF THE ADDITIONAL CHIEF ENGINEER-CUM-ELECTRICAL INSPECTOR, BERHAMPUR**
ଓଡ଼ିଶା ସରକାର
AT-GAJAPATI NAGAR 1ST LANE, BERHAMPUR, DIST-GANJAM, PIN-760010, Email Id : eiganjam-od@gov.in, Ph/Fax- 0680-2291209
**TENDER CALL NOTICE**
Notice No.02/2024-25 Dated : 05.03.2025

**No.O-1584** : Sealed tenders are invited from interested reputed Travel Agencies / Tour Operators/ Private Individuals for providing one (01) TUV 300/ Ertiga/Bolero/Sumo Gold (BS6) AC vehicle having seating capacity not more than 7 (seven) including driver on monthly hiring basis for Office of the **Additional Chief Engineer-cum-Electrical Inspector, Berhampur,** for a period of two year. The tenderer should have valid & active GST registration and it should also be registered on GeM Platform. The tenders will be received in sealed cover up to 27.03.2025, 5.00 P.M. in the office of the undersigned by Registered Post or hand delivered with due acknowledgement within the above period and the authority will not be responsible for postal delay. The tenders shall be opened on 27.03.2025 at 5.30 P.M. in the presence of tenderers or their authorized representatives, if any. The tender document can be obtained from the office of the undersigned, on payment of Rs.100/- (Rupees one hundred) only during office hour on working days from 12.03.2025 to 27.03.2025 (till 4.00 P.M.) or can be downloaded from our website https://eicelectricityodisha.nic.in/. If the tender document is downloaded from our website, a Demand Draft of Rs.100/- (Rupees one hundred) only drawn in favour of ASSISTANT TO ACE-CUM-E.I, BERHAMPUR drawn on any Nationalized Bank, payable at Berhampur, needs to be attached with the tender document, for further details visit http://eicelectricityodisha.nic.in or contact the office of the undersigned. The undersigned reserves the right to reject the tenders without assigning any reason thereof.

Sd./- ACE-cum-EI,
Berhampur
OIPR-04077/11/0002/2425

**GOVERNMENT OF ODISHA, DEPARTMENT OF WATER RESOURCES**
**OFFICE OF THE ADDITIONAL CHIEF ENGINEER, MECHANICAL CIRCLE, HIRAKUD**
Email address : semech-eicwr.od@nic.in
E-Procurement Notice - Bid Identification No. ACEMC/MDHKD : 02/2024-25 dt.04.03.2025
No.A-1164

1. Name of the Work : Mechanical Gate Works of MI Division, Sambalpur, Sonepur & Balangir
2. No. of Work : 03 (Three) Nos.
3. Category of executors : SSI Units registered under DIC/ NSIC/MSME for Irrigation Shutters/ Hydro Mechanical Gates
4. Bid Identification No. : ACEMC/MDHKD : 02/2024-25 dt.04.03.2025
5. Estimated Cost : 13.90 Lakh to 16.21 Lakh (Excluding GST)
6. Period of Completion : Two Calendar Month each.
7. Date & time of availability of bid documents in the Portal : From dt.13.03.2025 (10.00 A.M.) to dt.22.03.2025 (5.30 P.M.)
8. Last date/time for receipt of bid : Dt.22.03.2025 (up to 5.30 P.M.) in the portal
9. Date and Place of opening of Bid : Dt.24.03.2025, 11.00 A.M. onwards in O/o the Undersigned
10. Name of the Officer inviting Bids : Additional Chief Engineer, Mechanical Circle, Hirakud

Further details can be seen only from e-procurement portal https://tendersodisha.gov.in

Sd./- Additional Chief Engineer
Mechanical Circle, Hirakud
OIPR-32344/11/0002/2425

**GOVERNMENT OF ODISHA**
**OFFICE OF THE ZILLA PARISHAD, KALAHANDI**
E-mail : zillaparishadkalahanditech@gmail.com
**E-Procurement Notice**
**Bid Identification No. ZP/KLD-02/2024-25**
No.CAD-2760
No. 1052 Dated : 07.03.2025

| | | | |
|---|---|---|---|
| 1 | No. of the work | : | 10 nos. of Road work |
| 2 | Estimated cost | : | Rs.80.27 lakh to Rs.120.50 lakh |
| 3 | Period of Completion | : | 9 (Nine) calendar months |
| 4. | Date and time of availability of bid document in the portal | : | 11.00 hrs of 12.03.2025 to 17.00 hrs of 24.03.2025 |
| 5 | Last date/Time for receipt of bid in the portal | : | 17.00 hour of 24.03.2025 |
| 6 | Name and address of the Officer Inviting Bid | : | CDO-cum-EO, Zilla Parishad, Kalahandi |
| 7 | Date & Venue of Opening of the Single Cover Bid and Technical Bid (Cover 1) of Double cover Bid | : | On 25.03.2025 at 11.00 A.M. in the Office of the Zilla Parishad, Kalahandi |

Further details can be seen from the e-procurement portal https://tendersodisha.gov.in

Sd./- CDO-cum-EO
Zilla Parishad, Kalahandi
OIPR-19287/11/0003/2425

**ଶୈକ୍ଷିକ କ୍ଷେତ୍ର ପରିଦର୍ଶନ କଲେ ୩୧୫ ଛାତ୍ରୀଛାତ୍ର**

ଦେବଗଡ଼,(ଶଶାଙ୍କ ଶେଖର ଝାଙ୍କର): ଦେବଗଡ଼ ଜିଲା ତିଲେଇବଣି ଗୋଷ୍ଠୀ ଶିକ୍ଷା କାର୍ଯ୍ୟାଳୟ ଆନୁକୂଲ୍ୟରେ ବ୍ଲକର ସମସ୍ତ ସରକାରୀ ପ୍ରାଥମିକ ଓ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପ୍ରତି ବିଦ୍ୟାଳୟର ଶ୍ରେଣୀରେ ଶ୍ରେଷ୍ଠ କୃତୀତ୍ୱ ହାସଲ କରିଥିବା ୩ଜଣ ଛାତ୍ରୀଛାତ୍ରମାନଙ୍କୁ ନେଇ ଶୈକ୍ଷିକ କ୍ଷେତ୍ର ପରିଦର୍ଶନ ଅନୁଷ୍ଠିତ ହୋଇଯାଇଛି। ବ୍ଲକର ୧୩୫ଟି ସରକାରୀ ପ୍ରାଥମିକ ଓ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ୩୧୫ଜଣ ଛାତ୍ରୀଛାତ୍ର, ୩୨ଜଣ ସହାୟକ ଶିକ୍ଷୟିତ୍ରୀଶିକ୍ଷକଙ୍କ ସହିତ ୪ଟି ବସ ଦ୍ୱାରା ସମଲେଇ ମନ୍ଦିର, ସମ୍ବଲପୁର ବିଶ୍ୱବିଦ୍ୟାଳୟ, ଡ. ଏପିଜେ ଅବଦୁଲ କଲାମ ପ୍ଲାନେଟୋରିୟମ, ହୀରାକୁଦ ନଦୀବନ୍ଧ ଇତ୍ୟାଦି ସ୍ଥାନ ପରିଦର୍ଶନ କରିଥିଲେ। ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ନାରାୟଣ ସିଂ ସାମନ୍ତଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ୧୬କ୍ଲଷ୍ଟର ସିଆରସିସି ମୁଖ୍ୟ ଦାୟିତ୍ୱ ବହନ କରିଥିଲେ।

**ଖବର ପ୍ରକାଶ ପରେ ...**

# ଅପସାରିତ ହେଲା କିଛି ନିମ୍ନମାନର ମେଟାଲ

**କ୍ଷୁଦ୍ର ଜଳ ସେଚନ ବିଭଗ ପକ୍ଷରୁ ନିମ୍ନମାନର ରାସ୍ତା ନିର୍ମାଣ ଘଟଣା**

- ଏବେ ବି ଆହୁରି ବାକି ରହିଲା
- ଭିଜିଲାନ୍ସ, ଜିଲାପାଳଙ୍କ ଦ୍ୱାରା ତଦନ୍ତ ଦାବି

ଦେବଗଡ଼,୯।୩(ଶଶାଙ୍କ ଶେଖର ଝାଙ୍କର)

ଦେବଗଡ଼ କ୍ଷୁଦ୍ର ଜଳ ସେଚନ ବିଭାଜନ ପକ୍ଷରୁ ବିଭିନ୍ନ ସ୍ଥାନରେ ଚାଲିଥିବା ବିଭିନ୍ନ ଉନ୍ନୟନ କାର୍ଯ୍ୟରେ ଠିକାଦାର-ଯନ୍ତ୍ରୀ ମଧୁଚନ୍ଦ୍ରିକା ଯୋଗୁ ବ୍ୟାପକ ଅନିୟମିତତା ଓ ଦୁର୍ନୀତି ହେଉଥିବା ଦେଖିବାକୁ ମିଳୁଛି। ଅଞ୍ଚଳବାସୀଙ୍କ ପକ୍ଷରୁ ଏ ନେଇ ବାରମ୍ବାର ଅଭିଯୋଗ ସତ୍ତ୍ୱେ ବିଭାଗୀୟ ଯନ୍ତ୍ରୀ ନିର୍ମାଣ କାର୍ଯ୍ୟରେ କୌଣସି ସୁଧାର ଆସିବା ପରିବର୍ତ୍ତେ ପୂର୍ବବତ ନିମ୍ନମାନର କାର୍ଯ୍ୟ ଜାରି ରହୁଛି। ଏ ନେଇ ସାଧାରଣରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ଏହି କ୍ରମରେ ବାରକୋଟ ବ୍ଲକ ଅନ୍ତର୍ଗତ କଲା-ସଇଡା ଗ୍ରାମରେ ଥିବା ଡମ୍ବରୁଧର ପ୍ରିୟା କେନାଲ କଡରେ ୬୦ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ବ୍ୟୟରେ ପିଚୁ ରାସ୍ତା ନିର୍ମାଣ ପାଇଁ ମେଟାଲ ବିଛା କାର୍ଯ୍ୟ ଚାଲିଛି। ତେବେ କିଛି ଦିନ ପୂର୍ବେ ଉକ୍ତ ନିର୍ମାଣାଧୀନ ରାସ୍ତାରେ କ୍ରଶର ବ୍ରୋକେନ ମେଟାଲ ବ୍ୟବହାର କରା ନ ଯାଇ ଧାର୍ଯ୍ୟଠାରୁ ବଡ ତଥା ନିମ୍ନମାନର ହାତପିଟା ମେଟାଲ ବ୍ୟବହାର ହେଉଥିଲା। ଫଳରେ ରାସ୍ତାର ସ୍ଥାୟିତ୍ୱ ନେଇ ସାଧାରଣରେ ନାନା ପ୍ରଶ୍ନବାଚୀ ସୃଷ୍ଟି ହୋଇଥିଲା। ଏପରି କି ଉକ୍ତ ରାସ୍ତା ଦେଇ ଲୋକେ ବାଇକ୍‌ରେ ଯାତାୟାତ କଲେ ମଧ୍ୟ ମେଟାଲଗୁଡିକ ଗୁଣ୍ଡ ହୋଇଯାଉଥିଲା। ଏ ନେଇ ଅଞ୍ଚଳବାସୀ ନିର୍ମାଣ କାର୍ଯ୍ୟ ତଦାରଖ ଦାୟିତ୍ୱରେ ଥିବା ବିଭାଗୀୟ କନିଷ୍ଠ ଯନ୍ତ୍ରୀ ଅଟଳ ବିହାରୀ ପାଣି ଓ ବିଭାଗୀୟ ସହକାରୀ ଯନ୍ତ୍ରୀ (ଏସ୍‌ଡିଓ) ବିମଳ କୁମାର ବାରାଙ୍କ ନିକଟରେ ଅଭିଯୋଗ କରିବା ସହ ଠିକ ମାନର ନିର୍ମାଣ କାର୍ଯ୍ୟ କରିବାକୁ କହିଥିଲେ। ମାତ୍ର ସେମାନଙ୍କ କଥା କେହି ହେଲେ ଶୁଣି ନ ଥିଲେ ଓ ନିମ୍ନମାନର ନିର୍ମାଣ କାର୍ଯ୍ୟ ଜାରି ରହିଥିଲା। ତେବେ ବିଭିନ୍ନ ଗଣମାଧ୍ୟମରେ ଖବର ପ୍ରକାଶ ହେବା ପରେ ବିଭାଗୀୟ ଅଧିକ୍ଷଣ ଯନ୍ତ୍ରୀ ଏହାର ତଦନ୍ତ କରି ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ଗ୍ରହଣ ସହିତ ଯଦି ନିମ୍ନମାନର ମେଟାଲ ବିଛାଯାଇଥାଏ, ଏହାକୁ ଅପସାରଣ କରାଯାଇ ବ୍ୟୟ ଅଟକଳ ଅନୁଯାୟୀ ଠିକ ଆକାର ଓ ଠିକ ମାନର ମେଟାଲ ବିଛାଇବା ପାଇଁ ପ୍ରତିଶ୍ରୁତି ଦେଇଥିଲେ। ପ୍ରତିଶ୍ରୁତି ଅନୁଯାୟୀ ନିର୍ମାଣାଧୀନ ରାସ୍ତାର କିଛି କାଂଶରୁ ନିମ୍ନମାନର ମେଟାଲ ଅପସାରଣ କରାଯାଇ ସେହି ସ୍ଥାନରେ ଠିକ ମାନର ମେଟାଲ ବିଛାଯାଇଥିଲା। ମାତ୍ର ଧର୍ମକୁ ଆଖିଠାର ଭଳି ନିମ୍ନମାନର ସିଂହଭାଗ ମେଟାଲ ଅପସାରଣ କରା ନ ଯାଇ ଏହାକୁ ଢାଙ୍କି ଦିଆଯିବା ସହ ତାହା ଉପରେ ଦ୍ୱିତୀୟ ସ୍ତର ମେଟାଲ ବିଛାଯାଉଛି। ଫଳରେ ଏହାକୁ ନେଇ ଅଞ୍ଚଳବାସୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇବା ସହ ଆପତି ଉଠାଇଛନ୍ତି। ଅପସାରିତ ହୋଇ ନ ଥିବା ନିମ୍ନମାନର ମେଟାଲଗୁଡିକୁ ତୁରନ୍ତ ଅପସାରଣ ନିମନ୍ତେ ବିଭାଗୀୟ କନିଷ୍ଠ ଯନ୍ତ୍ରୀ ଓ ଏସ୍‌ଡିଓଙ୍କ ନିକଟରେ ଦାବି ଜଣାଇଛନ୍ତି। ମାତ୍ର ଏହାସତ୍ତ୍ୱେ ନିର୍ମାଣ କାର୍ଯ୍ୟ ତଦାରଖ ନିମନ୍ତେ କନିଷ୍ଠ ଯନ୍ତ୍ରୀ ଓ ଏସ୍‌ଡିଓ ନିର୍ମାଣ ସ୍ଥଳକୁ ଯାଉ ନ ଥିବା ଓ ଏପରିକି କେହି ଫୋନ କଲେ ମଧ୍ୟ ସେମାନେ କଲ ରିସିଭ କରୁନାହାନ୍ତି। ଫଳରେ ନିର୍ମାଣକାରୀ ସଂସ୍ଥା ନିଜର ଇଛା ଅନୁଯାୟୀ କାର୍ଯ୍ୟ କରୁଥିବା ଏବଂ ଏଥିପ୍ରତି ଉଭୟ ଯନ୍ତ୍ରୀଙ୍କ ପରୋକ୍ଷ ସମର୍ଥନ ରହିଥିବା ସାଧାରଣରେ ଅଭିଯୋଗ ହେଉଛି। ଜିଲାପାଳ ଘଟଣାର ତଦନ୍ତ କରି ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସହ ଭିଜିଲାନ୍ସ ତଦନ୍ତ ପାଇଁ ସାଧାରଣରେ ଦାବି ହେଉଛି। ଏ ନେଇ ବିଭାଗୀୟ ସହକାରୀ ଯନ୍ତ୍ରୀ ଏସ୍‌ଡିଓ ବିମଳ ବାରାଙ୍କୁ ମୋବାଇଲରେ ଯୋଗାଯୋଗ କରାଯାଇଥିଲା। ମାତ୍ର ସେ କଲ ରିସିଭ କରୁ ନ ଥିବାରୁ ମତାମତ ମିଳିପାରି ନାହିଁ।



ପିଚୁ ରାସ୍ତା ନିର୍ମାଣ ପାଇଁ ମେଟାଲ ବିଛା କାର୍ଯ୍ୟ ଚାଲିଛି।

## ସୁଭଦ୍ରା ଦ୍ୱିତୀୟ କିସ୍ତି ପ୍ରଦାନ, ଆଶ୍ୱାସନା ଯୋଜନାର ଶୁଭାରମ୍ଭ

ଝାରସୁଗୁଡ଼ା,୯।୩(ଆଶିଷ ରଞ୍ଜନ ଦାଶ)

ଝାରସୁଗୁଡା ଜିଲାସ୍ତରୀୟ ଅନ୍ତର୍ଜାତୀୟ ମହିଳା ଦିବସ ପାଳନ ସହିତ ସୁଭଦ୍ରା ଦ୍ୱିତୀୟ କିସ୍ତି ପ୍ରଦାନ ଓ ଆଶ୍ୱାସନା ଯୋଜନାର ଶୁଭାରମ୍ଭ ହୋଇଛି। ସ୍ଥାନୀୟ ଏମ୍‌ସିଏଲ୍ ପ୍ରେକ୍ଷାଳୟରେ ଅନୁଷ୍ଠିତ ଜିଲାସ୍ତରୀୟ କାର୍ଯ୍ୟକ୍ରମ ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ ଓ ବିଧାୟକ ଟଙ୍କଧର ତ୍ରିପାଠୀଙ୍କ ଦ୍ୱାରା ଉଦ୍‌ଘାଟିତ ହୋଇଛି। ସୁଭଦ୍ରା ଯୋଜନା ମହିଳାଙ୍କୁ ଆତ୍ମନିର୍ଭରଶୀଳ କରିବା ସହ ମହିଳାଙ୍କ ମଧ୍ୟରେ ଆତ୍ମବିଶ୍ୱାସ ବୃଦ୍ଧି କରିବ ବୋଲି ମନ୍ତ୍ରୀ ଏବଂ ବିଧାୟକ କହିଛନ୍ତି। ଝାରସୁଗୁଡ଼ାରେ ପ୍ରାୟ ୧ଲକ୍ଷ ୨୬ ହଜାରରୁ ଊର୍ଦ୍ଧ୍ୱ ମହିଳାଙ୍କୁ ପ୍ରାୟ ୬୩ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ପ୍ରଦାନ କରାଯାଇଛି। କାର୍ଯ୍ୟକ୍ରମ ଅବସରରେ ଜିଲାରେ କୌଣସି କାରଣରୁ ବାପ ଛେଉଣ୍ଡ ହୋଇଥିବା ଝିଅମାନଙ୍କ ସକାଶେ ଏମ୍‌ସିଏଲ୍ ସହଯୋଗରେ ଆଶ୍ୱାସନା କାର୍ଯ୍ୟକ୍ରମ ଶୁଭାରମ୍ଭ ହୋଇଛି। ଝିଅମାନଙ୍କୁ ଆଗାମୀ ଦିନରେ ଶିକ୍ଷା କ୍ଷେତ୍ରରେ ଆଗକୁ ଯିବା ପାଇଁ ଏହି କାର୍ଯ୍ୟକ୍ରମ ସହାୟକ ହେବ। ପ୍ରାରମ୍ଭିକ ପର୍ଯ୍ୟାୟରେ ଜିଲାର ୫୦ଜଣ ଝିଅଙ୍କୁ ସହାୟତା ରାଶି ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମରେ ଜିଲାପାଳ ଅବୋଲି ସୁନିଲ ନରୱଣେ ଉପସ୍ଥିତ ରହି ମହିଳା ଦିବସ ଓ ଆଶ୍ୱାସନା କାର୍ଯ୍ୟକ୍ରମ ଉପରେ ଆଲୋକପାତ କରିଥିଲେ। ଏହି ଅବସରରେ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯାଇଥିବା ବେଳେ ଶ୍ରେଷ୍ଠ ସିଡିପିଓ, ମହିଳା ସୁପରଭାଇଜର ଓ ଅଙ୍ଗନୱାଡ଼ି କର୍ମୀଙ୍କୁ ସମ୍ମାନିତ କରାଯାଇଥିଲା। ଜିଲା ସମାଜ କଲ୍ୟାଣ ଅଧିକାରୀ ପୂର୍ଣ୍ଣ୍ୟବତୀ ହେଲେନ ଖେସ ଧନ୍ୟବାଦ ଅର୍ପଣ କରିଥିଲେ। ଡିସିପିଓ ଧନ୍ୟବାଦ ଅର୍ପଣ କରିଥିଲେ।

## ସଂକ୍ଷେପରେ

### ହାଇୱା ଜବତ, ଚାଳକ ଗିରଫ

କୋଲାବିରା,୯।୩(ଚିନ୍ମୟ କୁମାର ବହିଦାର)

ଝାରସୁଗୁଡା ଜିଲା କୋଲାବିରା ଥାନା ଅନ୍ତର୍ଗତ ଭୀମଯୋର ଗ୍ରାମ ନିକଟରେ ବେଆଇନ ବାଲି ଚାଲାଣ ଅଭିଯୋଗରେ ସ୍ଥାନୀୟ ପୋଲିସ ହାଇୱା (ନଂ.ଓଡି୨୩ଏସ୍୪୮୦୦) ଜବତ୍ କରିବା ସହିତ ଚାଳକଙ୍କୁ ଗିରଫ କରିଛି। ଗିରଫ ଚାଳକ ସମ୍ବଲପୁର ଜିଲା କୁଚିଣ୍ଡା ବନ୍ଧପାଲି ଗ୍ରାମର ଟିଉଟନ କିଷାନ (୨୪)। ଏ ନେଇ ଥାନାରେ ଭାରତୀୟ ନ୍ୟାୟ ସଂହିତା ଧାରା ୩୦୩(୨), ୬୧(୨)ଏ ଏବଂ ଓଏମଏମସି ଧାରା ୫୧/୨୦୧୬ ଅନ୍ତର୍ଗତ ମାମଲା ରୁଜୁ କରି ଚାଳକଙ୍କୁ କୋର୍ଟ ଚାଲାଣ କରାଯାଇଥିବା ନେଇ ତଦନ୍ତକାରୀ ଅଧିକାରୀ ଉପନିରୀକ୍ଷକ ସନ୍ତୋଷ କୁମାର ପଧାନ ସୂଚନା ଦେଇଛନ୍ତି। ବାଲି ଚୋରାଚାଲାଣ ଧରପଗଡ ନେଇ ପୋଲିସ୍ ବିଭାଗ ତତ୍ପର ହୋଇଉଠିଛି। ଏହି କ୍ରମରେ ଶୁକ୍ରବାରଠାରୁ ବାଲି ଚୋରା ଚାଲାଣ ଧରପଗଡରେ ପୋଲିସର ତତ୍ପରତା ପ୍ରକାଶ ପାଇଥିବା ଦେଖିବାକୁ ମିଳୁଛି।

### ମହିଳା ଦିବସରେ ସଚେତନତା ଶୋଭାଯାତ୍ରା

ଝାରସୁଗୁଡ଼ା,୯।୩(ଆଶିଷ ରଞ୍ଜନ ଦାଶ)

ଝାରସୁଗୁଡା ଜିଲା ଲଖନପୁର ବ୍ଲକ ବଞ୍ଜାରୀ ପଞ୍ଚାୟତରେ ଅନ୍ତର୍ଜାତୀୟ ମହିଳା ଦିବସ ପାଳିତ ହୋଇଛି। ସରପଞ୍ଚ ସୀମା ସାହୁଙ୍କ ନେତୃତ୍ୱରେ ପଞ୍ଚାୟତର ମହିଳାମାନେ ଏକ ବିଶାଳ ଶୋଭାଯାତ୍ରା ଗ୍ରାମ ପରିକ୍ରମା କରିଥିଲେ। ପରିକ୍ରମା ସରିଲା ପରେ ମହିଳା ସଶକ୍ତିକରଣ, ମହିଳା ନେତୃତ୍ୱ, ମହିଳା ଉଦ୍ୟୋଗୀକରଣ ତଥା ସମସ୍ତ ମହିଳାଙ୍କୁ ସ୍ୱାବଲମ୍ବୀ ହେବା ସହିତ ଆତ୍ମନିର୍ଭରଶୀଳ ହେବା ପାଇଁ ସରପଞ୍ଚ ସାହୁ ମହିଳାମାନଙ୍କୁ ସଚେତନ କରିଥିଲେ। ଅନ୍ତର୍ଜାତୀୟ ମହିଳା ଦିବସ ଉପଲକ୍ଷେ ବଞ୍ଜାରୀ ପଞ୍ଚାୟତର ମହିଳାମାନଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତା କରାଯାଇ କୃତୀ ମହିଳାଙ୍କୁ ପୁରସ୍କୃତ କରାଯାଇଥିଲା।

### ମହିଳାମାନେ ଆଗକୁ ଆସିଲେ ସମୃଦ୍ଧ ଭାରତ ନିର୍ମାଣ ହେବ

ଦେବଗଡ଼,୯।୩(ଶଶାଙ୍କ ଶେଖର ଝାଙ୍କର)

ଦେବଗଡ଼ ପୌର ପରିଷଦ କଲ୍ୟାଣ ମଣ୍ଡପରେ ଅନ୍ତର୍ଜାତୀୟ ମହିଳା ଦିବସ ପାଳିତ ହୋଇଯାଇଛି। ଏହି ଉପଲକ୍ଷେ ପୌର ପରିଷଦ ନିର୍ବାହୀ ଅଧିକାରୀ କୃପାସିନ୍ଧୁ ସ୍ୱାଇଁଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଭାରପ୍ରାପ୍ତ ନଗରପାଳ ପ୍ରଜିତ କୁମାର ଭୋଜ, ସମ୍ମାନିତ ଅତିଥି ଭାବେ ୭ ନମ୍ବର ୱାର୍ଡ କାଉନସିଲର ପିଙ୍କିରାଣୀ ସାହୁ, ୮ ନମ୍ବର ନମ୍ବର ୱାର୍ଡ କାଉନସିଲର ମଧୁସୁଦନ ବାଘ ଓ ୧୦ ନମ୍ବର ୱାର୍ଡ କାଉନସିଲର ଇତିଶ୍ରୀ ମିଶ୍ର ମଞ୍ଚାସୀନ ରହି ଲିଙ୍ଗଗତ ସମାନତା ଓ ନାରୀ ଶସକ୍ତିକରଣ ଦିଗରେ ତ୍ୱରାନ୍ୱିତ କାର୍ଯ୍ୟାନୁଷ୍ଠାନ ପ୍ରସଙ୍ଗରେ ଆଲୋକପାତ କରିଥିଲେ। ଏଥିସହ ସମାଜରେ ମହିଳାମାନେ ଆଗକୁ ଆସିଲେ ଏକ ସମୃଦ୍ଧ ଭାରତ ନିର୍ମାଣ ହୋଇପାରିବ। ଏହାକୁ ଦୃଷ୍ଟିରେ ରଖି ମହିଳାମାନଙ୍କୁ ସାହସୀ ଏବଂ ସ୍ୱାବଲମ୍ବୀ କରିବା ପାଇଁ ଉଭୟ ରାଜ୍ୟ ଏବଂ କେନ୍ଦ୍ର ସରକାର ଅନେକ ଯୋଜନା କାର୍ଯ୍ୟକାରୀ କରୁଛନ୍ତି ବୋଲି ମଞ୍ଚାସୀନ ଅତିଥିଗଣ ପ୍ରକାଶ କରିଥିଲେ। ଏହି ଅବସରରେ ପୌର ପରିଷଦରେ କାର୍ଯ୍ୟରତ ସମସ୍ତ ମହିଳା ସଫେଇ କର୍ମଚାରୀ, ସ୍ୱଚ୍ଛସାଥିମାନଙ୍କୁ ଅତିଥିମାନଙ୍କ ଦ୍ୱାରା ଉପହାର ପ୍ରଦାନ ପୂର୍ବକ ସମ୍ମାନିତ କରାଯାଇଥିଲା।

## ବ୍ଲକସ୍ତରୀୟ ପ୍ରଧାନ ଶିକ୍ଷକ ସମ୍ମିଳନୀ



ପ୍ରଧାନ ଶିକ୍ଷକ ସମ୍ମିଳନୀରେ ଉପସ୍ଥିତ ଶିକ୍ଷୟିତ୍ରୀଶିକ୍ଷକ।

କୋଲାବିରା,୯।୩(ଚିନ୍ମୟ କୁମାର ବହିଦାର)

ଝାରସୁଗୁଡା ଜିଲା କୋଲାବିରା ବ୍ଲକ ଅନ୍ତର୍ଗତ ବାଗମରା ଭିଷ୍ମଦେବ ଉଚ୍ଚ ବିଦ୍ୟାଳୟରେ ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ଓ ଶିକ୍ଷୟିତ୍ରୀଙ୍କ ୧୫ତମ ବ୍ଲକସ୍ତରୀୟ ମାସିକ ସମ୍ମିଳନୀ ରବିବାର ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଶିକ୍ଷୟିତ୍ରୀ ସ୍ୱର୍ଣ୍ଣଲତା ପଟେଲଙ୍କ ଅଧ୍ୟକ୍ଷତାରେ ଆୟୋଜକ ବାଗମରା ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ହିମାଂଶୁ ବାଗ ଅତିଥି ପରିଚୟ ସହ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଏଥିରେ କୋଲାବିରା ସରକାରୀ ପଞ୍ଚାୟତ ସମିତି ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷୟିତ୍ରୀ ଚିନ୍ମୟି ଦେବଶ୍ରୀ ପିଙ୍ଗ, ସରକାରୀ ଉଚ୍ଚ ବିଦ୍ୟାଳୟ ଝିଲ୍ଲାପାଲିର ପ୍ରଧାନ ଶିକ୍ଷୟିତ୍ରୀ ସ୍ୱର୍ଣ୍ଣଲତା ପଟେଲ, ସରକାରୀ ୟୁଜି ଉଚ୍ଚ ବିଦ୍ୟାଳୟ କୁଲିହାମାଲର ପ୍ରଧାନ ଶିକ୍ଷକ ହରିହର ପଟେଲ, ସମାସିଂହା ସରକାରୀ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ମଙ୍ଗଲ କିଷାନ, ସମାସିଂହା କ୍ଷୀରୋଦ ଗୌନ୍ତିଆ ବାଳିକା ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ନିର୍ମଳ ଚାନ୍ଦ, ରଘୁନାଥପାଲି ସରକାରୀ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ପ୍ରଶାନ୍ତ ବିଶ୍ୱାଳ, ପରମାଣପୁର ଚକ୍ରଧର ବିର୍ତ୍ତିଆ ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ମୁକେଶ ଖମାରୀ, ସରକାରୀ ୟୁଜି ଉଚ୍ଚ ବିଦ୍ୟାଳୟ ସିରିଆପାଲିର ପ୍ରଧାନ ଶିକ୍ଷକ ପୂର୍ଣ୍ଣଚନ୍ଦ୍ର ସାହୁ, ଗୁଡିଗାଁ କେଜି ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ପୂର୍ଣ୍ଣଚନ୍ଦ୍ର ପଟେଲ ପ୍ରମୁଖ ଅଂଶଗ୍ରହଣ କରିଥିଲେ। ବୈଠକରେ ରାଜ୍ୟ ସରକାରଙ୍କ ଗଣ ଶିକ୍ଷ ବିଭାଗର ଏଜେଣ୍ଡା ଉପରେ ଆଲୋଚନା କରାଯାଇଥିଲା। ଜିଲା ବିଜ୍ଞାନ ପର୍ଯ୍ୟବେକ୍ଷକ ନିରୋଜ କୁମାର ପଟେଲ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଅତିଥିମାନଙ୍କ ଦ୍ୱାରା ପ୍ରଦୀପ ପ୍ରଜ୍ୱଳନ ପରେ ବିଦ୍ୟାଳୟ ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ସ୍ୱାଗତ ସଙ୍ଗୀତ ଗାନ କରାଯାଇଥିଲା। କାର୍ଯ୍ୟକ୍ରମରେ ଉତ୍କର୍ଷ, ଏକାଡେମୀ, ୟୁନିଫର୍ମ କଲର କୋଡ୍, ଆଲୁମନି ସଂଯୋଜନା କାର୍ଯ୍ୟକ୍ରମ, ଗଣିତ ଦକ୍ଷତା, ଏଲ୍‌ଇପି, ପଞ୍ଚଶଖା ଶିକ୍ଷା ସେତୁ, ବିଦ୍ୟାଳୟ ଉନ୍ନତିକରଣ, ବିଦ୍ୟାଳୟରେ ପ୍ରବେଶ ଉତ୍ସବ, ଖଡିଛୁଆଁ ପାଳନ ଆଦି ବିଭିନ୍ନ ଶୈକ୍ଷିକ ବିଷୟଗୁଡିକ ଉପରେ ଆଲୋଚନା କରାଯାଇଥିଲା। ବାଗମରା ଉଚ୍ଚ ବିଦ୍ୟାଳୟର ସହକାରୀ ଶିକ୍ଷକ ପୀତାମ୍ବର ସା ଧନ୍ୟବାଦ ଅର୍ପଣ କରିଥିଲେ।

### ଭାଜପା ପକ୍ଷରୁ ଅନ୍ତର୍ଜାତୀୟ ମହିଳା ଦିବସ ପାଳିତ

ଝାରସୁଗୁଡ଼ା,୯।୩(ଆଶିଷ ରଞ୍ଜନ ଦାଶ)

ଝାରସୁଗୁଡା ଜିଲା ଗୁମାଡେରା ମାଲିପଡା ମିରର ଥିଏଟର ପ୍ରାଙ୍ଗଣରେ ଭାଜପା ପକ୍ଷରୁ ଅନ୍ତର୍ଜାତୀୟ ମହିଳା ଦିବସ ରବିବାର ପୂର୍ବାହ୍ନ ୧୧ଟାରେ ପାଳିତ ହୋଇଯାଇଛି। କାର୍ଯ୍ୟକ୍ରମରେ ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ ଯୋଗଦେଇ ମହିଳା ସଶକ୍ତିକରଣ, ଉଦ୍ୟୋଗୀକରଣ, ଆତ୍ମନିର୍ଭରଶୀଳତା ଆଦି ବିଷୟରେ ଆଲୋକପାତ କରିଥିଲେ। କାର୍ଯ୍ୟକ୍ରମରେ ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ କାର୍ଯ୍ୟ କରିଥିବା ମହିଳା ମାନଙ୍କୁ ସମ୍ମାନିତ ମଧ୍ୟ କରାଯାଇଥିଲା। ଅନ୍ୟପକ୍ଷରେ ଝାରସୁଗୁଡା ଜିଲାରେ ଯେଉଁ ବାପଛେଉଣ୍ଡ ଛୁଆମାନେ ଅଛନ୍ତି ସେମାନଙ୍କ ପାଇଁ ଜିଲା ପ୍ରଶାସନ ଓ ଏମ୍.ସି.ଏଲ. ପକ୍ଷରୁ ପାଠ ପଢିବା ପାଇଁ ମାଗଣା ସୁବିଧା ଯୋଗାଇ ଦିଆଯିବା ସହିତ ଛୋଟ ଛୋଟ ଛୁଆଙ୍କୁ ବାର୍ଷିକ ୧୨ହଜାର ଟଙ୍କା ଓ ଯେଉଁମାନେ ପ୍ରାଥମିକ ଶିକ୍ଷା କରୁଛନ୍ତି ସେମାନଙ୍କୁ ବାର୍ଷିକ ୨୪ହଜାର ଟଙ୍କା ଏବଂ ଯେଉଁମାନେ ଉଚ୍ଚ ମାଧ୍ୟମିକ ଶିକ୍ଷା ଲାଭ କରୁଛନ୍ତି ସେମାନଙ୍କୁ ୪୮ହଜାର ଟଙ୍କା ପ୍ରଦାନ କରାଯିବ। ପ୍ରାଥମିକସ୍ତରରେ ଝାରସୁଗୁଡା ଜିଲାରେ ପ୍ରାୟ ୫୦୦ ବାପଛେଉଣ୍ଡ ଛୁଆ ଚିହ୍ନଟ କରାଯାଇଛି। ଆଗକୁ ଆହୁରି ଏହି ଯୋଜନାରେ ସାମିଲ ହେବେ ବୋଲି ମନ୍ତ୍ରୀ ପୂଜାରୀ କହିଥିଲେ। ଏହି କାର୍ଯ୍ୟକ୍ରମରେ ମୋନାଲିସା ମୋଦକ, ରୀନା ପଟେଲ, ଆରତୀ ରାୟ, ଉତ୍ତର ଲତିକା ପଟେଲ, ଆରତୀ ପ୍ରଧାନ, ମଞ୍ଜରୀ ପୃଷ୍ଟି, ଲକ୍ଷ୍ମୀପ୍ରିୟା ସାହୁ, ପଦ୍ମିନୀ ମହାରଣା ପ୍ରମୁଖଙ୍କ ସହ ଶତାଧିକ ମହିଳା ଏବଂ ଭାଜପା କର୍ମୀମାନେ ଉପସ୍ଥିତ ଥିଲେ।

## ଝାରସୁଗୁଡ଼ାରେ ରାଷ୍ଟ୍ରୀୟ ଲୋକ ଅଦାଲତ

ଝାରସୁଗୁଡ଼ା,୯।୩(ଆଶିଷ ରଞ୍ଜନ ଦାଶ)

ଝାରସୁଗୁଡ଼ା ଜିଲା ନ୍ୟାୟାଳୟ ଓ ଲଖନପୁର ଗ୍ରାମ୍ୟ ନ୍ୟାୟାଳୟ ପରିସରରେ ଜିଲା ଏବଂ ଦୌରାଜଜ୍ ତଥା ଜିଲା ଆଇନ୍ ସେବା ପ୍ରାଧିକରଣର ଅଧ୍ୟକ୍ଷ ପ୍ରଶାନ୍ତ କୁମାର ନାୟକଙ୍କ ଅଧ୍ୟକ୍ଷତାରେ ଶନିବାର ଚଳିତ ବର୍ଷର ପ୍ରଥମ ରାଷ୍ଟ୍ରୀୟ ଲୋକ ଅଦାଲତ ଅନୁଷ୍ଠିତ ହୋଇଯାଇଛି। ଲୋକ ଅଦାଲତରେ ମୋଟରଯାନ ଦୁର୍ଘଟଣା ଦାବି ଟ୍ରିବ୍ୟୁନାଲରେ ବିଚାରାଧୀନ ୦୨ ଟି ମକଦ୍ଦମା ୧କୋଟି ୬ଲକ୍ଷ ୨୦ହଜାର ଟଙ୍କାରେ, ୨ଟି ସାଲିସ୍ ଯୋଗ୍ୟ ଫୌଜଦାରୀ, ୪ଟି ଚେକ ବାଉନ୍ସ, ୪ଟି ଟଙ୍କା ପୁନରୁଦ୍ଧାର ମାମଲା ୧୬ଲକ୍ଷ ୪୫ହଜାର ୯ଶହ ୨୪ଟଙ୍କା ୫୮ ପଇସାରେ, ୦୯ଟି ବୈବାହିକ, ପରିବାର ବିବାଦ, ୧୧ଟି ଅନ୍ୟାନ୍ୟ ଦେୱାନି, ୧୨୫୧ଟି ରାଜସ୍ୱ ମକଦ୍ଦମା ୧ ଲକ୍ଷ ୩୪ ହଜାର ୭୧୨ ଟଙ୍କାରେ ଓ ୨୭୭ଟି ଅନ୍ୟାନ୍ୟ ଫୌଜଦାରୀ ମକଦ୍ଦମାର ଆପୋଷ ବୁଝାମଣା ମାଧ୍ୟମରେ ସମାଧାନ ହୋଇଯାଇଛି। ପ୍ରାକ୍ ମକଦ୍ଦମା ମଧ୍ୟରେ ବିଭିନ୍ନ ବ୍ୟାଙ୍କ ଓ ଆର୍ଥିକ ଅନୁଷ୍ଠାନର ୯୫ଟି ଋଣ ସମ୍ବନ୍ଧିୟ ମାମଲା ୧୮ଲକ୍ଷ ୨୪ହଜାର ୭୫୯ ଟଙ୍କାରେ, ସ୍ଥାୟୀ ଲୋକ ଅଦାଲତ ଜନ ଉପଯୋଗୀ ସେବାର ୧୩ଟି ମାମଲା, ଭାରତ ସଞ୍ଚାର ନିଗମ ଲିମିଟେଡର ଟେଲିଫୋନ ବିଲ୍ ଦେୟ ସମ୍ବନ୍ଧିୟ ୭ ଟି ମାମଲା ୫ହଜାର ୮୬୦ ଟଙ୍କାରେ ଏବଂ ଟାଟା ପାୱାରର ବିଦ୍ୟୁତ୍ ବିଲ ଦେୟ ସମ୍ବନ୍ଧିୟ ୨୬ ଟି ମାମଲା ୫ଲକ୍ଷ ୬୬ହଜାର ୧୬୭ ଟଙ୍କାରେ ଆପୋଷ ବୁଝାମଣା ମାଧ୍ୟମରେ ସମାଧାନ ହୋଇଯାଇଛି। ଲୋକ ଅଦାଲତରେ ଅତିରିକ୍ତ ଜିଲା ଓ ଦୌରା ଜଜ୍ (ପୋକ୍‌ସୋ) ପୁଜା ଶଡ଼ଙ୍ଗୀ ଓ ମୁଖ୍ୟ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ ସ୍ମୃତି ରଞ୍ଜନ ମହାପାତ୍ର ଉପସ୍ଥିତ ଥିବା ବେଳେ ଜିଲା ଆଇନ୍ ସେବା ପ୍ରାଧିକରଣର ସଚିବ ଆଲୋକ ମୟୀ ପ୍ରଧାନ ପରିଚାଳନା ଏବଂ ସିଭିଲ କୋର୍ଟ ରେଜିଷ୍ଟ୍ରାର ରାଜେନ୍ଦ୍ର କୁମାର ଦାସ ସହଯୋଗ କରିଥିଲେ। ଜିଲାର ବିଭିନ୍ନ ରାଜସ୍ୱ ଅଦାଲତରେ ରାଜସ୍ୱ ମାମଲାଗୁଡିକ ସମାଧାନ ହୋଇଥିଲା। ଲୋକ ଅଦାଲତରେ ଆପୋଷ ବୁଝାମଣା ମାଧ୍ୟମରେ ସମାଧାନ ପାଇଁ ୯ଟି ବିଭିନ୍ନ ଲୋକ ଅଦାଲତ ବେଞ୍ଚର ଗଠନ କରାଯାଇଥିଲା। ବେସରକାରୀ ବୀମା କମ୍ପାନୀ ପକ୍ଷରୁ ଓକିଲ ଅନୁପ କୁମାର ମିଶ୍ର ଓ ବିଶ୍ୱନାଥ ଦତ୍ତ ଆପୋଷ ବୁଝାମଣା ପାଇଁ ଉପସ୍ଥିତ ଥିଲେ।

## ବରିଷ୍ଠ ନାଗରିକଙ୍କ ସ୍ୱାସ୍ଥ୍ୟ ପରୀକ୍ଷା, ଔଷଧ ବଣ୍ଟନ

ଝାରସୁଗୁଡ଼ା,୯।୩(ଆଶିଷ ରଞ୍ଜନ ଦାଶ)

ଝାରସୁଗୁଡ଼ା ସହରସ୍ଥିତ ବମ୍ବେ ଛକଠାରେ ଥିବା ବରିଷ୍ଠ ନାଗରିକ କଲ୍ୟାଣ ସମିତି ଦ୍ୱାରା ବରିଷ୍ଠ ନାଗରିକଙ୍କ କାର୍ଯ୍ୟାଳୟଠାରେ ରବିବାର ସକାଳ ୮ଟାରେ ବରିଷ୍ଠ ନାଗରିକମାନଙ୍କ ପାଇଁ ଏକ ମାଗଣା ସ୍ୱାସ୍ଥ୍ୟ ପରୀକ୍ଷା ଓ ଔଷଧ ବିତରଣ ଶିବିର ଅନୁଷ୍ଠିତ ହୋଇଯାଇଛି। ଏହା ପୂର୍ବରୁ ସମିତି ଗତ ୫ ତାରିଖରେ ୨୬ଜଣ ବରିଷ୍ଠ ନାଗରିକଙ୍କ ବିଭିନ୍ନ ବାର୍ଦ୍ଧକ୍ୟ ଜନିତ ରୋଗ ନିରୂପଣ ପାଇଁ ଇସିଜି କରି ଓ ରକ୍ତ ନମୁନା ନେଇ ପରୀକ୍ଷା ରିପୋର୍ଟ ସଂଗ୍ରହ କରିଥିଲା। ଶିବିରରେ ଅଭିଜ୍ଞ ଡାକ୍ତର ଧୀରେନ୍ ପୃଷ୍ଟି ପାଖାପାଖି ୬୦ଜଣ ବରିଷ୍ଠ ନାଗରିକଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ ଏବଂ ତାଙ୍କ ସୁପାରିଶ ଅନୁସାରେ ଔଷଧ ପ୍ରଦାନ କରାଯାଇଥିଲା। ଶିବିରର ଆନୁଷଙ୍ଗିକ କାର୍ଯ୍ୟ ପାଇଁ ସମିତିର ସଭ୍ୟ ମୁଖ୍ୟତଃ ନିରଞ୍ଜନ ବେହେରା, ଭୋଜରାଜ୍ ମହାପାତ୍ର, ଚଣ୍ଡି ପ୍ରସାଦ ଦାସ, ଡିଲେଶ୍ୱର୍ କାଲୋ, ଦନେଇ ସୁନ୍ୟାନୀ ଓ ପଇରାଗ ସାମଲ ଉପସ୍ଥିତ ରହି ସମ୍ପାଦନ କରିଥିଲେ। ସମିତି ସଭାପତି ଇଁ ମୋତିଲାଲ ଜୈନ ଉତ୍ସାହିତ କରିଥିଲେ।

## ଜିଲାସ୍ତରୀୟ ଖେଳକୁଦ କାର୍ଯ୍ୟକ୍ରମ



ଜଣେ କୃତୀ ଛାତ୍ରଙ୍କୁ ପୁରସ୍କୃତ କରାଯାଉଛି।

ଦେବଗଡ଼,୯।୩(ଶଶାଙ୍କ ଶେଖର ଝାଙ୍କର)

ଭାରତ ସରକାରଙ୍କ ଯୁବ ବ୍ୟାପାର ଓ କ୍ରୀଡ଼ା ମନ୍ତ୍ରଣାଳୟ ଅଧୀନସ୍ଥ ନେହେରୁ ଯୁବ କେନ୍ଦ୍ର ଦେବଗଡ଼ ପକ୍ଷରୁ କଂସରସ୍ଥିତ ଖେଳ ପଡ଼ିଆଠାରେ ରବିବାର ଜିଲାସ୍ତରୀୟ ଖେଳକୁଦ ଓ ଫିଟ ଇଣ୍ଡିଆ ଫିଟନେସ କ୍ଲବ୍ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଛାତ୍ରମାନଙ୍କ ମଧ୍ୟରେ ୧୦୦ ମିଟର ଦୌଡ଼, ଫୁଟବଲ୍, ଛାତ୍ରୀମାନଙ୍କ ମଧ୍ୟରେ କବାଡ଼ି, ସାଇକେଲ ସ୍ଲୋ, ବ୍ୟାଡମିଣ୍ଟନ ଆଦି ବିଭିନ୍ନ ପ୍ରକାର ଖେଳକୁଦ ଅନୁଷ୍ଠିତ ହୋଇଥିଲା। ନେହେରୁ ଯୁବ କେନ୍ଦ୍ରର ପ୍ରଦୀପ କୁମାର ବିଶ୍ୱାଳଙ୍କ ସଂଯୋଜନାରେ ଅନୁଷ୍ଠିତ ପୁରସ୍କାର ବିତରଣ ଉତ୍ସବରେ କଂସର ଗ୍ରାମପଞ୍ଚାୟତ ସରପଞ୍ଚ ଅମୂଲ୍ୟ ଧରୁଆ ମୁଖ୍ୟଅତିଥି ଭାବେ ଯୋଗଦେଇ ପ୍ରତିଯୋଗୀମାନଙ୍କୁ ଉତ୍ସାହିତ କରିଥିଲେ। ସମ୍ମାନିତ ଅତିଥି ଭାବେ ଅଧ୍ୟାପକ ବଳରାମ ପରିଡା, ଶିକ୍ଷକ ଦିଲୀପ କୁମାର ନାୟକ, ବିବେକାନନ୍ଦ ଭୋଇ, ସୁରେଶ ପାତ୍ର, ସାମାଜିକ କର୍ମୀ ପୁରୁଷୋତ୍ତମ ସାହୁ ପ୍ରମୁଖ ଯୋଗଦେଇ କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କାର ପ୍ରଦାନ କରିଥିଲେ। କ୍ରୀଡା ଶିକ୍ଷକ ବିରଞ୍ଚି ନାରାୟଣ ଦାଶ ଓ ଦଶରଥ ନାୟକ ଖେଳ ପରିଚାଳନା କରିଥିବା ବେଳେ ରୋହିତ କୁମାର ସାହୁ ଓ ଅଜୟ କୁମାର ରଣା ସହଯୋଗ କରିଥିଲେ।

**Government of Odisha "e" procurement Notice**
**Bid Identification No. TENDER ONLINE**
No.O-1582 **SNPR - 18 OF 2024-25**
Letter No. 1327 Dated : 05.03.2025

1. Name of the work : Building Works as per DTCN available in the website www.tendersodisha.gov.in
2. Total No. of Work : 03 (Three) Nos.
3. Approximate Estimated Cost : 67.26 lakh to 68.36 lakhs
4. Period of Completion : 9 (Nine) Calendar months
5. Period and time of availability of bid document in the portal for bidding : 12.03.2025 at 11.00 A.M. to 25.03.2025 up to 5.00 P.M.
6. Date and time of opening of Tender : 26.03.2025 at 11.00 A.M. (Technical Bid) & (Financial Bid will be intimated later on)
7. Name and address of the officer inviting bid : S.E.R.W. Division, Sonepur

(1) Other details can be seen from detailed notice
(2) Inviting tenders, available in website www.tendersodishagov.in
(3) Corrigendum if any shall only be published in the website : www.tenderodisha.gov.in

Sd./- Executive Engineer
Rural Works Division, Sonepur
OIPR-25054/11/0023/2425

**GOVERNMENT OF ODISHA**
**OFFICE OF THE ADDITIONAL CHIEF ENGINEER-CUM-ELECTRICAL INSPECTOR, BERHAMPUR**
AT-GAJAPATI NAGAR 1ST LANE, BERHAMPUR, DIST-GANJAM, PIN-760010, Email Id : eiganjam-od@gov.in, Ph/Fax- 0680-2291209
**TENDER CALL NOTICE**
Notice No.02/2024-25 Dated : 05.03.2025

**No.O-1584** : Sealed tenders are invited from interested reputed Travel Agencies / Tour Operators/ Private Individuals for providing one (01) TUV 300/ Ertiga/Bolero/Sumo Gold (BS6) AC vehicle having seating capacity not more than 7 (seven) including driver on monthly hiring basis for Office of the **Additional Chief Engineer-cum-Electrical Inspector, Berhampur,** for a period of two year. The tenderer should have valid & active GST registration and it should also be registered on GeM Platform. The tenders will be received in sealed cover up to 27.03.2025, 5.00 P.M. in the office of the undersigned by Registered Post or hand delivered with due acknowledgement within the above period and the authority will not be responsible for postal delay. The tenders shall be opened on 27.03.2025 at 5.30 P.M. in the presence of tenderers or their authorized representatives, if any. The tender document can be obtained from the office of the undersigned, on payment of Rs.100/- (Rupees one hundred) only during office hour on working days from 12.03.2025 to 27.03.2025 (till 4.00 P.M.) or can be downloaded from our website https://eicelectricityodisha.nic.in/. If the tender document is downloaded from our website, a Demand Draft of Rs.100/- (Rupees one hundred) only drawn in favour of ASSISTANT TO ACE-CUM-E.I, BERHAMPUR drawn on any Nationalized Bank, payable at Berhampur, needs to be attached with the tender document, for further details visit http://eicelectricityodisha.nic.in or contact the office of the undersigned. The undersigned reserves the right to reject the tenders without assigning any reason thereof.

Sd./- ACE-cum-EI,
Berhampur
OIPR-04077/11/0002/2425

**GOVERNMENT OF ODISHA, DEPARTMENT OF WATER RESOURCES**
**OFFICE OF THE ADDITIONAL CHIEF ENGINEER, MECHANICAL CIRCLE, HIRAKUD**
Email address : semech-eicwr.od@nic.in
E-Procurement Notice - Bid Identification No.
ACEMC/MDHKD : 02/2024-25 dt.04.03.2025
No.A-1164

1. Name of the Work : Mechanical Gate Works of MI Division, Sambalpur, Sonepur & Balangir
2. No. of Work : 03 (Three) Nos.
3. Category of executors : SSI Units registered under DIC/ NSIC/MSME for Irrigation Shutters/ Hydro Mechanical Gates
4. Bid Identification No. : ACEMC/MDHKD : 02/2024-25 dt.04.03.2025
5. Estimated Cost : 13.90 Lakh to 16.21 Lakh (Excluding GST)
6. Period of Completion : Two Calendar Month each.
7. Date & time of availability of bid documents in the Portal : From dt.13.03.2025 (10.00 A.M.) to dt.22.03.2025 (5.30 P.M.)
8. Last date/time for receipt of bid : Dt.22.03.2025 (up to 5.30 P.M.) in the portal
9. Date and Place of opening of Bid : Dt.24.03.2025, 11.00 A.M. onwards in O/o the Undersigned
10. Name of the Officer inviting Bids : Additional Chief Engineer, Mechanical Circle, Hirakud

Further details can be seen only from e-procurement portal https://tendersodisha.gov.in

Sd./- Additional Chief Engineer
Mechanical Circle, Hirakud
OIPR-32344/11/0002/2425

**GOVERNMENT OF ODISHA**
**OFFICE OF THE ZILLA PARISHAD, KALAHANDI**
E-mail : zillaparishadkalahanditech@gmail.com
**E-Procurement Notice**
**Bid Identification No. ZP/KLD-02/2024-25**
No.CAD-2760
No. 1052 Dated : 07.03.2025

| | | | |
|---|---|---|---|
| 1 | No. of the work | : | 10 nos. of Road work |
| 2 | Estimated cost | : | Rs.80.27 lakh to Rs.120.50 lakh |
| 3 | Period of Completion | : | 9 (Nine) calendar months |
| 4. | Date and time of availability of bid document in the portal | : | 11.00 hrs of 12.03.2025 to 17.00 hrs of 24.03.2025 |
| 5 | Last date/Time for receipt of bid in the portal | : | 17.00 hour of 24.03.2025 |
| 6 | Name and address of the Officer Inviting Bid | : | CDO-cum-EO, Zilla Parishad, Kalahandi |
| 7 | Date & Venue of Opening of the Single Cover Bid and Technical Bid (Cover 1) of Double cover Bid | : | On 25.03.2025 at 11.00 A.M. in the Office of the Zilla Parishad, Kalahandi |

Further details can be seen from the e-procurement portal https://tendersodisha.gov.in

Sd./- CDO-cum-EO
Zilla Parishad, Kalahandi
OIPR-19287/11/0003/2425

### ଟ୍ରେନ ଆଗକୁ ଡେଇଁ ଯୁବକଙ୍କ ଆତ୍ମହତ୍ୟା

**ହେମଗିର,(ଚୈତନ୍ୟ ପଟେଲ):** ସୁନ୍ଦରଗଡ଼ ଜିଲା ହେମଗିର ସ୍ଥିତ ରେଳଷ୍ଟେଶନଠାରେ ଜଣେ ବ୍ୟକ୍ତି ଟ୍ରେନ ଆଗକୁ ଡେଇଁ ଆତ୍ମହତ୍ୟା କରିଛନ୍ତି। ମିଳିଥିବା ସୂଚନା ଅନୁସାରେ, ରବିବାର ଭୋର ସମୟରେ ଜଣେ ବ୍ୟକ୍ତି ଚଳନ୍ତା ଟ୍ରେନ ଆଗକୁ ଡେଇଁ ଥିଲେ। ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ଘଟିଥିଲା। ରେଳବାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହକୁ ଜବତ କରିବା ସହିତ ଘଟଣାର ତଦନ୍ତ କରିଥିଲେ।

## ଆଇନ ପ୍ରଶିକ୍ଷଣ ଶିବିର

**ସୁନ୍ଦରଗଡ,୯।୩(ଜୟ ନାରାୟଣ ମେଣ୍ଟୁଲି)**

ସ୍ଥାନୀୟ ସଦଭାବନା ଭବନଠାରେ ଏକ ଦିବସୀୟ ଆଇନ ପ୍ରଶିକ୍ଷଣ ଶିବିର ରବିବାର ଅନୁଷ୍ଠିତ ହୋଇଯାଇଛି। ଜିଲା ମୁଖ୍ୟ ଅଭିଯୋଜକ ଦିଲିପ କୁମାର ମୁର୍ମୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ପ୍ରଶିକ୍ଷଣ ଶିବିରରେ ନୂଆ ଆଇନ ଯଥା ଭାରତୀୟ ନ୍ୟାୟ ସଂହିତା ୨୦୨୩, ଭାରତୀୟ ନାଗରିକ ସୁରକ୍ଷା ସଂହିତା ୨୦୨୩ , ଭାରତୀୟ ସାକ୍ଷ୍ୟ ଅଧିନିୟମ ୨୦୨୩ ସମ୍ବନ୍ଧରେ ପ୍ରଶିକ୍ଷଣ ପ୍ରଦାନ କରାଯାଇଥିଲା। ଏଥିରେ ସୁନ୍ଦରଗଡ଼ ଜିଲାର ସମସ୍ତ କ୍ୟାଡର ଓ ନନ କ୍ୟାଡର ସରକାରୀ ଓକିଲ ଉପସ୍ଥିତ ରହିଥିଲେ। ଅନ୍ୟ ଓକିଲମାନେ ଆଭାସୀ ମାଧ୍ୟମରେ ଏଥିରେ ଯୋଡି ହୋଇଥିଲେ। ଜିଲା ମୁଖ୍ୟ ଅଭିଯୋଜକ ଦିଲିପ କୁମାର ମୁର୍ମୁ ଏହି ପ୍ରଶିକ୍ଷଣ ଶିବିରକୁ ପରିଚାଳନା କରିଥିଲେ। ଅତିରିକ୍ତ ପବ୍ଲିକ ପ୍ରସିକ୍ୟୁଟର ଅଶୋକ କୁମାର ସ୍ୱାଇଁ ପ୍ରାରମ୍ଭରେ ସମସ୍ତଙ୍କୁ ସ୍ୱାଗତ ଜଣାଇଥିଲେ।

# ଛାତ୍ରୀଛାତ୍ରଙ୍କୁ ସମୟର ସୁବିନିଯୋଗ କରିବାକୁ ପରାମର୍ଶ




ମଞ୍ଚରେ ଉପସ୍ଥିତ ଅତିଥିମାନେ।

**ବଡଗାଁ,୯।୩(ଅଶୋକ ଷଡ଼ଙ୍ଗୀ)**

ବଡଗାଁ ବ୍ଲକ ରାଇଡିହି ଗ୍ରାମ ସ୍ଥିତ କଲ୍ୟାଣ ବିଭାଗ ଦ୍ୱାରା ପରିଚାଳିତ ଆଶ୍ରମ ବିଦ୍ୟାଳୟର ବାର୍ଷିକ ଉତ୍ସବ ଶୁକ୍ରବାର ପୂର୍ବାହ୍ନରେ ପାଳିତ ହୋଇଯାଇଛି। ଏହି ବାର୍ଷିକ ଉତ୍ସବରେ ମୁଖ୍ୟ ଅତିଥିଭାବେ ସୁନ୍ଦରଗଡ ଜିଲା ମଙ୍ଗଳ ଅଧିକାରୀ ଭାଗୀରଥୀ ପଟେଲ ଯୋଗ ଦେଇଥିବାବେଳେ ସମ୍ମାନିତ ଅତିଥିଭାବେ ସହକାରୀ ଜିଲା ମଙ୍ଗଳ ଅଧିକାରୀ ବିବେକାନନ୍ଦ ମହାନ୍ତି, ବଡଗାଁ(କ) ଜିଲା ପରିଷଦ ସଭ୍ୟ ଅମିୟ କୁମାର ପ୍ରଧାନ, ବ୍ଲକ ଅଧ୍ୟକ୍ଷା ଦୁଲାରୀ ସୋରେଙ୍ଗ, ବଡଗାଁ ବ୍ଲକ ମଙ୍ଗଳ ସଂପ୍ରସାରଣ ଅଧିକାରୀ ଦିଲିପ କୁମାର ମାଝି, ଅବସର ପ୍ରାପ୍ତ ପ୍ରଧାନ ଶିକ୍ଷକ ସୋବନାଥ ପଟେଲ, ଅବସର ପ୍ରାପ୍ତ ପ୍ରଧାନ ଶିକ୍ଷକ ଅରକ୍ଷିତ ବେହେରା, ବିଦ୍ୟାଳୟ ପରିଚାଳନା ସମିତି ସଭାପତି ପବିତ୍ର ଅଢା ଯୋଗ ଦେଇଥିଲେ। ଅତିଥିମାନେ ଛାତ୍ରୀଛାତ୍ରଙ୍କୁ ସମୟର ସୁବିନିଯୋଗ କରିବା ଓ ଶୃଙ୍ଖଳିତ ହୋଇ କଠିନ ଅଧ୍ୟବସାୟ କଲେ ସଫଳତା ଲାଭ କରିବେ ବୋଲି ଛାତ୍ରୀଛାତ୍ରଙ୍କୁ ବୁଝାଇଥିଲେ। ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଗୋପାଳ କୃଷ୍ଣ ବେହେରା ବାର୍ଷିକ ବିବରଣୀ ପଠ କରିଥିଲେ। ଚଳିତବର୍ଷର ବାର୍ଷିକ କ୍ରୀଡାରେ ବିଜୟୀ ଛାତ୍ରୀଛାତ୍ରଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। ବିଦ୍ୟାଳୟର ବରିଷ୍ଠ ଶିକ୍ଷୟିତ୍ରୀ ଅମ୍ରିତା ସା ମଞ୍ଚ ପରିଚାଳନା କରିଥିବାବେଳେ ସହକାରୀ ଶିକ୍ଷକ ଦୁଷ୍ମନ୍ତ ପଟେଲ ଧନ୍ୟବାଦ ଅର୍ପଣ କରିଥିଲେ। ଶେଷରେ ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା। କାର୍ଯ୍ୟକ୍ରମକୁ ସଫଳ କରିବାରେ ବିଦ୍ୟାଳୟର ସମସ୍ତ କର୍ମଚାରୀ,ବିଦ୍ୟାଳୟ ପରିଚାଳନା ସମିତିର ସମସ୍ତ ସଭ୍ୟାସଭ୍ୟ, ଗ୍ରାମବାସୀ ସହଯୋଗ କରିଥିଲେ।

## ରୁନଗାଁ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଭିତ୍ତିଭୂମି ବିକାଶ ଦାବି




ବିପଦ ସଙ୍କୁଳ ଅବସ୍ଥାରେ ଥିବା ଶ୍ରେଣୀ କୋଠରି।

**ବଡ଼ଗାଁ,୯।୩(ଅଶୋକ ଷଡ଼ଙ୍ଗୀ)**

ବଡ଼ଗାଁ ବ୍ଲକ ଅନ୍ତର୍ଗତ ରୁନଗାଁ ଗ୍ରାମ ସ୍ଥିତ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଶ୍ରେଣୀ କୋଠରୀ ଗୁଡ଼ିକ ବିପଦଶଙ୍କୁଳ ଅବସ୍ଥାରେ ଥିବା ଓ ଆବଶ୍ୟକ ଭିତ୍ତିଭୂମିର ଅଭାବ ଥିବା ନେଇ ଗ୍ରାମର ମନୋଜ କୁମାର୍ ଦାନୀ ଫେବୃଆରୀ ୧୦ରେ ଅନଲାଇନ ମାଧ୍ୟମରେ ଜିଲାପାଳଙ୍କ ଅଭିଯୋଗ ଶୁଣାଣିରେ ଦାବି ଜଣାଇଥିଲେ। ଗତ ୫ ତାରିଖ ଜିଲା ପ୍ରକଳ୍ପ ସଂଯୋଜକଙ୍କ କାର୍ଯ୍ୟାଳୟରୁ ଅଧିକାରୀମାନେ ସ୍କୁଲକୁ ଆସି ତଦନ୍ତ କରି ରିପୋର୍ଟ ଦେଇଛନ୍ତି। ଅଧିକାରୀମାନେ ତଦନ୍ତ କଲାବେଳେ ୩ଟି ଆରସିସି ଶ୍ରେଣୀ ଗୃହର ଅଧିକ ମରାମତି ଆବଶ୍ୟକ କରୁଥିବା, ୨ଟି ଟାଇଲ ରୁମ

### ତଦନ୍ତ କଲେ ଅଧିକାରୀ

ବିପଦଶଙ୍କୁଳ ଅବସ୍ଥାରେ ଥିବା, ବାଳିକା ଓ ବାଳକଙ୍କ ପାଇଁ ଟଏଲେଟ,ମୋଡେଲ କିଚେନ ରୁମ ଓ ପାଚେରୀ ନିର୍ମାଣ ଆବଶ୍ୟକ ଥିବା ରିପୋର୍ଟରେ ଦର୍ଶାଯାଇଛି। ତେବେ ୧୯୩୨ ମସିହାରେ ସ୍ଥାପିତ ଏହି ସ୍କୁଲ ଦୀର୍ଘ ବର୍ଷ ହେଲା ବିପଦଶଙ୍କୁଳ ଅବସ୍ଥାରେ ଥିବା ସମ୍ପର୍କରେ ସ୍କୁଲର ପୂର୍ବତନ ସଭାପତି ଭଗବାନ ଦାସ ୬ ବର୍ଷ ମଧ୍ୟରେ ବହୁବାର ବିଭାଗୀୟ ଅଧିକାରୀଙ୍କୁ ଜଣାଇ ଆସୁଥିଲେ ମଧ୍ୟ କେହି ଶୁଣିନଥିଲେ ବୋଲି କହିଛନ୍ତି। ଛାତ୍ରୀଛାତ୍ରଙ୍କ ସୁରକ୍ଷାକୁ ଦୃଷ୍ଟିରେ ରଖି ପଦକ୍ଷେପ ନେବାକୁ ଗ୍ରାମବାସୀ ଦାବି କରିଛନ୍ତି।

# ସରକାରୀ ମହିଳା କଲେଜରେ ଅନ୍ତର୍ଜାତୀୟ ମହିଳା ଦିବସ

**ସୁନ୍ଦରଗଡ,୯।୩(ଜୟ ନାରାୟଣ ମେଣ୍ଟୁଲି)**

ସୁନ୍ଦରଗଡ ଜିଲା ଆଇନସେବା ପ୍ରାଧୀକରଣ ତରଫରୁ ପ୍ରାଧୀକରଣର ଅଧ୍ୟକ୍ଷ ତଥା ଜିଲା ଓ ଦୌରାଜଜ ଶିଖାରାଣୀ ରଥଙ୍କ ନିର୍ଦ୍ଦେଶ କ୍ରମେ ସ୍ଥାନୀୟ ସରକାରୀ ମହିଳା ମହାବିଦ୍ୟାଳୟରେ ଅନ୍ତର୍ଜାତୀୟ ମହିଳା ଦିବସ ପାଳିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ସ୍ଥାୟୀ ଲୋକ ଅଦାଲତ(ଜନ ଉପଯୋଗୀ ସେବା) ଅଧ୍ୟକ୍ଷ ଡ. ରାଧାକାନ୍ତ ମିଶ୍ର, ଅତିରିକ୍ତ ଜିଲା ଦୌରାଜଜ(ସ୍ପେଶାଲ କୋର୍ଟ ପୋକସୋ) ଜ୍ଞାନ ରଞ୍ଜନ ପଟ୍ଟନାୟକ, ଜିଲା ଆଇନସେବା ପ୍ରାଧୀକରଣର ସଚିବ ଡକ୍ଟର ରୀନତି ମିଶ୍ର, ସରକାରୀ ମହିଳା ମହାବିଦ୍ୟାଳୟର ଅଧ୍ୟକ୍ଷା ଡ. ଇନ୍ଦିରା ଗଡନାୟକ, ନ୍ୟାୟ ରକ୍ଷକ କମଳଲୋଚନ ସେନ, ଅଞ୍ଜନା ସାହୁ, ଅନିଶା ପୃଷ୍ଟି, ସାମାଜିକ କର୍ମୀ ସ୍ନେହଲତା ପଟେଲ, ଶିଶୁ ସୁରକ୍ଷା ଅଧିକାରୀ ଅନନ୍ତ ପେରୁଆ, ଡିଏସପି ଦୌପ୍ରଦୀ ଦାସ, ଜିଲା ମୁଖ୍ୟଡାକ୍ତରଖାନାର ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ଆଦିତୀ ପଟ୍ଟନାୟକ ଅତିଥିଭାବେ ଯୋଗଦେଇଥିଲେ। ଏହି କାର୍ଯ୍ୟକ୍ରମରେ ଅତିଥିମାନେ ମହିଳା ଦିବସ ପାଳନର ମହତ୍ତ୍ୱ ଓ ମହିଳାଙ୍କ ସୁରକ୍ଷା ପାଇଁ ରହିଥିବା ବିଭିନ୍ନ ଆଇନ ଓ ସୁବିଧା ସୁଯୋଗ ଉପରେ ଆଲୋଚନା କରିଥିଲେ। ଏଥିସହ କର୍ମ କ୍ଷେତ୍ରରେ ଯୌନ ଉତ୍ପୀଡନ ରୋକିବା ଆଇନ, ଘରୋଇ ହିଂସାରୁ ମହିଳା ସୁରକ୍ଷା ଆଇନ, ମହିଳାଙ୍କ ପାଇଁ ଉର୍ଦ୍ଦିଷ୍ଟ ଅନ୍ୟାନ୍ୟ ଆଇନ ଏବଂ ପୀଡିତା କ୍ଷତି ପୂରଣ ଯୋଜନା ଉପରେ ମଧ ଆଲୋଚନା ହୋଇଥିଲା। ଜିଲା ଆଇନସେବା ପ୍ରାଧୀକରଣ ସଚିବ ଡ. ମିଶ୍ର ଉପରୋକ୍ତ ଆଇନ ଓ ନିୟମ ଗୁଡିକ ଉପରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରିବାସହ ଛାତ୍ରୀଙ୍କ ପ୍ରଶ୍ନ ଗୁଡିକର ଉତ୍ତର ରଖିଥିଲେ। ନାରୀଙ୍କ ପାଇଁ ଉପଯୁକ୍ତ ଓ ସୁରକ୍ଷିତ କର୍ମସ୍ଥଳୀସହ ସାମାଜିକ ବାତାବରଣ ସୃଷ୍ଟି କରିବା ହିଁ ନିୟମ ଗୁଡିକର ମୂଳ ଲକ୍ଷ୍ୟ ବୋଲି କହିଥିଲେ।



ସରକାରୀ ମହିଳା ମହାବିଦ୍ୟାଳୟରେ ଅନୁଷ୍ଠିତ ମହିଳା ଦିବସ ସଭାରେ ଅତିଥି।

# କ୍ରୀଡ଼ା ଭାବନା ରଖି ଆଗକୁ ବଢ଼ିବାକୁ ଆହ୍ୱାନ



କୃତୀ କ୍ରୀଡା ପ୍ରତିଭାଙ୍କୁ ପୁରସ୍କୃତ କରାଯାଉଛି।

**କୁତ୍ରା,୯।୩ (ଦେବାଶିଷ ସାହୁ)**

କୁତ୍ରା ପିଏମଶ୍ରୀ ସରକାରୀ ଉତ୍କୃଷ୍ଟ ଉଚ୍ଚ ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥିଭାବେ ବ୍ଲକ ଗୋଷ୍ଠୀ ଶିକ୍ଷା ଅଧିକାରୀ ନୈନା କୁଜୁର ଯୋଗଦେଇ କ୍ରୀଡା ପତାକା ଉତ୍ତୋଳନ କରିବା ସହିତ ସମସ୍ତଙ୍କୁ କ୍ରୀଡା ଭାବନା ରଖି ଆଗକୁ ବଢିବା ପାଇଁ ପ୍ରେରଣା ଦେଇଥିଲେ। ସମ୍ମାନିତ ଅତିଥିଭାବେ ଆଲୁମିନି ସଭାପତି ଶଙ୍କରପ୍ରସାଦ ଟପ୍ପୋ, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ମହେନ୍ଦ୍ର କୁଜୁର, ପଞ୍ଚାୟତ ସମିତି ଉପାଧ୍ୟକ୍ଷ କୌସ୍ତୁଭ ଭୂଷଣ ହୋତା, ଅନୁଷ୍ଠାନର ପ୍ରଧାନ ଶିକ୍ଷକ ନଳିନୀକାନ୍ତ ଶାସନୀ ପ୍ରମୁଖ ମଞ୍ଚାସୀନ ରହି ଛାତ୍ରୀଛାତ୍ରଙ୍କୁ ଉତ୍ସାହିତ କରିଥିଲେ। ପରେ ଶିକ୍ଷା ଅଧିକାରୀ କୁଜୁର ସବୁଜ ପତାକା ଦେଖାଇ ୧୪ ବର୍ଷରୁ କମ ବାଳକ ବର୍ଗ ଦଉଡକୁଦର ଆରମ୍ଭ କରିଥିଲେ। ଅନୁଷ୍ଠାନର ପ୍ରଧାନ ଶିକ୍ଷକ ନଳିନୀକାନ୍ତ ଶାସନୀ ପ୍ରାରମ୍ଭରେ ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିଲେ। ବରିଷ୍ଠ ଶିକ୍ଷକ ଡ.ବିଭୀଷଣ ବାରିକ ସମସ୍ତ କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ଧୃତିସୁନ୍ଦର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। କ୍ରୀଡା ଶିକ୍ଷକ ଲବଣିଧର ଗର୍ଡିଆ ଖେଳ ପରିଚାଳନା କରିଥିବା ବେଳେ ଶିକ୍ଷୟିତ୍ରୀ ଦୀପିକା କେର୍କେଟା, ଜଶ୍ମିନ ମିଞ୍ଜ, ସ୍ମୃତି ସ୍ୱରୁପ ଦାସ, ସୁନିଲ ସେଠୀ, ଅନୱର ଅହମ୍ମଦ, ସଙ୍ଗୀତା ଦେଇ, ମନୋରମା କଲସେର, ରୋହିତ ଜୟପୁରିଆ, ସୁଦାମ ମହାନନ୍ଦ, ମଞ୍ଜୁ ଲାକଡା, ରଙ୍ଗିତା ସାଇ ପ୍ରମୁଖ ଶିକ୍ଷୟିତ୍ରୀ ଶିକ୍ଷକ ବିଭିନ୍ନ କ୍ରୀଡା ପରିଚାଳନାରେ ସହଯୋଗ କରିଥିଲେ। ଶେଷରେ କୃତିତ୍ୱ ହାସଲ କରିଥିବା ଛାତ୍ରୀଛାତ୍ରଙ୍କୁ ମେଡାଲ, ସାର୍ଟିଫିକେଟ ଓ ଟ୍ରଫି ଦେଇ ପୁରସ୍କୃତ କରିଥିଲେ।

## ଜାତୀୟ ଯୁବ ଆଥ୍‌ଲେଟିକ୍ସ ଚାମ୍ପିୟନଶିପ ପାଇଁ ବନ୍ଧମୁଣ୍ଡାର ସୁଶାନ୍ତ ମନୋନୀତ

**ବନ୍ଧମୁଣ୍ଡା,୯।୩(ସୁବ୍ରତ ଦେ)**

ବିଶ୍ରା ବ୍ଲକ ଅଧୀନ ବନ୍ଧମୁଣ୍ଡା ପଞ୍ଚାୟତର ଆରଏସ କଲୋନୀ ନିବାସୀ ସୁଶାନ୍ତ ଲାକ୍ରାଙ୍କୁ ବିହାରର ପାଟନାଠାରେ ୧୦ରୁ୧୨ ମାର୍ଚ୍ଚ ପର୍ଯ୍ୟନ୍ତ ଅନୁଷ୍ଠିତ ହେବାକୁ ଥିବା ଜାତୀୟ ଯୁବ ଆଥଲେଟିକ୍ସ ଚାମ୍ପିୟନଶିପରେ ଓଡ଼ିଶାର ପ୍ରତିନିଧିତ୍ୱ କରିବା ପାଇଁ ମନୋନୀତ କରାଯାଇଛି। ରାଉରକେଲା ବିଶ୍ରା ଛକଠାରେ ଥିବା ଆଥେଲେଟିକ ଷ୍ଟାଡିୟମରେ ଅନୁଷ୍ଠିତ ଚୟନ ରାଉଣ୍ଡରେ ଅଂଶଗ୍ରହଣ କରିବା ପରେ ସୁଶାନ୍ତଙ୍କୁ କ୍ରୀଡା ବିଭାଗ ଦ୍ୱାରା ଚୟନ କରାଯାଇଛି। ସୁଶାନ୍ତଙ୍କୁ ତାଙ୍କ ପରିବାର ଓ ଖେଳ ପ୍ରେମୀମାନେ ଶୁଭେଚ୍ଛା ଜଣାଇଛନ୍ତି। ଆସନ୍ତା ୧୧ ତାରିଖରେ ବିହାର ରାଜ୍ୟର ରାଜଧାନୀ



ପାଟନା ସ୍ଥିତ ପାଟଲି ପୁତ୍ର ଷ୍ଟାଡିଅମରେ ସୁଶାନ୍ତ ଏକ ହଜାର ମିଟର ଦୌଡ଼ ପ୍ରତିଯୋଗିତାରେ ଅଂଶ ଗ୍ରହଣ କରିବେ। ଆଗାମୀ ଦିନରେ କ୍ରୀଡା କ୍ଷେତ୍ରରେ ଦେଶ ପାଇଁ ପ୍ରତିନିଧିତ୍ୱ କରିବା ପାଇଁ ସୁଶାନ୍ତ ଆଶାବାଦୀ ଅଛନ୍ତି।

# ଡାହିଜିରାରେ ବ୍ଲକସ୍ତରୀୟ ମହିଳା ଦିବସ



ମହିଳା ଦିବସ ସଭାରେ ଅତିଥିମାନେ।

**କୁତ୍ରା,୮।୩(ଦେବାଶିଷ ସାହୁ)**

କୁତ୍ରା ବ୍ଲକ ଅନ୍ତର୍ଗତ ଡାହିଜିରା ଗ୍ରାମରେ ବ୍ଲକ ସ୍ତରୀୟ ଆନ୍ତର୍ଜାତୀୟ ମହିଳା ଦିବସ ପାଳିତ ହୋଇଯାଇଛି। ବ୍ଲକ ଅଙ୍ଗନୱାଡ଼ି ସଂଘ, ଜେଏସଡବ୍ଲ୍ୟୁ ଶିବା ସିମେଣ୍ଟ, ସ୍ୱେଚ୍ଛାସେବୀ ଅନୁଷ୍ଠାନ ଆସପାୟର ପକ୍ଷରୁ ମିଳିତଭାବେ ଆୟୋଜିତ ମହିଳା ଦିବସ ଅବସରରେ ମୁଖ୍ୟ ଅତିଥିଭାବେ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଯୁଗଳ କିଶୋର ବିଶାଳ ଯୋଗଦେଇ ମହିଳା ଦିବସ ପାଳନର ତାତ୍ପର୍ଯ୍ୟ ଓ ବର୍ତ୍ତମାନ ସମୟରେ ମହିଳା ବିକାଶକୁ ନେଇ ମନ୍ତବ୍ୟ ରଖିଥିଲେ। ସମ୍ମାନିତ ଅତିଥିଭାବେ ଆଇସିଡିଏସ ସୁପରଭାଇଜର ବୁଟ କଇଥ, କ୍ଲାରା କେରକେଟା, ତୁଲସା ଲାକଡା, ପିଏଚଇଓ ଭାଦୁଆ ଓରାମ, ଜେଏସଡବ୍ଲ୍ୟୁ ଶିବା ସିମେଣ୍ଟ ସିଏସଆର ବିଭାଗ ମୁଖ୍ୟ ସଂଗ୍ରାମ କେଶରୀ ରାଉତ, ସିଏସଆର ଅଧୀକ୍ଷକ ଅଲେଖ ଦଳାଇ, ଲିମାରୋଜ ଏକ୍କା ପ୍ରମୁଖ ଯୋଗ ଦେଇଥିଲେ। ଏହି ଅବସରରେ ମହିଳା ଓ ଶିଶୁଙ୍କୁ ନେଇ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ କରାଯାଇ କୃତି ପ୍ରତିଯୋଗୀଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ଏହି ଅବସରରେ ନିଜ କର୍ମ କ୍ଷେତ୍ରରେ ଉଲ୍ଲଖେନୀୟ ଅବଦାନ ପାଇଁ ଅଙ୍ଗନୱାଡ଼ି କର୍ମୀ ବିମଳା ଲାକଡା, ଅନିତା ମିଞ୍ଜ, ସରୋଜିନୀ ଲାକଡା, ଆଶା କର୍ମୀ କାର୍ମିଲା ଟପୋ, ଦିମି ଗୁଡ଼ିଆ, ରିତୁ ଏକ୍କା, ଗାଁ ସାଥୀ ବେର୍ତିଲା ଏକ୍କା ପ୍ରମୁଖଙ୍କୁ ପୁରସ୍କୃତ କରଯାଇଥିଲା।

# ଇଣ୍ଡୋ ଇଂରାଜୀ ବିଦ୍ୟାଳୟର ବାର୍ଷିକ ଉତ୍ସବ

**ଲହୁଣୀପଡା,୯।୩(ଦାଶରଥି ପଣ୍ଡା)**

ସୁନ୍ଦରଗଡ଼ ଜିଲା ଲହୁଣୀପଡ଼ା ସ୍ଥିତ ଇଣ୍ଡୋ ଇଂରାଜୀ ବିଦ୍ୟାଳୟର ବାର୍ଷିକ ଉତ୍ସବ ଶନିବାର ବ୍ଲକ ପଡିଆଠାରେ ଅନୁଷ୍ଠିତ ହୋଇଯାଇଛି। ବାର୍ଷିକ ଉତ୍ସବରେ ମୁଖ୍ୟ ଅତିଥିଭାବେ ଜିଲା ପରିଷଦ ସଦସ୍ୟା ଜୁଲିଆନି କାଣ୍ଡିର, ସମ୍ମାନିତ ଅତିଥିଭାବେ ରାଉରକେଲା ଇଣ୍ଡୋ ଇଂରାଜୀ ବିଦ୍ୟାଳୟ ଅଧ୍ୟକ୍ଷା ବାସନ୍ତୀ ମହାନ୍ତି, ଇଂଣ୍ଡୋ ଇଂରାଜୀ ବିଦ୍ୟାଳୟର ସମ୍ପାଦିକା କାଞ୍ଚନ ମିଶ୍ର ଯୋଗଦେଇଥିବା ବେଳେ ମୁଖ୍ୟ ବକ୍ତାଭାବେ ରାଉରକେଲା ଇଣ୍ଡୋ ଇଂରାଜୀ ବିଦ୍ୟାଳୟର ଏକାଡେମୀକ ମୁଖ୍ୟ ଡା.କେ ବିଶ୍ୱନାଥ ଯୋଗ ଦେଇଥିଲେ। ବିଦ୍ୟାଳୟର ଅଧ୍ୟକ୍ଷା ସଂଘମିତ୍ରା ମିଶ୍ର ଅଧ୍ୟକ୍ଷତା କରିଥିଲେ। ଶିକ୍ଷକ ଗିରିଧାରୀ ସାହୁ ପରିଚୟ ଓ ମଞ୍ଚ ପରିଚାଳନା କରିଥିଲେ। ଇଂଣ୍ଡୋ ଇଂରାଜୀ ବିଦ୍ୟାଳୟର ପ୍ରତିଷ୍ଠାତା ସ୍ୱର୍ଗତ ମିହିର ବରୁଣ ମୁଖାର୍ଜୀଙ୍କ ଫୋଟୋ ଚିତ୍ରରେ ମାଲ୍ୟାର୍ପଣ କରି କାର୍ଯ୍ୟକ୍ରମକୁ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ। ଲହୁଣୀପଡା ଇଣ୍ଡୋ ବିଦ୍ୟାଳୟର ଅଧ୍ୟକ୍ଷା ଅନିତା ଜୟସୱାଲ ବାର୍ଷିକ ବିବରଣୀ ପାଠ କରିବା ସହିତ ବିଦ୍ୟାଳୟର ବିଭିନ୍ନ ବିଷୟ ସମ୍ପର୍କରେ ଆଲୋକପାତ କରିଥିଲେ। ବିଭିନ୍ନ ପ୍ରକାର ପ୍ରତିଯୋଗିତାରେ ଅଂଶଗ୍ରହଣ କରି କୃତକାର୍ଯ୍ୟ ହୋଇଥିବା ଛାତ୍ରୀଛାତ୍ରଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ସଭା ଶେଷରେ ବିଦ୍ୟାଳୟ କାଉନସିଲର ଫୋରୋଜ ଖାନ ଧନ୍ୟବାଦ ଅର୍ପଣ କରିଥିଲେ। ଏହି କାର୍ଯ୍ୟକ୍ରମକୁ ବଣେଇ ଇଣ୍ଡୋ ଇଂରାଜୀ ବିଦ୍ୟାଳୟର ଶିକ୍ଷୟିତ୍ରୀ ଶିକ୍ଷକଙ୍କ ସମେତ ଲହୁଣୀପଡା ଇଣ୍ଡୋ ଇଂରାଜୀ ବିଦ୍ୟାଳୟର ଜ୍ୟୋତି ଟପ୍ପୋ, ରୋଜାଲିନ ମାହାନ୍ତ, ଅନନ୍ୟା ମାହାନ୍ତ, ଶସ୍ମିତା ମୁଣ୍ଡା, ଶାନ୍ତିଲତା ତନ୍ତି, ଗୁଲଜାର ଫିରଦୋସ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଏହି କାର୍ଯ୍ୟକ୍ରମରେ ବହୁ ସଂଖ୍ୟକ ଅଭିଭାବିକା ଅଭିଭାବକମାନେ ଉପସ୍ଥିତ ଥିବା ଦେଖିବାକୁ ମିଳିଥିଲା। ଶେଷରେ ଛାତ୍ରୀଛାତ୍ରମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ।

# ଓପନ ଟେନିସ୍ ଟୁର୍ନାମେଣ୍ଟ ଉଦ୍‌ଘାଟିତ

**ସୁନ୍ଦରଗଡ,୯।୩(ଜୟ ନାରାୟଣ ମେଣ୍ଟୁଲି)**

ସ୍ଥାନୀୟ ଭବାନୀଭବନ ପଡିଆର ଇନଡୋର ଷ୍ଟାଡିୟମରେ ସୁନ୍ଦରଗଡ ଓପନ ଟେନିସ ଟର୍ନାମେଣ୍ଟ ଶନିବାରଠାରୁ ଆରମ୍ଭ ହୋଇଛି। ୪୦ବର୍ଷରୁ ଉର୍ଦ୍ଧ୍ୱ ବର୍ଗର ଏହି ଡବଲସ ଟୁର୍ନାମେଣ୍ଟ ସୁନ୍ଦରଗଡ ଟେନିସ କ୍ଲବ ଏବଂ ଜିଲା କ୍ରିଡା ସଂସଦର ମିଳିତ ଆନୁକୂଲ୍ୟରେ ଆୟୋଜିତ ହୋଇଛି। ପୂର୍ବତନ ବିଧାୟିକା କୁସୁମ ଟେଟେ ମୁଖ୍ୟ ଅତିଥି ଏବଂ ରୋଟାରୀ କ୍ଲବର ସଭାପତି ଇ.ଦିଲୀପ ପଟେଲ ସମ୍ମାନିତ ଅତିଥିଭାବେ ଯୋଗଦେଇ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ ଏହି ଟୁର୍ନାମେଣ୍ଟକୁ ଆନୁଷ୍ଠାନିକଭାବେ ଉଦ୍‌ଘଟନ କରିଥିଲେ। ୨ଦିନ ଧରି ଏହି ଟୁର୍ନାମେଣ୍ଟରେ ଭୁବନେଶ୍ୱର, ରାଉରକେଲା, ସମ୍ବଲପୁର,ଝାରସୁଗୁଡା,କଟକ, ବେଲପାହାଡ ଓ ରାୟଗଡରୁ ୧୮ଟି ଦଳ ଏଥିରେ ଭାଗ ନେଇଛନ୍ତି। ଏହି ଟୁର୍ନାମେଣ୍ଟ ସୁନ୍ଦରଗଡରେ ପ୍ରଥମଥର ପାଇଁ ଆୟୋଜିତ ହୋଇଥିବାରୁ ଟେନିସ ଖେଳ ପ୍ରେମୀଙ୍କ ମଧ୍ୟରେ ଉତ୍ସାହ ପ୍ରକାଶ ପାଇଛି। ଟେନିସ କ୍ଲବର କର୍ମକର୍ତ୍ତା ଶିଶିର ପଟେଲ,ବାଲଗୋପାଲ ମିଶ୍ର, ଜୟନ୍ତ ନାଏକ,ରାକେଶ ଗୁରୁ,ଆନନ୍ଦ ହୋତା,ଆଉରଙ୍ଗଜେବ ଖାନ, ସୂରଜ ସିଂ, ଆକାଶ ପଟେଲଙ୍କ ସମେତ ସମସ୍ତ କର୍ମକର୍ତ୍ତା ଏବଂ ଜିଲା କ୍ରୀଡା ସଂସଦର ସାଧାରଣ ସମ୍ପାଦକ ପ୍ରଭାତ ଭୋଳଙ୍କ ତତ୍ତ୍ୱାବଧାନରେ ଏହା ପରିଚାଳିତ ହେଉଛି।




ଅତିଥିଙ୍କ ସହ ଖେଳାଳିମାନେ।


**Government of Odisha "e" procurement Notice**
**Bid Identification No. TENDER ONLINE**
No.O-1582 **SNPR - 18 OF 2024-25**
Letter No. 1327 Dated : 05.03.2025

1. Name of the work : Building Works as per DTCN available in the website www.tendersodisha.gov.in
2. Total No. of Work : 03 (Three) Nos.
3. Approximate Estimated Cost : 67.26 lakh to 68.36 lakhs
4. Period of Completion : 9 (Nine) Calendar months
5. Period and time of availability of bid document in the portal for bidding : 12.03.2025 at 11.00 A.M. to 25.03.2025 up to 5.00 P.M.
6. Date and time of opening of Tender : 26.03.2025 at 11.00 A.M. (Technical Bid) & (Financial Bid will be intimated later on)
7. Name and address of the officer inviting bid : S.E.R.W. Division, Sonepur

(1) Other details can be seen from detailed notice
(2) Inviting tenders, available in website www.tendersodishagov.in
(3) Corrigendum if any shall only be published in the website : www.tenderodisha.gov.in

Sd./- Executive Engineer
Rural Works Division, Sonepur
OIPR-25054/11/0023/2425



**GOVERNMENT OF ODISHA**
**OFFICE OF THE ADDITIONAL CHIEF ENGINEER-CUM-ELECTRICAL INSPECTOR, BERHAMPUR**
AT-GAJAPATI NAGAR 1ST LANE, BERHAMPUR, DIST-GANJAM, PIN-760010, Email Id : eiganjam-od@gov.in, Ph/Fax- 0680-2291209
**TENDER CALL NOTICE**
Notice No.02/2024-25 Dated : 05.03.2025

**No.O-1584** : Sealed tenders are invited from interested reputed Travel Agencies / Tour Operators/ Private Individuals for providing one (01) TUV 300/ Ertiga/Bolero/Sumo Gold (BS6) AC vehicle having seating capacity not more than 7 (seven) including driver on monthly hiring basis for Office of the **Additional Chief Engineer-cum-Electrical Inspector, Berhampur,** for a period of two year. The tenderer should have valid & active GST registration and it should also be registered on GeM Platform. The tenders will be received in sealed cover up to 27.03.2025, 5.00 P.M. in the office of the undersigned by Registered Post or hand delivered with due acknowledgement within the above period and the authority will not be responsible for postal delay. The tenders shall be opened on 27.03.2025 at 5.30 P.M. in the presence of tenderers or their authorized representatives, if any. The tender document can be obtained from the office of the undersigned, on payment of Rs.100/- (Rupees one hundred) only during office hour on working days from 12.03.2025 to 27.03.2025 (till 4.00 P.M.) or can be downloaded from our website https://eicelectricityodisha.nic.in/. If the tender document is downloaded from our website, a Demand Draft of Rs.100/- (Rupees one hundred) only drawn in favour of ASSISTANT TO ACE-CUM-E.I, BERHAMPUR drawn on any Nationalized Bank, payable at Berhampur, needs to be attached with the tender document, for further details visit http://eicelectricityodisha.nic.in or contact the office of the undersigned. The undersigned reserves the right to reject the tenders without assigning any reason thereof.

Sd./- ACE-cum-EI, Berhampur
OIPR-04077/11/0002/2425



**GOVERNMENT OF ODISHA, DEPARTMENT OF WATER RESOURCES**
**OFFICE OF THE ADDITIONAL CHIEF ENGINEER, MECHANICAL CIRCLE, HIRAKUD**
Email address : semech-eicwr.od@nic.in
**E-Procurement Notice - Bid Identification No. ACEMC/MDHKD : 02/2024-25 dt.04.03.2025**
No.A-1164

1. Name of the Work : Mechanical Gate Works of MI Division, Sambalpur, Sonepur & Balangir
2. No. of Work : 03 (Three) Nos.
3. Category of executors : SSI Units registered under DIC/ NSIC/MSME for Irrigation Shutters/ Hydro Mechanical Gates
4. Bid Identification No. : ACEMC/MDHKD : 02/2024-25 dt.04.03.2025
5. Estimated Cost : 13.90 Lakh to 16.21 Lakh (Excluding GST)
6. Period of Completion : Two Calendar Month each.
7. Date & time of availability of bid documents in the Portal : From dt.13.03.2025 (10.00 A.M.) to dt.22.03.2025 (5.30 P.M.)
8. Last date/time for receipt of bid : Dt.22.03.2025 (up to 5.30 P.M.) in the portal
9. Date and Place of opening of Bid : Dt.24.03.2025, 11.00 A.M. onwards in O/o the Undersigned
10. Name of the Officer inviting Bids : Additional Chief Engineer, Mechanical Circle, Hirakud

Further details can be seen only from e-procurement portal https://tendersodisha.gov.in

Sd./- Additional Chief Engineer
Mechanical Circle, Hirakud
OIPR-32344/11/0002/2425



**GOVERNMENT OF ODISHA**
**OFFICE OF THE ZILLA PARISHAD, KALAHANDI**
E-mail : zillaparishadkalahanditech@gmail.com
**E-Procurement Notice**
**Bid Identification No. ZP/KLD-02/2024-25**
No.CAD-2760
No. 1052 Dated : 07.03.2025

| | | | |
|---|---|---|---|
| 1 | No. of the work | : | 10 nos. of Road work |
| 2 | Estimated cost | : | Rs.80.27 lakh to Rs.120.50 lakh |
| 3 | Period of Completion | : | 9 (Nine) calendar months |
| 4. | Date and time of availability of bid document in the portal | : | 11.00 hrs of 12.03.2025 to 17.00 hrs of 24.03.2025 |
| 5 | Last date/Time for receipt of bid in the portal | : | 17.00 hour of 24.03.2025 |
| 6 | Name and address of the Officer Inviting Bid | : | CDO-cum-EO, Zilla Parishad, Kalahandi |
| 7 | Date & Venue of Opening of the Single Cover Bid and Technical Bid (Cover 1) of Double cover Bid | : | On 25.03.2025 at 11.00 A.M. in the Office of the Zilla Parishad, Kalahandi |

Further details can be seen from the e-procurement portal https://tendersodisha.gov.in

Sd./- CDO-cum-EO
Zilla Parishad, Kalahandi
OIPR-19287/11/0003/2425

# ଜୟନାରାୟଣଙ୍କ ମନ୍ତବ୍ୟ ବ୍ୟକ୍ତିଗତ: ଭାଜପା

ଭୁବନେଶ୍ୱର, ୯।୩ (ବନ୍ଦନା ସେଠୀ)

ଭାଜପା ବିଧାୟକ ତଥା ପୂର୍ବତନ ମନ୍ତ୍ରୀ ଜୟନାରାୟଣ ମିଶ୍ରଙ୍କ ବିବାଦୀୟ ମନ୍ତବ୍ୟକୁ ନେଇ ଏବେ ରାଜନୀତି ସରଗରମ ହୋଇଛି। ଶନିବାର ସମ୍ବଲପୁରଠାରେ 'ସୁଭଦ୍ରା' କାର୍ଯ୍ୟକ୍ରମରେ ସେ କହିଥିଲେ, ପଶ୍ଚିମ ଓଡ଼ିଶା ପ୍ରତି ରାଜ୍ୟ ସରକାର ପାତରଅନ୍ତର କରୁଥିବା ବେଳେ ଏଠାକାର ଭାଷା ସଂସ୍କୃତିକୁ ଦବାଇଦେବାର ଷଡ଼ଯନ୍ତ୍ର କରାଯାଉଛି। ଉତ୍କଳ କହିଲେ କେବଳ କଟକ, ପୁରୀ ଓ ବାଲେଶ୍ୱରକୁ ବୁଝାଏ। ଉତ୍କଳ, କୋଶଳ ଓ କଳିଙ୍ଗ ମିଶି ଓଡ଼ିଶା ହୋଇଛି। ଓଡ଼ିଶାରେ ମିଶିବା ଆମର ଐତିହାସିକ ଭୁଲ୍ ଥିଲା ବୋଲି ଜୟନାରାୟଣ କହିଥିଲେ। ଅନ୍ୟପକ୍ଷେ ଭାଜପା ଏହାକୁ ଦଳର ମତ ନୁହେଁ, ବରଂ ଜୟନାରାୟଣଙ୍କ ବ୍ୟକ୍ତିଗତ ମନ୍ତବ୍ୟ ବୋଲି କହିଛି।

ଜୟନାରାୟଣଙ୍କ ବୟାନକୁ ନେଇ ବିଜେଡିର ବରିଷ୍ଠ ନେତା ତଥା ବିଧାୟକ ରାଜେନ୍ଦ୍ର ଢୋଲକିଆ କହିଛନ୍ତି, ଓଡ଼ିଶା ଦୁଇଭାଗ ହେଲେ ଜୟନାରାୟଣ ମୁଖ୍ୟମନ୍ତ୍ରୀ କି ମନ୍ତ୍ରୀ ହେବାକୁ ଆଶା ରଖିଛନ୍ତି। ପଶ୍ଚିମ ଓ ପୂର୍ବ ଓଡ଼ିଶା ବିବାଦ କିଛି ନୂଆ କଥା ନୁହେଁ। ନେତାମାନେ ଏହାକୁ ଗୁରୁତ୍ୱ ଦେଉଛନ୍ତି, ମାତ୍ର ସାଧାରଣ ଲୋକେ ଗୁରୁତ୍ୱ ଦେଉନାହାନ୍ତି। ପଶ୍ଚିମ ଓଡ଼ିଶାର ଉନ୍ନତି ହୋଇଛି ବୋଲି ଉପକୂଳ ଲୋକ କହୁଛନ୍ତି। ନବୀନ ପଟ୍ଟନାୟକଙ୍କ ମୁଖ୍ୟମନ୍ତ୍ରିତ୍ୱ ସମୟରେ ପଶ୍ଚିମ ଓଡ଼ିଶାର ଅନେକ ବିକାଶ ହୋଇଛି। ଭାଜପା ନେତା କେବଳ ନିଜର ସ୍ୱାର୍ଥ ପାଇଁ ଭେଦଭାବ କଥା କହୁଛନ୍ତି। ଭାଜପାର କଥା ଗୋଟେ, କାମ ଗୋଟେ ବୋଲି କହି ରାଜେନ୍ଦ୍ର ସମାଲୋଚନା କରିଛନ୍ତି। ସେହିପରି ବନ୍ଦେ ଉତ୍କଳ ଜନନୀ ସଙ୍ଗୀତ ଗାନ ବେଳେ ଠିଆ ନ ହେବା ଦୁଃଖଦ ଓ ଶାସକ ଦଳ ଏହା ଉପରେ ସ୍ପଷ୍ଟୀକରଣ ଦେବା ଆବଶ୍ୟକ ବୋଲି ସେ କହିଛନ୍ତି।

**ତେଜିଲା ରାଜନୀତି**

- ମୁଖ୍ୟମନ୍ତ୍ରୀ ହେବାକୁ ଆଶା ରଖିଛନ୍ତି: ରାଜେନ୍ଦ୍ର
- ଜୟ ଦାଦା ଅସନ୍ତୁଷ୍ଟ ଅଛନ୍ତି: ତାରାପ୍ରସାଦ

ଜୟନାରାୟଣଙ୍କ ମନ୍ତବ୍ୟକୁ ନେଇ ବରିଷ୍ଠ କଂଗ୍ରେସ ବିଧାୟକ ତାରାପ୍ରସାଦ ବାହିନୀପତି ପ୍ରତିକ୍ରିୟା ରଖିବା ସହ ଓଡ଼ିଶାକୁ ଭାଗ ଭାଗ କରିବା କ'ଣ ଓଡ଼ିଆ ଅସ୍ମିତା ବୋଲି ପ୍ରଶ୍ନ କରିଛନ୍ତି। ଆଜି କୋଶଳ କଥା କହୁଛନ୍ତି, କାଲି ଦକ୍ଷିଣାଞ୍ଚଳ କଥା ଉଠିବ, ତା'ପରେ ଉତ୍ତରାଞ୍ଚଳ କଥା ଉଠିବ। ତା'ହେଲେ କ'ଣ ଓଡ଼ିଶାକୁ ଭାଗ ଭାଗ କରିଦେବା କି? ଜୟ ଦାଦା ଅସନ୍ତୁଷ୍ଟ ଅଛନ୍ତି। ତେଣୁ ଆଲୋଚନା କରି ତାଙ୍କୁ ଉପମୁଖ୍ୟମନ୍ତ୍ରୀ କରି ଦିଅନ୍ତୁ, ସିଏ ଆଉ ଏଭଳି ମନ୍ତବ୍ୟ ଦେବେ ନାହିଁ ବୋଲି କହି ତାରାପ୍ରସାଦ କଟାକ୍ଷ କରିଛନ୍ତି। ସେହିପରି ଜୟନାରାୟଣ ପ୍ରଥମେ ତାଙ୍କ ଦଳରେ ପାଣ୍ଠିଆନ କଥା ପ୍ରଥମେ ଉଠେଇଥିଲେ, ମାତ୍ର ଭାଜପା ତାଙ୍କୁ ଅଣଦେଖା କରୁଛି ବୋଲି ତାରାପ୍ରସାଦ ମନ୍ତବ୍ୟ ରଖିଛନ୍ତି।

ଅପରପକ୍ଷେ ଏନେଇ ଭାଜପା ବିଧାୟକ ଅଶୋକ ମହାନ୍ତି କହିଛନ୍ତି, ଜୟନାରାୟଣ ଭାଜପାର ଜଣେ ବରିଷ୍ଠ ନେତା। ସେ କେଉଁ ଦୃଷ୍ଟିରୁ ଏଭଳି ମତ ରଖିଛନ୍ତି, ତାହା ସେ କହିପାରିବେ ନାହିଁ। ତେବେ ଏହା ଭାଜପାର ମତ ନୁହେଁ, ତାଙ୍କ ବ୍ୟକ୍ତିଗତ ମତ। ଦଳର କୌଣସି ଫୋରମ୍‌ରେ ଏ ସମ୍ପର୍କରେ ଆଲୋଚନା ହୋଇନାହିଁ। ଆମେ ସମଗ୍ର ଓଡ଼ିଶାକୁ ଏକ କରୁଛୁ। ଉତ୍କଳ ଓ କୋଶଳ ଦୁଇଟିଯାକ ଆମପାଇଁ ସମାନ ଗୁରୁତ୍ୱ ବହନ କରୁଛି। ଶରୀରର ସବୁ ଅଙ୍ଗ ସମାନ ଭାବେ ବିକାଶ ହେବା ଦରକାର। ଭାଜପା କେବେ ବି ଓଡ଼ିଶାକୁ ଭାଗଭାଗ କରିବାକୁ ଚାହେଁ ନାହିଁ। ୨୦୩୬ ସୁଦ୍ଧା ବିକଶିତ ଓଡ଼ିଶା କରିବା ପାଇଁ ଭାଜପା ନିଷ୍ପତ୍ତି ନେଇଛି। ଜୟନାରାୟଣ ଜଣେ ଭଲ ନେତା। ସେ ମନ୍ତ୍ରୀ ଥିବା ବେଳେ ଅନେକ କାମ କରିଥିବା ବିଧାୟକ ଅଶୋକ କହିଛନ୍ତି।

# କର୍ଣ୍ଣାଟକ ଲଜ୍ଜା ଘଟଣାରେ କଂଗ୍ରେସର ଦୋମୁହାଁ ନୀତି ପଦାରେ ପଡ଼ିଛି: ଭାଜପା

ଭୁବନେଶ୍ୱର, ୯।୩(ଅନୁରାଧା ମହାରଣା)

କର୍ଣ୍ଣାଟକରେ ବିଦେଶୀ ପର୍ଯ୍ୟଟକଙ୍କ ସହ ୨ ମହିଳାଙ୍କୁ ଗଣବଳାତ୍କାର ଓ ବିରୋଧ କରିବାକୁ ଯାଇ ଓଡିଆ ଯୁବକଙ୍କୁ ହତ୍ୟା ଘଟଣାରେ ଭାଜପା ରାଜ୍ୟ ଉପସଭାପତି ବିରଞ୍ଚି ନାରାୟଣ ତ୍ରିପାଠୀ କଂଗ୍ରେସକୁ କଡ଼ା ସମାଲୋଚନା କରିଛନ୍ତି। ସେ କହିଛନ୍ତି, ଅନ୍ତର୍ଜାତୀୟ ମହିଳା ଦିବସ ପାଳନ କରାଯାଉଥିବାବେଳେ କଂଗ୍ରେସ ଶାସିତ କର୍ଣ୍ଣାଟକ ପ୍ରଦେଶରୁ ଆସିଥିବା ଏକ ଦୁଃଖଦ ଖବର ସମସ୍ତଙ୍କୁ ବ୍ୟଥିତ କରିଥିଲା। ପର୍ଯ୍ୟଟନସ୍ଥଳ ବୁଲିବାକୁ କର୍ଣ୍ଣାଟକ ଯାଇଥିବା ୨ଜଣ ମହିଳାଙ୍କୁ ଅଭିଯୁକ୍ତମାନେ ବଳାତ୍କାର କରିବା ସହ କନ୍ଧମାଳ ଜିଲାର ଜଣେ ଯୁବକକୁ କେନାଲକୁ ଠେଲି ହତ୍ୟା କରିଛନ୍ତି। ଏହା ଅତ୍ୟନ୍ତ ନିନ୍ଦନୀୟ ଓ ଲଜ୍ଜାଜନକ। ଏହି ଅମାନବୀୟ ଘଟଣାରେ ୩ଜଣ ସାମିଲ ଥିବାବେଳେ ବର୍ତ୍ତମାନ ସୁଦ୍ଧା ଅପରାଧୀଙ୍କୁ ଗିରଫ କରିବାରେ କର୍ଣ୍ଣାଟକ ସରକାର ବିଫଳ ହୋଇଛନ୍ତି। ଅନ୍ୟପଟେ ଓଡିଶାରେ ମହିଳା ସୁରକ୍ଷାକୁ ପ୍ରସଙ୍ଗ କରି ରାଜ୍ୟ ସରକାରଙ୍କୁ ପ୍ରଶ୍ନ କରୁଥିବା କଂଗ୍ରେସ ଦଳ କର୍ଣ୍ଣାଟକ ପ୍ରସଙ୍ଗରେ ସମବେଦନା ଜଣାଇ ଦୁଃଖ ପ୍ରକାଶ କରିବା ତ ବହୁ ଦୂର କଥା, ସାମାନ୍ୟତମ ନିନ୍ଦା ମଧ୍ୟ କରିନାହାନ୍ତି। ଓଡିଶାର ଜଣେ ମଧ୍ୟ କଂଗ୍ରେସ ନେତା ପାଟି ଖୋଲିନାହାନ୍ତି । କଂଗ୍ରେସ ଦଳର ଏଭଳି ଦୋମୁହାଁ ନୀତି ନିଜ ଚେହେରାର ଅସଲ ମୁଖା ଖୋଲିଦେଇଛି। ବାସ୍ତବରେ ନିଜ ଅସ୍ତିତ୍ୱ ବଞ୍ଚାଇ ରଖିବା ପାଇଁ ଓଡିଶାରେ କଂଗ୍ରେସ ନେତାମାନେ ପ୍ରତିଦିନ ଡ୍ରାମାବାଜି କରୁଛନ୍ତି ବୋଲି ତ୍ରିପାଠୀ କହିଛନ୍ତି।

# କୁଶାସନ ପରେ ଏବେ ଦୁଃଶାସନ: କଂଗ୍ରେସ



ଖବରଦାତା ସମ୍ମିଳନୀରେ ଉପସ୍ଥିତ କଂଗ୍ରେସର ନେତାମାନେ।

ସମ୍ବଲପୁର, ୯।୩(ଭବାନୀ ଶଙ୍କର ଭୋଇ)

- ୮ ମାସରେ ୫୪ ଗଣବଳାତ୍କାର, ୨ ଛାତ୍ରୀ ମା' ହୋଇଛନ୍ତି
- ଆଇନଶୃଙ୍ଖଳାର ବିଫଳତା ବିରୋଧରେ ୧୦ରେ ଗଣବିକ୍ଷୋଭ

ରାଜ୍ୟରେ ମହିଳା ସୁରକ୍ଷା ଏବଂ ବିକାଶର ସ୍ଲୋଗାନ ଦେଇ ଶାସନକୁ ଆସିଥିବା ଭାଜପା ସରକାରର ୮ ମାସର ଶାସନକାଳରେ ମହିଳା ହିଂସା ଘଟଣା ସୀମା ଟପିଛି। ରବିବାର ସମ୍ବଲପୁର ସରକାରୀ ବସଷ୍ଟାଣ୍ଡସ୍ଥିତ ଜିଲା କଂଗ୍ରେସ କାର୍ଯ୍ୟାଳୟରେ ଏକ ଖବରଦାତା ସମ୍ମିଳନୀରେ ଦଳ ପକ୍ଷରୁ ଏଭଳି ଅଭିଯୋଗ କରାଯାଇଛି।

ରାଜ୍ୟରେ ୨୪ ବର୍ଷର କୁଶାସନ ଯିବା ପରେ ଏବେ ଦୁଃଶାସନ ଯୋଗୁ ମହିଳାମାନେ ଅସୁରକ୍ଷିତ ଅବସ୍ଥାରେ ଦିନ କାଟୁଛନ୍ତି ବୋଲି ବରିଷ୍ଠ ନେତା ସୁରେଶ୍ୱର ମିଶ୍ର କହିଛନ୍ତି। ଡବଲ ଇଞ୍ଜିନ ସରକାରରେ ଗତ ୮ ମାସ ଭିତରେ ୫୪ଟି ଗଣବଳାତ୍କାର ଘଟଣା ସହ ୨ ଛାତ୍ରୀ ମା' ହେବା ଘଟଣା ସରକାରଙ୍କ ଆଇନଶୃଙ୍ଖଳାର ବିଫଳତାକୁ ପଦାରେ ପକାଇଛି ବୋଲି ସେ କହିଛନ୍ତି। ତେଣୁ ମହିଳାଙ୍କ ସୁରକ୍ଷା ଓ ସମ୍ମାନ ପାଇଁ ଜିଲା କଂଗ୍ରେସ ପକ୍ଷରୁ ସୋମବାର ଜିଲାପାଳ ଅଫିସ ଘେରାଉ କରିବା ନେଇ ଦଳ ପକ୍ଷରୁ ଆହ୍ୱାନ ଦିଆଯାଇଛି। ସୁଭଦ୍ରା ଯୋଜନାରେ ଟଙ୍କା ବାଣ୍ଟି ମହିଳାଙ୍କ ବିକାଶ କଥା ପ୍ରଚାର କରୁଥିବା ମୋହନ ସରକାର ନାରୀ ସୁରକ୍ଷା ଦିଗରେ ମୌନ ରହିଛନ୍ତି। ସମ୍ବଲପୁର, ଦେବଗଡ଼ ଓ ବରଗଡ଼ ଧନୁଯାତ୍ରା ସମୟରେ ମହିଳାଙ୍କ ପ୍ରତି ଗଣବଳାତ୍କାର ଘଟଣା ରାଜ୍ୟବାସୀଙ୍କ ଭିତରେ ଆଲୋଡ଼ନ ସୃଷ୍ଟି କରିଛି ବୋଲି ଦଳର ସମ୍ବଲପୁର ବିଧାନସଭା ପ୍ରାର୍ଥୀ ଦୁର୍ଗା ପାଢ଼ୀ ଅଭିଯୋଗ କରିଛନ୍ତି। ରାଜ୍ୟରେ ମହିଳାମାନେ ଅସୁରକ୍ଷିତ, ଛାତ୍ରୀମାନେ କୁଆଁରୀ ମା' ହେବା ସାମଗ୍ରିକ ପ୍ରଶାସନିକ ବ୍ୟବସ୍ଥାକୁ ଲଜ୍ଜିତ କରିଛି ବୋଲି ଦଳର ରେଙ୍ଗାଲି ବିଧାନସଭା ପ୍ରାର୍ଥୀ ଦିଲୀପ ଦୁରିଆ କହିଥିଲେ। ଗତ ୮ ମାସ ମଧ୍ୟରେ ରାଜ୍ୟରେ ୧୬ ଶହ ଏଫ୍‌ଆଇଆର୍ ପଞ୍ଜୀକୃତ ହେବା ରାଜ୍ୟର ଶାସନବ୍ୟବସ୍ଥା ପ୍ରତି କୁଠାରାଘାତ ବୋଲି କଂଗ୍ରେସ ଅଭିଯୋଗ କରିଛି। ସୋମବାର ଜିଲା କଂଗ୍ରେସ କାର୍ଯ୍ୟାଳୟରୁ ଏକ ଶୋଭାଯାତ୍ରା ବାହାରି ଜିଲାପାଳଙ୍କ କାର୍ଯ୍ୟାଳୟ ଆଗରେ ପ୍ରତିବାଦ କରାଯିବ ବୋଲି ଜିଲା କଂଗ୍ରେସ ସଭାପତି ଜୟଶଙ୍କର ମିଶ୍ର ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି। ଏହି ସମ୍ମିଳନୀରେ କାର୍ଯ୍ୟକ୍ରମ ପର୍ଯ୍ୟବେକ୍ଷକ ହମିଦ୍ ହୁସେନ୍, କୁଚିଣ୍ଡା ବିଧାନସଭା ପ୍ରାର୍ଥୀ କେଦାର ବେରିହା, ବୁର୍ଲା ଟାଉନ ସଭାପତି ଗିରିଜା ନାୟକ, ହୀରାକୁଦ ଟାଉନ ସଭାପତି ରବି ରାଉତ, ମହିଳା କଂଗ୍ରେସ ସଭାପତି ବିଜୟଲକ୍ଷ୍ମୀ ବେହେରା, ସେବାଦଳ ସଭାପତି ବିନୋଦିନୀ ଦିପ ପ୍ରମୁଖ ଉପସ୍ଥିତ ଥିଲେ।



ଦିଲ୍ଲୀଠାରେ ରବିବାର ଏକ କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ରେଖା ଗୁପ୍ତା ପୂର୍ବତନ ଭାଜପା ନେତା ସ୍ୱର୍ଗତ ଅରୁଣ ଜେଟ୍‌ଲୀଙ୍କ ସ୍ତ୍ରୀ ସଙ୍ଗୀତା ଜେଟ୍‌ଲୀଙ୍କୁ ଭେଟୁଛନ୍ତି।

# ବିଧାୟକ ସାରଦା ପ୍ରଧାନଙ୍କ ଗିରଫ ଦାବିକଲା ବିଜେଡି

ଭୁବନେଶ୍ୱର, ୯।୩(ଅନୁରାଧା ମହାରଣା)

ମାହାଙ୍ଗା ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ପୋଡାମରାଇ ପଞ୍ଚାୟତର ପଞ୍ଚାୟତ ସମିତି ସଭ୍ୟା ସୋନାଲି ପ୍ରିୟଦର୍ଶିନୀ ରାଉତଙ୍କ ଉପରେ ଆକ୍ରମଣ ଘଟଣାକୁ ନେଇ ରାଜ୍ୟ ସରକାରଙ୍କୁ ଟାର୍ଗେଟ କରିଛି ବିଜେଡି। ଏହି ଘଟଣାରେ ମାହାଙ୍ଗା ସ୍ୱାଧୀନ ବିଧାୟକ ସାରଦା ପ୍ରଧାନଙ୍କ ସମ୍ପୃକ୍ତି ଅଭିଯୋଗ ଅଣାଯାଇ ତାଙ୍କୁ ଗିରଫ ଦାବି କରାଯାଇଛି। ଶଙ୍ଖ ଭବନଠାରେ ରବିବାର ଆୟୋଜିତ ଖବରଦାତା ସମ୍ମିଳନୀରେ ଦଳର ମୁଖପାତ୍ର ଡ. ଲେଖାଶ୍ରୀ ସାମନ୍ତସିଂହାର କହିଛନ୍ତି, ଶନିବାର ପୋଡାମରାଇ ପଞ୍ଚାୟତର ସମିତି ସଭ୍ୟା ସୋନାଲି ନିଜ ଘରେ ଥିବା ସମୟରେ ମାହାଙ୍ଗା ବିଧାୟକ ସାରଦାଙ୍କ ୪ଜଣ ସମର୍ଥକ ତାଙ୍କ ଘରେ ପଶି ଅତର୍କିତ ଆକ୍ରମଣ କରିଥିଲେ। ବିଧାୟକ ପ୍ରଧାନଙ୍କ ବିରୋଧରେ ଗଲେ ପରିଣାମ ଭୟଙ୍କର ହେବ ବୋଲି ଧମକ ଦେବା ସହିତ ତାଙ୍କ ମୁହଁକୁ କାନ୍ଥରେ ପିଟି ଦେଇ ମଙ୍ଗଳ ସୂତ୍ର ଟାଣି ଛିଣ୍ଡାଇ ଦେଇଥିଲେ। ଏହି ଆକ୍ରମଣରେ ଆହତ ହୋଇ ସୋନାଲି କଟକ ବଡ଼ ମେଡିକାଲରେ ଚିକିତ୍ସିତ ହୋଇଛନ୍ତି। ସେ କହିଛନ୍ତି, ପ୍ରଧାନ ମାହାଙ୍ଗାର ବିଧାୟକ ଭାବେ ନିର୍ବାଚିତ ହେବା ପରଠାରୁ ତାଙ୍କ ସମର୍ଥକଙ୍କ ଉତ୍ପାତ କାରଣରୁ ମାହାଙ୍ଗା ଅଶାନ୍ତ ହୋଇ ପଡିଛି। ବିଜୁ ପଟ୍ଟନାୟକଙ୍କ ଜୟନ୍ତୀର ପୂର୍ବ ସନ୍ଧ୍ୟାରେ ବିଧାୟକଙ୍କ ସମର୍ଥକଙ୍କ ଦ୍ୱାରା ବିଜୁ ବାବୁଙ୍କ ପ୍ରତିମୂର୍ତ୍ତିର ମୁଣ୍ଡ କାଟି ଦିଆଯାଇଥିଲା, ଯାହାକୁ ନେଇ ତୀବ୍ର ଉତ୍ତେଜନା ପ୍ରକାଶ ପାଇଥିଲା। ଶାରଦାଙ୍କର ଭାଜପା ସହିତ କି ସମ୍ପର୍କ ରହିଛି, ତାହା ସମସ୍ତେ ଭଲ ଭାବେ ଜାଣନ୍ତି। ଏବେ ସମର୍ଥକଙ୍କୁ ଲଗାଇ ସମିତି ସଭ୍ୟାଙ୍କ ଉପରେ ମରଣାନ୍ତକ ଆକ୍ରମଣ ରକ୍ଷକ ଭକ୍ଷକ ସାଜିବା ସଦୃଶ୍ୟ ହୋଇଛି। ଏହି ଘଟଣାକୁ ବିଜେଡି ଦୃଢ଼ ନିନ୍ଦା କରିବା ସହିତ ବିଧାୟକ ପ୍ରଧାନଙ୍କ ଗିରଫ ଦାବି କରୁଛି ବୋଲି ଡ. ସାମନ୍ତସିଂହାର କହିଛନ୍ତି।

## Business




ଭୁବନେଶ୍ୱର ବରମୁଣ୍ଡା ପଡ଼ିଆଠାରେ ୩ୟ ଓଡ଼ିଶା ଖଣି ଓ ଭିତ୍ତିଭୂମି ଅନ୍ତର୍ଜାତୀୟ ପ୍ରଦର୍ଶନୀ ରବିବାର ଉଦ୍‌ଯାପିତ ହୋଇଯାଇଛି। ଏହି ଅବସରରେ ରାଜ୍ୟପାଳ ହରିବାବୁ କମ୍ଭମପାଟିଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଅଛନ୍ତି

# ବିଏମ୍‌ଏଫର ନୂତନ ଉତ୍ପାଦ

ନୂଆଦିଲ୍ଲୀ, ୯।୩

ବନ୍ଧନ ମ୍ୟୁଚୁଆଲ ଫଣ୍ଡ (ବିଏମ୍‌ଏଫ)ର ନୂତନ ଉତ୍ପାଦ 'ଦ ଇକ୍ୱାଲ କାଲ୍‌କୁଲେଟର'ର ଶୁଭାରମ୍ଭ ନିକଟରେ ହୋଇଯାଇଛି। ଏପରିକି ଚଳିତ ବର୍ଷର ଅନ୍ତର୍ଜାତୀୟ ମହିଳା ଦିବସ ଅବସରରେ ଏହି ନୂତନ ଉତ୍ପାଦକୁ ଆରମ୍ଭ କରାଯାଇଛି। ବିଶେଷ କରି ଏହା ଏକ ଅନ୍‌ଲାଇନ ଟୁଲ ହୋଇଥିଲାବେଳେ କ୍ୟାରିୟର କ୍ଷେତ୍ରରେ ବ୍ୟବଧାନକୁ ଆକଳନ କରି ବନ୍ଧନ ମ୍ୟୁଚୁଆଲ ଫଣ୍ଡର 'ଦ ଇକ୍ୱାଲ କାଲ୍‌କୁଲେଟର' ଜଣଙ୍କୁ ଆତ୍ମବିଶ୍ୱାସ ସହ ନିଜର ଆର୍ଥିକ ଭବିଷ୍ୟତ ପାଇଁ ଯୋଜନା ପ୍ରସ୍ତୁତ କରିବାରେ ସାହାଯ୍ୟ କରିଥାଏ। ଏ ସମ୍ପର୍କରେ ବନ୍ଧନ ଏଏମ୍‌ସିର ସିଇଓ ବିଶାଲ କପୁର କହିଛନ୍ତି, ବନ୍ଧନ ମ୍ୟୁଚୁଆଲ ଫଣ୍ଡରେ ଆମେ ବିଶ୍ୱାସ କରୁ ଯେ ଆର୍ଥିକ ସ୍ୱାଧୀନତା ଜୀବନର ବିରତିଗୁଡ଼ିକ ଦ୍ୱାରା ପ୍ରଭାବିତ ହେବା ଉଚିତ ନୁହେଁ।

# ଦୀପକଙ୍କୁ ଉଦୀୟମାନ ସାଇବର ସୁରକ୍ଷା ଉଦ୍ୟୋଗୀ ସମ୍ମାନ




ଭୁବନେଶ୍ୱର, ୯।୩

ଦେଶର ପ୍ରମୁଖ ଷ୍ଟାର୍ଟଅପ ତଥା ସାଇବର ସୁରକ୍ଷା ସମାଧାନ ସଂସ୍ଥା ଥ୍ରେଟସିସ୍ ଟେକ୍ନୋଲୋଜିଜର ପ୍ରତିଷ୍ଠାତା ତଥା ସିଇଓ ଦୀପକ କୁମାର ନାଥଙ୍କୁ ନିକଟରେ ଆଉ ଏକ ଜାତୀୟସ୍ତରର ସମ୍ମାନ ମିଳିଛି। ଏପରିକି ସାଇବର ସୁରକ୍ଷା କ୍ଷେତ୍ରରେ ତାଙ୍କର ଉଲ୍ଲେଖନୀୟ ଅବଦାନକୁ ସ୍ୱୀକୃତି ସହ ଆଇଟିଏନଓ ବିଜ୍‌ନେସ କନ୍‌କ୍ଲେଭ-୨୦୨୫ରେ ଦୀପକ କୁମାର ନାଥଙ୍କୁ ସାଇବର ସୁରକ୍ଷାରେ ଉଦୀୟମାନ ଉଦ୍ୟୋଗୀ ପୁରସ୍କାର ପ୍ରଦାନ କରାଯାଇଛି। ଉଲ୍ଲେଖଯୋଗ୍ୟ, ନୂଆଦିଲ୍ଲୀର ତାଜ ପ୍ୟାଲେସଠାରେ ଆୟୋଜିତ ସ୍ୱତନ୍ତ୍ର ସମ୍ମାନସମାରୋହ ଉତ୍ସବରେ ଦୀପକ କୁମାର ନାଥଙ୍କୁ 'ସାଇବର ସୁରକ୍ଷା କ୍ଷେତ୍ରରେ ଉଦୀୟମାନ ଉଦ୍ୟୋଗୀ ସମ୍ମାନ' ପ୍ରଦାନ କରାଯାଇଛି। ଏହି ଅବସରରେ ଅରୁଣାଚଳ ପ୍ରଦେଶର ରାଜ୍ୟପାଳ ଲ୍ୟୁଟ୍‌ନାଣ୍ଟ ଜେନେରାଲ କେ. ଟି. ପରନାୟକ, ପିଭିଏସଏମ୍, ୟୁୱାଇଏସ୍‌ଏମ୍, ୱାଇଏସଏମର ସଭାପତି ଏବଂ ସିଓଓ ରୋହିତ ଚଢ୍ଢା ପ୍ରମୁଖ ଅତିଥି ଭାବେ ଯୋଗ ଦେଇ ଦୀପକଙ୍କୁ ଏହି ପୁରସ୍କାର ପ୍ରଦାନ କରିଥିଲେ।

# ଅଶ୍ୱିନୀ ହସ୍ପିଟାଲରେ ମିଶୋ ଟିକେଆର ଅସ୍ତ୍ରୋପଚାର

ଭୁବନେଶ୍ୱର, ୯।୩

ରାଜ୍ୟର ପ୍ରମୁଖ ଘରୋଇ ଚିକିତ୍ସାଳୟ ତଥା କଟକ ଅଶ୍ୱିନୀ ହସ୍ପିଟାଲରେ ପ୍ରଥମ ମିଶୋ ଟୋଟାଲ ନି ରିପ୍ଲେସମେଣ୍ଟ (ଟିକେଆର୍) ବା ସମ୍ପୂର୍ଣ୍ଣ ଆଣ୍ଠୁ ପ୍ରତିରୋପଣ ଅସ୍ତ୍ରୋପଚାର ସଫଳତାର ସହ ଶେଷ ହୋଇଛି। ଏପରିକି ଏକ ଐତିହାସିକ ଚିକିତ୍ସା ପୂର୍ବ ଭାରତ ଏବଂ ଅଶ୍ୱିନୀ ହସ୍ପିଟାଲର ପ୍ରଥମ ବୋଲି କୁହାଯାଉଛି। ଅପରପକ୍ଷରେ ହସ୍ପିଟାଲର ଅସ୍ଥିଶଲ୍ୟ ଏବଂ ଗଣ୍ଠି ପ୍ରତିରୋପଣ ଅସ୍ତ୍ରୋପଚାରର ବରିଷ୍ଠ ପରାମର୍ଶଦାତା ଡା. ସତ୍ୟନାରାୟଣ ବେହେରା ପୂର୍ବ ଭାରତର ପ୍ରଥମ ମିଶୋ ସମ୍ପୂର୍ଣ୍ଣ ଆଣ୍ଠୁ ପ୍ରତିରୋପଣ ଅସ୍ତ୍ରୋପଚାର ସଫଳତାର ସହିତ କରିଛନ୍ତି। ଏହି ଅଗ୍ରଣୀ ପ୍ରକ୍ରିୟା ଅସ୍ଥିଶଲ୍ୟ କାରଣରୁ ଗୁରୁତର ଆଣ୍ଠୁ ଯନ୍ତ୍ରଣାରେ ପୀଡିତ ୬୫ ବର୍ଷୀୟ ରୋଗୀ ହେମାପ୍ରୋଭା ମାଲ୍ଲାଙ୍କଠାରେ କରାଯାଇଥିଲା। ସେହିଭଳି ଡା ବେହେରା କହିଛନ୍ତି, ରୋଗୀଙ୍କ ଲାଭ ପାଇଁ, ଆମେ ମିଶୋ ରୋବୋଟିକ୍ ସିଷ୍ଟମ ବ୍ୟବହାର କରି ଆଣ୍ଠୁ ପ୍ରତିରୋପଣ ପାଇଁ ସବୁଠାରୁ ଉନ୍ନତ କୌଶଳ ବ୍ୟବହାର କରିଛୁ। ଏହି ପ୍ରଯୁକ୍ତିବିଦ୍ୟା ମାଧ୍ୟମରେ ପ୍ରାପ୍ତ କଟାଗୁଡ଼ିକର ଅସାଧାରଣ ସଠିକତା ଏବଂ ଠିକ୍ ସନ୍ତୁଳିତ ଉନ୍ନତ ଅସ୍ତ୍ରୋପଚାର ପରବର୍ତ୍ତୀ ଆରୋଗ୍ୟ ଲାଭ ଏବଂ ଦୀର୍ଘକାଳୀନ ସଫଳତା ସୁନିଶ୍ଚିତ କରିଥାଏ। ସେହିପରି ଉନ୍ନତ ରୋବୋଟିକ୍-ସହାୟତା ଅସ୍ତ୍ରୋପଚାର ଯେଉଁଥିରେ ଏକ ସମ୍ପୂର୍ଣ୍ଣ ସ୍ୱୟଂଚାଳିତ ରୋବୋଟ୍ ଯାହା କି ଅସାଧାରଣ ସଠିକତା ସୁନିଶ୍ଚିତ କରୁଥିବା ଅତ୍ୟାଧୁନିକ ମିଶୋ ସିଷ୍ଟମ ବ୍ୟବହାର କରାଯାଇଥିଲା। ମାଲ୍ଲା ତାଙ୍କ ଡାହାଣ ଆଣ୍ଠୁରେ ଏକ ରୋବୋଟିକ୍ ଆଣ୍ଠୁ ପ୍ରତିରୋପଣ କରିଥିଲେ ଏବଂ ବର୍ତ୍ତମାନ ଆରୋଗ୍ୟ ଲାଭ କରୁଛନ୍ତି।

# ଓସ୍‌ମେ ମହିଳା ଶାଖା ପକ୍ଷରୁ 'ହରଷ୍ଟୋରି'

ଭୁବନେଶ୍ୱର, ୯।୩ (ଅଭୟ ଦାଶ)




ଓସମେର ମହିଳା ଶାଖା ପକ୍ଷରୁ ରବିବାର ସ୍ୱସ୍ତି ପ୍ରିମିୟମଠାରେ 'ହରଷ୍ଟୋରି-୨୦୨୫'ନାମକ ଏକ ବିଶେଷ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ହରଷ୍ଟୋରି-୨୦୨୫'କୁ ଏମ୍‌ଏସ୍‌ଏମ୍‌ଇ ନିର୍ଦ୍ଦେଶକ ପି.କେ. ଗୁପ୍ତା ଉଦଘାଟନ କରିଥିଲେ। ଏହି ଅବସରରେ ଉଇଜଡମ୍‌କୁଏଷ୍ଟର ପ୍ରତିଷ୍ଠାତା ଆୟୁଷି ସିଂ, ଓସ୍‌ମେ ମହିଳା ଶାଖା ଅଧ୍ୟକ୍ଷା ଜ୍ୟୋତିର୍ମୟୀ ମହାନ୍ତି, ସମ୍ପାଦିକା ଅନ୍ୱେଷା ରାଉତ, ମହିଳା ଶାଖାର ଉପାଧ୍ୟକ୍ଷା ଅମୃତା ପାତ୍ର, ଓସ୍‌ମେ ମହିଳା ଶାଖା ଖୋର୍ଦ୍ଧା ଚାପ୍ଟରର ଅଧ୍ୟକ୍ଷା ପ୍ରତିଶ୍ରୁତି ଜେନା, ସିଡ୍‌ବି ଡେପୁଟି ଜେନେରାଲ ମ୍ୟାନେଜର ପ୍ରଦ୍ୟୁମ୍ନ କୁମାର ଚୌଧୁରୀ, ଓସ୍‌ମେର ଅଧ୍ୟକ୍ଷ ଗୌରୀଶଙ୍କର ଦାଶ, ମହାସଚିବ ସାତ୍ତ୍ୱିକ ସ୍ୱାଇଁ ଏବଂ ଅନ୍ୟମାନେ ଉପସ୍ଥିତ ଥିଲେ। ଏହି ଅବସରରେ ଓସ୍‌ମେ ମହିଳା ଶାଖାର ଅଧ୍ୟକ୍ଷା ଜ୍ୟୋତିର୍ମୟୀ ମହାନ୍ତି କହିଥିଲେ, ହରଷ୍ଟୋରି ୨୦୨୫ ଏକ ବିଶେଷ କାର୍ଯ୍ୟକ୍ରମ, ଯେଉଁଠାରେ ସମାଜର ସମସ୍ତ ପ୍ରତିବନ୍ଧକ ଭାଙ୍ଗି ନିଜର ଅଦମ୍ୟ ଇଚ୍ଛାଶକ୍ତି ବଳରେ ନିଜକୁ ପ୍ରତିଷ୍ଠିତ କରିପାରିଥିବା ମହିଳାମାନଙ୍କୁ ପ୍ରେରଣା, ସଶକ୍ତ କରିବା ସହ ସମ୍ମାନିତ କରାଯାଉଛି। ଏହି କାର୍ଯ୍ୟକ୍ରମରେ ମହିଳାଙ୍କ ନେତୃତ୍ୱାଧୀନ ଷ୍ଟାର୍ଟଅପ ଦ୍ୱାରା ଲାଇଭ ପ୍ରଡକ୍ଟ ଉନ୍ମୋଚନ, ଏକ ପ୍ରେରଣାଦାୟୀ କୋଚିଂ, ମାଷ୍ଟରକ୍ଲାସ ଏବଂ ଇ-କମର୍ସ, କାର୍ଯ୍ୟ-ଜୀବନ ସନ୍ତୁଳନ ଏବଂ ବିଫଳତାକୁ ଦୂର କରିବା ଉପରେ ଆକର୍ଷଣୀୟ ଅଧିବେଶନ ମଧ୍ୟ ସାମିଲ ଥିଲା। ଏହି କାର୍ଯ୍ୟକ୍ରମର ମୁଖ୍ୟ ଆକର୍ଷଣ ଥିଲା ବିଶାଖା ଭାସ୍କର, ଅଙ୍ଗରାଖା, ମାଳବିକା ସାକ୍ସେନା, ଦ କ୍ୱିର୍କି ନାରୀ, ଜୋୟିତା ରାୟ, ରୀନା ଚୋପ୍ରା, ଆୟୁଷୀ ସିଂହ ଏବଂ ସମ୍ମାନିତ ଗୁରୁ ମୀରା ଦାସଙ୍କ ନେତୃତ୍ୱରେ ଗୁଞ୍ଜନ ଡ୍ୟାନ୍ସ ଏକାଡେମୀର ଆକର୍ଷଣୀୟ ପରିବେଷଣ ହୋଇଥଲା।

# ଫେବୃଆରୀରେ ୧୦,୪୯୩ ୟୁନିଟ୍ ଟ୍ରାକ୍ଟର ବିକ୍ରି

ନୂଆଦିଲ୍ଲୀ, ୯।୩

ଭାରତର ୧ ନମ୍ବର ଟ୍ରାକ୍ଟର ରପ୍ତାନିକାରୀ ବ୍ରାଣ୍ଡ ସୋନାଲିକା ଟ୍ରାକ୍ଟର୍ସ ଚଳିତ ବର୍ଷ ଫେବୃଆରୀରେ ଚମତ୍କାର ବିକ୍ରି ପ୍ରଦର୍ଶନ ଜାରି ରଖିଛି। ୨୦୨୪-୨୫ ଆର୍ଥିକ ବର୍ଷର ଫେବୃଆରୀରେ ମୋଟ ୧୦,୪୯୩ ୟୁନିଟ୍ ଟ୍ରାକ୍ଟର ବିକ୍ରି କରିଛି। ଏଥିସହ କମ୍ପାନୀ ୨୦୨୫ ଫେବୃଆରୀରେ ମୋଟ ୧୧୩,୨୭୯ଟି ଟ୍ରାକ୍ଟର ବାର୍ଷିକ ଭିତ୍ତିରେ ପଞ୍ଜୀକରଣ ସହ ସର୍ବୋଚ୍ଚ ଘରୋଇ ୱାଇଟିଡି (ଚଳିତ ବର୍ଷ ବର୍ତ୍ତମାନ ସୁଦ୍ଧା) ବିକ୍ରିରେ ପହଞ୍ଚିଛି ଏବଂ ଶିଳ୍ପର ୱାଇଟିଡିକୁ ଅତିକ୍ରମ କରିଛି। ଏହା ନିଜର ଉଲ୍ଲେଖନୀୟ ଯାତ୍ରାରେ ସମ୍ପୃକ୍ତ ସମସ୍ତ ହିତାଧିକାରୀଙ୍କ ପାଇଁ ଏକ ସମାବେଶୀ ବିକାଶର ଲକ୍ଷ୍ୟ ରଖିଛି। କମ୍ପାନୀ ନିରନ୍ତର ଭାବେ ଶକ୍ତିଶାଳୀ ଓ ଆଧୁନିକ ଟେକ୍ନୋଲୋଜିରେ ସୁସଜ୍ଜିତ ଟ୍ରାକ୍ଟରଗୁଡ଼ିକୁ ନିର୍ମାଣ କରୁଛି, ଯାହା କୃଷକଙ୍କୁ ଉତ୍ପାଦକତା ଓ ସ୍ଥାୟିତ୍ୱ ପ୍ରଦାନ କରୁଛି। ଏ ସମ୍ପର୍କରେ ଇଣ୍ଟରନ୍ୟାଶନାଲ ଟ୍ରାକ୍ଟର୍ସ ଲିମିଟେଡ୍‌ର ଯୁଗ୍ମ ପରିଚାଳନା ନିର୍ଦ୍ଦେଶକ ରମଣ ମିତ୍ତଲ କହିଛନ୍ତି, ଆମେ ୨୦୨୫ ଫେବୃଆରୀରେ ମୋଟ ୧୦,୪୯୩ ୟୁନିଟ୍ ଟ୍ରାକ୍ଟରର ଏକ ଉଲ୍ଲେଖନୀୟ ବିକ୍ରି ରେକର୍ଡ ହାସଲ କରିଛୁ। ଏପରିକି ସର୍ବକାଳୀନ ଘରୋଇ ୱାଇଟିଡି ୨୦୨୫ ଫେବୃଆରୀ ବିକ୍ରି ସଫଳତାରେ ପହଞ୍ଚି ବେଶ୍ ଉତ୍ସାହିତ ଅଛୁ। ଏଥିସହ ଆମେ ଶିଳ୍ପ ପ୍ରଦର୍ଶନକୁ ମଧ୍ୟ ପଛରେ ପକାଇଛୁ। ସୋନାଲିକା ସବୁବେଳେ ଅଧିକ ଫସଲ ଅମଳ ପାଇଁ ବିଭିନ୍ନ ଭୌଗୋଳିକ ସ୍ଥାନ ଓ ପ୍ରୟୋଗରେ ଆମର ଆଧୁନିକ କୃଷି ଟେକ୍ନୋଲୋଜିଗୁଡ଼ିକୁ ପ୍ରଦାନ କରିବା ସୁନିଶ୍ଚିତ କରିଥାଏ। ଆମେ କୃଷକଙ୍କ ନିମନ୍ତେ ଏଭଳି ଏକ ଭବିଷ୍ୟତ ଗଠନ କରିବା ପାଇଁ ପ୍ରତିବଦ୍ଧ ରହିଛୁ, ଯାହା ଉଦ୍ଭାବନ ଓ ନିରବଚ୍ଛିନ୍ନ ବିକାଶ ସହ ଉନ୍ନତି କରୁଥିବ।

# ରାଜଧାନୀରେ ଏଟିଏମ୍ ଲୁଟେରାଙ୍କୁ ଏନ୍‌କାଉଣ୍ଟର

## ଜଣେ ଗୁରୁତର, ୨ ଧରାପଡ଼ିଲେ

ଭୁବନେଶ୍ୱର,୯।୩(ସତ୍ୟଜିତ୍ ରାଉତ)

ରାଜଧାନୀ ଭୁବନେଶ୍ୱରରେ କିଛିଦିନର ବ୍ୟବଧାନ ପରେ କମିଶନରେଟ୍ ପୋଲିସର ବନ୍ଧୁକ ପୁଣି ଗର୍ଜିଛି। କଟକ-ପୁରୀ ବାଇପାସ୍ ରୋଡ୍‌ର କେଶୁରା ନିକଟରେ ରବିବାର ଭୋର୍ ପ୍ରାୟ ୩ଟାରେ ଆନ୍ତଃରାଜ୍ୟ ଏଟିଏମ୍ ଲୁଟେରା ଗ୍ୟାଙ୍ଗ୍ ଓ ପୋଲିସ ଟିମ୍ ମୁହାଁମୁହିଁ ହୋଇଛନ୍ତି। ଏଟିଏମ୍ ଲୁଟ୍ ପାଇଁ ଏହି ଗ୍ୟାଙ୍ଗ୍ ଯୋଜନା କରୁଥିବା ବେଳେ ସ୍ପେଶାଲ ସ୍କ୍ୱାଡ୍‌କୁ ଦେଖି କାର୍‌ରେ ଖସି ପଳାଇବା ସମୟରେ ପୋଲିସ ଏନ୍‌କାଉଣ୍ଟର କରିଛି। ଉଭୟ ପକ୍ଷରୁ ଗୁଳି ବିନିମୟ ହୋଇଥିବାବେଳେ ଗ୍ୟାଙ୍ଗ୍‌ର ଜଣେ ସଦସ୍ୟ ପୋଲିସ ଏନ୍‌କାଉଣ୍ଟରରେ ଗୁରୁତର ଆହତ ହୋଇଛନ୍ତି। ସେ ହେଲେ ବିହାର ନବାଦା ଜିଲା ବାରିସାଲିଗଞ୍ଜ ଥାନା ଅଞ୍ଚଳର ଦୀପକ କୁମାର(୨୫)। ଦୀପକଙ୍କ ବାମଗୋଡ଼ରେ ଗୁଳି ବାଜିଥିବାବେଳେ ତାଙ୍କୁ ପ୍ରଥମେ କ୍ୟାପିଟାଲ ହସ୍ପିଟାଲ ଏବଂ ପରେ ଏମ୍ସରେ ଭର୍ତ୍ତି କରାଯାଇଛି। ଘଟଣାସ୍ଥଳରୁ ଦୀପକ ଓ ତାଙ୍କର ଦୁଇ ସହଯୋଗୀଙ୍କୁ ପୋଲିସ ଗିରଫ କରିଛି। ସେମାନେ ହେଲେ ବିହାର ନରହୋଦ ଅଞ୍ଚଳର ଦୀପକ କୁମାର ପାଣ୍ଡେ (୨୪) ଓ ଝାଡ଼ଖଣ୍ଡ ମୟୂରଖଣ୍ଡ ଅଞ୍ଚଳର ଅଭିଷେକ କୁମାର ସିଂ(୩୨)। ଘଟଣାସ୍ଥଳରୁ ଗୋଟିଏ ଟାଟା ହରିଆର୍ କାର୍, ଏକ ୭.୬୫ ଏମ୍‌ଏମ୍ ସେମିଅଟୋମେଟିକ୍ ପିସ୍ତଲ୍, ଗୁଳି,



■ ରାଞ୍ଚି ପୋଲିସ ପାଇଁ ୱାଣ୍ଟେଡ୍ ଥିଲେ
■ ଘଟଣାସ୍ଥଳରୁ କାର୍, ପିସ୍ତଲ, ଗୁଳି ଆଦି ଜବତ
■ ୩ଦିନ ତଳେ ଓଡ଼ିଶା ଆସିଥିଲେ, ୨ ଅଭିଯୁକ୍ତ ଜେଲ ଗଲେ

ନଗଦ ୧୨ ହଜାର ଟଙ୍କା, ୩ ମୋବାଇଲ, ବିଭିନ୍ନ ଗ୍ରାହକଙ୍କ ୧୨ଟି ଏଟିଏମ୍ କାର୍ଡ, ଗୋଟିଏ ଛୁରି ଏବଂ ଅନ୍ୟାନ୍ୟ ଆପତ୍ତିଜନକ ସାମଗ୍ରୀ ଜବତ ହୋଇଛି। ଏହି ଘଟଣାରେ ବଡ଼ଗଡ଼ ଥାନା ପକ୍ଷରୁ ଭାରତୀୟ ନ୍ୟାୟ ସଂହିତା (ବିଏନ୍‌ଏସ୍) ଦଫା ୧୦୯(୧), ୧୩୨, ୩(୫) ଓ ଆର୍ମସ୍ ଆକ୍ଟର ଦଫା ୨୫, ୨୭, ୩୫ରେ ମାମଲା (ନଂ.୧୨୧/୨୦୨୫) ରୁଜୁ ସହ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ଦୁଇ ସହଯୋଗୀଙ୍କୁ କୋର୍ଟଚାଲାଣ କରାଯାଇଥିବା ବେଳେ ଜାମିନ ନାମଞ୍ଜୁର ପରେ ସେମାନଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ଗିରଫ ଅଭିଯୁକ୍ତମାନେ ରାଞ୍ଚି ପୋଲିସ ପାଇଁ ୱାଣ୍ଟେଡ୍ ଥିଲେ। ଏହି ଗ୍ୟାଙ୍ଗ୍‌ର ସଦସ୍ୟମାନେ ରାଜ୍ୟରୁ ରାଜ୍ୟ ବୁଲି ଏଟିଏମ୍ ହାଇଜାକ୍ କରି ଟଙ୍କା ଲୁଟୁଥିଲେ ବୋଲି ଖବରଦାତା ସମ୍ମିଳନୀରେ ପୋଲିସ କମିଶନର ଏସ୍. ଦେବଦତ୍ତ ସିଂ କହିଛନ୍ତି।

### ଏଟିଏମ୍‌ରେ ଅଠା ଲଗାଇ ଗ୍ରାହକଙ୍କୁ ଫସାଉଥିଲେ

ଏହି ଗ୍ୟାଙ୍ଗ୍ ସୁରକ୍ଷାକର୍ମୀ ମୁତୟନ ନ ଥିବା ନିର୍ଦ୍ଦିଷ୍ଟ ଏଟିଏମ୍ କାଉଣ୍ଟରକୁ ଟାର୍ଗେଟ୍ କରୁଥିଲେ। କେହି ନ ଥିବା ବେଳେ ଏଟିଏମ୍ କାର୍ଡ ପଶାଯାଉଥିବା ସ୍ଥାନରେ ଜଣେ ଅଭିଯୁକ୍ତ ଅନ୍ୟ ଏକ କାର୍ଡ ଜରିଆରେ ଫେବିକ୍ୱିକ୍ ଅଠା ଲଗାଉଥିଲେ। ଏଥିସହ ଏଟିଏମ୍ ମେଶିନରେ ଏକ ନମ୍ବରକୁ ହେଲ୍ପଲାଇନ୍ ଭାବେ ଛପାଇ ଦେଉଥିଲେ। ଏହାପରେ ଏଟିଏମ୍ ପାଖରେ ଛକି ରହୁଥିଲେ। ପରେ ଗ୍ରାହକ କାର୍ଡ ପୂରାଇ ଟଙ୍କା ଉଠାଇବା ପରେ କାର୍ଡ ଅଠାରେ ଲାଗି ରହିଯାଉଥିଲେ। ଯେଉଁ ଗ୍ରାହକ ହେଲ୍ପଲାଇନ୍‌କୁ କଲ୍ କରୁଥିଲେ, ସେମାନଙ୍କୁ ସାହାଯ୍ୟ କରିବା ଆଳରେ ଏଟିଏମ୍ ପିନ୍ ଏବଂ ଅନ୍ୟାନ୍ୟ ତଥ୍ୟ ହାସଲ କରିନେଉଥିଲେ। ଗ୍ରାହକମାନେ କାର୍ଡ ବିନା ଫେରିଯିବା ପରେ ଅଭିଯୁକ୍ତମାନେ ଟଙ୍କା ଉଠାଇ ନେଉଥିଲେ। ଅଭିଯୁକ୍ତମାନେ ପରେ ଧାରୁଆ ଛୁରି ଦ୍ୱାରା କାର୍ଡ ବାହାରକରି ଗ୍ରାହକଙ୍କଠାରୁ ହାସଲ କରିଥିବା ପାସ୍‌ୱାର୍ଡ ଦେଇ ପୁଣି ଉକ୍ତ କାର୍ଡ ପୂରାଇ ଟଙ୍କା ଉଠାଇ ନେଉଥିଲେ।

ଅଭିଯୁକ୍ତମାନେ ଓଡ଼ିଶାରେ ୪ଟି ମାମଲାରେ ସମ୍ପୃକ୍ତ। ସେଥିମଧ୍ୟରୁ ପୁରୀ କୁମ୍ଭାରପଡ଼ା ଥାନାରେ ଦୁଇଟି ଓ ଭୁବନେଶ୍ୱର ଲକ୍ଷ୍ମୀସାଗର ଓ ଶ୍ରୀଲିଙ୍ଗରାଜ ଥାନାରେ ଗୋଟିଏ ଲେଖାଏ ମାମଲା ରହିଛି। ଏହାବ୍ୟତୀତ ଏଯାଏ ବିହାରରେ ଦୁଇଟି ଓ ଝାଡ଼ଖଣ୍ଡରେ ଗୋଟିଏ ମାମଲା ଥିବା ଜଣାପଡ଼ିଛି। ଏହି ଗିରଫଦାରି ସଂକ୍ରାନ୍ତରେ ଅନ୍ୟ ରାଜ୍ୟ ପୋଲିସକୁ ମଧ୍ୟ ଖବର ଦିଆଯାଇଛି। ଅଭିଯୁକ୍ତମାନେ ଏଟିଏମ୍‌ରେ ଲୁଟ୍ କାରବାର କରୁଥିବାର ସିସିଟିଭି ଫୁଟେଜ୍ ଭାଇରାଲ ହୋଇଛି। ଶନିବାର ଭୋର୍‌ରେ ଅଭିଯୁକ୍ତମାନେ ପୁରୀରୁ ଭୁବନେଶ୍ୱର ଫେରି କେଶୁରା ନିକଟରେ ଏଟିଏମ୍ ଲୁଟ୍ ପାଇଁ ଯୋଜନା କରୁଥିବା ବେଳେ ସ୍ପେଶାଲ ସ୍କ୍ୱାଡ୍ ନଜରରେ ପଡ଼ିଥିଲେ। ପୋଲିସ ସେମାନଙ୍କୁ ପଚରାଉଚରା କରିବା ବେଳେ ହଠାତ୍ ଦୀପକ ଗୁଳିମାଡ଼ କରିଥିଲେ। ଆତ୍ମରକ୍ଷା ପାଇଁ ପୋଲିସ ପକ୍ଷରୁ ପାଲଟା ଗୁଳିମାଡ଼ ହୋଇଥିଲା ବୋଲି ସୂଚନା ଦିଆଯାଇଛି। ଫେବୃଆରୀ ୧୭ ତାରିଖ ଭୋର ସମୟରେ ବାଲିଅନ୍ତା ଥାନା ଅନ୍ତର୍ଗତ ରଙ୍ଗବଜାର ନିକଟକରେ ଏକ ଏନ୍‌କାଉଣ୍ଟର ହୋଇଥିଲା।

# ଡାକ୍ତରଖାନାରୁ ଶିଶୁ ଚୋରି ଉଦ୍ୟମ, ମହିଳା ଗିରଫ

ବାରିପଦା,୯।୩ (ନୀଳାଦ୍ରି ବିହାରୀ ଦଣ୍ଡପାଟ)

ମୟୂରଭଞ୍ଜ ଜିଲା ବାରିପଦାସ୍ଥିତ ପଣ୍ଡିତ ରଘୁନାଥ ମୁର୍ମୁ ମେଡିକାଲ କଲେଜ ଓ ହସ୍ପିଟାଲରେ ପିଲା ଚୋରି ନେଇ ବାରିପଦା ଟାଉନ ଥାନାରେ ଅଭିଯୋଗ ହୋଇଛି। ଏହାକୁ ନେଇ ପୋଲିସ ଏକ ମାମଲା ରୁଜୁ କରି ଅଭିଯୁକ୍ତ ମହିଳାଙ୍କୁ ଗିରଫ କରିଛି। ମହିଳା ଜଣକ ହେଲେ ରାସଗୋବିନ୍ଦପୁର ଥାନା ଅଧୀନ ତୋଟାପଡ଼ା ଗ୍ରାମର ସନ୍ଧ୍ୟାରାଣୀ ମହାନ୍ତ।

ସୂଚନାଅନୁଯାୟୀ, ବାରିପଦା ପୌର ପରିଷଦ ୱାର୍ଡ ନଂ. ୨୦ ଶୂନଗଡ଼ିଆ ଅଞ୍ଚଳର ଶେଖ କମରୁଦ୍ଦିନଙ୍କ ସ୍ତ୍ରୀ ତୃତୀୟ ସନ୍ତାନ ପ୍ରସବ ନିମନ୍ତେ ବାରିପଦା ପିଆର୍‌ଏମ୍ ମେଡିକାଲର ସାତ ମହଲା କୋଠା ମହିଳା ଓ ଶିଶୁ ବିଭାଗରେ ଶନିବାର ଭର୍ତ୍ତି ହୋଇଥିଲେ। ତାଙ୍କର ୨ ଶିଶୁକନ୍ୟାକୁ ଧରି ସ୍ୱାମୀ ଶେଖ କମରୁଦ୍ଦିନ ମଧ ଡାକ୍ତରଖାନା ଶଯ୍ୟା ନିକଟରେ ରହୁଥିଲେ। ଶନିବାର ବିଳମ୍ବିତ ରାତିରେ ଶେଖ୍ କମରୁଦ୍ଦିନ ବାହାରକୁ ଯାଇ ଫେରିବା ପରେ ୨ ଶିଶୁଙ୍କୁ ବେଡ୍ ପାଖରେ ପାଇ ନ ଥିଲେ। ଏ ନେଇ ତୁରନ୍ତ ସମ୍ପର୍କୀୟଙ୍କୁ ଖବର ଦେବା ସହ ସୁରକ୍ଷାକର୍ମୀଙ୍କୁ ଅବଗତ କରିଥିଲେ। ସମସ୍ତେ ମିଶି ଶିଶୁ ଦ୍ୱୟଙ୍କୁ ଖୋଜିଖୋଜି କରିବା ପରେ ଡାକ୍ତରଖାନାର ଉପର ୬ ମହଲାରେ ଜଣେ ଅପରିଚିତ ମହିଳା ପିଲାଙ୍କୁ ଧରି ନେଉଥିବାର ଦେଖିବାକୁ ପାଇଥିଲେ। ସେଠାରୁ ପିଲାଙ୍କୁ ଉଦ୍ଧାର କରିବା ସହ ମହିଳାଙ୍କୁ ଡାକ୍ତରଖାନା ଫାଣ୍ଡିରେ ଜିମା ଦେଇଥିଲେ। କମରୁଦ୍ଦିନଙ୍କ ଅଭିଯୋଗ ଆଧାରରେ ବାରିପଦା ଟାଉନ ଥାନାରେ ଏକ ମାମଲା (ନଂ.୧୪୧/୨୫) ରୁଜୁ ହୋଇଛି।

# ନାଳରୁ ମିଳିଲା ବୃଦ୍ଧଙ୍କ ମୃତଦେହ, ହତ୍ୟା ଅଭିଯୋଗ

କାଳିଆପାଣି,୯।୩(ଅସିତ ମହାନ୍ତ)

ଯାଜପୁର ଜିଲା କାଳିଆପାଣି ଥାନା ଅନ୍ତର୍ଗତ ଡମଶାଳ ନାଳକୂଳରେ ଜଣେ ବୃଦ୍ଧଙ୍କୁ ହତ୍ୟା କରି ପାଣିକୁ ଫିଙ୍ଗି ଦିଆଯାଇଥିବା ଅଭିଯୋଗ ହୋଇଛି। ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇ ଘଟଣାର ତଦନ୍ତ ଆରମ୍ଭ କରିଛି। ମୃତକ ହେଲେ ଉକ୍ତ ଥାନା ଅନ୍ତର୍ଗତ ଭିମଟାଙ୍ଗର ଗ୍ରାମର ଉପେନ୍ଦ୍ର ମହାନ୍ତ(୬୫)। ଶନିବାର ସନ୍ଧ୍ୟାରେ ସେ ଢେଙ୍କାନାଳ ଜିଲା କଙ୍କଡ଼ାହାଡ଼ ବ୍ଲକର ଗୋଡ଼ିସାହି ଗ୍ରାମକୁ ଯାଇଥିଲେ। ହେଲେ ଘରକୁ ଫେରି ନ ଥିଲେ। ବିଳମ୍ବ ହେବାରୁ ପରିବାର ଲୋକେ ତାଙ୍କୁ ବିଭିନ୍ନ ସ୍ଥାନରେ ଖୋଜାଖୋଜି କରିଥିଲେ। ହେଲେ ପାଇ ନ ଥିଲେ।

ରବିବାର ସକାଳୁ ତାଙ୍କ ପୁଅ ରଞ୍ଜନ ମହାନ୍ତ ବିଭିନ୍ନ ସ୍ଥାନରେ ପଚରାଉଚରା କରିବା ପରେ ଗୋଡ଼ିସାହି ଆଡୁ ଆସି ଡମଶାଳ ମିଶୁଥିବା ନାଳରେ ମୃତଦେହ ପଡ଼ିଥିବା ଖବର ପାଇଥିଲେ। ରଞ୍ଜନ ଘଟଣାସ୍ଥଳରେ ପହଞ୍ଚି ପୋଲିସକୁ ଖବର ଦେଇଥିଲେ। କାଳିଆପାଣି ଥାନା ଅଧିକାରୀ ଶିବଚରଣ ବେହେରାଙ୍କ ନିର୍ଦ୍ଦେଶକ୍ରମେ ଏସ୍‌ଆଇ ଜ୍ୟୋତି ମହାପାତ୍ର ଏକ ଟିମ ସହ ପହଞ୍ଚି ପ୍ରାଥମିକ ତଦନ୍ତ କରିଥିଲେ। ଘଟଣାଟି ଢେଙ୍କାନାଳ ଓ ଯାଜପୁର ଜିଲା ସୀମାନ୍ତରେ ହୋଇଥିବାରୁ କଙ୍କଡ଼ାହାଡ଼ ଥାନାକୁ ଖବର ଦିଆଯାଇଥିଲା। ଏହାପରେ କଙ୍କଡ଼ାହାଡ଼ ଥାନା ଅଧିକାରୀ କଳ୍ପନା ବେହେରା ପହଞ୍ଚିଥିଲେ। ଉଭୟ ଅଧିକାରୀଙ୍କ ଉପସ୍ଥିତିରେ ମୃତଦେହ ଜବତ କରାଯାଇଥିଲା। ଘଟଣା କଙ୍କଡ଼ାହାଡ଼ ଥାନା ସୀମାରେ ହୋଇଥିବାରୁ କଙ୍କଡ଼ାହାଡ଼ ଥାନା ଅଧିକାରୀ ନଂ.୫୯/୨୫ରେ ମାମଲା ରୁଜୁ କରି ଅଧିକ ତଦନ୍ତ କରୁଥିବା ପ୍ରକାଶ କରିଛନ୍ତି। ଏହା ଏକ ହତ୍ୟା ଘଟଣା ବୋଲି ପ୍ରାଥମିକ ତଦନ୍ତରୁ ଉଭୟ ଅଧିକାରୀ ସନ୍ଦେହ କରିଥିବା କହିଛନ୍ତି।

# ବାପାଙ୍କୁ କୁରାଢ଼ିରେ ହାଣି ହତ୍ୟା

କୁତ୍ରା,୯।୩ (ଦେବାଶିଷ ସାହୁ)

ସୁନ୍ଦରଗଡ଼ ଜିଲା କୁତ୍ରା ବ୍ଲକ ନୂଆଗାଁ ପଞ୍ଚାୟତର ଛୁରିଚଖା ଗ୍ରାମରେ ଶନିବାର ରାତିରେ ପୁଅର କୁରାଢ଼ି ଚୋଟରେ ବାପାଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ସୁରାନୁସ ଟେଟେ(୬୨)। ଏନେଇ ଗ୍ରାମର ଆଶାକର୍ମୀ ପ୍ରେସିଟ ଟପ୍ପୋ (୫୩) କୁତ୍ରା ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପୋଲିସ କେସ୍ ନଂ. ୪୩/୨୫ରେ ମାମଲା ରୁଜୁ କରି ଅଭିଯୁକ୍ତ ପୁଅ ସୁରଜ ଟେଟେ(୨୫)ଙ୍କୁ ଅଟକ ରଖି ପଚରାଉଚରା କରୁଛି। ପୋଲିସ ଓ ସାଇଣ୍ଟିଫିକ୍ ଟିମ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିବା ସହିତ ମୃତଦେହକୁ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି। ମିଳିଥିବା ସୂଚନା ଅନୁଯାୟୀ, ମହୁଲ ବିକାକୁ କେନ୍ଦ୍ରକରି ଶନିବାର ରାତିରେ ସୁରାନୁସ ଓ ପୁଅ ସୁରଜଙ୍କ ମଧ୍ୟରେ ପାଟିତୁଣ୍ଡ ହୋଇଥିଲା। ଏଥିରେ ଉତ୍‌କ୍ଷିପ୍ତ ହୋଇ ସୁରଜ ବାପାଙ୍କ ମୁଣ୍ଡକୁ କୁରାଢ଼ିରେ ଆକ୍ରମଣ କରିଥିଲେ। ଘଟଣାସ୍ଥଳରେ ହିଁ ସୁରାନୁସଙ୍କର ମୃତ୍ୟୁ ଘଟିଥିଲା।


GOVERNMENT OF ORISSA
OFFICE OF THE NOTIFIED AREA COUNCIL, KODALA
Odisha, Pin - 761032, E-Mail : nackodala@gmail.com
Lt. No.390/ SAN / 2025 — e-NOTICE — Dated : 07/03/2025
BID IDENTIFICATION NO. KOD-NAC-SAN-01/2025-26

No.C- : The Executive Officer, NAC, Kodala, On behalf of Odisha invites from registered service provider/Agency/Firm having experience in the field to engager the Manpower for different category indicated in the bid and the set of term and condition of contract and other necessary documents can be seen in Govt. website i.e, www.tendersorissa.gov.in, according to norm of e-procurement system in online mode for the work as per DTCN.

| | | |
|---|---|---|
| 1. | Name of the Work | : Sanitation Works as mentioned in website |
| 2. | Number of Work | : 01 No. |
| 3. | Estimated cost | : As per DTCN |
| 4. | Period of Completion | : As per DTCN |
| 5. | Date and Time of availability of Bid Document in the Portal | : From 10.00 A.M. of Dt. 10.03.2025 to 05.00 P.M. of Dt. 25.03.2025 |
| 6. | Last date and time for receipt of Bid in the Portal | : 05.00 P.M. of Dt. 25.03.2025 |
| 7. | The bid received online shall be opened on 11.00 A.M. of dtd. 26.03.2025 | |
| 8. | Name and Address of the Officer inviting Bid | : Executive Officer, NAC, Kodala |

Further details can be seen from the Procurement Portal : www.tendersorissa.gov.in

Sd./- Executive Officer
Kodala NAC
OIPR-13203/11/0028/2425

WORKS DEPARTMENT — No. B-
OFFICE OF THE CHIEF CONSTRUCTION ENGINEER, EASTERN CIRCLE (R&B), BALASORE
e-mail: seec_bls@rediffmail.com
Government of Odisha "e" Procurement Notice
Bid Identification No. CCEEC-12/2024-25
No. 931 — Dt.07.03.25

| | |
|---|---|
| Nature of Work | : Building Works |
| Number of Works | : 01 No. Building Work |
| Amount put to Tender | : Rs.113.55 Lakh |
| Class of Contractor | : "B" & "A" Class |
| Date & Time of availability of bid document in the portal | : Dt.18.03.2025 at 10.00 A.M. |
| Last date/time of receipt of bid in the portal | : Dt.02.04.2025 upto 05.00 P.M. |
| Date of Opening of Bid | : Dt.03.04.2025 at 11.00 A.M. |
| Name and Address of the Office Inviting Bid | : Chief Construction Engineer, Eastern Circle (R&B), Balasore |

The bidders have to participate in ONLINE bidding only. Further details can be seen from the e-procurement portal "http//tendersodisha.gov.in". All future corrigendum will be available on ONLINE mode only.

Sd./- Chief Construction Engineer
Eastern Circle (R&B), Balasore
OIPR-34026/11/0009/2425

OSRTC
ODISHA STATE ROAD TRANSPORT CORPORATION, BHUBANESWAR
No. 3092/OSRTC/MIS-961/23 — Date: 06.03.2025
Expression of Interest (EoI)

No. CAD-2764: The Chairman-cum-Managing Director, Odisha State Road Transport Corporation (OSRTC), Bhubaneswar has invited tender on the Government e Marketplace (GeM Portal) for Requirement of 200 MBPS Internet Lease Line (ILL) service along with Distributed Denial of Service (DDoS/DoS) at OSRTC Head Office, Bhubaneswar.

The interested firms/bidders should upload their proposals online bids on the Government e Marketplace (GeM Portal) may be obtained at: https://gem.gov.in/ from Dt.07.03.2025 to Dt.25.03.2025 upto 3.00 P.M. and the same will be opened on Dt.26.03.2025 at 5.00 P.M. at OSRTC Conference Hall.

For any doubt, agencies/firms may contact 1800-345-1122 to address the issue during office hours or can email at osrtc@nic.in & osrtccorp@gmail.com.

The details of the terms & conditions are available on the website www.osrtc.org, https://gem.gov.in/

The authority reserves the right to accept or reject any or all proposals without assigning any reason thereof.

By Order of the Chairman-cum-Managing Director
Sd./- General Manager (O)
OSRTC, Bhubaneswar
OIPR-38002/11/0014/2425

GOVT. OF ODISHA — No. O-1575
OFFICE OF THE CHIEF CONSTRUCTION ENGINEER, RURAL WORKS CIRCLE, KEONJHAR
email: se_nerwkjr@rediffmail.com
e-Procurement Notice for Road with Bridge Work under MMSY-TRIP
Bid Identification No. - NCB-39/RWCKJR/2024-25
No. 1112 — Date: 03.03.25

1. Name of the Work : Construction and Maintenance of road under MMSY-TRIP in the District of Keonjhar
2. No. of Work : 01 (One) No.
3. Estimated Cost : As per Annexure in NIT
4. Class of Contractor (Eligible) : As per Annexure in NIT
5. Period of Completion : As per Annexure in NIT
6. Other details :

| Procurement Officer | Bid Identification No. | Availability of tender Online for Bidding | | Last date & time of seeking tender clarification | Date & time of Opening of Tender in O/o. C.C.E., .R.W. Circle, Keonjhar | |
|---|---|---|---|---|---|---|
| | | From | To | | Technical Bid | Financial Bid |
| 1 | 2 | 3 | 4 | 5 | 6 | 7 |
| Chief Construction Engineer, Rural Works Circle, Keonjhar | NCB-39/ RWCKJR/ 2024-25 | Dt.10.03.25 at 11.00 A.M. | Dt.24.03.25 upto 5.00 P.M. | Dt.21.03.25 upto 5.00 P.M. | Dt.25.03.25 at 11.00 A.M. | Will be intimated later |

• Further details can be seen from the website: www.tendersorissa.gov.in.

OIPR-25177/11/0053/2425 — Sd./- Chief Construction Engineer, R.W. Circle, Keonjhar

idco — ODISHA NEW OPPORTUNITIES
OFFICE OF THE DIVISIONAL HEAD (ELECTRICAL)
IDCO, IDCO TOWER, BHUBANESWAR
No. CAD-2763
Tender Call Notice No. BBSR/ELECT/E-4578/2024-25/619 — Dated: 05.03.2025
NOTICE INVITING TENDER UNDER NATIONAL COMPETITIVE BIDDING THROUGH e-Procurement

1. Name of the Work : SITC of 2×250KVA, 11/0.4KV S/S and 11KV OH line with GI Joist Pole and 100 Sqmm insulated conductor for power supply to proposed intake well on bank of river Baitarani, Akhuapada, Bhadrak

| Procurement Officer | Bid Identification No. | Availability of Tender Online for Bidding | |
|---|---|---|---|
| | | From | To |
| 1 | 2 | 3 | 4 |
| D.H. (Elect), IDCO, IDCO Tower, Janpath, Bhubaneswar | Bid ID No. BBSR/ELECT/e-133/2024-25 | 10.03.2025 at 17.00 Hrs. | 19.03.2025 at 17.00 Hrs. |

Further details can be seen from the e-Procurement Portal: www.tendersorissa.gov.in. Corrigendum or Addendum if any will not be published in Newspapers and can be seen in e-Procurement portal as well as in IDCO website.

OIPR-14003/11/0117/2425 — Sd./- Divisional Head (Elect), IDCO, Bhubaneswar

Government of Odisha — No.O-
Office of the Chief Construction Engineer, Rural Works Circle, Sambalpur
E-mail Id : serwcirclesbp@yahoo.com
Bid Identification No. Road tender Online RWCSBP-20/2024-25 No. : 738 Dated : 03.03.25

The Chief Construction Engineer, Rural Works Circle, Sambalpur on behalf of Governor of Odisha invites online percentage rate Bid from experienced & eligible bidders for MMSY-Connecting Missing Road Links (MMSY-CMRL) for the year 2024-25
1. Name of work : Connecting Missing Road Links (MMSY-CMRL) for the year 2024-25. 2. No. of works : 02 Nos. details as per DTCN. 3. Estimated cost : Approximately varies from Rs. 489.91 lakhs to Rs. 497.87 lakhs. 4. Class of Contractor : "A". 5. Cost of tender paper and mode of deposit : Rs. 10,000/- per set (to be deposited On-line) in favour of concerned Executive Engineer. 6. Mode of submission of tender : Tender should be submitted only Online in website www.tendersorissa.gov.in. (https//tendersodisha.gov.in). 7. EMD and mode of deposit : 1% of estimated cost of the work to be remitted online as mentioned in DTCN.
8. Summary of Key dates are provided below :

| Procurement Officer | Bid Identification No. | Availability of Tender on-line for bidding | | Last date & time for seeking clarification | Date & Time of opening of tender | |
|---|---|---|---|---|---|---|
| | | From | To | | Technical Bid | Financial Bid |
| 1 | 2 | 3 | 4 | 5 | 6 | 7 |
| Chief Construction Engineer, Rural Works Circle, Sambalpur | Road Tender Online RWCSBP-20/2024-25 | 11.03.2025 From 11.00 A.M. | 25.03.2025 Up to 05.00 P.M. | 24.03.2025 Up to 5.00 P.M. | 26.03.2025 at 11.00 A.M. | Will be intimated later |

- Further details can be seen from the e-procurement portal www.tendersorissa.gov.in. (https//tendersodisha.gov.in)
- Subsequent modification/corrigendum/Addendum if required shall appear in website only.
- The amount put to bid is exclusive of GST.
- Bidder should inspect the road before bidding and quote his rate accordingly.

Sd./- Chief Construction Engineer,
Rural Works Circle, Sambalpur
OIPR-25091/11/0037/2425

OFFICE OF THE CHIEF CONSTRUCTION ENGINEER
RURAL WORKS CIRCLE, BARIPADA
E_Mail ID : serwcbaripada@gmail.com, Ph-No-06792-261343/261344, Gangraj, Baripada
"e" Procurement Notice for Plan Road Work
Identification No.- Online Tender- Road N.C.B. No.369 for 2024-25.
No.O-1579 — Letter No.973/Date. 04.03.2025//

| | | |
|---|---|---|
| 1. | Name of the work | : Road Work in the District of Mayurbhanj for the year 2024-25. |
| 2. | Total No. of work | : 01 No. (One) |
| 3. | Estimated Cost | : Rs.795.30 Lakhs (approximately) |
| 4. | Eligible Class of Contractor | : As per annexure |
| 5. | Period of Completion | : As per annexure |
| 6. | Other details | : |

| Procurement Officer | Bid Identification No. | Availability of tender On-line for bidding | | Last Date & Time of seeking Tender Clarification | Date & Time of Opening of Tender in O/o C.C.E.R.W. Circle, Baripada | |
|---|---|---|---|---|---|---|
| | | from | To | | Technical Bid | Financial Bid |
| 1 | 2 | 3 | 4 | 5 | 6 | 7 |
| Chief Construction Engineer, Rural Works Circle, Baripada | Road On-line N.C.B. No.369 | Dt. 10.03.2025 at 11.00 A.M. | Dt. 24.03.2025 up to 5.00 P.M. | Dt. 21.03.2025 up to 5.00 P.M. | Dt. 25.03.2025 at 11.00 A.M. | Will be intimated later |

- Further details can be seen from the website: www.tendersodisha.gov.in.
- Any Corrigendum / Addendum will be displayed in the above e_tender website only.

Sd./- A.K. Nayak
Chief Construction Engineer,
R.W. Circle, Baripada
OIPR-25130/11/0020/2425

ODISHA PUBLIC SERVICE COMMISSION, CUTTACK
NOTICE
No. 1644/P.S.C., Dt. 07.03.25
(1R-30-2024/25)(DR-V)

No.D- : It is for information of all concerned that, document verification of candidates having PPSAN mentioned below for the Post of **Associate Professor in Electrical Engineering**, pursuant to advertisement No.32 of 2023-24 shall be held from **20.03.2025 to 03.04.2025 (except 22.03.2025, 23.03.2025, 30.03.2025, 31.03.2025 & 01.04.2025)** as per the following programme in the Office of the Commission at 19, Dr. P. K. Parija Road, Cuttack - 753001.

PROGRAMME OF DOCUMENT VERIFICATION

| Date | Time of verification | PPSAN |
|---|---|---|
| 20.03.2025 | 10.30 A.M. | P220086393, P230134361, P230142030 & P230172388 = 04 Candidates |
| | 02.30 P.M. | P230175494, P230176885 & P230177252 = 03 Candidates |
| 21.03.2025 | 10.30 A.M. | P230179101, P230180652, P230181084 & P230182145 = 04 Candidates |
| | 2.30 P.M. | P230183252, P230184542 & P230184873 = 03 Candidates |
| 24.03.2025 | 10.30 A.M. | P230185093, P230234395, P240237361 & P240298186 = 04 Candidates |
| | 2.30 P.M. | P240298953, P240300988 & P240301748 = 03 Candidates |
| 25.03.2025 | 10.30 A.M. | P240301991, P240302080, P240302843 & P240302935 = 04 Candidates |
| | 2.30 P.M. | P240303240, P240303250 & P240303531 = 03 Candidates |
| 26.03.2025 | 10.30 A.M. | P240303950, P240303995, P240304036 & P240304304 = 04 Candidates |
| | 2.30 P.M. | P240304355, P240304373 & P240304534 = 03 Candidates |
| 27.03.2025 | 10.30 A.M. | P240304621, P240304632, P240304935 & P240305779 = 04 Candidates |
| | 2.30 P.M. | P240305825, P240305939 & P240306059 = 03 Candidates |
| 28.03.2025 | 10.30 A.M. | P240306259, P240306472, P240306586 & P240306724 = 04 Candidates |
| | 2.30 P.M. | P240307400, P240307478 & P240308049 = 03 Candidates |
| 29.03.2025 | 10.30 A.M. | P240308201, P240308274, P240308585 & P240308591 = 04 Candidates |
| | 2.30 P.M. | P240308666, P240309029 & P240309216 = 03 Candidates |
| 02.04.2025 | 10.30 A.M. | P240309667, P240309853, P240309902 & P240309991 = 04 Candidates |
| | 2.30 P.M. | P240310017, P240310442 &P240310545 = 03 Candidates |
| 03.04.2025 | 10.30 A.M. | P240310606, P240311199 & P240312088 = 03 Candidates |
| | 2.30 P.M. | P240312226 & P240312262 = 02 Candidates |

The candidates are required to submit the following documents (both original & one set of photo-copies) at the time of verification :-
1. The hard copies of online application forms indicating their **PPSAN at the top right hand corner**.
2. Four recent passport size **photographs** (unsigned & unattested) which has been uploaded with online application form.
3. Duly filled in & attested **"Attestation Form"** and duly filled in **"Bio-data Form"** (downloaded from the website of the Commission).
4. H.S.C. or equivalent Certificate in support of declaration of age issued by the concerned Board/Council.
5. Bachelor's Degree (BE/B.Tech.) Certificate issued by the recognized University in the relevant branch.
6. M.E./M.Tech./M.S./Integrated M. Tech Certificate issued by the recognized University in the relevant branch.
7. Ph.D. Degree Certificate.
8. Mark-lists in support of all the aforesaid examinations (i.e. H.S.C. to Ph.D.) issued by the concerned Board/Council/University/Institution.
9. Research Papers.
10. Research Publications.
11. Experience Certificate in support of having minimum 8 years of experience in teaching/ research/industry (level 10, entry pay 57770).
12. Experience Certificate in support of having minimum of 02 years of post Ph.D. experience.
13. Caste Certificate wherever applicable.
14. **No Objection Certificate** from the competent authorities in case of Government Servants.
15. Any proof of identity.
16. Any other documents as mentioned in para-09 of Advt. No.32 of 2023-24

The candidates are advised to report in the office of the Commission **half an hour before the commencement of verification** on the scheduled date & time as mentioned above.

**Note :-** It is also made clear that the candidature of these candidates for the recruitment is purely provisional. The candidature is liable for rejection in the event of inadequacy/ deficiency found at any stage during or after the selection process and is subject to fulfillment of the terms and conditions laid down in the Advertisement. Mere participation in the document verification does not reserve any right for selection.

OIPR-12002/11/0165/2425 — Sd./- Secretary

## ଜନ୍ମଦିନର ଶୁଭେଚ୍ଛା

ନାମ: ..............................
ବୟସ:..............................
ଜନ୍ମ ତାରିଖ: ..............................


ଗୁନ୍‌ଗୁନ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ । ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ ।


## ଗୁଜରାଟ ଟାଇଟନ୍ସ ସପୋର୍ଟ ଷ୍ଟାଫ୍‌ରେ ୱେଡ

**ନୂଆଦିଲ୍ଲୀ,୯।୩:** ଆସନ୍ତା ୨୨ ତାରିଖରୁ ଆରମ୍ଭ ହେବାକୁ ଯାଉଥିବା ଆଇପିଏଲ୍ ପାଇଁ ଗୁଜରାଟ ଟାଇଟନ୍ସ(ଜିଟି) ଅଷ୍ଟ୍ରେଲିଆର ପୂର୍ବତନ ଉଇକେଟକିପର-ବ୍ୟାଟର ମାଥ୍ୟୁ ୱେଡଙ୍କୁ ଦଳର ସହାୟକ କୋଚ ଭାବେ ନିଯୁକ୍ତ କରିଛି । ୱେଡ ୨୦୨୨ ଓ ୨୦୨୪ରେ ଗୁଜରାଟ ଫ୍ରାଞ୍ଚାଇଜି ସହିତ ଜଣେ ଖେଳାଳି ଭାବେ ଯୋଡ଼ି ହୋଇଥିଲେ । କିନ୍ତୁ ଅନ୍ତର୍ଜାତୀୟ କ୍ରିକେଟରୁ ଅବସର ଘୋଷଣା କରିବା ପରେ ସେ ଆଇପିଏଲ୍ ମେଗା ଅକ୍ସନରେ ଭାଗ ନେଇ ନ ଥିଲେ ।

## ସର୍ବଭାରତୀୟ ଆନ୍ତଃ ବିଶ୍ୱବିଦ୍ୟାଳୟ ସାଇକ୍ଲିଂ ଉଦ୍‌ଘାଟିତ



ପ୍ରତିଯୋଗୀମାନେ ଅତିଥିଙ୍କ ଗହଣରେ ।

**ଭୁବନେଶ୍ୱର, ୯।୩ (ତପନ ସ୍ୱାଇଁ)**

କିଟ୍ ବିଶ୍ୱବିଦ୍ୟାଳୟ ପରିସରରେ ରବିବାର ସର୍ବଭାରତୀୟ ଆନ୍ତଃ ବିଶ୍ୱବିଦ୍ୟାଳୟ ଟ୍ରାକ୍ ସାଇକ୍ଲିଂ (ମହିଳା ଓ ପୁରୁଷ) ଚାମ୍ପିୟନଶିପ୍ ଉଦ୍‌ଘାଟିତ ହୋଇଛି । ଆସୋସିଏଶନ ଅଫ୍ ଇଣ୍ଡିଆ ୟୁନିଭର୍ସିଟି (ଏଆଇୟୁ) ଦ୍ୱାରା ଅନୁମୋଦିତ ଏବଂ ସାଇକ୍ଲିଂ ଫେଡେରେଶନ ଅଫ୍ ଇଣ୍ଡିଆ ଓ ଓଡ଼ିଶା ସାଇକ୍ଲିଂ ଆସୋସିଏଶନ ସହଯୋଗରେ ଏହି ପ୍ରତିଯୋଗିତା କିସ୍ କ୍ୟାମ୍ପସରେ ନବନିର୍ମିତ ମୀନତି ମହାପାତ୍ର ସାଇକ୍ଲିଂ ଭେଲୋଡ୍ରୋମ୍‌ରେ ଅନୁଷ୍ଠିତ ହେଉଛି । ୪୧ ବିଶ୍ୱବିଦ୍ୟାଳୟର ୪୦୦ ପ୍ରତିଯୋଗୀ ଓ ଅଫିସିଆଲ୍ ଏଥିରେ ଅଂଶଗ୍ରହଣ କରିଛନ୍ତି । କିଟ୍ ଓ କିସ୍‌ର ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ ପ୍ରତିଯୋଗିତାକୁ ଉଦ୍‌ଘାଟନ କରିଥିଲେ । ସାଇକ୍ଲିଂରେ ଓଡ଼ିଶାର ପ୍ରଥମ ଅର୍ଜୁନ ପୁରସ୍କାର ପ୍ରାପ୍ତ କ୍ରୀଡ଼ାବିତ୍ ତଥା ଓଡ଼ିଶା ସାଇକ୍ଲିଂ ଆସୋସିଏଶନ ସଭାପତି ମୀନତି ମହାପାତ୍ର ଓ କିସ୍ ବିଶ୍ୱବିଦ୍ୟାଳୟ କୁଳପତି ଦେବାଶିଷ ବନ୍ଦୋପାଧ୍ୟାୟ ପ୍ରମୁଖ ଉପସ୍ଥିତ ଥିଲେ । ଏଆଇୟୁ ପର୍ଯ୍ୟବେକ୍ଷକ ଅନିଲ କୁମାର ଓ ସାଇକ୍ଲିଂ ଫେଡେରେଡନ ଅଫ୍ ଇଣ୍ଡିଆ ପକ୍ଷରୁ ସୁଦାମ ରୋକାଡେ, ଓଡ଼ିଶା ସାଇକ୍ଲିଂ ଆସୋସିଏଶନ ସମ୍ପାଦକ ପ୍ରସନ୍ନ ରାଉତ, କିଟ୍ ଓ କିସ୍‌ର କ୍ରୀଡ଼ା ମହାନିର୍ଦ୍ଦେଶକ ଗଗନେନ୍ଦୁ ଦାଶ ପ୍ରମୁଖ ମଧ୍ୟ ଉପସ୍ଥିତ ରହିଥିଲେ । ପୂର୍ବାଞ୍ଚଳ ଆନ୍ତଃ ବିଶ୍ୱବିଦ୍ୟାଳୟ ମହିଳା କ୍ରିକେଟ ଚାମ୍ପିୟନଶିପ୍ ମଧ୍ୟ କିଟ୍ ଷ୍ଟାଡିୟମରେ ଆରମ୍ଭ ହୋଇଛି । ୨୦ ବିଶ୍ୱବିଦ୍ୟାଳୟର ୨୫୦ ଖେଳାଳି ଓ ଅଫିସିଆଲ ଏଥିରେ ଭାଗ ନେଇଛନ୍ତି ।

# ଓଡ଼ିଶାରୁ ଭାଗନେଲେ ସ୍ନୋ ଗର୍ଲ ରଞ୍ଜିତା

**ଭୁବନେଶ୍ୱର, ୯।୩ (ତପନ ସ୍ୱାଇଁ)**

ଓଡ଼ିଶାର ସ୍ନୋ ଗର୍ଲ ରୂପେ ପରିଚିତ ରଞ୍ଜିତା ବେହେରା ପୁଣିଥରେ ବରଫ ଉପରେ ନିଜର କ୍ରୀଡ଼ା ଦକ୍ଷତା ପ୍ରଦର୍ଶନ କରିବାର ସୁଯୋଗ ପାଇଛନ୍ତି । ଜମ୍ମୁ-କଶ୍ମୀରର ଗୁଲମାର୍ଗରେ ରବିବାରଠାରୁ ଆରମ୍ଭ ହୋଇଥିବା ଖେଲୋ ଇଣ୍ଡିଆ ଶୀତକାଳୀନ କ୍ରୀଡ଼ାର ୫ମ ସଂସ୍କରଣରେ ସେ କ୍ରମାଗତ ଭାବେ ଚତୁର୍ଥ ଥରପାଇଁ ଭାଗ ନେଉଛନ୍ତି । ରଞ୍ଜିତା ଓଡ଼ିଶାର ଏକମାତ୍ର ଅଭିଜ୍ଞ ଖେଳାଳିଭାବେ ଆଲ୍‌ପାଇନ୍ ସ୍କି'ର ସାଲାଲମ ଏବଂ ଜାଏଣ୍ଟ ସାଲାଲମ ବିଭାଗରେ ରାଜ୍ୟ ପକ୍ଷରୁ

### ଖେଲୋ ଇଣ୍ଡିଆ ଶୀତକାଳୀନ କ୍ରୀଡ଼ା

ପ୍ରତିନିଧିତ୍ୱ କରୁଛନ୍ତି । ପ୍ରତିଯୋଗିତା ୧୨ ତାରିଖ ପର୍ଯ୍ୟନ୍ତ ଚାଲିବ । ଖେଲୋ ଇଣ୍ଡିଆ ଶୀତକାଳୀନ କ୍ରୀଡ଼ା-୨୦୨୫ର ଦ୍ୱିତୀୟ ଭାଗରେ ଗୁଲମାର୍ଗଠାରେ ଆୟୋଜନ ହେଉଥିବା ଏହି ପ୍ରତିଯୋଗିତାରେ ଆଲ୍‌ପାଇନ୍ ସ୍କି, ସ୍ନୋ ବୋର୍ଡିଂ, ନରଡିକ୍ ସ୍କି ଓ ସ୍କି ମାଉଣ୍ଟେନିୟରିଂରେ ପ୍ରତିଦ୍ୱନ୍ଦ୍ୱିତା ହେଉଛି । ଏଥିରେ ୧୧ ରାଜ୍ୟ, ଦୁଇ କେନ୍ଦ୍ରଶାସିତ ଅଞ୍ଚଳ, ସେନା ଓ ଇଣ୍ଡୋତିବ୍ବତ ବର୍ଡର ପୋଲିସ, ସିଆଇଏସଏଫ୍‌ର ୩୫୦ ପ୍ରତିଯୋଗୀ ଭାଗ ନେଉଛନ୍ତି ।

ଓଡ଼ିଶା ଭଳି ବରଫହୀନ ରାଜ୍ୟରୁ ଯାଇ ରଞ୍ଜିତା କିଛି ବର୍ଷ ହେବ ନିଜର ଉନ୍ନତ ଖେଳ ପ୍ରଦର୍ଶନ ଜରିଆରେ ସେନା, କେନ୍ଦ୍ରୀୟ ବଳ ଓ ବରଫଥିବା ରାଜ୍ୟର ଅଭିଜ୍ଞ ଖେଳାଳିଙ୍କ ସହିତ ସମକକ୍ଷ ହୋଇ ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିପାରିଛନ୍ତି । ଦୃଢ଼ ମନୋବଳ, ଶୃଙ୍ଖଳିତ ଆଚରଣ ଏବଂ କ୍ରୀଡ଼ା ନୈପୁଣ୍ୟତା ପାଇଁ ସେ ପୂର୍ବତନ ଖେଳାଳି ଓ କୋଚ୍‌ମାନଙ୍କ ପ୍ରିୟଭାଜନ ହୋଇପାରିଛନ୍ତି । ବରଫ କ୍ରୀଡ଼ାରେ ନିଜ କ୍ରୀଡ଼ା କୌଶଳ ପ୍ରଦର୍ଶନ କରି ରାଜ୍ୟକୁ ଗର୍ବିତ କରିଛନ୍ତି ରଞ୍ଜିତା । ଚଳିତ ଶୀତଋତୁରେ ଶ୍ୟାମବୁଲକ୍ ବରଫ ପାହାଡ଼ରେ ତାଲିମ ପାଇଥିବାରୁ ଉନ୍ନତ ପ୍ରଦର୍ଶନ କରିବେ ବୋଲି ଆଶା ପ୍ରକାଶ କରିଛନ୍ତି । "ଏକ ବରଫହୀନ ରାଜ୍ୟରୁ ଆସି ଅନ୍ତର୍ଜାତୀୟ ଖ୍ୟାତିସମ୍ପନ୍ନ ଅଭିଜ୍ଞ ଖେଳାଳିଙ୍କ ସହ ପ୍ରତିଦ୍ୱନ୍ଦ୍ୱିତା କରିପାରୁଛି ଏହା ମୋ ପାଇଁ ଭାଗ୍ୟର କଥା । ମୋ ଉପରେ କିଛି ଚାପ ନାହିଁ, ଅଯୋଗ୍ୟ ବିବେଚିତ ନ ହୋଇ କିପରି ଅନାୟାସରେ ସବୁ ଗେଟ୍‌କୁ ଅତିକ୍ରମ କରି ଯଥାସମ୍ଭବ କମ୍ ସମୟରେ ଫିନିଶିଂ ପଏଣ୍ଟରେ ପହଞ୍ଚିବି ତାହା ମୋର ମୁଖ୍ୟ ଲକ୍ଷ୍ୟ" ବୋଲି ରଞ୍ଜିତା ପ୍ରକାଶ କରିଛନ୍ତି । ଓଡ଼ିଶାବାସୀ ମୋତେ ବହୁତ ଭଲପାଇବା ଦେଇଛନ୍ତି । ଏହା ବ୍ୟତୀତ ସହାୟତା ପ୍ରଦାନ କରିଥିବାରୁ ରାଜ୍ୟ ସରକାରଙ୍କ ନିକଟରେ ମୁଁ କୃତଜ୍ଞ ଏବଂ ଧନ୍ୟବାଦ ଜଣାଉଛି ବୋଲି ସେ କହିଛନ୍ତି ।


ଗୁଲମାର୍ଗରେ ପ୍ରତିଯୋଗିତା ଅବସରରେ ରଞ୍ଜିତା ବେହେରା ।

## ରାଜ୍ୟ ଓପନ ଚେସ୍: ରବୀନ୍ଦ୍ର ଚାମ୍ପିୟନ

**ଭୁବନେଶ୍ୱର, ୯।୩ (ତପନ ସ୍ୱାଇଁ)**

ଓଡ଼ିଶା ରାଜ୍ୟ ଚେସ୍ ଆସୋସିଏଶନ ଆନୁକୂଲ୍ୟରେ କେଶୁରା ରୟାଲ ପବ୍ଲିକ୍ ସ୍କୁଲ ପରିସରରେ ପୀତବାସ ଆଚାର୍ଯ୍ୟ ସ୍ମାରକୀ ରାଜ୍ୟ ଓପନ ଚେସ୍ ରବିବାର ଅନୁଷ୍ଠିତ ହୋଇଯାଇଛି । ୫ ରାଉଣ୍ଡ ବିଶିଷ୍ଟ ପ୍ରତିଯୋଗିତାରେ କଟକର ରବୀନ୍ଦ୍ର କୁମାର ଓଝା ପୂରା ୫ ପଏଣ୍ଟ ପାଇ ଚାମ୍ପିୟନ ହୋଇଛନ୍ତି । ସ୍ୱପ୍ନିଳ ପ୍ରିୟଦର୍ଶୀ, ଲଳିତ ରଞ୍ଜନ ସାହୁ, ପ୍ରତ୍ୟୁଷ ମହାପାତ୍ର ଓ ଲଭ୍ୟଜ୍ୟୋତି ରାଉତରାୟ ଟପ୍-୫ ଫିନିଶ୍ କରିଛନ୍ତି । ବିଭିନ୍ନ ବୟସ ଓ ବାଳିକା ବର୍ଗରେ ଶ୍ରେଷ୍ଠ ୨ ଜଣ ଲେଖାଏ ଖେଳାଳିଙ୍କୁ ଏଜ୍ ଗ୍ରୁପ୍ ଏବଂ ୮ ଚେସ୍ ପ୍ରତିଭାଙ୍କୁ ସ୍ୱତନ୍ତ୍ର ପୁରସ୍କାରରେ ସମ୍ମାନିତ କରାଯାଇଛି । ପ୍ରତିଯୋଗିତାକୁ ସ୍କୁଲ ପ୍ରିନ୍ସିପାଲ ସର୍ବେଶ୍ୱର ସାମଲ ଉଦ୍‌ଘାଟନ କରିଥିବାବେଳେ ଶେଷରେ ଭାଇସ-ପ୍ରିନ୍ସିପାଲ ପ୍ରଜ୍ଞା ପାରମିତା ସାହୁ, ଆୟୋଜକ ଆସୋସିଏଶନ ନିର୍ଦ୍ଦେଶକ ଦେବାଶିଷ ପାଣିଗ୍ରାହୀ ଓ ସ୍ୱର୍ଗତ ପୀତବାସ ଆଚାର୍ଯ୍ୟଙ୍କ ପୁଅ କମଳ କୁମାର ଆଚାର୍ଯ୍ୟ ଉପସ୍ଥିତ ରହି କୃତୀ ଖେଳାଳିଙ୍କୁ ପୁରସ୍କାର ପ୍ରଦାନ କରିଥିଲେ ।


ପୁରସ୍କାର ସହ କୃତୀ ପ୍ରତିଯୋଗୀ ।


# Classified Everyday
0674-2580101, 9692975378


REAL ESTATE
SALE

ଭୁବନେଶ୍ୱର Sum Hospital-2 ନଖରା ତ୍ରିନାଥବଜାର ନିକଟରେ ସଙ୍ଗେସଙ୍ଗେ ଘର କଲାଭଳି ଘରବାରି ପ୍ଲଟ୍ ରୋଡ୍, ଇଲେକ୍ଟ୍ରିସିଟି ଥାଇ ବିକ୍ରିହେବ । 9090142564, 8018608500. D-76243

Ready to move 2bhk flat for sale @ 22lakh near Gudiapokhari, Bhubaneswar. Call: 9937544226. D-3125

Commercial Showroom for sale new 2nd-floor Showroom, 3,700sqft. at Jharapada, Bhubaneswar (Cuttack Road, opposite Reliance Fresh, near Satyanagar Flyover). Whatsapp- 6370787844. D-76801


CONSTRUCTION

Construct your dream home @950/-, 1500/- with branded materials we provide plan approval, Interior work, Borewell & Vastu complaints. Krishna Construction- 9438315332. D-3206




Ground floor (1250sqft) for Office/ Godown, 1st floor (1460sqft) for Office/ Institute/ family at Bomikhal, Bhubaneswar. 8114732486. D-3234

13500sft facing to NH side open space with Compound wall 10 KM from Nakhara. 7809525452. D-76427




Newly open Jyoti spa positively health benefits (Expert therapist). 8458067955. D-76200

Positively health benefited SPA by expert female therapist, Bapujinagar. 8018429809. D-76901

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/-ରେ । ରଙ୍ଗୀନ ଟ୪୨୦/-ରେ । (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ ।

**AFFIDAVIT**

I, Suchitra Mishra, D/o- Krushna Chandra Mishra, Resident of Mishra Sahi Lane, Markandeswar Sahi, P.O.- Puri 1, P.S.- Puri Town, Dist.- Puri, PIN- 752001 Odisha Declare by this affidavit No.- 46 dtd.- 05.03.2025 that now onwards I shall be known as HARAPRIYA DASH for all future purposes. D-3233

I, Lakshman Rao Medisetti, S/o- M. Tavitayya, Resident of Kotapeta village, P.S.- Chandili, Dist.- Rayagada, PIN- 765017, Odisha declare by this affidavit vide No.- 3770, dated 04.03.2025 that now onwards I shall be known as LAXMAN RAO MEDISETTY for all future purposes. D-3235

I, Rajani A, D/o- A Krishna Murty, resident of Kotapeta village, P.S.- Chandili, Dist.- Rayagada, PIN- 765017, Odisha declare by this affidavit vide No.- 3771 dated 04.03.2025 that now onwards I shall be known as RAJANI MEDISETTY for all future purposes. D-3236

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି । ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ । ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ ।

**LEGAL NOTICE**

ଦେୱାନୀ କାର୍ଯ୍ୟବିଧି ଧାରା ଆଦେଶ-୫ ନିୟମ ୨୦ ମତେ ଦରଖାସ୍ତ ତରଫବାଦୀ
ମାନନୀୟ ଶ୍ରୀଯୁକ୍ତ ପିପିଲି ମୁକାମ ସିନିଅର ସିଭିଲ୍ ଜଜ୍‌ଙ୍କ ଅଦାଲତ, ପିପିଲି
ସି.ଏସ୍ ନଂ.- ୧୪୪/୨୦୨୪
ଗୋପାଳ ଇଶ୍ଚୁ, ବ୬୨ର୍ଷ, ପିତା: ୰ କାଳିପଦ ଇଶ୍ଚୁ, ସାକିନ: ଏମ୍.ଭି-୭୬, ଥାନା: ଏମ୍.ଭି-୭୯, ଜିଲ୍ଲା: ମାଲକାନଗିରି, ହାଲ୍ ସାକିନ: ଏମ୍. ଭି-୭୨, ୱାର୍ଡ ନଂ୪ମ୍ବର, ନଲାଗଣ୍ଡି, ଥାନା: ଏମ୍.ଭି-୭୯, ଜିଲ୍ଲା: ମାଲକାନଗିରି- ୭୬୪୦୪୭
....ବାଦୀ
-ବନାମ-
(୧) ରତିକାନ୍ତ କାନୁନ୍‌ଗୋ, ବ୫୫ର୍ଷ, ପିତା: ଅନିଲ କୁମାର କାନୁନ୍‌ଗୋ, ମ୍ୟାନେଜିଂ ଡାଇରେକ୍ଟର ଅଫ୍ ଶିବାନି ଇଷ୍ଟେଟ୍ସ ଏବଂ ପ୍ରମୋଟରସ ପ୍ରାଇଭେଟ ଲିମିଟେଡ, ପ୍ଲଟ ନଂ୪୩ମ୍ବର, ସହିଦନଗର, ଭୁବନେଶ୍ୱର, ପୋଷ୍ଟ/ଥାନା: ସହିଦନଗର, ଜିଲ୍ଲା: ଖୋର୍ଦ୍ଧା, ପିନ- ୭୫୧୦୦୭, (୨) ପରିମଳ ଚକ୍ରବର୍ତ୍ତୀ, ବ୭୨ର୍ଷ, ପିତା: ୰ବିରେନ ଚକ୍ରବର୍ତ୍ତୀ, (୩) ଶ୍ୟାମଲ ଚକ୍ରବର୍ତ୍ତୀ, ବ୪୦ର୍ଷ, (୪) ସୁକାନ୍ତ ଚକ୍ରବର୍ତ୍ତୀ, ବ୩୭ର୍ଷ, ୩ନମ୍ବର ଓ ୪ ନମ୍ବରଙ୍କର ପିତାଙ୍କ ନାମ ପରିମଳ ଚକ୍ରବର୍ତ୍ତୀ, ୨ ଲଗାୟତ ୪ ଏ ସମସ୍ତଙ୍କର ସାକିନ: ଏମ୍.ଭି-୩୫, ଥାନା: ଓର୍କେଲ, ପୋଷ୍ଟ/ଜିଲ୍ଲା: ମାଲକାନଗିରି, ପିନ: ୭୬୪୦୪୫ । ହାଲ୍ ସାକିନ: ଶକୁନ୍ତଳା ନିବାସ ଦ୍ୱିତୀୟ ତାଲା, ରତ୍ନାକର ବାଗ, ଲେନ୍ ନଂ୨ମ୍ବର, ଟଙ୍କପାଣି ରୋଡ୍, ଭୁବନେଶ୍ୱର, ପିନ୍: ୭୫୧୦୧୪ ।
......ପ୍ରତିବାଦୀମାନେ
ଏହିକି ଉପରୋକ୍ତ ମୋକଦ୍ଦମାରେ ତୁମେ ନଂ୧ମ୍ବର ପ୍ରତିବାଦୀଙ୍କୁ ପକ୍ଷଭୁକ୍ତ କରି ବାଦୀମାନେ ଆମ୍ଭ ଅଦାଲତରେ ଉପରୋକ୍ତ ନମ୍ବର ଥାଇ ଏକ ମକଦ୍ଦମା ଆଗତ କରିଅଛନ୍ତି । ତୁମ୍ଭେ ନଂ୧ମ୍ବର ପ୍ରତିବାଦୀ ତୁମ୍ଭର ଉପର ବର୍ଣ୍ଣିତ ଠିକଣାରେ ବାରମ୍ବାର ସମନ ଜାରି କରାଗଲେ ମଧ୍ୟ ତୁମ୍ଭେ ଜାଣିଶୁଣି ଅଦାଲତଙ୍କ ଦ୍ୱାରା ପ୍ରେରିତ ସମନକୁ ଗ୍ରହଣ କରୁନାହଁ । ତେଣୁ ତୁମ୍ଭେ ନଂ୧ମ୍ବର ପ୍ରତିବାଦୀଙ୍କୁ ଏତଦ୍ୱାରା ଜଣାଇ ଦିଆଯାଉଅଛି କି ତା୨୧।୩।୨୫ ଦିବା ୧୦:୩୦ ଘଟିକା ସମୟରେ ଉପର ବର୍ଣ୍ଣିତ ମୋକଦ୍ଦମାରେ ତୁମ୍ଭେ ହାଜର ହୋଇ ତୁମ୍ଭର ପକ୍ଷ ରଖିବ । ନଚେତ୍ ମୋକଦ୍ଦମା ଆଇନ ଅନୁଯାୟୀ ବିଚାର କରାଯିବ ।
ସ୍ୱାକ୍ଷର./- ପିପିଲି ମୁକାମ, ସିନିୟର ସିଭିଲ୍ ଜଜ୍, ପିପିଲି
ଧ-୩୨୩୭

## ମନେ ପଡ଼ନ୍ତି

ଏକାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



୰ନିର୍ମଳ କୁମାର ନାୟକ
ଗଙ୍ଗାଧରପୁର (ନାକପୋଲ) ଜାରକା, ଧର୍ମଶାଳା
ଆବିର୍ଭାବ: ୨୦।୦୭।୧୯୭୦
ତିରୋଧାନ: ୨୮।୦୨।୨୦୨୫
ତୁମର ଆଦର୍ଶ, ତ୍ୟାଗ, ନିଷ୍ଠା, ସ୍ନେହ, ଭଲପାଇବା, ଶିକ୍ଷାଦାନ ସମସ୍ତଙ୍କ ପାଇଁ ଅଭୁଲା ହୋଇ ରହିବା ତୁମ ଅମର ଆତ୍ମାର ସଦ୍‌ଗତି ପାଇଁ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା ।
ଶୋକସନ୍ତପ୍ତ: ଭାଇ- ପରମାନନ୍ଦ ନାୟକ, ବିମଳ ପ୍ରସାଦ, ବ୍ରହ୍ମାନନ୍ଦ, ସଦାନନ୍ଦ, ଆନନ୍ଦ, କମଳ, ପବିତ୍ର, ପୁଅ- ଝିଅ, ଭଣଜା, ଭାଣିଜୀ, ନାତି, ନାତୁଣୀ, ଆତ୍ମୀୟସ୍ୱଜନ, ବନ୍ଧୁ ଓ ପରିବାରବର୍ଗ ।
ଧ-୩୨୧୪

ଧରିତ୍ରୀ DHARITRI
Scan & Pay
ଧରିତ୍ରୀ କ୍ଲାସିଫାଏଡ୍ ବିଜ୍ଞାପନ ବାବଦୀୟ ଦେୟକୁ ନିମ୍ନପ୍ରଦତ୍ତ QR Code ସ୍କାନ୍ କରି ଯେକୌଣସି UPI App ମାଧ୍ୟମରେ ସହଜରେ ପୈଠ କରନ୍ତୁ ।
Q199723846@ybl | T&C Apply
BHIM UPI
ଦେୟ ପୈଠ ହେଲାପରେ ରସିଦ୍‌ର Screenshotକୁ classifieddharitri@gmail.comରେ ଇମେଲ୍ କରନ୍ତୁ ।


## ସେଲିବ୍ରିଟି ଲିଗ୍ କ୍ରିକେଟ: ରକଷ୍ଟାର ଚାମ୍ପିୟନ


ଚାମ୍ପିୟନ ଟ୍ରଫି ସହ ବିଜେତା ରକଷ୍ଟାର ଦଳର ଖେଳାଳିମାନେ ।

**ସମ୍ବଲପୁର,୯।୩(ଭବାନୀ ଶଙ୍କର ଭୋଇ)**

ସମ୍ବଲପୁର ହାୱା ମଇଦାନରେ ରବିବାର ଆୟୋଜିତ ସେଲିବ୍ରିଟି ଲିଗ୍ କ୍ରିକେଟ ପ୍ରତିଯୋଗିତା ଉଦ୍‌ଯାପିତ ହୋଇଯାଇଛି । ରକଷ୍ଟାର ଦଳ ଦ ନ୍ୟୁଜ ୱାରିୟର୍ସ ଦଳକୁ ୩୮ ରନରେ ହରାଇ ଚାମ୍ପିୟନ ହୋଇଛି । ଫାଇନାଲ ଖେଳରେ ରକଷ୍ଟାର ଦଳ ପ୍ରଥମ ବ୍ୟାଟିଂ କରି ୨ ଉଇକେଟ ହରାଇ ୧୨୬ କରିଥିଲା । ଏଥିରେ ଓପନର ପ୍ରଶାନ୍ତ ବାଗ ୨୩ ବଲରେ ୬ଟି ଚୌକା ଏବଂ ୩ଟି ଛକା ବଲରେ ୫୧ ରନ କରିଥିଲେ । ଆଲୋକ ଘିବେଲା ୨୪ ବଲରେ ଧୂଆଁଧାର ୬୫ରନ କରି ନଟ୍ ଆଉଟ ରହିଥିଲେ । ୧୨୭ ରନର ଲକ୍ଷ୍ୟ ନେଇ ଦ ନ୍ୟୁଜ ୱାରିୟର୍ସ ବ୍ୟାଟିଂ ପାଇଁ ଓହ୍ଲାଇଥିଲା । ତେବେ ନିର୍ଦ୍ଧାରିତ ୮ ଓଭରରେ ଗୋଟିଏ ଉଇକେଟ ହରାଇ ଦଳ ମାତ୍ର ୮୮ ରନ କରି ୩୮ ରନ ପଛରେ ରହି ରନର ଅପ ହୋଇଥିଲା । ଦଳ ପକ୍ଷରୁ ଜ୍ୟୋତି ନନ୍ଦ ୨୬ ବଲରେ ସର୍ବାଧିକ ୩୮ ରନ କରିଥିଲେ । ପୁରସ୍କାର ବିତରଣ ଉତ୍ସବରେ ସମ୍ମାନିତ ଅତିଥି ଭାବେ ଓଡ଼ିଶା କ୍ରିକେଟ ଆସୋସିଏଶନର ପୂର୍ବତନ ଉପସଭାପତି ସାବିର ହୁସେନ, ଭାଜପା ରାଜ୍ୟ ବାଣିଜ୍ୟ ପ୍ରକୋଷ୍ଠ ଅଧ୍ୟକ୍ଷ ଗୋବିନ୍ଦ ପ୍ରସାଦ ଅଗ୍ରୱାଲ, ସାମାଜିକ କର୍ମୀ ହମିଦ ରହେମାନ, ପରଭେଜ ଅଲ୍ଲି ଖାନ ଯୋଗ ଦେଇଥିଲେ । ଆୟୋଜକ ସଭ୍ୟ ନନ୍ଦକିଶୋର ସାହୁ ଅତିଥି ସ୍ୱାଗତ କରିଥିବା ବେଳେ ବିପ୍ଲବ ଡନସନା ଧନ୍ୟବାଦ ଅର୍ପଣ କରିଥିଲେ । ତର୍ପଣ ପ୍ରଧାନ ଉତ୍ସବ ସଂଯୋଜନା କରିଥିବା ବେଳେ ସୁଦୀପ୍ତ କୁମାର ପଣ୍ଡା ଧାରା ବିବରଣୀ ପ୍ରଦାନ କରିଥିଲେ ।

## ଆଇଡବ୍ଲ୍ୟୁଏଲ୍: ଓଡ଼ିଶା ଏଫ୍‌ସି ପରାସ୍ତ

**ଭୁବନେଶ୍ୱର,୯।୩**

ଚଳିତ ଇଣ୍ଡିଆନ ଓମେନ୍ସ ଲିଗ (ଆଇଡବ୍ଲ୍ୟୁଏଲ)ରେ ରବିବାର ଐତିହାସିକ କଳିଙ୍ଗ ଷ୍ଟାଡିୟମରେ ଖେଳାଯାଇଥିବା ମ୍ୟାଚରେ ଓଡ଼ିଶା ଏଫ୍‌ସି ୧-୩ ଗୋଲରେ ଇଷ୍ଟ ବେଙ୍ଗଲ ଏଫ୍‌ସିଠାରୁ ପରାସ୍ତ ହୋଇଛି । ଏହି ପରାଜୟ ସହ ଓଡ଼ିଶା ଏଫ୍‌ସି ୭ ମ୍ୟାଚରେ ୧୧ ପଏଣ୍ଟ ସହ ଅଙ୍କ ତାଲିକାର ତୃତୀୟ ସ୍ଥାନରେ ରହିଛି । ଅନ୍ୟପକ୍ଷରେ ଇଷ୍ଟ ବେଙ୍ଗଲ ଏଫ୍‌ସି ସମାନ ସଂଖ୍ୟକ ମ୍ୟାଚରୁ ସର୍ବାଧିକ ୧୮ ପଏଣ୍ଟ ସହି ତାଲିକା ଶୀର୍ଷରେ ରହିଛି ।

ମ୍ୟାଚର ପ୍ରଥମ ମିନିଟରୁ ଓଡ଼ିଶା ଏଫ୍‌ସି ଆକ୍ରମଣାତ୍ମକ ରଣନୀତି ଆପଣେଇଥିଲା । ହେଲେ ଦଳ ଅନେକ ଗୋଲ ସ୍କୋର କରିବାର ସୁଯୋଗ ହାତଛଡ଼ା କରିଥିଲା । ସପ୍ତମ ମିନିଟରେ ଇଷ୍ଟ ବେଙ୍ଗଲ ପାଇଁ ଏଲଶାଦାଇ ଆଚେମ୍ପୋଙ୍ଗ ଗୋଲ କରିଥିଲେ । ମ୍ୟାଚର ୩୧ତମ ମିନିଟରେ ଆଚେମ୍ପୋଙ୍ଗ ଦଳ ଲାଗି ଦ୍ୱିତୀୟ ଗୋଲ ସ୍କୋର କରିଥିଲେ । ୩୮ତମ ମିନିଟରେ ଆଚେମ୍ପୋଙ୍ଗ ହ୍ୟାଟ୍ରିକ ପୂରଣ କରିବା ସହ ଦଳର ଅଗ୍ରଣୀ ବ୍ୟବଧାନକୁ ୩-୦ରେ ପହଞ୍ଚାଇଥିଲେ । ଫଳରେ ପ୍ରଥମାର୍ଦ୍ଧ ଶେଷ ସୁଦ୍ଧା ଇଷ୍ଟ ବେଙ୍ଗଲ ୩-୦ ଗୋଲରେ ଆଗରେ ରହିଥିଲା । ଦ୍ୱିତୀୟାର୍ଦ୍ଧରେ ଜେନିଫର କାନକମ ୟେବୋଆ(୭୪ତମ) ଓଡ଼ିଶା ପାଇଁ ଏକମାତ୍ର ଗୋଲ ପରିଶୋଧ କରିଥିଲେ । ଆସନ୍ତା ୧୫ ତାରିଖରେ ଓଡ଼ିଶା ଏଫ୍‌ସି ତା'ର ପରବର୍ତ୍ତୀ ମ୍ୟାଚରେ ଗୋକୁଲମ କେରଳା ଏଫ୍‌ସିକୁ ଭେଟିବ ।

## ଡାଇବେଟିସ୍ ଆଶଙ୍କା ବଢ଼ାଏ ଅସନ୍ତୁଳିତ ଜୀବନଶୈଳୀ



ଆଜିକାଲି ବ୍ୟସ୍ତମୟ ଜୀବନରେ ନିଜର ଜୀବନଶୈଳୀକୁ ସନ୍ତୁଳିତ ରଖିବା ଜରୁରୀ ହୋଇପଡ଼ିଛି। ଯଦି ଦୀର୍ଘ ମାସ ଧରି ଏହା ଅସନ୍ତୁଳିତ ରହିଲା, ତେବେ ତାହା ଡାଇବେଟିସ୍‌ର କାରଣ ସାଜିବାର ଯଥେଷ୍ଟ ଆଶଙ୍କା ରହିଛି। ଏଭଳି ବିଷୟବସ୍ତୁକୁ ନେଇ ସର୍ଭେ କରିବା ସମୟରେ ସିଓଲ ବିଶ୍ୱବିଦ୍ୟାଳୟର ବିଶେଷଜ୍ଞମାନେ ଏକଥା ଜାଣିପାରିଛନ୍ତି। କେବଳ ସେତିକି ନୁହେଁ, ଅସନ୍ତୁଳିତ ଜୀବନଶୈଳୀର ଖରାପ ପ୍ରଭାବ ଶରୀର ଉପରେ ପଡ଼ିଥାଏ। ତା'ସହ ହାର୍ଟ, କିଡ୍‌ନୀ ରୋଗ ଭଳି ଗୁରୁତର ସ୍ୱାସ୍ଥ୍ୟ ସମସ୍ୟାକୁ ପରୋକ୍ଷରେ ଆମନ୍ତ୍ରଣ କରିବାର ଯଥେଷ୍ଟ ଆଶଙ୍କା ରହିଛି ବୋଲି ସେମାନେ ସତର୍କ କରାଇ ଦେଇଛନ୍ତି। ଡାଇବେଟିସ୍ ଦ୍ୱାରା ଆକ୍ରାନ୍ତ ବୋଲି ଜାଣିବା ପରେ ତାହାର ଠିକ୍ ସମୟରେ ଚିକିତ୍ସା କରାଇବା ସହ କେତେକ ଦିଗ ପ୍ରତି ସତର୍କ ଦୃଷ୍ଟି ରଖିବାକୁ ପଡ଼ିଥାଏ। ତେଣୁ ପ୍ରଥମେ ଏହାର କାରଣ ସମ୍ପର୍କରେ ସମସ୍ତେ ଅବଗତ ହେବା ଜରୁରୀ। ସବୁବେଳେ ନିଜର ମାନସିକତାକୁ ସକାରାତ୍ମକ ରଖନ୍ତୁ। କୌଣସି କଥାକୁ ନେଇ ଅଧିକ ଉତ୍ତେଜିତ ହୁଅନ୍ତୁ ନାହିଁ। ନିଜର ଖାଦ୍ୟପେୟ ପ୍ରତି ସବୁବେଳେ ସତର୍କତା ଅବଲମ୍ବନ କରନ୍ତୁ। ପ୍ରତିଦିନ ସକାଳେ ଅତିକମ୍‌ରେ ଅଧ ଘଣ୍ଟାଏ ଚାଲନ୍ତୁ। ନିର୍ଦ୍ଦିଷ୍ଟ ସମୟ ଅନ୍ତରାଳରେ ନିଜର ସ୍ୱାସ୍ଥ୍ୟ ପରୀକ୍ଷା କରାଇ ନିଅନ୍ତୁ। ଏହାଦ୍ୱାରା ଆପଣଙ୍କର ଜୀବନଶୈଳୀ ଅନେକାଂଶରେ ସନ୍ତୁଳିତ ରହିବ।

## ଫ୍ୟାଟ୍ ଜାତୀୟ ଖାଦ୍ୟ ଅଧିକ ଖାଉଥିଲେ...

ମନଲୋଭା ଖାଦ୍ୟ ଦେଖିଲେ ତାହାକୁ ଖାଇବାକୁ ପ୍ରାୟ ଅନେକଙ୍କ ମନରେ ଆଗ୍ରହ ସୃଷ୍ଟି ହୋଇଥାଏ। ହେଲେ ନିଜକୁ ସୁସ୍ଥ ରଖିବା ପାଇଁ ଖାଦ୍ୟପେୟ ଉପରେ ନିୟନ୍ତ୍ରଣ ନିହାତି ଜରୁରୀ। ଆପଣ ଅଧିକ ଫ୍ୟାଟ୍‌ଜାତୀୟ ଖାଦ୍ୟ ଖାଉଛନ୍ତି କି? ଯଦି ହଁ, ତେବେ ଏହାର ପରିମାଣକୁ ସୀମିତ କରନ୍ତୁ। ନ ହେଲେ ଏହାଦ୍ୱାରା ମସ୍ତିଷ୍କର କାର୍ଯ୍ୟଧାରା ପ୍ରଭାବିତ ହେବାର ଆଶଙ୍କା ରହିଛି। ୱାଶିଂଟନ ବିଶ୍ୱବିଦ୍ୟାଳୟର ବିଶେଷଜ୍ଞମାନେ ନିକଟରେ ଏଭଳି ସତର୍କ ସୂଚନା ଦେଇଛନ୍ତି। ଏଭଳି ଖାଦ୍ୟ ନିୟମିତ ଖାଉଥିବା କେତେକ ବ୍ୟକ୍ତିଙ୍କର ମସ୍ତିଷ୍କର କାର୍ଯ୍ୟଧାରାକୁ ସେମାନେ ତର୍ଜମା କରିବା ପରେ ଏଭଳି ସିଦ୍ଧାନ୍ତରେ ଉପନୀତ ହୋଇଛନ୍ତି। ଏଭଳି ଖାଦ୍ୟକୁ ନିୟନ୍ତ୍ରଣରେ ରଖିଲେ ଆମେ ନିଜକୁ କେତେକ ମସ୍ତିଷ୍କଜନିତ ସସମ୍ୟା ଠାରୁ ମଧ୍ୟ ଦୂରେଇ ରଖିପାରିବା ବୋଲି ପ୍ରକାଶିତ ରିପୋର୍ଟରେ ଉଲ୍ଲେଖ



କରାଯାଇଛି। ତେଣୁ ସବୁବେଳେ ସନ୍ତୁଳିତ ତଥା ଭିଟାମିନ୍‌ଯୁକ୍ତ ଖାଦ୍ୟ ଖାଆନ୍ତୁ ଏବଂ ବ୍ୟାୟାମ, ଯୋଗ, ପ୍ରାଣାୟାମକୁ ନିଜର ଦୈନନ୍ଦିନ ଜୀବନଶୈଳୀରେ ସାମିଲ କରିବାକୁ ଉକ୍ତ ବିଶ୍ୱବିଦ୍ୟାଳୟର ବିଶେଷଜ୍ଞମାନେ ପରାମର୍ଶ ଦେଇଛନ୍ତି।

# ବିଜ୍ଞାନର ଉନ୍ନତିରେ ଯୁବଶକ୍ତିର ଭୂମିକା



ନିକୁଞ୍ଜ ବିହାରୀ ସାହୁ

"ରମଣଙ୍କ ନୋବେଲ ପୁରସ୍କାର ଲାଭର ଦୀର୍ଘ ୯୦ବର୍ଷ ବିତିଯାଇଥିଲେ ସୁଦ୍ଧା ଭାରତର ଅନ୍ୟ କୌଣସି ବୈଜ୍ଞାନିକ ଇତିମଧ୍ୟରେ ଏହି ମର୍ଯ୍ୟାଦାପୂର୍ଣ୍ଣ ପୁରସ୍କାର ପାଇବାକୁ ସମର୍ଥ ହୋଇନାହାନ୍ତି। ଆମ ଦେଶରେ ରମଣଙ୍କ ଦ୍ୱାରା ପ୍ରତିଷ୍ଠିତ ବିଜ୍ଞାନର ଏଭଳି ଉନ୍ନତ ପରମ୍ପରା ସତ୍ତ୍ୱେ ଆଜିର ଯୁବପିଢ଼ି କିନ୍ତୁ ମୌଳିକ ଗବେଷଣା ପ୍ରତି ବିଶେଷ ଆଗ୍ରହ ପ୍ରକାଶ ନ କରି ଯାନ୍ତ୍ରିକ ଓ ପ୍ରଯୁକ୍ତିବିଦ୍ୟା କ୍ଷେତ୍ରରେ ଅଧିକ ରୁଚି ରଖୁଛନ୍ତି। ଏହି କାରଣରୁ ଆମର ଦେଶ ଏବେ ବିଜ୍ଞାନ ଗବେଷଣା କ୍ଷେତ୍ରରେ ବିଶ୍ୱର ଅନ୍ୟ ଦେଶ ତୁଳନାରେ ଯଥେଷ୍ଟ ପଛରେ ରହିଛି। ବିଜ୍ଞାନର ବିକାଶରେ ଯୁବପିଢ଼ିଙ୍କର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି।"






ଭାରତ ଭଳି ଏକ ବିକାଶଶୀଳ ଦେଶ ପାଇଁ ବିଜ୍ଞାନ ଗବେଷଣା କେବଳ ଏକ ତାତ୍ତ୍ୱିକ ଉପଲବ୍ଧି ନୁହେଁ; ବରଂ ସୁଦୃଢ଼ ଅର୍ଥନୀତି ଓ ରାଷ୍ଟ୍ରୀୟ ପ୍ରଗତି ପାଇଁ ଏକ ଅମୂଲ୍ୟ ସମ୍ପଦ। ସୁତରାଂ ସରକାର ଦେଶରେ ବିଜ୍ଞାନ ଗବେଷଣାର ପ୍ରଚାର ଓ ପ୍ରସାର ନିମନ୍ତେ ଯେ କେବଳ ଅଧିକ ରାଶି ବିନିଯୋଗ କରିବା ଉଚିତ ତା' ନୁହେଁ, ବରଂ ବିଦ୍ୟାର୍ଥୀମାନଙ୍କ ମନରେ ଭରସା ଜାଗ୍ରତ କରିବା ଉଚିତ ଯେ ଏ କ୍ଷେତ୍ରରେ ଅଧ୍ୟୟନ ଏକ ମର୍ଯ୍ୟାଦାପୂର୍ଣ୍ଣ ଓ ସାମାଜିକ ପ୍ରତିଷ୍ଠା ସମ୍ପନ୍ନ ଦିଗନ୍ତ। ଉଦାହରଣ ସ୍ୱରୂପ ସାର୍ ଚନ୍ଦ୍ରଶେଖର ଭେଙ୍କଟ ରମଣ ଆମ ଦେଶର ଜଣେ ସୁନାମଧନ୍ୟ ବୈଜ୍ଞାନିକ। ସେ ୧୯୩୦ ମସିହାରେ ପ୍ରଥମ ଭାରତୀୟ ତଥା ପ୍ରଥମ ଏସୀୟ ବୈଜ୍ଞାନିକ ରୂପେ ପଦାର୍ଥ ବିଜ୍ଞାନ କ୍ଷେତ୍ରରେ ବିଶ୍ୱର ସର୍ବୋଚ୍ଚ ସମ୍ମାନ ନୋବେଲ ପୁରସ୍କାର ପ୍ରାପ୍ତ ହୋଇଥିଲେ। ଘୋର ପରିତାପର ବିଷୟ ଯେ, ରମଣଙ୍କ ପରଠାରୁ ଭାରତରେ ବିଜ୍ଞାନ ଗବେଷଣାର ପ୍ରଚାର ଓ ପ୍ରସାରରେ ଆଖିଦୃଶିଆ ଅଭିବୃଦ୍ଧି ଘଟିନାହିଁ। ଆହୁରି ମଧ୍ୟ ରମଣଙ୍କ ନୋବେଲ ପୁରସ୍କାର ଲାଭର ଦୀର୍ଘ ୯୦ ବର୍ଷ ବିତିଯାଇଥିଲେ ସୁଦ୍ଧା ଭାରତର ଅନ୍ୟ କୌଣସି ବୈଜ୍ଞାନିକ ଇତିମଧ୍ୟରେ ଏହି ମର୍ଯ୍ୟାଦାପୂର୍ଣ୍ଣ ପୁରସ୍କାର ପାଇବାକୁ ସମର୍ଥ ହୋଇ ନାହାନ୍ତି। ଆମ ଦେଶରେ ରମଣଙ୍କ ଦ୍ୱାରା ପ୍ରତିଷ୍ଠିତ ବିଜ୍ଞାନର ଏଭଳି ଉନ୍ନତ ପରମ୍ପରା ସତ୍ତ୍ୱେ ଆଜିର ଯୁବପିଢ଼ି କିନ୍ତୁ ମୌଳିକ ଗବେଷଣା ପ୍ରତି ବିଶେଷ ଆଗ୍ରହ ପ୍ରକାଶ ନ କରି ଯାନ୍ତ୍ରିକ ଓ ପ୍ରଯୁକ୍ତିବିଦ୍ୟା କ୍ଷେତ୍ରରେ ଅଧିକ ରୁଚି ରଖୁଛନ୍ତି। ଏହି କାରଣରୁ ଆମ ଦେଶ ଏବେ ବିଜ୍ଞାନ ଗବେଷଣା କ୍ଷେତ୍ରରେ ବିଶ୍ୱର ଅନ୍ୟ ଦେଶ ତୁଳନାରେ ଯଥେଷ୍ଟ ପଛରେ ରହିଛି। ବିଜ୍ଞାନର ବିକାଶରେ ଯୁବପିଢ଼ିଙ୍କର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ଏକ ଆକଳନରୁ ଜଣାପଡ଼େ ଯେ, ଯୁକ୍ତରାଷ୍ଟ୍ର ଆମେରିକାରେ ପ୍ରତି ଲକ୍ଷେ ଜନସଂଖ୍ୟାରେ ସମୁଦାୟ ୪୬୫୨ ଜଣ ଗବେଷକ କାର୍ଯ୍ୟରତ ଥିଲାବେଳେ ଆମ ଦେଶରେ ମାତ୍ର ୧୪୦ ଜଣ ଗବେଷକ ଅଛନ୍ତି। ଆହୁରି ମଧ୍ୟ ଆମ ଦେଶରେ ବୈଜ୍ଞାନିକ ଗବେଷଣା ଓ ବିକାଶ କ୍ଷେତ୍ରରେ ନିବେଶ କରାଯାଉଥିବା ସମୁଦାୟ ଅର୍ଥରାଶି ସକଳ ଘରୋଇ ଉତ୍ପାଦ (ଜିଡିପି)ର ମାତ୍ର ୦.୭% ହୋଇଥିଲାବେଳେ ଏହା ଇସ୍ରାଏଲ ପାଇଁ ୪.୬%, ଦକ୍ଷିଣ କୋରିଆ ପାଇଁ ୪.୫%, ଜାପାନ ପାଇଁ ୩.୨%, ଜର୍ମାନୀ ପାଇଁ ୩%, ଯୁକ୍ତରାଷ୍ଟ୍ର ଆମେରିକା ପାଇଁ ୨.୮%, ଫ୍ରାନ୍ସ ପାଇଁ ୨.୨%, ବ୍ରିଟେନ ପାଇଁ ୧.୭%, କାନାଡା ପାଇଁ ୧.୬%, ଚାଇନା ପାଇଁ ୨.୧%, ବ୍ରାଜିଲ ପାଇଁ ୧.୩% ଏବଂ ରୁଷିଆ ପାଇଁ ୧% ଅଟେ ଏବଂ ଏ କ୍ଷେତ୍ରରେ ଭାରତ ବିଶ୍ୱରେ ୩୪ ତମ ସ୍ଥାନରେ ରହିଛି। ଏଥି ମଧ୍ୟରୁ ଆମ ଦେଶରେ ମୌଳିକ ବିଜ୍ଞାନ ଗବେଷଣା ଓ ବିକାଶ କ୍ଷେତ୍ରରେ ଅବକ୍ଷୟମୁଖୀ ସ୍ଥିତି ସମ୍ପର୍କରେ ସୂଚନା ମିଳେ।

ଗବେଷଣାର ନିମ୍ନ ଗୁଣବତ୍ତା ମାନ, ଗବେଷଣା ଜନିତ ଉତ୍ପାଦର ନିମ୍ନ ବଜାର ଚାହିଦା ତଥା ଗବେଷଣାର ଦୀର୍ଘ ଅବଧି କାଳ ହିଁ ଭାରତରେ ବିଜ୍ଞାନ ଗବେଷଣାର ଅଧୋଗତିର ମୁଖ୍ୟ କାରଣ। କ୍ଷୋଭର ବିଷୟ ଯେ, ଭିତ୍ତିଭୂମି ବିକାଶ ଓ ସୂଚନା ପ୍ରଯୁକ୍ତି କ୍ଷେତ୍ର ସମେତ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ କ୍ଷେତ୍ରରେ କାର୍ଯ୍ୟ କରୁଥିବା ଅଧିକାଂଶ କମ୍ପାନୀ ଉତ୍ପାଦର ଗବେଷଣା ଓ ବିକାଶ ଦିଗରେ ସେମାନଙ୍କ ମୋଟ ବିନିଯୋଗ ପାଣ୍ଠିର ମାତ୍ର ୧% ରୁ କମ୍ ଅର୍ଥ ନିବେଶ କରିଥାନ୍ତି।

ରମଣଙ୍କ ଜୀବନୀ ଓ ଗବେଷଣାରୁ ଅନେକ କଥା ଶିଖିବାକୁ ମିଳେ, ଯାହା ଆଜିର ଛାତ୍ର ତଥା ଯୁବପିଢ଼ିକୁ ପ୍ରେରଣା ଯୋଗାଇବ। ପ୍ରଥମତଃ, ରମଣ ନିଜର ପ୍ରଥମ ଉଚ୍ଚକୋଟୀର ଗବେଷଣା ନିବନ୍ଧ ମାତ୍ର ୧୮ ବର୍ଷ ବୟସରେ ଜଣେ ସ୍ନାତକ ଛାତ୍ର ଥିବା ସମୟରେ ପ୍ରସିଦ୍ଧ ବ୍ରିଟିଶ ପତ୍ରିକା 'ଦି ଫିଲୋସୋଫିକାଲ ମାଗାଜିନ'ରେ ପ୍ରକାଶ କରିଥିଲେ। ସୁତରାଂ କିଛି ମହତ୍ତ୍ୱପୂର୍ଣ୍ଣ ଆବିଷ୍କାର ପାଇଁ ନିଜର ସ୍ୱପ୍ନ ଓ କଳ୍ପନା ଯେ ଜଣକ ମନରେ ବାଲ୍ୟକାଳରୁ ବସା ବାନ୍ଧିବା ଉଚିତ, ତାହା ଏଥିରୁ ଶିକ୍ଷା ମିଳେ। ଦ୍ୱିତୀୟତଃ ରମଣ ନିଜର ଗବେଷଣା ଦ୍ୱାରା ସମୁଦ୍ରର ନୀଳିମା ସମ୍ପର୍କରେ ସେ କାଳର ପ୍ରଖ୍ୟାତ ବ୍ରିଟିଶ ବିଜ୍ଞାନୀ ଲର୍ଡ ରାଲେ ପ୍ରଦାନ କରିଥିବା ମତବାଦକୁ ଗ୍ରହଣ ନ କରି ନିଜସ୍ୱ ଏକ ମୌଳିକ ତତ୍ତ୍ୱ ଉପସ୍ଥାପନା କରିଥିଲେ। ରାଲେ ମତପୋଷଣ କରିଥିଲେ ଯେ, ନୀଳ ଆକାଶର ପ୍ରତିଫଳନ ହେତୁ ସମୁଦ୍ରର ନୀଳ ରଙ୍ଗ ସୃଷ୍ଟି ହୋଇଥାଏ। ସେ ରାଲେଙ୍କ ଏହି ସିଦ୍ଧାନ୍ତର ସତ୍ୟତା ଜାଣିବା ପାଇଁ ୧୯୨୧ ମସିହାରେ ନାରକୁଣ୍ଡା ନାମକ ଜଳଜାହାଜରେ ଇଂଲଣ୍ଡର ସାଉଥମ୍ପଟନରୁ ବମ୍ବେ ଫେରୁଥିବା ସମୟରେ ଏକ ପରୀକ୍ଷା କରିଥିଲେ। ତାଙ୍କ ଜାହାଜ ଜଳଯାତ୍ରାରେ ଭୂମଧ୍ୟ ମହାସାଗରର ସୁନୀଳ ଜଳରାଶି କାଟିକାଟି ଅତିକ୍ରମ କରୁଥିବା ସମୟରେ ସମୁଦ୍ରର ନୀଳିମା ତାଙ୍କୁ ଆକୃଷ୍ଟ କରିଥିଲା। ସେ ନିଜ ପାଖରେ ଥିବା ଏକ ନିକୋଲ ପ୍ରିଜିମ ଉପକରଣ ଜରିଆରେ ପରୀକ୍ଷା କରି ଜାଣିପାରିଲେ ଯେ, ସମୁଦ୍ରର ନୀଳିମା ନୀଳ ଆକାଶର ପ୍ରତିଫଳନ ପାଇଁ ନୁହେଁ; ବରଂ ସମୁଦ୍ରର ଜଳକଣାଗୁଡ଼ିକ ଦ୍ୱାରା ଆଲୋକରଶ୍ମିର ବିଚ୍ଛୁରଣ ଘଟି ଏଭଳି ପ୍ରଭାବ ସୃଷ୍ଟି ହେଉଛି ଏବଂ ଏହି କାରଣ ଯୋଗୁ ମଧ୍ୟ ଆକାଶର ନୀଳ ରଙ୍ଗ ସୃଷ୍ଟି ହେଉଛି। ତାଙ୍କର ଏହି ଯୁଗାନ୍ତକାରୀ ଆବିଷ୍କାର ପାଶ୍ଚାତ୍ୟ ଜଗତର ଏକ ପ୍ରଚଳିତ ସିଦ୍ଧାନ୍ତକୁ ଭୁଲ୍ ପ୍ରମାଣିତ କରିବା ସାଙ୍ଗକୁ କିଛି ମହତ୍ତ୍ୱପୂର୍ଣ୍ଣ ବୈଜ୍ଞାନିକ ଉପଲବ୍ଧି ମଧ୍ୟ ପ୍ରାଚ୍ୟ ଜଗତର ବୈଜ୍ଞାନିକମାନଙ୍କ ଦ୍ୱାରା ସମ୍ଭବ, ତାହା ପ୍ରମାଣିତ କଲା। ଚତୁର୍ଥତଃ ସେ ସମୟରେ ଦୁଇଜଣ ରୁଷୀୟ ବୈଜ୍ଞାନିକ ଯଥା ଜି. ଏସ୍. ଲାଣ୍ଡସବର୍ଗ (୧୮୯୦-୧୯୫୭) ଏବଂ ଏଲ୍. ଆଇ. ମେଣ୍ଡେଲଷ୍ଟାମ (୧୮୭୯-୧୯୪୪) ତରଳ ଅଣୁଦ୍ୱାରା ଆଲୋକର ବିଚ୍ଛୁରଣ ପ୍ରଭାବ ଉପରେ ଗବେଷଣା କରୁଥିଲେ ଏବଂ ସେମାନେ ଅନୁରୂପ ତତ୍ତ୍ୱ ଆବିଷ୍କାରର ଅତି ନିକଟରେ ପହଞ୍ଚି ଯାଇଥିଲେ। ମାତ୍ର ରମଣ ଚତୁରତାର ସହିତ ନିଜର ସନ୍ଦର୍ଭ ତୁରନ୍ତ ବ୍ରିଟିଶ ପତ୍ରିକା 'ନେଚର୍'କୁ ପଠାଇ ପ୍ରକାଶିତ କରିଥିଲେ। ଫଳରେ ଏହି ସିଦ୍ଧାନ୍ତର ଆବିଷ୍କାରକ ରୂପେ ଉପରୋକ୍ତ ରୁଷୀୟ ବୈଜ୍ଞାନିକଙ୍କ ପରିବର୍ତ୍ତେ ରମଣଙ୍କ ନାମ ଚିରଦିନ ଲିପିବଦ୍ଧ ହୋଇ ରହିଗଲା। ସୁତରାଂ ଠିକ୍ ସମୟରେ ଠିକ୍ କାମ କଲେ ଯେ ଫଳପ୍ରାପ୍ତି ହୋଇଥାଏ, ତାହା ଏଇଥିରୁ ଶିକ୍ଷା ମିଳେ। ଶେଷରେ ରମଣ ମାତ୍ର ପାଞ୍ଚ ଶହ ଟଙ୍କା ମୂଲ୍ୟର ଏକ ସ୍ପେକ୍ଟ୍ରୋମିଟର ଯନ୍ତ୍ର ବ୍ୟବହାର କରି ନିଜର ଏହି ମହତ୍ତ୍ୱପୂର୍ଣ୍ଣ ଆବିଷ୍କାର କରିଥିଲେ। ଏଥିରୁ ଶିକ୍ଷା ମିଳେ ଯେ, ମହତ୍ତ୍ୱପୂର୍ଣ୍ଣ ଉପଲବ୍ଧି ପାଇଁ ଦାମୀ ସରଞ୍ଜାମ କିମ୍ବା କୌଣସି ଆଭିଜାତ୍ୟ ପୃଷ୍ଠଭୂମି ତଥା ପୃଷ୍ଠପୋଷକତାର ଆବଶ୍ୟକତା ନାହିଁ; ବରଂ ସେଥିପାଇଁ ଲୋଡ଼ା କେବଳ ସ୍ୱପ୍ନ ଓ ସାଧନା।

-ଏଜୁକେଶନ ଅଫିସର, ଆଞ୍ଚଳିକ ବିଜ୍ଞାନ କେନ୍ଦ୍ର, ଭୋପାଳ, ମଧ୍ୟପ୍ରଦେଶ
ମୋ : ୮୯୧୭୬୩୭୯୭୪

## ମୁଣ୍ଡବ୍ୟଥାର ସହଜ ଉପଚାର



ଆଜିକାଲି ମୁଣ୍ଡବିନ୍ଧା ଏକ ସାଧାରଣ ସମସ୍ୟା ପାଲଟି ଗଲାଣି। ଏଥିରୁ କେତେକାଂଶରେ ଉପଶମ ପାଇବାକୁ ହେଲେ ତାହାର ଉପାୟ ହାତ ପାଆନ୍ତାରେ ରହିଛି। ପ୍ରଥମ କଥା ହେଲା, ନିଜର ଦୈନନ୍ଦିନ ଖାଦ୍ୟ ଠିକ୍ ସମୟରେ ଖାଆନ୍ତୁ। ତା' ସହ ଠିକ୍ ସମୟରେ ପାଣି ପିଅନ୍ତୁ। ଯଦି ଶରୀରରେ ଜଳୀୟ ଅଂଶ ସନ୍ତୁଳିତ ରହିଲା, ତେବେ ତାହା ମୁଣ୍ଡ ବିନ୍ଧା ସମସ୍ୟାକୁ କେତେକାଂଶରେ ଦୂରେଇ ରଖିଥାଏ। ଆଉ ଏକ କଥା ହେଲା ଶୋଇବା। ପ୍ରତିଦିନ ରାତିରେ ୭-୮ ଘଣ୍ଟା ଶୁଅନ୍ତୁ। ଭଲ ନିଦ ହେବା ପାଇଁ ଶୋଇବା ପୂର୍ବରୁ ଭଲ ଭାବରେ ଗୋଡ଼, ହାତ ଏବଂ ମୁହଁ ଧୁଅନ୍ତୁ। ଯଦି ସବୁବେଳେ ନିଦ ଭଲ ହେଲା, ତେବେ ମୁଣ୍ଡ ବିନ୍ଧା ସମସ୍ୟା ଦେଖାଦେବାର ଆଶଙ୍କା କମ୍ ଥାଏ। ଏହାର ଆଉ ଏକ ସହଜ ଉପାୟ ରହିଛି। ବାସ୍, ପ୍ରତିଦିନ କିଛି ସମୟ ଯୋଗ କରନ୍ତୁ। ଏଥିରୁ ମାନସିକ ଶାନ୍ତି ମିଳିବା ସହ ମୁଣ୍ଡ ବିନ୍ଧାରୁ କେତେକାଂଶରେ ଉପଶମ ମିଳିଥାଏ। ସବୁଠାରୁ ବଡ଼ କଥା ହେଲା ନିଜକୁ ଚିନ୍ତାଠାରୁ ଦୂରେଇ ରଖନ୍ତୁ। ସବୁବେଳେ ଯଦି ଚିନ୍ତାଗ୍ରସ୍ତ ରହିଲେ, ତେବେ ତାହା ମୁଣ୍ଡ ବିନ୍ଧାର ଅନ୍ୟତମ କାରଣ ସାଜିଥାଏ। ଅଦା ମିଶ୍ରିତ ଚା' ମୁଣ୍ଡ ବିନ୍ଧାରୁ କେତେକାଂଶରେ ଉପଶମ ଦେଇଥାଏ। ମୁଣ୍ଡ ବିନ୍ଧା ପାଇଁ ମନକୁ ମନ ସବୁବେଳେ ପେନ୍ କିଲର ଖାଆନ୍ତୁ ନାହିଁ। ଯଦି ଏହି ସମସ୍ୟା ଲାଗି ରହୁଛି ତେବେ ଡାକ୍ତରଙ୍କ ସହ ପରାମର୍ଶ କରିବାକୁ ଭୁଲନ୍ତୁ ନାହିଁ।

## ଲାଲ୍ ରକ୍ତକୋଷିକା ଓ ଭିଟାମିନ୍ 'ଇ'

ଭିଟାମିନ-ଇ ଆମ ଶରୀର ପାଇଁ ବେଶ୍ ଲାଭପ୍ରଦ ସାବ୍ୟସ୍ତ ହୋଇଥାଏ। ଭିଟାମିନ୍-ଇ ଯୁକ୍ତ ଖାଦ୍ୟ ଶରୀରରେ ଲାଲ୍ ରକ୍ତ କୋଷିକା ଗଠନରେ ମଧ୍ୟ ସାହାଯ୍ୟ କରେ। କେବଳ ସେତିକି ନୁହେଁ, ଏହାକୁ ନିୟମିତ ଖାଦ୍ୟ ତାଲିକାରେ ସାମିଲ କଲେ ତାହା ମସ୍ତିଷ୍କର କାର୍ଯ୍ୟଧାରାକୁ ଅନେକାଂଶରେ ପ୍ରଖର କରିଥାଏ। ଏହା ଦୃଷ୍ଟିଶକ୍ତି ପାଇଁ ମଧ୍ୟ ବେଶ୍ ଉପକାରୀ। କେବଳ ସେତିକି ନୁହେଁ, ଏଥିରେ ଥିବା ସ୍ୱାସ୍ଥ୍ୟୋପକାରୀ ଗୁଣ ଆଲର୍ଜି ଭଳି ସମସ୍ୟାରୁ କେତେକାଂଶରେ ରକ୍ଷା କରିଥାଏ। ଏପରି ଖାଦ୍ୟ ଖାଇବା ଦ୍ୱାରା ଆମ ଶରୀରରେ ରୋଗ ପ୍ରତିରୋଧକ ଶକ୍ତି ବଢ଼ିଥାଏ। ଭିଟାମିନ୍-ଇ ଯୁକ୍ତ ଖାଦ୍ୟ ଆଣ୍ଟିଅକ୍ସିଡାଣ୍ଟ ପରି ମଧ୍ୟ କାମ କରେ। ଏହାର ଆଉ ଏକ ଉପକାରୀ ଗୁଣ ମଧ୍ୟ ରହିଛି। ଏହା ଶରୀରରେ କୋଲେଷ୍ଟରଲ୍‌ର ପରିମାଣକୁ ସନ୍ତୁଳିତ ଅବସ୍ଥାରେ ରଖିଥାଏ। ଏହା କ୍ୟାନ୍‌ସର ଏବଂ ହୃଦ୍‌ଜନିତ ରୋଗର ଆଶଙ୍କାକୁ କେତେକାଂଶରେ ଦୂରେଇ ରଖିଥାଏ। ଗଜାମୁଗ, ଗଜାବୁଟ, ସୂର୍ଯ୍ୟମୁଖୀ ତେଲ, ପାଳଙ୍ଗ ଶାଗ ଚିନାବାଦାମ ଆଦିରେ ଭିଟାମିନ୍-ଇ ପ୍ରଚୁର ମାତ୍ରାରେ ଭରିରହିଛି।



## ସୁସ୍ଥ ଶରୀର ପାଇଁ ସରଳ ଉପାୟ

କୁହାଯାଏ, ସ୍ୱାସ୍ଥ୍ୟ ହିଁ ସମ୍ପଦ। ସ୍ୱାସ୍ଥ୍ୟର ବିକାଶ ପାଇଁ ଆବଶ୍ୟକ ପରିମାଣର ଭିଟାମିନ୍‌ଯୁକ୍ତ ଖାଦ୍ୟ ଖାଇବା ନିହାତି ଆବଶ୍ୟକ। ଶରୀରର ବିଭିନ୍ନ ଅଙ୍ଗପ୍ରତ୍ୟଙ୍ଗକୁ ସୁସ୍ଥ ତଥା ଶକ୍ତ ରଖିବା ଲାଗି ଆମକୁ ଖାଦ୍ୟପେୟ ଏବଂ ଜୀବନଶୈଳୀ ପ୍ରତି ସତର୍କ ରହିବାକୁ ପଡିବ। ଆଉ ଏକ କଥା ଯଦି ଆପଣ କୌଣସି ସ୍ୱାସ୍ଥ୍ୟଜନିତ ସମସ୍ୟା ସମ୍ମୁଖୀନ ହୋଇଛନ୍ତି, ତେବେ ନିୟମିତ ସମୟ ବ୍ୟବଧାନରେ ସ୍ୱାସ୍ଥ୍ୟ ପରୀକ୍ଷା ଏବଂ ଡାକ୍ତରଙ୍କ ସହ ପରାମର୍ଶ କରିବାକୁ ଭୁଲନ୍ତୁ ନାହିଁ। ଏଭଳି ଖାଦ୍ୟ ଆଦୌ ଖାଆନ୍ତୁ ନାହିଁ, ଯାହା ଅଯଥାରେ ସମସ୍ୟାକୁ ଡାକି ଆଣିବ। ଯଦି ଆପଣଙ୍କ ବୟସ ୪୦ ଟପିଗଲାଣି ତେବେ ନିଜର ସ୍ୱାସ୍ଥ୍ୟ ପ୍ରତି ସ୍ୱତନ୍ତ୍ର ଦୃଷ୍ଟି ଦିଅନ୍ତୁ। ସବୁବେଳେ ସୁପାଚ୍ୟ ଖାଦ୍ୟ ଖାଆନ୍ତୁ। ବାହାର ତଥା ଅଧିକ ତେଲମସଲାଯୁକ୍ତ ଖାଦ୍ୟ ଯେତେ କମ୍ ଖାଇବେ ତାହା ସେତେ ଭଲ।



## ଦୃଷ୍ଟିଶକ୍ତିକୁ ପ୍ରଖର କରେ ଚିନାବାଦାମ

ଚିନାବାଦାମରେ ଅନେକ ପ୍ରକାର ଉପକାରୀ ଗୁଣ ଭରି ରହିଛି। ସବୁଠାରୁ ଖାସ୍ କଥା ହେଲା, ଏହାକୁ ଖାଇଲେ ଦୃଷ୍ଟି ଶକ୍ତି ଆହୁରି ପ୍ରଖର ହୋଇଥାଏ। 'ପ୍ରଖର ଦୃଷ୍ଟିଶକ୍ତିରେ ଚିନାବାଦାମର ଭୂମିକା' ଶୀର୍ଷକ ବିଷୟକୁ ନେଇ ଟୋକିଓ ବିଶ୍ୱବିଦ୍ୟାଳୟର ବିଶେଷଜ୍ଞମାନେ ଏକ ସର୍ଭେ କରିଥିଲେ। ଏଭଳି ସମସ୍ୟା ସହ ଜଡ଼ିତ କେତେକ ବ୍ୟକ୍ତିଙ୍କୁ ନିୟମିତ



ଚିନାବାଦାମ ଖାଇବାକୁ ପରାମର୍ଶ ଦିଆଯାଇଥିଲା। ତା'ସହ ନିୟମିତ ସମୟ ଅନ୍ତରାଳରେ ଏହାର କି ପ୍ରକାର ସୁପ୍ରଭାବ ଦୃଷ୍ଟିଶକ୍ତି ଉପରେ ପଡୁଛି ତାହାକୁ ମଧ୍ୟ ବିଶେଷଜ୍ଞମାନେ ତନ୍ନ ତନ୍ନ କରି ତର୍ଜମା କରିଥିଲେ। ପରିଶେଷରେ ଜଣାପଡ଼ିଥିଲା ଯେ, ଏହାକୁ ଖାଇବା ଦ୍ୱାରା ସର୍ଭେ ପରିସରଭୁକ୍ତ ବ୍ୟକ୍ତିମାନଙ୍କ ମଧ୍ୟରୁ ପ୍ରାୟ ୪୫ ପ୍ରତିଶତଙ୍କର ଦୃଷ୍ଟିଶକ୍ତିରେ ଉନ୍ନତି ହୋଇଥିଲା। କେବଳ ସେତିକି ନୁହେଁ, ଚିନାବାଦାମରେ ଭିଟାମିନ୍-ଇ ଭରି ରହିଛି। ଏଥିରେ ମଧ୍ୟ ଆଣ୍ଟି ଅକ୍ସିଡାଣ୍ଟ ରହିଛି। ଏହା ଚର୍ମରେ ମଧ୍ୟ ଚମକ ଆଣିଥାଏ। ସବୁଠାରୁ ଖାସ୍ କଥା ହେଲା, ରୋଗ ପ୍ରତିରୋଧକ ଶକ୍ତିକୁ ଦୃଢ଼ କରିବାରେ ଏହା ମଧ୍ୟ ସାହାଯ୍ୟ କରିଥାଏ। ତା' ସହ ଶରରୀରେ କୋଲେଷ୍ଟରଲ୍ ପରିମାଣକୁ ମଧ୍ୟ ସନ୍ତୁଳିତ ରଖେ।

## ସ୍ୱାସ୍ଥ୍ୟ ସୂଚନା

➤ରାତିରେ ଖାଇବା ସମୟରେ ଆଦୌ ଗରିଷ୍ଠ ଖାଦ୍ୟ ଖାଆନ୍ତୁ ନାହିଁ। ସବୁବେଳେ ହାଲୁକା ଖାଦ୍ୟ ଖାଆନ୍ତୁ। ଆଉ ମନେରଖନ୍ତୁ ଖାଇବା ପରେ ସଙ୍ଗେ ସଙ୍ଗେ ଶୁଅନ୍ତୁ ନାହିଁ।



➤ରାତିରେ ଶୋଇବାକୁ ଯିବା ପୂର୍ବରୁ ଉଜ୍ଜ୍ୱଳ ଆଲୋକ ସଂସ୍ପର୍ଶରେ ଆସନ୍ତୁ ନାହିଁ। କାରଣ ଏହା ସୁନିଦ୍ରାରେ ବ୍ୟାଘାତ ସୃଷ୍ଟି କରିଥାଏ।

➤ଯଦି ଆପଣଙ୍କ ବୟସ ଅଧିକ ଆଉ ଆପଣ ହୃଦ୍‌ରୋଗ, କ୍ୟାନ୍‌ସର ଭଳି ମାରାତ୍ମକ ରୋଗରେ ପୀଡ଼ିତ, ତେବେ ଠିକ୍ ସମୟ ଅନ୍ତରାଳରେ ଡାକ୍ତରଙ୍କ ସହ ପରାମର୍ଶ କରନ୍ତୁ।

➤ଇଚ୍ଛା ନ ଥିବା ସତ୍ତ୍ୱେ କୌଣସି କାର୍ଯ୍ୟକୁ ଏକାଧାରାରେ କେବେ ବି କରନ୍ତୁ ନାହିଁ। କିଛି କିଛି ସମୟ ଅନ୍ତରାଳରେ କାର୍ଯ୍ୟ କରନ୍ତୁ, ଯାହାଦ୍ୱାରା ଆପଣଙ୍କୁ ଅଧିକ କାମ କରିବାକୁ ଇଚ୍ଛା ହେବ।

➤ନିୟମିତ ଅଙ୍ଗୁର ଖାଇଲେ ତାହା ଶରୀରରେ କୋଲେଷ୍ଟେରଲ୍‌ର ପରିମାଣକୁ ସନ୍ତୁଳିତ ରଖେ।

➤ଯେଉଁ ଋତୁ ହେଉ ନା କାହିଁକି ଖାଦ୍ୟପେୟ ପ୍ରତି ସବୁବେଳେ ସତର୍କ ରୁହନ୍ତୁ। ପ୍ରତିଦିନ ଏପରି ଖାଦ୍ୟ ଖାଆନ୍ତୁ ଯେପରି ତାହା ସହଜରେ ହଜମ ହୋଇପାରିବ।

ଧରିତ୍ରୀ
DHARITRI
51 Years
www.orissakhabar.com/ www.dharitri.com ପୃଷ୍ଠା ୧୪ Press Regd. No. R.N. 21326/74 Postal Regd. No. BN/42/24-26. ଭୁବନେଶ୍ୱର, ସୋମବାର, ମାର୍ଚ୍ଚ ୧୦/୨୦୨୫ Bhubaneswar, Monday, March 10/ 2025

# ୨୦୦୦ ପରାଜୟର ପ୍ରତିଶୋଧ ନେଲା ଭାରତ



ଭାରତ ମ୍ୟାଚ୍ ଜିତିବା ପରେ ଖୁସି ମନାଉଛନ୍ତି ବିରାଟ କୋହଲି ଓ ରୋହିତ ଶର୍ମା।



ବିଜୟସୂଚକ ଚୌକା ମାରିବା ପରେ ରବୀନ୍ଦ୍ର ଜାଡେଜା।

## ଆଇସିସି ଚାମ୍ପିୟନ୍ସ ଟ୍ରଫି

**ଦୁବାଇ, ୯।୩**

ଆଇସିସି ଚାମ୍ପିୟନ୍ସ ଟ୍ରଫିର ଫାଇନାଲରେ ନ୍ୟୁଜିଲାଣ୍ଡକୁ ୪ ଉଇକେଟରେ ପରାସ୍ତ କରିଛି ଭାରତ। ନ୍ୟୁଜିଲାଣ୍ଡ ପକ୍ଷରୁ ଧାର୍ଯ୍ୟ ୨୫୨ ରନ ବିଜୟ ଲକ୍ଷ୍ୟକୁ ଭାରତ ୪୯ ଓଭରରେ ୬ ଉଇକେଟ ହରାଇ ହାସଲ କରି ନେଇଛି। ପ୍ରତିଯୋଗିତାର ୨୦୦୦ରେ ଅନୁଷ୍ଠିତ ଦ୍ୱିତୀୟ ସଂସ୍କରଣରେ ଭାରତକୁ ୪ ଉଇକେଟରେ ହରାଇ ଚାମ୍ପିୟନ ହୋଇଥିଲା ନ୍ୟୁଜିଲାଣ୍ଡ। ଏବେ ସେହି ନ୍ୟୁଜିଲାଣ୍ଡକୁ ୪ ଉଇକେଟରେ ପରାସ୍ତ କରି ଭାରତ ପୂର୍ବ ପରାଜୟର ମଧୁର ପ୍ରତିଶୋଧ ନେଇଛି। ଫାଇନାଲରେ ସ୍ପିନରଙ୍କ ଚମତ୍କାର ପ୍ରଦର୍ଶନ ପରେ ଅଧିନାୟକ ରୋହିତ ଶର୍ମାଙ୍କ ଅର୍ଦ୍ଧଶତକ ଏବଂ ଶ୍ରେୟସ ଆୟର ଓ ଲୋକେଶ ରାହୁଲଙ୍କ ଦୃଢ଼ ବ୍ୟାଟିଂ ବଳରେ ବାଜି ମାରିଛି ଟିମ୍ ଇଣ୍ଡିଆ। ୱିଲ ଓ'ରୌର୍କ ବୋଲିଂ କରିଥିବା ୪୯ତମ ଓଭରର ଶେଷ ବଲ୍‌କୁ ରବୀନ୍ଦ୍ର ଜାଡେଜା ଚୌକାରେ ପରିଣତ କରିବା ସହ ଭାରତର ବିଜୟ ଉତ୍ସବ ଆରମ୍ଭ ହୋଇ ଯାଇଥିଲା।

### ସବୁଠାରୁ ସଫଳ ଦଳ

ଏଥିସହ ଟୁର୍ନାମେଣ୍ଟର ସବୁଠାରୁ ସଫଳ ଦଳ ହୋଇଯାଇଛି ଭାରତ। ଭାରତ ୨୦୦୦ରେ ଶ୍ରୀଲଙ୍କା ସହ ଯୁଗ୍ମ ଚାମ୍ପିୟନ ହୋଇଥିବାବେଳେ ୨୦୧୩ ପରେ ୨୦୨୫ରେ ୩ ଥର ଟ୍ରଫି ଜିତି ଇତିହାସ ରଚିଛି। ଅଷ୍ଟ୍ରେଲିଆ ୨୦୦୬ ଓ ୨୦୦୯ରେ ୨ ଥର ଚାମ୍ପିୟନ ହୋଇ ଦ୍ୱିତୀୟ ସ୍ଥାନରେ ରହିଛି। ନ୍ୟୁଜିଲାଣ୍ଡ ସମେତ ପାକିସ୍ତାନ, ଦକ୍ଷିଣ ଆଫ୍ରିକା, ଶ୍ରୀଲଙ୍କା ଓ ୱେଷ୍ଟଇଣ୍ଡିଜ ଥରେ ଲେଖାଏ ଟାଇଟଲ ଜିତିବାକୁ ସକ୍ଷମ ହୋଇଛନ୍ତି। ୨୦୦୦ ପରେ ୨୦୧୭ରେ ରନରଅପ୍ ହୋଇଥିଲା ଭାରତ। ଲଣ୍ଡନର ଓଭାଲରେ ଅନୁଷ୍ଠିତ ଗତ ସଂସ୍କରଣର ଫାଇନାଲରେ ଭାରତ ୧୮୦ ରନରେ ପାକିସ୍ତାନଠାରୁ ହାରି ଯାଇଥିଲା। ଏଥର କିନ୍ତୁ ଲିଗ୍ ପର୍ଯ୍ୟାୟରେ ପାକିସ୍ତାନକୁ ହରାଇବା ସହ ସେମିଫାଇନାଲରେ ଅଷ୍ଟ୍ରେଲିଆ ଓ ଫାଇନାଲରେ ନ୍ୟୁଜିଲାଣ୍ଡକୁ ହରାଇ ରୋହିତ ବାହିନୀ ପିନ୍ଧିଛି ବିଜୟ ମୁକୁଟ।

ଭାରତର ଏହି ବିଜୟ ପରେ ଦେଶ ସାରା କ୍ରିକେଟପ୍ରେମୀ ଖୁସିରେ ଆନନ୍ଦ ଉତ୍ସବ ମନାଇଛନ୍ତି। ଭାରତର ବିଭିନ୍ନ ସ୍ଥାନରେ କ୍ରିକେଟ ପ୍ରେମୀମାନେ ଏକତ୍ରିତ ହୋଇ ବଡ଼ ସ୍କ୍ରିନ ମାଧ୍ୟମରେ ମ୍ୟାଚ ଉପଭୋଗ କରିଥିଲେ। ଭୁବନେଶ୍ୱର କେଶରୀ ଟକିଜ ନିକଟରେ ମଧ୍ୟ ଦର୍ଶକଙ୍କ ପାଇଁ ବଡ଼ ସ୍କ୍ରିନର ବ୍ୟବସ୍ଥା କରାଯାଇଥିଲା। ସେଠାରେ କ୍ରିକେଟପ୍ରେମୀମାନେ ମ୍ୟାଚ ଉପଭୋଗ କରିବା ସହ ବିଜୟ ଉତ୍ସବ ମନାଇଥିଲେ।





ଆଇସିସି ଚାମ୍ପିୟନ୍ସ ଟ୍ରଫି ଫାଇନାଲରେ ନ୍ୟୁଜିଲାଣ୍ଡର ୱିଲି ୟଙ୍ଗ୍‌ଙ୍କ ଉଇକେଟ ନେବାପରେ ବରୁଣ ଚକ୍ରବର୍ତ୍ତୀ ଓ ରାଚିନ ରବୀନ୍ଦ୍ରଙ୍କ ଉଇକେଟ ହାସଲ ପରେ ଉଲ୍ଲସିତ କୁଲ୍‌ଦୀପ ଯାଦବ।



ଭୁବନେଶ୍ୱରର କେଶରୀ ଟକିଜ୍ ନିକଟରେ ବଡ଼ ସ୍କ୍ରିନ୍‌ରେ କ୍ରିକେଟପ୍ରେମୀମାନେ ଭାରତ-ନ୍ୟୁଜିଲାଣ୍ଡ ମ୍ୟାଚ୍ ଉପଭୋଗ କରୁଛନ୍ତି। (ଫଟୋ: ବିକାଶ ନାୟକ)

## ଟସ୍ ହାରିବାରେ ରୋହିତଙ୍କ ଅଲୋଡ଼ା ରେକର୍ଡ

**ଦୁବାଇ, ୯।୩**

ଆଇସିସି ଚାମ୍ପିୟନ୍ସ ଟ୍ରଫି ଫାଇନାଲରେ ଟସ୍ ହାରି ଏକ ଅଲୋଡା ରେକର୍ଡର ଅଧିକାରୀ ହୋଇଛନ୍ତି ଭାରତୀୟ ଦଳର ଅଧିନାୟକ ରୋହିତ ଶର୍ମା। ବର୍ତ୍ତମାନ କ୍ରିକେଟରେ ସକ୍ରିୟ ଥିବା ଅଧିନାୟକଙ୍କ ମଧ୍ୟରେ ସେ ସର୍ବାଧିକ ୧୨ ଥର ପାଇଁ ଟସ୍ ହାରିଥିଲେ। ନଭେମ୍ବର ୨୦୨୩ରୁ ଏହି ପ୍ରକ୍ରିୟା ୨୦୨୫ ପର୍ଯ୍ୟନ୍ତ ଲାଗି ରହିଛି। ତାଙ୍କ ପୂର୍ବରୁ ୱେଷ୍ଟଇଣ୍ଡିଜର ବ୍ରାଏନ୍ ଲାରା ଅକ୍ଟୋବର ୧୯୯୮ରୁ ମେ' ୧୯୯୯ ମଧ୍ୟରେ କ୍ରମାଗତ ୧୨ ଥର ଟସ୍ ହାରିଥିଲେ। ମାତ୍ର ଲାରା ଅବସର ନେଇ ସାରିଛନ୍ତି।

## ୱିଲିୟମ୍‌ସନ ଆଘାତପ୍ରାପ୍ତ

**ଦୁବାଇ, ୯।୩(ପି.ଟି.)**

ଭାରତ ବିପକ୍ଷ ଚାମ୍ପିୟନ୍ସ ଟ୍ରଫି ମ୍ୟାଚ୍ ଖେଳୁଥିବା ବେଳେ ନ୍ୟୁଜିଲାଣ୍ଡର ଷ୍ଟାର ବ୍ୟାଟର କେନ୍ ୱିଲିୟମ୍‌ସନ ଆଘାତପ୍ରାପ୍ତ ହୋଇଛନ୍ତି। ତେଣୁ ମ୍ୟାଚ୍‌ରେ ତାଙ୍କ ସ୍ଥାନରେ ମାର୍କ ଚାପ୍ ମ୍ୟାନ୍ ଫିଲ୍ଡିଂ କରିବାକୁ ଆସିଥିଲେ। ରବିବାର ଫାଇନାଲରେ ଟସ୍ ଜିତିବା ପରେ ନ୍ୟୁଜିଲାଣ୍ଡ ବ୍ୟାଟିଂ ନିଷ୍ପତ୍ତି ନେଇଥିଲା। ୱିଲିୟମ୍‌ସନ ୧୧ ରନ୍‌କରି ବ୍ୟାଟିଂ କରୁଥିବା ବେଳେ ରିଷ୍ଟ ସ୍ପିନର କୁଲଦୀପ ଯାଦବଙ୍କ ବୋଲିଂରେ ଏକ ରିଟର୍ନ କ୍ୟାଚ୍‌ରେ ଆଉଟ ହୋଇଯାଇଥିଲେ।

## ସ୍କୋର ବୋର୍ଡ

**ନ୍ୟୁଜିଲାଣ୍ଡ ଇନିଂସ**

ୱିଲ୍ ୟଙ୍ଗ-ଏଲ୍‌ବିଡବ୍ଲ୍ୟୁ-ବରୁଣ ଚକ୍ରବର୍ତ୍ତୀ-୧୫
ରାଚିନ ରବୀନ୍ଦ୍ର-ବୋ-କୁଲଦୀପ-୩୭
କେନ୍ ୱିଲିୟମସନ-କ ଆଣ୍ଡ୍ ବୋ-କୁଲଦୀପ-୧୧
ଡେରିଲ ମିଚେଲ-କ-ରୋହିତ-ବୋ-ଶାମି-୬୩
ଟମ୍ ଲଥାମ-ଏଲ୍‌ବିଡବ୍ଲ୍ୟୁ-ଜାଡେଜା-୧୪
ଗ୍ଲେନ ଫିଲିପ୍ସ-ବୋ-ବରୁଣ ଚକ୍ରବର୍ତ୍ତୀ-୩୪
ମାଇକେଲ ବ୍ରେସ୍‌ୱେଲ୍-ନଟ୍ ଆଉଟ-୫୩
ମିଚେଲ ସାଣ୍ଟନର-ରନ ଆଉଟ-୮
ନାଥାନ ସ୍ମିଥ୍-ନଟ୍‌ଆଉଟ-୦
**ଅତିରିକ୍ତ:** -୧୬
**ମୋଟ:** (୫୦ ଓଭର, ୭ଉଇକେଟ) ୨୫୧।
**ଉଇକେଟ ପତନ:** ୧/୫୭ (ୱିଲ ୟଙ୍ଗ), ୨/୬୯ (ରାଚିନ ରବୀନ୍ଦ୍ର), ୩/୭୫ (କେନ୍ ୱିଲିୟମସନ), ୪/୧୦୮(ଟମ୍ ଲଥାମ), ୫/୧୬୫ (ଗ୍ଲେନ ଫିଲିପ୍ସ), ୬/୨୧୧ (ଡେରିଲ ମିଚେଲ), ୭/୨୩୯ (ମିଚେଲ ସାଣ୍ଟନର)।

**ବୋଲିଂ (ଭାରତ)**

ମହମ୍ମଦ ଶାମି ୯-୦-୭୪-୧
ହାର୍ଦ୍ଦିକ ପାଣ୍ଡ୍ୟା ୩-୦-୩୦-୦
ବରୁଣ ଚକ୍ରବର୍ତ୍ତୀ ୧୦-୦-୪୫-୨
କୁଲଦୀପ ଯାଦବ ୧୦-୦-୪୦-୨
ଅକ୍ଷର ପଟେଲ ୮-୦-୨୯-୦
ରବୀନ୍ଦ୍ର ଜାଡେଜା ୧୦-୦-୩୦-୧।

**ଭାରତ ଇନିଂସ**

ରୋହିତ ଶର୍ମା-ଷ୍ଟମ୍ପ-ଲଥାମ-ବୋ-ରାଚିନ ରବୀନ୍ଦ୍ର-୭୬
ଗିଲ୍-କ-ଗ୍ଲେନ ଫିଲିପ୍ସ-ବୋ-ସାଣ୍ଟନର-୩୧
କୋହଲି-ଏଲବିଡବ୍ଲ୍ୟୁ-ବ୍ରେସ୍‌ୱେଲ୍-୧
ଶ୍ରେୟସ ଆୟର-କ-ରବୀନ୍ଦ୍ର-ବୋ-ସାଣ୍ଟନର- ୪୮
ଅକ୍ଷର ପଟେଲ-କ-ଓ'ରୁର୍କି-ବୋ-ବ୍ରେସ୍‌ୱେଲ୍-୨୯
କେ.ଏଲ୍ ରାହୁଲ-ନଟଆଉଟ-୩୪
ହାର୍ଦ୍ଦିକ- କଟ୍ ଆଣ୍ଡ୍ ବୋଲ୍ଡ-ଜେମିସନ-୧୮
ରବୀନ୍ଦ୍ର ଜାଡେଜା-ନଟଆଉଟ-୯
ଅତିରିକ୍ତ:-୮
ମୋଟ: (୪୯ ଓଭର, ୬ ଉଇକେଟ) ୨୫୪।
ଉଇକେଟ ପତନ: ୧/୧୦୫ (ଗିଲ୍), ୨/୧୦୬ (କୋହଲି), ୩/୧୨୨ (ରୋହିତ), ୪/୧୮୩ (ଶ୍ରେୟସ ଆୟର), ୫/୨୦୩ (ଅକ୍ଷର ପଟେଲ), ୬/୨୪୧ (ହାର୍ଦ୍ଦିକ ପାଣ୍ଡ୍ୟା)।

**ବୋଲିଂ (ନ୍ୟୁଜିଲାଣ୍ଡ)**

କାଇଲ ଜେମିସନ ୫-୦-୨୪-୧
ୱିଲିୟମ ଓରୁର୍କି ୭-୦-୫୬-୦
ନାଥାନ ସ୍ମିଥ୍ ୨-୦-୨୨-୦
ମିଚେଲ ସାଣ୍ଟନର ୧୦-୦-୪୬-୨
ରାଚିନ ରବୀନ୍ଦ୍ର ୧୦-୧-୪୭-୧
ମାଇକେଲ ବ୍ରେସ୍‌ୱେଲ ୧୦-୧-୨୮-୨
ଗ୍ଲେନ୍ ଫିଲିପ୍ସ ୫-୦-୩୧-୦।

## ଚାମ୍ପିୟନ୍ସ ଟ୍ରଫି ଫାଇନାଲ ଫଳାଫଳ

| ସିଜନ | ଆୟୋଜକ | ଚାମ୍ପିୟନ | ରନରଅପ୍ | ଫଳାଫଳ |
|---|---|---|---|---|
| ୧୯୯୮ | ବାଂଲାଦେଶ | ଦକ୍ଷିଣ ଆଫ୍ରିକା | ୱେଷ୍ଟଇଣ୍ଡିଜ | ଦ.ଆଫ୍ରିକା ୪ ଉଇକେଟରେ ବିଜୟୀ |
| ୨୦୦୦ | କେନିଆ | ନ୍ୟୁଜିଲାଣ୍ଡ | ଭାରତ | ନ୍ୟୁଜିଲାଣ୍ଡ ୪ ଉଇକେଟରେ ବିଜୟୀ |
| ୨୦୦୨ | ଶ୍ରୀଲଙ୍କା | ଭାରତ ଓ ଶ୍ରୀଲଙ୍କା ଯୁଗ୍ମ ଚାମ୍ପିୟନ | | ବର୍ଷା ଯୋଗୁ ଖେଳ ବାଧାପ୍ରାପ୍ତ |
| ୨୦୦୪ | ଇଂଲଣ୍ଡ | ୱେଷ୍ଟଇଣ୍ଡିଜ | ଇଂଲଣ୍ଡ | ୱେଷ୍ଟଇଣ୍ଡିଜ ୨ ଉଇକେଟରେ ବିଜୟୀ |
| ୨୦୦୬ | ଭାରତ | ଅଷ୍ଟ୍ରେଲିଆ | ୱେଷ୍ଟଇଣ୍ଡିଜ | ଅଷ୍ଟ୍ରେଲିଆ ୮ ଉଇକେଟରେ ବିଜୟୀ |
| ୨୦୦୯ | ଦ.ଆଫ୍ରିକା | ଅଷ୍ଟ୍ରେଲିଆ | ନ୍ୟୁଜିଲାଣ୍ଡ | ଅଷ୍ଟ୍ରେଲିଆ ୬ ଉଇକେଟରେ ବିଜୟୀ |
| ୨୦୧୩ | ଇଂଲଣ୍ଡ | ଭାରତ | ଇଂଲଣ୍ଡ | ଭାରତ ୫ ରନରେ ବିଜୟୀ |
| ୨୦୧୭ | ଇଂଲଣ୍ଡ | ପାକିସ୍ତାନ | ଭାରତ | ପାକିସ୍ତାନ ୧୮୦ ରନରେ ବିଜୟୀ |
| ୨୦୨୫ | ପାକିସ୍ତାନ | ଭାରତ | ନ୍ୟୁଜିଲାଣ୍ଡ | ଭାରତ ୪ ଉଇକେଟରେ ବିଜୟୀ |

Printed and Published by Adyasha Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ-ତଥାଗତ ସତପଥୀ